ଭୂପେନ୍ ମହାପାତ୍ର

ମୃଗୁଣୀର ମୃତ୍ୟୁ
ଓ
ଅନ୍ୟାନ୍ୟ ଗଳ୍ପ



Digitized by srujanika@gmail.com

ସାହିତ୍ୟ ନୁହଁଇ ଖାଲି ଫୁର୍ତ୍ତି
ଆଉ ବିଳାସର ଫୁଲ
ଜାତିକୁ ଦେବ ସେ ମୁକ୍ତି
ତେବେ ଯାଇ ଚରମ ତା ମୂଲ ।

- ସଚ୍ଚିଦାନନ୍ଦ ରାଉତରାୟ

Digitized by srujanika@gmail.com

ମୃଗୁଣୀର ମୃତ୍ୟୁ ଓ ଅନ୍ୟାନ୍ୟ ଗଳ୍ପ

(ଗଳ୍ପ ସଂକଳନ)

ଭୂପେନ୍ ମହାପାତ୍ର

ଅର୍ପିତା
ଭୁବନେଶ୍ୱର

Digitized by srujanika@gmail.com

ମୃଗୁଣୀର ମୃତ୍ୟୁ ଓ ଅନ୍ୟାନ୍ୟ ଗଳ୍ପ

(ଗଳ୍ପ ସଂକଳନ)

ଲେଖକ ଭୂପେନ୍ ମହାପାତ୍ର
'କଥାଘର', ଛେଣ୍ଡ୍ କଲୋନି
ରାଉରକେଲା-୧୫, ମୋବାଇଲ୍ : ୯୪୩୭୬ ୪୯୯୮୦
ପ୍ରକାଶକ ସୁବାସ ଷଡ଼ଙ୍ଗୀ
ଅର୍ପିତା, ଏଫ୍-୧୧/୨, ୟୁନିଟ୍-୯, ଭୁବନେଶ୍ୱର-୨୨
ମୋବାଇଲ - ୯୪୩୭୪ ୧୫୪୪୨
ପ୍ରଚ୍ଛଦ ବିଭୁ ପ୍ରସୂନ
ସ୍ୱତ୍ୱ ଲେଖକ
ମୁଦ୍ରଣ ଦିବ୍ୟ ମୁଦ୍ରଣୀ, ସାମନ୍ତରାପୁର, ଭୁବନେଶ୍ୱର - ୨
ପ୍ରଥମ ସଂସ୍କରଣ : ଜୁନ୍, ୨୦୧୧
ମୂଲ୍ୟ ୧୫୦ ଟଙ୍କା

Mrugunira Mrutyu & Other Stories

Writer Bhupen Mahapatra
'Kathaghara', Chhend Colony,
Rourkela-15, Mobile : 94376 49980
Publisher Subash Sarangi, Arpita, F-11/2, Unit-9
Bhubaneswar - 751 022
Mobile : 94374 15442
Cover Bibhu Prasuna

© Writer

Printed at Divya Mudrani, Samantarapur, Bhubaneswar - 2
First Edition June, 2011
Price Rs.150.00

Digitized by srujanika@gmail.com

ଉତ୍ସର୍ଗ

ମୋ ଗଳ୍ପର ନାୟକନାୟିକାମାନେ ଯୋଉମାନେ (ଲୋକ ଅର୍ଥରେ) ମୋତେ ତାଙ୍କ କଥା ଲେଖିବା ପାଇଁ ବ୍ୟସ୍ତବିବ୍ରତ କରିପକାନ୍ତି ସେଇମାନଙ୍କ ହାତରେ ମୋର ଏଇ ଗଳ୍ପଗୁଡ଼ିକ ।

- ଲେଖକ

Digitized by srujanika@gmail.com

ମୁଖଶାଳା

ମୋର ଯାହା କହିବାର କଥା, ପାଠକଙ୍କୁ ବା ଅନ୍ୟମାନଙ୍କୁ ମୁଁ ସେ ସବୁ ମୋ ଗଳ୍ପମାନଙ୍କରେ କହିସାରିଛି। ତାକୁ ଆଉ ଥରେ କହିବାର ଆବଶ୍ୟକତା ପ୍ରାୟ ନ ଥାଏ। ତଥାପି କହିବାର ଆବଶ୍ୟକତା ରହିଛି ଏଇ ପରିବର୍ତ୍ତିତ ପରିସ୍ଥିତିରେ ଓ ବଦଳି ଯାଇଥିବା ସମୟରେ। ଯେ କୌଣସି ଲେଖାପାଇଁ, ଗଳ୍ପହେଉ ବା ଉପନ୍ୟାସ କିମ୍ବା କବିତା ହେଉ। ସମୟ ସବୁଠାରୁ ବେଶୀ ଜରୁରୀ। କାରଣ ସାହିତ୍ୟ, ସମାଜ ଓ ସମୟର ନିଛକ ପ୍ରତିଫଳନ। ଏଇଥିପାଇଁ ସାହିତ୍ୟର ସମୟ ଓ ସମାଜ ସହିତ ଗୋଟାଏ ଅନ୍ତରଙ୍ଗ ସଂପର୍କ ସବୁବେଳେ ରହିଥାଏ। ସେ ସଂପର୍କ ପୁଣି ବାସ୍ତବବାଦୀ ହେବା ଦରକାର। ଯୋଉଠି ସେ ସଂପର୍କ ସମୟ ଓ ସମାଜଠାରୁ ଦୂରେଇ ଯାଏ ସେଠି ପାଠକ ଓ ଲେଖକ ଭିତରେ ଯୋଗାଯୋଗ ରଖୁଥିବା ସଂପର୍କ ବ୍ୟାହତ ହୁଏ।

ଏହି ସବୁ ଦୃଷ୍ଟିରୁ ମୋର ଗତ ଦୁଇବର୍ଷ ଭିତରେ ରଚିତ ଗଳ୍ପମାନଙ୍କରେ ସ୍ୱାତନ୍ତ୍ର୍ୟ ରହିଚି। ସମୟ ଓ ସମାଜ ସହିତ ବାସ୍ତବବାଦୀ ସଂପର୍କ କଥା, ଯାହା ଆଗରେ କୁହାଗଲା ତା'ର ବ୍ୟତିକ୍ରମ ମୋ ଗପରେ ପ୍ରାୟ ନଥାଏ। ମନୋବୈଜ୍ଞାନିକ ବିଶ୍ଲେଷଣ ବେଳେ ଯାହା ଯେମିତି ସମ୍ଭବ। ଶବ୍ଦର ବ୍ୟବହାର ଭିତରେ ସେ ସବୁତ ଗଳ୍ପରେ ହୁଏ, ସମସ୍ତେ କରନ୍ତି। କିନ୍ତୁ ମୋର ଏ ଗଳ୍ପଗୁଡ଼ିକର ସ୍ୱତନ୍ତ୍ରତା କଥା ମୁଁ ଏଇଥିପାଇଁ କହୁଚି ଯେ ପ୍ରତ୍ୟେକଟି ଗଳ୍ପ ତା'ର ବିଷୟବସ୍ତୁ ଦୃଷ୍ଟିରୁ ଅନ୍ୟଠାରୁ ଭିନ୍ନ। କୌଣସି ଗଳ୍ପରେ ତା'ର ବିଷୟବସ୍ତୁଗତ ଗୋଟାଏ 'କମନ ପଏଣ୍ଟ' ମିଳିବ ନାହିଁ। ପ୍ରତ୍ୟେକଟି ପରସ୍ପରଠାରୁ ଅଲଗା। 'ମୃଗୁଣୀର ମୃତ୍ୟୁ' ଯାହା 'ସେଇଠୁ ଆରମ୍ଭ' ତା ନୁହେଁ। 'ଉତ୍ତରାଧିକାର' ଯାହା 'ହାଟସଉଦା' ତା ନୁହେଁ କିମ୍ବା 'ଆମେରିକା' ଯାହା 'ହେ ଧୃତରାଷ୍ଟ୍ର' ତା ନୁହେଁ ଏବଂ ସଂପୂର୍ଣ୍ଣ ଅନନ୍ୟ ବିଷୟବସ୍ତୁ ଅଛି 'ହଜିଥିବା ବହିର ସିଦ୍ଧାନ୍ତ'ରେ। ଏସବୁ ମଧ୍ୟ ମୋ ନିଜର ମତ ନୁହେଁ, ପାଠକୀୟ ଓ ଆଲୋଚକୀୟ। ଠିକ ସେମିତି 'ମୃଗୁଣୀର ମୃତ୍ୟୁ', ଗଠନଶୈଳୀ ଦୃଷ୍ଟିରୁ ସଂପୂର୍ଣ୍ଣ ଅଲଗା ଗଳ୍ପଟିଏ। 'ଦୁଇଟି କାହାଣୀ ସମାନ୍ତରାଳ ଭାବେ ଚାଲିବା' ଆଉ କୋଉଠି ଦେଖି ନାହାନ୍ତି ବୋଲି ଜଣେ ସୁପରିଚିତ ଲେଖିକା ଗୋଟିଏ ସ୍ୱତନ୍ତ୍ର ସନ୍ଦର୍ଭରେ ତାଙ୍କ ମତପ୍ରକାଶ କରିଛନ୍ତି, (ଈପ୍ସିତା ଷଡ଼ଙ୍ଗୀ, ଧ୍ୱନି ପ୍ରତିଧ୍ୱନି) ଓଡିଆ ଗଳ୍ପ ରଚନାର ଗୋଟାଏ ନୂଆ ଧାରା ବୋଲି ସେ କୁହନ୍ତି। ଠିକ୍ ସେମିତି ମୁସଲମାନ ଧର୍ମ ଧାରଣାରେ ଥିବା ଭିନ୍ନ ଦିଗଟିଏ ମଧ୍ୟ ଉନ୍ମୋଚନ ହୋଇଚି 'ହାଟସଉଦା' ଓ 'ପଣ୍ୟ' ଗଳ୍ପରେ।

ଏଇଟି ମୋର ଚତୁର୍ଦ୍ଦଶ ଗଳ୍ପ ସଂକଳନ। ଗଳ୍ପ ବିଷୟରେ ମୋର ଆଉ ଅଧିକ କିଛି କହିବାର ନାହିଁ। ଆଗର କେତୋଟି ଗଳ୍ପ ତ ଭାରତଭ୍ରମଣ କରିସାରିଛନ୍ତି। ଏ ସବୁ ପଛରେ ମୋର ପ୍ରେରଣାର ଅଫୁରନ୍ତ ଉତ୍ସଟି ଅଛି ମୋର ପ୍ରିୟ ପାଠକ ଓ ପାଠିକାଙ୍କ ଠାରେ। ମୁଁ ପୁଣି ଥରେ ସେଇମାନଙ୍କୁ ମୋର କୃତଜ୍ଞତା ଜଣାଉଚି ଅତି ନମ୍ରତାର ସହ।

ଆଉ ଶେଷରେ, ଲେଖକ ଓ 'ଅର୍ପିତା'ର ସଂପାଦକ ବନ୍ଧୁ ସୁବାସ ଷଡ଼ଙ୍ଗୀ ଏ ପୁସ୍ତକର ପ୍ରକାଶନ ଦାୟିତ୍ୱ ନେଇଥିବାରୁ ସେ ମୋର ଯଥେଷ୍ଟ ଧନ୍ୟବାଦର ପାତ୍ର। ଗଳ୍ପଗୁଡ଼ିକର ପ୍ରକାଶକମାନଙ୍କୁ ମଧ୍ୟ ମୋର କୃତଜ୍ଞତା ଜଣାଉଛି।

– ଭୂପେନ୍ ମହାପାତ୍ର

Digitized by srujanika@gmail.com

ସୂଚିପତ୍ର

୧.	ସେଇଠୁ ଆରମ୍ଭ	୭
୨.	ହେ ଧୃତରାଷ୍ଟ୍ର	୨୦
୩.	ସତ୍ୟର ବିନ୍ଦୁ ଓ ମିଥ୍ୟାର ବୃତ୍ତ	୩୦
୪.	ଉତ୍ତରାଧିକାରୀ	୩୫
୫.	ମୃଗୁଣୀର ମୃତ୍ୟୁ	୪୭
୬.	ବୃତ୍ତ	୫୮
୭.	ଯମୁନାର ଜଳ, ଆଖିର ଜଳ	୬୭
୮.	ନଥିବା ଗାଁର ନକ୍ସା	୭୭
୯.	ତଳପାହାଚ	୮୯
୧୦.	କାଉଣ୍ଟାରଫିଟ୍	୧୦୩
୧୧.	ବରଫର ଅଡଡା ଖସୁଛି	୧୧୦
୧୨.	ହାଟସଉଦା	୧୨୩
୧୩.	ମୋ ବହିର ପ୍ରଥମ କେତୋଟି ପୃଷ୍ଠା	୧୩୬
୧୪.	ହଜିଥିବା ବହିର ସିନ୍ଧାନ୍ତ	୧୪୭
୧୫.	ପଣ୍ୟ	୧୫୮
୧୬.	ସ୍ମୃତି ଚିନ୍ତାମଣି	୧୬୯
୧୭.	ଆମେରିକା	୧୭୬
୧୮.	ମହାତ୍ମାଗାନ୍ଧୀ ରୋଡ୍‌ର ସେଇ ଲୋକଟି	୧୯୨

Digitized by srujanika@gmail.com

ସେଇଠୁ ଆରମ୍ଭ

ସେ ଦିନ କେମିତି କେଜାଣି ସନିଆ ଅନେକ ଡେରିରେ ବିଛଣାରୁ ଉଠିଲା। ଇଚ୍ଛା କରି ସେ ବୋଧେ ବିଛଣାରୁ ଉଠୁ ନଥିଲା। ଇଚ୍ଛା କରି ସକାଳେ ବିଛଣାରୁ ନ ଉଠିବା ଗୋଟାଏ ବ୍ୟତିକ୍ରମ। ଦୁଖ ଭାବିଲା ଦେହ ପା ଖରାପ ହେଲା କି ଆଉ।

ଦୁଖ ସବୁ ଦିନ ପରି ବଡିଭୋରରୁ ଗୋବର ପାଣି କରି ପାଖରେ ଥିବା ସାଁନ୍ତରାଙ୍କ ଗୁହାଳରୁ ମେଞ୍ଚେ କଞ୍ଚା ଗୋବର ଆଣେ, ଗୋବର ପାଣି କରି ଘର ଚାରି ପାଖରେ ଛିଞ୍ଚେ, ଆଉ ତା ପରେ ସେଇ ଗୋବରରୁ ଅଳ୍ପ କିଛି ରଖିଦିଏ, ପରେ ଘରର ସାମନା ପଟ ଦୁଆର ମୁହଁ ପାଖଟା ଭଲ କରି ଗୋବର ପାଣି ବହଳିଆ କରି ଲିପିପୋଛି ଦିଏ।

ଏଇଟା ତାର ନିତିଦିନିଆ କାମ। ସାଁତରାଙ୍କ ଘରୁ ଭୋର ଅଂଧାରରୁ ଯାଇ ଗୋବର ଆଣିବା ତାର ଗୋଟାଏ ପ୍ରକାର ନିତିଦିନିଆ କାମ। ସାଁତରା ଘର ତାକୁ ସେ ଅଧିକାର ଦେଇଛନ୍ତି। ତାର କାରଣ ଦୁଃଖ ହିଁ ସେ ଗୁହାଳ ବରାବର ସଫା କରେ। ଗୋବର ସବୁ ଝୁଡାରେ ନେଇ ତାଙ୍କ ଗୋବର ଗାଡିଆରେ ପକାଏ।

ସାଁତରାଙ୍କ ଘର ଗୁହାଳ ଛୋଟ କାଟର ନୁହେଁ, ସାତଟା ଗାଈ, ଛଅଟା ବଳଦ। ତିନିଟା ବଳଦ ଓ ଗୋଟାଏ ଗାଈ ଏକଦମ ବୁଢ଼ା ହେଇଯିବାରୁ ଏବେ ଏବେ ତାକୁ ସାଆନ୍ତେ ଗୋଟାଏ ପଠାଣକୁ ବିକି ଦେଇଛନ୍ତି। ତା କାମ ଟିକିଏ ହାଲୁକା ପଡିଯାଇଥିଲା। କିନ୍ତୁ ଏବେ ପୁଣି ଦୁଇଟି ଗାଈର ଛୁଆ ହେବ। ତା କାମ ସମାନ ହେବ।

ଦୁଖ ଘରର ଚାରିପଟେ ଗୋବର ପାଣି ପକେଇ ଦୁଆର ବନ୍ଧଟା ଲିପିପୋଛି ସାରିଲାବେଳକୁ ମଧ୍ୟ ସନିଆ ଉଠି ନଥିଲା।

ଆରେ ତୁମେ ଉଠୁନ କାହିଁକି ? ଦୁଖ ତା ଦେହରେ ହାତ ମାରିଲା। ବେକ, ଛାତି ଓ କପାଳରେ ହାତ ବୁଲେଇ ନେଲା।

Digitized by srujanika@gmail.com

ତୁ ଭାବୁଚୁ ମୋତେ ଜର ହେଇଛି ? ସନିଆ ଦୁଖର ହାତଟାକୁ ମୁଠେଇ ଧରିଲା ବେଳକୁ ଦୁଖ ଛଡ଼େଇ ନେଲା ।

ସେଆଡେ ହଜାରେ କାମ ବାକି ପଡ଼ିଛି । ଯାଙ୍କର ଏଠି ପ୍ରେମ ଉଛୁଳୁଚି ।

ତୁ ଏଇ କଥାଟା ବରାବର କାହିଁକି କହୁ କହନା ? ସନିଆ ବିଛଣାରୁ ଉଠୁ ଉଠୁ କହିଲା । ନୂଆ ବାହା ହେଲାବେଳେ କହୁଥିଲୁ, ଦି'ଟା ଛୁଆର ମାଆ ହେଲାବେଳେ କହୁଥିଲୁ । ଆଉ ଝିଅ ଦି'ଟା ପରଘରକୁ ଗଲାପରେ, ଘର ଖାଲି ହେଇଗଲା ପରେ ବି କହୁଛୁ । ସେ ଉଠିଲା ଏବଂ ଚାଦରଟା ଘୋଡି ହେଇ, ଚଉକାଠ ପାଖରେ ମୁଣ୍ଡ ନୁଆଇଁ ବାହାରକୁ ଆସିଲା ।

ଦୁଖ ତା ମନ କଥା ବୁଝିଲା । ସନିଆ ଯାହା କହୁଚି ଠିକ କହୁଚି । ଜୀବନର ଅଧା ସେ ସନିଆ ସାଥିରେ ଏଇ ଘରେ କଟେଇ ସାରିଲାଣି । ବାହାଘରର ସାତଦିନ ପରେ ସାଁନ୍ତରାଘର ସାନ୍ତାଣୀ ଆସି ସନିଆକୁ କହିଲେ ଦୁଖ ପିଲାଟାଏ । ଏଇ ବୟସରେ ସେ ତୋ ସହିତ ବିଲକୁ କାହିଁକି ଯିବ । ବରଂ ମୋ ଘରକୁ ଆସୁ । ହାଣ୍ଡିଶାଳ ଛାଡି ଆଉ ସବୁ କାମ କରିବ । ଗାଈ ଗୁହାଳବି ଅଛି । ମୋ ଝିଅ ସହିତ ମିଶିବ । କ୍ଷତି କଅଣ ?

ସନିଆ ସେତେବେଳେ ମନା କଲା । କହିଲା ସାନ୍ତାଣୀଟା ସିନା ଭଲ ଲୋକ । ଦିନକୁ ପାଞ୍ଚଥର ଠାକୁର ସେବା, ଗାଈ ସେବା କରେ । ମନ୍ଦିରକୁ ଯାଏ । କିନ୍ତୁ ସାଆନ୍ତାଟାତ ଭଲ ଲୋକ ନୁହେଁ । ତାର ତୋ ପରି ବଡ ଝିଅ ଥିଲେ ମଧ୍ୟ ତାକୁ ବିଶ୍ୱାସ ନାହିଁ । ରାଧୁ ଜେନା ସ୍ତ୍ରୀ ତା ଘରୁ ଏଇଥିପାଇଁ କାମ ଛାଡି ଦେଲା ।

ସାଆନ୍ତକୁ ସିନା ବିଶ୍ୱାସ ନାହିଁ, ମୋତେ ତ ବିଶ୍ୱାସ କର, କହିଲା ଦୁଖ । ମୁଁ ତ ମୋ ବାପ ଘରେ ଯୋଉ କାମ କରୁଥିଲି, ଦୋକାନୀ ସାହୁ ଘରେ ଛଅବର୍ଷ ବେଳୁ ଯାଇ କାମ କରୁଥିଲି । ଏଠି ସେଇ କାମ କରିବି । ଅସୁବିଧା କଅଣ ?

କିଛି ନ କରି ଘରେ ବସିଲେ ଖାଇବା କଅଣ ? ଖାଇବାଟା ଯୋଉଠି ଏକମାତ୍ର ଚିନ୍ତା ସେଠି ପ୍ରେମ, ଦେହସୁଖ କୋଉଠୁ ଆସିବରେ ସନିଆ ? କହିଥିଲା ଦୁଖ ।

ଦୁଖ ମନେ ମନେ ହସି ଦେଲା । ସେଇ ସନିଆ ଆଜି ଏତେଦିନ ପରେ ତାର ଗୋବର ଲିପା ହାତକୁ ଧରି ଟାଣୁଚି ବିଛଣାକୁ ।

ସ୍ତ୍ରୀଟିଏକୁ ଏକୁଟିଆ ଦେଖିଲେ ପୁରୁଷ ହୁଏତ ବୁଝିପାରୁ ନଥିବ ଆକାଶରେ ସୂର୍ଯ୍ୟ ଅଛି ନା ଚନ୍ଦ୍ର ଅଛି । ପ୍ରେମର ଆଖିରେ ସୂର୍ଯ୍ୟ ଚନ୍ଦ୍ର ସବୁ ସମାନ ।

ତୁମେ ପରା ଉଦିଆ ଘରକୁ ଯିବ କହୁଥିଲ ? ଡେରି ହେଲେ ତୁମେ ତାକୁ ପାଇବ ? କାର୍ଡଟା ଆଉ କେବେ ଦେବ ? ସମସ୍ତେ ପାଇ ସାରିଲେଣି ପରା ? ଛେଳି ଦି'ଟାକୁ ନେଇ ଖୁଣ୍ଟରେ ବାନ୍ଧି ସାରି ଦୁଖ କହିଲା, ସେ ଫାଲତୁ ଚିନ୍ତା ଥାଉ । ଏବେ ଯାଅ ତା ଘରକୁ ।

Digitized by srujanika@gmail.com

ଓଡ଼ିଆ ଘରକୁ ଯାଇ କଅଣ କରିବି ? ସେ କଅଣ ସରପଞ୍ଚଠୁ କାର୍ଡ ଆଣି ନ ଥିବ ଭାବୁଛୁ ? ମୁଁ ଭାବୁଚି ସେ ଆଣି ପାଖରେ ରଖିଚି । ହାତଗୁଂଜା ନ ପାଇଲେ ଦବନି ।

ଦୁଖର କାମର ହାତ ଅଟକିଗଲା । କିଏ ଜଣେ କହୁଥିଲା ଏଥର କୁଆଡେ ନିୟମ ହେଇଚି ସରକାର ୩୦ କିଲୋ ଚାଉଳ ଦୁଇଥରରେ ଦେବେ । ୧୫ କିଲୋର ଦାମ ସେ ସଂଗ୍ରହ କରିପାରିବ । କିନ୍ତୁ କାର୍ଡ ଥିଲେ ତ ? ତେବେ ତୁମେ ଏବେ କୁଆଡେ ବାହାରୁଚ ?

ସରପଞ୍ଚ ଘରକୁ ।

କାହିଁକି ?

ତା ଘରେ ପୋଖରୀ ଖୋଳା ହେବ ।

ତୁମର ପରା ଆଜି ଗାଁ ପୋଖରୀ ଖୋଳିବାର ଥିଲା ।

ତୁ ତ ଜାତିରେ ମାଇକିନିଆଟା । ତୁ କଅଣ ଜାଣୁଁ 'ଗାଁ ପୋଖରୀ', 'ମୋ ପୋଖରୀ' ଓ ସରପଞ୍ଚ ପୋଖରୀ ଭିତରେ ଫରକ କେତେ ? ତୋତେ କଅଣ ଜଣା, ମୋତେ କାହିଁକି ଛଅମାସ ହେଲା ପୋଖରୀ ଖୋଳା, ରାସ୍ତା ତିଆରି ଟଙ୍କା ମିଳିନାହିଁ ? ତୋତେ କଅଣ ଜଣା ମୋତେ କାହିଁକି ବିପିଏଲ୍ କାର୍ଡ ମିଳୁନାହିଁ । ତୁ ସିନା ଗାଁ ଲୋକଙ୍କୁ ଜାଣିଛୁଁ । କିନ୍ତୁ ରାଜନୀତିର ଗହିରି ଗୋପନ କଥା ଜାଣିଚୁ କି ?

ଆଃ ଆସ୍ତେ କୁହ । ରାସ୍ତାରେ କିଏ ଯାଉଥିବ । ଦୁଖ ଟିକିଏ ରହିଗଲା । ତାପରେ କହିଲା ଏତେ ଗହିରି କଥା ସିନା ମୁଁ ଜାଣୁଁନାହିଁ । କିନ୍ତୁ ଭଗବାନତ ନିଶ୍ଚୟ ଜାଣୁଁଥିବେ । ତାଙ୍କୁ ତୁମେ ଠକିପାରିବ ?

ତୁମ ମାଇକିନିଆ ଜାତିର ଆଉ ବୁଦ୍ଧି କେତେ କି ? ଏଣ୍ଣୁଅ ବୁଦ୍ଧି ସିଙ୍କୁ ବାଡଯାଏ । ସବୁ କଥା ନେଇ ଭଗବାନଙ୍କ ପାଖରେ ଛାଡିଦେଲେ କଥାଶେଷ । ଟିକେ କଥାଟା ବୁଝ । ଭଗବାନ ଯଦି ସବୁ କଥା ଜାଣୁଁ ଥାଆନ୍ତେ ତେବେ ମଣିଷଗୁଡା ଏତେ କଥା କରିପାରନ୍ତେ ? ରାତି ପାହିଲେ ଆମର ଅନ୍ନ ଚିନ୍ତା ଥାଆନ୍ତା ? ଆଜି ନୁହେଁ, ପିତୃ ପୁରୁଷରୁ । ତୁ କହ, ତୋ ବାପ ମାଆ ଯାହା କରି ବଞ୍ଚୁଥିଲେ ତୁ ଆଜି ଏଠି ସେଇ କାମ କରୁଛୁ । ଏବେ ତୋ ପିଲାମାନେ କିଏ ତା'ଠୁ ଆଗକୁ ଯାଇଛନ୍ତି ? ଆଉ ମୋ କଥାତ ଜାଣୁଁ । ମୋ ବାପ ଯେମିତି ଲୋକର ମଜୁରୀ ଲାଗି ଚଳୁଥିଲା । ମୁଁ ଆଜି ସେଇଠି । ଫରକଟା ଖାଲି ଜାଣିଛୁନା ? ସେତେବେଳେ ମୋ ବାପ ଗାଁର ସାହୁକାରର ମଜୁରୀ ଲାଗି ଯାହା ଦି ଚାରି ପଇସା ଘରକୁ ଆଣୁଥିଲା । ଆଉ ଏବେ ମଜୁରୀ ପଇସା ସରକାର ଦେବ କହୁଚି, କିନ୍ତୁ କାହିଁ ? ଛଅମାସ ହେଲା ଦଉଡି ଦଉଡି ଗୋଡତ ଘୋରିଗଲାଣି ଲୋ । କାହିଁ ପଇସା ? ସାହୁକାରତ ହେଲେ ମୁହଁକୁ ଅନାଉଥିଲା । ପାଞ୍ଚ ଜାଗାରେ ତିନି ଦେଇ କହୁଥିଲା ବାକି ପଇସା କାଲି ଆସି ନେଇଯିବୁ । ଆଉ ଆମ ସରପଞ୍ଚ ? ଆମ ମୁହଁକୁ ଚାହେଁ କି ?

Digitized by srujanika@gmail.com

ତୁ ଛାଡ ସେ କଥା। ସେ କଥା ଯୋଡିଲା। ମୋତେ ଡେରି ହେଉଚି। ତୁଣ୍ଡରେ ପକେଇବାକୁ କିଛି ଅଛି କିଲୋ ?

ଦୁଖ ଠିଆ ହେଇଗଲା କାଠ ପରି। ସନିଆ କାମକୁ ଯିବ ଖାଲି ପେଟରେ ? ତାକୁ ସେ କିଛି ବି ଦେଇପାରିବନି ? କୋଉ ସ୍ତ୍ରୀ ଚାହେଁ ଯେ ତା ସ୍ୱାମୀ ଖାଲି ପେଟରେ ଘରୁ ବାହାରକୁ ଯାଉ ?

ରହ। ଟିକେ ଠିଆ ହେଇ ପଡ। ମୁଁ ଆସୁଚି।

ସେ ଘର ଭିତରକୁ ଦୌଡିଗଲା ବେଳେ ସନିଆ ଦେଖିଲା ଦୁଖର ପିଠିରୁ ଲୁଗା ଖସି ଯାଇଚି। ବ୍ଲାଉଜ ତ ନାହିଁ, ନଥାଏ ବି। ଖଣ୍ଡେତ ବ୍ଲାଉଜ, କୋଉ ବର୍ଷେ କି ଛଅମାସ ତଳେ କିଣାଯାଇଥିଲା। ସାଆଁତରା ଘର ସାଆନ୍ତାଣୀ ତାଙ୍କ ଝିଅର ପୁଅ ହେଲାବେଳେ ଦୁଖ ତାଙ୍କ ଘରେ କରିଥିବା କାମ ବାବଦକୁ ଦେଇଥିଲେ ପନ୍ଦର ଟଙ୍କା। କହିଥିଲେ ଆମ ଘରକୁ ତ ଲୋକବାସ ଆସୁଚନ୍ତି। ତୁ ଖାଲି ଦେହରେ ରହିବା ଠିକ ନୁହେଁ। ସମସ୍ତଙ୍କ ନଜରରେ ପଡିବ। ସନିଆକୁ କହି ଏତିକିରେ ଗୋଟିଏ ବ୍ଲାଉଜ ଆଣି ସୋମବାର ହାଟରୁ କିଣି ଆଣିବ।

ସେଇଟା ବୋଧେ ଶୁଖୁଥିବ କି ଦୁଖ ତାକୁ ପେଡିରେ ସାଇତି ରଖି ଦେଇଥିବ। ଭଲ ମନ୍ଦରେ ପିନ୍ଧି ପକେଇବ।

ସେଇ ଦୁଖର ପିଠିରେ ଆଜି ହାଡ ଦେଖାଯାଉଚି। କଅଣ ବା ଖାଉଚି ? କାଲି ରାତିରେ ତ ସକାଳର ପେଜରେ ଲୁଣ ପକେଇ ପିଇଥିଲା।

ସନିଆ ଘର ଭିତରକୁ ଦେଖିଲା। ଘର ଭିତରଟା ଅଂଧାରୁଆ ହେଲେ ମଧ ସେ ଦେଖି ପାରୁଥିଲା ଦୁଖ ସେ ଶିକାର ଠେକିରୁ ଏ ଶିକା ଠେକି ପର୍ଯ୍ୟନ୍ତ ଅଣ୍ଡାଳୁଚି, ରହିଯାଇଥିବ କି ମୁଠେ ଦି ମୁଠା ଚୁଡା କି ଚାଉଳ ଭଜା ?

ସନିଆ ଜାଣେଁ ଏଇଟା ତାର ବୃଥା ଚେଷ୍ଟା। ମନ କହୁଥିବ କାଳେ କିଛି ପାଇଯିବ। ଖାଲି ପେଟ ଅପେକ୍ଷା ମୁଠେ କଞ୍ଚା ଚୁଡା ପାଟିରେ ପକେଇ ପାରିଲେ ଭୁଜା ଖିଆବେଳକୁ ସରପଞ୍ଚ ତ ପୁଣି କିଛି ଦେବ। ଝୁଲାଡ ମାରିବନି।

ସନିଆ ଭାବିଲା ମାଇପି ମନ। ନିଜ ପେଟ ଯେତେ ଖାଲି ଥିଲେ ବି ପିଲାଛୁଆ ଆଗରେ, ନିଜ ଗିରସ୍ତ ଆଗରେ ପେଟରେ ପେଟେ ହସ।

ସନିଆ ଭାବିଲା ଆଉ ଅଟକିଲେ ଅସୁବିଧା। ଖାଲି ହାତରେ ଫେରି ଆସିଥିବା ଦୁଖ ମୁହଁକୁ ସେ ଚାହିଁ ପାରିବନି, କି ଦୁଖ ବି ତା ମୁହଁକୁ ଚାହିଁ ପାରିବନି। ଚାହୁଁ ଚାହୁଁ ସତେ ଅବା ତା ମୁଣ୍ଡରେ ଆକାଶଟା ଖସିପଡିବ।

Digitized by srujanika@gmail.com

ସେତେବେଳେ ସେ ହୁଏତ କହିବ, ମୁଁ ପୋଡାମୁହିଁ ତମ ପାଇଁ କିଛି ଟିକିଏ ରଖିପାରିନି। ତା ପରେ କହିବ, ତୁମକୁ ମୋ ରାଣ, ଆଉ ଟିକିଏ ଠିଆ ହୁଅ। ମୁଁ ସାଆନ୍ତାଣୀଙ୍କ ଘରୁ କଣ ଟିକେ ନେଇ ଆସୁଚି।

ସନିଆ ଆଉ ଅପେକ୍ଷା କଲା ନାହିଁ। ଦୁଖ ଘର ଭିତରୁ ବାହାରିବା ପୂର୍ବରୁ ସେ ଟାଟିଟାକୁ ଧୀରେ ଆଉଜାଇ ନେଇ ଶୀଘ୍ର ବାହାରିଗଲା। ଯେମିତି ଦୁଖ ଆଉ ତାକୁ ଦେଖି ନ ପାରେ।

ଦେଖିଲେ ସେ ନିଶ୍ଚେ ଅଟକେଇ ଦେବ। ଅଟକେଇଲେ ଦୁଃଖ ନାହିଁ, କିନ୍ତୁ ତାର ହତାଶିଆ ମୁହଁକୁ ଦେଖି ହେବ ନାହିଁ।

ସନିଆ ଯାଇ ସରପଞ୍ଚ ଘରେ ପହଞ୍ଚିଲାବେଳକୁ ସେ ଦିନ ଅବଶ୍ୟ ଡେରି ହେଇଯାଇଥିଲା। ସରପଞ୍ଚ ତାକୁ ଦେଖିଲେ, କିନ୍ତୁ ମୁହଁଟାକୁ ହାଣ୍ଡି କରି ପକେଇଲେ। କଥାବାର୍ତ୍ତା କରିବାକୁ ଚାହୁଁନାହାନ୍ତି ଯେମିତି। ସେ ଅନ୍ୟମାନଙ୍କ ସାଥିରେ କଥା ହେଲେ। ଆଉ କେତେ ଗହୀରକୁ ଖୋଳା ହେବ, ଚଉଡା କେତେ ହେବ, ମାଟି କୋଉଠି ପଡିବ। ଏଇ ସବୁ କଥା। ଏ ସବୁ ନିତିଦିନିଆ କଥା। ଯଦି କେହି କାମରେ ଢ଼ିଲା କରେ, ଅଟକିଯାଏ, ତାକୁ ଚେତାଇ ଦିଅନ୍ତି। ସେଦିନ ସେ ନୂଆକରି ବଖାଣିଲେ, ଏଇଟା ସିନା ମୋ ପୋଖରୀ। ମୋ ଜମିରେ ଖୋଳା ଯାଉଚି। ମୁଁ କିନ୍ତୁ ଉତ୍ସର୍ଗ କରି ଦେଇଚି ଠାକୁରଙ୍କ ନାଁରେ। ମୋର କଅଣ ହେବ କୁହ? କଅଣ ନାହିଁ? ଠାକୁରଙ୍କ ଦୟାରୁ ମୋର ତ ସବୁ ଅଛି। ପୁଅର ବଡ ବିଜିନେସ୍। ତାର ଗଣ୍ଡା ଗଣ୍ଡା ଟ୍ରକ, କାର, କାହିଁରେ କଅଣ? ଏଥର ନିର୍ବାଚନରେ ତାକୁ ଟିକଟ ଦେବେ ବୋଲି ମନ୍ତ୍ରୀ ତାକୁ କହିସାରିଛନ୍ତି। ସିଏ ତାକୁ ପୁଅଠୁ ବେଶୀ ଭଲ ପାଆନ୍ତି। ତୁମେତ ତାଙ୍କୁ ଦେଖିଥିବ। ନାଁକୁ ସିନା ପଞ୍ଚାୟତ ମନ୍ତ୍ରୀ। କାମ ଆମ ଗାଁ ଚଉକିଆ ପରି। ଟିକିଏ ବୋଲି ବଡପଣ ନାହିଁ। ମୋର ଆଉ କିଏ ଅଛି ଖାଇବ? ସବୁ ଠାକୁରଙ୍କ ଦୟା।

ରମୁ ବାରିକ ମାଟି ହାଣୁଥିଲା। ଝୁଡା ଝୁଡା କରି ସନିଆ ମୁଣ୍ଡକୁ ଦଉଥିଲା। କହିଲା, ଠାକୁରଙ୍କ ପାଇଁ ଏତେ କରୁଛନ୍ତି, ଆମ ପାଇଁ କିଛି ହଉ।

ରମୁ ତୁ ବି.ପି.ଏଲ୍ କାର୍ଡ କଥା କହୁଛୁ ତ? ଏଥର ପୁଣି ଯାଇ ମନ୍ତ୍ରୀଙ୍କୁ କହି ଆମ ଏରିଆ ପାଇଁ ହଜାରେ ଅଧିକା କାର୍ଡ କରାଇ ନେଇ ଆସିଚି। ଆଗରୁ ମାତ୍ର ଦି'ହଜାର ଥିଲା। କେତେ ଗରିବ ଅଛନ୍ତିରେ ଏଠି? ଜଣକେ ପାଞ୍ଚ ଛଅ ରଖିଲେ ବି ଗରିବ ଅଭାବ ପଡିବେ।

କାହିଁ ସେ କାର୍ଡ ମଉସା? ଏଯାଏ ମୁଁ ଦେଖିନି, କହିଲା ସନିଆ।

ତୋର କାର୍ଡ ଦରକାର ନା ଚାଉଳ ଦରକାର? ମୋ କଥା ଶୁଣ ଆମର ଏଠି

Digitized by srujanika@gmail.com

ଯେତେ ଲୋକ କାମ କରୁଚ, ଜାଣିଚୁ କେତେ ? ମୋଟେ ୧୩୦ । ମୋ କଥା ଶୁଣ କାର୍ଡ ଉଜିଆ ପାଖରେ ଅଛି । ସେ ପାଖରେ ରଖିବ କିନ୍ତୁ ଚାଉଳ ତୁମକୁ ଦେବ ।

ତାର କାରଣଟା ଜାଣିଚୁ ନା ? ସେ ଟିକିଏ ରହି ପୁଣି କହିଲେ, ତମ ଭିତରେ ଏମିତି ଲୋକ ଅଛନ୍ତି ଯିଏ ଶହେ ଦୁଇ ଶହ ନେଇ କାର୍ଡ ବିକି ଦଉଛନ୍ତି । ସତ ନା ମିଛ ? ମୁଁ ନାଁ କହିବି ?

ମୋ ପାଖରେ ସେ କଥା ହେବନି । ଏ ପାପ କାମ ମୁଁ କରିବିନି ।

ସନିଆ କହିଲା, ହଁ ମଉସା, ସେ କଥା ଠିକ । ତେବେ ଏଠି ଲୋକ ବି ଅଛନ୍ତି ଯିଏ ପଚାଶ କାର୍ଡ ରଖିଛନ୍ତି । ଚାଉଳ ଆଣି କୁଣ୍ଡା ସହିତ ଶିଝେଇ ଗାଈକୁ ଦଉଛନ୍ତି । ସେ ଚାଉଳର ଭାତ ସେମାନେ ଖାଆନ୍ତେ କି ?

ଅନ୍ୟମାନେ ହସି ଉଠିଲେ ।

କେହି ଜଣେ ପାଟି କରି ଉଠିଲା, ସନିଆଇ ନାଁ କହି ଦଉନୁ ?

କହି କଅଣ ଲାଭ ? ସେମାନଙ୍କ ହାତ ବି କମ ଲମ୍ବା କି ? କହିଲା ସନିଆ ମାଟି ଝୁଡ଼ାକୁ ମୁଣ୍ଡକୁ ଉଠେଇ ।

କାହା କଥା କହୁଛୁ ସନିଆ ? ତୁ ମୋତେ କହିବୁନି ? ପଚାଶ କାର୍ଡ ? ସରପଞ୍ଚ ସନିଆ ପାଖକୁ ଲାଗି ଆସିଲେ, କିଏ ରଖିଚି । ମୁଁ ଦେହ ଛୁଇଁ କହୁଚି । ମୁଁ କାହାକୁ କହିବିନି ।

ସନିଆ ଦେଖିଲା ବିପଦ । ଯିଏ ରଖିଚି ୫୦ କାର୍ଡ ସେ ଯାଙ୍କର ପୂରା ବିରୋଧି । କହିଦେଲା ମାତ୍ରେ ଏବେ ମେଦିନି କମ୍ପିବ ।

ସେ କହିଲା, ରୁହ । ମୁଁ ମାଟିଟା ପକେଇ ଦେଇ ଆସେଁ । ସେ ମନେ ମନେ ଭାବିଲା ସତେ କଅଣ ମଉସା ଏ କଥା ଜାଣିନାହାନ୍ତି ? ଏ କଥା ତ ଗତ ଭୋଟ ବେଳର କଥା । ଯା ଭିତରେ ଛଅମାସ ଚାଲିଗଲାଣି । ଭୋଟବେଳେ ସେ ପାର୍ଟିର ଲୋକମାନେ ଆସି ଭୋଟ ମାଗୁଥିଲେ । ସେତିକିବେଳେ ମାଧ ଶତପଥୀକୁ ପୁରୁଣା ଏମ୍.ଏଲ୍.ଏ କାର୍ଡ ଦେଇଥିଲେ । କଥା ଥିଲା ଯୋଉ ଘରୁ ସମସ୍ତେ 'ଛତା'କୁ ଭୋଟ ଦେବେ ସେମାନଙ୍କୁ ଖଣ୍ଡେ କାର୍ଡ, ଖଣ୍ଡେ ଧୋତୀ, ଖଣ୍ଡେ ଶାଢ଼ି ଓ ଜଣକେ ଶହେ ଟଙ୍କା ଲେଖେଁ ମାଧ ଶତପଥୀ ମାର୍ଫତରେ ଦିଆଯିବ ।

କିନ୍ତୁ ସେ ସବୁ କିଛି ହେଲା ନାହିଁ ।

ଆମ ବାଉରୀ ସାହିର ସମସ୍ତେ ଏକାଥରେ 'ଛତା'କୁ ବର୍ଜନ କରିଦେଲେ । କହିଲେ ଯୋଉ ମାଧ ଶତପଥୀ ବାଉରୀ ସାହିକୁ ବଡ ଠାକୁର ମନ୍ଦିର ତୋଳା ସରିଲା ପରେ ମନ୍ଦିର

Digitized by srujanika@gmail.com

ବେଢ଼ା ଭିତରକୁ ପଶିବାକୁ ମନା କରିଦେଲେ ଆମେ ବି ତାଙ୍କ ହାତରୁ କାର୍ଡ ନେବା ନାହିଁ କି ଭୋଟ ଦେବା ନାହିଁ। ଆମେ କଅଣ ମନ୍ଦିର ତୋଳି ନ ଥିଲୁ?

ସେଥର ମାଧ ଶତପଥୀଙ୍କ ଶଶୁର ଆଉ ଭୋଟରେ ଜିତି ପାରିଲେ ନାହିଁ ବୋଲି ଗତ ଛଅମାସ ହେଲା ସେ ତାଙ୍କ ଝିଅ ଘରକୁ ଆସି ନାହାନ୍ତି।

ବାଉରିସାହି ସେଇ ଦିନଠୁ ଗାଁଠୁ ପୂରା ଅଲଗା। ଏମାନେ ଗାଁ ଭିତରକୁ ଯାଆନ୍ତି ନାହିଁ କି ସେମାନେ ମଧ ବାଉରି ସାହି ଭିତରକୁ ଆସନ୍ତି ନାହିଁ। ଏମାନେ ସେଇ ଦିନଠୁ ଯେମିତି ଅଭାବରେ ଚଳୁଥାଆନ୍ତି। ସେମାନଙ୍କର ସେମିତି ମାଣ ମାଣ ଜମିକୁ ହଳ ଯାଇପାରେନା।

ଗାଁ ରାଜନୀତି ସେଇଠୁ ଆରମ୍ଭ।

ଭୋଟ ରାଜନୀତି ସେଇଠୁ ସୃଷ୍ଟି।

ସରପଞ୍ଚ କୃତିବାସ ନାୟକ ହରିଜନରେ ଯାଆନ୍ତି ନାହିଁ କି ସାଧାରଣ ବା ଉଚ୍ଚବର୍ଗରେ ମଧ ଯାଆନ୍ତି ନାହିଁ। ତେବେ ଏବେ ସେମାନଙ୍କ ଭିତରୁ କୁଆଡ଼େ କେହି କେହି ଧରାଧରି କରି ଉପରକୁ ନୁହେଁ ତଳକୁ ଖସିବାକୁ ଚେଷ୍ଟା କରୁଛନ୍ତି କୋଟା ଆଶାରେ। ଏଇ ମଝିରେ କୃତିବାସ ନାୟକ ଦୁଇଥାଡ଼ୁ ଭୋଟ ପାଇ ସରପଞ୍ଚ ହେଇଛନ୍ତି। ଏଥର ତାଙ୍କ ପୁଅ ବି ସେଇ ଭୋଟ ପାଇବାକୁ ଆଶା ବାନ୍ଧିଛନ୍ତି।

ଏସବୁ ସତ୍ତ୍ୱେ ସନିଆ ଜାଣେଁ ସରପଞ୍ଚଟା ଲୋକ ମନ୍ଦ ନୁହେଁ। ଖୁବ ବେଶୀ ଛନ୍ଦକପଟ ଜାଣେ ନାହିଁ। ସାଦା ସିଧା ଲୋକ।

ସନିଆ ମାଟି ପକେଇ ଫେରି ଆସିଲା ବେଳକୁ ସରପଞ୍ଚ କହିଲା, ଆରେ ଆମ ସନିଆ ଏତେ କଥା ଜାଣେଁ ବୋଲି ମୁଁ ଜାଣି ନଥିଲି। ତୁ ମୋତେ କହିବୁନି ? ସେ ତାକୁ ବାଟ ଓଗାଳିଲେ।

ନା, ମଉସା ମୋତେ ସେ କଥା ପଚାରନା। ଏସବୁ ଶୁଣାକଥା। ତାର ବା କି ମୂଲ୍ୟ ଅଛି ? ମିଛ ହେଇଥିଲେ ମୁସ୍କିଲ ହେବ। ତୁମେ ବରଂ ଆଉ କାହାକୁ ପଚାର। ତୁମର ତ କେତେ ଲୋକ ଜଣାଶୁଣା ଅଛନ୍ତି।

ଦୁଖ ଏତିକିବେଳେ ଆସି ପୋଖରୀ ମୁଣ୍ଡରେ ଠିଆ ହେଲା। ହାତରେ ଧରିଚି କଂସା ବେଲା। ତାକୁ ଗାମୁଛାରେ ବାନ୍ଧି ଝୁଲେଇଚି। ବାଁ ହାତରେ ନୋଟାଟାଏ - ପାଣି ହେବ ବୋଧେ।

ବଂଧ ଉପରେ ଠିଆ ହେଇ ଡାକିଲା, ହେଇ, ଶୁଭୁଚି। ଏଆଡେ ଟିକିଏ ଆସିଲା। ତା ପରେ ସେ କହିଲା, ହରି ମଉସା, ତାଙ୍କ ମଥାରୁ ଝୁଡାଟା ଟିକିଏ ଧରି ପକେଇବ। ସେ ଆସିଲା ବେଳକୁ ତୁଣ୍ଡରେ କିଛି ପକେଇ ନ ଥିଲେ।

Digitized by srujanika@gmail.com

ହରି ନାୟକ ପାଟି କରି କହିଲା, ଏଠି ତ କେହି ପାଟିରେ କିଛି ପକେଇ ନାହାନ୍ତି ଲୋ ଦୁଖ, ତୁ କେତେ ଆଣିଚୁ ?

ଦୁଖ ହୁଡା ଉପରୁ ତଳକୁ ଓହ୍ଲାଉ ଥିଲା । ହରି ମଉସାଙ୍କ କଥା ଶୁଣି ଟିକିଏ ହସିଲା, ତା ପରେ ସରପଞ୍ଚଙ୍କୁ ଦେଖି ମୁଣ୍ଡର ଓଢ଼ଣା ଟିକେ ଟାଣି ଦେଇ କହିଲା, କାହିଁକି ଯାହାର ପୋଖରୀ ସେ ଦଉନାହିଁ କି ?

ମୁଁ ଦଉ ନାହିଁ କିରେ ଦୁଖ ? ବରାବର ଦେଇ ଆସୁଚି । ତୁ ଜାଣି ନ ଥିବୁ ? ବେଳ ହେଇ ନାହିଁ । ଆଉ ଘଡିକେ ଆସି ପହଞ୍ଚିବ । ତେବେ ତୁ ଆଜି ନେଇ ଚାଲି ଆସିଲୁ ଯେ ? କଅଣ ଆଣିଚୁ ?

ଦୁଖର ସ୍ୱର ଏଥର ଆହୁରି ନରମ ହେଲା । କହିଲା, କଅଣ ଆଉ ଆଣିମି କୁହ ? କଅଣ ଆଉ ଥାଏ ?

ସନିଆ ଆସି ପାଖରେ ଠିଆ ହେଲା । ଦୁଖ ତା ହାତକୁ ପାଣି ନୋଟାଟା ବଢ଼େଇ ଦେଲା । ସନିଆ ସେଥିରୁ ପାଣି ନେଇ ମୁହଁ ଧୋଇଲା । ଦୁଖ ହାତରୁ ବେଲା ନେଇ ତଳେ ବସିପଡିଲା । ତାପରେ ଦୁଖକୁ ଚାହିଁ ପଚାରିଲା, କୋଉଠୁ ଆଣିଲୁ କିଲୋ ? କିଛି ତ ନଥିଲା ।

କି ଉତ୍ତର ତାକୁ ଦିଅନ୍ତା ଦୁଖ ? ପାଖରେ ବସି ପଡି ପିଆଜ ଛଡଉ ଛଡଉ କହିଲା ଯାହା ଥିଲା ସେଥିରୁ ନେଇ ଆସିଲି । ତୁମେ ସେଥିରୁ କଅଣ ପାଇବ ?

ସନିଆ ପଖାଳ ଖାଉଥିଲାବେଳେ ଦୁଖ ପଚାରିଲା ଆଜି ପଇସା ମିଳିବ ? କହୁଥିଲେ ପରା ଆଜି ଦେବେ ବୋଲି ?

ହଁ, କହୁଛନ୍ତି ତ ?

ମୁଁ ତେବେ ଚକରା ଦୋକାନରୁ କିଛି ସଉଦା ନେଇଯିବି । ତୁମେ ଗଲାବେଳେ ତାକୁ ଦେଇ ଦେବ । ନହେଲେ ଆଜି ଆଉ ଚୁଲି ଜଳିବନି ।

ଯଦି ପଇସା ମିଳେ ।

ଦୁଖ ମୁହଁ ଟେକି ଚାହିଁଲା । ତା ମୁହଁ ସ୍ଥିର ଓ ଗମ୍ଭୀର । ସେ ଠିଆ ହେଇ ପଡିଲା ଓ ସରପଞ୍ଚଙ୍କ ଆଡକୁ ସିଧା ଚାହିଁ କହିଲା, ଆଜି ପଇସା ମିଳିବ ମଉସା ? ଆଜି ଏକଦମ ଅଚଳ ଅବସ୍ଥା ।

ସମସ୍ତେ ଦେଖିଲେ ଦୁଖର ମୁହଁ ଯେମିତି ଖୋଜୁଚି ଗୋଟାଏ ନିର୍ଭର ପ୍ରତିଶ୍ରୁତି । ସେଥିରେ ଦୟା ଦାକ୍ଷିଣ୍ୟର ଲେଶ ମାତ୍ର ନାହିଁ । 'ମୋର ପ୍ରାପ୍ୟ ମୋତେ ଦିଅ । ଡେରି କାହିଁକି ? ମାଗିବା ଯାଏ କଥା ଯାଉଚି କାହିଁକି ?'

Digitized by srujanika@gmail.com

ସେମାନେ ଥମ ହୋଇଗଲେ । ସରପଞ୍ଚ କୃତ୍ତିବାସ ନାୟକଙ୍କୁ ଏମିତି କେହି କେବେ କହି ନଥିଲେ । ସମସ୍ତେ ଜାଣନ୍ତି 'ମୋ ପୋଖରୀ' ପଇସା ସରକାର ଦେବେ । ସରକାର ଦେଲେ ତ ? ତେବେ ତାଙ୍କର ବା ଦୋଷ କଅଣ ?

ସରପଞ୍ଚ କଥାଟା ଚିନ୍ତା କଲେ । ସରକାରରୁ ସେ ଟଙ୍କାଟା କେବେଠୁ ଆଡଭାନ୍ସ ଆକାରରେ ପାଇସାରିଛନ୍ତି । ପାଇଚନ୍ତି ବୋଲି ସେ ଯେ ଏମାନଙ୍କୁ ସବୁ ଦେଇଦେବେ, ଏଇଟା ମଧ୍ୟ ବୁଦ୍ଧିମାନର କାମ ନୁହେଁ । ପୁଅ କହି ଦେଇଚି, ପୋଖରୀ ଠାକୁରଙ୍କର । ଠାକୁର ଗାଁ ଲୋକଙ୍କର । ସେମାନେ ମଧ୍ୟ କିଛି ଖର୍ଚ୍ଚ କରନ୍ତୁ ।

କିନ୍ତୁ ଏ ପଟେ ସନିଆକୁ ମଧ୍ୟ ହାତଛଡା କରିହେବ ନାହିଁ । ତା ଠାରେ ଅନେକ କଥା ଅଛି । ତା ଛଡା ଦୁଖ ମଧ୍ୟ ସାଧାରଣ ନାରୀ ନୁହେଁ । ଏତେ ଲୋକ ଯାହା ମୁହଁ ଖୋଲି କହିପାରନ୍ତି ନାହିଁ, ସେ ତାକୁ କହି ଦେଇପାରେ । ସେ ମନେ ମନେ ଅନେକ ଥର ଭାବିଛନ୍ତି ଦୁଖ ସାଆନ୍ତରା ଘର ଗୁହାଳ ସଫା ନ କରି ଆମ ଘରକୁ ଆସନ୍ତା କି । ସେଠୁ ସେ କଅଣ ବା ପାଉଚି ? ମୁଁ ତାକୁ ଢ଼େର ବେଶୀ ଦିଅନ୍ତି । କିନ୍ତୁ ସେତକ ଏଯାଏ ସମ୍ଭବ ହୋଇ ପାରିନାହିଁ । ଦୁଖ ନିଜେ ଏଥିରେ ରାଜି ହେଉନାହିଁ ।

ସରପଞ୍ଚ ଏ କଥା ମଧ୍ୟ ଜାଣନ୍ତି ସେ ଦୁଃଖର ଟାଣ ଟାଣ ମୁହଁକୁ ତା ସାହିର ଅନ୍ୟ ନାରୀମାନେ ପସନ୍ଦ କରନ୍ତି । ସେମାନେ ଯାହା କହି ପାରନ୍ତି ନାହିଁ ତାକୁ ଦୁଖ ମୁହଁରେ କହନ୍ତି । ରସନିଗିଡା ନାରୀଟିଏ ହେଲେ କଣ ହେଲା ଆଚ୍ଛା-ଆଚ୍ଛା ମର୍ଦ୍ଦମାନେ ମଧ୍ୟ ତା ସହିତ କଥା ହେଲାବେଳେ ଜଗି ରଖି କଥା ହୁଅନ୍ତି ।

ସେ ଦୁଖକୁ ଅନେଇଲେ ଏବଂ ସଂଗେ ସଂଗେ ମୁହଁ ତଳକୁ କଲେ, ଭାବିଲେ କହିଦେବି କି, ହଁ, ଆଜି ସେ ପଇସା ଦେଇଦେବେ ?

ସରପଞ୍ଚ ତଳକୁ ମୁହଁ କରିବାର ଦେଖି ଦୁଖ କହିଲା, ହଉ, ପୂରା ନ ହେଲା ନାହିଁ, କିଛି ହେଲେ ତାଙ୍କୁ ଆଜି ନିଶ୍ଚୟ ଦେବେ । ମୁଁ ଚକରା ଦୋକାନରୁ ସଉଦା ନେଇ ଯାଉଚି । ନିତି ଖଟିବା ମଣିଷଟି ପାଟି ଓ ପେଟକୁ ଅଲଗା ରଖିବ କି ?

ଦୁଖ ବେଲା ଓ ନୋଟା ଉଠେଇ ଚାଲିଗଲା । ଆଉ ପଛକୁ ଦେଖି ନଥିଲା । ବରଂ ତା ପଛକୁ ଅନେଇ ରହିଥିଲେ ସରପଞ୍ଚ ।

ଏଇଟା କଅଣ ଦୁଖର ଆଦେଶ ? ତାଙ୍କ ଭିତରେ କ୍ରୋଧର ଉର୍ଦ୍ଧ୍ୱଶ୍ୱାସୀ ହାଓ୍ୱାଟିଏ ଘୂର୍ଣ୍ଣିବାୟୁ ପରି ଉଠି ଆସୁଥିଲେ ମଧ୍ୟ ଅସହାୟତାର ନିମ୍ନମୁଖୀ ଅବବୋଧଟିଏ ମଧ୍ୟ ତାଙ୍କୁ ଆବୋରି ପକାଉଥିଲା ।

ଦୁଖ ଚାଲିଗଲାଣି । ମୋଟେ କିଛି କହି ନ ଥିଲେ ମଧ୍ୟ ସେ ଅନେକ କଥା ଛାଡି ଦେଇଗଲା । ସେମାନେ ପବନରେ ଭାସି ବୁଲୁଛନ୍ତି ଏବଂ ବାରମ୍ୱାର ଉଚ୍ଚାରିତ ହେଉଛନ୍ତି,

Digitized by srujanika@gmail.com

ଗୋଟାଏ ନୁହେଁ ଅନେକଗୁଡିଏ ଦୁଃଖର ସଂତାପିତ ଆତ୍ମା ପରି।

କୃତ୍ତିବାସ ନାୟକ ସେଦିନ ଘରକୁ ଫେରି ସମସ୍ତଙ୍କୁ ୨/୩ଶହ କରି ମଜୁରୀ ବାବଦ ଦେଇ ଦେଲେ। ଏଇଟା ମଧ୍ୟ ତାଙ୍କ ପୁଅର ଇଚ୍ଛା ବିରୁଦ୍ଧରେ। ପୁଅ ଖାଣ୍ଟି ବ୍ୟବସାୟୀ। ବ୍ୟବସାୟୀଙ୍କ ଆଦବ କାଇଦା ତାକୁ ଭଲ ଭାବେ ଜଣା। ରାତିରେ ସେ ଯେତେବେଳେ ଫୋନରେ କଥା ହେଲେ ପୁଅ ସାଙ୍ଗରେ, ସେ ସନିଆ ଯୋଉ ୫୦ ଖଣ୍ଡ ବି.ପି.ଏଲ କାର୍ଡ କଥା କହୁଥିଲା ସେ କଥା ମଧ୍ୟ କହିଲେ।

ଏତେ କାର୍ଡ ଆଉ କିଏ ରଖିଚିରେ? ତୁ ଜାଣୁ ଏ କଥା? ସେ ଚାଉଳ ଆଣି ଗାଈକୁ ଖାଇବାକୁ ଦେଉଚି? କିଏ ସେ?

ଏ କଥା ତୁମେ ଜାଣିନ ବାପା? ମାଧ ଶତପଥୀ ଆଉ କିଏ? ତୁମେ ଯଦି କହିବ ଏଥର ମୁଁ ଯାଇ ତାକୁ ହାତେ ହାତେ ଧରେଇ ଦେବି। ଆମ ଅଞ୍ଚଳର ସେ ଗୋଟାଏ କଳଙ୍କ।

ଚମକି ପଡିଲେ ସରପଞ୍ଚ କୃତ୍ତିବାସ ନାୟକ। ମାଧ ଶତପଥୀ ଯଦି ଧରା ହେଇଯାଏ ତେବେ ସେ ନିଜେ? ସେ ଉଦିଆ ପାଖରେ ସବୁ କାର୍ଡ ରଖି ନାହାନ୍ତି? ଏ କଥାତ ସେ ନିଜେ ସମସ୍ତଙ୍କୁ କହିଛନ୍ତି, ତେବେ ଫରକ ଏତିକି ଶତପଥୀ କାର୍ଡରେ ଚାଉଳ ଉଠେଇ ଗାଈକୁ ଖୁଆଉଛନ୍ତି। କିନ୍ତୁ ସରପଞ୍ଚ ସେ କାମ କରୁନାହାନ୍ତି। କାର୍ଡ ସିନା ଉଦିଆ ରଖିଚି, କିନ୍ତୁ ଚାଉଳ ସମସ୍ତେ ନଉଚନ୍ତି।

ଯୋଉଦିନ ମାଧ ଶତପଥୀଙ୍କ ଘର ପୋଲିସ ସର୍ଚ୍ଚ କରି ମୋଟ ପଞ୍ଚାବନ ଖଣ୍ଡ ବି.ପି.ଏଲ କାର୍ଡ ଜବତ କଲା, ସେଦିନ କୃତ୍ତିବାସ ନାୟକ ଓ ତାଙ୍କ ପୁଅ ସୋମକାନ୍ତ ନିଜ ଘରେ ଶନି ପୂଜା ଷୋଡଶ ଉପଚାରରେ କରୁଥିଲେ। ପ୍ରାୟ ହଜାରେ ଖଣ୍ଡେ ଲୋକ ଖାଉଥିଲେ। ଶନି ପୂଜା ଧୂମ୍‌ଧାମ୍ ଚାଲିଗଲା ବେଳେ ସେ ପଟେ ଶତପଥୀ ପୋଲିସ ଆଗରେ ମୁଣ୍ଡ ତଳକୁ ପୋତି ଠିଆ ହେଇଥିଲେ।

ସେଇ ଭିଡ ଭାଡ ଭିତରେ ସରପଞ୍ଚ ପଚାରିଲେ କାମ କେତେଦୂର ଗଲା କିରେ ସୋମ?

ମୋବାଇଲ କାନରୁ ଉଠାଇ ସୋମକାନ୍ତ କହିଲେ ସବୁ ଠିକ ଅଛି।

ସୋମକାନ୍ତର କାନ ପାଖକୁ ମୁହଁ ନେଇ ସେ ପୁଣି କହିଲେ ଆଉ ଉଦିଆ କଥା..?

ସେତ ଗାଁରେ ନାହିଁ, କାଲିଠୁ ଉଭାନ ହେଇଯାଇଛି। ତୁମେ ବସ। ତମକୁ ସେ ସବୁ ବିଷୟରେ ଚିନ୍ତା କରିବାକୁ ପଡିବ ନାହିଁ। ଯାହା କରିବାର କଥା ମୁଁ କରୁଚି।

ମନ୍ତ୍ରୀତ ଏକଥା ଜାଣି ଯିବେଣିରେ ସୋମ?

Digitized by srujanika@gmail.com

ସିଏ ସବୁ କଥା ଜାଣିଛନ୍ତି ଓ ଆଗକୁ କଅଣ ହେବ ସେ କଥା ମଧ୍ୟ ଜାଣିଛନ୍ତି। ସେ ନ ଜାଣି କୌଣସି କଥା ହୁଏନାହିଁ। ଓହୋ, ତୁମେ ସେଠିକା କଥା ଦେଖ। ଯାଅ। ଏ ସବୁ କଥା ମୁଁ ବୁଝିବିନି ?

କୃତ୍ତିବାସ ଚାଲିଗଲେ। ସେଆଡେ ଖିଆପିଆ ଆରମ୍ଭ ହେଇସାରିଥାଏ। ଦଳ ଦଳ ହେଇ ଲୋକ ବସୁଥାଆନ୍ତି। ଉଠୁ ଥାଆନ୍ତି। ଆଉ ଅନ୍ୟ ପଟେ ପୂଜାମଣ୍ଡପ ପାଖରେ ହୋମ କୁଣ୍ଡରେ ଆହୁତି ପଡୁଥାଏ। ୧୩ ଜଣ ବ୍ରାହ୍ମଣ କୁଣ୍ଡ ଚାରିପଟେ ବସି ବେଦ ଶାସ୍ତ୍ର ଆଗରେ ରଖି ମନ୍ତ୍ରୋଚାରଣ କରୁଥାଆନ୍ତି। ସାରା ଗାଁଟା ଯାକ ଯେମିତି ମନ୍ତ୍ର ଶୁଣିପାରନ୍ତି ସେଥିପାଇଁ ଅନେକଗୁଡ଼ିଏ ମାଇକ ହୋମକୁଣ୍ଡ ଚାରିପଟେ ଖଂଜି ରଖାଯାଇଥାଏ। ଗାଁର ଛକମାନଙ୍କରେ ଲାଗିଚି ବଡ଼ ବଡ଼ ଲାଉଡ ସ୍ପିକର।

ହୋମ ପରେ ବଳି ପାଇଁ କିଛି ଦୂରରେ ଯୋଉ ଛେଳିଟାକୁ ବଳୁ ପଡି ମୁଣ୍ଡିଆ ହେଇଯାଇଥିବା ନଡିଆ ଗଛ ଦେହରେ ବଂଧା ହେଇଥିଲା, ସେଇଟା ସମସ୍ତ ବେଦମନ୍ତ୍ରକୁ ବେଖାତିର କରି ଆରାମରେ ଶୋଇ ପଡିଥିଲା।

ସୋମକାନ୍ତକୁ ଘେରି ଠିଆ ହେଇଥିଲେ ଦୁଇ ତିନିଜଣ ଯୁବକ। ଜଣେ କାର ଡ୍ରାଇଭର। ଜଣେ ତାର ଅତି ଅଂତରଙ୍ଗ ବନ୍ଧୁ ତଥା ସହକର୍ମୀ, ସବୁବେଳେ ତା ସାଥିରେ ଥାଏ ଏବଂ ଆଉ ଜଣେ ସମ୍ଭବତଃ ସହରରୁ ଆସିଛନ୍ତି। ମନ୍ତ୍ରୀଙ୍କ ଲୋକ ବୋଧେ।

ମଉସା ଅତି ସରଳ ଲୋକ ନା ? ସେ ପଚାରିଲେ ସୋମକୁ।

ଓଃ ତାଙ୍କ କଥା କୁହନା। କିଛି ବୁଝନ୍ତିନି। ରାଜନୀତି ମୋଟେ ନୁହେଁ। ମୁଁ ଯୋଉ କଥା ତାଙ୍କୁ କହିବା ପାଇଁ ମନା କରିଥିବି ସେ ସେଇ କଥା ସମସ୍ତଙ୍କୁ କହିଦେବେ। ଏତେ ସରଳ ହେଲେ ଚଳିବ ? ପୁଣି ରାଜନୀତିରେ ?

ସମସ୍ତେ ହୋ ହୋ ହସି ଉଠିଲେ।

ଠିକବର୍ଷକ ପରେ ଆସିଲା ଭୋଟ ବେଳ। ଏଥର ଥିଲା ବିଧାନସଭା ପାଇଁ। ଏଥର ଜଣାପଡିଲା ଯେମିତି ଗାଁଟାରେ ପ୍ରକୃତରେ ମଣିଷ ଅଛନ୍ତି। ଆଉ ସେ ମଣିଷମାନେ ଯେ କାମରେ ଲାଗନ୍ତି ଏକଥା ସେତିକିବେଳେ ଜଣାପଡେ। କେତେ ସମ୍ମାନ ଦିଅନ୍ତି ସେ ଲୋକମାନଙ୍କୁ ସେତେବେଳେ। ସତେ ଅବା ଗୁରୁଜନ। ବଡ଼ ଭାଇ, ବାପ, ଦାଦା ବା ସେମିତି କିଛି କିମ୍ବା ସେଇ 'ଅ' ଅକ୍ଷର ବେଣ୍ଟ ନାଟି ନ ଥିବା ଲୋକଟି ହିଁ ଗୁରୁ - ପାଠ ପଢ଼େଇଥିଲା ପାଠଶାଳାରେ।

ସନିଆଇ ଘରେ ଅଛ ?

ସନିଆ ଚମକି ପଡିଲା। କିଏ ଇଏ ? କାହାର ପାଟି ? ଦେଖିଲୁ କିଏ ? ସନିଆ କହିଲା ଦୁଖିକୁ।

Digitized by srujanika@gmail.com

ଦୁଖ କିଛି ନ ଶୁଣିଲା ପରି ବସି ରହିଲା ଚୁଲି ମୁଣ୍ଡରେ। ସନିଆକୁ ଦୁଇ ଦିନ ହେଲା ଜର। ଦୁଖ ତା ପାଇଁ ଖୁଦ ଶିଝେଇ ଜାଉ ତିଆରି କରୁଚି।

ସନିଆ ସେମିତି ବିଛଣାରେ ଶୋଇ ରହିଚି, ଆଲୋ, ଦେଖ କିଏ ?

ଦୁଖ ଚୁଲି ଭିତରକୁ ଆଉ ଖଣ୍ଡେ ଘସି ପକେଇ ଦେଇ କହିଲା, ଆଉ କିଏ, ସେଇ ସୋମବାବୁର ସାଙ୍ଗ ହେଇଥିବ। କାହିଁକି କେଜାଣି ଆଗରୁ ଥରେ ଆସିଥିଲା।

ଆରେ ନାଇଁମ। ସେ ସନିଆଇ ବୋଲି କାହିଁକି ଡାକିବ ? ତୁ ଡିବିରି ନେଇ ଟିକେ ଦେଖିଲୁ। କବାଟଟା ଖୋଲ।

ସନିଆଇ, ମୁଁ ରଘୁନାଥ। ସୋମବାବୁ ପଠାଇଥିଲେ...

ଦୁଖ କବାଟ ଖୋଲି ଠିଆ ହେଲା। ଡିବିରିଟାକୁ ଟେକି ଧରିଲା। ମଉସା କହିଲେ ସନିଆଇକୁ କାଲେ ଜର ହେଇଚି। ସୋମବାବୁ... କହୁ କହୁ ରଘୁନାଥ ଗୋଡ ବଢ଼େଇଲେ ଭିତରକୁ।

ଆହା, ଆସ୍ତେ। ମୁଣ୍ଡରେ ବାଜିବ, କହିଲା ଦୁଖ। ସେତ ଦୁଇଦିନ ହେଲା ବିଛଣାରୁ ଉଠି ନାହାନ୍ତି।

ସେଇଥିପାଇଁ ତ ଆସିଲି। ମଉସା ନିଜେ ଆସିଥାଆନ୍ତେ। ସେତ ଏବେ ମନ୍ତ୍ରୀଙ୍କ ଗସ୍ତ ପାଇଁ ବ୍ୟସ୍ତ ଅଛନ୍ତି। ସୋମବାବୁ ବି।

ରଘୁନାଥ ଆସି ସନିଆର ବିଛଣାରେ ବସି ପଡିଲେ। ଦେହରେ ହାତ ମାରିଲେ। ହଁ ଜର ଅଛି। ତେବେ ବେଶୀ ନୁହେଁ। ଶହେରୁ ଟିକେ ବେଶୀ। ଔଷଧ ଖାଉଚ ନା ?

ଦୁଖ ଚୁଲୀରୁ ତେଲାଣୀ ତଳକୁ ଓହ୍ଲେଇ କହିଲା, ଔଷଧ ଆଣିବାକୁ ଗଲି କେତେବେଳେ। ଖାଲି ହାତରେ ଯାଇ କଅଣ କରିବି ? ଗଲେ କଅଣ ହେବ। ସେ ଡାକ୍ତରଖାନାରେ କେହି ଥିଲେ ତ ?

ଓହୋ ତୁମେ ଜାଣିନ କି ? ଜଣେ ଡାକ୍ତର ଆସିଲେଣି। ଆଉ କିଛି ଅସୁବିଧା ନାହିଁ। ସୋମବାବୁ ଏଥିପାଇଁ...

ସୋମବାବୁ ବହୁତ ଭଲ ଲୋକ। ଆମେ ପୂଜାଦିନ ଯାଇ ନ ଥିଲୁଁ ବୋଲି ଥାଳିଏ ଭୋଗ ଘରକୁ ପଠେଇ ଦେଲେ। କହିଲା ସନିଆ।

ଦୁଖ ଜାଉ ବାଟିଟା ଆଣି ସନିଆ ଆଗରେ କଚାଡିଲାଭଳିଆ ରଖି ଚାଲିଗଲା।

କଅଣ ହେଲା କିଲୋ ?

ରଘୁନାଥ ଦୁଖକୁ ଦେଖୁଥିଲେ।

ନା କିଛି ନା, ବାଟିଟା ତାତିଥିଲା।

ରଘୁନାଥ ଆଶ୍ୱସ୍ତ ହେଲେ। କହିଲେ, ଆଚ୍ଛା, କାଲି ଯଦି ତୁମେ ଭାଉଜ ଡାକ୍ତରଖାନା ଯାଇ ନ ପାର ମୁଁ ଗୋଟିଏ ଲୋକ ପଠେଇ ଦେବି। ସେ ସାଇକେଲରେ ଚାଲିଯିବ।

Digitized by srujanika@gmail.com

ତୁମେ ଏଇ ଟଙ୍କାଟା ରଖ। ୩ ଶହ ଟଙ୍କା। ତୁମର ପୋଖରୀ ଖୋଳା ଟଙ୍କା ଆହୁରି ବାକି ଥିଲା।

ଆଉ ଏଇଟା ନିଅ ତୁମ ବି.ପି.ଏଲ୍ କାର୍ଡ ସାବଧାନରେ ରଖିବ।

ସନିଆ କୃତକୃତ୍ୟ ହେଇ ପଡିଲା।

ଗରିବଙ୍କୁ ଦଇବ ସାହା, ସେ ବିଛଣାରୁ ଉଠୁଥିଲା।

ନା, ନା, ତୁମେ ଶୁଅ। ଉଠନା

ଏତେ ଦିନ ପରେ ଏ ଟଙ୍କା କଥା ମଉସାର କେମିତି ମନେ ପଡିଲା ? ଦୁଖ ଆସି ପାଖରେ ଠିଆ ହେଇ ପଚାରିଲା।

ସେ ଭୁଲିବାର ଲୋକ ନୁହଁନ୍ତି। ଅସଲ କଥା ହେଲା ଟଙ୍କାଟା ସରକାରରୁ ଆସି ନଥିଲା। ଏତିକି କି ? ଆହୁରି ଦୁଇ ଶହ ପାଇବ। ତା ପାଇଁ ସୋମବାବୁ ଲାଗିଛନ୍ତି। ଖାଲି ସେ ଭୋଟ କାମରେ ଟିକିଏ ବ୍ୟସ୍ତ ଅଛନ୍ତି। ନ ହେଲେ ହେଇ ସାରନ୍ତାଣି। ତେବେ ସେଇଟା ବି ଖୁବ ଶୀଘ୍ର ହେଇଯିବ। ଭୋଟ ପୂର୍ବରୁ।

ସନିଆ ହାତରେ କାର୍ଡ ଓ ଟଙ୍କା ଦେଉ ଦେଉ ସେ କହିଲେ ଆଉ ଏଇଟା ବି ରଖ। ଏଇଟା ସୋମବାବୁଙ୍କ ଭୋଟ ଚିହ୍ନ। ସେ ଦୁଖକୁ ଚାହିଁ ହସିଲେ।

ମୁଁ ଆହୁରି ଆସିବି। ସୋମବାବୁ ନିଜେ ଆସିବେ। ମଉସାବି। ଆହୁରି ଅନେକ କଥା ଅଛି। ଧୋତି, ଶାଢ଼ି, ସାଇକେଲ କେତେ କଥା। ମୋ ମୁହଁରୁ କାହିଁକି ଶୁଣିବ। ସେମାନେ ନିଜେ ଆଣିବେ, ତୁମେ ଦେଖିବନି ?

ସେ ଦୁଇହାତ ଯୋଡି ଦୁଇଜଣଙ୍କୁ ନମସ୍କାର କରି ବିଦାୟ ନେଲେ।

ଆନନ୍ଦରେ ସନିଆ ଉତ୍ଫୁଲ୍ଲିତ ହେଇ ଉଠୁଥିଲା। ତା ଆଖି ଛଳ ଛଳ ହେଇ ଉଠୁଥିଲା ବେଳେ ସେ ଦୁଖ ହାତକୁ ସବୁତକ ବଢ଼ାଇ ଦେଇ ଦୁଇ ହାତ·ମୁଣ୍ଡରେ ମାରି କହିଲା ଭଗବାନ ସେମାନଙ୍କୁ ସୁଖରେ ରଖନ୍ତୁ।

ଦୁଖ କାର୍ଡ ଓ ଟଙ୍କାଟାକୁ ଗୋଟିଏ ହାତରେ ଧରି ସ୍ଲିପଟାକୁ ଓଲଟ ପାଲଟ କରି ଦେଖିଲା, ତା ପରେ ସନିଆ ପାଖରେ ବସି ପଡି କହିଲା, ଶୁଣ, ସେମାନେ ଯାହା କହିବେ ତୁମେ ସେଥିରେ ମନା କରିବ ନାହିଁ। କିନ୍ତୁ ମୁଁ ଯାହା କହିବି ସେଇଟାହିଁ ତୁମେ କରିବ ହେଲା ?

ଦୁଖ ସେ କାଗଜଟାକୁ ଦୁଇଫାଳ କରି ଚୁଲି ଭିତରକୁ ଫୋପାଡିଦେଲା। ନିଆଁ ହୁତ ହୁତ କରି ଜଳି ଉଠିଲା।

❑❑

Digitized by srujanika@gmail.com

ହେ ଧୃତରାଷ୍ଟ୍ର

ସେଥର ମୁଁ ଗାଁକୁ ଯାଇଥିଲି ପ୍ରାୟ ଦୁଇ ବର୍ଷ ପରେ। ଗାଁକୁ ଯିବାର ବ୍ୟବଧାନ ଥିଲା ମୋର ସେଥର ସବୁଠାରୁ ବେଶି। ଷ୍ଟେସନରେ ଗାଡ଼ିରୁ ଓହ୍ଲେଇ ମୁଁ ଯେତେବେଳେ ଯାଇ ବଡ଼ ବଜାର ଛକରେ ପହଞ୍ଚିଲି ଦେଖିଲି ମୁନା ସେଠି ଠିଆ ହେଇଛି। ମୁନା ଆମ ଗାଁର ମଧୁ ବାରିକର ପୁଅ। ଗାଁ ସ୍କୁଲରେ ମେଟ୍ରିକ ପାଶ କରି ଦୁଇ ତିନି ବର୍ଷ ହେଲା ଚାକିରି ପାଇଁ ବୁଲୁଥିଲା ଏ କଥା ମୁଁ ଜାଣେ। ତା'ବାପା ଅର୍ଥାତ ମଧୁ ବାରିକ ଗାଁରେ ବାରିକ କାମ କରେ। ତା'ର ବା ଆଉ ପଇସା କେଉଠୁ ଆସିବ ଅଧିକ ପଢ଼େଇବାକୁ। ମୁନା କିଛି ଦିନ ରାଜନୀତିରେ ମାତି କିଛି ଫଳ ନ ପାଇବାରୁ ବଜାରର କାଲୁ ମିଆଁର ଅଟୋରେ ହେଲପର କାମ କରୁଛି। ସେ ପାଟି କରୁଛି, " ଆସ ଆସ ଆମ ଗାଡ଼ି ଏବେ ଛାଡ଼ିବ"।

ମୁଁ ଆଶ୍ଚର୍ଯ୍ୟ ହେଲି। ମୁଁ ତା ପାଖରେ ଯାଇ ଠିଆ ହେବାରୁ ସେ ମୋତେ ଜୁହାର ହେଲା ଏବଂ କହିଲା ଆଜ୍ଞା ଯିବେ? ଦିଅନ୍ତୁ ମୋତେ ଜିନିଷ ପତ୍ର।

ମୁଁ କହିଲି ଯିବି, କିନ୍ତୁ ଏବେ ତ ଆଠଟା ବାଜିଲାଣି। ଗାଁରେ ଯାଇ ପହଞ୍ଚିଲା ବେଳକୁ ରାତି ୧୦ କି ୧୧ ହେବ ବୋଧେ?

ସେ କହିଲା କଅଣ କହିଲେ ୧୦ କି ୧୧? କାହିଁକି? ସେ ଯୁଗ ଆଉ ନାହିଁ। ଆମ ଗାଁକୁ ପକ୍କା କଂକ୍ରିଟ ସଡକ ହେଇଯାଇଛି, ଆପଣ ଆସନ୍ତୁ ଦେଖିବେ ମାତ୍ର ଅଧ ଘଣ୍ଟାଏ ଭିତରେ ଆପଣ ଗାଁରେ ପହଞ୍ଚିବେ।

ମୁଁ କହିଲି, ତୁ କଅଣ କହୁଛୁ? ତେବେ ମୋତେ ଆଉ ରାତିଟା ଏଠି ଶଳା ଘରେ କଟେଇବାକୁ ପଡ଼ିବନି। ଘରକୁ ଯାଇପାରିବି?

Digitized by srujanika@gmail.com

ପାରିବେ ମାନେ ? ପ୍ରଧାନମନ୍ତ୍ରୀ ଯୋଜନାରେ ସଡକତ ହେଇଚି, ଗାଁର ଚେହେରା ପୂରା ବଦଳି ଗଲାଣି । ଆପଣ ଜାଣନ୍ତି ନା, ଛକରେ ତାର ଖୁଣ୍ଟିବି ବସି ଗଲାଣି । କାମ ଚାଲିଚି । ଏଇ ମାସ ବିଜୁଳି ବି ଆସିଯିବ ।

ମୁନାର ମାନସିକତା ଦେଖି ମୁଁ ଖୁସି ହେଉଥିଲି । ଏଇ ମୁନାର ବାପା ମଧ୍ୟ ମୋତେ କେତେ ଥର କହିଛି, ଟୋକାଟା ଖରାପ ହେଇଯାଉଛି । ରାଜନୀତିଆଙ୍କ ସାଥିରେ ମିଶି ବରବାଦ ହେଇଯାଉଚି । ପାଠ ପଢ଼ିଲା ବୋଲି ଖୁର କଇଁଚି ଧରି ଶିଖିଲାନି । ଏବେ କହୁଛି "ବୋଲବମ୍'ରେ ଯିବ । ବୋଲବମ୍‌ରେ ଗଲେ ଖୁର କଇଁଚି ବଦଳରେ ଧରିବ ଚିଲମ ଆଉ ବୋତଲ । ସେ ହସିଲା ।

ତା'କଥା ଶୁଣି ମୁଁ ବି ହସିଲି । କିନ୍ତୁ ସେ ହସ ଭିତରେ ମୋ ଭିତରେ ଗୋଟିଏ କାରୁଣ୍ୟ ଫୁଟି ଉଠୁଥିଲା ।

ଆପଣ ତାକୁ ସାଥିରେ ନେଇ ଯାଆନ୍ତୁ । ପାଖରେ ରଖିବେ । ନଜରରେ ରଖିବେ । ସେ ଆପଣଙ୍କର ସବୁ କାମ କରିବ । ନ କଲେ ମାଡ଼ ଦେବେ, ପରେ ସୁବିଧା ଦେଖି ତା'ପାଇଁ ଗୋଟେ କିଛି ଛୋଟ ମୋଟ କାମ ଯୋଗାଡ଼ କରିଦେବେ ।

ସେଇ ମୁନାର ମାନସିକତା ଦେଖି ଖୁସି ହୋଇଗଲି । ଯାହା ହେଉ ମଧ୍ୟ ବାରିକ ଏବେ ଆଉ ତା'କଥା ଦୋହରାଇବ ନାହିଁ । ମୁନା ମାସକୁ ଅନ୍ତତଃ ହଜାରେ, ଦି'ହଜାର ରୋଜଗାର କରୁଥିବ । ବାପ ଭାବୁଥିବ ଆଉ ପୁଅ 'ବୋଲବମ' କି 'ରାଜନୀତି' କଥା ଭାବିବ ନାହିଁ । ତା ରାଶିରେ ଥିବା ରାହୁ ଦଶାଟା ବିନା ପୂଜା ପାଠରେ କଟିଗଲା ବୋଧେ ।

ମୁଁ ଭାବିଲି ରାଜନୀତି ଓ ବୋଲବମ୍ ଦୁଇଟାରେ ଗୋଟିଏ 'କମନ' କଥା ହେଲା ଚିଲମ ଓ ମଦ । ଯାହେଉ ପିଲାଟା ବଞ୍ଚିଗଲା । ଏବେ ଅନ୍ତତ ତାକୁ ଗୋଟେ ରାସ୍ତା ମିଳିଯିବ । ପ୍ରଧାନମନ୍ତ୍ରୀଙ୍କ ସଡକ ଯୋଜନା ଯେ ଚମତ୍କାର କାମ କରୁଚି ଏଥିରେ ମୋର ଆଉ ସନ୍ଦେହ ନ ଥିଲା । ହେଲପରରୁ ସେ ଦିନେ ଡ୍ରାଇଭର ହେଇପାରିବ ।

ମୁଁ ଆମର ଏ ଫମ୍ପା ଗଣତନ୍ତ୍ରର ଜଣେ ବଡ କ୍ରିଟିକ । କଥା କଥାକେ ମୁଁ ମନ୍ତ୍ରୀ, ପ୍ରଧାନମନ୍ତ୍ରୀ, ଏମ.ପି ଓ ଏମ.ଏଲ.ଏଙ୍କୁ ଭୀଷଣ ସମାଲୋଚନା କରେଁ । ସମାଜବାଦ ନାଁରେ ଏମାନେ ସମାଜକୁ କେମିତି ଶୋଷି ଖାଉଛନ୍ତି ସେ କଥା ସମସ୍ତଙ୍କୁ କହିଥାଏଁ । କେତେବେଳେ କେମିତି ଭାଷଣ ଦେଲାବେଳେ ସମାଜବାଦୀମାନେ ସାମଜକୁ ବାଦ ଦେଇ କାମ କରନ୍ତି ବୋଲି କୁହେଁ । ଆଉ ସବୁଠୁ ବଡ କଥାଟି ହେଲା ମୁଁ ଏ କଥା କହୁଥିଲା ବେଳେ ମୁଁ ଭୁଲି ଯାଏ ଯେ ମୁଁ ଜଣେ ସରକାରୀ ଚାକିରିଆ । ଏବଂ ମୋର ଗୋଟାଏ 'କୋଡ ଅଫ କଣ୍ଡାକ୍ଟ' ଅଛି, ଯାହାକୁ ମୁଁ ମାନିବାକୁ ବାଧ୍ୟ ।

Digitized by srujanika@gmail.com

ହେଇତ ସେ ଦିନ ଗୋଟାଏ ସାହିତ୍ୟ ସଭାରେ ଭାଷଣ ଦେଲାବେଳେ ମୁଁ ଯେତେବେଳେ ଏବେ ଏମ.ପି. ଙ୍କ ଅସ୍ୱାଭାବିକ ଦରମା ବୃଦ୍ଧି ସହିତ ତାଙ୍କର ସୁବିଧା ସୁଯୋଗ ମୋଗଲ ବାଦଶାଙ୍କ ଯୁଗ ସହିତ ତୁଳନା କରିଦେଲି ଏବଂ କହିଲି ଏ ନୂଆ ବାଦଶାଙ୍କ ରାଜତ୍ୱ କଥା, ତାଙ୍କ ଭୋଗବାଦୀ ଜୀବନ ଚର୍ଯ୍ୟା କଥା ସାହିତ୍ୟରେ ଆସିବା ଉଚିତ, ସେତେବେଳେ ସଭାପତିଙ୍କ ଆସନରେ ଥିବା ଜଣେ ପଦସ୍ଥ ଅଫିସର ତା'ର ପ୍ରତିବାଦ କଲେ ଏବଂ କହିଲେ ଯୋଜନାର ସୁଫଳଗୁଡ଼ିକ ଏବେ କିପରି ଗାଁରେ ପହଞ୍ଚି ଗଲାଣି ସେ କଥା ବି ସାହିତ୍ୟରେ ଆସିବା ଉଚିତ। ସେ ମୋତେ ଥଟ୍ଟା କରି କହିଲେ ବନ୍ଧୁ ! ବୋଧେ ଗାଁ ସହିତ କିଛି ସଂପର୍କ ରଖିନାହାନ୍ତି।

ମୁଁ ଆଶ୍ଚର୍ଯ୍ୟ ହେଲି ସେ ଯେତେବେଳେ ଅନର୍ଗଳ ପରିସଂଖ୍ୟାନ ଦେଇ କହିଲେ ଏବେ ଦୁଇ ଟଙ୍କିଆ ଚାଉଳ, ପେନସନ ଯୋଜନା ଏବଂ NREGS ଇତ୍ୟାଦି ଲାଗୁ ହେଲାପରେ ଗାଁରେ ଯେ ଗରିବି ଆଉ ନାହିଁ ଏହାହିଁ ସାହିତ୍ୟର ସତ୍ୟ ହେବା ଉଚିତ।

ସେଦିନ ମୁନା କଥା ଶୁଣିଲା ପରେ ଏବଂ ସେଇ ଛକରେ ଏବେ ୮/୧୦ଟା ଅଟୋ, ଗୋଟାଏ ଦି'ଟା ଟ୍ରେକର, ଜିପ୍ ଇତ୍ୟାଦି ଯିବା ଆସିବା କରୁଥିବା ଦେଖି ଆଶ୍ଚର୍ଯ୍ୟ ହେଲି। ସତରେ ତେବେ ପରିବର୍ତ୍ତନଗୁଡ଼ାକ ମୋତେ ଏ ଯାଏ ଆଡ଼େଇ ଦେଇ ବୁଲୁଥିଲେ ? ଛବିଶ ଜାନୁଆରୀ, ଅଗଷ୍ଟ ୧୫ର ପୃଷ୍ଠା ଭର୍ତ୍ତି ବିଜ୍ଞାପନଗୁଡ଼ିକ ତେବେ ସତ ? ମିଛ ନୁହେଁ ? ଅତିରଂଜିତ ନୁହେଁ ?

ମୋର ମନେ ପଡ଼ିଲା କେହି ଜଣେ ବିଶିଷ୍ଟ ବ୍ୟଙ୍ଗକାର ଗୋଟିଏ ଗଳ୍ପରେ ଲେଖିଥିଲେ ଯେ ଟୁରିଜମ ଡେଭଲପମେଣ୍ଟ ଡିପାର୍ଟମେଣ୍ଟର ଜଣେ ଟୁରିଷ୍ଟ ଅଫିସରଙ୍କୁ ଯେତେବେଳେ ଜଣେ ଫରେନ୍ ଟୁରିଷ୍ଟ ଗୋଟିଏ ବିଜ୍ଞାପନକୁ ଦେଖେଇ ପଚାରିଲେ ଏ ହୋଟେଲଟି କେଉଁଠି ଅଛି ତା'ର ଠିକଣା ଓ ଫୋନ ନମ୍ବର ମୋତେ ଦେଇପାରିବେ ? ହସି ହସି ଅଫିସର ଜଣକ କହିଲେ ସେଇ ବିଜ୍ଞାପନରେ ଥିବା ଅଭୟାରଣ୍ୟର ବାଘଟି ମାଇ କି ଅଣ୍ଡିରା କହିପାରିବେ ?

ମାନେ ? ଟୁରିଷ୍ଟି ଜଣକ ପଚାରିଲେ

ଅଫିସର କହିଲେ ବିଜ୍ଞାପନର ବାଘଟି ଯେମିତି କେବଳ ବିଜ୍ଞାପନରେ ଥାଏ, ଆମ ଟୁରିଷ୍ଟ ବାଂଲୋ ସେମିତି କେବଳ ବିଜ୍ଞାପନରେ ଥାଏ।

ମୁଁ ଭାବିଲି, ନା, ମନ୍ତ୍ରୀମାନଙ୍କର ସବୁ କଥାକୁ ଆଜିକାଲି ଆଉ ଗାଲୁଗପ କହି ଉଡେଇ ଦେଇହେବ ନାହିଁ। ତା'ଭିତରେ କିଛି ନା କିଛି ସତ୍ୟତା ନିଶ୍ଚୟ ଅଛି। ଅନ୍ତତଃ ମୁଁ ଆଖିରେ ଦେଖିଲା ପରେ କେମିତି ଅବିଶ୍ୱାସ କରିବି ?

Digitized by srujanika@gmail.com

ମୋର ୨୫/୩୦ ବର୍ଷ ତଳର ଆମ ଗାଁ କଥା ମନେ ପଡୁଥିଲା । ରେଳ ଷ୍ଟେସନରୁ ଗାଁକୁ ଯିବା ଦୁରୂହ ବ୍ୟାପାର । ପ୍ରଥମେ ନଈ କୂଳେ କୂଳେ ଅଧ ଘଣ୍ଟାଏ ଚାଲିଲା ପରେ ଦୁଇଟା ନାଳ, ଯେଉଁଥିରେ ବର୍ଷଯାକ ପାଣି ଥାଏ ଅଣ୍ଟାଏ ଏବଂ ତାକୁ ପାରିହେବାକୁ ଗାଁଲୋକେ ସେଠି ପକାଇ ଥାଆନ୍ତି ଦୁଇଟା କଦଳୀ ଗଛର ଭେଳା । ତାକୁ ପାରି ହେଇ ଧାନ ଜମି ହିଡ଼ କଡ଼େ କଡ଼େ ଚାଲି ଗାଁରେ ପହଞ୍ଚିଲା ବେଳକୁ ସମୟ ଲାଗୁଥିଲା ତିନି ଘଣ୍ଟା । ବର୍ଷାଦିନେ ଗାମୁଛା ପନ୍ଧିବାକୁ ପଡୁଥିଲା ଏବଂ ଷ୍ଟେସନରେ ପହଞ୍ଚି ଗୋଡ଼ ହାତ ଧୋଇ, ପୋଛା ପୋଛି ହୋଇ ପେଣ୍ଟ ସାର୍ଟ ପିନ୍ଧିବାକୁ ପଡୁଥିଲା ।

ସେ ଅନ୍ଧାରୁଆ ଦିନ ଯେ ଆସ୍ତେ ଆସ୍ତେ ସରି ଆସୁଚି ଏ କଥା ମୁଁ ବୁଝି ପାରିଥିଲି ପାଞ୍ଚ ସାତ ବର୍ଷ ଆଗେ । ତଥାପି ମୁଁ ମନ୍ତ୍ରୀମାନଙ୍କୁ ଗାଳି ଦେଉଥିଲି । କହୁଥିଲି ସ୍ୱାଧୀନତାର ସୁବର୍ଣ୍ଣ ଜୟନ୍ତୀ ପାଳନ କରୁଛନ୍ତି ନା ଚୋପା । ଏବେ ବି ତ ଗାଁରେ ସଡ଼କ ନାହିଁ, ବିଜୁଳି ନାହିଁ, ପିଇବ ପାଇଁ ପାଣି ନାହିଁ ।

ମୁଁ ସେତେବେଳକୁ ଅଟୋରେ ବସି ସାରିଥିଲି । ସେଥର ଅଟୋରେ ମୁଁ ଯାଇଥିଲି ଗାଁକୁ । ନରମ ଗଦି ଦିଆ ସିଟ୍‌ରେ ବସିଥିଲି । ମୁନା ପାଟି କରୁଥିଲା, ଆସ ଆସ ଜଲ୍‌ଦି ଆସ । ଆଉ ଗୋଟାଏ ସିଟ୍ ଖାଲିଅଛି ।

ସେ ବର୍ଷ ମୁଁ ଯେତେବେଳେ ଗାଁକୁ ଆସିଥିଲି ସେତେବେଳେ ଏଇଠୁ ମିଳୁଥିଲା ରିକ୍ସା - ପଟା ରିକ୍ସା । ଗୋଡିପକା ରାସ୍ତାରେ ଅବୁଡ଼ାଖାବୁଡ଼ା ଗାତରେ ପଟା ରିକ୍ସାରେ ବସିବାର ଯନ୍ତ୍ରଣାଦାୟକ ଅନୁଭୂତି ମୋର ଏବେ ବି ମନରେ ଜୀବନ୍ତ ହେଇରହିଅଛି । ଘରେ ପହଞ୍ଚି ମୁଁ ପ୍ରଥମେ ବାରଣ୍ଡାରେ ପଡ଼ିଥିବା ପଟା ଖଟରେ ଟିକିଏ ଗଡ଼ପଡ଼ ହୁଏ । ଅଣ୍ଟା ବଥା ସହଜରେ ଛାଡେ ନାହିଁ ।

ସ୍ୱାଧୀନତାର ପଚାଶ ବର୍ଷ ପରେ ଇଏ ହେଉଚି ବିକାଶର ଧାରା - କମ୍ କଥା ନୁହେଁ ।

ଅଥଚ ଏଇ ଦଶ ବର୍ଷ ଭିତରେ କେତେ ବଦଳି ଗଲାଣି ସତେ ?

ମୋ ପାଖରେ ତଳେ ମୁନା ଠିଆ ହେଇ ଡାକ ଛାଡୁଥାଏ, ଆସ ।

ଜଲଦି ଆସ । ଡ୍ରାଇଭର ଗାଡ଼ି ଷ୍ଟାର୍ଟ କରି ରଖିଥାଏ । ସତେ ଅବା ଏଇନେ ଛାଡ଼ି ଦେବ ।

ମୁଁ ମୁନାକୁ ପଚାରିଲି, ଏବେ ଆମ ଗାଁର ଟିଉବୱେଲ ଗୁଡ଼ିକ ଠିକ କାମ କରୁଚି ନା ?

Digitized by srujanika@gmail.com

ଆଜ୍ଞା ସେ ଯୁଗ ବି ଗଲାଣି। ଆପଣ କେତେଦିନ ଗାଁରେ ରହିବେ କହିଲେ? ଆସନ୍ତା ଶନିବାର ମାନେ ଆଉ ଛଅ ଦିନ ପରେ ମନ୍ତ୍ରୀ ଆସିବେ, ଆମ ଗାଁର ନୂଆ ଜଳ ପ୍ରକଳ୍ପ ଉଦ୍‌ଘାଟନ କରିବେ। ଆପଣ ଦେଖିବେ, ପାଣି ନଳରେ ଯାଇ ଆପଣଙ୍କ ଘରେ ପହଞ୍ଚିବ। ଆପଣଙ୍କୁ ଆଉ ବାଲଟି ନେଇ ଟିଉବ୍‌ୱେଲ ପାଖକୁ ଯିବାକୁ ହେବ ନାହିଁ। ତାପରେ ସେ ଟିକେ ରହି ମୋତେ ଚାହିଁଲା, ତାପରେ ମୋ ପାଖକୁ ମୁଣ୍ଡ ଝୁଙ୍କେଇ ଆଣି ଅପେକ୍ଷାକୃତ ଧୀର ସ୍ୱରରେ ପଚାରିଲା। 'ଏ ପ୍ରକଳ୍ପ' ମାନେ କଅଣ ଆଜ୍ଞା? ଜଳ ବାହାରିଲା ବେଳେ ଭୂଇଁ କମ୍ପିବ ନା ଆଉ କିଛି?

ତା'ପରେ ଦୂରରୁ ଆସୁଥିବା ବୁଢାଟିକୁ ଯାଇ ଧରି ଆଣିଲା ଏବଂ ମୋ ପାଖରେ ବସେଇ ଦେଇ କହିଲା, ହିଁ ଚାଲ ଏଥର ।

ସମସ୍ତେ ବସିଗଲା ପରେ ମୁନା ବସିବାକୁ ଆଉ ଜାଗା କୋଉଠି ଥିଲା? ସେ ସେମିତି ଝୁଲି ରହିଲା। ଆଟୋ ଚାଲିଲା। ରାସ୍ତା ଚମତ୍କାର। ସ୍ୱାଧୀନତାର ସମସ୍ତ ମଧୁ ମୋ ପାଟିରେ ଟିକିଏ ଦଉଥିବା ୨୦ ବର୍ଷର ମୁନା ବାରିକ ଗୋଟିଏ ବିପଜ୍ଜନକ ଭାବେ ଝୁଲି ଝୁଲି ଆସୁଥିବାବେଳେ ମୋତେ ଅନେକ ନୂଆ କଥା ଦେଇପାରିଚି ବୋଲି ମନେ ମନେ ନିଜେ ମଧ ଖୁସି ହେଉଥିଲା ବୋଲି ମୁଁ ଅନୁଭବ କରୁଥିଲି।

ସେ ଦିନ ମୁଁ ଯାଇ ଘରେ ପହଞ୍ଚିଲା ବେଳକୁ ରାତି ସାଢ଼େ ଆଠ। ପ୍ରଧାନ ସଡ଼କରୁ ଓହ୍ଲେଇ ମୁଁ ଗାଁ ଭିତରେ ପଶିଲି। ଗାଁ ମୁଣ୍ଡରେ ବାସେଳୀ ମଣ୍ଡପକୁ ଦେଖି ମୁଁ ଟିକେଏ ରହିଗଲି। ସେଠି ୩/୪ଟା ଗୁମୁଟି ଦୋକାନ। ଦୋକାନରେ ଛୋଟ ବ୍ଲାକ ଆଣ୍ଡ ହ୍ୱାଇଟ୍‌ର ଟିଭି। କୋଉ ଚାନେଲ କେଜାଣି ଗୋଟାଏ ନୃତ୍ୟ ଗୀତର ଆସର ଚାଲିଚି। ନୃତ୍ୟଟା ନୂଆ ନୁହେଁ। ଏବେ ତ ହିନ୍ଦୀ ଫିଲ୍ମ, ଓଡ଼ିଆ ଫିଲ୍ମ ଏବଂ ଯାତ୍ରା ସବୁ ସମାନ। କିଛି ଫରକ ନ ଥାଏ। ଆଉ ଦଳେ ଟୋକା ସେଠି ଭିଡ଼ ଜମେଇଛନ୍ତି। ଆଉ ଗୋଟେ ଦୋକାନରେ ବସିଛନ୍ତି ୩/୪ ଜଣ, ମଧ ବୟସର, ସେମାନେ ଚା ପିଉଛନ୍ତି, ନାଲି ଚା।

ମୋତେ ଦେଖି ସେମାନେ ଠିଆ ହେଇ ପଡ଼ିଲେ ଏବଂ ନମସ୍କାର କଲେ। ମୁଁ ସେମାନଙ୍କୁ ଜାଣେଁ ସମସ୍ତେ ଆମ ସାଇର। କିରେ ଦୁଖିଆ ନାଲି ଚା କରୁଛୁ କି? ମୁଁ ଗୋଟାଏ ପଟା ବେଞ୍ଚରେ ବସିପଡ଼ି ପଚାରିଲି।

ଏଠି ଆମର ନାଲି ଚା ଚଳେ। ଚିନି କିଲୋ ୪୦ଟଙ୍କା, ମିଳୁଚି କୋଉଠି? ତେଣୁ ସମସ୍ତେ ନାଲି ଖାଆନ୍ତି, ଆପଣଙ୍କ ପାଇଁ ଚିନି ପକେଇ ଦେବି।

ଆପଣ ସେ ଦୁଇ ଟଙ୍କିଆ ଚା ପିଇବେ? ଥୁ ଥୁ କରିବେ?

ସେମାନେ ମତେ ଜାଣନ୍ତି। ସେ ଅଞ୍ଚଳର ସବୁଠୁ ବଡ଼ ଜମିଦାର ଘରର ପିଲା।

Digitized by srujanika@gmail.com

ମୋ ଗୋସପା ପିଣ୍ଡାରେ ବସି ହୁକା ଟାଣୁଥିଲା ବେଳେ ଅନ୍ୟ କେହି ଜଣେ ତାଳପତ୍ର ପଂଖାଟିଏ ଧରି ନିଆଁ ବିଞ୍ଚୁଥାଏ। ତା'ପରେ ହୁକା ଟାଣି ସାରିଲା ପରେ ପାଇପ ଛାଡ଼ି ଦେଲେ ଅନ୍ୟମାନେ କଲକି ଉଠେଇ ନେଇ କେଜେଙ୍କ ଆଡ଼କୁ ପଛ କରି ଧୂଆଁ ଛାଡ଼ନ୍ତି। ସାମନାରେ ଧୂଆଁ ଛାଡ଼ିବା ଅର୍ଥ ତାଙ୍କ ପ୍ରତି ଅସମ୍ମାନ ପ୍ରଦର୍ଶନ।

ସ୍ୱାଧୀନତା ପରେ ଜମିଦାରୀ ସିନା ଚାଲିଗଲା କିନ୍ତୁ ଜମି ତ ଅଛି। ତିନିଖଣ୍ଡ ଗାଁର ଜମିରୁ ଅଧେ ଆମର । ଏବେ ସେଇ ଗାଁ ଲୋକ ହିଁ ଆମ ଜମିର ଏକ ପ୍ରକାର ମାଲିକ। ସମସ୍ତେ ଭାଗଚାଷୀ। ମୋ ସାନଭାଇ ସେସବୁର ହିସାବ ରଖେ। ମୁଁ ସେସବୁ ମୋଟେ କିଛି ବୁଝେନା। ସେଇ ହିସାବରେ ମାନ୍ୟତା। ମୋର ବଡପୁଂଜି।

ନାଇଁମୋତେ ବି ସେଇ ନାଲି ଚା ଦିଅ। ମୁଁ ଆଉ ଚିନି ଖାଉନି। ବର୍ଷେ ହେଲା ଡାଇବେଟିସ୍ ଓ ବ୍ଲଡ ପ୍ରେସର ବି ଅଛି।

ମୁଁ ଚା ପିଇବା ଆରମ୍ଭ କରିଚି କି ନାହିଁ ସାନଭାଇ ସୁବୋଧ ଆମ ଚାକର ଟୋକା ନିତାଇକୁ ଧରି ସେଠି ପହଞ୍ଚିଲା। ହାତରେ ଗୋଟାଏ ପାଞ୍ଚସେଲିଆ ଟର୍ଚ୍ଚ। ଶହେ ଫୁଟ ଦୂରକୁ ରାସ୍ତା ସଫା କରିଦିଏ। ନିତାଇ ମୋ ଜିନିଷ ପତ୍ର ଧରିବ।

ଆରେ ତୁମେ ଏଠି? ମୁଁ ତୁମକୁ ରାସ୍ତା ଉପରେ ଖୋଜୁଚି। ମୁନା ସିନା କହିଲା, ନ ହେଲେ ମୁଁ ଆହୁରି ଠିଆ ହୋଇଥାଆନ୍ତି। ଏଠି ତ ଦୁଇ ଦିନ ହେଲା ମୋବାଇଲ ଚାର୍ଜିଂ ହେଇପାରୁନି। କୁଆଡେ ଟ୍ରାନ୍ସଫରମର ପୋଡ଼ି ଯାଇଚି।

ଆମ ଗାଁରେ କେବଳ ଆମରି ଘରକୁ ଲାଇନ ଆସିଚି। ଟ୍ରାନ୍ସଫରମର କାହିଁକି ପୋଡ଼ନ୍ତା ମ? ସେମାନେ ତାକୁ ହାଟକୁ ଉଠେଇନେବେ। ସେ ଗାଁ ଦାବୀ କଲେଣି ଆମକୁ ଆଉ ଗୋଟାଏ ଦିଅ। ତାଙ୍କର ଏବେ ଶକ୍ତି ବେଶି। ପଞ୍ଚାୟତ ଚେୟାରମ୍ୟାନଟା ତାଙ୍କର।

ସେମାନେ ହସିଲେ।

ମୁଁ ଦୁଃଖିଆ ହାତକୁ ଦଶ ଟଙ୍କିଆ ନୋଟଟିଏ ବଢ଼େଇ ଦେଇ କହିଲି ସମସ୍ତଙ୍କର ପଇସା ଏଇଥିରୁ ନେଇ ନେ।

ମୁଁ ଦେଖିଲି ସେମାନେ କୃତକୃତ୍ୟ ହୋଇପଡ଼ିଲେ। ମ୍ଳାନ ଆଲୁଅରେ ମଧ ମୁଁ ସେମାନଙ୍କ ମୁହଁର କୃତଜ୍ଞତା ସ୍ପଷ୍ଟ ଦେଖିପାରୁଥିଲି।

ଆମେ ଏବେ ଗାଁ ଗୋହିରିରେ ପଶିଲୁଁ। ଓଃ କି କିଟିକିଟି ଅଂଧାର। ପାଦଚଲା ରାସ୍ତା। ରାସ୍ତାର ଦୁଇ ପାଖରେ ଲମ୍ୱା ଲମ୍ୱା ଘାସ, ଚୁଡ଼ଚୁଡ଼ି ଗଛ ସବୁ କାୟା ବିସ୍ତାର କରି

Digitized by srujanika@gmail.com

ରାସ୍ତାକୁ ଆବୋରି ରଖିଛନ୍ତି । କେତେକ ଜାଗାରେ ଲୁଚି ଯାଉଚି ରାସ୍ତା । ଗାଁ ଗୋହିରିରେ, ଦିନରେ ହେଉ ବା ରାତିରେ ହେଉ, ଚୋଟ ମାରନ୍ତି ସାପ । ସୁବୋଧ ଓ ନିତାଇ ସେଥିପାଇଁ ଧରି ଆସିଥିଲେ ବଡ଼ ଟର୍ଚ୍ଚ ।

ଗାଁ ଲୋକମାନେ ସେ ରାସ୍ତାରେ ଗଲାବେଳେ ଧରନ୍ତି ନିଆଁ ହୁଳା । ଗୋଛାଏ ଛଣ କାଠିକୁ ଜଳେଇ ସେମାନେ ରାସ୍ତା ଚାଲନ୍ତି ।

ପରଦିନ ସକାଳେ ଉଠି ମୁଁ ଆମ ଦାଣ୍ଡ ପିଣ୍ଡାରେ ଖଟ ଉପରେ ବସି ଚା ପିଉଥିଲି । ଆମ ପିଣ୍ଡାରେ ଆରିଷ୍ଟ୍ରେକ୍ରେସି ଅଛି ବୋଲି ସୁବୋଧ କହେ । ପିଣ୍ଡାଟା ପୁରୁଣାକାଳିଆ । ଚାରିଫୁଟ ଉଚ୍ଚ । ଲମ୍ବ ପଚାଶ ଫୁଟରୁ ହୁଏତ ବେଶି ଥିଲା । ଏବେ ସୁବୋଧ ଘର ମରାମତି କଲାବେଳେ ସେଥିରୁ କିଛି କମେଇ ଦେଇଚି ।

ପୁରୁଣାକାଳିଆ ମାଙ୍କଡ଼ା ପଥରର ପିଣ୍ଡା ସହିତ କାନ୍ଥ । ଦୋ ମହଲା କୋଠା, ଜେଜେ କରିଥିଲେ ଦକ୍ଷିଣ ଦୁଆରୀ ଘର । ପବନ କାହିଁରେ କଅଣ । ରାତି ଦିନ ପଂଖା ଦରକାର ହୁଏନି । ମୁଁ ପିଲାକାଳେ କବିତା ଲେଖୁଥିଲା ବେଳେ ଲେଖୁଥିଲି-

"ମନ୍ଦ ମନ୍ଦ ମରୁତ / ନ ଲାଗେ ଦେହରେ ଶୀତ

ମନେ ମନେ ଗାଁଏ ଗୀତ / ଆସ ଆସ ସଂଗାତ ।"

ଏ କବିତାକୁ ସବିତା ମୋର ଅଂକ ଖାତାର ପଛ ପାଖରେ ଦେଖି ମୋତେ କଟ କଟ କରି ଅନେଇଲା ଏବଂ ତା'ପରେ ପଚାରିଲା; ଯାହା ପଚାରିବି ସତ କହିବୁ ?

ନିଶ୍ଚୟ ସତ କହିବି, ମୁଁ ମିଛ କୁହେଁ କି ?

ଆହାରେ ମୋ ସତିଆ ପୁରୁଷ । କହିଲା ମିଛ ନୁହେଁ କି ? ମିଛ ତ କହୁନୁ, ତେବେ ସେ ଦିନ ଟିଫିନଟା ଶୈଳ ବେଗରେ ରଖି ମୋତେ କାହିଁକି କହିଲୁ ଆଜି ଟିଫିନ୍ ମା ଦେଇନି ? ହଉ, ଆଜି ଟିକେ ସତ କହିଲୁ ।

ପଚାର । ମୁଁ ନିର୍ବିକାର ହେଇ କହିଲି ।

ଏ 'ସଂଗାତ' ଟା ତୋର କିଏ ରେ ? 'ଆସ ଆସ ସଂଗାତ' ମାନେ ?

ମୁଁ ଘାବରେଇ ଗଲି । ସପ୍ତମ ଶ୍ରେଣୀ ଛାତ୍ର । ସବିତା ମୋ ମାମୁ ଝିଅ ଭଉଣୀ । ମୋ ସାଙ୍ଗରେ ପଢେ । ଆମରି ଘରେ ରୁହେ । ଅଥଚ ମୋ ଉପରେ ମାଲିକାତି କରେ । ସାମାନ୍ୟ ଟିକେ ବୟସରେ ବଡ଼ । ଟିକିଏ କଥାରେ ଧମକାଏ, କହିଦେବି ।

ମୁଁ ନୂଆ ନୂଆ କବିତା ଲେଖୁଚି । ପଦ ପଟେଇବା କଥା । ଯୋଉ ଶବ୍ଦ ଯୋଡ଼ି

Digitized by srujanika@gmail.com

ଯାଉଚି ତାକୁ ଚଟ୍ କରି ଧରି ପକେଇବା କଥା। ଏଥିରେ ମୁଁ କୋଉ ଅସଲି ସଂଗାତକୁ ଡାକୁଚି ଯେ ? ମୁଁ କହିଲି, ସେମିତି କେହି ନାହିଁ। ତେବେ ସେଠି 'ଆସ ଖୋଳିବା ଗାତ' ଲେଖି ଥାଆନ୍ତି କି ? ଏଇ ପଦଟା ବରଂ ଭଲ ଶୁଭୁଚି।

ହୁଁ, ତଥାପି ମିଛ କହିଲୁ। ମୁଁ କହିବି ? ସେ ପଚାରିଲା।

କହ। ତୁ କବିତା ନା ଚୋପା ଜାଣୁ।

ତୁ "ସଂଗାତ" ମୋତେ ଲେଖିଚୁ, ନା ? କହ, ସତ କହ।

ଆଜି ଏତେ ଦିନ ପରେ ସେଇ ପିଣ୍ଡାରେ ଖଟ ଉପରେ ବସି ଚା ପିଉଥିଲା ବେଳେ ମୋର ସେଇକଥା ମନେପଡ଼ି ଯାଉଥିଲା। ମୁଁ ଭାବୁଥିଲି କବିତାକୁ ନ ବୁଝି ତର୍ଜମା କରିବା ଯାହା ଲୋକଙ୍କ ଅସଲ ସମସ୍ୟା ନ ବୁଝି ଯୋଜନାର ସୁଫଳ ବିଷୟରେ ବଖାଣିବା ସେଇଆ। ଉଭୟେ ଅନ୍ଧତ୍ୱର ଆଖିରେ ଦେଖନ୍ତି ପୃଥିବୀକୁ। ମୁଁ ମନେ ମନେ ସବିତା କଥା ଭାବି ହସି ପକାଇଲି।

ନୀଳକଣ୍ଠ ଆସି ଠିଆ ହେଲା। ମୋତେ ଜୁହାର ହେଲା। ନୀଳକଣ୍ଠ ଆମ ଗାଁ ରାଉତ ସାହିରେ ଥାଏ। ସେ ଆମର କେତେ ଖଣ୍ଡ ଜମି ଭାଗ କରିଚି। ଜମି ଦିଟା ଉର୍ବର ନୁହେଁ। ବାଲିଚରି ଯାଏ। ସୁବୋଧ ତଥାପି ତା'ଠୁ ଖଜଣା ଆଦାୟ କରୁଚି ବୋଲି ତା'ର ଆପତ୍ତି। ସେ ଗୁହାରୀ କରିବାକୁ ଆସିଥିଲା। କିନ୍ତୁ ସେ ମୋତେ ଯେତେବେଳେ ହସ ହସ ମୁହଁରେ ଜୁହାର ହେଲା ମୁଁ ତାକୁ ପଚାରିଲି କିରେ ତୁ ଆଜି ଖୁବ୍ ଖୁସିଥିଲା ପରି ଲାଗୁଛି।

ତୁମେ ଜାଣିନ କି ? ସୁବୋଧ ମୋତେ ପଚାରିଲା।

କଅଣ ହେଲା ? ମୁଁ ଜାଣିନି ତ ?

ତା ଝିଅର ବାହାଘର ହୋଇଗଲା। ଖୁବ୍ ଭଲ ବର। ଥିଲା ବାଲା ଘର। ଯାକୁ ପାଞ୍ଚ ହଜାର ଟଙ୍କା ମଧ୍ୟ ଦେଲା।

କଅଣ କିରେ ନୀଳକଣ୍ଠ, ଏ କଥା ସତ ? ତେବେ ତ ବହୁତ ଭଲ ହେଲା।

ମୁଁ ନୀଳକଣ୍ଠକୁ ଜାଣେଁ, ବୋଧେ ଆମ ଗାଁର ସବୁଠୁ ଗରିବ। ଗୋଟିଏ ପୁଅ, ଗୋଟିଏ ଝିଅ, ଦୁଇ ଓଳି ଯେ ଖାଉଥିବ ଏଥିରେ ଆମର ସନ୍ଦେହ। ମହାବାତ୍ୟା ବେଳେ ତା ଘର ମାଟିରେ ମିଶିଗଲା ପରେ ଏ ଯାଏଁ ତାକୁ ଆଉ ଉଠାଇ ପାରିନି। କୌଣସି ପ୍ରକାରେ ଚଳୁଚି। ସେ ଅବସ୍ଥାରେ ତାର ଏ ଯାଏ ବାହା ଦେଇ ପାରୁ ନଥିବା ୧୮ ବର୍ଷର ଝିଅର ବାହାଘର ହେଇଗଲା। ସେଥିରେ ପୁଣି ପାଞ୍ଚ ହଜାର ଇଏ ପାଇଲା, ଏଇଟା କମ କଥା ନୁହେଁ। ମୁଁ ଆଶ୍ଚର୍ଯ୍ୟ ହେଇ ତାକୁ ଚାହିଁ ରହିଲି। ଆମର ଏ ପଟେ ଝିଅ ବାହାଦେଇ

Digitized by srujanika@gmail.com

କେହି ଟଙ୍କା ପାଏ ?

ସେ କାନ୍ଦି ପକେଇଲା । ମୁହଁରେ ଗାମୁଛା ଦେଇ ସେ ଭୋ ଭୋ କାନ୍ଦିଲା । ମୁଁ ନିଜକୁ ଅପରାଧି ମଣିଲି । ଦୀନ ଦୁଃଖି ନୀଳକଣ୍ଠ । ତା' ମୁହଁରେ ଚେନାଏ ହସର ଯେ ଦାମ କେତେ ସେ କଥା କିଏ କଳି ପାରିବ ? ଅଥଚ ମୋର ଗୋଟିଏ ପ୍ରଶ୍ନ ତା ମୁହଁରୁ ହସ ପୋଛି ଦେଲା ।

ମୁଁ ଝିଅକୁ ବିକି ଦେଇଛି ଆଜ୍ଞା । ବାହାଘର ନୁହେଁ । ସେ ପୁଣି ଥରେ କାନ୍ଦି ଉଠିଲା ।

ମୁଁ ଥମ୍ ହେଇଗଲି । ଏମିତି ପ୍ରଶ୍ନଟିଏ ପଚାରି ମୁଁ ନିଜକୁ ଅପଦସ୍ତ କରି ପକେଇଲି । ମୁଁ ତା ପାଖକୁ ଦୌଡ଼ିଗଲି । ତାକୁ ଧରି ଆଣି ମୋ ପଖରେ ଖଟରେ ବସେଇ ଦେଲି । ସୁବୋଧ ବି ତା'ପାଖରେ ଆସି ଠିଆ ହେଲା । ସେ ତଥାପି ଧକଉଥାଏ ।

ଆମେ କହିଲୁ, ନା ନା ତୁ ସେମିତି କାହିଁକି ଭାବୁଚୁ ? ସବୁ ବାହାଘରରେ ଏମିତି ହୁଏ । ତୁ ତାକୁ ଏମିତି କାହିଁକି କହୁଛୁ ?

ସୁବୋଧ କହିଲା ଝିଅଟିକୁ ସେ ହରିଆନାର ଗୋଟିଏ ପିଲାକୁ ବାହା ଦେଇଚି । ତା'ର ସଂପତ୍ତିବାଡି ପ୍ରଚୁର । ତିନି ତିନିଟା ଟ୍ରାକ୍ଟର । ଦଶଟା ମଇଁଷି ଓ ଗାଈ ।

ମୁଁ ସ୍ତମ୍ଭୀଭୂତ ହେଇଗଲି ।

ଏ ବିବାହ କେମିତି ଯୋଗାଡ ହେଲା ?

କାହିଁକି ? ସୁବୋଧ ପଚାରିଲା । ଆମ ଏ ଅଞ୍ଚଳରୁ ପାଞ୍ଚ ସାତ ଟୋକା, ଗୋଟିଏ ଯୋଡ଼ାଏ ଝିଅ, ବର୍ଷେ ହେଲା ସେ ଅଞ୍ଚଳରେ ଯାଇ କାମ କରୁଛନ୍ତି । ଘରକୁ ନିୟମିତ ଟଙ୍କା ବି ପଠଉଛନ୍ତି । ଟେଲିଫୋନ କରୁଛନ୍ତି । ଯା ଆସ ବି କରୁଛନ୍ତି ।

କିଛି ଅସୁବିଧା ନାହିଁ । ଏଇଟା ସେଇମାନଙ୍କ ଭିତରୁ ଜଣେ ମଧ୍ୟସ୍ଥ ଦ୍ୱାରା ହେଇଚି । ବାହାଘର ଏଇଠି ହେଲା । ତା'ପରେ ସେମାନେ ଗଲେ ।

ମୋର କିନ୍ତୁ ବୁଝିବାକୁ କିଛି ବାକି ନ ଥିଲା । ଝିଅ ଯେ ପ୍ରକୃତରେ ବିକ୍ରି ହେଇଚି ଏଥିରେ ସନ୍ଦେହ ନାହିଁ । କିନ୍ତୁ ତା ପରେ ଆଉ ବିକ୍ରି ହେବ ନାହିଁ, ସେ କଥା କିଏ କହିବ ? ଥରେ ନୁହେଁ, ଦୁଇ ତିନିଥର ବି ବିକ୍ରି ହେଇପାରେ ।

ମୁଁ ନୀଳକଣ୍ଠକୁ କିପରି ସାନ୍ତ୍ୱନା ଦେବି ବୁଝି ପାରୁ ନ ଥିଲି । ଯୋଉ ହରିଆନାର କୁରୁକ୍ଷେତ୍ରରେ ଗୋଟିଏ ନାରୀ ପାଇଁ ଏବଂ ମୁଠାଏ ମାଟି ପାଇଁ ହେଇଥିଲା ରକ୍ତାକ୍ତ ସଂଘର୍ଷ

Digitized by srujanika@gmail.com

ଏବଂ ଯୋଉ କଳଙ୍କିତ ଇତିହାସକୁ ଜୀବନ୍ତ କରି ଧରି ରଖିବା ପାଇଁ ଆଜି ହଜାର ହଜାର ବର୍ଷର ମଣିଷ ସଭ୍ୟତା ସଚେତନ ଭାବରେ କାମ କରି ଆସୁଚି, ସେଇ କୁରୁକ୍ଷେତ୍ରର ମାଟି ଆଜି ପୁଣି ଥରେ ସେଇ ନାରୀକୁ ନେଇ ଖୋଲି ଦେଇଛି ନୂତନ ବିପଣୀ।

ଏହା ହିଁ ଏବେ ନୂତନ ଭାରତବର୍ଷର ଇତିହାସ।

ବାବୁ, ସମସ୍ତେ କହୁଛନ୍ତି ମୁଁ ଝିଅକୁ ବିକି ଦେଉଛି। ସେ ପୁଣି ଥରେ କାନ୍ଦି କାନ୍ଦି କହିଲା। ମୁଁ ମାନୁଚି ବାବୁ। ସେମାନେ ଯାହା କହୁଛନ୍ତି ମୁଁ ତାକୁ ମିଛ ବୋଲି କହୁ ନାହିଁ। ସତ କଥା ହେଲା ମୋ ପାଖରେ ସେଇ ଝିଅଟି ଛଡ଼ା ଆଉ କିଛି ବିକିବାକୁ ନ ଥିଲା।

ମୋ ଭିତରଟା ଆସ୍ତେ ଆସ୍ତେ ଗୁଣ୍ଡି ହେଇ ଆସୁଥିଲା। ମୋ ହାତଗୋଡସବୁ ଯେମିତି ପଥର ପାଲଟି ଯାଉଥିଲା। କେବଳ ଛଳନାର ଆଶ୍ୱାସନା ଛଡ଼ା ମୋ ପାଖରେ ବା ଆଉ କଅଣ ଥିଲା ?

ସେ ପୁଣି କହିଲା, ବିକିବାକୁ ଆଉ ଗୋଟାଏ ଥିଲା। ମୋ ପୁଅ। ସେଇ ଗୋଟାଏ ପୁଅ। ତା'ମୁଣ୍ଡର ଦାମ ପାଞ୍ଚଟଙ୍କା ବି ନୁହେଁ। କେତେ ଲୋକକୁ ଯାଚିଲି। ମାଗଣାରେ ହେଲେ ନେଇ ଯାଅ, ମୁଠେ ଭାତ କୋଉଠୁ ଆଣିବି ତା'ପାଇଁ? ତା' କୋହ ଓ ଲୁହ ଏକାକାର ହେଇ ଯାଇଥିଲା। ସେ ଭୋକରେ କାନ୍ଦିଲେ ମୁଁ ତାକୁ ପିଟେ। ମୁଁ ତା'ର ବାପ କି ନା।"

ସେ ସେମିତି ଗାମୁଛା କାନିରେ ମୁହଁ ଘୋଡେଇ କଇଁ କଇଁ କାନ୍ଦୁଥିଲା ଆଉ ମୁଁ ତା' କାନ୍ଧରେ ହାତ ରଖି ପଥର ପରି ବସି ରହିଥିଲି।

Digitized by srujanika@gmail.com

ସତ୍ୟର ବିନ୍ଦୁ ଓ ମିଥ୍ୟାର ବୃତ୍ତ

ପିଲାଟି ଯେ କାହିଁକି ଏତେ ମିଛ କହୁଚି, ସେ କଥା ସେ ବୁଝି ପାରୁନଥିଲେ ସୁଜାତା। ଭାବିଲେ ଏଇଟା ପ୍ରଥମ କଥା ନୁହେଁ। ଏହା ପୂର୍ବରୁ ମଧ୍ୟ ସେ କେତେଥର ଦେଖିଲେଣି ଯେ, ଝିଅ ସୁମନା କୌଣସି ଆବଶ୍ୟକତା ଥାଉ କି ନ ଥାଉ, ସାଙ୍ଗସାଥିମାନଙ୍କୁ ଏପରିକି ବାପ ମାଆଙ୍କୁ ମଧ୍ୟ ମିଛ କଥାଟିଏ କହି ସେମାନଙ୍କ ମୁହଁ ବନ୍ଦ କରି ଦେଉଛି।

ସୁମନା ଷ୍ଟାଣ୍ଡାର୍ଡ଼ ଥ୍ରୀରେ ପଢୁଚି। ବେଶ ଚାଲାକ ଚତୁର ଏବଂ ସ୍କୁଲରେ ଭଲ ପଢୁଚି ମଧ୍ୟ। ସବୁବେଳେ 'ଏ' ପାଇଆସୁଚି ବୋଲି କ୍ଲାସରେ ତା'ର ଭଲ ନାଁ ଅଛି।

ସ୍କୁଲରେ, ଏଇ ତା'ରି କ୍ଲାସରେ ପିଲାମାନଙ୍କୁ ନୀତିଶିକ୍ଷା ଦିଆଯାଏ। ବଡ଼ବଡ଼ ମଣିଷଙ୍କ ନୀତିଶିକ୍ଷା ସବୁକୁ ଛପା ଅକ୍ଷରରେ ବନ୍ଧେଇ କାଚ ଫ୍ରେମରେ କାନ୍ଥରେ ଝୁଲେଇ ରଖାଯାଇଚି। କ୍ଲାସରୁମ ବାହାରେ, କାନ୍ଥରେ, ଲେଖାଯାଇଚି। କେତେକ ସ୍ଥାନରେ ବଡ଼ ମଣିଷଙ୍କ ଫଟୋ ମଧ୍ୟ ଅଛି। ଶିକ୍ଷକମାନେ ଏ ସବୁ ବିଷୟରେ ପିଲାଙ୍କୁ ପ୍ରାୟ ସବୁବେଳେ କହିଥାଆନ୍ତି।

ଏବେ ଥରେ ସ୍କୁଲରେ ପ୍ରିନ୍ସିପାଲ କହୁଥିଲେ, ଶିକ୍ଷା ବିଷୟରେ ଗୋଟାଏ ଜାତୀୟସ୍ତରର ଏନ୍‌ଜିଓ ତାଙ୍କୁ କହିଥିଲା ଯେ, ସେମାନେ ସବୁ ସ୍କୁଲକୁ ନେଇ ନୀତିଶିକ୍ଷା ଉପରେ ପ୍ରତିଯୋଗିତାର ଆୟୋଜନ କରୁଛନ୍ତି। ଏଥିରେ ନୀତିଶିକ୍ଷାକୁ ଖାଲି ମୁହଁର କଥା ନୁହେଁ, ଆଚରଣରେ ଜଣେ କେତେ ବ୍ୟବହାର କରୁଚି ତା' ଉପରେ ଜୋର ଦିଆଯିବ।

ସୁଜାତା ଭାବିଲେ କିନ୍ତୁ ଏଥିରେ ଜଣେ ଯେ ମିଛ କହୁଚି ଏ କଥା ଜଣାଯିବ କିପରି? ଜଣା ନ ଯିବା ପର୍ଯ୍ୟନ୍ତ ମିଛଟା ସତ୍ୟ। ନିର୍ଭେଜାଲ ସତ୍ୟ। ଯୁଗଯୁଗ ଧରି ଯାହା ଜଣା ପଡ଼ି ନଥାଏ, ତାହା ସତ୍ୟ ବୋଲି ଗୃହୀତ ହୋଇ ଆସିଚି।

Digitized by srujanika@gmail.com

ତା ସତ୍ୱେ ମିଛ କୁହାହୁଏ। ପିଲାମାନେ ଯେତିକି ମିଛ କହନ୍ତି, ତା'ଠୁ ବେଶୀ କହନ୍ତି ବଡ଼ମାନେ। ସୁଜାତା ହସି ପକାଇଲେ। ଆମେ ଆଜି ପିଲାମାନଙ୍କ ପାଇଁ ଯେତିକି ବ୍ୟସ୍ତ, ଆମ ପିଲାକାଳେ ଆମ ମାଆମାନେ ସେତିକି ବ୍ୟସ୍ତ ଥିଲେ। ସୁଜାତାଙ୍କୁ ତାଙ୍କ ମାଆ ଗୋଡ଼େଗୋଡ଼େ ଜଗୁଥିଲେ।

"ମିଥ୍ୟାକୁ ପାପ ବୋଲି ଜାଣି

କହିବ ସଦା ସତ୍ୟ ବାଣୀ।"

ସୁମନା ପଚାରିଲା ମାଆ କାହିଁକି ହସିଲ? କୁହନା ମାଆ, ପ୍ଲିଜ।

ଏଥର ସୁଜାତା ଚମକି ପଡ଼ିଲେ। ସେ ସୁମନାକୁ କଅଣ କହିବେ? ସେ ମିଛ କହିବେ ନା ସତ କହିବେ? ଯାହା କହିଲେ ସୁମନା ସନ୍ତୁଷ୍ଟ ହେବ, ତାକୁ ସେ କହି ପାରିବେ?

ସେ କଥା ବୁଲେଇଲେ। ମୁଁ ଶୁଣିଲି ତୁ କ୍ଲାସରେ ଅନେକ ମିଛ କହୁଚୁ? ସୁମନା ଶଙ୍କି ଗଲା। ମିଛ ନୁହେଁ ମାଆ। ସତ। ହୋମଟାସ୍କ କରି ନ ଥିଲି। ସୁଇଟିର ବାର୍ଥଡ଼େ ଥିଲା ନା? ତୁମେ ତ ମୋତେ ନେଇ ଯାଇଥିଲ। କେତେ ମଜା ହେଲା କୁହନା? ସେ କଥା ଯଦି କହିଥାଆନ୍ତି...

ସେ ସୁମନାକୁ କୋଳେଇ ନେଲେ। ତା ଗାଲରେ ପପିଟିଏ ଦେଇ କହିଲେ ହଉ ଯା' ଖେଳିବୁ। ସେ ଦଉଡ଼ି ପଳାଇଲା।

ସୁଜାତା ଆଗରେ ଭୂତଟିଏ ଆସି ଛିଡ଼ା ହେଲା।

କଅଣ ହେଲା? ତୁମେ ସୁମନାକୁ ସବୁ ସତ କହିଲ? ସତ କହିବା ଏତେ ସହଜ ହେଇଚି କି? ମିଛ ଯେତେ ସହଜରେ ତିଆରି ହେଇ ପାରେ, ସତ ପାରେନା।

ସୁଜାତା ଅତୀତ କଥା ମନେପକେଇଲେ। ସେ କେତେଥର କଲେଜରୁ ଫେରୁଥିବା ବେଳେ ଅଜୟ ସହିତ ପାର୍କରେ କି ରେଷ୍ଟୋରାଣ୍ଟରେ ବସି ସମୟ କଟେଇଚନ୍ତି। ଆଉ ସେତେବେଳେ ଯଦି ବୋଉ ମୋବାଇଲରେ କଣ୍ଟାକ୍ଟ କରେ, ସେ କହନ୍ତି "ଏବେ ରାସ୍ତାରେ ଅଛି। ପ୍ରାକଟିକେଲ କ୍ଲାସରେ ଡେରି ହେଲା।"

'ମଧୁର ମିଛ'। ଯାଠୁ ମଧୁର ମିଛ ଆଉ କିଛି ଥିବ କି ନା ସନ୍ଦେହ। ସୁଜାତା ସବୁ ମିଛକୁ ତଉଲି ବସିଲେ। ହେଇଗଲା ଦୁଇ ବର୍ଷ ତଳେ ଛାତ୍ର ଜୀବନରୁ ରାଜନୀତି କରି ନାଁ କରିଥିବା ସ୍ୱାମୀ ସୌଗତ ଯୋଉଦିନ ଲୋକସଭାକୁ ନିର୍ବାଚିତ ହେଇଗଲେ ସେଇଦିନ ରାତିରେ ହିଁ ସୁଜାତାକୁ କହିଲେ, ତୁମକୁ ମୁଁ ମୋର ପି.ଏ.ରେ ନିଯୁକ୍ତି ଦେଇଦେଲି। ତୁମେ ମାସକୁ ସବୁ ସୁବିଧା ସହ ପନ୍ଦର ହଜାର ଟଙ୍କା ପାଇବ।

Digitized by srujanika@gmail.com

- ମୁଁ ସେ କାମ ପାରିବିନି । ତୁମ ସାଙ୍ଗରେ ବୁଲିଲେ ସୁମନା କଥା କିଏ ବୁଝିବ ? ତମ ଜୀବନରେ ତମେ ତାକୁ ମଣିଷଟିଏ କରି ପାରିବ ନାହିଁ ମୁଁ ଜାଣେ । କହିଲେ ସୁଜାତା ।

- ଓହୋ, ତୁମେ କଅଣ ସତରେ ମୋ ସହିତ ବୁଲିବ ? କେବଳ କାଗଜ ପତ୍ରରେ ତୁମ ନାଁ ରହିବ । ତୁମେ କେବଳ ବିଲ୍ କରିବ, ଦରକାର ହେଲେ, ଏବଂ ଟଙ୍କା ନେବ ।

- ତେବେ ଚଳିବ । ଏଥିରେ ମୁଁ ଆପତ୍ତି କାହିଁକି କରିବି ?

ଠିକ୍ ଛଅମାସ ପରେ ଦିନେ ଗୋଟାଏ ମିଟିଂରୁ ଫେରି ସୌଗତ କହିଲେ, ତୁମେ ଥରେବୋଲି ସେ କମ୍ପ୍ୟୁଟରଟିକୁ ଦେଖୁନ । ସେ ଖୁବ୍ ବ୍ୟସ୍ତ ବିବ୍ରତ ଜଣାପଡୁଥିଲେ ।

- କାହିଁକି କଅଣ ହେଲା ?

ହେବ ଆଉ କଅଣ ? ଆଗରୁ କହିଥିଲି ମଙ୍ଗଳପୁର କଲେଜକୁ ତିନି ଲକ୍ଷ ଦେବି ବୋଲି । ଏବେ ଗୋଟାଏ ସାଧାରଣ ସଭାରେ କହିଲି, କେତେ ଦେଇ ହେବ ଦେଖିବା ।

- ଇସ୍ । ତମେ କହିବା ପୂର୍ବରୁ ଟିକେ ଚିନ୍ତା କଲନି ?

- ଆଃ, ଚିନ୍ତା ଆଉ କଅଣ କରିବି ? ରାଜନୀତିରେ ଏସବୁ ଅବଶ୍ୟମ୍ଭାବି ।

ସୁଜାତା ଗୁମ ମାରି ବସିଗଲେ । ସେ ଏବେ ସୁମନାକୁ କଅଣ ଶିଖେଇବେ ? ଆଡ୍‌ମିଶନ ଦିନ ହିଁ ସ୍କୁଲ ପିନ୍ସିପାଲ ତାକୁ ଅତି ସ୍ପଷ୍ଟ ଭାବରେ କହିଥିଲେ, "ମେଡ଼ମ୍ । ଆପଣ ଭାବନ୍ତୁ ନାହିଁ ପିଲାର ଆଡ୍‌ମିଶନ ଜେଭିଆର ପରି ନାମକାଦା ସ୍କୁଲରେ ହେଇଗଲେ ଗାର୍ଡ଼ିଆନମାନଙ୍କର ଦାୟିତ୍ୱ ଶେଷ ହେଇଗଲା । ଦାୟିତ୍ୱ ଆପଣମାନଙ୍କର ।

ସେଦିନ ସୁଜାତା ସହରର ସବୁଠୁ ବଡ଼ ବହି ଦୋକାନ ସାମନାରେ ଗାଡ଼ି ଅଟକେଇବାକୁ ଡ୍ରାଇଭରକୁ କହିଲେ । ଭିତରକୁ ଉଠି ଯାଇ ସେ ସେଲସ ମେନେଜରଙ୍କୁ କହିଲେ ମୁଁ ଟିକିଏ ବ୍ୟସ୍ତ ଅଛି । ମୋତେ ଟିକିଏ ସାହାଯ୍ୟ କରିବେ ? ଛୋଟ ପିଲାଙ୍କୁ ଘରେ କେମିତି ଶିକ୍ଷାଦେବାକୁ ପଡ଼େ, ମାନେ ବାପମାଆଙ୍କର ଦାୟିତ୍ୱ, ଏ ବିଷୟରେ ଭଲ ବହି କିଛି ଅଛି ?

ସେ ଉଠିଗଲେ ଏବଂ ସଙ୍ଗେସଙ୍ଗେ ଆଠ ଦଶଖଣ୍ଡ ମୋଟା ମୋଟା ବହି ଆଣି ଥୋଇଦେଲେ । ସୁଜାତା ସଙ୍ଗେ ସଙ୍ଗେ ସେଥିରୁ ପାଞ୍ଚ ଖଣ୍ଡ ବାଛି କହିଲେ, ବିଲ କରିବାକୁ । ଡ୍ରାଇଭର ବହି ନେଇ ଗାଡ଼ିରେ ରଖିଲା । ସୁଜାତା ବହିଗୁଡ଼ିକ ଆଣି ନିଜ ଷ୍ଟଡ଼ିରୁମରେ ହିଁ ରଖିଲେ । ଷ୍ଟଡ଼ିରୁମ୍‌ଟି ସୁଜାତାଙ୍କର ଅତି ପ୍ରିୟ । ସେ ଆଗରୁ ଯେତେବେଳେ ଅଧ୍ୟାପନାରେ ଥିଲେ ସେତେବେଳୁ ହିଁ ତାକୁ ସେ ସ୍ୱତନ୍ତ୍ର ଭାବରେ ସଜାଉଛନ୍ତି । କୋଠରିଟି ଅପେକ୍ଷାକୃତ ବଡ଼ । କାନ୍ଥ ସହିତ ଆଲମୀରା ଓ ବହିଭର୍ତ୍ତି ସେଥିରେ । ସୁଜାତା ପିଲାକାଳେ ଲେଖାଲେଖି କରୁଥିଲେ । କଲେଜରେ କବିତା ହିଁ ତାଙ୍କୁ ଅଜୟର ନିକଟବର୍ତ୍ତୀ କରେଇଥିଲା ।

Digitized by srujanika@gmail.com

ଆଉ ଅଜୟ ? ଝାପସା ଆଲୁଅରେ ଗୋଟାଏ ସୁନ୍ଦର ମୁହଁ ଆସି ତାଙ୍କ ଆଖି ଆଗରେ ଠିଆ ହେଲା । ସୁନ୍ଦର କବିତା ସେ ଲେଖୁଥିଲା । ପ୍ରାୟ ପତ୍ରପତ୍ରିକାମାନଙ୍କରେ ତା'ର କବିତା ବାହାରୁଥିଲା ବୋଲି କଲେଜ ଓ ବାହାରେ ମଧ୍ୟ ତା'ର ନାଁ ଥିଲା । ଲେକଚରରମାନେ ମଧ୍ୟ ତା ସହିତ ବେଶ ମିଶୁଥିଲେ ।

ଯୋଉଦିନ କଲେଜ କେମ୍ପସରେ ଥିବା ଏକମାତ୍ର ଝଙ୍କାଳିଆ ମହୁଲ ଗଛ ତଳେ ସୁଜାତାର ସାଙ୍ଗମାନେ କହିଲେ ଅଜୟର 'ଚନ୍ଦନ ବନ' କବିତାର ହିରୋଇନ କିଏ ସେ କଥା ସମସ୍ତେ ଜାଣନ୍ତି, ସେଇଦିନ ହିଁ ସୁଜାତା ଅଜୟକୁ ଗୋଟାଏ ମେସେଜ ଦେଇଥିଲେ ଯେ "ତୁମେ ଆଉ ମୋ ସହିତ କଲେଜରେ କଥାବାର୍ତ୍ତା କରିବ ନାହିଁ ।" କହିଦେଲେ ସିନା, କିନ୍ତୁ ତା'ପରେ ଦୁଇ ଦିନ କାଳ ସେ କଲେଜ ଆସି ନଥିଲା ।

କିନ୍ତୁ 'ଚୋର ଘର ଯେଉଁଠି, ରାତି ପାହେ ସେଇଠି' ପରି ଦୁଇଦିନ ପରେ ସୁଜାତା ଯେତେବେଳେ କଲେଜ ଗଲେ ପ୍ରଗଲଭା ନନ୍ଦିତା ହିଁ ତାଙ୍କୁ ପ୍ରଥମେ କହିଥିଲା, "ଏକା ସାଙ୍ଗରେ ଦୁଇଜଣ କ୍ଲାସରୁ ଏବସେଣ୍ଟ ରହିଲେ କେମିତି କେଜାଣି ! ଦୁଇଜଣଙ୍କୁ ହିଁ ଦୁଇଦିନିଆ ଜ୍ୱର ହେଇଥିଲା ?"

ନନ୍ଦିତା ହୁଏତ ମୋଟେ ବୁଝେ ନାହିଁ ଯେ ପ୍ରେମ ଏକ ସ୍ୱତନ୍ତ୍ର ଯୋଗ୍ୟତାର ଅମୃତ ଫଳଟିଏ । ସେ ଫଳର ଅଧିକାରୀ ସମସ୍ତେ ହେଇପାରନ୍ତି ନାହିଁ । ନନ୍ଦିତା ଠାରେ ତା'ର ଘୋର ଅଭାବ ଥାଏ ବୋଲି ସେ ସବୁବେଳେ ଈର୍ଷାରେ ଜଳିପୋଡ଼ି ହେଉଥାଏ ।

ଗୋଟାଏ ବହିକୁ ସୁଜାତା ହାତରେ ଧରି ଭାବିଲେ, 'ପ୍ରେମ' ଓ 'ମିଛ' ସେମାନଙ୍କ ଭିତରେ ଦୂରତ୍ୱର ବ୍ୟବଧାନ କେତେ ? କିଛି ଅଛି ନା ମୋଟେ ନାହିଁ ? ଥିଲା କି ରାଧାକୃଷ୍ଣଙ୍କ ପାଖରେ ? ଦୁହେଁ ଦୁଇଟା ପରିବାରରୁ ବାହାରି ଆସି ନିଛାଟିଆ ନଈ କୂଳରେ ଏବଂ କଦମ୍ବ ଗଛମୂଳରେ ଯୋଉ ନୂଆ ପୃଥିବୀଟିଏ ସର୍ଜନା କରିଥିଲେ ତା' ନାଁ ସମସ୍ତେ ଜାଣନ୍ତି । ଅଥଚ କୋଉଠି ଲେଖା ନାହିଁ ସେଇଟା 'ମିଛର ପୃଥିବୀ' । ସେଥିରେ ନା ସତ୍ୟ ଥିଲା ନା ମିଥ୍ୟା ଥିଲା । ହୁଏତ ଦୁଇଟା ଯାକ ଥିଲା ବା ମୋଟେ କିଛି ନଥିଲା । ଥିଲା କେବଳ ଗୋଟାଏ ସମ୍ମୋହନ ପଣ । ଦୁଇ ଜଣଙ୍କର ସମ୍ପୂର୍ଣ୍ଣ ଅଜ୍ଞାତସାରରେ ଯୋଡ଼ି ହେଇଯାଏ ।

ଏ ମିଛର ପୃଥିବୀକୁ ଅସ୍ୱୀକାର କରିହେବ ନାହିଁ କି ସ୍ୱୀକାର ମଧ୍ୟ କରିହେବ ନାହିଁ ।

ଏ ବହି ସବୁ କଅଣ ହେବ ମମି ? ତୁମେ ପଢ଼ିବ ନା ମୁଁ ପଢ଼ିବି ?

ସୁଜାତା ଚମକି ପଡ଼ିଲେ । ସୁମନା ତାଙ୍କୁ ଗୋଟାଏ ଚାବୁକରେ ପିଟି ଦେଲା କି ?

Digitized by srujanika@gmail.com

ସେ ଚାବୁକର ମାଡ଼ରେ ତାଙ୍କ ଭିତରଟା ଯନ୍ତ୍ରଣାରେ ଚିତ୍କାର କରି ଉଠିଲା ।

ସତରେ ସେ ବହି କିଏ ପଢ଼ିବ ? ସେ ନିଜେ ପଢ଼ିବେ ନା ସୁମନା ପଢ଼ିବ ? ନିଜେ ପଢ଼ି ସୁମନା ଉପରେ ପ୍ରୟୋଗ କରିବେ ? ସୁମନା ସେଇ ବହିର ଛାଞ୍ଚରେ ତିଆରି ହେବ । ମହାପୁରୁଷମାନେ ଯାହା କହି ଯାଇଚନ୍ତି ସେଇଥିରେ ହିଁ ଛାଞ୍ଚ ତିଆରି ହେଇଚି । ସୁଜାତା ତାକୁ ଘରେ ପ୍ରାକଟିସ୍ କରିବ । ସ୍କୁଲରେ ତା'ର ପ୍ରୟୋଗଶାଳା ତିଆରି ହେବ ଏବଂ ଏନ୍‌ଜିଓମାନେ ତା'ର ପରୀକ୍ଷା କରିବେ । ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିବା ସହିତ ପ୍ରଶଂସା ପତ୍ର ମଧ୍ୟ ଦେବେ । କାଠ ବନ୍ଧେଇ ଫ୍ରେମରେ ହୁଏତ ସେଇଟା ହେବ ୱାଟର ପ୍ରୁଫ୍ ଓ ମଏଷ୍ଚର ପ୍ରୁଫ୍ ମଧ୍ୟ । ରହିବ କାଳ କାଳକୁ । ପରବର୍ତ୍ତୀ ବଂଶଧର ମଧ୍ୟ ଗର୍ବର ସହିତ କହିବ ଆମ ଜେଜେ, ଜେଜେଙ୍କ ଜେଜେ... ହେଇ ଦେଖ ତା'ର ପ୍ରମାଣ ।

ସୁଜାତା ସୁମନାକୁ କୋଳକୁ ଆଉଜେଇ ନେଲେ ଏବଂ କହିଲେ, ଏ ବହି ମୁଁ ପଢ଼ିବି । ତୁ ପଢ଼ିବୁ ଓ ତୋ ଡ଼ାଡ଼ି ମଧ୍ୟ ପଢ଼ିବେ ।

- ମୁଁ କଅଣ ଏତେ ମୋଟା ମୋଟା ବହି ପଢ଼ି ପାରିବି ?

- ତୁ ତାକୁ ଏବେ ସିନା ପଢ଼ି ପାରିବୁନି । ପରେ ବଡ଼ହେଲେ ପଢ଼ିବୁ । କିନ୍ତୁ ଏବେ ମୁଁ ପଢ଼ି ତୋତେ ବୁଝେଇ ଦେବି ।

- ଏଥିରେ କଅଣ ଅଛି କୁହନା ମମି । ସେଦିନ ଯୋଉ ବାଘ କଥା କହୁଥିଲ, ବାଘ ଛେଳି କଥା ? ଛେଳି ତଳେ ପାଣି ପିଉଥିଲା, ଆଉ ବାଘ ଥିଲା ଉପରେ, ନୁହେଁ ? ବାଘ କହିଲା ତୁ ମୋ ପାଣି ଗୋଳିଆ କରୁଚୁ । ମୁଁ ତୋତେ ଖାଇବି । ସେଇ ଗପ ଏଥିରେ ଅଛି ?

ସୁଜାତାଙ୍କୁ ଲାଗିଲା ଯେମିତି ତାଙ୍କୁ ତେନ୍ତୁଳିଆ ବିଛାଟିଏ କାମୁଡ଼ିବାକୁ ଆସୁଚି । ହେଇ ସେ ଚଟାଣ ଉପରୁ, ଖୁବ ଶୀଘ୍ର ଚେଆର ଉପରକୁ ଉଠୁଚି । ସୁଜାତାର ଦେହର ଗନ୍ଧ ତା ନାକରେ ବାଜିବଣି । ସେ ଏବେ ତା ଜଙ୍ଘ ଉପରକୁ ଉଠୁଚି । ସେ ଭୟରେ ଚିତ୍କାର କରିବ କି ଆଉ ? ବାଘ ଓ ଛେଳି ଭିତରେ କିଏ ବେଶୀ ଭୟଙ୍କର ତାକୁ ଦେଖା ଯାଉଛି ? ବାଘ, ଛେଳି, ବିଛା ସମସ୍ତେ ତାକୁ ଯେମିତି ଘେରି ଠିଆ ହେଇଚନ୍ତି । ଆଉ ସେମାନଙ୍କ ମଝିରେ ଠିଆ ହେଇଚି ସୁମନା । ସୁମନା ଖିଲ ଖିଲ ହସୁଚି । "ମମି କୁହ । ମୋତେ ଟିକିଏ ବୁଝେଇ ଦିଅ ।"

❑❑

Digitized by srujanika@gmail.com

ଉତ୍ତରାଧିକାର

ସୃଜନବାବୁଙ୍କର ଯୋଉଦିନ ପ୍ରୀତିପୁର ଜିଲ୍ଲାକୁ ବଦଳି ଆଦେଶ ବାହାରିଲା ସେ ଦିନ ତାଙ୍କ ମନଟା ମୋଟେ ଭଲ ନଥିଲା। ସେ ତାକୁ ଗୋଟେ ଭଲ ପୋଷ୍ଟିଂ ହିସାବରେ ଗ୍ରହଣ କରି ପାରିଲେ ନାହିଁ। ତାର କାରଣ ହେଲା ପ୍ରୀତିପୁର ଗୋଟାଏ ନୂଆ ଜିଲ୍ଲା। ଏବେ ଏବେ ଗୋଟାଏ ବଡ଼ ଜିଲ୍ଲାକୁ ଦୁଇଭାଗ କରି ତାର ବଣ ଜଙ୍ଗଲ ଓ ଅନାଲୋକିତ ଅଂଶକୁ ନେଇ ପ୍ରୀତିପୁର ଜିଲ୍ଲା ଗଠିତ। ଗମନାଗମନ ରାସ୍ତା ମୋଟେ ନାହିଁ। ଜିଲ୍ଲାର ଚାରିଭାଗରୁ ତିନିଭାଗରେ ବିଜୁଳି ଆଲୁଅ ଜଳେନି। ପନ୍ଦର ବର୍ଷହେଲା ଖାଲି ଖୁଣ୍ଟ ଠିଆ ହେଇଛି ଯଦିଓ ସରକାରୀ ନଥିପତ୍ରରେ ଅଛି ସେ ଗ୍ରାମମାନଙ୍କୁ ବିଦ୍ୟୁତ୍ ସଂଯୋଗ ହେଇଛି।

ତାଙ୍କ ପି.ଏ. ତାଙ୍କୁ କହିଲା ପ୍ରୀତିପୁର ଜିଲ୍ଲା ହେଡକ୍ୱାଟର ହେଲେ ମଧ୍ୟ ସେଠି ଏବେ ପିଇବା ପାଣିର ବ୍ୟବସ୍ଥା ନାହିଁ। ଦିନକୁ ଥରେ ମାତ୍ର ପାଣି ନଳରେ ଆସେ।

ମୁଁ ସେ କଥା ଶୁଣିଚି। କହିଲେ ସୃଜନ ବାବୁ। ପିଇବା ପାଣି ତ ରାଜଧାନୀରେ ମଧ୍ୟ ମିଳୁନି। ପ୍ରୀତିପୁର କଥା କାହିଁକି ପଡ଼ିଚି ? ଅସଲ କଥା ହେଲା ସେଠାକୁ ଯିବାକୁ ଭଲ ରାସ୍ତାଟିଏ ନାହିଁ।

ତାଙ୍କ ସ୍ତ୍ରୀ ସ୍ୱପ୍ନା ଯେତେବେଳେ ଏ କଥା ଶୁଣିଲେ ମୁହଁ ଫେରେଇ ନେଇ କହିଲେ - ଏଥିରୁ ଜଣାଯାଉଚି ତୁମକୁ ତୁମର ଚିଫ୍ ସେକ୍ରେଟେରୀ କେତେ ଭଲ ପାଆନ୍ତି। ଗୋଟାଏ ଭଲ ପୋଷ୍ଟିଂ ପାଇଁ ତୁମେ ତାଙ୍କ ଭିତରେ ଏ ଯାଏ ଭଲ ଇମ୍ପ୍ରେସନ୍‌ଟିଏ ତିଆରି କରିପାରିନ।

ଆଃ, ତୁମେ ଯେ କଅଣ କୁହ - କଲେକ୍ଟରମାନଙ୍କ ପୋଷ୍ଟିଂ କଅଣ ଚିଫ୍ ସେକ୍ରେଟେରୀ କରନ୍ତି ? ସେ ସବୁ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ସ୍ତରର କଥା। ମୋ ପରରେ ଏତେ ଉପରକୁ ଉଡ଼ିବାର କ୍ଷମତା ଏଯାଏ ହେଇନି। ସେମାନେ ତ ମୋ ନାଁ ବି ଜାଣିନଥିବେ ଏଯାଏ।

ସ୍ୱପ୍ନାଙ୍କ ମନରୁ ତଥାପି ଭଲ ପୋଷ୍ଟିଂର ସ୍ୱପ୍ନ ଯାଇ ନଥିଲା ବୋଧେ। ସର୍ବ ଭାରତୀୟ ସେବାର ଅଫିସରଙ୍କୁ ବାହା ହେବାର ସ୍ୱପ୍ନ ଯେ ସବୁବେଳେ ରଂଗୀନ ଆଲୁଅରେ ଉଦ୍‌ଭାସିତ ହେଇ ରହୁଥିବ ଏ ପ୍ରକାର ଏକ ଅଲିଖିତ ଚୁକ୍ତି ନାରୀମାନଙ୍କ ମନରେ ଲେଖା ରହିବା

Digitized by srujanika@gmail.com

ସ୍ୱାଭାବିକ। ତା ନ ହେଲେ ସେ ତ ଅଧ୍ୟାପକଟିଏକୁ ବାହାହେଇ ଘରେ କାଠଚୁଲିରେ ଭାତ ରାନ୍ଧୁ ଥାଆନ୍ତେ। ଏଠିକୁ କାହିଁକି ଆସନ୍ତେ ? ସ୍ୱପ୍ନା ଏବେ ବି ମନେ ପକାନ୍ତି ଯୋଉ ଦିନ ସୁଜନଙ୍କ ସହିତ ତାଙ୍କର ବିବାହ ସ୍ଥିର ହେଇଗଲା, ତିନିମହଲା ଘରର ଛାତ ଉପରେ ଥିବା ଗୋଟାଏ ସୌଖୀନ ସଜ୍ଜିତ କୋଠରୀ ଭିତରେ ତାଙ୍କର ପ୍ରିୟ ବାନ୍ଧବୀକୁ ସେ କହିଥିଲେ, ତୁ ଦେଖିବୁ ମୁଁ କେବେ ମୋ ପିଲାକୁ ଛାତିରୁ ଲୁଗା ଖୋଲି କ୍ଷୀର ପିଆଇବାର ଦୃଶ୍ୟ ସୃଷ୍ଟି କରିବି ନାହିଁ। ମୁଁ ସେଇଟାକୁ ସାଂଘାତିକ ଭାବେ ଘୃଣା କରେ।

ଶେଷରେ ସ୍ୱପ୍ନା କହିଲେ ଠିକ ଅଛି, ତୁମେ ଆଗ ଯାଅ। ଦେଖ ସେଠିକା ଅବସ୍ଥା। ସବୁ ଠିକ୍ ଠାକ୍ ଥିଲେ ମୁଁ ଯିବି। ସୁଜନ ବାବୁଙ୍କର ଏଥିରେ ଆଉ କିଛି କହିବାର ନଥିଲା। ଏଇଟା ଯେ ନାରୀମାନଙ୍କର ଅଧିକାର ସେ କଥା ସେ ଜାଣିଥିଲେ।

ସେଦିନ ସୁଜନବାବୁ ଯେତେବେଳେ ଯାଇ ପ୍ରୀତିପୁରରେ ପହଞ୍ଚିଲେ ସେତେବେଳକୁ ସନ୍ଧ୍ୟା ଆସନ୍ନ। ଡାକବଙ୍ଗଳାରେ ଯାଇ ପୁରୁଣା ମାର୍କ ଟୁ ଆମ୍ୱାସଡର ଗାଡ଼ିଟା ଯେତେବେଳେ ପହଞ୍ଚିଲା ସେତେବେଳେ ତାଙ୍କ ଘଡ଼ିରେ ପାଞ୍ଚଟା ବାଜି ଦଶମିନିଟ୍। ଏଇ ସମୟରେ ସାଧାରଣତଃ ଯେତିକି ଆଲୁଅ ଥିବାର କଥା ସୁଜନ ବାବୁଙ୍କୁ ଲାଗିଲା ତା'ଠୁ ଯଥେଷ୍ଟ କମ୍ ଆଲୁଅ ଥିଲା। ତାର କାରଣ ହେଲା ସମଗ୍ର ପ୍ରୀତିପୁର ଜିଲ୍ଲାଟା ଘଞ୍ଚ ଅରଣ୍ୟରେ ଭର୍ତ୍ତି। ଛୋଟ ଛୋଟ ପାହାଡ଼ ମଧ୍ୟ। ରାସ୍ତାଟା ରାଜଧାନୀରୁ ଆସିଚି ଏବଂ ତାର ନାମ ଜାତୀୟ ରାଜପଥ ବାଇଶ 'ଏ'। କିନ୍ତୁ ସେ ରାଜପଥର ମରାମତି ବୋଧେ ପାଞ୍ଚ ଦଶବର୍ଷ ହେଲା ହେଇନାହିଁ। ସୁଜନବାବୁଙ୍କୁ ଏଇଥିପାଇଁ ୨୫୦ କିଲୋମିଟର ରାସ୍ତାକୁ ଅତିକ୍ରମ କରିବାକୁ ଲାଗିଲା ଦୀର୍ଘ ଆଠଘଣ୍ଟା। ସକାଳେ ଜଳଖିଆ ଖାଇ ସେ ରାଜଧାନୀରୁ ବାହାରିଥିଲେ ଏବଂ ରାସ୍ତାରେ ଗୋଟେ ଫରେଷ୍ଟ ଗେଷ୍ଟ ହାଉସରେ ଘଣ୍ଟାଟିଏ ଲଞ୍ଚ ପାଇଁ ଅଟକିଲା ପରେ ପ୍ରୀତିପୁର। ଏତେ ଦୀର୍ଘ ରାସ୍ତା ସେ କେବେ ଗୋଟାଏ ଅର୍ଡ଼ିନାରୀ ଗାଡ଼ିରେ ଯାତ୍ରା କରି ନଥିଲେ। ସେଥିରେ ପୁଣି ଏସି ନାହିଁ।

ମନେ ମନେ ସୁଜନବାବୁ ଭାବିଲେ ପନିସ୍‌ମେଣ୍ଟଟା ଏଇଠୁ ଆରମ୍ଭ ହେଇଗଲାଣି କି ଆଉ ?

କିନ୍ତୁ କାହିଁକି ? ମାତ୍ର ତିନି ଚାରିବର୍ଷର ଚାକିରି ଭିତରେ ଯେତେ 'ଗଡ୍' ଥିଲେ ସେ ସମସ୍ତଙ୍କୁ ସନ୍ତୋଷଜନକ ଭାବେ ପୂଜା ଆରାଧନା କରି ପାରିଛନ୍ତି ବୋଲି ସେ ଅବଶ୍ୟ କହିପାରିବେ ନାହିଁ, ତେବେ ସେ ତ ନିଜେ ସନ୍ତୁଷ୍ଟ। ହେଇପାରେ ଏଇଟା ଗୋଟାଏ ପରୀକ୍ଷା।

ଡାକବଙ୍ଗଳାରେ ଲୋକଙ୍କ ଭିଡ଼। ମୋବାଇଲ୍ ଠିକଭାବେ କାମ କରୁନଥିଲେ ମଧ୍ୟ ଲୋକମାନେ ଯଥେଷ୍ଟ ଆଗରୁ ଆସି ଅପେକ୍ଷା କରିଛନ୍ତି। ସୁଜନବାବୁ ଭାବିଲେ ରିସେପ୍‌ସନଟା ଠିକ୍ ଅଛି। ହୁଏତ ଯାହା ଆଶା କରିଥିଲେ ତା ଅପେକ୍ଷା ବେଶୀ। Morning shows the day ନ କହି ବରଂ Evening shows the day ବୋଲି କହିହେବ।

Digitized by srujanika@gmail.com

ସେଥିରେ ମଧ୍ୟ କଥାରେ ଅଡୁଆ ପଶିଯାଉଚି । ସନ୍ଧ୍ୟା ପରେ ଆଉ day କାହିଁ ? ବରଂ ରାତି । ଘନ ଅନ୍ଧାରର ରାତି ।

ଗୋଟାଏ ଉଚ୍ଚମାନର ରିସେପ୍‌ସନ ପରେ ସୁଜନ ବାବୁ ଏଇ କଥାଟା ଭାବିଲା ପରେ ଟିକିଏ ଝାଉଁଳି ପଡ଼ିଲେ । ରାତିଟା ବି ତ ଜହ୍ନରାତି ହେଇପାରେ । ଜହ୍ନରାତିର ଆକର୍ଷଣ ଠାରୁ ବଳି ଆକର୍ଷଣ ଆଉ କିଛି ଅଛି ? ମଣିଷ କେତେ ଇଛା ନ କରେ ଜହ୍ନରାତି ଟିକେ ପାଇବା ପାଇଁ ? ସାରା ଜୀବନ ଜହ୍ନରାତିରେ କଟନ୍ତା କି । କୃଷ୍ଣପକ୍ଷ ମୋଟେ ନ ଆସନ୍ତା କି ।

ସବ୍ କଲେକ୍ଟର ସମସ୍ତଙ୍କୁ ସୁଜନ ବାବୁଙ୍କ ସହିତ ପରିଚୟ କରେଇ ଦେଲେ । ତହସିଲଦାର, ବି.ଡି.ଓ. ଆଗଧାଡ଼ିରେ ଥିଲାବେଳେ ପଛ ଧାଡ଼ିରେ ଥିଲେ ଆର୍.ଆଇ.ଓ ଓ ଅନ୍ୟ କର୍ମଚାରୀମାନେ । ସେ ଧାଡ଼ି ମଧ୍ୟ କମ୍ ଲମ୍ବା ନଥିଲା ।

ଗୋଟାଏ ପାଖକୁ ଥିଲେ ଦଳେ ସାମ୍ବାଦିକ । ତାଙ୍କ ସହିତ କେମେରାମେନ । ଦୁଇ ଚାରିଟା ଫଟୋ ନିଆସରିଲାଣି ଫୁଲ ତୋଡ଼ା ସହିତ । ସୁଜନବାବୁ ଦେଖିଲେ ଯୋଉ ସାଇଜର ଓ ଯୋଉ ମାନର ଫୁଲ ତୋଡ଼ା ସହରରେ ଭି.ଆଇ.ପି. ମାନେ ପାଆନ୍ତି ସେ ସବୁ ଏବେ ତାଙ୍କ ହାତରେ । ଗୋଟିଏ ଗୋଟିଏ ନେଇ ସେ ପଛପଟେ ଥିବା ଲୋକ ସମ୍ପର୍କ ଅଫିସରଙ୍କ ହାତକୁ ବଢ଼ାଇ ଦିଅନ୍ତି ।

ମହାର୍ଘ ରିସେପସନ ପରେ ସେ ଯେତେବେଳେ ପଛକୁ ବୁଲିପଡ଼ି ପବ୍ଲିକ୍ ରିଲେସନ ଅଫିସରଙ୍କୁ ଦେଖିଲେ ସେ ଦେଖିଲେ ପବ୍ଲିକ ରିଲେସନ ଅଫିସର ଫୁଲର ମଣିଷଟିଏ ହେଇଛିଡ଼ା ହୋଇଛନ୍ତି । ଖାଲି ମୁହଁଟିମାନ ଯାହା ଦେଖାଯାଉଛି ।

ସେ ହସି ପକେଇଲେ । ଅନ୍ୟମାନେ ବି । ଗୋଟାଏ ବିରଳ ଦୃଶ୍ୟରେ ସେ ବିମୋହିତ ହେଇପଡ଼ିଲେ ।

ଚା ପର୍ବ ଶେଷ ହେଲା । ସବ କଲେକ୍ଟର କହିଲେ ଆପାତତଃ ଏଇଟାହିଁ ଆପଣଙ୍କର ବାସଭବନ । ଛଅଟା ବେଡ଼୍‌ରୁମ୍ ଅଛି । ପ୍ରତ୍ୟେକଟି ଏସି ସହିତ କିନ୍ତୁ ଯେ କୌଣସି ଗୋଟିଏ ଏସି ଚାଲେ ।

ମାନେ ?

ଭୋଲଟେଜ୍ କମ୍ ।

ତା ମାନେ ଏଠି ଯୋଉଟା ଅଫିସ୍ ହେବ ସେଠି ବି ଏ.ସି. ନାହିଁ ?

ଇଂରେଜ ଅମଳରୁ ଏଠି ଗୋଟାଏ ହାତ ଟଣା ପଙ୍ଖା ଥିଲା । ତାକୁ ଆମେ ଏବେ ବାହାର କରି ଦୁଇଟା ସିଲିଂ ଫେନ ଲଗେଇଛୁ । ତେବେ ଗୋଟାଏ ପ୍ରପୋଜାଲ ସରକାରଙ୍କୁ ଦିଆଯାଇଛି । ଏଠି ବେଶି ପାୱାର ଟ୍ରାନ୍ସଫରମର ଲଗେଇବାକୁ । ଆପଣ ତ ଆସିଗଲେଣି । ନିଜେ ଥରେ ଚିଫ ଇଂଜିନିୟରଙ୍କ ସହ କଥା ହେଲେ ଭଲ ହେବ ।

Digitized by srujanika@gmail.com

ସେ ଯଦି କହିବେ ଫାଇନାନ୍ସ ଡିପାର୍ଟମେଣ୍ଟ ସହିତ କଥା ହୁଅନ୍ତୁ ? କଥାଟା ମନ୍ତ୍ରୀଙ୍କ ପର୍ଯ୍ୟନ୍ତ ଯିବ କି ? ଅର୍ଥମନ୍ତ୍ରୀଙ୍କୁ ତ ଆପଣମାନେ ଜାଣନ୍ତି । ତାଙ୍କ ପାଖରେ ଗୋଟିଏ ମାତ୍ର stock reply ଥାଏ । ଆଚ୍ଛା ଦେଖିବା ।

ସମସ୍ତେ ମୁହଁ ତଳକୁ କଲେ ।

ହଉ ଏଇଟା ଯଦି ହେଲା ମୋ ରେସିଡେନ୍ସ । ମୋ ଅଫିସ୍ କୋଉଠି ହଉଚି ?

ଗଲା ବର୍ଷ ରାଜସ୍ୱମନ୍ତ୍ରୀ ଆସି ଗୋଟାଏ ପୁରୁଣା ମ୍ୟୁନିସିପାଲ ସ୍କୁଲକୁ ଅଫିସ ହିସାବରେ ଉଦ୍‌ଘାଟନ କରିଯାଇଛନ୍ତି ।

ସ୍କୁଲକୁ ? ତେବେ ପାଠପଢ଼ା କୋଉଠି ହଉଚି ?

ପିଲା ନ ଥିଲେ । ଏ ଅଞ୍ଚଳଟା ତ କନ୍ଧ କୋହ୍ଲଙ୍କ ଏରିଆ । ପିଲା କାହିଁ ? ସାର, ଦେଖୁ ନାହାନ୍ତି, କଅଣ ସେମାନଙ୍କୁ ଦିଆଯାଉନି ? ପେଣ୍ଟ, ସାର୍ଟ, ମିଡ୍ ଡେ ମିଲ, ଏବେ ପୁଣି ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଅଣ୍ଡା, ମାଗଣା ବହିପତ୍ର, ଝିଅପିଲାଙ୍କୁ ସାଇକେଲ, Everything is free ତା ସତ୍ତ୍ୱେ ସ୍କୁଲକୁ ଆସିଲେ ତ ? ରଜାଙ୍କ ଅମଳରେ ଯୋଉ ସ୍କୁଲ ତିଆରି ହୋଇଥିଲା ସେଥିରେ ପଢୁଥିଲେ ମାତ୍ର କୋଡ଼ିଏ ଜଣ ପିଲା । ଏବେ ସେଇ ପଚିଶ ତିରିଶ ହେବେ ।

କଥା ଯୋଡ଼ିଲେ ଆର.ଆଇ. । ଯୋଉ ପିଲା ସ୍କୁଲକୁ ଆସୁଥିଲେ ସେମାନେ ବି ପାଖ ବିଲରେ ଛେଳି ଚରାଉଥିଲେ । ଦୁଇଟା କାମ ଏକାଥରେ ।

ସବ କଲେକ୍ଟର କହିଲେ ଏବେ ଆଉ ସେ ସବୁ ଅବସ୍ଥା ନାହିଁ । ଗୋଟିଏ ପ୍ରାଇମେରୀ ସ୍କୁଲରେ ଦିନରେ ହାଇସ୍କୁଲ ଆରମ୍ଭ ହେଇଚି । ନୂଆ ଟିଚର୍ ମଞ୍ଜୁର ହେଇନାହିଁ । ସେଇ ପ୍ରାଇମେରୀ ସ୍କୁଲଟିଚର୍‌ମାନେ ହାଇସ୍କୁଲରେ କ୍ଲାସ ନେଉଛନ୍ତି । ଏଥର ମେଟ୍ରିକ୍ ପରୀକ୍ଷାରେ ଭଲ ରେଜଲ୍ଟ ହେଇଚି । ଜମ୍ମା ନ ଥିଲାବେଳେ ଏଥର ପାଖାପାଖି ପଚାଶ ପରସେଣ୍ଟ ପାସ କରିଛନ୍ତି । ଅବଶ୍ୟ ସେଥିରୁ ଆମ କ୍ଲାସ ଫୋରଙ୍କ ପିଲା ବେଶୀ ।

- ତେବେ ତ ସମସ୍ୟା ବଡ଼ ଗମ୍ଭୀର । ଆମେ ଇତିହାସ ଯୁଗରେ ଅଛୁଁ ନା ତାଠୁ ଆହୁରି ପଛରେ ? ସୁଜନବାବୁ ପଚାରିଲେ ।

ସମସ୍ତେ ହସି ଉଠିଲେ ।

ଆପଣ ସାର୍ 'ରିଗୋବେର୍ଟା ମେଞ୍ଚୁ' ପଢ଼ିଥିବେ । କହିଲେ ସବ୍-କଲେକ୍ଟର । ମୁଁ ତାକୁ ଭୁବନେଶ୍ୱରରେ ଥିଲାବେଳେ ପଢ଼ିଥିଲି । ସାର, ଆମର ସେକ୍ରେଟେରୀ ଥିଲେ ସେତେବେଳେ । ବହିଟା ସେତିକିବେଳେ ଏକାଡେମୀ ପୁରସ୍କାର ପାଇଁ ମନୋନୀତ ହେଇଥିଲା । ଆମ ସେକ୍ରେଟେରୀଏଟରେ ଚହଳ ପଡ଼ିଯାଇଥିଲା ।

ଏଠି ଥିବା ମେଞ୍ଚୁମାନଙ୍କ କଥା ବୁଝିବାରେ ସହଜ ହେବ ବୋଲି ବୋଧେ ଆପଣଙ୍କୁ ଏଠିକୁ ସରକାର ପଠେଇ ଦେଲେ । କହିଲେ ସୁଜନବାବୁ ।

Digitized by srujanika@gmail.com

ମୁଁ ତ ଦି ବର୍ଷ ହେଲା ଏଠି କାମ କରୁଚି। ଏଣିକି ଆପଣ ଆସିଗଲେ। ଯେମିତି କହିବେ ସେମିତି ହେବ। ଦୁଇବର୍ଷ ହେଲା ଏଠାକୁ କେହି ଆସୁ ନଥିଲେ। ପାଖ ଜିଲ୍ଲାର କଲେକ୍ଟର କିମ୍ବା ଆଉ କେହି କାମ ଚଳାଇ ନେଉଥିଲେ। ସମସ୍ତେ ମନ୍ତ୍ରୀଙ୍କୁ ଧରି ଖସି ଯାଉଥିଲେ। ଡାକ୍ତର ଆସୁନାହାନ୍ତି କି ଟିଚର୍‌ମାନେ ମଧ୍ୟ ଆସୁନାହାନ୍ତି। ମୋଟ ୩୫୦ ପୋଷ୍ଟ ଖାଲି ଅଛି। ଏଥିରୁ ଅନୁମାନ କରୁଥିବେ।

ହସପିଟାଲ ଅଛି ତ ?

ଆୟୁର୍ବେଦ ଓ ୟୁନାନୀ ଡାକ୍ତରଖାନା। ସରକାରୀ ଡାକ୍ତରଖାନାରେ ଅବଶ୍ୟ ଦି'ଜଣ ଡାକ୍ତର ଅଛନ୍ତି। ଜଣେ ଚର୍ମରୋଗ ବିଶେଷଜ୍ଞ ଓ ଆଉଜଣେ ENT ଡାକ୍ତର। ମୋଟାମୋଟି କାମ ଚଳୁଛି।

ସେଦିନ ରାତିରେ ସୁଜନବାବୁ ଖାଇସାରି ଯେତେବେଳେ ବଙ୍ଗଳାର ପଛପଟେ ଥିବା ସୁନ୍ଦର ବଗିଚାରେ ବସିଲେ ସେତେବେଳେ ସେ ସତକୁ ସତ ଦେଖିଲେ ଲନ୍‌ରେ ଜହ୍ନ ବିଛେଇ ହେଇ ପଡ଼ିଛି। ବିରାଟ ବିରାଟ ଶାଳ ଓ ମହୁଲ ଗଛ ଡ଼ାଳ ସନ୍ଧିରେ ଜହ୍ନ ଏ ପାଖ ସେପାଖ ହେଉଛି। ନୂଆ କରି ଆସିଥିବା ଅତିଥିଙ୍କୁ ଦେଖୁଛି।

ଗୋଟାଏ ସୁନ୍ଦର ଓ ଶାନ୍ତ ପରିବେଶ। ରାତି ନଅଟା ବେଳକୁ କଅଣ ସହରଟା ଶୋଇ ପଡ଼ିଲାଣି ? ପ୍ରୀତିପୁର ନାଁଟା କିଏ ଦେଇଥିଲା କେଜାଣି ? ନାଁର ମଧୁରତା ମାଡ଼ିଆସୁଛି ସହର ଉପରକୁ। ସହରର ଶାନ୍ତ ସୌମ୍ୟ ମୂର୍ତ୍ତି ଦେଖି ଡରିଯାଉଥିବେ ମାଓବାଦୀମାନେ ବୋଧେ।

କିନ୍ତୁ ଏଇଟା ସମ୍ଭବ ହେଲା କେମିତି ? ଏତେ ଦାରିଦ୍ର୍ୟ, ଏତେ ଅଶିକ୍ଷା, ଅଭାବ ଅନାଟନ ଏତେ ଶୋଷଣ ଓ ଅତ୍ୟାଚାର ଭିତରେ ଏ ସହରଟା ରାତି ନଅଟା ବେଳକୁ ଶୋଇ ପଡୁଚି କେମିତି ? ପେଟ ପୋଡୁଥିଲେ ମନରେ ଦୁଃଖର ନିଆଁ ଜଳୁଥିଲେ ନିଦ ଆସେ କେମିତି ? ବଡ଼ ନିର୍ଲିପ୍ତ ଓ ନିର୍ବେଦ ବୋଧେ ଏମାନେ - ଆଜି କଥା ଆଜିପାଇଁ। କାଲି କଥା କାଲି ଦେଖାଯିବ, ବେପରୁଆ, ବେଧଡ଼କ।

କଳା ଛାଇଟିଏ ଆସି ଠିଆହେଲା। ମେଘ ଢ଼ାଙ୍କି ପକେଇଥିଲା ଜହ୍ନକୁ। ସୁଜନବାବୁ ଆକାଶକୁ ଅନେଇଲେ। ପ୍ରୀତିପୁର ଆକାଶରେ ଜହ୍ନଟା ଏତେ ସୁନ୍ଦର ଦେଖାଯାଏ ? ରାଜଧାନୀରେ, ଅନ୍ୟାନ୍ୟ ସହରରେ କେମିତି କେଜାଣି ମଳିଚିଆ ଦେଖାଯାଏ। ଏଠିକା ଜହ୍ନ ତେବେ କଣ ସ୍ୱତନ୍ତ୍ର ?

ଆଜି ସ୍ୱପ୍ନା ଆସିଥିଲେ କେତେ ଭଲ ହେଇ ନ ଥାଆନ୍ତା ? ସେ ବି ଖୁସି ହେଇ ଯାଇଥାଆନ୍ତା। ନିରବ ନିସ୍ତବ୍ଧ ପରିବେଶ ଭିତରେ ନିଜସ୍ୱ ସୌନ୍ଦର୍ଯ୍ୟ ଉକୁଟିଉଠେ। ପ୍ରଥମେ ପ୍ରଥମେ ପ୍ରେମ କରୁଥିବା ଝିଅଟିର ଲାଜ ଲାଜ ମୁହଁରେ କଥା ଥିବାବେଳେ ଅନେକ କଥା ଲୁଚିଥାଏ ଯେମିତି।

ରହମାନ ଆସି ଠିଆ ହେଲା ସାହେବଙ୍କ ପଛରେ। ରହମାନ ସେ ଗେଷ୍ଟହାଉସ୍‌ର

Digitized by srujanika@gmail.com

କେଆର ଟେକର। ଏବେ କଲେକ୍ଟରଙ୍କ ରେସିଡେନ୍ସରେ ପରିଣତ ହେଇଥିବାରୁ ସେ ମଧ୍ୟ ସାହେବଙ୍କ କେଆରଟେକର। ବଙ୍ଗଳାର ପଛପଟେ ତାର ଘର। ସେ ସେଠି ରହେ ପରିବାର ସହ।

ଏଠି ବାଘ ଭାଲୁର ଭୟ ନାହିଁ ରହମାନ ?

ମୋଟେ କିଛି ନାହିଁ ସାର୍। ମୁଁ ଏଠି କୋଡ଼ିଏ ବର୍ଷ ରହିଲିଣି। କେବେ ତାର ଶବ୍ଦ ବି ଶୁଣିନି। ଲୋକମାନେ କହନ୍ତି 'ମା ମଝିଘରିଆଣୀ'ଙ୍କ ପାଇଁ ସହର ଭିତରକୁ ବାଘ ଭାଲୁ ମୋଟେ ଆସନ୍ତିନି। ସେମାନେ ସେଇ ମନ୍ଦିର ପାଖକୁ ଆସି ଫେରି ଯାଆନ୍ତି। ରହମାନ ଠାକୁରାଣୀଙ୍କ ଉଦ୍ଦେଶ୍ୟରେ ମୁଣ୍ଡରେ ହାତ ମାରିଲା।

ପରଦିନ ସକାଳେ ରହମାନ ସାହେବଙ୍କ ପାଇଁ ଚା ତିଆରି କରି ଆଣି କବାଟରେ ହାତ ମାରିଲା ପରେ ସୁଜନବାବୁ ଉଠିଲେ। ସେ ତ ପ୍ରାୟ ଖୁବ ସକାଳେ ଉଠନ୍ତି। କିନ୍ତୁ ଆଜି ? ଏତେ ନିଦ ତାଙ୍କୁ କେମିତି ହେଲା ? ଏତେ ଦିନ ପରେ ଗୋଟାଏ ରାତି, ସେ ଯେ ଏତେ ଶାନ୍ତିରେ ଶୋଇ ପାରିଛନ୍ତି ଏଇ କଥା ଜାଣିଲା ପରେ ସେ ଉତ୍‌ଫୁଲ୍ଲିତ ହେଇ ଉଠିଲେ। ପ୍ରୀତିପୁରର ପ୍ରୀତି ତାଙ୍କ ଆଖିରେ ଏତେ ନିଦ ଦେଲା କି ଆଉ ?

ସୁଜନବାବୁ ସେ ଦିନ ଯାଇ ଅଫିସ୍‌ରେ ପହଞ୍ଚିଲାବେଳକୁ ଦିନ ଏଗାରଟା ହୋଇସାରିଥାଏ। ରେସିଡେନ୍ସିଆଲ ଅଫିସରେ ସେ ତାଙ୍କ ପ୍ରାରମ୍ଭିକ କାମ କେତେଟା ସାରିବାକୁ ଅବଶ୍ୟ ଡେରିହେଲା। କିନ୍ତୁ ଇଏ କଅଣ ସେ ଦେଖୁଛନ୍ତି ? ସବୁଠି ଗୋଟାଏ ଫେସ୍‌ଟିଭ୍ ମୁଡ୍ ଥିଲା ପରି ଲାଗୁଚି। ଗେଟ୍ ପାଖରେ ଗୋଟାଏ ସ୍ୱାଗତମର ସଂକେତ। ଆମ୍ବଡାଳ ଓ କଦଳୀଗଛ ଆଗରୁ ଥିଲା ନା ଏବେ ଲଗା ହେଇଚି ? ଅଫିସ ବାରଣ୍ଡାରୁ ହିଁ ଭୁରୁଭୁରୁ ଫୁଲ ଗନ୍ଧ। ଅପ୍ରାକୃତିକ ନୁହେଁ ନିଶ୍ଚୟ। ଯେମିତି ଗୋଟାଏ ଭି.ଆଇ.ପି.ଙ୍କ ଆଗମନ। ମନ୍ତ୍ରୀ ନା ଆଉ କିଏ ?

ଗାଡ଼ିରୁ ଓହ୍ଲେଇ ସୁଜନବାବୁ ଯେତିକି ଆଗଉଥିଲେ ସେତିକି ତାଙ୍କ ଭିତରେ ଉତ୍କଣ୍ଠା ଉପୁଜି ଉଠୁଥିଲା। ଅଫିସ ବାରଣ୍ଡାରେ ଲୋକ ଭର୍ତ୍ତି। ସେଥିରୁ ଦୁଇ ଚାରି ନେତା ଥିଲା ପରି ମନେ ହେଲା। ନେତା ଦୁଇ ପ୍ରକାର। ଦଳେ ପୁରୁଣାକାଳିଆ ଯୋଉମାନଙ୍କୁ ଆମେ ଗାନ୍ଧୀବାଦୀ ବୋଲି କହୁଁ, ଆଉଦଳେ ଆଧୁନିକ, ଚେହେରା ଓ ବେଶପୋଷାକରୁ ଚିହ୍ନି ହୁଏ। ଅନ୍ତତଃ ଦୁଇ ହାତରେ ଦୁଇଟା ମୋବାଇଲ ନିଶ୍ଚୟ ଥିବ, ସେଥିରୁ ଗୋଟେ କାନ ପାଖରେ ସ୍ଥାୟୀ ଭାବରେ ସ୍ଥାନ ଦଖଲ କରିଥାଏ।

ସୁଜନବାବୁ ବାରଣ୍ଡା ଉପରକୁ ଉଠିଲାମାତ୍ରେ ସେମାନେ ସବୁ ଦୁଇ ଭାଗ ହେଇଗଲେ। ମଝିରେ ସୁଜନବାବୁ ହାତ ଯୋଡ଼ି ଥାଆନ୍ତି। ବରଯାତ୍ରୀ ପରି ଆଗଉଥାଆନ୍ତି। ମନ୍ତ୍ରୀ ସଭାମଣ୍ଡପକୁ ଆଗଉଥିଲା ପରି ଦୃଶ୍ୟ କିମ୍ବା ଆଗକାଳରେ ରଜା ମହାରଜା କି ବାଦଶାମାନଙ୍କର ଗସ୍ତର ପରିବେଶ। ଅସଲ ଦୃଶ୍ୟଟା ଆରମ୍ଭ ହେଲା ଠିକ ଅଫିସ ସାମନାରେ। ସେଠି ସ୍ଥାନ ଦଖଲ କରିଥିଲେ ନାରୀମାନେ। ହାତରେ ଫୁଲ କିମ୍ବା ଫୁଲତୋଡ଼ା।

Digitized by srujanika@gmail.com

ସେମାନେ ସୁସଜ୍ଜିତ ମଧ୍ୟ। ମନେ ହେଲା ଏମାନେ ଅଧିକାଂଶ ଗୃହିଣୀ, ଅଫିସ କର୍ମଚାରୀ, ଯୋଉମାନଙ୍କ ସ୍ୱାମୀ ହୁଏତ କୋଉ ଅଫିସରେ କାମ କରୁଥିବେ। ହୁଏତ ମନଭିତରେ ସ୍ୱାମୀଙ୍କର ବଦଳି ବା ବଦଳିର ଗୁହାରି ଥାଇପାରେ। ଏପରି କୃତକୃତ୍ୟ ଥିବାର ମୁହଁରେ 'ମୋ ପ୍ରତି ଦୟାପରବଶ ହେଇ ଦେଖୁଥିବାର' ଇଚ୍ଛା ମଧ୍ୟ ଥାଇପାରେ। ଦରମା ମିଳୁନାହିଁ, ପ୍ରମୋଶନ ଅଟକିଛି। ଭିଜିଲାନ୍ସର ଜାଲରେ ଛନ୍ଦି ହେଇ ପଡ଼ିଥିବାର ମୁହଁମାନେ ଏଠି ନଥିବେ। କାରଣ ତାଙ୍କ ଗୁହାରି ଟିକେ ଲମ୍ୱା।

କିନ୍ତୁ ଏତେବଡ଼ ଲମ୍ୱାଧାଡ଼ିରେ ସୁଜନବାବୁଙ୍କୁ ଗୋଟିଏ ବୋଲି ବି.ପି.ଏଲ୍, ଏ.ପି.ଏଲ୍, କିମ୍ୱା ଇନ୍ଦିରା ଆବାସ ଯୋଜନାର ପ୍ରାର୍ଥୀ ଥିବାର ମନେ ହେଲାନି। ସେମାନେ ଏ ପିଣ୍ଡାରେ କେବେ ବି ପାଦ ପକାନ୍ତି ନାହିଁ। ପେଟଟା ତ ସ୍ଥାୟୀ ଭାବରେ ସ୍ୱାମୀ ରାମଦେବଙ୍କ ପେଟ ପରି ଭିତରକୁ ପଶିଛି ଇନ୍ସରୁ, କିମ୍ୱା ବାପ ଏବଂ ଗୋସାପ ଅମଳରୁ - ତାର ପରିବର୍ତ୍ତନ ଈଶ୍ୱର ତ କରିପାରି ନାହାନ୍ତି, ଇଏ କଅଣ କରିବେ ? ୟାଙ୍କ ହାତରେ କଅଣ ଅଛି ଯେ ? ଭାବୁଥିବେ, ୟାଙ୍କ କଥା ଆମେ ଜାଣୁଁ। ସବୁ ଗାଈର ଗୋବର ଗୋଟିଏ।

ସୁଜନବାବୁ ନିକଟତର ହେବାମାତ୍ରେ ଅପେକ୍ଷାକୃତ ଅତି ସଜ୍ଜିତ ନାରୀମାନେ ହାତକୁ ଫୁଲତୋଡ଼ା ବଢ଼େଇଲେ ଏବଂ ଅନ୍ୟମାନେ ପ୍ରାୟ ଏକପ୍ରକାର ଶୁଖିଲା ମୁହଁରେ ନଇଁପଡ଼ି ପାଦଧୂଳି ନେଲେ। ଏସବୁ ସୁଜନବାବୁଙ୍କୁ ଅଡୁଆ ଲାଗୁଥିଲେ ମଧ୍ୟ ସୌଜନ୍ୟ ଦୃଷ୍ଟିରୁ କିଛି କରିବାର ନ ଥିଲା।

ଆପଣମାନେ ଏତେ କଷ୍ଟ କରି ଆସିଲେ...

ନା ନା ସେ କଥା କୁହନ୍ତୁ ନାହିଁ। ଏଇଟା କଷ୍ଟ ନୁହେଁ, ଆମର କାମ।

ସୁଜନବାବୁ ସେ ସମସ୍ତଙ୍କୁ କନଫରେନ୍ସ ରୁମରେ ଯାଇ ଅପେକ୍ଷା କରିବାକୁ କହିଲେ। ଅଫିସ ଭିତରକୁ ଯାଇ ପି.ଏ.କୁ କହିଲେ ସମସ୍ତଙ୍କ ପାଇଁ ଚା ଓ ବିସ୍କୁଟ୍ ହେଇପାରିବ ? କେତେ ଅଛନ୍ତି ଯେ ?

ପି.ଏ କହିଲେ ହେଇପାରିବ ଯେ କିନ୍ତୁ ଆମର ଫଣ୍ଡ ଯାହା ତାହା ଛଅମାସରେ ସରିଯିବ।

- ସରୁ, ତାପରେ ଦେଖିବା।

କନଫରେନ୍ସ ରୁମରେ ସୁଜନବାବୁ ସମସ୍ତଙ୍କ ସହିତ ଟିକିଏ ବ୍ୟକ୍ତିଗତଭାବରେ ପରିଚିତ ହେଲା ପରେ କହିଲେ - ମୁଁ ତ ଆଜି ଜଏନ କଲି। ଡାକ୍ତର ଓ ପୋଲିସ୍ ପରି ମୁଁ ଏଠୁ ଛଅମାସ ଭିତରେ ମୋଟେ ଛାଡ଼ିଯିବି ନାହିଁ। ମୁଁ କାମ କରିବାକୁ ଆସିଚି। ପଳେଇବାକୁ ଆସିନି। ଆପଣ ଦେଖିବେ ଆପଣମାନଙ୍କ ଅନୁମାନ ଭୁଲ ହେବ।

ସାତଦିନ ପରେ ଦିନେ ସନ୍ଧ୍ୟାରେ ହିଁ ସ୍ୱପ୍ନାଙ୍କ ଟେଲିଫୋନ୍ ଆସିଲା।

କେମିତି ଲାଗୁଛି ପ୍ରୀତିପୁର ? ସମସ୍ତଙ୍କ ସହିତ ମିଶିଲଣି ?

Digitized by srujanika@gmail.com

ଅତି ଚମତ୍କାର। ତୁମେ ଆସିଲେ ଜାଣିପାରିବ।

ତମେ ଯେମିତିକା ଲୋକ, ତୁମକୁ ସ୍ୱର୍ଗ ଓ ନର୍କ ସବୁ ସମାନ ଦେଖାଯାଏ। ତୁମେ ଯେ ସବୁ ଚମତ୍କାର ଦେଖୁଥିବ ଏ କଥା ମୁଁ ଜାଣେଁ। ମୋର ଜଣେ ବନ୍ଧୁ ସେଠାର ଗୋଟାଏ କଲେଜରେ ତିନିମାସ ଥିଲେ। ସୋସିଓଲୋଜିର ଅଧ୍ୟାପିକା। ସେ ଆସି ମୋତେ ଯାହା କହୁଥିଲେ ମୁଁ ସେଥିରୁ ବୁଝିଲି ସେଠି ସପ୍ତାହଟିଏ ମଧ୍ୟ ରହିବା ସମ୍ଭବ ନୁହେଁ। ତାଙ୍କ ମାମୁଁ ଜଣେ ଯୋଗାଡ଼ିଆ ଲୋକ। ବିରାଟ ଖଣିମାଲିକ। ଉପରମହଲ ତାଙ୍କ ହାତରେ। ଯଦି କହିବ ତାଙ୍କୁ ସେ କହିବେ। ଏମିତି ଭାବରେ ଗୋଟାଏ ଅପନ୍ତରାରେ ଲାଇଫ ବରବାଦ କରିବାର ମାନେ ହୁଏନା। ପାରିବ? ତୁମେ ଗୋଟାଏ ଅଫିସ କାମ ପକାଇ ଦିନକ ପାଇଁ ଏଠାକୁ ଆସି ପାରିବ? ମୁଁ ତାଙ୍କୁ ଏଠାକୁ ଡକାଇ ଦେଇ ପାରିବି।

-ଫର ହେଭେନ୍ସ ସେକ୍ ସ୍ୱପ୍ନା ତୁମେ ସେ ସବୁ କଥା ମୋଟେ ଚିନ୍ତା କରନା। ମୁଁ କହୁଚି ତୁମେ ଆସ ଦେଖିବ ଏ ଜାଗା, ଏଠାକାର ଲୋକ, ଲୋକଙ୍କ ଜୀବନଶୈଳୀ, ସଂସ୍କୃତି, ଆଚାର ବ୍ୟବହାର।

- ଆରେ ସେଠିକା ଲୋକ ପରା କନ୍ଦାମୂଳ ଖାଆନ୍ତି।

- ତୁମକୁ ଏସବୁ କଥା କିଏ କହିଲା? ଲୋକମାନେ ଅବଶ୍ୟ ଗରିବ। ଗରିବ ଆମ ଦେଶରେ କୋଉଠି ନାହାନ୍ତି ଯେ? ଅସଲ କଥା ହେଲା ଏମାନେ ବଡ଼ ଶାନ୍ତିପ୍ରିୟ। ଝାମେଲା ଭିତରକୁ ମୋଟେ ଯାଆନ୍ତି ନାହିଁ। ତାଙ୍କ ସଂସ୍କୃତି ଓ ତାଙ୍କ ପରମ୍ପରାକୁ ନେଇ ସେମାନେ ଥାଆନ୍ତି।

ସେଠି ରାଜନେତା ନାହାନ୍ତି କି?

ଅଛନ୍ତି ସେମାନେ ବି ସେମିତି। ତୁମେ ଆସ ଦେଖିବ। ସେ ଫୋନ ଛାଡ଼ିଦେଲେ। ଭାବିଲେ ସ୍ୱପ୍ନାକୁ ଏଠା ବିଷୟରେ ଗୋଟାଏ ଠିକ ଧାରଣା ଦେବା ସହଜ ନୁହେଁ। କେଜାଣି ରାଜଧାନୀରେ ରହି କାହାକୁ ଧରାଧରି କରି ଯଦି କିଛି ଓଲଟା କାମ କରିଦିଏ?

ସୁଜନବାବୁଙ୍କ କାମଟା ଧୀରେ ଧୀରେ ସହଜ ଓ ସରଳ ହେବାକୁ ଆରମ୍ଭ କଲା। ସେ ଭାବିଲେ ସିଭିଲ ସରଭାଣ୍ଟଙ୍କ କାମ ଯେ ଖଣ୍ଡାରେ ଚାଲିବ ବୋଲି ଯାହା କୁହାଯାଏ ତାହା ତାଙ୍କ ପାଇଁ ବୋଧେ ପ୍ରଯୁଜ୍ୟ ହେବ ନାହିଁ। ଜଏନ କରିବାର ପନ୍ଦର ଦିନ ବିତିଲାଣି ଅଥଚ ଏଯାଏ ଗୋଟିଏ ବୋଲି ସମସ୍ୟା ନେଇ କେହି ଜଣେ ନେତା ଆସିନାହିଁ। କେହି ଜଣେ ମେମୋରାଣ୍ଡମ ଧରି ବା ଡେଲିଗେସନ ନେଇ ତାଙ୍କୁ ଭେଟି ନାହିଁ। କେହି ଜଣେ ତା ଦଳ ବା ସଙ୍ଗଠନ ତରଫରୁ ତାଙ୍କ ଅଫିସ୍ ଆଗରେ ବିକ୍ଷୋଭ, ଧାରଣା ବା ଅନଶନର ନୋଟିସ୍ ଦେଇନାହିଁ ଏବଂ ସର୍ବୋପରି କୌଣସି ଗୋଟିଏ ଜାଗାରେ ଏ ଯାଏ କୌଣସି ଲ ଆଣ୍ଡ ଅର୍ଡ଼ର ସିଚୁଏସନ ସୃଷ୍ଟି ହେଇନାହିଁ। ଅତୀତରେ ହେଇଥିବାର ନଜିର ମଧ୍ୟ ନାହିଁ। ସେଦିନ ଗୋଟାଏ କ୍ଲବରେ ଜୁଡସିଏଲ ମାଜିଷ୍ଟ୍ରେଟଙ୍କ ସହିତ ଦେଖାହେଲା। ସେ କହିଲେ ଏଠି ଲିଟିଗେସନ ଅନେକ କମ୍ ଥିବାରୁ ସେ ଅଫିସ୍‌ରେ ବସି ବେଳେ ବେଳେ କବିତା

Digitized by srujanika@gmail.com

ମଧ୍ୟ ଲେଖିପାରୁଛନ୍ତି । ଲଞ୍ଚ ପରେ ଟିକେ ବେଶୀ ସମୟ ଶୋଇବାକୁ ସମୟ ମିଳୁଥିବାରୁ ତାଙ୍କ ଅଧ୍ୟାପିକା ସ୍ତ୍ରୀ ଏବେ ତାଙ୍କୁ ସ୍କୁଲରୁ ପୁଅକୁ ଆଣିବା ଦାୟିତ୍ୱ ଦେଇଛନ୍ତି ବୋଲି କହୁଥିଲେ । ସବୁଠାରୁ ମଜାର କଥା ହେଲା ଏସ୍.ପି. ସେଦିନ କହୁଥିଲେ **I am enjoying here**

ସୃଜନବାବୁ ଫୋନ ଲଗେଇଲେ । ଗୋଟାଏ ଅଳସ ମୁହୂର୍ତ୍ତରେ ସ୍ୱପ୍ନା କଅଣ କରୁଥିବେ ବୋଲି ତାଙ୍କର ଜାଣିବାକୁ ଇଛାହେଲା ।

ତୁମର ମାନସିକ ପ୍ରସ୍ତୁତି ଆରମ୍ଭ ହେଲାଣି ? ସୃଜନବାବୁ ପଚାରିଲେ ।

ତୁମ ଘରର ମରାମତି କାମ ସରିଲାଣି ? ପଚାରିଲେ ସ୍ୱପ୍ନା ।

ସବୁ ଶେଷ । ଖାଲି ତୁମ ଆସିବାକୁ ଅପେକ୍ଷା । ବିରାଟ ଘରଟା ବଡ଼ ଏକୁଟିଆ ଲାଗୁଚି । ଆଉ ଡେରି କରନା । ହଁ ଶୁଣ, ଭୁଲି ଯାଇଥିଲି ତୁମେ ଆସିଲେ ଆମେ ଦୁହେଁ ମିଶି ଗୋଟାଏ ଫଙ୍କସନ୍‌କୁ ଯିବା । ମୁଁ ଏବେ ଯା ଭିତରେ ଗୋଟାଏ କବିତା ପାଠୋତ୍ସବରେ ଯୋଗ ଦେବାକୁ ଯାଇଥିଲି ମୁଖ୍ୟ ଅତିଥି ଭାବରେ । ମୁଁ ଯେତେ ମନା କଲେ ବି ସେମାନେ ମାନିଲେନି । କଅଣ କହିଲେ ଜାଣ : ଏଇ ପଦବୀରେ ଯୋଉମାନେ ଥାଆନ୍ତି ସେମାନେ ସବୁ କଥା ବୁଝନ୍ତି । କବିତା କେମିତି ବୁଝୁ ନଥିବେ ? କଲେଜରେ ପଢୁଥିଲା ବେଳେ କବିତା ବୁଝୁ ନଥିବେ ? କଲେଜରେ ପଢୁଥିଲା ବେଳେ କବିତା ପଢ଼ି ନଥିବେ ନା ଯାକୁ ତାକୁ ଦେଖି କବିତା ଦି ଧାଡ଼ି ଲେଖି ନ ଥିବେ ?

ଏମିତି କହିଲେ ତୁମକୁ ?

ଅବଶ୍ୟ ଯିଏ କହିଲେ ସିଏ ମୋ ସହିତ ବି.ଏ.ରେ ପଢୁଥିଲେ ଏବଂ ଏବେ ଏଠି ଗୋଟାଏ କଲେଜରେ ଲେକଚରର ଅଛନ୍ତି ।

- ପୁରୁଷ ନା ସ୍ତ୍ରୀ ? ତୁମେ ଯେମିତିକା ଲୋକ ଝିଅମାନଙ୍କ ନାଁରେ ଯେ କବିତା ଲେଖି ନ ଥିବ ସେ କଥା କହି ହେବନାହିଁ ।

- ମୁଁ ପରେ କଥା ହେବି ଦି ଜଣ ଗେଷ୍ଟ ଆସୁଛନ୍ତି ।

ସେମାନେ ଭିତରକୁ ପଶିଆସିଲେ ଏବଂ ନିଜର ପରିଚୟ ଦେଲେ । ମୁଁ 'ମା ମଝିଘରିଆଣୀ କ୍ରିକେଟ୍ କ୍ଲବ୍'ର ସଭାପତି ରାମଚନ୍ଦ୍ର ରାଉତ ଆଉ ଇଏ ହଉଛନ୍ତି ସଦାଶିବ ଦାସ ସେକ୍ରେଟେରୀ ।

ଯା ହେଉ ଶୁଣି ଖୁସି ହେଲି ଯେ ଆପଣ କୌଣସି ସାହିତ୍ୟାନୁଷ୍ଠାନର କର୍ମକର୍ତ୍ତା ନୁହଁନ୍ତି । ବଡ଼ ଡର ଲାଗେ । କିଛି ଜାଣୁ ନଥିବ, କିଛି ବୁଝୁ ନଥିବ ଅଥଚ ହସି ହସି ତାଳି ମାରୁଥିବ ଏବଂ ଶେଷରେ 'ଏ ସବୁ ଜାତୀୟସ୍ତରର କବିତା' ଏବଂ 'ଏଥିରେ ପ୍ରଚୁର ସମ୍ଭାବନା ଅଛି' ବୋଲି ମିଛରେ ଭାବ ଗଦ୍‌ଗଦ ହେଇ କହିବାକୁ ପଡୁଥିବ । ହଉ କହନ୍ତୁ । ସେ ଦୁଇ କପ୍ ଚା'ର ଅର୍ଡ଼ର ଦେଲେ ।

ସାର୍ ମୁଁ ଚା ପିଇବିନି । ଏବେ ଏବେ କଲରା ରସ ପିଇ ଆସିଚି ।

Digitized by srujanika@gmail.com

ହଉ ହେଲା ତଥାପି ଦୁଇ କପ୍ ଆଣ। ମୁଁ ବି ପିଇବି।

ଆମ ମା ମଝିଘରିଆଣୀ କ୍ରିକେଟ୍ କ୍ଲବର ବାର୍ଷିକ ଉତ୍ସବ ଆସନ୍ତା ବିଜୟା ଦଶମୀରେ। ଆଉ ମାସେ ରହିଲା। ରାମଚନ୍ଦ୍ର ବାବୁ ଆରମ୍ଭ କଲେ।

ମା ମଝିଘରିଆଣୀ ନାଁରେ କ୍ରିକେଟ୍?

ମୁଁ ତାର ଇତିହାସ ଆଣିଚି। ହେଇ ନିଅନ୍ତୁ। ସେ ଖଣ୍ଡେ ଛପା ଚଟି ବହି ତାଙ୍କ ହାତକୁ ବଢ଼ାଇ ଦେଲେ। ବହୁତ ପୁରୁଣା କ୍ଲବ। ମହାରାଜା ପ୍ରବଳ ପ୍ରତାପ କୁମାରଙ୍କ ସମୟରେ ସୃଷ୍ଟି। ସେ ନିଜେ ତାର ସଭାପତି ଓ ପ୍ରତିଷ୍ଠାତା ଥିଲେ। ତାଙ୍କର ସିଂହାସନାରୋହଣ ବିଜୟା ଦଶମୀରେ ହୋଇଥିଲା। ସେଇ ଦିନହିଁ କ୍ଲବର ପ୍ରତିଷ୍ଠା ଓ ମା'ଙ୍କ ମନ୍ଦିର ପ୍ରତିଷ୍ଠା। ସବୁ ଗୋଟିଏ ଦିନରେ। ବିରାଟ ପର୍ବ। ସେଇ ଦିନଠୁ ପାଳିତ ହେଇ ଆସୁଛି। ସାରା ରାଜ୍ୟ କମ୍ପି ଉଠେ।

ରାଜା ଅଛନ୍ତି? ମୁଁ ଜାଣି ନାହିଁତ?

କେବେଠୁ ମଲେଣି। ରାଜା ନିଜେ ଥିଲେ ନିଃସନ୍ତାନ। ସ୍ୱାଧୀନତା ପରେ ପରେ ତାଙ୍କର ମୃତ୍ୟୁ। ରାଣୀ ଥିଲେ। କିନ୍ତୁ ଯୋଉ ବର୍ଷ ସରକାର ତାଙ୍କ ଭତ୍ତା ବନ୍ଦ କରିଦେଲେ ସେହି ବର୍ଷ ସେ ଏଠୁ କଲିକତା ପଳେଇଲେ। ଅବଶ୍ୟ ଏଇ ପର୍ବଦିନ ସେ ଆଗରୁ ଆସୁଥିଲେ। ଏବେ ପାଞ୍ଚ ସାତବର୍ଷ ହେଲା ଆସି ପାରୁନାହାନ୍ତି। ଏକପ୍ରକାର ଶଯ୍ୟାଶାୟୀ। ତାଙ୍କର ଗୋଟିଏ ପୋଷ୍ୟପୁତ୍ର ଅଛନ୍ତି। ସେ କିନ୍ତୁ ଆସନ୍ତିନି।

ବରାବର ଖବର ରଖୁଛନ୍ତି ତା ହେଲେ।

ରଖିବୁ ନାହିଁ କେମିତି? ଯେତେ ହେଲେ ଆମ ରଜା। ଶହ ଶହ କି ହଜାର ହଜାର ବର୍ଷ ହେଲା ସେ ଆମକୁ ପାଳି ପୋଷି ଆସିଛନ୍ତି। ରଜାମାନେ ତ ଈଶ୍ୱର ପ୍ରେରିତ। ଚଳନ୍ତି ପ୍ରତିମା। ଥରେ କଣ ହେଲା କେଜାଣି।

କଅଣ ହେଲା? Very interesting ନିଶ୍ଚୟ କୁହନ୍ତୁ।

ପ୍ରବଳପ୍ରତାପ କୁମାରଙ୍କ ଜେଜେଙ୍କ ଅମଳର କଥା। ରାଜା ଚାହିଁଲେ ଜଗନ୍ନାଥ ମନ୍ଦିରଟିଏ ତିଆରି କରିବେ। ସବୁ ବିଚାର ବିମର୍ଷ ଯୋଉଦିନ ସରିଲା ସେଇଦିନ ରଜାଙ୍କୁ ଜଗନ୍ନାଥ ସ୍ୱପ୍ନରେ କହିଲେ ତୁ ତ ମୋ ସୁପୁତ୍ର। ତୁ ଥାଉ ଥାଉ ମୁଁ ସେଠାକୁ କାହିଁକି ଯିବି? ସେଠି ତୁ ରହିବୁ ଆଉ ମା ମଝିଘରିଆଣୀ ରହିବ। ସେ ଲକ୍ଷ୍ମୀ ଓ ତୋ ମା। ଆଉ କାହାରି ଦରକାର ନାହିଁ।

ସମ୍ପାଦକ କହିଲେ ସାର୍ ସେ ବହିଟା ପଢ଼ିବେ। ସବୁ ସେଥିରେ ଅଛି। ମା'ଙ୍କ ମହିମା ଅପାର। ସେ ଦୁଇ ହାତ ମୁଣ୍ଡରେ ଲଗେଇଲେ।

ସେଇ ଦିନଠୁ ଏ ଉତ୍ସବ ଚାଲିଛି। ଏକମାତ୍ର ପର୍ବ ଆମର ଏଠି। ସାରା ରାଜ୍ୟର ଲୋକେ ପାଳନ କରନ୍ତି। ଆପଣ ଦେଖିବେନି ସେଦିନ? ଆମେ ବି ସେଦିନ ଗୋଟିଏ

Digitized by srujanika@gmail.com

ସ୍ମରଣିକା ପ୍ରକାଶ କରିବୁଁ। ବେଶ୍ ମୋଟା। ସେଇ ଗୋଟିଏ ପତ୍ରିକା। କେବଳ ସରକାରୀ ବିଜ୍ଞାପନ ସ୍ଥାନ ପାଏ। ଆଉ କାହାର ପତ୍ରିକା ଅଛି ଯେ? କହିଲେ ରାମଚନ୍ଦ୍ର ବାବୁ।

ହଁ ବିଜ୍ଞାପନ ଦେବାରେ ଅସୁବିଧା ନାହିଁ, ସୁଜନବାବୁ ପି.ଏ.କୁ ଫୋନ ଲଗେଇଲେ। ଏ ବର୍ଷ ଆମ ତରଫରୁ ବିଜ୍ଞାପନ କେତେ ଦିଆଯାଇଛି? କାହାକୁ ଦିଆଯାଇଛି?

କାହିଁ କିଏ ନେଉଛି? ଅଳ୍ପ କେତେଟା ଯାଇଛି। ସବୁ ବର୍ଷ ଟଙ୍କା ଫେରୁଚି। ପିଏ କହିଲେ।

ଠିକ୍ ଅଛି। ରାମଚନ୍ଦ୍ର ବାବୁ ଯାଉଛନ୍ତି। ତାଙ୍କୁ ଆଠ ଦଶଟା ସବୁ ଡିପାର୍ଟମେଣ୍ଟରୁ ମିଶାଇ, କରେଇ ଦିଅ। ଗୋଟାଏ ଭଲ କାମରେ ସମସ୍ତେ ସାହାଯ୍ୟ କରିବା କଥା। ସୁଜନବାବୁ ଭାବିଲେ ଲୋକେ ଅନ୍ତତଃ ଜାଣନ୍ତୁ ଗୋଟାଏ ସରକାର ଅଛି ଏବଂ ସରକାର ଲୋକଙ୍କ ପାଇଁ କାମ କରେ। ନେତାମାନେ ଶୋଇଲେ ବୋଲି ଆମେ ବି ଶୋଇବା? ଲୋକେ ଅନ୍ତତଃ ଜାଣନ୍ତୁ ଯାହା ରାଜା ମହାରାଜାମାନେ କରନ୍ତି ନାହିଁ ତାକୁ ସରକାର କରନ୍ତି। ଆଃ କି ରାଜ୍ୟ ଏଇଟା? ସବୁଠି ଲୋକେ ଆଠ ଘଣ୍ଟା ଶୁଅନ୍ତି ଏଠି ଏମାନେ ଚବିଶ ଘଣ୍ଟା ଶୁଅନ୍ତି। ସବୁ ଲୋକେ ଖାଇବା ପାଇଁ ଆନ୍ଦୋଳନ କରନ୍ତି। 'ଫୁଡ୍ ରାୟଟ୍' ହୁଏ। ପୃଥିବୀରେ କେତେ ବଡ଼ ବଡ଼ ବିପ୍ଳବ ନ ହେଇଚି ଏଇ ଭୋକ ପାଇଁ? ଆଉ ଏମାନେ ଭୋକ ଲାଗିଲେ ଶୋଇ ପଡ଼ନ୍ତି?

ବିଜୟା ଦଶମୀ ଦିନ ସକାଳୁ ଉଠି ସୁଜନବାବୁ ସ୍ୱପ୍ନାକୁ କହିଲେ ତୁମେ ଦଶଟା ବେଳକୁ ରେଡି ହେଇଯାଇଥିବ। ଦୁର୍ଗାକୁ କହିଦିଅ ସେ ଆଜି ଦିନରେ ରନ୍ଧାରନ୍ଧି କରିବ ନାହିଁ। ଆମେ ସେଇଠି ଖାଇବା ସେମାନେ କହିଛନ୍ତି।

ମୋତେ ତ କେହି କିଛି କହି ନାହାନ୍ତି।

କହିଛନ୍ତି। ସେମାନେ ମୋ ମାଧ୍ୟମରେ ତୁମକୁ ମଧ୍ୟ କହିଛନ୍ତି। ଆମେ ସେଠି ଆଗେ ପୂଜାରେ ବସିବା। ତାପରେ ସଭା। ସଭାପରେ ମଧ୍ୟାହ୍ନ ଭୋଜନ। ଅର୍ଥାତ୍ ପ୍ରସାଦ ସେବନ। ହେଇ ଦେଖ ନିମନ୍ତ୍ରଣ ପତ୍ର। ଏଥିରେ ତୁମ ନାଁ ମଧ୍ୟ ଅଛି। ହଁ ଶୁଣ ସେମାନେ ଆଉ ଗୋଟାଏ କଥା ମଧ୍ୟ କହିଛନ୍ତି। ପଣ୍ଡିତ, ମାନେ ତାଙ୍କ ରାଜପୁରୋହିତ ଯିଏ ଏବେ ବି ପୂଜା କାମ କରନ୍ତି, ସେ କୁଆଡ଼େ ପାଞ୍ଜି ଦେଖି ସମୟ ସ୍ଥିର କରିଛନ୍ତି। କହିଛନ୍ତି ଦିନ ଏଗାରଟା ତେରରେ ଶୁଭ ବେଳା। ପୂଜା ସେଇଠୁ ଆରମ୍ଭ। ବାରଟା ତିନିରେ ମାହେନ୍ଦ୍ରବେଳା। ପୂର୍ଣ୍ଣାହୁତି ସେତିକିବେଳେ। ଆମେ ଅନ୍ତତଃ ତାଙ୍କ କଥାଟା ମାନିବା ଉଚିତ୍।

ତା ମାନେ ତୁମେ ମୋତେ ଡ୍ରେସ୍ ନୁହେଁ ଶାଢ଼ି ପିନ୍ଧିବାକୁ କହୁଚ। ତୁମେ ମୋତେ ସଭାରେ ଅପମାନିତ କରିବାକୁ ଚାହୁଁଚ। ଏଇଆ ତ?

ଆଃ ସ୍ୱପ୍ନା ପ୍ଲିଜ୍, ତୁମେ ଏମିତି ଭାବ ନାହିଁ। ବିଶ୍ୱାସ କର, ମୋତେ ତୁମ ଶାଢ଼ିପିନ୍ଧାହିଁ ବେଶୀ ଭଲ ଲାଗେ। ଶାଢ଼ିରେ ନାରୀଟି କେତେ ସୁନ୍ଦର ଦେଖାଯାଏ, ସେ କଥା ତୁମେ

Digitized by srujanika@gmail.com

କେମିତି ବୁଝିବ ? ଆଉ ବିଶେଷ କରି ଯେଉଁମାନେ ଟଲ୍ ଓ ସ୍ଲିମ ଥାଆନ୍ତି... କଥାଟା ସ୍ୱପ୍ନାଙ୍କୁ ଠିକ ଜାଗାରେ ଛୁଇଁବ ଏକଥା ସେ ବୁଝିଥିଲେ ।

ନାରୀଟି ଆଉ କଅଣ ଚାହେଁ ?

ସୁଜନବାବୁଙ୍କ ଗାଡ଼ି ଠିକ୍ ସମୟରେ ପ୍ରାସାଦ ସାମନାରେ ପହଞ୍ଚିଲା । ସେଇ ପ୍ରାସାଦରେ ଗୋଟିଏ ପାଖକୁ ମା ମଝିଘରିଆଣୀ ମନ୍ଦିର । ମନ୍ଦିରଟି ଯେ ପୁରୁଣା ଏକଥା ବୁଝି ହେଇଯାଉଥିଲା ଅନେକ ଦୂରରୁ । ଗାଡ଼ିରୁ ସୁଜନ ଓ ସ୍ୱପ୍ନା ଓହ୍ଲେଇବା ମାତ୍ରେ ପୂଜାମଣ୍ଡପଠାକୁ ପାଛୋଟି ନେବାର ବିରାଟ ଆୟୋଜନ । ଦୁଇ ଧାଡ଼ିରେ ରେଡ୍ କାର୍ପେଟ୍ ଦୁଇ ପାଖରେ ଥିଲେ ସୁସଜ୍ଜିତ ନାରୀମାନେ । ସେମାନେ ପୁଷ୍ପ ବୃଷ୍ଟି କଲେ ଓ କେହି ଅତର ମଧ୍ୟ ଛିଞ୍ଚିଲେ । ଶଙ୍ଖୁଆମାନେ ଶଙ୍ଖବାଦନ କଲେ । ରାଜପୁରୋହିତ ମାଇକ୍‌ରେ ମନ୍ତ୍ରୋଚ୍ଚାରଣ କରୁଥିଲେ । ସବୁଠି ଗୋଟେ ପବିତ୍ର ଆଧ୍ୟାତ୍ମିକ ପରିବେଶ । ଧୂପ, ଚନ୍ଦନ ଓ ଝୁଣା ଗନ୍ଧ ସହିତ ଅତର ସମସ୍ତ ବାୟୁମଣ୍ଡଳକୁ ଆମୋଦିତ କରୁଥାଏ । ଚାରିଆଡ଼େ ଲୋକ ଗହଗହ । ସମସ୍ତଙ୍କ ମନରେ ଗୋଟାଏ ଫେଷ୍ଟିଭ ମୁଡ୍ ।

ରାଜପୁରୋହିତ ଘଡ଼ିଦେଖିଲେ । କହିଲେ ଏଥର ଅସଲ କାମ ଆରମ୍ଭ ।

ସାର୍ ଉଠନ୍ତୁ । ଉଠନ୍ତୁ ମେଡ଼ମ୍ । କହିଲେ ରାମଚନ୍ଦ୍ରବାବୁ । ପ୍ରଥମେ ହେବ କରୋନେସନ୍ । ସିଂହାସନରୋହଣରୁ ହିଁ କାମ ଆରମ୍ଭ ।

ମୁଁ ? ମୁଁ ସିଂହାସନକୁ ଯିବି ? ନା ନା ସେ କଥା...

ଏଥିରେ କହିବାର କିଛି ନାହିଁ, ଏହାହିଁ ପ୍ରଥମ ଆବଶ୍ୟକତା । ଆପଣ ରାଜଦଣ୍ଡ ନ ଧରିଲେ ବାକି କାମରେ ନିର୍ଦ୍ଦେଶ ଦେବ କିଏ ? ମାଆଙ୍କ ମୁଣ୍ଡରେ ବି ମୁକୁଟ ଲାଗିପାରିବ ନାହିଁ ।

ମାଇକ୍‌ର ପ୍ରଚଣ୍ଡ ଶବ୍ଦରେ ବେଦଧ୍ୱନି ଉଚ୍ଚାରିତ ହେଲା । ରାଜପୁରୋହିତ ବହୁରତ୍ନଖଚିତ ମୁକୁଟଟିଏ ଆଣି ରାଜାଙ୍କ ମସ୍ତକରେ ଥାପିଲେ । ତାପରେ ଶହେ ଖଣ୍ଡେ ବ୍ରାହ୍ମଣ ସିଂହାସନକୁ ବେଢ଼ିଯାଇ ତାଙ୍କ ମୁଣ୍ଡ ଉପରେ ହାତ ରଖିଲେ । ଆଶୀର୍ବାଦ ବାଣୀ ଉଚ୍ଚାରଣ କରନ୍ତେ ଅଦୂରରେ ଦୁଇଟି ହସ୍ତୀ ରାଜକୀୟ ପୋଷାକରେ ଥାଇ ରାଜଦମ୍ପତିଙ୍କୁ ଅଭିବାଦନ ଜଣାଇଲେ । ମଣ୍ଡପ ବାହାରେ ଚିତ୍ରିତ ସାମିଆନା ତଳେ ସଂକୀର୍ତ୍ତନ ଦଳ ଯୋଉମାନେ ଜିଲ୍ଲା କିମ୍ବା ଜିଲ୍ଲା ବାହାରୁ ଆସିଥିଲେ ସେମାନେ କୀର୍ତ୍ତନ ଆରମ୍ଭ କରିଦେଲେ । ଖୋଳ କରତାଳ ଓ ଝାଞ୍ଜର ମଧୁର ଶବ୍ଦରେ ସମଗ୍ର ଖଣ୍ଡମଣ୍ଡଳ କମ୍ପି ଉଠିଲା, ବିମୁଗ୍ଧ ଜନତାର ଆତ୍ମବିଭୋର ପରିବେଶ ଭିତରେ, କେମେରା ଓ ଭିଡ଼ିଓ କେମେରାମାନ ଝଲସି ଉଠୁଥିଲା ବାରମ୍ବାର ।

❑❑

Digitized by srujanika@gmail.com

ମୃଗୁଣୀର ମୃତ୍ୟୁ

ଏଇଟା ହେଉଛି ସେଇ ସମୟର କଥା, ଯେତେବେଳେ ଭୁବନେଶ୍ୱର ପାଖ ଚନ୍ଦକା ଜଙ୍ଗଲରେ ଗୋଟାଏ ମାଈ ହରିଣ ଏକୁଟିଆ ଭୀତତ୍ରସ୍ତ ଓ ଅସହାୟ ଅବସ୍ଥାରେ ବୁଲୁଥିବାର ଜଙ୍ଗଲବିଭାଗ କର୍ମଚାରୀମାନେ ଦେଖିଛନ୍ତି ବୋଲି ଗୋଟିଏ ଦୈନିକ ସଂବାଦପତ୍ରରେ ପ୍ରକାଶ ପାଇଥିଲା। ସଂବାଦପତ୍ର ଏଇ ମୃଗୁଣୀକୁ ବାଘ ପରି ହିଂସ୍ର ପଶୁମାନଙ୍କ କବଳରୁ ଏବଂ ଶିକାରୀ ମଣିଷର ଲୋଲୁପ ଦୃଷ୍ଟିରୁ ଉଦ୍ଧାର କରି ନନ୍ଦନକାନନରେ ସୁରକ୍ଷିତ ବଳୟ ଭିତରେ ରଖିବାକୁ ପରାମର୍ଶ ଦେଇଥିଲା। ଏହି ପ୍ରସ୍ତାବକୁ ସମର୍ଥନ କରି Man for Animal ଏନ୍.ଜି.ଓ ତରଫରୁ ମୁଖ୍ୟମନ୍ତ୍ରୀଙ୍କୁ ଗୋଟାଏ ସ୍ମାରକପତ୍ର ଦିଆଯାଇ ତୁରନ୍ତ ଅସାମାଜିକ ଲୋକ ଏବଂ ମାଂସଲୋଭୀମାନଙ୍କ କବଳରୁ ଅସହାୟ ମୃଗଣୀଟିକୁ ଉଦ୍ଧାର କରାଯାଉ ବୋଲି ନିବେଦନ କରିଥିଲା। ସଂବାଦପତ୍ର ଏ ଘଟଣାକୁ ମଧ୍ୟ ବେଶ୍ ସମସ୍ତଙ୍କ ଆଖିରେ ପଡ଼ିବାଭଳି ସ୍ଥାନରେ ଦେଇଥିଲା। ଗୋଟାଏ ଲୋକାଲ ଟିଭି ଚାନେଲ ଏଇଟାକୁ ଆହୁରି ଜୀବନ୍ତ କରିଦେଇଥିଲା, ତା'ର କାର୍ଯ୍ୟକ୍ରମରେ। ସେମାନେ ଭୟଭୀତ ଆଖିରେ ମୃଗୁଣୀକୁ ଦୌଡ଼ୁଥିବାର ଚିତ୍ର ସହ ସୁନ୍ଦର ବର୍ଣ୍ଣନା ଉପସ୍ଥାପନ କରିଥିଲେ ଏବଂ ଚିତ୍ରରେ ମୃଗୁଣୀଆଖିରୁ ଝରଝର ଲୁହ ବହୁଥିବାର ମଧ୍ୟ ଦେଖାଯାଇଥିଲା।

କିନ୍ତୁ ବିଡ଼ମ୍ବନାର କଥା ଏହି ଯେ ସବୁ ଖବର ପ୍ରକାଶ ପାଇବାର ଅନେକ ଦିନ ପରଯାଏ ସେ ମୃଗୁଣୀ କଥା ଆଉ କେହି ମନେପକେଇ ନଥିଲେ। ମୃଗୁଣୀଟି ଅଛି କି ମଲାଣି, ସେ ମଣିଷପାଟିରେ ଗଲା କି ପଶୁପାଟିରେ ଗଲା, କି ତା'ର ସ୍ୱାଭାବିକ ମୃତ୍ୟୁ ହେଲା, କି ସେ କୌଣସି ଜଳାଶୟକୁ ଡେଇଁ ଜୀବନ ଯନ୍ତ୍ରଣାରୁ ମୁକ୍ତି ପାଇବା ପାଇଁ ଆତ୍ମହତ୍ୟା କଲା, ଏ ଖବର କାହାରି ପାଖରେ ନଥିଲା। କେହିକେହି ସେଇ ଚିତ୍ରିତ ହରିଣୀଟିକୁ ନନ୍ଦନକାନନର ଗୋଟାଏ କୃତ୍ରିମ ଗୁମ୍ଫା ପାଖରେ ଶୋଇଥିବାର ଦେଖିଛନ୍ତି

Digitized by srujanika@gmail.com

ବୋଲି କହନ୍ତି। କିନ୍ତୁ ପ୍ରକୃତ କଥା ଜାଣିବା ପାଇଁ କେହିଜଣେ ସହୃଦୟ ପାଠକ ଯେତେବେଳେ Man for Animal ର ସଭାପତିଙ୍କ ପାଖକୁ ଚିଠି ଲେଖିଲେ, ସେ ତା'ର ଉତ୍ତରରେ, 'ହରିଣୀଟିର ଖବର ଏଯାଏ ମିଳିନାହିଁ, ପାଇଲେ ଆପଣଙ୍କୁ ଜଣାଇବୁଁ' ବୋଲି ଲେଖିଥିଲେ।

ସଂଯୁକ୍ତା ମନରେ କିନ୍ତୁ ଏ ଘଟଣାଟି ଗଭୀର ରେଖାପାତ କରିଥିଲା। ସେ ମୋଟେ ବୁଝିପାରୁନଥିଲା, ଏ ମୃଗୁଣୀଟିକୁ କିଏ ଓ କିପରି ଭାବରେ ଉଦ୍ଧାର କରିପାରିବ। ଏତେ ବିରାଟ ଜଙ୍ଗଲ, ଦେଶରୁ ଦେଶକୁ ବ୍ୟାପିଛି, ପାହାଡ଼ ପର୍ବତ ନଈନାଳ ଡେଇଁ ଲମ୍ବିଯାଇଛି ତା'ର ଦେହ, ସେ ଅବସ୍ଥାରେ ମୃଗୁଣୀଟିକୁ ଠାବ କରିବା କ'ଣ ସମ୍ଭବ ? ସେମିତି ଆହୁରି ଅନେକ ଥିବେ। ପଲପଲ ହରିଣୀ ପ୍ରତିଦିନ ବାଘସିଂହଙ୍କ ଶିକାର ହେଉଛନ୍ତି। ଗୋଟାଏ ପ୍ରାକୃତିକ ନିୟମ ଭିତରେ ହରିଣୀମାନେ ମରନ୍ତି ଏବଂ ସିଂହମାନେ ଅମାପ ଆନନ୍ଦରେ ମାତନ୍ତି। କିଏ ତାଙ୍କର ଖୋଜଖବର ରଖେ ! ଖାଲି ବେଳେବେଳେ ମୃତଦେହର ସନ୍ଧାନ ମିଳେ, ନତୁବା ଖଣ୍ଡେ ଦି'ଖଣ୍ଡ ହାଡ଼ ଓ ଖପୁରିର ସନ୍ଧାନ ମିଳିଲେ ଗଣମାଧ୍ୟମ ଟିକିଏ ସଜାଗ ହେଇଉଠେ। ଲୋକେ ତାକୁ ପଢ଼ି 'ଆହା' 'ଚୁ ଚୁ' କରନ୍ତି। ତା'ପରେ ସବୁ ଚୁପଚାପ।

ସଂଯୁକ୍ତା ସେଦିନ କଲେଜରୁ ଫେରିଲାବେଳକୁ ବଡ଼ କ୍ଳାନ୍ତ ହେଇପଡ଼ିଥିଲା। ପ୍ରଥମ କଥା, କଲେଜରେ ଅନେକଗୁଡ଼ିଏ କ୍ଲାସ ତାକୁ ନେବାକୁ ପଡ଼ିଥିଲା - ନିଜର ଓ ଅନ୍ୟର। କଲେଜରେ ଷ୍ଟାଫ୍‌ର ଅଭାବ, ତାକୁ ସାଙ୍ଗସାଥୀଙ୍କ କ୍ଲାସ ମଧ୍ୟ ନେବାକୁ ପଡ଼ିଥାଏ। ତା'ଛଡ଼ା, ଅନ୍ୟ କାମ ମଧ୍ୟ ରହିଚି। ପ୍ରିନ୍ସିପାଲ ପ୍ରତ୍ୟେକ କାମରେ ତାକୁ ହିଁ ଡାକି ଥାଆନ୍ତି। ଥରେ ସଂଯୁକ୍ତା ଉପରେ ଦାୟିତ୍ୱ ଛାଡ଼ିଦେଲେ ପ୍ରିନ୍ସିପାଲ ନିଶ୍ଚିନ୍ତ ହେଇଯାଆନ୍ତି। କାରଣ ସେ ଜାଣନ୍ତି ତାକୁ ଦେଉଥିବା ଦାୟିତ୍ୱ କେବେ ବି ତାଙ୍କଠାରୁ ଫେରି ଆସେନି।

ସେ ଘରକୁ ଫେରିଲା ମାତ୍ରେ ବହିପତ୍ର ଓ ବେଗ୍ ଖଟ ଉପରେ ଏକପ୍ରକାର ଫୋପାଡ଼ିଦେଇ ଶୋଇ ପଡ଼ିଲା। ଆଜି କଲେଜ ଗଲାବେଳେ ସେ ସାମାନ୍ୟ କିଛି ରାନ୍ଧି ଦେଇ ଯାଇଥିଲା। କିନ୍ତୁ ଏବେତ ଖାଇବାବେଳ ଗଡ଼ିଗଲାଣି। ଦୁଇଟା ସୁଦ୍ଧା ଫେରିବାର କଥା - ଫେରିଲା ଚାରିଟାବେଳେ। ତା' ବୋତଲରୁ ପାଣି ମଧ୍ୟ ସରିଯାଇଥିଲା। ସେ ଠିକ୍ କଲା ନା ସେ ଏବେ ଆଉ କିଛି ଖାଇବ ନାହିଁ, ବରଂ ପାଞ୍ଚଟା ପରେ ସାମାନ୍ୟ କିଛି ଜଳଖିଆ ଖାଇବ ଏବଂ ଦିନର ଖାଦ୍ୟକୁ ରାତିରେ ଖାଇବ। ଆଉ ରାନ୍ଧିବ ନାହିଁ।

ଘର ମାଲିକ ସୁବ୍ରତମଉସା ଆସି ତିନିଖଣ୍ଡି ଚିଠି ଦେଇଗଲେ। ଚିଠି ପଢ଼ିବାକୁ ତା'ର ସେତେବେଳେ ଇଚ୍ଛା ନ ଥିଲା। ସେ ଖାଲି ଆଖି ବୁଲାଇ ଦେଖିନେଲା କିଏ

Digitized by srujanika@gmail.com

ଦେଇଚି । ତାକୁ ଦେଖି ସାରିଲା ପରେ ରଖିଦେଲା, ପରେ ପଢ଼ିବ ଭାବୁଥିଲା । କାରଣ ତା' ପାଖକୁ ଚିଠି ଦୈନିକ ଆସୁଚି । ସେଥିରେ ପୋଷ୍ଟକାର୍ଡ଼ କମ୍, ଲଫାପା ବେଶୀ । ଲଫାପାର ରଂଗ ମଧ୍ୟ ଭିନ୍ନ । ଯାହା ମୋବାଇଲରେ କହି ନ ହୁଏ ତାକୁ ଚିଠିରେ ଲେଖାଯାଏ । ଇ-ମେଲ ମଧ୍ୟ ଆସେ । କିନ୍ତୁ ସଂଯୁକ୍ତାର ଇ-ମେଲ ବ୍ୟବସ୍ଥା ନାହିଁ । ମୋବାଇଲ ସଂପର୍କ ଆରମ୍ଭ କରିପାରେ, କିନ୍ତୁ ତାକୁ ଫୁଲଫଳରେ ପରିଣତ କରିପାରେନା । ସଂଯୁକ୍ତା ମୋବାଇଲ, ଚିଠି, ଲଫାପା; ତାହା ସାଧା ହେଉ ବା ରଙ୍ଗୀନ ହେଉ ତାକୁ ଆଉ ଗୁରୁତ୍ୱ ଦିଏନା । ଆସେ, ଦେଖେ, ତା'ପରେ ତା'ର ସ୍ୱାଭାବିକ ପରିଣତି ପାଇଁ ତାକୁ ଛାଡ଼ିଦିଏ ।

କିନ୍ତୁ ଏଥର ଯୋଉ ଲଫାପାଟା ସେ ଦେଖିଲା, ତାକୁ ସେ ପ୍ରଥମେ ଖୋଲିବ କିନା, ସେକଥା ଚିନ୍ତା କଲା । ଖଟ ଉପରେ ଗଡ଼ିପଡ଼ି ସେ ଚିନ୍ତା କଲା ଯେ ଏଥିରେ ସେଇ ଗତାନୁଗତିକ କଥା ଛଡ଼ା ଆଉ କଅଣ ଥାଇପାରେ । ଯାହା ଜଣେ ବରାବର ଲେଖେ, ସେଇ କଥା ହିଁ ଲେଖିଥିବ । ସେସବୁ କଥାର ଉତ୍ତର ତା' ହାତରେ ନଥାଏ । କିନ୍ତୁ ତଥାପି ସେ ଚିଠିଟାକୁ ପ୍ରଥମେ ଖୋଲିଲା । ଚିଠିଟା ଥିଲା ମାଆର । ଗାଁରୁ ଲେଖିଚି । ବାପାମାଆ ଗାଁରେ ଥାଆନ୍ତି । ଏକମାତ୍ର ସନ୍ତାନ ସଂଯୁକ୍ତା ଯୋଉଦିନ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ସେ ଏମ୍.ଏ. ପାଶ୍ କଲା, ସେଦିନ ସେମାନେ ଆଉ କିଛି ଦେଖନ୍ତୁ କି ନ ଦେଖନ୍ତୁ, ପ୍ରଚୁର ସ୍ୱପ୍ନ ଦେଖିଥିବେ । ରାତି ଅପେକ୍ଷା ସ୍ୱପ୍ନ ଯେ ଲମ୍ବା, ଏକଥା ସେମାନେ ବୁଝିପାରି ନଥିବେ । ଗୋଟାଏ ଗ୍ରାମ୍ୟ ପରିବେଶରେ, ବାହାରର ସୁସ୍ଥ ଓ ସୁନ୍ଦର ବାୟୁ ସେଠାକୁ ଯାଇପାରୁ ନଥିବାବେଳେ କେବଳ ସ୍ୱପ୍ନଟାହିଁ ଥାଏ ସେମାନଙ୍କ ପାଖରେ, ଏକମାତ୍ର ସଂବଳ ହେଇ । ଅସରନ୍ତି ସ୍ୱପ୍ନ । ଝିଅଟିକୁ ଯୋଗ୍ୟତାର ଶୀର୍ଷତମ ସ୍ଥାନରେ ପହଞ୍ଚେଇବାକୁ କୋଉ ପିତାମାତା ଚାହାନ୍ତି ନାହିଁ ଏବଂ ସେ କାମରେ ସେମାନେ ସଫଳ ହେଲା ପରେ ସେମାନଙ୍କର ଆଉ କୋଉ ସ୍ୱପ୍ନ ବାକି ରହିଯାଏ ?

ଚିଠିଟାକୁ ଖୋଲିଲା ସଂଯୁକ୍ତା । କିନ୍ତୁ ତାକୁ ପୁଣି ତକିଆ ତଳେ ରଖି ଆଖି ବନ୍ଦ୍ କରି ଶୋଇପଡ଼ିଲା । ଚିଠିଟା ଥିଲା ଖୁବ୍ ଲମ୍ବା । କେତେ ପୃଷ୍ଠା କେଜାଣି ! ସେସବୁ ଦେଖିବାକୁ ତା'ର ଧୈର୍ଯ୍ୟ ନଥିଲା । ସେଥିରେ ସେ ଭାବିଲା, 'ଆମେ ଭଲ ଅଛୁଁ, ତୋ' ଦେହ ପା'ର ଯତ୍ନ ନେଉଥିବୁ' ପରି କେତେଗୁଡ଼ିଏ ବାକ୍ୟ ଥିବ ଏଥିରେ, ସନ୍ଦେହ ନାହିଁ । ସେ ଜାଣେ, ବାକିତକ ପଢ଼ିଲେ ଆଉ ଆଖି ବନ୍ଦ କରିହେବ ନାହିଁ । ଆଖି ବନ୍ଦ୍ କରି ନ ପାରିଲେ ସେ ଯେମିତି ଭାବରେ କ୍ଷତବିକ୍ଷତ ହେବ, ଯୋଉ ଯନ୍ତ୍ରଣାରେ ଜର୍ଜରିତ ହେବ, ସେଥିରେ ତା'ର ଅଶାନ୍ତି ବଢ଼ିବ ହିଁ ବଢ଼ିବ ।

କିନ୍ତୁ ଆଖି ବନ୍ଦ୍ କରି ମଧ୍ୟ ସେ କେତେ ସମୟ ଶୋଇରହିପାରିବ ? ଚିରାଚରିତ ହେଲେ ମଧ୍ୟ ଚିଠିଟା ତାକୁ ବ୍ୟସ୍ତ କରିବ । ସେ ଉଠିଲା ଓ ଗ୍ଲାସ୍ ଆଣି ପାଣି ପିଇଲା । ଅନ୍ୟ ଦୁଇଟା ଚିଠି ଆଡ଼କୁ ଆଉ ନଜର ଦେଲାନାହିଁ ।

Digitized by srujanika@gmail.com

ସେଦିନ ସଂବାଦପତ୍ରରେ ଯୋଉ ଖବର ପ୍ରକାଶ ପାଇଥିଲା, ତାହା ଥିଲା ଆକର୍ଷଣର କେନ୍ଦ୍ରବିନ୍ଦୁ। ଖବର ଥିଲା, ଗତକାଲି ଅପରାହ୍ନରେ ପଲେ ହରିଣ ସହର ମଧ୍ୟରେ ପ୍ରବେଶ କରିଥିଲେ। ସେମାନେ ବାଟ ଭୁଲି ଭିତରକୁ ଆସିଥିଲେ କି ଜାଣିଶୁଣି ଜନବସତି ଭିତରକୁ ଆସିଥିଲେ ସେକଥା ଜଣା ନଥିଲା। ତେବେ, ସହର ଭିତରେ ରାଜରାସ୍ତାରେ ଯାଉଥିଲାବେଳେ, ତାହା ଗୋଟାଏ ଭୋକିଲା ଜନତାର ପଟୁଆର କିମ୍ବା ଅତ୍ୟାଚାରରେ ଜର୍ଜରିତ ନାରୀମାନଙ୍କ ଅଧିକାର ସାବ୍ୟସ୍ତ ପାଇଁ ଆୟୋଜିତ ଶୋଭାଯାତ୍ରା ପରି ଦେଖାଯାଉଥିଲା।

ହରିଣପଲ ଦେଖିବା ପାଇଁ ସେଦିନ ସହରରେ ପ୍ରବଳ ଭିଡ଼ ହୋଇଥିଲା। ସାଧାରଣ ଜନତାଠାରୁ ପ୍ରାସାଦରେ ବାସ କରୁଥିବା ସମସ୍ତେ ରାଜରାସ୍ତାକୁ ଆସିଥିଲେ ଏବଂ ହରିଣମାନଙ୍କ ପାଇଁ ଅତ୍ୟଧିକ ଉତ୍ସାହ ଓ ଅନୁକମ୍ପା ପ୍ରଦର୍ଶନ କରିଥିଲେ। ଏ କଥା ପ୍ରଚାରିତ ହେଲାମାତ୍ରେ ବିଧାନସଭା ଓ ସଚିବାଳୟ ସୌଧମାନଙ୍କରୁ ସମସ୍ତେ ରାସ୍ତା ଉପରକୁ ଧାଇଁ ଆସିଥିଲେ ଏବଂ ପ୍ରାୟ ଘଣ୍ଟାକ ପାଇଁ ସେହି ଅଫିସ୍ ସବୁ ନିରବ ନିସ୍ତବ୍ଧ ହୋଇଗଲା। ତା' ସହିତ ବିଧାନସଭା ମଧ୍ୟ। ସମସ୍ତେ ବାହାରି ଆସି ଏ ଅପୂର୍ବ ଦୃଶ୍ୟ ଦେଖିବା ସହିତ ବଣ୍ୟଜନ୍ତୁମାନଙ୍କ ପ୍ରତି ସମ୍ବେଦନା ପ୍ରକାଶ କଲେ।

Man for Animal ଅନୁଷ୍ଠାନ କିନ୍ତୁ କଥାଟାକୁ ସହଜ ଭାବରେ ଗ୍ରହଣ କଲାନାହିଁ। ସେମାନେ ସଂବାଦପତ୍ରକୁ ଏକ ବିବୃତି ଦେଇ କହିଲେ ଯେ ଏହାଦ୍ୱାରା ଜଙ୍ଗଲ ଭିତରେ ପଶୁମାନଙ୍କ ଉପରେ ଅତ୍ୟାଚାର ଯେ ବୃଦ୍ଧି ପାଇଚି, ଏହା ପ୍ରମାଣିତ ହୋଇଯାଇଚି ଏବଂ ସେ ଅତ୍ୟାଚାର ଯେ ମନୁଷ୍ୟକୃତ, ଏଥିରେ ସଂଦେହ ନାହିଁ। ଜଂଗଲବିଭାଗ ପଶୁମାନଙ୍କୁ ସୁରକ୍ଷା ଯୋଗାଇ ପାରୁ ନଥିବା କ୍ଷୋଭର କଥା। ହରିଣମାନଙ୍କ ଶୋଭାଯାତ୍ରାକୁ ଆକସ୍ମିକ ବୋଲି ନ ଭାବି ତାହା ଏକ ପ୍ରତିବାଦ ବୋଲି ଗ୍ରହଣ କରାଯାଉ ଏବଂ ତା'ର ପ୍ରତିକାର ବ୍ୟବସ୍ଥା କରାଯାଉ। ଅନ୍ୟଥା ଆମେ ଆନ୍ଦୋଳନ ପାଇଁ ରାସ୍ତାକୁ ବାହାରିବୁ।

ଠିକ୍ ତା' ପରଦିନ ସହରର ସମସ୍ତ ବୁଦ୍ଧିଜୀବୀ, ସଚେତନ ନାଗରିକ, ଜ୍ଞାନୀ, ଗୁଣୀ ଓ ପଣ୍ଡିତମାନଙ୍କ ତରଫରୁ ମଧ୍ୟ ଏକ ବିବୃତି ପ୍ରକାଶ ପାଇଲା। ସେଥିରେ ସେମାନେ କହିଥିଲେ, ହରିଣମାନଙ୍କ ସହର ପ୍ରବେଶକୁ ଶୁଭଖବର ହିସାବରେ ଗ୍ରହଣ କରାଯାଉ। ଏହାଦ୍ୱାରା ଆମ ସହିତ ସଂପର୍କ ବୃଦ୍ଧି ପାଇବ ଏବଂ ସର୍ବୋପରି ସମଗ୍ର ପଶୁସମାଜ ସହିତ ଆମର ସଂପର୍କ ଦୃଢ଼ ହେବ। ସେମାନେ ଯେପରି ଅଧିକରୁ ଅଧିକ ସଂଖ୍ୟାରେ ସହର ଭିତରକୁ ଆସିପାରିବେ ଏବଂ ସେମାନଙ୍କ ବିଚରଣ ଯେପରି ବାଧାପ୍ରାପ୍ତ ନ ହୁଏ, ତା'ର ବ୍ୟବସ୍ଥା ହେଉ। ଆବଶ୍ୟକ ହେଲେ ପୁଲିସ ମଧ୍ୟ ସେମାନଙ୍କୁ ସହାୟତା ଯୋଗାଇ ଦେଉ

Digitized by srujanika@gmail.com

ଏବଂ ଆମ ପାର୍କ ମାନଙ୍କରେ ସେମାନଙ୍କ ଭ୍ରମଣ ପାଇଁ ସୁଯୋଗ ସୃଷ୍ଟି ହେଉ। ଏହାଦ୍ୱାରା ପଶୁ ଓ ମଣିଷ ଭିତରେ ବନ୍ଧୁତା ବୃଦ୍ଧି ପାଇବ।

ସେମାନେ ଏ ବିଷୟରେ ଏକ ଉତ୍ତମ ସ୍ମାରକପତ୍ର ପ୍ରସ୍ତୁତ କରି ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ ଓ ଅନ୍ୟାନ୍ୟ ପଦସ୍ଥ ଅଫିସରଙ୍କ ପାଖକୁ ପଠାଇଲେ। ସଂବାଦପତ୍ରମାନଙ୍କରେ ଏ ଖବର ପ୍ରକାଶ ପାଇଲା ପରେ ସଂପାଦକଙ୍କୁ ଚିଠିର ସୁଅ ଛୁଟି ଥିଲା। ଜାତୀୟ ଓ ସ୍ଥାନୀୟ ସଂବାଦପତ୍ରମାନେ ଏ ବିଷୟରେ ଲୋକମାନଙ୍କ ସଚେତନତାକୁ ପ୍ରଶଂସା କରିଥିଲେ। ଗୋଟିଏ ପ୍ରାଇଭେଟ ଟିଭି ଚାନେଲ ମଧ୍ୟ ଯା ଉପରେ ଜନମତ ସଂଗ୍ରହ କରିଥିଲା। ସେ ଲେଖିଥିଲା ଯେ 'ବନ୍ୟପ୍ରାଣୀ ସଂରକ୍ଷଣ ପାଇଁ ସରକାର ନେଉଥିବା ପଦକ୍ଷେପ ଯଥେଷ୍ଟ କି ?' ଏଥିରେ କୁଆଡ଼େ ହଜାର ହଜାର ଲୋକ ଭାଗନେଇ ସେମାନଙ୍କ ମତ ଦେଇଥିଲେ। ମତ ଅବଶ୍ୟ ସରକାରଙ୍କ ବିପକ୍ଷରେ ଯାଇଥିଲା। କିନ୍ତୁ ଏ ପ୍ରକାର ମତ ସବୁକୁ ଜାଗ୍ରତ ରଖିବା ପାଇଁ ଟିଭି ଚାନେଲଟି ପ୍ରାୟ ତିନି ଦିନ ପର୍ଯ୍ୟନ୍ତ ଭଲ ଭଲ ମତକୁ ଚାନେଲରେ ପ୍ରସାରିତ କରିଥିଲା। ଅନ୍ୟ ଚାନେଲଟି ଏ ବିଷୟରେ ଗୋଟିଏ ଆଲୋଚନାର ଆୟୋଜନ କରିଥିଲେ।

ସଂଯୁକ୍ତା ସେଦିନ ଯେତେବେଳେ କଲେଜକୁ ଗଲା, ସେ ଦେଖିଲା, କମନରୁମରେ ଅସ୍ୱାଭାବିକ ଗହଳି। ପ୍ରାୟ ସବୁ ଅଧ୍ୟାପକ ଓ ଅଧ୍ୟାପିକା ସେଠି ବସିଥିଲେ ଏବଂ ଗୋଟାଏ କିଛି ନିର୍ଦ୍ଦିଷ୍ଟ ବିଷୟରେ ସେମାନେ କଥା ହେଉଥିଲେ। ଏପରିକି ଠିକ୍ ସେଇ ସମୟରେ ଯେଉଁମାନେ କ୍ଲାସରେ ରହିବାର କଥା, ସେମାନେ ମଧ୍ୟ ସେଠି ଥିଲେ। ଫିଜିକ୍ସର ପ୍ରାଧ୍ୟାପିକା ମିସେସ୍ ମହାନ୍ତି ସବୁଠାରୁ ବେଶି ପ୍ରଗଲ୍ଭା। କଥା କହିଲାବେଳେ ତାଙ୍କ ପାଟିରେ ବାଟୁଳି ବାଜେ ନାହିଁ। ଇଂରାଜୀ ଅଧ୍ୟାପକ ରମେଶ ଚୌଧୁରୀ ବୋଧେ ଦ୍ୱିତୀୟ କି ତୃତୀୟ ପାନ ପାଟିରେ ପୂରେଇ କଅଣ ଗୋଟେ ବକ୍ତୃତା ଦେବା ଭଙ୍ଗୀରେ ଠିଆ ହୋଇ କହୁଥିଲେ। ତାଙ୍କ ପାଟି ବନ୍ଦ୍ ହୋଇଗଲା।

ସେମାନେ ସମସ୍ତେ ସଂଯୁକ୍ତାକୁ ପ୍ରିନ୍ସିପାଲଙ୍କ ପାଖଲୋକ ବୋଲି ଭାବନ୍ତି। ତେଣୁ ଆଲୋଚନାଟି ହଠାତ୍ ବନ୍ଦ ହେବା ଦ୍ୱାରା ସଂଯୁକ୍ତା ଭାବିଲା, ବୋଧେ କିଛି ଆଲୋଚନା ପ୍ରିନ୍ସିପାଲଙ୍କ ବିରୁଦ୍ଧରେ ହିଁ ଚାଲିଥିଲା।

ପାଟିଖୋଲିଲେ ପ୍ରଥମେ ମିସେସ୍ ମହାନ୍ତି, "କି ଲୋ ସଂଯୁକ୍ତା, ଏବେ ତୁ କଅଣ କରିବୁ ?"

"କେଉଁ କଥା ଅପା ?"

Digitized by srujanika@gmail.com

"ତାଙ୍କୁ କାହିଁକି ସେକଥା ପଚାରୁଚନ୍ତି ? ତାଙ୍କର ମାସକୁ ପାଞ୍ଚଶ ହେଲେ ଚଳିଯିବ। ତାଙ୍କର ଚିନ୍ତା କ'ଣ ?" କହିଲେ ରମେଶ ଚୌଧୁରୀ।

"କି ? ମୋ ପୁଅଝିଅ ଗାଁରେ ନାହାନ୍ତି ? ସେମାନେ କଅଣ ହାଓ୍ୱା ଖାଇବେ ?" ସଂଯୁକ୍ତା କହିଲା ଗମ୍ଭୀର ହୋଇ। କୋଉ କଥା ପଡ଼ିଚି ଶୁଣେଁ।

"ବାପାମାଆଙ୍କ କଥା କହୁଚୁ ତ ?" କହିଲେ ମିସେସ୍ ମହାନ୍ତି।

ସମସ୍ତେ ହସି ଉଠିଲେ।

"ଆପଣମାନଙ୍କ ଦରମା ଆହୁରି କମିବ। ଏବେ ଚାଳିଶ ପରସେଣ୍ଟ ମାତ୍ର ସରକାର ଦେଇପାରିବେ ବୋଲି କହୁଛନ୍ତି। ଆପଣ ଏଥିରେ ରାଜି ?"

ସଂଯୁକ୍ତା ଗୁମ୍‌ମାରି ଛିଡ଼ାହୋଇଗଲା। ତା' ଭିତରେ ଗୋଟାଏ ଆଗ୍ନେୟଗିରି ଉତ୍ତେଜନା ବୃଦ୍ଧି ପାଉଥିଲା। କଲେଜକୁ ଆସୁ ଆସୁ ସେ ଏମିତି ଗୋଟାଏ କଥା ଶୁଣିବ ବୋଲି ଆଶା କରି ନଥିଲା। ତା'ର କ୍ରୋଧ ଏତେ ବଢ଼ିଯାଉଥିଲା ଯେ ସେଥିରେ ସେ କଥା କହି ପାରୁ ନଥିଲା। ଗୋଟାଏ ଅସହାୟ କଟାଗଛ ପରି ସେ ପାଖ ଚେଆରରେ ବସି ପଡ଼ିଲା।

"କିଛି କହିଲେ ନାହିଁ ଯେ ?" ରମେଶ ଚୌଧୁରୀ ଆଉଥରେ ପଚାରିଲେ। "ଯିବେ, ବିଧାନସଭା ଆଗରେ ବିକ୍ଷୋଭ ପ୍ରଦର୍ଶନ ପାଇଁ ? ଖବର ଆସିଚି କେନ୍ଦ୍ର ଅଫିସରୁ ? ଯିବେ, ଆତ୍ମବଳି ଦେବାକୁ ? ଲାଠିମାଡ଼, ଲୁହବୁହା ବାଷ୍ପ କିମ୍ବା ଗୁଳି ମଧ୍ୟ ବ୍ୟବହାର ହୋଇପାରେ ଏବଂ ଅତି ନିକୃଷ୍ଟରେ ଜେଲ୍। ପାରିବେ ଏ ସବୁକୁ ଆପଣେଇନେଇ ?"

ପ୍ରିନ୍ସିପାଲ ଆସି ଦୁଆର ମୁହଁରେ ଠିଆ ହେଲେ। ଗୋଟାଏ କ୍ଷୁବ୍ଧ ବିକ୍ଷୁବ୍ଧ ଚେହେରା ତାଙ୍କର।

"ଆପଣମାନେ କ୍ଲାସକୁ ଯାଆନ୍ତୁ। ଏଠି ବସି ଆନ୍ଦୋଳନ କଥା ଆଲୋଚନା କରିବାର ମାନେ କିଛି ହୁଏନା ?" ସେ ଟିକିଏ ରହିଗଲେ, ତା'ପରେ କହିଲେ "ମୋର କହିବାର କଥା, ମୁଁ ଆପଣମାନଙ୍କ ସମସ୍ୟା କଥା ବୁଝୁଚି। ମୋର ତା' ପ୍ରତି ସହାନୁଭୂତି ରହିଚି। କିନ୍ତୁ କ୍ଲାସ ଛାଡ଼ି ଏଠି ଆନ୍ଦୋଳନ କଥା ଆଲୋଚନା କଲେ ଖରାପ ପରମ୍ପରା ସୃଷ୍ଟି ହେବ। ପିଲାମାନେ ବି ଆମକୁ ପ୍ରଶ୍ନ ପଚାରିବେ।"

Digitized by srujanika@gmail.com

"ଆମେ ତ ତିନିମାସ ହେଲା ଦରମା ପାଉନୁ। କିଛି ଗୋଟାଏ ବ୍ୟବସ୍ଥା କରନ୍ତୁ, ସାର୍ ! ଅନ୍ତତଃ କଲେଜ ଫଣ୍ଡରୁ ପାଞ୍ଚ ହଜାର ଲେଖାଏଁ ଆଡ୍‌ଭାନ୍ସ ଦିଅନ୍ତୁ। ହେଇ ଦେଖନ୍ତୁ, ଡକ୍ଟର ଚୌଧୁରୀଙ୍କ ସ୍ତ୍ରୀ ଡେଲିଭରି ପାଇଁ ହସ୍‌ପିଟାଲରେ ଏଡ୍‌ମିଟ ହେଇଛନ୍ତି। ଆଉ ସଂଯୁକ୍ତାର ବାପ ମାଆ..."

"ମୁଁ ସେ କଥା ବୁଝୁଚି, ମାଡ଼ାମ୍ ! ଗଭର୍ଣ୍ଣଂବଡ଼ିର ମିଟିଂ ଡକାଇଚି। କିନ୍ତୁ ଏବେ ପ୍ରଶ୍ନ ଉଠୁଚି, ଏଇ ଯେଉଁ ଚାଳିଶ ପରସେଣ୍ଟ ହେଲା, ସେଥିରେ ପାଞ୍ଚହଜାର ହେବ ତ ? କଲେଜ ବି ଏତେ କୋଉଠୁ ଆଣିବ ?"

ସଂଯୁକ୍ତା ସେଦିନ ଦ୍ୱନ୍ଦ୍ୱରେ ପଡ଼ିଥିଲା। ଯୋଉଦିନ ତା'ର ଏସୋସିଏସନ ମିଟିଂରେ ଯୋଗ ଦେବାର କଥା, ଅର୍ଥାତ୍ ଯୋଉ ମିଟିଂରେ ଗୋଟାଏ ଚରମ ପନ୍ଥା ଅବଲମ୍ବନ କରାଯିବା କଥା କୁହାଯାଇଥିଲା, ସେଇ ମିଟିଂର ଅବ୍ୟବହିତ ପୂର୍ବରୁ ତା' ବାପା ଆସି ପହଞ୍ଚିବେ ବୋଲି ଖବର ପଠାଇଲେ। ସେ ତାଙ୍କୁ ଆସିବା ପାଇଁ ମନା କରିପାରିଥାଆନ୍ତା; କିନ୍ତୁ ଗତ ଦୁଇଦିନ ହେଲା ତା' ମୋବାଇଲରେ ପଇସା ସରିଯାଇଚି। ସେ ଜାଣେ, ତା' ବାପା କାହିଁକି ଆସୁଛନ୍ତି। ପ୍ରସ୍ତାବ ଛଅମାସ ହେଲା ଆଗେଇପାରୁନାହିଁ ବୋଲି ସେ ହୁଏତ ତା'ର କାରଣ ଜାଣିବାକୁ ଚାହାନ୍ତି। ହୁଏତ ଭାବୁଥିବେ, ସଂଯୁକ୍ତା ସେ ପ୍ରସ୍ତାବରେ ରାଜି ନୁହେଁ। ତା'ର ମନ ଆଉ କୋଉଠି ଥିବ।

ସଂଯୁକ୍ତା ମନେମନେ ହସିଲା। ସରଳ ଗ୍ରାମ୍ୟ ପରିବେଶ ଭିତରେ ବଢ଼ିଥିବା ଏବଂ ପ୍ରାଇମେରୀ ସ୍କୁଲରୁ ଅବସର ନେଇଥିବା ତା' ବାପା ଯେ ଆଉଜଣେ ଅଧ୍ୟାପକର ମନକୁ ଛୁଇଁ କରିପାରୁନାହାନ୍ତି, ସେକଥା ସେ ବୁଝୁଥିଲା। ପ୍ରାଇଭେଟ ଟିଉସନ କରି ଚଳୁଥିବା ଅଧ୍ୟାପକଟିଏ ଓଡ଼ିଆ ଅଧ୍ୟାପିକାଟିକୁ ନେଇ କଅଣ କରିବ ? ବୋଝ ଉପରେ ନଳିତା ବିଡ଼ା ରଖିବାକୁ କିଏ ଚାହିଁବ ? କଅଣ ଭବିଷ୍ୟତ ଅଛି ଓଡ଼ିଆରେ ? ଗୋଲ୍ଡମେଡ଼େଲ ଥାଉ ତା'ଘରେ !

ସଂଜୟ ଦୀର୍ଘ ଆଠବର୍ଷର ସଂପର୍କକୁ ଏବେ ଗୋଟାଏ ପ୍ରଶ୍ନବାଚୀ ଭିତରେ ରଖି ଲେଖିଥିଲା, 'ଯଦି ପାରୁଚ, ଆହୁରି ଅପେକ୍ଷା କର, ପବନଟା ଆମ ସପକ୍ଷରେ ବହିବା ପର୍ଯ୍ୟନ୍ତ। ଦିନେ ତ ହେଲେ ଆମ ଭାଗ୍ୟ ଫିଟିବ। ନଚେତ୍...'

ନଚେତ୍। ନଚେତ କଅଣ ?

ସଂଯୁକ୍ତା ଭାବିଲା, ସଂଜୟ ହୁଏତ ଜାଣେନାହିଁ, ଗୋଟାଏ ସପକ୍ଷବାଦୀ ପବନ

Digitized by srujanika@gmail.com

କେବେ ବି ମନକୁମନ ବହିପାରେନାହିଁ । ତାହା ବାୟୁମଣ୍ଡଳୀୟ ଚାପ ଉପରେ ନିର୍ଭର କରେ । ଚାପ ସୃଷ୍ଟି ନ ହେଲେ ତା'ର ଗତି ଓ ବେଗ ସାଧାରଣ ହୋଇ ରହିଯାଏ । ସେଥିରେ କୌଣସି ପରିବର୍ତ୍ତନ ଦେଖାଯାଏ ନାହିଁ ।

କିନ୍ତୁ 'ଯଦି ପାରୁଚ' ମାନେ ? କାହାକୁ ଇଙ୍ଗିତ କରୁଚି ଏଇଟା ?

ଆଉ ଯଦି 'ନ ପାରୁଚ' ?

ସଂଜୟ ହୁଏତ କଥାଟାକୁ ସ୍ପଷ୍ଟ କରିପାରୁନାହିଁ ଯେ 'ତୁମେ ଅନ୍ୟ ରାସ୍ତା ଦେଖ - ଏଠି ଆଉ ସମୟ ନଷ୍ଟ କରନା' ।

ସମୟ ? ସଂଯୁକ୍ତା ପରି ନାରୀଟିଏ କୋଉ ମାପକାଠି ନେଇ ତା'ର ସମୟକୁ ମାପିବ ? ପ୍ରାୟ ଦୁଇବର୍ଷ ହେଲା ସେ ତା'ର ଜନ୍ମତିଥି ମନେପକେଇ ପାରୁନାହିଁ । ସେ ସମୟ ଆସିଲେ ତା' ଭିତରେ ଯୋଉ ଭୟ ସୃଷ୍ଟି ହୁଏ, ତାକୁ ଅତିକ୍ରମ କରିବାକୁ କମ୍ ସମୟ ଲାଗେ ନାହିଁ । ସେ ଭାବେ, ଯେତିକି ସମୟ ଗଡ଼ିଯାଉଚି, ସେତିକି ଯେମିତି ସେ ଗୋଟାଏ ନିବୁଜ ଅଂଧକାର ଆଡ଼କୁ ଆଗେଇ ଯାଉଚି । ତା' ଭିତରେ ତା'ର ସ୍ଥିତି କାହିଁ ? କୋଉଠି ?

ସେ ଉଠିଲା । ଘରେ ତାଲା ପକେଇଲା । ଘରମାଲିକ ମଉସାଙ୍କୁ ଚାବିଟା ବଢ଼େଇଦେଇ କହିଲା, "ମଉସା, ଏଇଟା ରଖନ୍ତୁ । ବାପା ଆସିବେ । ମୁଁ ଆମ ଏସୋସିଏସନ ମିଟିଂକୁ ଯାଉଚି । ମିଟିଂଟା ଜରୁରୀ । ସେ ଆସିଲେ ତାଙ୍କୁ ଘରେ ବିଶ୍ରାମ ନେବାକୁ କହିବେ ଏବଂ ମୋତେ ମିସ୍ କଲଟିଏ ଦେବେ । ଟାଉନ୍ ହଲ୍ ତ ଏଇ ପାଖରେ । ଦଶମିନିଟ୍ ବି ଲାଗିବ ନାହିଁ ଆସିବାକୁ ।"

"ତୁ ବ୍ୟସ୍ତ ହେବୁନି ସଂଜୁ । ସେ ଆସିଲେ ଆମ ଘରେ ହିଁ ଥିବେ । ବିଶ୍ରାମ ଆମରି ଘରେ ନେବେ । ତୁ ଯେତେବେଳେ ଆସିଲେ ବି କ୍ଷତି ନାହିଁ । ଏଇ ମିଟିଂରେ ତୁମର ସବୁ କଅଣ ଫଇସଲା ହେବାର ଅଛି କହୁଥିଲୁ । ତୁ ଚିନ୍ତା କରିବୁନି । ତୁ ମିଟିଂ ସରିଲେ ଆସିବୁ । ଆମେ ବସି ଗପ କରୁଥିବୁ ।"

ପରଦିନ ସକାଳେ ସଂଯୁକ୍ତା ଖବରକାଗଜ ଦେଖି ଆଶ୍ଚର୍ଯ୍ୟ ହେଇଗଲା । ଯୋଉ ହରିଣୀ କଥା କେତେମାସ ତଳେ ଖବର କାଗଜର ପ୍ରଥମ ପୃଷ୍ଠା ମଣ୍ଡନ କରିଥିଲା, ଏବେ ତା'ରି କଥା ପୁଣିଥରେ । ଖବରକାଗଜ ମୃତା ହରିଣୀର ଫଟୋ ସହ ଲେଖିଚି, ସହରର କୌଣସି ଜଣେ ମହାମାନ୍ୟ ଭି.ଆଇ.ପି.ଙ୍କ ବଣଭୋଜି ପାଇଁ ଏହି ପଶୁଟିକୁ ଶିକାର

Digitized by srujanika@gmail.com

କରାଯାଇଥିବାର ଅନୁମାନ କରାଯାଏ । କାରଣ ପାଖ ବସ୍ତିବାସିନ୍ଦାମାନେ ଗତକାଲି ଅପରାହ୍ନରେ ବାରମ୍ବାର ବଂଧୁକରୁ ଗୁଳି ଫୁଟିବାର ଶବ୍ଦ ଶୁଣିଚନ୍ତି ବୋଲି କୁହନ୍ତି । ହୁଏତ କୌଣସି କାରଣରୁ ହରିଣୀଟି ଗୁଳିବିଦ୍ଧ ହେଲା ପରେ ଅନ୍ୟ ଜାଗାରେ ମରିଯାଇଚି ।

ତା'ପରେ ସଂବାଦପତ୍ର ଲେଖିଚି, ସରକାର ବନ୍ୟଜନ୍ତୁ ସଂରକ୍ଷଣ ପରିବର୍ତ୍ତେ ବନ୍ୟପ୍ରାଣୀର ବିନାଶ ପାଇଁ ଉଦ୍ୟମ ଜାରି ରଖିଛନ୍ତି ।

ପରେ ସଂଯୁକ୍ତା ଶୁଣିଲା, ଅନ୍ୟ ସଂବାଦପତ୍ରମାନେ ମଧ୍ୟ ଘଟଣାର ତୀବ୍ର ନିନ୍ଦା କରିଛନ୍ତି । Man for Animal ର ସଭାପତି ସରକାରଙ୍କୁ ଘଟଣା ପାଇଁ ସମ୍ପୂର୍ଣ୍ଣ ଦାୟୀ କରି ତା'ର ତଦନ୍ତ ପାଇଁ ଦାବୀ କରିଚି । ଅନ୍ୟଥା ସେମାନେ ବିଭାଗୀୟ ମନ୍ତ୍ରୀଙ୍କ ଭାସଭବନ ଆଗରେ ଧାରଣା ଦେବେ ଏବଂ ଆବଶ୍ୟକ ହେଲେ ମନ୍ତ୍ରୀଙ୍କୁ ଘେରାଉ କରାଯିବ ବୋଲି କହିଛନ୍ତି ।

ଘଟଣା ଯେ ଏତିକିରେ ଶେଷ ହେଲା, ତା' ନୁହେଁ । ସେତେବେଳେ ବିଧାନସଭା ଚାଲିଥିଲା । ବିରୋଧୀଦଳ ନେତା ଏ ପ୍ରସଙ୍ଗ ବିଧାନସଭାରେ ଉତ୍‌ଥାପନ କରି ଜଙ୍ଗଲ ବିଭାଗ ମନ୍ତ୍ରୀଙ୍କଠାରୁ ସ୍ପଷ୍ଟୀକରଣ ମାଗିଥିଲେ । ସେ ଏ କଥା ମଧ୍ୟ କହିଲେ ଯେ ମାନ୍ୟବର ମନ୍ତ୍ରୀ ନିଶ୍ଚୟ ଜାଣନ୍ତି, ଏ ଅପରାଧୀ କିଏ ? କିନ୍ତୁ ସେ ଜଣେ ମାନ୍ୟଗଣ୍ୟ ବ୍ୟକ୍ତି ହୋଇଥିବାରୁ ତାଙ୍କୁ ଘଣ୍ଟ ଘୋଡ଼ାଯାଉଚି ।

ସଂଯୁକ୍ତା ବୁଝିଥିଲା ଯେ ଆନ୍ଦୋଳନଟା ଅବଶ୍ୟ ଦାନା ବାନ୍ଧୁଚି । କିନ୍ତୁ ସେ ଏକଥା ମଧ୍ୟ ବୁଝିଥିଲା ଯେ ଯଦି ପ୍ରକୃତରେ ଭି.ଆଇ.ପି. ଜଣଙ୍କୁ ମନ୍ତ୍ରୀ ଜାଣିଥାଆନ୍ତି, ତେବେ ତଦନ୍ତ କଲେ କି ଫଳ ମିଳିବ ?

ସେଦିନ ଥିଲା ସଂଯୁକ୍ତା ପକ୍ଷେ ଏକ ପରୀକ୍ଷାର ଦିନ । ମହାସଂଘର ଜରୁରୀ ମିଟିଂ ଦିନ ସେ ଯେତେବେଳେ ସାଧାରଣ ସଂପାଦକଙ୍କ ପ୍ରସ୍ତାବ ଅନୁଯାୟୀ ନିଜେ ପ୍ରଥମେ ଆମରଣ ଅନଶନରେ ବସିବ ବୋଲି କହିଲା, ସେତେବେଳେ ଅନ୍ୟ ଯେଉଁମାନେ କୁନ୍ଥୁକୁନ୍ଥୁ ହେଉଥିଲେ, ସେମାନେ ମଧ୍ୟ ଆଗେଇଆସିଲେ । ଆଜି ସେଇ ପରୀକ୍ଷାର ଦିନ । ସଂଘ ତରଫରୁ ଶୋଭାଯାତ୍ରା ଓ ସଭାର ଆୟୋଜନ ହେଉଚି । ସଂଯୁକ୍ତା ଓ ତା' ସହିତ ପ୍ରାୟ ଶହେ ସଦସ୍ୟ ସଚିବାଳୟ ସାମ୍ନାରେ ଅନଶନରେ ବସିଲେ । ସମଗ୍ର ଅଞ୍ଚଳ ଲୋକାରଣ୍ୟ ହେଇଗଲା । ଟିଭି କେମେରାମାନ ବହୁ ସମୟ ପର୍ଯ୍ୟନ୍ତ ଚିକ୍ ଚିକ୍ କଲା । ସକାଳ ଦଶଟାରୁ ରାତି ଆଠଟାଯାଏ କୁଶପୁତଳିକାଠାରୁ ରାସ୍ତା ଅବରୋଧଯାଏ ସବୁଯାକ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ଗୋଟିକ ପରେ ଗୋଟିଏ ହେବାକୁ ଲାଗିଲା ।

Digitized by srujanika@gmail.com

ସମଗ୍ର ଅଞ୍ଚଳଟା ପୁଲିସ ଭର୍ତ୍ତି ହେଇଯାଇଥିଲେ। ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ ବିଭିନ୍ନ ଜିଲ୍ଲାରୁ ପୁଲିସ ଅଣାଯାଇଥିଲା। ପ୍ରାୟ ସଂଧ୍ୟା ସମୟକୁ ଅର୍ଥାତ୍ ମନ୍ତ୍ରୀ ଓ ଅଫିସରମାନଙ୍କ ଫେରିବା ସମୟକୁ, ମନ୍ତ୍ରୀଙ୍କ ତରଫରୁ କେହିଜଣେ ଆସି ଆନ୍ଦୋଳନକାରୀମାନଙ୍କୁ କହିଥିଲେ ଯେ ସେମାନେ ଯାହା କରୁଚନ୍ତି, ଶାନ୍ତିଶୃଙ୍ଖଳାର ସହିତ କରନ୍ତୁ। ଆଇନକୁ ହାତକୁ ନିଅନ୍ତୁ ନାହିଁ।

ଠିକ୍ ସଂଧ୍ୟା ଛଅଟା ବେଳକୁ ପୁଲିସ ଆନ୍ଦୋଳନକାରୀମାନଙ୍କ ଉପରେ ଲାଠି ଚାର୍ଜ କଲା ଏବଂ ଅନଶନକାରୀମାନଙ୍କୁ ନେଇ ହସପିଟାଲରେ ଭର୍ତ୍ତି କରିଦିଆଗଲା। ମାତ୍ର ଅଧଘଣ୍ଟାଏ ଭିତରେ ରାସ୍ତାଘାଟ ବେଶ୍ ପରିଷ୍କାର ହୋଇଗଲା। ପୁଲିସ ଏକ ବିବୃତି ଦେଇ କହିଲା, ଏବେ ସେ ଅଞ୍ଚଳରେ ଶାନ୍ତି ଫେରି ଆସିଚି ଏବଂ ସାଧାରଣ ଜନତାର ଆଉ କୌଣସି ଅସୁବିଧା ନ ହେବା ପାଇଁ ୧୪୪ ଧାରା ଜାରି କରାଯାଇଛି। ମନ୍ତ୍ରୀଙ୍କ ତରଫରୁ କୁହାଗଲା ଯେ ଆନ୍ଦୋଳନାତ୍ମକ ପନ୍ଥା ପରିହାର କଲେ ସରକାର ସଂଘର ନେତାମାନଙ୍କ ସହିତ ଆଲୋଚନାରେ ବସିବାକୁ କୁଣ୍ଠିତ ହେବେ ନାହିଁ।

ଏ ଘଟଣାଟି ବର୍ତ୍ତମାନ ପାଇଁ ଏଇଠି ସ୍ଥଗିତ ରହିଲା ବୋଲି ଧରିନିଆଯାଉ। କାରଣ ପ୍ରତ୍ୟେକ ଘଟଣା ଏମିତି ଭାବରେ ଦିନେ ଆରମ୍ଭ ହୁଏ ଓ ଆଉ ଦିନେ ଶେଷ ହୁଏ। ଏଥିରେ କିଏ ଜିତେ ଓ କିଏ ହାରେ ତାହା ଭିନ୍ନ କଥା।

ଏ ଦିଗରେ ହରିଣୀର ମୃତ୍ୟୁକୁ ନେଇ ଆନ୍ଦୋଳନ ଦାନା ବାନ୍ଧିବାକୁ ଆରମ୍ଭ କଲା। ମାତ୍ର ଦୁଇ ଦିନପରେ ସହରର ସମସ୍ତ ବୁଦ୍ଧିଜୀବୀ, ସାଧାରଣ ନାଗରିକ, ବହୁ ଏନ୍.ଜି.ଓ ଏକାଠି ହେବାକୁ ଲାଗିଲେ। ସେମାନେ ଏକ ନୈଶ୍ୟ କ୍ଲବରେ ଏକତ୍ରିତ ହୋଇ ଗୋଟିଏ କ୍ରିୟାନୁଷ୍ଠାନ କମିଟି ଗଠନ କଲେ ଏବଂ ତାକୁ ଅଧିକ ପ୍ରସାରିତ କରିବାକୁ ପ୍ରଥମେ ସଂବାଦପତ୍ରରେ ଗୋଟିଏ ନିବେଦନ ପ୍ରକାଶ କଲେ। ଏଇଟି ପ୍ରକାଶ ପାଇବାପରେ ସେମାନଙ୍କ ପାଖକୁ ସମର୍ଥନର ସୁଅ ଛୁଟିଲା। କେବଳ ରାଜଧାନୀ ନୁହେଁ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ପଶୁ ବିଶାରଦ, ପୂର୍ବତନ ଜଙ୍ଗଲ ଅଧିକାରୀ, ବିଶ୍ୱବିଦ୍ୟାଳୟ ଓ କଲେଜମାନଙ୍କର ପ୍ରାଣୀତତ୍ତ୍ୱବିଦମାନେ ଏଥିରେ ଯୋଗ ଦେବାକୁ ସମ୍ମତି ପ୍ରଦାନ କଲେ। କିଛି ଆଇନଜୀବୀ ଓ ସମାଜସେବୀ ସେଥିରେ ସାମିଲ ହେଲେ। ଶେଷରେ ଆସିଲେ ଧର୍ମଗୁରୁମାନେ। ପଶୁମାନଙ୍କ ପ୍ରତି ଦୟା ପ୍ରଦର୍ଶନ ସବୁ ମାନବଧର୍ମର ମୂଳ କଥା ବୋଲି କହି ସେମାନେ ଆୟୋଜକମାନଙ୍କ ପ୍ରତି ସମର୍ଥନ ଜ୍ଞାପନ କଲେ।

ସେମାନେ ସ୍ଥାନୀୟ ଗୋଟିଏ ହଲରେ ପ୍ରଥମେ ସଭା କଲେ। ଏହି ସଭାରେ ବହୁ ବିଚାର ବିମର୍ଶପରେ ସ୍ଥିର ହେଲାଯେ ସେମାନଙ୍କ ଭିତରୁ ବଛା ବଛା ନେତୃସ୍ଥାନୀୟ

Digitized by srujanika@gmail.com

ବ୍ୟକ୍ତିଙ୍କୁ ନେଇ ଗୋଟିଏ ଷ୍ଟେଟ୍ କମିଟି ଗଢ଼ାଯିବ ଏବଂ ଏହି କମିଟିର ମୁଖ୍ୟଙ୍କ ନେତୃତ୍ୱରେ ଗୋଟିଏ ଦଳ ଯାଇ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବେ। ଏହି ଦଳରେ ସବୁ ଶ୍ରେଣୀର ଲୋକ ରହିବେ। ଏହି ଉଦ୍ଦେଶ୍ୟରେ ଗୋଟିଏ ସ୍ମାରକପତ୍ର ଲେଖାହେଲା।

ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାର ଦିନ ଓ ତାରିଖ ଧାର୍ଯ୍ୟ ହେଲା। ସେଦିନ ସହରର ସବୁ ଗଣମାଧ୍ୟମ, ଉଭୟ ଛପା ଓ ବୈଦ୍ୟୁତିକ, ଆସି ଉପସ୍ଥିତ ହେଲେ। ଏପରି ଏକ ସମାବେଶ ନୂଆକରି ହେଉଥିବାରୁ ସେଦିନ ତାକୁ ଦେଖିବାକୁ ବେଶ୍ କିଛି ଲୋକ ମଧ୍ୟ ସେଠି ଉପସ୍ଥିତ ଥିଲେ।

ଶେଷ କଥାଟି ଥିଲା ଏହିପରି ଯେ, ଖବର ପାଇବା ମାତ୍ରେ ମୁଖ୍ୟମନ୍ତ୍ରୀ ନିଜ ସହିତ ଚିଫ୍ ସେକ୍ରେଟାରୀ, ପୁଲିସ୍ ଡି.ଜି. ଓ ତାଙ୍କ ପଲିଟିକାଲ ଆଡଭାଇଜରଙ୍କୁ ନେଇ ମୁଖ୍ୟ ଫାଟକ ପାଖରେ ଥିବା ରିସେପସନ ରୁମ୍‌କୁ ଆସି ସ୍ମାରକପତ୍ର ଗ୍ରହଣ କରିଥିଲେ ଏବଂ ଖୁବ୍ ଶୀଘ୍ର ଏ ବିଷୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

❑❑

Digitized by srujanika@gmail.com

ବୃତ୍ତ

ଭୋର ଚାରିଟା ବେଳେ ମୋ ଲେଣ୍ଡ ଫୋନଟା ବାଜିବାର ଦେଖି ମୁଁ ଆଶ୍ଚର୍ଯ୍ୟ ହେଇଗଲି। ଶବ୍ଦଟା ବି ମୋତେ କେମିତି ଟିକିଏ ଅସ୍ୱାଭାବିକ ଲାଗିଲା। ଘର୍ ଘର୍ ଶବ୍ଦଟା କେମିତି କେଜାଣି ଟିକେ ଭୀତିପ୍ରଦ ଏବଂ ବିରକ୍ତିକର ମଧ୍ୟ। ମୋ ଟେଲିଫୋନ୍‌ଟା ଅବଶ୍ୟ ଅନେକ ପୁରୁଣା ହେଇଗଲାଣି। ଦଶବାର ବର୍ଷରୁ ବେଶୀ। କେତେ ଥର ଖରାପ ହେଲାଣି। ରିପେୟାର ହେଇ ହେଇ ତାର ଉପର ବଡ଼ିଟା ଘଷରା ଓ ତାର ହେଣ୍ଡଲଟା ବାର ବାର ତଳେ ପଡ଼ି ପଡ଼ି କେତେ ଜାଗାରେ ରଙ୍ଗ ଛାଡ଼ିଯାଇଛି। ଥରେ ଦି ଥର ତାର ମଧ୍ୟ ବଦଳ ହେଇଥିବ।

ମୋ ବଂଧୁ ସଦାନନ୍ଦ ଟେଲିଫୋନ୍ ଡ଼ିପାର୍ଟମେଣ୍ଟର ଏସ.ଡ଼ି.ଓ। ମୋତେ କେତେଥର କହିଲେଣି ଆଜିକାଲି କେତେ କେତେ ନୂଆ ମଡ଼େଲ ସବୁ ବାହାରିଲାଣି। ଏଇଟା ଏ ରାଜା ମହାରାଜା ସମୟର ସେଟ୍‌ଟା ତୁମକୁ କେମିତି ଭଲ ଲାଗୁଚି କେଜାଣି।

ମୁଁ ପଚାରିଲି କୋଉ ମହାରାଜାଙ୍କ ଘରେ ଟେଲିଫୋନ୍ ଥିଲା ହୋ ?

କାହିଁକି ? ତମେ ଶୁଣିବ ? ଶୁଣ ଗୋଟାଏ ଗପ। ଢ଼େଙ୍କାନାଳର ରାଜା ଏକାଥରେ ତାଙ୍କ ଦୁଇ ପୁଅ ପାଇଁ ଦୁଇଟା ଟେଲିଫୋନ୍ ବିଦେଶରୁ ମଗାଇଲେ। ତାଙ୍କ ପ୍ରାସାଦର ଦୁଇ ପୁଅର କୋଠରୀରେ ଦୁଇଟା ରଖିଦେଲେ। ରାଜ୍ୟର ଚାରିଆଡ଼େ ପ୍ରଚାର କଲେ ଯେ ମହାରାଜା ନିଜେ ଈଶ୍ୱରଙ୍କୁ ତାଙ୍କ ରାଜ୍ୟ ବିଷୟରେ ଖବର ଦିଅନ୍ତି ଏବଂ ଈଶ୍ୱରଙ୍କ ନିର୍ଦ୍ଦେଶ ଅନୁସାରେ କାମ କରନ୍ତି। ପ୍ରଜାଙ୍କ ଭିତରେ କୌତୁହଳ ସୃଷ୍ଟି ହେଲା। ଏକଥା ସତ କି ମିଛ ଜାଣିବା ପାଇଁ ସେମାନେ ପ୍ରାସାଦକୁ ଆସିଲେ। ଜଣେ ରାଜ କର୍ମଚାରୀ ଲୋକଟିକୁ ଆଣି ତା କାନରେ ଟେଲିଫୋନ୍‌ଟିଏ ଧରାଇ ଦିଅନ୍ତେ ସେ ଆଡୁ ଶୁଣାଗଲା, "ମୁଁ ସ୍ୱୟଂ ଭଗବାନ କହୁଚି, ରାଜା ମୋର ପୁତ୍ର, ସେ ତୁମମାନଙ୍କ ଦୁଃଖ ସୁଖ କଥା ବୁଝିବ। ତୁମେମାନେ ତା

Digitized by srujanika@gmail.com

କଥା ମାନିବ।"

"ଏ ଗାଲୁ ଗପ ସବୁ କୋଉଠୁ ପାଇଲ, ଏଁ? ତୁମେ ଯେତେ ଓକିଲାତି କଲେ ମଧ୍ୟ ମୁଁ ଏ ପୁରୁଣା ମଡ଼େଲ ମୋଟେ ବଦଳେଇବି ନାହିଁ। ମୋର ଏଇଟା ଠିକ୍ ଅଛି। କାମ ଠିକ୍ ଦେଉଚି। ତା ରିଂ ଶବ୍ଦଟା ମୋ ସ୍ତ୍ରୀଙ୍କର ଠାକୁର ପୂଜା ବେଳର ଘଣ୍ଟି ଶବ୍ଦ ପରି ଶୁଭେ।"

କିନ୍ତୁ ଆଜି ତାର ଏ ଶବ୍ଦଟା ମୂର୍ତ୍ତି ବିସର୍ଜନ ବେଳର ଏକ ବାଡ଼ିଆ ଢ଼ୋଲର ଡ଼ବଲ ବାଡ଼ିପିଟା ଭଳି କାହିଁକି ଶୁଭୁଛି?

ମୁଁ ବିଛଣାରେ ଶୋଇ ହାତ ବଢ଼ାଇ ରିସିଭର ଉଠେଇଲି। ହାଲୋ।

ମୁଁ ନଗେନ କହୁଚି। ଆର୍ତ୍ତବାବୁଙ୍କ କ୍ଲିନିକ୍‌ରୁ। ବାପା ବଡ଼ ସିରିଅସ୍। ସେ ଆପଣଙ୍କୁ ଖୋଜୁଛନ୍ତି।

ଆରେ ନଗେନ! ବାପା କେବେଠୁ ହସପିଟାଲରେ? କାହିଁ ମୋତେ ତ ତୁ କିଛି କହିନୁ? କଅଣ ହେଇଚି ତାଙ୍କର? ମୁଁ ପରା ତୋ ପୁଅର ଜନ୍ମ ଦିନରେ ଯାଇଥିଲି। ସେଦିନ ତ ସେ ଖୁବ ଖୁସି ଥିଲେ। ତାଙ୍କର କିଛି ଅସୁବିଧା ନଥିଲା।

ଏବେବି ତାଙ୍କର କଅଣ ଅସୁବିଧା ଆମେ କଅଣ କିଛି ଜାଣିଲୁଣି? ଡ଼ାକ୍ତର ମଧ୍ୟ କିଛି କହୁନାହାନ୍ତି। ଚେକ୍ ଅପ୍ ଚାଲିଚି। ଆଇ.ସି.ୟୁରେ ଅଛନ୍ତି।

ଆଇ.ସି.ୟୁରେ? ମୋତେ ଡ଼ାକୁଛନ୍ତି କହିଲୁ ଯେ?

ଗୋଟେ ସ୍ଲିପ୍ ପଠେଇଲେ। ଲେଖିଛନ୍ତି 'ଚନ୍ଦ୍ରକୁ ଡ଼ାକ।' ହେଇତ ରାତି ତିନିଟାରେ କହିଲେ ଚେଷ୍ଟ ପେନ୍ ହେଉଚି। ଆମେ ନେଇ ଆସିଲୁଁ। ଡ଼ାକ୍ତର ସିଧା ଆଣିଲେ ଆଇ.ସି.ୟୁ।

ଆରେ, ଏତେ କଥା ହେଲାଣି, ମୁଁ ଜାଣିନାହିଁ, ତୁ ସେ ସ୍ଲିପ୍‌ଟ ରଖିଛୁ ନା ଫୋପାଡ଼ି ଦେଇଚୁ?

ସ୍ଲିପ ଅଛି। କାହିଁକି କଅଣ ହେବ?

ତାଙ୍କ ହେଣ୍ଡ ରାଇଟିଂ ନରମାଲ ଅଛି?

ନଗେନ ବୋଧେ ସ୍ଲିପ୍‌ଟାକୁ ଆଉଥରେ ଦେଖିଲା, ତାପରେ କହିଲା ନରମାଲ ପରି ଦେଖାଯାଉଚି।

ଠିକ୍ ଅଛି। ତୁ ବ୍ୟସ୍ତ ହେବୁନି। ମୁଁ ଆସୁଚି, କଅଣ ଟିକେ ମାମୁଲି ପ୍ରୋବ୍ଲେମ ଥିବ ବୋଧେ। ସେ କଥାବାର୍ତ୍ତା କରୁଛନ୍ତି ତ?

ହଁ, ସେ କହିଲା ଓ ଫୋନ ଛାଡ଼ି ଦେଲା।

ମୋର ସେତେବେଳକୁ ନିଦ ପୂରା ଛାଡ଼ିଯାଇଥିଲା। ମୋ ସ୍ତ୍ରୀ ପ୍ରତିଭା ମୋତେ ସବୁବେଳେ ଅଳସୁଆଙ୍କ ଗୁରୁ ବୋଲି କହୁଥିଲେ ମଧ୍ୟ ଭୋରର ନିଦ ଯେ ମୋର ସବୁଠୁ ବେଶୀ ପ୍ରିୟ ଏବଂ ତାର ମହତ୍ୱ ମୋ ଛଡ଼ା ବା ଆଉ କିଏ ଜାଣେ?

Digitized by srujanika@gmail.com

ମୁଁ ଉଠି ପଡ଼ିଲି। ପ୍ରତିଭା ସେତେବେଳକୁ ରାସ୍ତାରେ ବୁଲିବୁଲି ଫୁଲ ତୋଳିବାକୁ ଚାଲିଯାଇଥିଲେ। ମୁଁ ତାଙ୍କର ଏ ବଦଭ୍ୟାସଟାକୁ ଭୀଷଣ ଘୃଣାକରେ। ଭୋରରୁ ଉଠି ଖଣ୍ଡେ ଖୁବ୍ ଲମ୍ବା ବାଡ଼ି ଧରି ଓ ହାତରେ ପ୍ଲାଷ୍ଟିକ୍ ବେଗ୍‌ଟିଏ ଧରି ସେ ବାହାରି ପଡ଼ନ୍ତି। ବେଳେବେଳେ ହାତରେ ଟର୍ଚ୍ଚଟିଏ ମଧ୍ୟ ନିଅନ୍ତି। ଛଅ ଫୁଟ ଲମ୍ବା ତାର ବାଡ଼ି ଆଗରେ ଛୋଟ କଣ୍ଟାଟିଏ ମଧ୍ୟ ଝଳେଇ କରି ଲଗାଯାଇଥାଏ। ଟର୍ଚ୍ଚ ପକେଇ ଲୋକଙ୍କ ଛାତ ଉପରକୁ ମାଡ଼ିଥିବା ଫୁଲ ଡ଼ାଳରୁ ଫୁଲ ଛିଣ୍ଡେଇବାର ଅଭିନବ କୌଶଳ ପ୍ରତିଭାଙ୍କୁ ଯେତେ ଜଣା ଅନ୍ୟ କାହାକୁ ସେତେ ଜଣା ନଥିବ। ନିଜେ ତ ବାଡ଼ି ପରି ସରୁ ଓ ଲମ୍ବା, ସେଥିରେ ଛଅ ଫୁଟ ଲମ୍ବା ବାଡ଼ି ତାଙ୍କୁ ଖୁବ ସାହାଯ୍ୟ କରେ।

ମୋତେ କିନ୍ତୁ ଏଇଟା ଖୁବ୍ ଖରାପ ଲାଗେ। ଗଲା ବର୍ଷ ଠିକ୍ ଏଇ ସମୟରେ ଏକ ଫୁଲ ତୋଳାକୁ ନେଇ ସେକ୍ଟର ଚାରିରେ ଯୋଉ ଭିନ୍ନ ଦମ୍ପତିଙ୍କ ପ୍ରେମ ସଂପର୍କ ଗଢ଼ି ଉଠିଥିଲା ବୋଲି ଗୋଟାଏ କାହାଣୀ ଗଣମାଧ୍ୟମ ତିଆରି କରିଥିଲା ସେଇ ଦିନଠୁ ମୋର ଏ ଫୁଲ ବାଲାଙ୍କ ସହିତ ପ୍ରତିଭାଙ୍କ କାମ ଉପରେ ସନ୍ଦେହ ସୃଷ୍ଟି ହେଇଥିଲା। ଯଦିଓ ମୋ ଜାଣିବାରେ ପ୍ରତିଭା ସେ ସବୁ ସନ୍ଦେହର ଅନେକ ଉର୍ଦ୍ଧ୍ୱରେ।

ମୁଁ ବିରକ୍ତ ହେଲି, ଆଃ ଏମିତି ଗୋଟାଏ ସମୟରେ ମୋତେ ଚା କପ୍‌ଟିଏ ମଧ୍ୟ ଦେବାକୁ କେହିନାହିଁ। ଏଇ ସମୟରେ ଚା ଟିକିଏ ନ ପଡ଼ିଲେ କେମିତି ଜଣେ ବାହାରକୁ ଚାଲିଯାଇପାରିବ ? ମନେ ମନେ ମୁଁ ତାଙ୍କ ଚଉଦ ପୁରୁଷକୁ ଉଦ୍ଧାର କରି ପକେଇଲି। ଫୁଲତୋଳା ନା ଚୋପା। ଏଇଟା ଗୋଟାଏ ଫେସନ, ଲୋକଙ୍କୁ ଧାରଣା ଦିଆଯିବ ଯେ 'ମୁଁ ଗୋଟାପଣ ଧାର୍ମିକ। ଠାକୁର ପୂଜା ନିୟମ ନିଷ୍ଠାର ସହ ଘଣ୍ଟେ ଦି'ଘଣ୍ଟା ନକଲେ ମୋତେ ଦିନଟା ଭଲ ଲାଗେନି। ଗୋଟାଏ ପଟେ ଚାକରାଣୀଠୁ ଆବଶ୍ୟକତା ଅପେକ୍ଷା ବେଶୀ କାମ ଆଦାୟ କରିବା, ହାଟରେ ଆଦିବାସୀ ମହିଳାଙ୍କଠୁ ଜିନିଷ କିଣିଲାବେଳେ ଦର ଚିପୁଡ଼ିବା, ସ୍ୱାମୀର ଦୁର୍ନୀତିରେ ପ୍ରଥମ ଓ ପ୍ରଧାନ ପୃଷ୍ଟପୋଷକ ସାଜୁଥିବେ ଅଥଚ ଅନ୍ୟଆଡ଼େ ଦିନକୁ ଦି'ଘଣ୍ଟା ଠାକୁର ପୂଜା। ପ୍ରତିଭାଙ୍କ ଏଇ ବିଶେଷ ଚରିତ୍ର ମୋତେ ଭଲ ଲାଗୁ ନଥିଲେ ମଧ୍ୟ ପ୍ରତିଭାଙ୍କୁ ଛାଡ଼ି ମୋର ଗତି କାହିଁ ? ମୁଁ ତାଙ୍କୁ ମୋବାଇଲରେ କଣ୍ଟାକ୍ଟ କରିବାକୁ ଚେଷ୍ଟା କଲି। କିନ୍ତୁ ଏ କଅଣ ତାଙ୍କ ମୋବାଇଲଟା ଏବେ ଡ଼ାଇନିଂ ଟେବୁଲ ଉପରେ ବାଜୁଛି।

ନଗେନର ବାପା ଶ୍ରୀହରି ମଉସା ମୋର ଦୂର ସଂପର୍କୀୟ ମଉସା ହେଲେ ମଧ୍ୟ ତାଙ୍କ ସହିତ ମୋର ସଂପର୍କ ଅତି ନିବିଡ଼। ଆଜି ନୁହେଁ ପିଲାକାଳୁ। ନଗେନ୍ ଓ ମୁଁ ଆମେ ଏକାଠି ପୁରୀ କଲେଜରେ ପଢୁଥିଲୁ। ସେ ମୋର ତିନି ବର୍ଷ ଜୁନିଅର। ସେ ଦୃଷ୍ଟିରୁ କଲେଜରେ ତାର ଦାୟିତ୍ୱ ମଧ୍ୟ ମୋ ଉପରେ ମଉସା ଛାଡ଼ିଥିଲେ। ମାଉସୀ ଥିଲେ ଆହୁରି ଅମାୟିକ। ପ୍ରତି ପନ୍ଦର ଦିନରେ ନଗେନ ପାଖକୁ ମାଉସୀ ଯାହା ଯାହା ପଠାଉଥିଲେ ସେଥିରୁ ଅଧା ଥିଲା ମୋର। ତା ଛଡ଼ା ଦଶରାବେଳକୁ ମଉସା ନଗେନ ପାଇଁ ପେଣ୍ଟ ସାର୍ଟ

Digitized by srujanika@gmail.com

ଯୋତା ସହିତ ମୋର ମଧ୍ୟ ଥାଏ ଆଉ ଗୋଟାଏ ଯୋତା। କାରଣଟା ହେଲା ମୁଁ ସିନା ପୁରୀରେ ପଢୁଥିଲି, ନଗେନର ଘର ଥିଲା ନୟାଗଡ଼ରେ ଏବଂ ମୋ ବାପା ମାଆ ଥିଲେ କଲିକତାରେ। ପୁରୀ କଲେଜ ହଷ୍ଟେଲରେ ନଗେନକୁ ଭେଟିବାକୁ ମାଉସୀ ବାରମ୍ବାର ଆସୁଥିଲେ। ଆମେ ଗୋଟିଏ ହଷ୍ଟେଲରେ ରହୁନଥିଲେ ମଧ୍ୟ ଆମ ଦି'ଜଣଙ୍କର ସଂପର୍କ ଥିଲା ଅତି ନିବିଡ଼। ନଗେନ ମୋତେ ନିଜ ବଡ଼ ଭାଇ ପରି ମାନୁଥିଲା ଏବଂ ମାଉସୀଙ୍କଠୁ ମୁଁ ମୋ ମାଆର ସ୍ନେହ ପାଉଥିଲି।

ସେଇ ମାଉସିଙ୍କୁ ମୁଁ ହରେଇ ବସିଲି ଗତ ବର୍ଷ ମାର୍ଚ୍ଚ ମାସରେ ମାତ୍ର ଦୁଇ ଦିନର ଜ୍ୱରରେ। ଏମିତି ଅଚାନକ ଯିବାଟା କେମିତି ହେଇପାରେ ମୁଁ ଜାଣି ନଥିଲି। ସାମାନ୍ୟ ଜର ବୋଲି ସେ ଶୋଇଚନ୍ତି। ଆମେ ସବୁ ତାଙ୍କ ପାଖରେ। ପ୍ରତିଭା, ତାଙ୍କ ଗୋଡ଼ ପାଖରେ ବସି ଗୋଡ଼ରେ ହାତ ବୁଲାଉଥାଏ। ସେ ଭଲ କଥାବାର୍ତ୍ତା କରୁଥାଆନ୍ତି। ସମସ୍ତଙ୍କ ଭଲମନ୍ଦ ପଚାରୁଥିଲେ। ମୋ ପୁଅକୁ ଅନେକ ଦିନୁ ଦେଖି ନଥିଲେ ବୋଲି କହିଲେ, ସେ ଟୋକା ମୋ ଉପରେ ରାଗିଚି। ସେଥିପାଇଁ ଆସୁନି, ନଆସୁ। ମୁଁ ତା ପାଇଁ ଭଲ କଲମଟିଏ ରଖିଚି। ମୋତେ କହିଲେ ନେଇଯା ତାକୁ ଦେଇଦେବୁ। ଏଇଟା ତା ଜନ୍ମ ଦିନରେ ଦେବାର ଥିଲା। ମୁଁ ତ ଆସି ପାରିଲିନି।

ଏଇଟା ତୁମ ପାଖରେ ଥାଉ ମାଉସୀ। ସେ ବଳେ ଆସି ନବନି ? କେଜାଣି ସେ କେବେ ଆସିବ ମୁଁ ଥିବି କି ନଥିବି, ତା ପରେ ସେ ଦୁଇହାତ ଯୋଡ଼ି ମୁଣ୍ଡରେ ଲଗେଇ କହିଲେ ସବୁ ସେଇ କାଳିଆର ଇଚ୍ଛା।

ମାଉସୀ ଥିଲେ ପ୍ରଚଣ୍ଡ ଜଗନ୍ନାଥ ଭକ୍ତ। ଖାଲି ଜଗନ୍ନାଥ ନୁହେଁ। ଏମିତି କେହି ଦେବ ଦେବୀ ନାହାନ୍ତି ଯିଏ ତାଙ୍କ ପୂଜ ଉପାସନାର ପୃଥିବୀ ବାହାରେ ରହିଯାଇଚି। ସବୁ ବାର ବ୍ରତ ପାଳନ୍ତି। ତାଙ୍କ ଠାକୁର ଘର ଏକ ସ୍ୱତନ୍ତ୍ର ମିଉଜିଅମ୍। ଦେଖିବାର କଥା।

ସେଇଠି ମୁଁ ଦେଖିଥିଲି ଜଗନ୍ନାଥଙ୍କ ଶୋଇବା ପଲଙ୍କ। ଆଉ କୋଉଠି ଦେଖିଚି ବୋଲି ମନେ ପଡୁନି। ସେଥିରେ ପୁଣି ମଶାରି ବାଡ଼, ଗଦି, ବିଛଣା, ତକିଆ ମଶାରି ସବୁ ଅଛି। ଧର୍ମ ଧାରଣାର ଗୋଟେ ଅପୂର୍ବ ମାନସିକତା। ଜଗନ୍ନାଥଙ୍କ ଠାରେ ନିଜକୁ ଲୀନ କରି ଦେଇଛନ୍ତି ଯେମିତି।

ମୋତେ ଭୋକ ହେଲାଣି। ଖାଇବାକୁ ଦିଅ। ମଉସା କହନ୍ତି, ଆଉ ଟିକିଏ ରୁହନା। ସେବା ଆଉ କେଇ ମିନିଟରେ ସରିଯିବ।

ପୁଣି ମଉସା ପାଟି କରିବେ, ମୋର ଈର୍ଷା ହେଉଛି। ଏତେ ସେବା ମୋ ଜୀବନରେ କେବେ ପାଇନି। ସ୍ୱାମୀ ପ୍ରତି ଟିକେ ବି ଖାତିର ନାହିଁ। ପତି ହିଁ ଦେବତା।

ଏମିତି କୁହନା, ପ୍ଲିଜ୍, ମାଉସୀ କାନ୍ଦି ପକାନ୍ତି।

ମଉସା ସେତିକିରେ ଚୁପ୍।

Digitized by srujanika@gmail.com

ସେଇ ମାଉସୀ / ସେଦିନ ଠାକୁରଙ୍କ ଉଦ୍ଦେଶ୍ୟରେ ନମସ୍କାର କରି ସାରି କହିଲେ ମୋତେ ଟିକିଏ ପାଣି ଦେବୁରେ ପ୍ରତିଭା।

ପ୍ରତିଭା ମୁଣ୍ଡ ପାଖ ଟେବୁଲରୁ କାଚ ଜାର୍‌ରୁ ପାଣି ନେଇଦେଲା। ସେ ନିଜେ ନେଇ ପିଇଲେ। ଦୁଇ ଢ଼ୋକ ପରେ ତୃତୀୟ ଢ଼ୋକ ଅଟକିଗଲା। ଗ୍ଲାସ ଖସି ପଡ଼ିଲା। ମୁହଁ ଗଡ଼ି ପଡ଼ିଲା।

ଆମେ ସବୁ ପାଟି କରି ଉଠିଲୁଁ।

ମଉସା ଖଣ୍ଡେ ଦୂରରେ ବସିଥିଲେ। ସୋଫା ଉପରେ ବହି ଧରି ବସିଥିଲେ। ବହିଟା ଥିଲା ଭଗତ ସିଂହଙ୍କର। ଛୋଟ ଚଟି ବହି 'ମୁଁ ନାସ୍ତିକ କାହିଁକି?'

ସେ ସେମିତି ଅବିଚଳିତ। ତୁମେ ସବୁ ବ୍ୟସ୍ତ ହୁଅନା। ସେ ଚାଲି ଗଲେଣି। ତାଙ୍କ ମୁହଁଟା ହଠାତ୍ କେମିତି ଗୋଟାଏ ଅର୍ଥହୀନ ଭାବରେ ଗମ୍ଭୀର ହେଇ ଉଠିଲା। ଆଖି ସିଧା ଉଠିଗଲା, ଦିଗ୍‌ବଳୟ ଖୋଜୁଥିଲା କୋଠରୀ ଭିତରେ।

ମୁଁ ତାଙ୍କୁ ଅନେଇଲି ମାଉସୀଙ୍କୁ ଛାଡ଼ି।

ସେ ଦିଗ୍‌ବଳୟ ଉଚ୍ଚତାରୁ ଆଖି ଫେରେଇ ଆଣି ମୋତେ ସିଧା ଦେଖିଲେ ଏବଂ କହିଲେ, ବିଶ୍ୱାସ ହେଉନି ଚାଲିଗଲେଣି ବୋଲି?

ଆଜି ଦୁଇ ଦିନ ହେଲା ସେ ମୋତେ କହୁଥିଲେ। ମୁଁ ଯିବି। ମୁଁ ତାଙ୍କୁ କହିଲି କୁଆଡ଼େ ଯିବ? ମୋତେ ସକାଳେ ଚା କିଏ ଦେବ?

ଆଉ ଆଜି ଠିକ ବର୍ଷକ ପରେ ମଉସା ହସପିଟାଲରେ। ପୁଣି ଆଇ.ସି.ୟୁରେ।

ମୁଁ ଘଡ଼ି ଦେଖିଲି। ପାଞ୍ଚଟା ବାଜିଲାଣି। ତଥାପି ପ୍ରତିଭାଙ୍କର ଦେଖାନାହିଁ। ପ୍ରାୟ ଏତିକିବେଳକୁ ସେ ଫେରିଆସନ୍ତି। ତାପରେ ମୋ ସହିତ ଚା' କପେ ପିଇ ସାରିଲା ପରେ ସେ ଲାଗିଯାଆନ୍ତି ଠାକୁର ଘର ସଫା କରିବାରେ।

ମାଉସୀଙ୍କ ଠାରୁ ଦୀକ୍ଷା ନେଇଥିବେ।

ମୁଁ ବ୍ୟସ୍ତ ହେଇ ପଡୁଥିଲି। ଘଣ୍ଟାଏ ଚାଲିଗଲାଣି। ଅଥଚ ମୁଁ ଏଯାଏ ବାହାରି ପାରୁନାହିଁ। କଅଣ ଭାବୁଥିବ ନଗେନ୍? ଏଠୁ ପୁଣି ଆର୍ତ୍ତବାବୁଙ୍କ କ୍ଲିନିକ ଦଶ କିଲୋମିଟରରୁ କମ୍ ନୁହେଁ।

ମୁଁ ମନେ ମନେ ବିରକ୍ତ ହେଉଥିଲି। ହେ ପ୍ରଭୋ! ତୁମ ସୃଷ୍ଟିରେ ଏ ନାରୀ ଜାତିଟାକୁ ଏତେ ସ୍ଲୋ କାହିଁକି କଲ? ଦେଶ ଭାସିଯାଉଥିଲେ ମଧ୍ୟ ଏମାନେ ନୁସୁର ନୁସୁର ଚାଲିଥିବେ। ପାଗ ବାନ୍ଧୁ ବାନ୍ଧୁ ଯୁଦ୍ଧ ଶେଷ। ମିଛଟାରେ କଅଣ ଆର୍ମିର ଜେନେରେଲ୍ ସୈନ୍ୟ ବିଭାଗରେ ନାରୀମାନଙ୍କୁ ନିଆଯାଇପାରିବନି କହିଲେ? ନାରୀ ଓ ଯୁଦ୍ଧ? କୋମଳତା ଓ ବରଫର ଶୀତଳତାର ନାରୀଟିଏ ସୈନ୍ୟ ବିଭାଗରେ ଯୋଗଦେଲେ ଶତ୍ରୁ ଦିହରେ ଗୁଳି ବାଜିଲେ ତାକୁ କଷ୍ଟ ହେଉଥିବ ଭାବି ଆଉଁସି ପକେଇବେ।

Digitized by srujanika@gmail.com

ମୋର ବ୍ୟସ୍ତତା ଆହୁରି ବଢ଼ିଗଲା। ଭାବିଲି ସ୍ଲିପ୍‌ଟିଏ ଛାଡ଼ି ଦେଇ ତାଲା ପକେଇ ପଳେଇବି।

ତା ମଧ୍ୟ ସମ୍ଭବ ନୁହେଁ। ପ୍ରତିଭା ମୋ ସହିତ ଯିବା ଉଚିତ।

ମୁଁ ପୁଣି ଥରେ ବାରଣ୍ଡାରେ ଯାଇଠିଆ ହୋଇ ଦେଖିଲି ସେ ଆସୁଛନ୍ତି। ମୁଁ ପାଟିକରି ଡ଼ାକିଲି, ଶୀଘ୍ର ଆସ।

ସେ ଆସିଲେ ଓ ମୁଁ ତାଙ୍କୁ ମଉସାଙ୍କ କଥା କହିଲି। ସେ ସଂଗେ ସଂଗେ ବାହାରି ପଡ଼ିଲେ।

ଆମେ ଯାଇ ଡ଼ଃ ଆର୍ତ୍ତ ଚୌଧୁରୀଙ୍କ କ୍ଲିନିକ୍‌ରେ ପହଞ୍ଚିଲା ବେଳକୁ ଛଅ ପାଖାପାଖି। ଆଇ.ସି.ୟୁ ପାଖରେ ନଗେନକୁ ନ ଦେଖି ମୁଁ ଚିନ୍ତିତ ହୋଇପଡ଼ିଲି। ଭିତରୁ ବାହାରକୁ ଆସୁଥିବା ଜଣେ ଡ଼ାକ୍ତରଙ୍କୁ ପଚାରିଲି। ସେ କହିଲେ ତାଙ୍କୁ ମେଡ଼ିକେଲ ୱାର୍ଡ଼କୁ ନେଇଗଲେଣି। ସେଠି କେବିନରେ ତାଙ୍କୁ ପାଇବେ।

ଆମେ ସେଠି ଯାଇ ଦେଖିଲାବେଳକୁ ମଉସା ବେଡ଼୍‌ରେ ଶୋଇଚନ୍ତି। ନଗେନ ପାଖରେ ବସିଚି। ତା ସ୍ତ୍ରୀ ଉର୍ମି ଔଷଧପତ୍ର ଓ ଅନ୍ୟାନ୍ୟ ଜିନିଷ ପାଖ ଟ୍ରେରେ ସଜେଇ ରଖୁଛି। ଜଣେ ନର୍ସ ତାଙ୍କର ଟେମ୍ପରଚର ମାପ ନେଉଚି।

ଆମକୁ ଦେଖି ସେ କଥା କହିବାକୁ ବ୍ୟସ୍ତ ହେଇ ପଡୁଥିଲେ। କିନ୍ତୁ ପାରୁନଥିଲେ। ବଳଦ ମୁହଁରେ ଜାଲମୁହାଁ ବଂଧା ହୋଇଥିଲେ ସେ ଛେନ୍ ଛେନ୍ କଞ୍ଚା ଧାନ ଗଛ ଦେଖି ମଧ ଖାଇପାରୁ ନଥାଏ। ମଉସାଙ୍କର ଠିକ ସେଇ ଅବସ୍ଥା।

ମୁଁ ତାଙ୍କ ପାଖରେ ବସି ପଡ଼ିଲି। ନଗେନ ମୋତେ କିପରି କଅଣ ହୋଇଥିଲା ସବୁ କଥା କହିଲା। ଶେଷରେ କହିଲା ଏବେ ଗୋଟେ ଥରେ ଚେକ୍‌ଅପ୍ ହେବ। ମୁଁ ଆଶ୍ୱସ୍ତ ହେଲି।

ମଉସା ସତୁରୀ ଟପିଲେଣି କେବେଠୁ। ତାଙ୍କ ସ୍ୱାସ୍ଥ୍ୟ କେବେବି ଖରାପ ହୁଏନି। ସୁନ୍ଦର ଓ ସ୍ୱାସ୍ଥ୍ୟବାନ ମଣିଷ। ଅତିମାତ୍ରାରେ ଶୃଙ୍ଖଳା ପ୍ରିୟ। ଦେହକୁ ଜଗୁ ଥାଆନ୍ତି ସମ୍ଯକ ଖାଦ୍ୟ ମାଧମରେ। ଯାହା ଖାଇବେ ଠିକ ସମୟରେ ଖାଇବେ। ଖାଇବାର ତାଲିକା ଓ ସମୟ ନିର୍ଘଣ୍ଟ ମାଉସୀଙ୍କ ପରେ ଉର୍ମି ତାକୁ ଦେଖୁଥାଏ। ଟିକିଏ ଏପଟ ସେପଟ ହେବାର ନାହିଁ। ମାଛ, ମାଂସ ମାଉସୀଙ୍କ ଯିବା ପରଠୁ ଛାଡ଼ି ଦେଇଛନ୍ତି।

ମର୍ଣ୍ଣିଂ ୱାକ୍‌ଠାରୁ ଅନ୍ୟାନ୍ୟ ସାମୟିକ ବ୍ୟାୟାମ ମଧ୍ୟ ତାଙ୍କର ଠିକ୍ ସମୟରେ ହୁଏ। କୌଣସି ବ୍ୟତିକ୍ରମ ନାହିଁ।

ବାକି ସମୟରେ ପଢ଼ାପଢ଼ି। ଖବରକାଗଜ, ମେଗାଜିନ୍, ବହି ପତ୍ର ଇତ୍ୟାଦି ଖୁବ୍ ପଢ଼ନ୍ତି। ମଉସା ଥିଲେ ଫିଜିକ୍ସର ପ୍ରଫେସର। ବିଜ୍ଞାନ ଓ ବିଜ୍ଞାନ କେନ୍ଦ୍ରିକ ବହି ଓ ସାହିତ୍ୟ ତାଙ୍କ ଛୋଟ ଲାଇବ୍ରେରୀରେ ଭର୍ତ୍ତି।

Digitized by srujanika@gmail.com

ମଉସା ଜଣେ ଖାଣ୍ଟି ରେସନାଲିଷ୍ଟ । ଧର୍ମ, ଈଶ୍ୱର ବିଶ୍ୱାସ, ପୂଜା ଏବଂ ସେ ସବୁର ମାନସିକତା ଠାରୁ ସେ ଅନେକ ଦୂରରେ । ବ୍ରାହ୍ମଣବାଦର ସଂପୂର୍ଣ୍ଣ ବିରୋଧୀ । ସେମାନଙ୍କୁ ଦେଖିଲେ ନାକଟେକି ଦିଅନ୍ତି ।

ତା ସତ୍ତ୍ୱେ ମାଉସୀଙ୍କ ସହିତ ତାଙ୍କର ସହାବସ୍ଥାନ ଥିଲା ଅପ୍ରତିଦ୍ୱନ୍ଦୀ । ମୁଁ ତାକୁଇ ଦେଖି ବିସ୍ମିତ ହୁଏଁ । ଏତେ ବିଭେଦ ସତ୍ତ୍ୱେ ଏତେ ଚମତ୍କାର ବୁଝାମଣା ସମ୍ଭବ ହୁଏ କେମିତି ? ଗୋଟିଏ କଥା ମୋର ମନେ ଅଛି । ମୁଁ ଦିନେ ସଂଜବେଳେ ତାଙ୍କ ଘରକୁ ଯାଇ ଦେଖିଲି ମାଉସି ଏକୁଟିଆ ବସିଚନ୍ତି ଡ୍ରଇଂ ରୁମରେ । ପ୍ରାୟ ଅଂଧାର ହେଇ ଆସିଲାଣି । କିନ୍ତୁ ଲାଇଟ ଜଳି ନାହିଁ । ଉର୍ମି ବୋଧେ ରୋଷେଇ ଘରେ । କିଛି ଖଟ୍ ଖାଟ୍ ଶୁଭୁଛି । ମୁଁ ଯିବାମାତ୍ରେ ସେ ଠିଆ ହେଇପଡ଼ି ଲାଇଟ ଜଳେଇଲେ । କହିଲେ, ବସ୍ ।

ସେ ଲୁଗା କାନିରେ ଆଖି ପୋଛିଲେ । ମୁଁ ଚିନ୍ତାରେ ପଡ଼ିଗଲି । କଅଣ କାରଣ ହେଇପାରେ ? ଏମିତି ତ କେବେ ବି ମୁଁ ଦେଖିନି କି ଶୁଣିନି ମଧ୍ୟ । ମୋତେ ଖରାପ ଲାଗୁଥିଲା । ପଚାରିପାରୁନି କି ନ ପଚାରି ରହିପାରୁନି । ମୋର ଏ ଅବସ୍ଥା ମାଉସୀଙ୍କ ଆଖିରୁ ଖସିଯାଇ ପାରିଲାନି । ଦୁଃଖର ଉଦ୍‌ଗୀରଣ ଅନିର୍ବାଯ୍ୟ । ତାକୁ ଚାପି ରଖି ହୁଏନା । ମୋ ଦେଇ ସେ ଦୁଃଖ ବାହାରି ଯିବାକୁ ଚାହିଁଲା ।

କଅଣ ହେଇଚି ମାଉସି ?

କଅଣ ଆଉ ହେବ କହ । ମଉସାଙ୍କୁ ତ ତୁ ଜାଣୁ । ଏତେ ବିଧର୍ମୀ ହେଲେ ଚଳିବ ? ତୁମେ ଈଶ୍ୱରଙ୍କୁ ପୂଜା ନକର କିନ୍ତୁ ଅବମାନନା କାହିଁକି ? ତାଙ୍କୁ ହତାଦର କରିବାତ ଠିକ ନୁହେଁ । ତୁ ଯେତେ ବିଜ୍ଞାନ କଥା କହ । ସବୁ ତ ସେଇ ଜଣେ କରୁଚି ନା ଆଉ କିଏ ? ତୁ ତ ଜାଣୁ, ସେ ସବୁବେଳେ କହନ୍ତି ଗୋଟାଏ 'ଢ଼ୋ' କିନା ଶବ୍ଦ ହେଲା । ତା ପରେ ପୃଥିବୀ ସୃଷ୍ଟି ହେଲା । ମୁଁ ମାନୁଚି । ସେ 'ଢ଼ୋ' ଶବ୍ଦଟା କିଏ କଲା ? ତୁମେ ଆମେ କରିଥିଲେ କି ? ଆରେ ବାପା ! ଏବେ ମୁଁ ଶୁଣୁଥିଲି, ଗୋଟାଏ ଖବର କାଗଜ ଲେଖିଥିଲା ବୋଧେ, ଏବେ କୁଆଡ଼େ ଯାଙ୍କ ପରି କିଛି ପାଗଳ ଆଉ ଗୋଟାଏ 'ଢ଼ୋ' କରିବାକୁ ବାହାରିଛନ୍ତି । ଆରେ ବାବୁ ସେ 'ଢ଼ୋ'ଟା ତମ ଲୋକମାନେ କରିଥିଲେ ? ଆଚାର୍ଯ୍ୟ ବ୍ରହ୍ମଦେବ ସେଦିନ ଠିକ୍ କହୁଥିଲେ । କହିଲେ, 'ଏମାନେ ଯୋଉ' ଢ଼ୋ' କରିବାକୁ ଯାଉଚନ୍ତି ସେଥିରେ ଆଉ ପୃଥିବୀ ରହିବ ? ଧୂଳି ବାଲିରେ ପରିଣତ ହେଇଯିବ ।' କି ମୂର୍ଖ ଏମାନେ ? ଈଶ୍ୱର ବିରୋଧୀ କଥା ନୁହେଁ ?

ମୁଁ କହିଲି, ହେଲା ଯେ, କିନ୍ତୁ ଆଜି କଅଣ ହେଲା ?

ମୁଁ ତାଙ୍କର ଏଇ ସବୁ ଅନାଚାର ଦେଖି ଭାବିଲି ଦିନେ ନା ଦିନେ ଭଗବାନ ଅସନ୍ତୁଷ୍ଟ ହେବେ । ତେଣୁ ମୁଁ ଗୋଟେ ଗୋଟିକିଆ ଛୋଟ ଜଗନ୍ନାଥଙ୍କ ମୂର୍ତ୍ତି ଆଣି ତାଙ୍କର ସେ ବହି ଆଲମିରା ଭିତରେ ଥାକ ସନ୍ଧିରେ ଲୁଚାଇ ରଖି ଦେଇଥିଲି । ଯେତେ ଲୁଚେଇ ରଖିଲେ ବି ତାର ପ୍ରଭାବ ନିଶ୍ଚୟ ପଡ଼ିବ, ସେ ତ ବିଶ୍ୱନିୟନ୍ତା । କିନ୍ତୁ ଆଜି ସେ ତାକୁ

Digitized by srujanika@gmail.com

କେମିତି ଦେଖିଲେ କେଜାଣି ତାକୁ ବାହାର କରି ଆଲମାରୀ ପଛପଟେ ରଖି ସେ ଜାଗାରେ ଗୋଟାଏ କାହାର ଫଟୋ ଆଣି ରଖି ଦେଇଚନ୍ତି। କାହାର କେଜାଣି ? ମୁଁ ପଚାରିଲି ମହାପ୍ରଭୁ କୁଆଡ଼େ ଗଲେ ?

କୋଉ ମହାପ୍ରଭୁ ? ଦେଖ ସେ ଆଲମିରା ପଛପଟେ କୋଉଠି ପଡ଼ିଥିବେ।

ମୁଁ ଉଠିଯାଇ ଦେଖିଲି ସେଇଟା ଆଇନଷ୍ଟାଇନଙ୍କ ଫଟୋ। ଅତି ଚମକ୍ରାର ଭାବରେ ଷ୍ଟିଲ ଫ୍ରେମରେ ବଂଧେଇ ହେଇଚି। ଶରତ ଆକାଶର ଚନ୍ଦ୍ର ପରି ଉଜ୍ଜଳ ଦିଶୁଚି।

କିଏ କିରେ ? ମାଉସୀ ପଚାରିଲେ।

ସିଏ ତାଙ୍କ ଠାକୁର।

'ତୁ ମିଛ କହୁଛୁ। ତାଙ୍କର ଫେର ଠାକୁର କୋଉଠୁ ଆସିଲା ? ଠାକୁର ନାଁ ଶୁଣିଲେ ତାଙ୍କ ନାହି ଡ଼ିଏଁ। ହଇରେ ଯିଏ ଜଗନ୍ନାଥଙ୍କ ଦୁଆର ମୁହଁରେ ମୋତେ ଛାଡ଼ି ଦେଇ ଆସି ହୋଟେଲରେ ମାଂସ ପକୋଡ଼ା ଖାଇଲେ, ତାଙ୍କର ପୁଣି ଠାକୁର ? ସେଇଟା ସେଦିନର କଥା।

ହସପିଟାଲରେ ଆଜି ମୁଁ ତାଙ୍କର ଏ ଅସହାୟପଣ ଦେଖି ବ୍ୟସ୍ତ ହେଇ ପଡ଼ିଲି। ତାଙ୍କ ଆଖି ବନ୍ଦ ଥିଲା। ସେ ଚିତ୍ ହୋଇ ଶୋଇଥିଲେ। ନର୍ସ ଟେମ୍ପରଚର ନେଇ ସାରି କେତେବେଳୁ ଚାଲିଗଲେଣି। ଡ଼ାକ୍ତର ଆସିବେ ବୋଲି କହିଗଲେ। ନଗେନ ବାଥରୁମ୍ ଭିତରକୁ ଯାଇଚି। ଉର୍ମି ଓ ପ୍ରତିଭା ଦୁହେଁ ତାଙ୍କ ଗୋଡ଼ ଓ ମୁଣ୍ଡ ପାଖରେ ବସି ହାତ ବୁଲାଉ ଥାଆନ୍ତି। ପାଟି ଓ ନାକରେ କେତେ ସବୁ ପାଇପ ଲାଗିଚି। ତଳି ପେଟରୁ ଆଉ ଗୋଟାଏ ପାଇପ ଯାଇଚି ବିଛଣା ତଳକୁ। ଡ଼ାକ୍ତର ଆସିଲେ, ଦେଖିଲେ ଏବଂ ନର୍ସକୁ କହିଲେ ଆଉ ସେଲାଇନ ଓ ଅକ୍ସିଜେନ ଦେବା ଦରକାର ନାହିଁ। ଚାରିଟା ପରେ ଖୋଲି ଦେବ।

ଆମକୁ କହିଲେ ଚିନ୍ତାର କାରଣ ନାହିଁ। ସବୁତ ପ୍ରାୟ ଠିକ୍ଅଛି। ଆଉ କିଛି ଚେକ୍ଅପ୍ ମଧ୍ୟ ହେବ। ଏବେ ଦୁଇ ଦିନ ଅବଜରଭେସନରେ ଥାଆନ୍ତୁ। କମ୍ପ୍ଲିଟ୍ ରେଷ୍ଟ ନିଅନ୍ତୁ। ଆପଣମାନେ ବରଂ ସନ୍ଧ୍ୟାରେ ଆସନ୍ତୁ।

ଆମେ ସବୁ ଚାଲି ଆସିଲୁଁ। ଉର୍ମି ମଧ୍ୟ ଆମ ଗାଡ଼ିରେ ଚାଲି ଆସିଲା। ସେ ଘରେ ସବୁ କାମ ସାରି ପାଞ୍ଚଟା ବେଳକୁ ଯିବ। ନଗେନ ଘରକୁ ଆସିବ ସେତେବେଳେ। ରାତିରେ ମୁଁ ଓ ପ୍ରତିଭା ଦୁହେଁ ରହିବୁଁ। ଆମେ ନିଜ ଭିତରେ ଏକ ପ୍ରକାର ଡ଼ିଉଟି ବାଣ୍ଟିନେଲୁଁ। ଅନ୍ତତଃ ଦୁଇ ଦିନ ପାଇଁ ଆମେ ଏକ ପ୍ରକାର ମାନସିକ ପ୍ରସ୍ତୁତିରେ ରହିଲୁଁ।

ସେଦିନ ରାତିରେ ମୁଁ ଓ ପ୍ରତିଭା ହସପିଟାଲରେ ରହିଲୁଁ। ସେତେବେଳକୁ ତାଙ୍କର ଦେହ ପ୍ରାୟ ଭଲଥାଏ। ଅକସିଜେନ ଓ ସେଲାଇନ ପାଇପ ସବୁ ଖୋଲା ହେଇଯାଇଥିବାରୁ ସେ ବୋଧେ ଟିକେ ଭଲ ଅନୁଭବ କରୁଥିଲେ। ସାମାନ୍ୟ ଓ ଧୀର ସ୍ୱରରେ କଥା କହୁଥିଲେ। ରାତି ସେତେବେଳକୁ ପ୍ରାୟ ୩ଟା। ତାଙ୍କୁ ବୋଧେ ନିଦ ହେଉ ନଥିଲା। ସେ ହାତଠାରି ମୋତେ ପାଖକୁ ଡ଼ାକିଲେ।

ମୁଁ ପାଖକୁ ଆସିବାରୁ ମୋତେ କହିଲେ ଗୋଟେ କାଗଜରେ ଲେଖ।

Digitized by srujanika@gmail.com

ମୁଁ ଡ଼ାଏରୀରେ ଲେଖିଲି। ତାଙ୍କ ସ୍ୱର ଭଲ ଶୁଣାଯାଉନଥାଏ।

ଅସ୍ପଷ୍ଟ ଭାବରେ କହିଲେ, ପ୍ରଥମରେ ମୋର ମୃତ୍ୟୁ ପରେ ମୋ ଆଖି ଦାନ କରାଯିବ। ତାପରେ ମୋ ଶରୀର କୌଣସି ମେଡ଼ିକାଲ କଲେଜକୁ ଦାନ କରାଯିବ। ତୃତୀୟରେ ସେଠୁ ଆସିଲା ପରେ ପୋଡ଼ାଯିବ। କିନ୍ତୁ ପୋଡ଼ିଲାବେଳେ କିମ୍ବା ତାପରେ ମଧ୍ୟ କୌଣସି ରିଚୁଆଲ ବା କ୍ରିୟାକର୍ମ ହେବନାହିଁ। ବ୍ରାହ୍ମଣର ପାଦ ପଡ଼ିବନାହିଁ।

ମୁଁ କହିଲି ଏସବୁ ପାଇଁ ଏବେଠୁ ଚିନ୍ତା କାହିଁକି ? ଆପଣ ସୁସ୍ଥ ହୋଇ ଯାଆନ୍ତୁ। ଘରକୁ ଫେରିଲେ ସେ କଥା। ଏଠି କୋଉ ମେଡ଼ିକାଲ କଲେଜ ଅଛି ଯେ ସେମାନେ ସେ କାମ କରିବେ। ଆଖିର କାମଟା ବା ହୋଇପାରିବ।

ସେ କହିଲେ ମୁଁ ଯାହା କହୁଚି ତୁ ଲେଖ। କାଲି ସକାଳେ ତୁ ନଗେନକୁ ସେଇଟା ଦେବୁ। ସେ ମୋ କଥା ମୋଟେ ଶୁଣୁନାହିଁ।

ସେ ପୁଣି କହିଲେ ମୋ ପରେ ତୋ ମାଉସି ନାଁରେ ଗୋଟାଏ ଟ୍ରଷ୍ଟ ହେବ। ନଗେନ ତାର ଦାୟିତ୍ୱରେ ରହିବ ଓ ତୁ ତାର ମାଲିକ ରହିବୁ।

ନା ନା ମଉସା ଆପଣ ସେ ସବୁ କଥା ମୋଟେ କହନ୍ତୁ ନାହିଁ।

ସେ ମୋ ହାତକୁ ଚାପି ଧରିଲେ। କହିଲେ ତୁ ଆଗ ଶୁଣିସାର।

ଟ୍ରଷ୍ଟ ମୋ ଗାଁ ସ୍କୁଲରେ ପଢୁଥିବା ଗରିବ ଛାତ୍ରମାନଙ୍କୁ ସାହାଯ୍ୟ ଦେବ। ତାଛଡ଼ା ପ୍ରତିବର୍ଷ ରେସନାଲିଷ୍ଟମାନଙ୍କୁ ଉତ୍ସାହ ଦେଲାଭଳି କାମ କରିବ।

ହଉ, ତା ପରେ ? ମୁଁ ଲେଖିସାରି ପଚାରିଲି।

ତାପରେ ସେ କାନ୍ଦିଲେ। ତାଙ୍କ ଆଖିରୁ ଧାର ଧାର ଲୁହ ବହି ପଡ଼ିଲା। ମୁଁ ତଉଲିଆରେ ସେ ଲୁହ ପୋଛିଦେଲି। କହିଲି ଏଥର ଟିକେ ଶୋଇ ପଡ଼ନ୍ତୁ।

ଆଉ ଗୋଟିଏ। ସେ ହାତ ଠାରି କହିଲେ, ଲେଖ୍।

ତୋ ମାଉସିର ଯେତେ ଠାକୁର ଅଛନ୍ତି ସେ ସବୁକୁ ଗୋଟିଏ ସ୍ୱତନ୍ତ୍ର ଘରେ ସଜେଇ ରଖାଯିବ। ଉର୍ମି ତା ଦାୟିତ୍ୱରେ ରହିବ। ତାପରେ ସେ ଟିକିଏ ରହିଗଲେ। ପୁଣି ଆଖିରେ ଲୁହ ଉବୁକି ଉଠିଲା। ସେ ଓଠ ଚାପି କୋହ ଚାପିବାକୁ ଚେଷ୍ଟା କଲେ।

ଏଥର ସେ ତକିଆ ତଳୁ କଅଣଟାଏ ବାହାର କଲେ ? ତାକୁ ନିଜ ମୁଠା ଭିତରେ ଧରିଲେ ଏବଂ ତାପରେ ମୋର ଦୁଇହାତକୁ ଧରି ତା ଭିତରେ ରଖି କହିଲେ, ଯାକୁ ଦେଖିବା ଦରକାର ନାହିଁ। ତୋ ମାଉସି, ମୋତେ ଦେଇଥିଲା। ଲୁଚେଇ ମୋ ଆଲମାରୀ ଭିତରେ ରଖିଥିଲା। ତାକୁ ପୁଣି ସେଇ ଆଲମାରୀରେ ଯୋଉଠି ଥିଲା ସେଇଠି ରଖାଯିବ। ତାପରେ ସେ ଦୀର୍ଘ ନିଃଶ୍ୱାସଟିଏ ନେଇ କହିଲେ, "ତାର ଇଚ୍ଛାକୁ ମୁଁ ତଳେ ପକେଇବି ନାହିଁ।"

ସେତେବେଳକୁ ତାଙ୍କ ଲୁହ ଓ ମୋ ଲୁହ ଏକାକାର ହୋଇ ସାରିଥିଲା।

❑❑

Digitized by srujanika@gmail.com

ଯମୁନାର ଜଳ : ଆଖିର ଜଳ

ଶେଷରେ ନୀଳିମାର ବାହାଘର ଠିକ ହୋଇଗଲା। ନୀଳିମାର ବାପା ସରୋଜ ମହାନ୍ତି ସେ ଦିନ ବେଶ ଖୁସିଥିଲା ପରି ଜଣା ପଡୁଥିଲେ। ଝିଅର ବାହାଘର ପାଇଁ ଜଣେ ବାପା ଯେ କେତେ ଚିନ୍ତିତ ଥାଏ ସେ କଥା ସେଇ ବାପା ହିଁ ବୁଝେ। ସରୋଜବାବୁ ରିଟାୟାର କଲେଣି ଦଶ ବର୍ଷ ହେଲା। ତାମାନେ ତାଙ୍କ ବୟସ ସତୁରୀ ଟପିବାକୁ ବସିଲାଣି। ତାଙ୍କ ପତ୍ନୀ କେବେଠୁ ବିଦାୟ ନେଲେଣି। ବ୍ଲଡ କାନସରରେ ମାତ୍ର ଛଅମାସ ଭିତରେ ସେ ବାଟ କାଟିଲେ। ସେତେବେଳକୁ ନୀଳିମା ଦିଲ୍ଲୀ ଇଉନିଭରସିଟିରେ ଫିଜିକ୍ସରେ ପି.ଏଚ.ଡ଼ି କରୁଛି।

ଆଉ କେତେ ବର୍ଷ ଅପେକ୍ଷା କରିଥାଆନ୍ତି କୁହ? ନିର୍ବନ୍ଧ ହେବା ସଂଧ୍ୟାରେ ଗୋଟାଏ ଖୁସି ମନରେ ସେ ଗପ କରୁଥିଲେ ନୀଳିମାର ମାମୁଁ ସମରେନ୍ଦ୍ର ସହିତ। ନୀଳିକୁ ଆସି ହେଲାଣି ୩୦। ଏମ୍.ଏସ୍‌ସି ପାଶ କଲା ପରେ ଚାକିରି ପାଇଁ ଚାରିବର୍ଷ ଅପେକ୍ଷା କଲା। କୋଉଠିବା ଚାକିରି ଅଛି। ପ୍ରାଇଭେଟ କଲେଜରେ ପାଞ୍ଚଶହ ପାଇଁ ସମୟ କଟେଇଲା। ମେରିଟ ଥିଲେ କଅଣ ହେବ। ମେରିଟ ବଡ଼ କଥା ନୁହେଁ ଆଜିକାଲି। ଶେଷରେ ସେ ସ୍କଲାରସିପ୍ ପାଇଗଲା ପି.ଏଚ୍.ଡ଼ି ପାଇଁ।

ପିଲାଟି ନିଜେ ପସନ୍ଦ କରିଚି ପରା ନୀଳିକୁ? ସମରେନ୍ଦ୍ର ପଚାରିଲେ। ହଁ ସବୁ ନେଟ୍‌ରେ। କେହି କାହାକୁ ଦେଖି ନାହାନ୍ତି। ପୁଅ ଅଛି କାନାଡ଼ାରେ, ଆଉ ଝିଅ ଅଛି ଦିଲ୍ଲୀରେ। ନେଟରେ ଦେଖିଲା ପରେ କଥାବାର୍ତ୍ତା। ତା ପରେ ପ୍ରସ୍ତାବ ଆସିଲା ସେଇମାନଙ୍କ ତରଫରୁ।

ପିଲା ବିଷୟରେ ଟିକେ ଅଧିକା ଜାଣିଥାଆନ୍ତ।

ଯେତିକି ଜାଣିଲି। ତା ବାପାହିଁ ମୋତେ ପ୍ରଥମେ ଫୋନରେ କଣ୍ଟାକ୍ଟ କଲେ। ତା

Digitized by srujanika@gmail.com

ପୂର୍ବରୁ ନୀଳିମା ମୋତେ ଫୋନରେ କହିଥିଲା । ମୁଁ ଆଉ ମନା କରନ୍ତି କେମିତି ? କାହିଁକି କରିବି ? ଝିଅ ଯଦି ସନ୍ତୁଷ୍ଟ...

ନା, ମୁଁ ସେ କଥା କହୁନାହିଁ । ଯାହା ଜଣାପଡୁଛି ସବୁ ଭଲ । ଏଣିକି ଯାହା ତା ଭାଗ୍ୟରେ ଥିବ ।

ପିଲାଟି ଆମ ଭାରତୀୟ ଟଙ୍କାରେ ପାଉଚି ତିନି ଲକ୍ଷ । ସେଠିକା ନାଗରିକ ହେଇ ସାରିଛି । ନିଜର ଫ୍ଲାଟ ଓ ଗାଡି ଅଛି । ମେକାନିକାଲ ଇଂଜିନିଅର ଓ ଏମ୍.ବି.ଏ କରିଚି ମଧ୍ୟ । କିଛି ଦାୟିତ୍ୱ ନାହିଁ । ବାପର ଗୋଟିଏ ପୁଅ ।

ମୁଁ ଶୁଣିଲି ବୟସ ଟିକେ...

ସେଇଟାତ ହବ ନିଷ୍ଚୟ । ବେଶୀ ପଢ଼ାପଢ଼ି ପାଇଁ ସମୟ ଗଡିବ ନିଷ୍ଚୟ । ୪୦ ହେଇ ଯାଇଚି । ସେ କଥା ନୀଳିମା ଜାଣିଚି । ତଥାପି ସେମାନେ ଯେତେବେଳେ ରାଜି ମୋର କିଛି କହିବାର ନଥିଲା ।

ତୁମେ ଆଉ ଆଜିକାଲି ସେସବୁ କଥା ଚିନ୍ତା କରନା । ଆଜିକାଲିର ବିବାହ ବଂଶରକ୍ଷା ପାଇଁ ନୁହେଁ, କେବଳ ସାଥିଟିଏ ପାଇବା ପାଇଁ । ପିଲା ନୁହେଁ, ଗର୍ଭଧାରଣ ମଧ୍ୟ ସେମାନଙ୍କ ପ୍ରୋଗ୍ରାମରେ ନଥାଏ । ସେ ଦାୟିତ୍ୱ କିଏ ନେବ ? ନୀଳିମା ତା ସାଙ୍ଗମାନଙ୍କୁ କଅଣ କହୁଥିଲା ଜାଣ ?

କଅଣ ?

କହିଲା ନିହାତି ଦରକାର ହେଲେ ଆଉ ଗୋଟାଏ ପେଟ ଭଡାରେ ଆଣିବାନି ? ସେମିତି ପେଟ ସେଠି ବହୁତ ମିଳୁଚି । ଘରେ ଆସି ପହଞ୍ଚିଯାଆନ୍ତି । ତା ଛଡା ଖବରକାଗଜ ଓ ଟିଭିରେ ବିଜ୍ଞାପନ ମଧ୍ୟ ଥାଏ । ଏସବୁ ସାଧାରଣ କଥା । ଡାକ୍ତରଖାନା ଓ କ୍ଲିନିକରେ ଭଡା ଯାଚୁଥିବା ମହିଳାଙ୍କ ତାଲିକା ମଧ୍ୟ ମିଳେ ।

ମୋତେ ଆଉ ତୁମେ ସେସବୁ ଶୁଣାଅନା । ମୋର ଏ କାମ ସରିଗଲେ ମୋର ଛୁଟି । ଆଉ କିଏ ଥିବ ଯେ ମୋତେ ଖୋଜିବ ? ମୁଁ କୋଉ ଗୋଟେ ମଠରେ ବସିଯିବି । ନଚେତ ପଣ୍ଡିଚେରୀ ପଳେଇବି । ସେଇଟାତ ଆମ ଓଡିଆଙ୍କ ପାଇଁ ସବୁଠୁ ବଡ ମୁକ୍ତିର ମାର୍ଗ ।

ହଁ ମୁଁ ଶୁଣିଚି ସେ କଥା । ଯେତେ ବିଧବା ବା ଅବିବାହିତା ସମସ୍ତେ ସେଠି ଆଶ୍ରୟ ନେଇଛନ୍ତି । କେଣ୍ଟିନ ଠାରୁ ଡାଇନିଂଯାଏ ସବୁ ଦାୟିତ୍ୱ ଏଇମାନଙ୍କର । ଗୋଟାଏ ପ୍ରକାର ଭଲ । ପଣ୍ଡିଚେରୀ ଓ ପୁଟ୍ଟପର୍ତ୍ତିରେ ଆଧ୍ୟାତ୍ମବାଦର ଧ୍ୱଜାଧାରୀ ଓଡିଆ । ମନ୍ଦ କଅଣ ?

Digitized by srujanika@gmail.com

ଚୋରି ଚମାରି ତ କରୁନାହାନ୍ତି। କିନ୍ତୁ ତୁମେ ସେଠିକୁ କାହିଁକି ଯିବ ? ସେଠି କଅଣ ତୁମେ ଶାନ୍ତିରେ ରହିପାରିବ ? ତା ଛଡା ଭଲ ହେବ, ଯଦି ତୁମେ ଆମ ପାଖରେ ରହିବ। ଆମ ଗାଁ ସ୍କୁଲରେ ତୁମେ ହେବ ଅବୈତନିକ ହେଡମାଷ୍ଟର। ନୂଆ ସ୍କୁଲ। କେତେ ସ୍କୁଲତ ତିଆରି କରିଚ। ଏଇଟାକୁ ବି କର।

ମାଗଣାରେ କାହିଁକି ?

ଏତେ ପଇସା କଅଣ କରିବ ? ଯାହା ପେନସନ ପାଉଚ ସେଇଟା ତୁମ ଦରମାର ଦଶଗୁଣ। କିଛି ଦେଶସେବାରେ ଲଗାଅ। ଶାନ୍ତି ପାଇବ।

କଅଣ ଶାନ୍ତି ପାଇବି ସମରେନ୍ଦ୍ର ? ମୋ ଜୀବନରେ ଶାନ୍ତି କାହିଁ କହିଲ ? ତୁମ ଅପା ଯିବାପରେ ମୁଁ ହାତରେ ରାନ୍ଧି ଖାଉଥିଲି। ଆଉ ଗୋଟେ କାହାକୁ ରଖିବାକୁ ପ୍ରସ୍ତାବ ଆସି ନଥିଲା କି ? ତୁମେ କାନାଡା କଥା କଅଣ କହୁଚ ? ଏଠି ବି ଏକସ୍ତ୍ରାଟାଇମ କାମ କରିବାକୁ ଲୋକ ମିଳୁଛନ୍ତି।

ରଖୁନ। ଏବେ ବି ସମୟ ଅଛି, ରଖ। ଅପା ଅଛି ଯେ ତୁମକୁ ଆକଟ କରିବ। ତୁମେ ତ ସ୍ୱାଧୀନ ଜୀବନଯାପନ କରୁଚ।

ଓହୋ, ତୁମେ ସେମିତି କାହିଁକି କହୁଚ ? ମୁଁ କଅଣ ସତରେ ରଖିବି ନା କଅଣ ? ମୁଁ ଏମିତି କଥାରେ କହିଲି। ଆଚ୍ଛା କହିଲ, ଟଙ୍କା ଥିଲେ ତାର ଅଭାବ ଅଛି ? ତୁମେ ଜାଣିଚ ନା ଗୋଟେ କଥା ?

କଅଣ ?

ଜନ୍.ଏଫ୍.କେନେଡି, କିଏ କହିଲ ? ଆମେରିକାର ରାଷ୍ଟ୍ରପତି, ତାଙ୍କୁ ଯେତେବେଳେ ଗୁଳିକରି ହତ୍ୟା କରାଗଲା ସେତେବେଳେ ତାଙ୍କର ବୟସ କେତେ ? ମୋଟେ ୪୨। ସେତେବେଳେ ତାଙ୍କ ସ୍ତ୍ରୀକୁ ବୟସ କେତେ ହେଇଥିବ ? ଧରି ନିଆଯାଉ, ଏଇ ୪୦। ଆଉ କେତେ ? ସେତେବେଳେ ତାଙ୍କର ଦୁଇଟା ପୁଅ। ସେତେବେଳେ ଆମେରିକାର ରାଷ୍ଟ୍ରପତିଙ୍କ ପତ୍ନୀ କହିଲେ ମୁଁ ଆଉ ଗୋଟିଏ ବାହା ହେବି। କାହାକୁ ? ସତୁରୀ ବର୍ଷର ପୃଥିବୀ ବିଖ୍ୟାତ ଜାହାଜ ବ୍ୟବସାୟୀ ଓନାସିସିକୁ। କେମିତି ହେଇଥିବ ସେ ଜୀବନ କହିଲ ?

ଏସବୁ ଇତିହାସ ତୁମଠାକୁ କୋଉଠୁ ଆସେ ଭାଇନା ? କଅଣ ତୁମେ କହିବାକୁ ଚାହୁଁଚ ? ଷୋଡଶୀଟିଏ କୋଉଠି ଠିକ କଲଣି ନା କଅଣ ?

ଆରେ ମୂର୍ଖ, ମୁଁ ସେ କଥା କହୁନାହିଁ। ମିସେସ୍ କେନେଡି। କେନେଡି ମଲାପରେ

Digitized by srujanika@gmail.com

ଯେମିତି ଯାଇ ଓନାସିସି ଠାରେ ପହଞ୍ଚି ନିଜକୁ ସମର୍ପଣ କରିଥିଲେ ସେମିତି ଆଜିକାଲି ଇଣ୍ଡିଆରେ ମଧ୍ୟ ସମର୍ପଣ ପାଇଁ ସୁଯୋଗ ସୃଷ୍ଟି ହେଲାଣି। ଏଠି ଦୁଇଟା କଥା। ଗୋଟାଏ 'ଦେହ' ଓ ଅନ୍ୟଟି 'ଅର୍ଥ'। ଭୋଗ କର, କେବଳ ଭୋଗ କର। ଜୀବନରେ ତା'ଠୁ ଆଉ ଅଧିକା କଅଣ ଅଛି ? ସେ ସଂସ୍କୃତି ଆମ ଦେଶକୁ ମାଡି ଆସିଲାଣି। ଏଥିରେ ମୋ ନୀଳିମା ଯଦି ବଂଶ ରକ୍ଷା ନ କରେ କ୍ଷତି ନାହିଁ କିମ୍ବା ମୋ ପାଖରେ ସୃଷ୍ଟି ହେଉଥିବା ଶୂନ୍ୟ ସ୍ଥାନକୁ ଦରମା ଭିତିରେ ବା ଅନ୍ୟ କୌଣସି ଭିତିରେ କେହି ପୂରଣ କରେ, ତାକୁ ଆଉ ଅସାମାଜିକତା କହିହେବ ନାହିଁ। ବରଂ ତାକୁ ଯୁଗ ଧର୍ମ କୁହାଯିବ।

ତା ପରେ ସେ ପାଟି କଲେ, "ଆରେ ଯମୁନା। ଆମ ପାଇଁ କିଛି ଚା ଜଳଖିଆ ଆଣ।"

ସଂଧ୍ୟା ଗାଢ଼ ହୋଇ ଆସିଲାଣି। ଆକାଶରେ ତାରାମାନେ ମିଟି ମିଟି କଲେଣି। ହେଇ, ପାହୁଣ୍ଡେ ଦୂରରେ ଥିବା ପୁରୁଣା କାଳିଆ ବରଗଛରେ ଅଂଧାରରେ ମଧ୍ୟ ଅନେକ ଦୂରଯାଏ ସ୍ୱଷ୍ଟ ଦେଖିପାରୁଥିବା ବାଦୁଡିମାନେ ଫଡ ଫଡ ଉଡିବାକୁ ଆରମ୍ଭ କଲେଣି। ବାଦୁଡିମାନେ ହିଁ ଅଂଧାରରେ ଦେଖିପାରନ୍ତି। ବାଦୁଡି। ପଶୁ ନୁହେଁ କି ପକ୍ଷୀନୁହେଁ।

ଯମୁନା ? ଆକାଶରେ ଆଖି ଖୋସି ଦେଲେ ସମରେନ୍ଦ୍ର। ଭାଇନାଙ୍କୁ ସିଧା ଚାହିଁ ସେ ପ୍ରଶ୍ନ କଲେ, ଏ ଯମୁନା ନଈ ନା ନାରୀ ଭାଇନା ?

ଯିଏ ନଈ ସେଇ ବି ନାରୀ। ନଈ ନଥିଲେ ନାରୀ ସେଠିକୁ ଆସନ୍ତା ନା ବଇଁଶୀ ବାଜନ୍ତା। ସେଇ ସେତକରୁ ସୃଷ୍ଟି ହୋଇଚି ଅସୁମାରୀ ପ୍ରେମ ଓ ପ୍ରଣୟର ଗାଥା କବିତା। ତୁମେ ପଢ଼ିନ କି ? ଆଜି ବି ତ ତାକୁ ପଢ଼ି ତମେ ବିହ୍ୱଳିତ ହୋଇପଡୁଚ।

ଭାଇନା ! ସତୁରୀ ବର୍ଷ ବୟସରେ ତୁମ ମୁଣ୍ଡ ଠିକ ଅଛି ତ ?

ରିଟାୟାର କଲାପରଠୁ ମୋ ମୁଣ୍ଡ ଭଲ ଭାବରେ କାମ କରୁଚି। ଆଗରୁ ଓଲଟା କାମ କରୁଥିଲା ବୋଲି ଓଲଟା କାମ କରୁଥିଲି। ପିଲାଙ୍କୁ ଠିକ ଭାବେ ବୋଧେ ପାଠ ପଢ଼ାଉ ନଥିଲି। ଠକି ପଇସା ନେଉଥିଲି। ଚାକିରି ଜୀବନରେ ରାଜନୀତି କରୁଥିଲି। ମୁଁ ଏମ୍.ଏ ପାଶ କରିଛି। ମୋଟେ ପାଠ ଶାଠ ନ ପଢ଼ି ମଦଭାଟି ଓ ଗଂଜେଇ ଚାଷ କରି ଛଅଟା ମାଇକିନିଆ ଘରେ ରଖି ସବୁ କାମରେ ବ୍ୟବହାର କରି ଟଙ୍କାର ବିଛଣାରେ ଶୋଇ ସମାଜସେବୀ ନେତାର ମୁଁ ଜୋତା ସଫା କରୁଥିଲି। ଅନ୍ୟ ଦିଗରେ କ୍ଲାସରେ ପିଲାମାନଙ୍କୁ ଗାନ୍ଧୀର ଫଟୋରେ ଫୁଲମାଳ ଦେଇ ଜୁହାର ହେବାକୁ କହୁଥିଲି ଗାନ୍ଧୀ ଜୟନ୍ତୀ ଦିନ।

ସେ ଟିକିଏ ଦମ ନେଲେ ତାପରେ କହିଲେ, ଏବେ କୁହତ, 'ଜୀବନର କଳା'

Digitized by srujanika@gmail.com

କଅଣ ? ତାର ସଂଜ୍ଞା କଅଣ ? ରବିଶଂକର ଯାହ ବୁଝଉଛନ୍ତି ସେଇଟା ଠିକ, ନା ମହେଶଯୋଗୀ ଯାହା ସମୁଦ୍ର ବେଳାରେ ଶିଖଉଛନ୍ତି ସେଇଟା ଠିକ ନା ମଦଭାଟିରୁ ପ୍ରମୋଶନ ପାଇ 'ପଞ୍ଚାୟତ ଶିକ୍ଷା ପରିଷଦ'ର ସଭାପତି ଏବଂ ମୋର ଧାତା ବିଧାତା ହାଡୁ ସାହୁ ଯାହା କହୁଥିଲେ ସେଇଟା ଠିକ ? କାହାଠୁ ଆମେ ଶିଖିବା 'ବଂଚିବାର କଳା' ? ମଣିଷରୁ ଅମଣିଷ ହେବାହିଁ ଏବର ଆଧୁନିକତା । ତାକୁ ଛାଡି ଆମର ଗତି କାହିଁ ?

ଯମୁନା ଆସି ଦୁଆର ବନ୍ଧରେ ଠିଆ ହେଲା । ସେଲୁଆର କମିଜ ପିନ୍ଧିଚି । ଓଢ଼ଣୀ ଅଛି କିନ୍ତୁ ଯୋଉଠି ରହିବାର କଥା ସେଠି ନାହିଁ । ବକ୍ଷ ଅତି ସ୍ପଷ୍ଟ ଓ ସୁଉଚ୍ଚ । ଉତ୍ତମ ସ୍ୱାସ୍ଥ୍ୟ । ନିଟୋଳ ବୋଲି କୁହାଯାଇପାରେ । ମୁହଁରେ ଅସୁମାରୀ ଲାବଣ୍ୟ । ଆଖିରେ ମାଦକତା ଓ ଓଠରେ ଆକର୍ଷଣର ମହୁଆ ଢ଼େଉ ।

ବୟସ କେତେ ହେବ ଯାର ? ସମରେନ୍ଦ୍ର ଚିନ୍ତା କଲେ । ପଚିଶ, ତିରିଶ ନା ତା ଠାରୁ କମ୍ ? ବେଶୀ ବି ହେଇପାରେ । ନାରୀମାନଙ୍କ ବୟସ ମାପିବା ସ୍କେଲ ସ୍ୱୟଂ ଭଗବାନ ମଧ୍ୟ ସୃଷ୍ଟି କରିନାହାନ୍ତି । ଏବଂ ସେତିକି କରିନାହାନ୍ତି ବୋଲି ସଂପର୍କରେ ମାଇଁ ହେଉଥିବା ରାଧା ସହିତ ସେ ଲୀଳା କରି ପାରୁଥିଲେ । ତାକୁ ମଧ୍ୟ ଆମ ସମାଜ ଗ୍ରହଣ କରୁଚି ସସମ୍ମାନେ । ଗୋଟିଏ ଯୁଗରେ ନୁହେଁ, ଆଜିକୁ ହଜାର ହଜାର ବର୍ଷ ଧରି ତାକୁ ମଥାରେ ମୁଣ୍ଡେଇ ଆସୁଚି ।

ତେବେ ଏ ସଂସ୍କୃତି ଭାରତରୁ ଆମେରିକାର ଯୁବ ରାଷ୍ଟ୍ରପତିଙ୍କ ଧର୍ମପତ୍ନୀ ମିସେସ୍ କେନେଡିଙ୍କ ପାଖକୁ ଯାଇଥିଲା ନା ଜଗତିକରଣ ଯୁଗରେ ଆମେ ତାଙ୍କଠୁ ଉଧାର ଆଣିଛୁ ? କୋଉଟା ଠିକ ସମରେନ୍ଦ୍ର ?

ଯମୁନା ଠିଆ ହେଇଥିଲା ଦୁଆର ବନ୍ଧ ଉପରେ । ତା ମୁଣ୍ଡ ଉପର ଚଉକାଠ ପାଖାପାଖି ହେଉଥିଲା । ବେଶ ସ୍ଲିମ୍ ବି । ଦୁଇ ହାତ ଦୁଆରବନ୍ଧର ଦୁଇ କାଠ ଧରି ଠିଆ ହେଇଥିଲା ବେଳେ ତା ପେଟ ଓ ତାର ନିମ୍ନାଂଶ ଯେ କୌଣସି ପୁରୁଷର ଆଖିକୁ ଲୁଚେଇ ଲୁଚେଇ ଟାଣି ଆଣିବ । ଥରେ ନୁହେଁ ବାରମ୍ବାର ।

ସମରେନ୍ଦ୍ର ନିଜର ସତୁରୀ ଅତିକ୍ରମ କରିଥିବା ଭିଣୋଇଙ୍କୁ ଭାଗ୍ୟବାନ କହିବେ ନା ଆଉ କିଛି କହିବେ ? ବାସ୍ତବତାକୁ ଆଡେଇ ଦେଇ ତାକୁ ଯାହା କହିଲେ କ୍ଷତି ନାହିଁ । ଛଳନାର ସଂକ୍ରମଣ ଭିତରେ ମଣିଷ ସତ୍ୟର ଗହନ ବନ ଭିତରୁ ବାହାରି ଧୂ ଧୂ ଧୂସର ମରୁବାଲିରେ ମୃଗତୃଷ୍ଣାକୁ ଧ୍ରୁବ ବୋଲି ଘୋଷଣା କରେ ।

ଏକପ୍ରକାର ଆକଟିବା ଗଳାରେ ଯମୁନା କହିଲା, ଏତେବେଳେ ଯଦି ଚା ଜଳଖିଆ ଖାଇବେ ତେବେ ଖାଇବା କେତେବେଳେ ହେବ ? ସେ ଆସି ସମରେନ୍ଦ୍ରକୁ ଜୁହାର

Digitized by srujanika@gmail.com

ହେଲା ଏବଂ କହିଲା, ମାମୁଁ, ଆପଣ ତାଙ୍କୁ ଟିକେ ବୁଝାନ୍ତୁ। ବରାବର ଏମିତି ଅବାଗିଆ କଥା କରୁଛନ୍ତି। ଏଥିରେ ଦେହ ଠିକ ରହିବ ନା ଦେହଟା ଠିକ ରହୁଚି ବୋଲି ଜାଣିଶୁଣି ତାକୁ ଖରାପ କରିବା ? ଟିକେ ବୁଝନ୍ତେ ହେଲେ।

ସମରେନ୍ଦ୍ର ବିସ୍ଫାରିତ ନେତ୍ରରେ ତାକୁ ଅନାଇ ରହିଲେ। ଯମୁନା କିଏ ଏ ଯମୁନା ? ଏତେ ଆକଟିବା, ଏତିକି ସ୍ନେହ, ଶ୍ରଦ୍ଧା, ଏତେ ବି ଆପଣାପଣ ? ଆଶ୍ଚର୍ଯ୍ୟ। ମୋ ଅପା ନୁହେଁ, ଭାଇନାଙ୍କ ମାଆବି ନୁହେଁ, କହିହେବ ତାକୁ ପ୍ରେମିକା ବୋଲି ? ଏ ଭଲପାଇବା ଭିତରେ କେତେ ଅଛି ନିଜସ୍ୱ ଅନ୍ତରଙ୍ଗତା, କେତେ ଆତ୍ମୀୟତା ? ତାର ସ୍ଥାୟୀତ୍ୱ କେତେ ? ତିଷ୍ଠିବ କି ଆମୃତ୍ୟୁ ନା ତାପରେ ବି ଦିକ୍ ଦିକ ଜଳୁଥିବ ଅଲିଭା ଦୀପାଳି ପରି ? ଅଧିକାର ସାବ୍ୟସ୍ତ କରୁଚି ଯମୁନା।

ସମରେନ୍ଦ୍ରର ମନେ ହେଲା ଏ ସବୁ ପ୍ରଶ୍ନ ଅନ୍ଧ ରାତ୍ରୀର ବକ୍ଷ ଭେଦ କରି ସେଇ ବାଦୁଡିମାନଙ୍କ ପରି ଡାଳରୁ ଡାଳକୁ ଉଡିବୁଲିବ ସିନା ଉତ୍ତର ତାକୁ ମିଳିବ ନାହିଁ।

ଭାଇନା ! ଯମୁନା ଯାହା କହୁଚି, ଠିକ କହୁଚି। ତମର ଅବାଗିଆ ପଣକୁ ସେ ବାଗରେ ରଖିବାକୁ ଚାହୁଁଚି। ଏଇଟାତ ଭଲ କଥା।

ଯମୁନା ଭିତରକୁ ଚାଲିଗଲା।

ସମରେନ୍ଦ୍ର ଧୀର ସ୍ୱରରେ କହିଲା, ତାର ତୁମ ଉପରେ ଅଧିକାରର ଭାଗମାପଟା ମୁଁ ଟିକିଏ ଜାଣି ପାରିବି କି ? ମୋ ଅପା କି ମୋ ଭାଣିଜୀ ଅପେକ୍ଷା ବେଶୀ ନା କମ୍।

ହୋ ହୋ ହସିଲେ ସରୋଜ ମହାନ୍ତି। ଏ କଥାବି ବୁଝିନ ଏଯାଏ ? ଯେତିକି କଥା ସେ କହିଗଲା ସେଥିରୁ ତମେ ଏ କଥାର ଉତ୍ତର ପାଇଲନି ? ସେ କହିଲେ।

ଯମୁନା ଫେରି ଆସିଲା। ହାତରେ ଧରିଚି ଗୋଟେ ଟ୍ରେ। ସେଥିରେ ଅଛି ଗୋଟିଏ କପ ଚା ଓ ଗୋଟାଏ ଗ୍ଲାସ ଥଣ୍ଡା ପାଣି।

ତୁ ଗୋଟାଏ କପ ଆଣିଲୁ ଯେ ? ପଚାରିଲେ ସରୋଜ ବାବୁ।

ଏଇଟା ମାମୁଁ ଖାଆନ୍ତୁ। ସେ ସେତେବାଟରୁ ଆସିଛନ୍ତି। ସେ ଚାଲିଯାଉଥିଲା। ପୁଣି ଫେରି ଆସି କହିଲା, ଆଉ ଅଧଘଣ୍ଟାକ ପରେ ମୋ କାମ ସରିଯିବ। ତରକାରି ହେଇ ସାରିଚି। ଖାଲି ରୁଟିଟା ହେବ। ମୁଁ ବାଢ଼ି ଦେବି। ଆପଣମାନେ ଖାଇ ବସିଲେ ମୁଁ ବିଛଣାପତ୍ର ସଜାଡି ଦେଇ ଚାଲିଯିବି। ଆଜି ଟିକେ ଡେରି ହେଇଗଲାଣି।

ସରୋଜ ବାବୁ ବୋଧେ ଟୟଲେଟକୁ ଉଠିଗଲେ। ଚା ପିଉ ପିଉ ସମରେନ୍ଦ୍ର ପଚାରିଲେ ତୋ ଘର କଅଣ ଏଇ ପାଖରେ ?

Digitized by srujanika@gmail.com

ଆଜ୍ଞା ହଁ, ଘରେ ଇଏ ଚାହିଁ ବସିଥିବେ। ମୁଁ ଗଲେ ତାଙ୍କୁ ବିଛଣାରୁ ଉଠେଇବି। ଖୁଏଇବି। ପୁଣି ବିଛଣାରେ ଶୁଏଇବି।

ସମରେନ୍ଦ୍ର ତାକୁ ଚାହିଁ ରହିଲେ।

ଆପଣ ଜାଣି ନାହାନ୍ତି ? ସେ ଜଣେ ପୋଲିଓ ରୋଗୀ। ଦୁଇଟା ଗୋଡ ଅଚଳ। ଭାଗ୍ୟ ଏମିତି ଦେଖନ୍ତୁ ବାହାଘରର ଛଅମାସ ପରେ ହଠାତ ଏ ରୋଗ ହେଲା ଏବଂ ସେ ଅଚଳ ହେଇଗଲେ। ତାଙ୍କୁ ଉଠେଇବା, ବସେଇବା, ଖୁଏଇବା ସବୁ କାମ ମୋର। ସେଥିରେ ପୁଣି ରାଗ ନାକ ଅଗରେ। ଟିକିଏ ଡେରି ହେଲେ ଯାହା କହିବେ କାନରେ ଶୁଣି ହେବନି। ସେଇ ଦିନଠୁ ଏଠିକୁ ଆସୁଛି। ସେଥିପାଇଁ ବି କେତେ କଥା। ତା ଆଖି ଛଳଛଳ ହେଲା।

ସରୋଜ ବାବୁ ଫେରି ଆସିଲେ। କହିଲେ ତୋର ତ କାମ ସରିଗଲାଣି। ତୁ ଏବେ ଚାଲି ଯାଆ। ବାକି ଯାହା କାମ, ମୁଁ କରିନେବି।

ଯମୁନା ଏଥର ଟିକେ ଫ୍ରି ହେଇଗଲା ବୋଧେ। କହିଲା ଯିବିତ ନିଶ୍ଚୟ। ଦୁଇଟା ଘରର ଦାୟିତ୍ୱ ତ ମୋର। କାହାକୁ ଛୋଟ କାହାକୁ ବଡ କରିବି ?

ରାତିରେ ଖାଇ ସାରି ଶୋଇଲାବେଳେ ପୁଣି ଥରେ ସେଇ ଯମୁନା କଥା ପଡିଲା। ସମରେନ୍ଦ୍ର ଭିତରେ ଯମୁନାର ଶେଷ କଥା ପଦକ ତଥାପି ଉଙ୍କି ମାରୁଥାଏ। ଦୁଇଟା ଘରର ଦାୟିତ୍ୱକୁ ସେ ସମାନ ତରାଜୁରେ ମାପୁଚି ? କଥାଟା ସ୍ୱାଭାବିକ ଭଳିଆ ମନେ ହେଉନି। କିନ୍ତୁ ଆବିଳତା ଥିଲେ ଏପରି ସରଳ ଅଭିବ୍ୟକ୍ତି ମଧ୍ୟ ହୁଅନ୍ତା ନାହିଁ। ତେବେ ଅସମ୍ଭବ ବୋଲି ମଧ୍ୟ କହି ହେବନି। ଭାଇନା ମିସେସ୍ କେନେଡ଼ି କଥା କହୁଥିଲେ।

ତୁମେତ ଯମୁନାକୁ ଦେଖିଲ ସମରେନ୍ଦ୍ର। କେତେ ଦୁଃଖୀ ଝିଅଟାଏ କହିଲ ? କଅଣ ଅଛି ଆଉ ତା ଜୀବନରେ। ତାର କଅଣ କିଛି ସ୍ୱପ୍ନ ନଥିଲା ? ତାକୁ ଏମିତି ସାଧାରଣ ଭାବରେ ଦେଖିଲେ ବୁଝିପାରିବ ତା ଅନ୍ତର କଥା ? ସରୋଜବାବୁ ବେଡରୁମ ବିଛଣା ସଜାଡୁ ସଜାଡୁ କହିଲେ।

ଆରେ ମଶାରୀଟା କେମିତି ଟଂଗା ହେବ ? ସରୋଜ କହିଲେ କାନ୍ଥରେ କଣ୍ଟା ଖୋଜୁ ଖୋଜୁ।

ମାନେ ? ତୁମେ ସେତକ ମଧ୍ୟ ଜାଣିନ ?

କେମିତି ଜାଣିବି ? ସବୁତ ସିଏ କରୁଥିଲା। ରୋଷେଇ ଘରଠାରୁ ବେଡରୁମ ଯାଏ - ସବୁଠି ତାର ଅଧିକାର। ମୁଁ ସେଥିରେ ଆଜିଯାଏ ମୁଣ୍ଡ ପୂରାଏନି। ପୂରାଏନି ନୁହେଁ

Digitized by srujanika@gmail.com

ବରଂ କହିବା ଠିକ ହେବ ଯେ 'ପୂରେଇ ପାରେନା'। ବରାବର ମୁଁ ଏ ଦୁଇଟା ଏରିଆ ବାହାରେ ରହି ଆସିଚି।

ସେ ତୁମକୁ ପୂରାପୂରି ଅଧିକାର କରି ନେଇଚି, ଦେଖୁଚି।

ତୁମେ ଯାହା ଦେଖ ନା କାହିଁକି, ମୁଁ ଭାବୁଚି ଯମୁନା ନ ହେଲେ ମୁଁ ଦଣ୍ଡେ ମଧ୍ୟ ଚଳିପାରିବି ନାହିଁ। ସେ ମୋତେ ଅଧିକାର କରି ରଖିଚି କି ମୁଁ ତା ପାଖରେ ନିଜକୁ ସଂପୂର୍ଣ୍ଣ ସମର୍ପଣ କରି ଦେଇଚି ସେ କଥା ବି କହିପାରିବିନି।

ତା ସ୍ୱାମୀ କଅଣ ସଂପୂର୍ଣ୍ଣ ଅକର୍ମଣ୍ୟ ?

ସେ କଥା ମୁଁ କହିପାରିବିନି। ଜଣେ ସ୍ତ୍ରୀ ତା ସ୍ୱାମୀଠାରୁ ଯାହା ଆଶା କରେ ସେତକ ସେ ପାଏ କିନା କେମିତି ଜାଣିବି ? ଜାଣିବାର ଆବଶ୍ୟକତା କଅଣ ଅଛି ? କିନ୍ତୁ ଯମୁନା ତାର ଦୁଃଖ କଥା ମୋତେ ବେଳେ ବେଳେ କହିଚି। ସେ ଦୁଃଖ ଯେ କୌଣସି ପଥରର ହୃଦୟକୁ ତରଳେଇ ଦେବ।

ତୁମେ କଅଣ କହୁଚ ଭାଇନା ?

ତାର ଦୁଃଖ ଅପ୍ରମିତ। ବେଳେବେଳେ କୁହେ ଓ କାନ୍ଦେ ମଧ୍ୟ। ମୋ ପାଖରୁ କଅଣ ବା ସେ ପାଉଚି। ତା ସ୍ୱାମୀ ଅକର୍ମଣ୍ୟ ହେଲା ପରେ ଯମୁନା ବାହାରକୁ ଆସିଲା। ସେତେବେଳେ ତାର ଡର ଥିଲା ଏ ମଣିଷମାନଙ୍କୁ। ମଣିଷମାନେ ହିଁ କଞ୍ଚା ମାଂସ ଖାଆନ୍ତି। ପ୍ରାଗୈତିହାସିକ ଯୁଗରେ ଯୋଉମାନେ ମାଂସ ପୋଡି ଖାଇବାକୁ ଭଲ ପାଉଥିଲେ, ଏବେ ଆଧୁନିକ ଯୁଗରେ ସେମାନେ କଞ୍ଚା ଖାଇବାକୁ ବେଶୀ ଭଲ ପାଉଚନ୍ତି। ଆମ ଭିତରେ ଏବେ ପ୍ରାଗୈତିହାସିକତା ବୃଦ୍ଧି ପାଉଚି।

ସେ ଟିକିଏ ରହିଲେ ତା ପରେ କହିଲେ ଯମୁନାର ଦରକାର ଥିଲା ଗୋଟାଏ ନିରାପଦ ଓ ସ୍ଥାୟୀ ଆଶ୍ରୟ। ତୁମକୁ ସତ କଥା କହୁଚି, ମୋର ମଧ୍ୟ ସେତେବେଳେ ଆବଶ୍ୟକ ଥିଲା ଜଣେ ନାରୀ, ଯାହାର ଗୋଟେ ହୃଦୟ ଥିବ। ଆଉ ସେ ହୃଦୟ ଭିତରେ ଥିବ କିଛି ସ୍ନେହ, ଶ୍ରଦ୍ଧା ବା ଯାହାକୁ ତୁମ ଭାଷାରେ କୁହାଯାଏ ପ୍ରେମ। ତୁମ ଭଉଣୀ ଚାଲିଗଲା ପରେ ମୁଁ ସମ୍ପୂର୍ଣ୍ଣ ଏକୁଟିଆ ହେଇ ପଡିଥିଲି। ଏକୁଟିଆ ମଣିଷଟି କେତେ ଅସହାୟ କହିଲ ? ସେ ଭାବେ ଏତେବଡ ପୃଥିବୀରେ ତାକୁ ଛାଡି ଦ୍ୱିତୀୟ ଲୋକ ଏ ପୃଥିବୀରେ ନାହିଁ। ବେଳେ ବେଳେ ଭାବିଚି ଏମିତି ବଞ୍ଚିବାରେ ବା କି ଲାଭ ?

ସେତେବେଳେ ଯମୁନା ମଧ୍ୟ ସେଇ ପଥର ଯାତ୍ରୀ। ସେ ମଧ୍ୟ ଖୋଜୁଥିଲା ସହାୟତା। ସବୁଠାରୁ ଦୁଃଖ କଅଣ ଜାଣିଚ ? ଗୋଟାଏ ଅକର୍ମଣ୍ୟ ସ୍ୱାମୀ ପ୍ରତ୍ୟେକ କଥାରେ ତା ସ୍ତ୍ରୀ ଉପରେ ନିର୍ଭର କରୁଥିଲାବେଳେ ସ୍ତ୍ରୀଟି ସାମାନ୍ୟ ରୋଜଗାର ପାଇଁ ବାହାରକୁ

Digitized by srujanika@gmail.com

ଗଲେ· ତାର ଚରିତ୍ର ଉପରେ ମଧ୍ୟ ସ୍ୱାମୀ ସନ୍ଦେହ କରେ ଏବଂ ଖାଲି ସନ୍ଦେହ କରେ ନୁହେଁ, ଘରକୁ ଫେରିବାରେ ସାମାନ୍ୟ ଡେରି ହେଲେ ମାଡ ଦିଏ।

ମାଡ ଦିଏ ? କେମିତି ? ସେ ପରା କେବଳ ବିଛଣାରେ ପଡି ରହିଚି ?

ହଁ। ଯମୁନା ତାକୁ ଉଠାଏ, ଦେହ ହାତ ପୋଛି ଦିଏ, ଖୁଆଏ। ତା ସତ୍ୱେ ସେ ମଧ୍ୟ ଭୀଷଣ କ୍ରୋଧୀ ଓ ସଂଦେହୀ। ସାମାନ୍ୟ ଡେରି ହେଲେ ସେ ରାଗରେ ଅଗ୍ନି ଶର୍ମା ହେଇଯାଏ ଏବଂ ଅଶ୍ଳୀଳ ଭାଷାରେ ଗାଳି ଦିଏ। ଗାଳିର ଶବ୍ଦ ସବୁ ସରିଗଲେ ସେ ତାକୁ ପାଖକୁ ଡାକେ, ଆସିଲୁ ଏ ଆଡେ। ଆ, ମୋ ପାଖକୁ ଆ।

ଯମୁନା ପାଖକୁ ଆସେ। ଭାବେ ଏଥର ଟିକେ ଆଉଁସି ଦେବ ବୋଧେ।

ନା, ତା ଭିତରେ ପଶୁତ୍ୱ ତଥାପି ରାଜତ୍ୱ କରୁଥାଏ। ଛଳନାର ମୁହଁ ଭିତରେ ସେ ପଶୁଟି କୋଉଠି ଥାଏ ସେ କଥା ପୁରୁଷର ମୁହଁ ଭିତରୁ ଖୋଜି ପାଇବା ସମ୍ଭବ ନୁହେଁ। ପାଖକୁ ଆସିଲା ମାତ୍ରେ ସେ ତାର କେଶଗୁଚ୍ଛକୁ ଧରି ଆଗେ ଶୁଂଘେ। ତାପରେ କୁହେ, ଆହା ବେଶ ଭଲ ବାସୁଚିତ। ତା ପରେ ସେ ଠୋ ଠୋ ଗାଲରେ କଷି ଦିଏ, ନଚେତ ଦୁମ୍ ଦାମ୍ ପିଠିରେ ଲଦି ଦିଏ ବିଧା।

ତୁମେ କଅଣ କହୁଚ ଭାଇନା ? ପଙ୍ଗୁ ଲୋକଟା ଏତେ ନିର୍ମମ ହୁଏ କେମିତି ?

ତୁମେ ବିଶ୍ୱାସ କରିବନି। ମୋତେ ସେ ଥରେ ଦେଖେଇଥିଲା ତାର ଗାଲ। ସେ ନିଜ ତରଫରୁ ଦେଖାଉ ନଥିଲା। ମୁଁ ଦେଖି ପଚାରିଲି, ସେ ଖାଲି ଭୋ ଭୋ କାନ୍ଦିଲା।

ସମରେନ୍ଦ୍ର ସେଦିନ ରାତିରେ ଶୋଇଲାବେଳେ ଭାବିଲେ, କିନ୍ତୁ ସନ୍ଦେହ କାହିଁକି ? ଯୋଉ ନାରୀଟି ତାର ଜୀବନ ନାଟିକା, ତା ପ୍ରତି ପୁଣି ଏତେ କ୍ରୁରତା କାହିଁକି ? ଏହା କେବଳ ପୁରୁଷୋଚିତ ଅହଂକାର ନା ତା ପଛରେ ଆଉ କିଛି ଅଛି ?

ଇତି ମଧ୍ୟରେ ନୀଳିମାର ବାହାଘର ଶେଷ ହେଇଯାଇଛି। ବିବାହ ଯେ ଏମିତି ଭାବରେ ହେଇପାରେ ତାହା ସମସ୍ତଙ୍କୁ ସେଦିନ ଆଚମ୍ୱିତ କରିଥିଲା। କାନାଡାରୁ ବର ଆସି ମେରେଜ ରେଜିଷ୍ଟ୍ରେସନ ଅଫିସକୁ ଯାଇ ମାତ୍ର ଅଧଘଣ୍ଟାଏ ଭିତରେ କାମ ସାରି ସେମାନେ ସିଧା ଗଲେ ହୋଟେଲକୁ। ଭୋଜି ସରିଲା ପରେ ସେମାନେ ପୁଣି ଗଲେ ଏରୋଡ୍ରମକୁ। ତା ପରଦିନ ସେମାନେ କାନାଡାରେ।

ବାହାଘରରେ ବ୍ରାହ୍ମଣ ନଥିଲା କି ମନ୍ତ୍ରପାଠ ନଥିଲା। ବେଦ ଉଚ୍ଚାରଣ ନଥିଲା କି ଅଗ୍ନିକୁ ସାକ୍ଷୀ ରଖି ପୂଜାପାଠ ମଧ୍ୟ ନଥିଲା। ଥିଲା କେବଳ ଦୁଇଟି ହୃଦୟର ମିଳନ, ଯୋଉଠି ବେଦଶାସ୍ତ୍ରର ଆବଶ୍ୟକତା ମୋଟେ ନଥାଏ।

Digitized by srujanika@gmail.com

ସେଦିନ ଝିଅଜୋଇଁ ବିଦା ହେଲାବେଳକୁ ପ୍ରାୟ ଦିନ ୩ଟା ହେଇଗଲା। ବନ୍ଧୁବାନ୍ଧବ ମଧ୍ୟ ସଂଧ୍ୟା ସୁଦ୍ଧା ସମସ୍ତେ ପ୍ରାୟ ଚାଲିଗଲେ। ଯୋଉମାନେ ରହି ଥାଆନ୍ତେ, ସେମାନେ ବିବାହର ରୀତି ଦେଖି ଆଉ ଅପେକ୍ଷା କରିବାକୁ ଇଚ୍ଛା କରି ନଥିଲେ। ସେମାନେ ମଧ୍ୟ ବାଟ କାଟିଥିଲେ।

ସରୋଜ ବାବୁ ଏସବୁ ଦେଖି ମଧ୍ୟ ଚୁପ୍ ରହିଥିଲେ। ସେଥିରେ ତାଙ୍କର ଆଉ କିଛି କରିବାର ନଥିଲା। ଏକମାତ୍ର ଅତିଥି ରହିଯାଇଥିଲେ ସମରେନ୍ଦ୍ର ଓ ତାଙ୍କ ସ୍ତ୍ରୀ। ପରଦିନ ଏମାନଙ୍କର ବିଦାୟ ନେବାର କଥା। ରାତିରେ ସମସ୍ତେ ଖାଇ ସାରି ଶୋଇଲା ବେଳକୁ ଡୋର ବେଲ୍ ବାଜି ଉଠିଲା। ଆଶ୍ଚର୍ଯ୍ୟ ହେଲେ ସରୋଜ। ସେ ଯାଇ କବାଟ ଖୋଲିଲେ। ତାଙ୍କ ପଛରେ ଥିଲେ ସମରେନ୍ଦ୍ର ଓ ତାଙ୍କ ସ୍ତ୍ରୀ।

ଆରେ ଯମୁନା, ତୁ ପୁଣି.... ସରୋଜ ପଚାରିଲେ ଆଶ୍ଚର୍ଯ୍ୟ ହେଇ।

ଯମୁନା ଠିଆ ହେଇଥିଲା। ତା ହାତରେ ଖଣ୍ଡେ ହେଣ୍ଡ୍ ବେଗ୍। ଆଖିରୁ ଲୁହ ଝରି ଶୁଖିଯାଇଚି। ମୁଣ୍ଡବାଳ ଅସ୍ତବ୍ୟସ୍ତ। ଶାଢ଼ି ଖସି ପଡୁଚି। ଶାଢ଼ି କାନି ମୁହଁରେ ଜାକି ସେ ସମସ୍ତଙ୍କୁ ଆଡେଇ ଭିତରକୁ ଗଲା ଏବଂ ଘରର ଶେଷ ଆଡକୁ ଥିବା ରୁମ ଭିତରେ ପଶି ଭିତରୁ କବାଟ ବନ୍ଦ କଲା। ବାହାରୁ ତାର କାନ୍ଦଣାର ସ୍ୱର ଶୁଭୁଥିଲା।

❑❑

Digitized by srujanika@gmail.com

ନ ଥିବା ଗାଁର ନକ୍ସା

ସୁବ୍ରତ ବାବୁ ବସ୍‌ରୁ ଓହ୍ଲେଇ ଥରେ ଚାରିଆଡ଼କୁ ଦେଖିନେଲେ । ଆଃ, କି ସୁନ୍ଦର ସହରଟା ହେଇଚି । ଚେହେରା ଏକଦମ ବଦଳି ଯାଇଚି । ଯେ କୌଣସି ଜାଗାରେ ଆଖି ପକେଇଲେ ଆଖିଟା ଲାଖିଯିବ ।

ବସରେ ଆସିଲା ବେଳେ ସେ ରିଂ ରୋଡଟାକୁ ଦେଖୁଥିଲେ । ଗଛ ଗୁଡ଼ାକ କେବେ ଲଗା ହୋଇଥିଲା କେଜାଣି, ଅନେକ ବଡ ହୋଇଗଲାଣି । ଝଙ୍କାଳିଆ ପତ୍ର । ହେଲମେଟ ଲଗାଇ ଥିବା ଶ୍ରମିକଟଏ ପରି ଠିଆ ହେଇଚି । ବିଜୁଳୀ ଖୁଣ୍ଟସବୁ ଟିକ୍ ଟିକ୍ କରୁଚି ଧଳା ଆଲୁମିନିୟମ ରଙ୍ଗରେ । ମାଛକୁ ନଜର ରଖୁଥିବା ବଗ ପରି ଥଣ୍ଟ କାଢ଼ିଚି । ଆଉ ମଝିରେ ସେ ଟ୍ରିଗାଡ ଗୁଡ଼ାକ ଭିତରୁ ଚାରା ଗଛ ଗୁଡ଼ାକ ଧୀରେ ଧୀରେ ଉଠିବାକୁ ଚେଷ୍ଟା କରୁଚି । ସେ ଯେମିତି ମୁକ୍ତି ଖୋଜୁଚି ଆଠ ଘଣ୍ଟା କଠିନ ପରିଶ୍ରମ ପରେ କାରଖାନାର ଶ୍ରମିକଟିଏ ବନ୍ଦ ଗେଟର ଭିତର ପଟେ ଠିଆ ହେଇଥାଏ ଗେଟ ଖୋଲିବା ଯାଏ ।

ସୁବ୍ରତ ବାବୁ ରାଉରକେଲା ସହରକୁ ଫେରୁଚନ୍ତି ଦୀର୍ଘ ଦିନ ପରେ । ସେ ବିଦାୟ ନେଇଥିଲେ ଷ୍ଟିଲ ପ୍ଲାଣ୍ଟର ମଡର୍ଣ୍ଣାଇଜେସନ ପରେ । ଅବସର ପରେ ସେ ରାଉରକେଲାରେ ରହିବାକୁ ଚାହିଁ ନଥିଲେ । କାହିଁକି ରହିଥାଆନ୍ତେ ଯେ ? ତାଙ୍କର ଦୁଇ ଝିଅ ଓ ଗୋଟିଏ ପୁଅ - ସମସ୍ତେ ଯେ ଯା ସ୍ଥାନରେ ସୁପ୍ରତିଷ୍ଠିତ । ଜଣେ ଝିଅ ଇଞ୍ଜିନିୟରକୁ ବାହା ହୋଇ ମାଡ୍ରାସରେ ଏବଂ ଆଉ ଜଣେ ଚାର୍ଟାଡ୍ ଏକାଉଣ୍ଟାଣ୍ଟକୁ ବାହା ହେଇ ବମ୍ବେରେ । ଝିଅମାନେ ଉଚ୍ଚଶିକ୍ଷିତ । ପୁଅ ବି ଏଇଠୁ, ଏଇ ରିଜିଓନାଲ ଇଞ୍ଜିନିୟରିଂ କଲେଜରୁ ପାଶ କରି ଏବେ ଆମେରିକାରେ । ବୋହୂ ବି କମ୍ପ୍ୟୁଟର ଇଞ୍ଜିନିୟର ।

ସୁବ୍ରତ ବାବୁ ରାଉରକେଲାରେ ରହିବାର ଆଉ କୌଣସି ଆବଶ୍ୟକତା ଅନୁଭବ

Digitized by srujanika@gmail.com

କରିନଥିଲେ। ଛି, ଏଠି ମଣିଷ ରହେ ? ଖରାଦିନେ ଧୂ ଧୂ ଖରା। ଶୀତ ଦିନେ କାନ ଥରା ଶୀତ। ଯା'ରି ଭିତରେ ମଣିଷ ପେସି ହେଇ ଯାଉଚି ଏ ଲୁହାର ମଣିଷମାନଙ୍କ ସାଥିରେ। ସବୁଠି ମେସିନର ମଣିଷମାନେ। ତାଙ୍କ ଦେହରେ ହସ ଅଛି ନା କାଶ ଅଛି। ପ୍ରାଣ ଅଛି ନା ପ୍ରତିମା ଅଛି। କଣ୍ଠା ଲୁହାର ଦେହ, ମାଟିରେ ପଡି କଳଙ୍କି ଲଗା ଲୁହାର ହାତ ଓ ଗୋଡ। ଗ୍ରୀଲ ପରି ଗତି। ସବୁତ ଲୁହାର। ମନ ଓ ହୃଦୟ ବି। ଏଠି ମଣିଷ କାହିଁ ? ରକ୍ତ ମାଂସର ମଣିଷ ?

ନା, ସେ ଗାଁକୁ ଚାଲିଯିବେ। ଏ ପଇଁତିରିଶ ବର୍ଷର ଆଉଟା ଲୁହାର ଜୀବନଟା ଏଇଠି ଥାଉ। ତାକୁ ସେ ନେବେ ନାହିଁ। ଗାଁରେ ତାଙ୍କର ଭିଟାମାଟି ପଡିଚି। ଦଶ ଏକର ନଈ କୂଳିଆ ଜମି ଭିତରୁ ଅଧେରୁ ବେଶି ତାଙ୍କ ପିତୃ ପୁରୁଷର। ଅଢେଇ ଏକରର 'କରମା ଡିହ' ଭିତରେ ବାପା ସ୍ୱପ୍ନ ଦେଖିଥିଲେ ଘରଟିଏ କରିବା ପାଇଁ। ପୋଖରୀଟିଏ ତ ଆଗରୁ ଥିଲା। ମାଛ ଏବେ ବି ଅଛି। ଆମ୍ବ, କଦଳୀ, ସପୁରୀ, ନଡ଼ିଆ, ପଣସ କାହିଁରେ କଅଣ। ମାଟିତ ନୁହେଁ ମୁଠାଏ ସୁନା। ଲିଚୁ ଗଛଟା ବୁଢ଼ା ହୋଇ ଗଲାଣି। ନଦି ପଡୁଚି ଲିଚୁ। ପିଲାକାଳେ ମାଆ ରାତି ଯାକ ଶୋଉ ନଥିଲା। ବାଦୁଡି ଲିଚୁ ଯାକ ଖାଇଯିବ ବୋଲି ସେ ରାତିରେ ଦାଣ୍ଡ ପିଣ୍ଡାରେ ଦଉଡିଆ ଖଟ ପକେଇ ଶୋଉଥିଲା। ଲିଚୁ ଗଛରେ ଝୁଲୁଥିଲା ଆଠ ଦଶଟା ଭଙ୍ଗାଟିଣ। ତା ଭିତରେ କାଠ ଘଣ୍ଟ। ସେଥିରୁ ଲମ୍ବା ଚାର ଦଉଡି ଆସି ଦଉଡିଆ ଖଟ ଖୁଣ୍ଟରେ ବନ୍ଧା ହୋଇଥାଏ। ବାଦୁଡିର ଚେଁ ଚେଁ ଶବ୍ଦ ଶୁଣିଲେ ସେ ପାଟି କରି କହୁଥିଲା, "ଆସିଗଲଟି ହଉ ରୁହ।" ତା'ପରେ ସେ ଦଉଡିଟାକୁ ଟାଣି ଦେଉଥିଲା। ଢୋ ଢା କରି ଗଛ କମ୍ପେ ଏବଂ ପ୍ରବଳ ଚିତ୍କାର କରି ବାଦୁଡିମାନେ ଉଡି ଯାଆନ୍ତି।

ଗତବର୍ଷ ତୁଫାନରେ ସେ ଲିଚୁ ଗଛ ଆଉ ନିଜକୁ ସମ୍ଭାଳି ପାରିଲା ନାହିଁ। ଓଲଟି ପଡିଲା। ତଥାପି ଫଳୁଚି। କିନ୍ତୁ ତାକୁ ଖାଇବାକୁ ଆଉ ବାଦୁଡି ନାହିଁ। ବାଦୁଡି ବଂଶ ଲୋପ ପାଇଲାଣି କେବେଠୁ। ଏବେ ମଣିଷମାନେ ବାଦୁଡି ସ୍ଥାନ ଅଧିକାର କରି ନେଇଚନ୍ତି। ମୋଟେ ଶବ୍ଦ ନକରି ରାତିରେ ଆସି ଗଛର ପତ୍ର ସୁଦ୍ଧା ଚନ୍ଛି ନେଇ ଯାଉଚନ୍ତି। କେତେ ଆଉ ପଞ୍ଚାୟତ ବସିବ ?

ସୁବ୍ରତ ବାବୁଙ୍କ ସେ ଗାଁ ଆଉ ଗାଁ ହେଇ ରହି ନାହିଁ। ସେଠି ପକ୍କା ସଡ଼କ ହେଇଚି। ବସ ଯାଉଚି। ଗାଁରେ ହାଇସ୍କୁଲ। ପାଖ ଗାଁରେ ସ୍ୱାସ୍ଥ୍ୟକେନ୍ଦ୍ର। ଟିଭି, ଫ୍ରିଜ କିଛି ଅଭାବ ନାହିଁ। ଗାଁଟା ହେଇ ଯାଇଚି ସହର। ଦୋକାନ ବଜାର ସବୁ ଅଛି। ଇଟା ଭାଟି ଖୋଲିବା ଦିନ ମଦ ଭାଟିଟାଏ ମଧ୍ୟ ଖୋଲିଚି। ନିଇତି ଚାଲିଚି ନୂଆ ନୂଆ ନିର୍ମାଣ। ଫିଟି ଯାଉଚି ପ୍ରସ୍ତ ପରେ ପ୍ରସ୍ତ। ଚାଲିଚି ପ୍ରତିଯୋଗିତା। 'ସେ କରିଚି ଦୋ ମହଲା - ମୁଁ ଛାଡିବି ?'

Digitized by srujanika@gmail.com

ସେ ଗାଁର ମହ ମହ ବାସ୍ନାକୁ ଛାଡ଼ି ସୁବ୍ରତ ବାବୁ ଏ ଖାଁ ଖାଁ ଶୁଖିଲା ମାଟିର ରାଉରକେଲାରେ କିଆଁ ରହିବେ ?

ସକାଳ ହେଲେ ସ୍ତ୍ରୀ ତନୁଜା ଯେମିତି ପାଛିଆ ପାଛିଆ ଫୁଲ ତୋଳି ଠାକୁର ଘରକୁ ସଜେଇ ପକାନ୍ତି ଏବଂ ଆରାମରେ ଗାଧେଇ ସାରି ଦୁଇଘଣ୍ଟା ବିତେଇ ଦିଅନ୍ତି, ସଂଧ୍ୟା ହେଲେ ସେମିତି ଆଉ ଘଣ୍ଟାଏ ଧୂପ ଦୀପ ଆଳତୀରେ କଟାନ୍ତି। ସେତେବେଳେ ସେ ଏମିତି ଧ୍ୟାନସ୍ଥ ହେଇ ଯାଆନ୍ତି ଯେ, ସୁବ୍ରତ ବାବୁ ଭାବନ୍ତି, ସେ ସମୟରେ ସ୍ୱୟଂ ଭଗବାନ ଯଦି ଆସି ତାଙ୍କ ପାଖରେ ଚା କପେ ପାଇଁ ହାତ ପାତନ୍ତେ, ସେ ଅବିଳମ୍ବେ ତାଙ୍କର ଚଉଦ ପୁରୁଷର ଉଦ୍ଧାର କରି ଛାଡି ଦିଅନ୍ତେ।

ତନୁଜା ଅନେକ ଥର ସୁବ୍ରତ ବାବୁଙ୍କୁ କହିଚନ୍ତି, "ତମ କାରଖାନା ତିଆରି ସମୟରେ ଯୋଉ ଜର୍ମାନ ଇଞ୍ଜିନିୟରମାନେ ଥିଲେ ସେମାନେ ନିଶ୍ଚୟ ଭୟଙ୍କର ହିନ୍ଦୁ ଧର୍ମ ବିରୋଧୀ। ମୁଁ ଦମ୍ଭର ସହିତ ଏ କଥା କହି ପାରିବି।"

ଆଶ୍ଚର୍ଯ୍ୟ ହେଲେ ସୁବ୍ରତ ବାବୁ। ତନୁଜା ବିଜ୍ଞାନ ପଢ଼ାନ୍ତି କମ୍ପାନୀର ମାଇନର ସ୍କୁଲରେ। କିନ୍ତୁ ଧର୍ମ ବିଷୟରେ ତାଙ୍କର ଗବେଷଣାଗତ ଜ୍ଞାନ ଦେଖି ସେ ଆଶ୍ଚର୍ଯ୍ୟ ହେଲେ ସେଦିନ। ପଚାରିଲେ ସେ, "କେମିତି ?"

"ତା' ନ ହେଲେ କମ୍ପାନୀର ଘର ମାନଙ୍କରେ ସେମାନେ ଗୋଟାଏ ସ୍ୱତନ୍ତ୍ର ଠାକୁର ଘର ରଖି ନଥାଆନ୍ତେ ? ପାଇଖାନା ପାଖରେ, କିଚେନ ପାଖରେ କିମ୍ବା ଦାଣ୍ଡ ଘର ଥାକରେ ଠାକୁରଙ୍କ ପୂଜା ହେଇପାରେ ? ମିଳିବ ଶାନ୍ତି ସେଥିରୁ ଆମକୁ ନା ଠାକୁରଙ୍କୁ ? ଆରେ ହିନ୍ଦୁଙ୍କ ଠାକୁର ଘର ଆଗେ, ନିଜ ଘର ପଛେ।"

ସୁବ୍ରତ ବାବୁ ଏଥର ରାଉରକେଲାରେ ଅନ୍ତତଃ ଆଠ ଦଶ ଦିନ ରହିବେ। ପୁତୁରାର ବାହାଘର ଆଠ ଦିନ ତ ନିଶ୍ଚୟ। ତା'ପରେ ଆଉ ଦି'ଚାରଦିନ। ସବୁ ଯାଗା ଟିକେ ବୁଲିବେ। ବେଦବ୍ୟାସ, ମନ୍ଦିରା ଡେମ୍, ହନୁମାନ ବାଟିକା, ଇନ୍ଦିରାଗାନ୍ଧୀ ପାର୍କ ସବୁ ଯାଗାକୁ ଯିବେ। କାରଖାନା ଭିତରକୁ ମଧ୍ୟ ଯିବେ। ନୂଆ ମଡର୍ଣ୍ଣାଇଜେସନ ଇଉନିଟ୍, ଯୋଉଠି ସେ ଶେଷ ପାଞ୍ଚବର୍ଷ କଟାଇଥିଲେ, ସେଠି ମଧ୍ୟ ସମସ୍ତଙ୍କୁ ଭେଟିବେ।

କେମିତି ଚାଲୁଚି ଏବେ ଏ କାରଖାନା ? କହୁଛନ୍ତି ଏବେ ଭଲ ଚାଲୁଚି ବୋଲି। ସେ କଥା ଜଣା ପଡୁଚି ଏ ରାସ୍ତାଘାଟରୁ। କୋଠାବାଡିରୁ।

କୋଉଠିକି ଯିବେ ମଉସା ? ଟେମ୍ପୋ ଡ୍ରାଇଭର ପଚାରିଲା ସୁବ୍ରତ ବାବୁଙ୍କ ଜିନିଷ ପତ୍ରର ବୋଝ ଦେଖି।

Digitized by srujanika@gmail.com

ଯିବି ହମିର ପୁର । କିନ୍ତୁ ତୁମରତ ଅନ୍ୟ ପାସେଞ୍ଜର ଅଛି । ଭିତରେ ଅନ୍ୟ ଦୁଇଜଣ ପୁରୁଷ ଓ ସ୍ତ୍ରୀଙ୍କୁ ଦେଖି ସେ ପଚାରିଲା ।

ସୁବ୍ରତ ବାବୁ ଦେଖିଲେ ଆଉ ଅଟୋରିକ୍ସା ପାଖରେ ନାହିଁ । ଅଟୋ ଡ୍ରାଇଭର ମଧ୍ଯ ସେଇ ଉଦ୍ଦେଶ୍ୟରେ ପଚାରିଛି । ଅଧିକ ଜାଗା ଯେତେବେଳେ ଅଛି ବୃଦ୍ଧଙ୍କୁ ସାହାଯ୍ୟ କରାଯାଇପାରେ । ସେ ତାର ଆର୍ଥିକ ଦିଗଟାକୁ ମଧ୍ୟ ଲକ୍ଷ୍ୟ କରିଥିବ ।

ତୁମେ କଅଣ ମୋତେ ନେଇ ପାରିବ ? ମୋର ଅନେକ ଜିନିଷପତ୍ର ଅଛି ଯେ ?

ସେ ସବୁ ଏଡଜଷ୍ଟ ହେଇଯିବ । କହିଲା ଡ୍ରାଇଭର । ଏମାନେ ଯିବେ ୧୯ ନମ୍ବର । ତାଙ୍କୁ ଛାଡି ହମିରପୁର ଗଲେ ଚଳିବ ?

"ଚଳେଇବାକୁ ପଡିବ । ଆଉ ଯେତେବେଳେ ଟେମ୍ପୋ ନାହିଁ, ଅନ୍ୟ ଉପାୟ କଅଣ ଅଛି ।" ଟେମ୍ପୋ ଡ୍ରାଇଭର ଓ ସୁବ୍ରତ ବାବୁ ଦୁହେଁ ମିଶି ଜିନିଷପତ୍ର ଉଠାଇଲେ ।

ଗାଡି ଚାଲୁଥିଲା ବେଳେ ସୁବ୍ରତ ବାବୁ ପଚାରିଲେ ଭଦ୍ର ମହିଳାଙ୍କୁ । ଆପଣମାନେ କଅଣ ଏଇଠି ରହନ୍ତି ? ମାନେ 'ସେଲ୍'ରେ ଚାକିରି କରନ୍ତି ?

ସେଲ ଯୁଗ ଆଉ କାହିଁ ମଉସା ? ସେତକ ଥିଲେ ମୁଁ ଏଇ ଆର.ଇ.ସି.ରୁ ପାସ୍ କରି ଏକ ପ୍ରକାର ବେକାର ହୋଇ ବସି ନଥାଆନ୍ତି । କହିଲେ ଯୁବକ ଜଣକ । ଟିକେ ରହି ସେ ପୁଣି କହିଲେ, ଇଏ ମୋ ଭଉଣୀ । ଇଏ ବି ଏମ୍.ଏ., ବି.ଇଡ଼ି । ଗାଁରେ ଅଛି ଗୋଟାଏ ନୂଆ ମାଇନର ସ୍କୁଲରେ ।

ଯୁବକଙ୍କ କଥା ପଦକରେ ଯେ କେତେ ଆତ୍ମଗ୍ଲାନି ଓ ଦୀର୍ଘଶ୍ୱାସ ଥିଲା ସେ କଥା ସେ ବୁଝି ପାରୁଥିଲେ । ସେ ଅନୁତାପ କଲେ । ଏମିତି ପ୍ରଶ୍ନ ନପଚାରିଥିଲେ ହେଇ ଥାଆନ୍ତା । ସେ ମନେ ମନେ ଭାବିଲେ ଏବେ ଏ ପ୍ରଶ୍ନ ପଚାରିବାର ବେଳ ଚାଲିଯାଇଚି ।

ସେ ନିଜେ ବି ଦୀର୍ଘଶ୍ୱାସ ଛାଡିଲେ । ଯେତେବେଳେ ଆମ ରାଜ୍ୟରେ କାରଖାନା ପ୍ରଥମେ ଆରମ୍ଭ ହେଲା ସେତେବେଳେ ଆମର ଇଞ୍ଜିନିୟର ନଥିଲେ । ଯେତେବେଳେ ଇଞ୍ଜିନିୟର ହେଲେ, ସେତେବେଳେ କାରଖାନାର ମୁଣ୍ଡି ମାରିବା ଆରମ୍ଭ ହୋଇଗଲା ।

ମୁଁ ଆପଣଙ୍କୁ ଦେଖିଲା ଭଳିଆ ମନେ ପଡୁଛି । ଯୁବକ ପଚାରିଲେ ।

ଦେଖିଥିବେ । ମୁଁ ଏଇଠି ଚାକିରି କରୁଥିଲି । ଏବେ ରିଟାୟାର କରି ଗାଁରେ ରହୁଚି । ଏବେ ଆସିଚି ମୋ ପୁତୁରାର ବାହାଘର ପାଇଁ ।

Digitized by srujanika@gmail.com

ଏତକ କହିଲା ପରେ ସୁବ୍ରତ ବାବୁ ଭାବିଲେ ଏ ଦୁଇଜଣ ହୁଏତ ବିବାହ କରି ନଥିବେ। ଚାକିରି ନଥିଲେ ଆଜିକାଲି ଝିଅ ଦଉଚି କିଏ ନା ଝିଅ ଆଣୁଚି କିଏ? ସୁବ୍ରତ ବାବୁଙ୍କ ମନେ ହେଲା ଝିଅଟି ହୁଏତ ତିରିଶକୁ କେବେଠୁ ପଛରେ ପକେଇ ଆସିବଣି। ସେ ତାର ଡହାଣ ହାତର ଶିରାଳ ପାପୁଲି ଗୁଡାକ ଦେଖୁଥିଲେ। ଯୁବକଙ୍କ ଆଖିରେ ମୋଟା ଲେନ୍ସର ଚଷମା। ଦଶ ବର୍ଷ ପୂର୍ବେ ଝିଅଟାକୁ ଦେଖି ହେଉନଥିବ। ଅପୂର୍ବ ସୁନ୍ଦରୀ କହିଲେ ମୋଟେ ଅତ୍ୟୁକ୍ତି ହେବନାହିଁ।

ଉଚ୍ଚଶିକ୍ଷିତା ଝିଅଟି ଦେହରୁ ବେକାରୀ ସମସ୍ତ ସୌନ୍ଦର୍ଯ୍ୟ କାଢି ନେଇଚି। ସେ ଏବେ ଅନିଶ୍ଚିତ ଭବିଷ୍ୟତ ପଛରେ ଘୋଷାରି ହେଇ ଚାଲିଚି। ବଳଦଙ୍କ ପଛରେ ଜମିରେ ମଇ ପଟା ଉଠ ପଡ ହେଇ ଚାଲିଥିଲା ପରି। ବଡ ସାନ ହୁଡା ଉପରେ ମଇ ଘୋସାରି ହେଉଥିଲା ବେଳେ ତାକୁ କେମିତି ଲାଗୁଚି କେହି କଅଣ ପଚାରେ କେବେ?

ଆଉ ଏ ଝିଅଟିର ଜୀବନ?

ସବୁତ୍ର ବାବୁ ମନେ ମନେ ଭାବୁଥିଲେ ସେମାନେ ମୋ ପୁଅ ଝିଅଙ୍କ କଥା ନ ପଚାରନ୍ତେ କି? ତାଙ୍କ ପ୍ରଶ୍ନର ଉତ୍ତର ବଖାଣୁଥିଲା ବେଳେ ମୋ ପାଟି ଭିତରୁ ଯୋଉ ଆତ୍ମଗର୍ବର ଫୁଲୁକା ଫୁଲୁକା ଶବ୍ଦମାନ ଉଚ୍ଚାରିତ ହେବ ସେ ସବୁ ବୋଲୁଅ ଆକାରରେ ସେମାନଙ୍କ ଉପରେ ପଡିବ ନାହିଁ? ଆଉ ସେତେବେଳେ ସେମାନେ ଅସହ୍ୟ ଯନ୍ତ୍ରଣାରେ ଜର୍ଜରିତ ହେବେ ନାହିଁ?

ସୁବ୍ରତ ବାବୁ ଭାବୁଥିଲେ, ଆହା, ଏଇ ମୁହୂର୍ତ୍ତରେ ଈଶ୍ୱର ତାଙ୍କୁ ଟିକିଏ ସହାୟ ହୁଅନ୍ତେ କି? ସେମାନେ ଏଇ ମୁହୂର୍ତ୍ତରେ ସେ ପ୍ରଶ୍ନ ଗୁଡାକ ଭୁଲି ଯାଆନ୍ତେ ଭଲା। କଥା ବାଆରେଇବା ପାଇଁ ସେ ପଚାରିଲେ ଆଉ କେତେ ବାଟ ତମ ଘର?

ମୁଁ ବି ବୋଧେ ଭୁଲି ଯାଇଚି ମଉସା। ସେତେବେଳେ ସିନା ମଡର୍ଣ୍ଣାଇଜେସନ ହେଇଥିଲା ପ୍ଲାଣ୍ଟରେ। ଏବେ ହେଉଚି ଟାଉନସିପ୍‌ରେ। ହେଇ ଆସିଗଲା। ଏଇଠି ରଖ। ଆଗରେ।

ଅଟୋରିକ୍ସା ଅଟକିଲା, ସେମାନେ ଓହ୍ଲେଇ ଗଲେ।

ସୁବ୍ରତ ବାବୁ ଟିକେ ସଜାଡି ହେଇ ବସିଲେ।

ସେମାନଙ୍କ ବିଷୟରେ ଆଉ ଟିକିଏ ଅଧିକ ଜାଣିଥିଲେ ଭଲ ହେଇଥାଆନ୍ତା ବୋଲି ସୁବ୍ରତ ବାବୁ ଭାବୁଥିଲେ। ଟାଉନସିପ୍‌ର ରାସ୍ତାଘାଟ ଦେଖି ସେ ମଧ୍ୟ ବିସ୍ମିତ ହେଇ ଯାଉଥିଲେ। ପିଲାଟି ଠିକ୍ କହିଥିଲା। ଏବେ ମଡର୍ଣ୍ଣାଇଜେସନ ହେଉଚି ଟାଉନସିପ୍‌ରେ।

Digitized by srujanika@gmail.com

ହଠାତ୍ ଚମକି ପଡିଲେ ସୁବ୍ରତ ବାବୁ। ଯୋଉ ମଡର୍ଣ୍ଣାଇଜେସନ ଷ୍ଟିଲ ପ୍ଲାଣ୍ଟର ଶ୍ରମିକମାନଙ୍କୁ ଗିଳି ପକେଇଲା ସେଇ ମଡର୍ଣ୍ଣାଇଜେସନ ଟାଉନସିପ୍ ଅଧିବାସୀଙ୍କୁ ଖାଇ ଯାଉନାହିଁତ ? ମଡର୍ଣ୍ଣାଇଜେସନ ମଣିଷଙ୍କୁ ଖାଇ ଶେଷ କରିଦିଏକି ? ଏବେ ଆଧୁନିକୀକରଣ ମାନେ ଏଇଆ ମଣିଷ ବୁଝିବ ? ଆମେ ଯେତେ ଆଗକୁ ଯିବା ସେତିକି ପଛରୁ ଖାଇ ଖାଇ ଯାଉଥିବା ? ମଣିଷ ସୃଷ୍ଟି ବେଳେ ସୃଷ୍ଟିକର୍ତ୍ତା ମଧ୍ୟ ଏପ୍ରକାର ଅମାନବିକ ଧର୍ମ କଥା ଚିନ୍ତା କରିନଥିବେ।

ବାହାଘର ମଉଜ ମଜଲିସର କାମ ମଉଳି ଆସିଲା ବେଳକୁ ସୁବ୍ରତ ବାବୁ ସେଦିନ ଘନଶ୍ୟାମକୁ ଡାକି କହିଲେ ତୁ ଏଣିକି ମୋ କାମ ଟିକିଏ କର। ମୁଁ ତ ଆଉ ଦ୍ୱିତୀୟ ଥର ରାଉରକେଲା ଆସି ପାରିବି ନାହିଁ। ଆଣ୍ଠୁର ଦରଜ ଯେମିତି ବଢ଼ିଲାଣି, ଭିତରର ଯନ୍ତ୍ରାଂଶ ଯେମିତି ଧୀରେ ଧୀରେ ବୋଲ ହାକ ମାନିବା କଥା ଆଉ ଦୃଶୁ ନାହିଁ, ସେଥିରେ ଆଉ ଥରେ ଆସିବା ସମ୍ଭବ ହେବନାହିଁ। ମୁଁ ଟିକିଏ ଦୁଇଚାରି ଯାଗାକୁ ଯିବି ବୁଲିବାକୁ। ଦୁଇ ଚାରି ଜଣକ ସହିତ ଦେଖା କରିବି, ଏବଂ ତା ପରେ ୨୭ ତାରିଖରେ ଏଠୁ ବିଦାୟ ନେବି। ମୋତେ ତୁ ଟ୍ରେନରେ ବସେଇ ଦେବୁ। ବସ୍‌ରେ ଆଉ ଯାଇ ହେବନାହିଁ।

ଘନଶ୍ୟାମ ବାବୁ ସୁବ୍ରତଙ୍କ ପୁତୁରା। ରାଉରକେଲାରେ ତାଙ୍କର ନିଜର ବ୍ୟବସାୟ। ଏବେ ପୁଅ ଦେଖାଶୁଣା କରୁଚି। ତା ପଛରେ ଠିଆ ହୁଅନ୍ତି ନିଜେ ଘନଶ୍ୟାମ। ହମିରପୁରରେ ତାଙ୍କ ନିଜ ଘର। ସେ କହିଲେ ଦାଦା, ମୁଁ ଆପଣଙ୍କୁ ଡକେଇ ଥିଲି ଏଠି ମାସେ ଖଣ୍ଡେ ରହିଥାଆନ୍ତେ। ଆପଣଙ୍କର ଏଇଟା ପୁରୁଣା ଜାଗା। ବହୁ ନିଜର ଲୋକ ଅଛନ୍ତି। ସେମାନେ ଆପଙ୍କ କଥା ପଚାରନ୍ତି। ମୁଁ ମଧ୍ୟ ଆପଣଙ୍କୁ ନେଇ ଏଠି ଆଇ.ଜି.ଏଚ୍‌ରେ ଥରେ ଚେକଅପ୍ କରେଇ ଆଣି ଥାଆନ୍ତି। ସେଠିତ ଆପଣଙ୍କର ସବୁ ଫ୍ରି। ଆଗ ଦିନ ଆଉ ନାହିଁ। କେତେ କେତେ ନୂଆ ଯନ୍ତ୍ରପାତି ଆସିଲାଣି। ଥରେ ସେ ଯନ୍ତ୍ର ଆଗରେ ଠିଆ ହୋଇ ପଡିଲେ ଭିତରର ସବୁ ଗୋଳମାଳ ଦେଖାଯିବ।

ମୁଁ ଜାଣିଚିରେ ବାପା। ମେସିନରେ ମଣିଷର ସବୁ ରୋଗ ଦେଖା ଯାଉଥିବା ବେଳେ ଆମ ସେଇ ମଣିଷର ଆଉ ଗୋଟାଏ ରୋଗକୁ ଧରିବାକୁ ତାକୁ ବୁଦ୍ଧି ଦେଖାଯାଉ ନାହିଁ। ଶିକ୍ଷିତ ମଣିଷଟିକୁ ବେକାର କରୁଥିବା ରୋଗ ଧରିବାକୁ ଆମ ପାଖରେ କି ମେସିନ ଅଛିରେ ଘନ ? ମେସିନ ମଣିଷକୁ ମଣିଷ କରେ ନା ପଶୁ କରେ କିରେ ଘନ ?

ଘନଶ୍ୟାମ ହସିଲେ। କିନ୍ତୁ ସେ ଯେ ସୁବ୍ରତ ବାବୁଙ୍କ କଥାର ମର୍ମ ବୁଝି ନଥିଲେ ତାଙ୍କ ହସରୁ ସ୍ପଷ୍ଟ ହେଇ ଯାଉଥିଲା।

Digitized by srujanika@gmail.com

ମୁଁ ରହିଥାଆନ୍ତିରେ ଘନ। ତୁ ଯାହା କହୁଚୁ ଠିକ୍ କହୁଚୁ। ଏଠି ମୋର ଯେତେ ସାଙ୍ଗ ସାଥି ଅଛନ୍ତି ସେତେ ଗାଁରେ ଅଛନ୍ତି କି ? କିନ୍ତୁ ଗାଁରେ ମୁଁ ଯାହା ପାଉଚି ତାହା ଏଠି ପାଇବି ନାହିଁ। ଡାକ୍ତର ଯେତେ ଟାଣି ଓଟାରି ରଖିଲେ ମଧ୍ୟ ମୋତେ ତ ଆଉ ଅମର କରି ଦେଇ ପାରିବ ନାହିଁ। ମୋତେ ଦିନେ ନିଶ୍ଚୟ ଯିବାକୁ ହେବ। ଏଠି ଡାକ୍ତରଙ୍କ ଟଣା ଓଟରାରେ ମୁଁ ଯେତିକି ଅଧିକ ଦିନ ବଞ୍ଚିବି ବୋଲି ତୁ ଭାବୁଚୁ ମୁଁ ସେତିକି, କି ବରଂ ତାଠୁ ଅଧିକ ଦିନ ସେଠି ପ୍ରାକୃତିକ ପରିବେଶରେ, ପ୍ରକୃତିର ଖାଦ୍ୟ ଖାଇ ବଞ୍ଚି ପାରିବି। ଏ ଅପ୍ରାକୃତିକ ପାଣି ପବନରେ ସବୁ ମୁହୂର୍ତ୍ତରେ ବିଷ ପିଇବା ଅପେକ୍ଷା ମୋତେ ସେଠି ବହୁତ ଭଲ ଲାଗୁଚି। ମୋତେ ତୁ ଆଉ ବେଶି ଅଟକାନା।

ତାଙ୍କ ଭିତରୁ ଗୋଟାଏ ହତାଶିଆ ଦୀର୍ଘଶ୍ୱାସ ବାହାରି ଆସିଲା। "ଗାଁ ରେ ରହି ବି କଅଣ କରିବି ? ଆଉ କେତେ ଦିନ ? ତାପରେ ? ସେ ଜମିବାଡି, ଘରଦ୍ୱାର, ମାଛ ପୋଖରୀ, ଆମ୍ବ ଓ ସପୁରୀ ବଗିଚା ଏସବୁ କଅଣ ହେବ କହିଲୁ ? କିଏ ଖାଇବ ? ପୁଅ ଝିଅଙ୍କୁ କହିଲି ବିକି ଦେଇ ସବୁ ନେଇଯାଅ। ସେମାନେ କହିଲେ ଆମର କଅଣ ହେବ ? ତୁମେ ସେ ସବୁ ମଠ କି ମନ୍ଦିରକୁ ଦେଇ ଦିଅ।" ସେ ଟିକିଏ ରହିଗଲେ ଏବଂ କହିଲେ "ଏକଥା ଶୁଣି ମୋ ମନ କଅଣ ହେଉଥିବ କହିଲୁ ? ଜମି ଘର ଦ୍ୱାର ମୁଁ କରିନାହିଁ, ବାବା ଜେଜେ କରିଥିଲେ। ମୁଁ ତାର ଚୌକିଦାର ମାତ୍ର। ପୁଅକୁ ସିନା ହସ୍ତାନ୍ତର କରି ପାରିବି - ବିକିବା ଅଧିକାର ମୋର କାହିଁ ? ଅନ୍ୟକୁ ଦେବାରେ ଅଧିକାର ମଧ୍ୟ ମୋର ନାହିଁ।"

ତୁ ଜାଣୁ ଘନ ! ଥିଲା ବେଳଟା ଯେତେବେଳେ ଆସେ କେତେ ସହଜରେ ଆସେ। କେତେ ଆରାମ ଓ ମଉଜ ମଜଲିସରେ ଆସେ। କିନ୍ତୁ ଯିବାବେଳଟା ତା ପାଇଁ ବଡ ମର୍ମନ୍ତୁଦ। ସବୁ କାମର ପରିସମାପ୍ତି ଆଣିଲେ ସିନା ମଣିଷ ଯିବ। ସବୁ କାମ ସରୁ ନଥିବ, ଉହଳ ବିକଳ ହେଉଥିବ। ଡୋରି ହାତରୁ ଛାଡୁ ନଥିବ। ଆଉ ମୋଟେ କିଛି ନଥିବା ଲୋକଟା ଯେମିତି ଖାଲି ହାତରେ ପଳାଏ। ନା ଆସିବାର ଚିନ୍ତା ଥାଏ, ନା ଯିବା ବେଳର ଶୋଚନା ଥାଏ। ହେଇ ଦେଖୁନୁ ଘନ ! ମୋ ଠାରୁ ମୋ ପୁଅ ଝିଅ ଦୂରେଇ ଯାଇଛନ୍ତି, ମୁଁ ସେମାନଙ୍କ କଥା ଭାବୁନାହିଁ, ଭାବୁଚି ଏ ସମ୍ପତ୍ତି ବାଡି କଅଣ କରିବି । ତାକୁ ଭାବିଲେ ମୋ ଆଖିକୁ ନିଦ ଆସୁନାହିଁ।"

ତାଙ୍କ ଆଖି ଛଳ ଛଳ ହେଇ ଆସିଲା।

ସୁବ୍ରତ ବାବୁ ସେ ଦିନ କାରଖାନା ଦେଖି ବାହାରିଲେ। ଯୋଉଠି ସେ ଜୀବନର ଅର୍ଦ୍ଧାଧିକ କାଳ କଟେଇଚନ୍ତି, ସବୁ ଲୁହକୁ ଲହୁ କରି ନିଗାଡି ଦେଇଚନ୍ତି, ଏ ପନ୍ଦର ବର୍ଷ ଭିତରେ ତାର କି ପରିବର୍ତ୍ତନ ହେଲାଣି ତାକୁ ଦେଖିବାକୁ ତାଙ୍କର ଇଚ୍ଛା।

Digitized by srujanika@gmail.com

କାରଖାନା ଗେଟ୍ ପାଖରେ ପହଞ୍ଚିଲା ପରେ ତାଙ୍କର ମନେ ପଡିଲା ଅତୀତ କଥା। ଆହା ଏଇ ଗେଟ୍ ସାମ୍ନାରେ ସେ ବହୁବାର ପୁଲିସ ସହିତ ସଂଘର୍ଷରେ ସାମିଲ ହୋଇଚନ୍ତି। ବହୁବାର ସେ ଅନଶନ ଓ ଧର୍ମଘଟରେ ଯୋଗ ଦେଇଚନ୍ତି। ରାତିରେ ଇଉନିଅନ ଅଫିସରେ ଶପଥ ନେଇଚନ୍ତି ଯେମିତି ହେଲେ 'ଚକାବନ୍ଦ ଧୂଆଁବନ୍ଦ' ଆନ୍ଦୋଳନକୁ ସଫଳ କରିବାକୁ ହେବ।

ସୁବ୍ରତ ବାବୁ ହସିଲେ। ସେ ଅମ୍ଳ ମଧୁର ସ୍ମୃତି ଗୁଡିକ ତାଙ୍କୁ ଯେମିତି କୁତୁକୁତୁ ଦେଉଥିଲେ। ଆଜି ସେଇ ମେନଗେଟ ତାଙ୍କୁ କେତେ ଶାନ୍ତଶିଷ୍ଟ ଓ ସୁଧାର ବାଳକଟିଏ ପରି ମନେ ହେଲା। ମାଛିକୁ ମ କହୁନଥିବା ଉଦାର ପରି ମନେ ହେଲା। କାନ୍ଥ ବାଡରେ ପୋଷ୍ଟରଟିଏ ବି ନାହିଁ।

ଆରେ, କାରଖାନାଟା ଚାଲୁଚି ନା ନାହିଁ। କାରଖାନାର ଶୋର ଶବ୍ଦ ମଧ୍ୟ ଶୁଣା ଯାଉନାହିଁ। ଗାଡି ଘୋଡାର ଶବ୍ଦ ଯେମିତି କିଛି ଜଣା ଯାଉ ନାହିଁ।

"ଦାଦା! ଏଇଠି ଆଉ ଟିକିଏ ଅପେକ୍ଷା କରନ୍ତୁ। ମୁଁ ଗୋଟାଏ ହେଲମେଟ ନେଇ ଆସେଁ।" ତାଙ୍କୁ କାରରେ ଛାଡି ସେ ଚାଲିଗଲା। "ଆରେ, ଭିଜିଟର ପାଇଁ ହେଲମେଟ ମଧ୍ୟ ଦରକାର?" ପଚାରିଲେ ସୁବ୍ରତ।

କାରଖାନାର ଗୋଟିକ ପରେ ଗୋଟିଏ ଇଉନିଟ୍ ସେ ଦେଖି ଚାଲିଥିଲେ। ତାଙ୍କର ମନେ ହେଲା ସେ ଯେମିତି ପ୍ରତ୍ୟେକଟି ଇଉନିଟକୁ ନୂଆ କରି ଦେଖୁଚନ୍ତି। ସବୁଠି ଯେମିତି ନୂଆ ସ୍ପର୍ଶ ସେ ଅନୁଭବ କରୁଥିଲେ। ତାଙ୍କୁ ଯେମିତି କିଏ କହିଲା ତୁମେ ସୁବ୍ରତ ଏଇ କାରଖାନାରେ କାମ କରୁଥିଲ? ଏଇଠି ଏଇମିତି ଭାବରେ ତୁମ ଲୋକମାନେ କାମ କରୁଥିଲ?

ତାଙ୍କୁ ଲାଗିଲା ତାଙ୍କୁ ଯେମିତି କିଏ ଚିଆଁ ଲଗେଇ ଦେଲା। ସେ ଚମକି ପଡିଲେ। ସେ ଥିଲେ ସେତେବେଳେ ଗୋଟେ ଛୋଟ କାଟର ନେତା। ଇଉନିଅନର ଛୋଟ କାଟର ନେତା କହିଲେ ସେମାନେ ଇଉନିଅନର ଗୋଟାଏ ଗୋଟାଏ ଆସେଟ୍। ସେମାନେ ଯାହା କହିବେ ତାକୁହିଁ ବେଦ ବୋଲି ଧରା ଯାଉଥିଲା। ସେଇ ସୁବ୍ରତ ବାବୁଙ୍କୁ ଆଜି ଏକଥା କହିଲା କିଏ? ତାଙ୍କ ଭିତରେ ତାଙ୍କର ପୂର୍ବ ଚରିତ୍ରଟି ଚେଇଁ ଉଠିଲା ଏବଂ ବାହାରର ବାସ୍ତବତାକୁ ଦେଖିଲା ପରେ ପୁଣି କଇଁଛ ପରି ମୁଣ୍ଡ ଭିତରକୁ ନେଇ ନିଜ ଖୋଳପା ଭିତରେ ଶୋଇ ପଡିଲା।

କାରଖାନା ଭିତରେ ବୁଲୁଥିଲା ବେଳେ କିଏ ଜଣେ ତାଙ୍କ ପଛରୁ ଡାକିଲା।

Digitized by srujanika@gmail.com

ଆଜ୍ଞା ଟିକିଏ ଶୁଣିବେ ?

ଘନଶ୍ୟାମ ବାବୁ ବୁଲି ପଡିଲେ । ତାଙ୍କ ପଛରେ ସୁବ୍ରତ ।

ଭଦ୍ରଲୋକ ଘନଶ୍ୟାମ ବାବୁଙ୍କୁ ଖଣ୍ଡେ ଚିଠି ଦେଖେଇଲେ ଏବଂ ପଚାରିଲେ ଏ ଅଫିସଟା କୋଉଠି ପଡିବ କହି ପାରିବେ ? ମାନେ କୋଉ ରାସ୍ତାରେ ଗଲେ....

ସୁବ୍ରତ ବାବୁ ପାଖକୁ ଆସିଲେ ଏବଂ ଭଦ୍ରଲୋକଙ୍କୁ ଦେଖି ପଚାରିଲେ ଆରେ ଆପଣ ? ଆପଣ ଯା ଭିତରେ କେମିତି ?

ମୁଁ ଆସିଥିଲି ବାପାଙ୍କ ଅକସ୍ମାତ ମୃତ୍ୟୁ ପରେ ତାଙ୍କର କିଛି ପାଉଣା ବାକିଥିଲା ସେ ବିଷୟ ବୁଝାବୁଝି କରିବାକୁ । କହିଲେ ଭଦ୍ରଲୋକ ।

କାଗଜଟିକୁ ହାତକୁ ନେଲେ ସୁବ୍ରତ । ଆରେ ଏଇ ଡିପାର୍ଟମେଣ୍ଟ ? ଏଇଟା ଆପଣ ପଛରେ ଛାଡି ଆସିଲେ । ଏଇ ଯୋଉ ଓସ୍ତ ଗଛ ଦେଖୁଚନ୍ତି, ତାରି ପାଖରେ ଡାହାଣକୁ ଗଲେ ପଡିବ । ଦେଖିବେ ଲେଖା ଅଛି ଜେନେରେଲ ମେନେଜର....

ସେ ଚାଲି ଯାଉଥିଲେ ।

ଆଚ୍ଛା ଶୁଣିଲେ । କିଏ ଆପଣଙ୍କ ବାପା ? କଅଣ ତାଙ୍କ ନାଁ ? ମୁଁ ବିତ ଏଇଥିରେ କାମ କରିଥିଲି ବେଶ କିଛି ଦିନ ।

ଶ୍ରୀରାମ ଲୁଗୁନ । ମେକାନିକାଲ ମେଣ୍ଟିନାନ୍ସରେ...

କଅଣ କହିଲ ? ଶ୍ରୀରାମ ଲୁଗୁନ ନାହିଁ ? ମୋର ଅତି ପିୟ ।

ତୁମେ ଦାଦା ଯାଙ୍କୁ ଜାଣିଚ ? ପଚାରିଲେ ଘନଶ୍ୟାମ ।

ସେଦିନ ଜାଣିଲିରେ ପୁଅ । ବସ୍‌ରୁ ଉହ୍ଲେଇ ଏ ଭାଇ ଭଉଣୀଙ୍କ ସାଙ୍ଗରେ ସେଆର ଅଟୋରେ ଆସିଥିଲି । ତୁ ଜାଣୁ ଏ ଇଣେ ଇଞ୍ଜିନିୟର - ଏଇ ଆର୍‌.ଇ.ସିର ?

ଆଚ୍ଛା ବାପା, କଅଣ ହେଇଥିଲା ବାପାଙ୍କର ? ପଚାରିଲେ ସୁବ୍ରତ ।

ହାର୍ଟ ଆଟାକ୍ । ତିନିମାସ ବି ହେଇନାହିଁ ରିଟାୟାର କରିଥିଲେ । ଘର ଛାଡିନୁ ବୋଲି କିଛି ବି ପଇସା ପତ୍ର ମିଳିନି ।

ଏବେ ଛାଡି ଦେବ ? ଗୋଟାଏ କୋଉଠିକୁ ଟେମ୍ପରାରିଲି....

କୋଉଠିକୁ ଯିବୁଁ ମଉସା ? କୋଉଠି ଘରଟେ ମିଳିବ ଯେ ? ଆମ କଥା ତ ଜାଣିଚନ୍ତି । ମୋର ବିଧବା ମାଆ ସହିତ ମୋ ବାବାଙ୍କ ମାଆ ମଧ ଅଛନ୍ତି । ସେ ଏବେ

Digitized by srujanika@gmail.com

ସମ୍ପୂର୍ଣ୍ଣ ଅନ୍ଧ। ଆମେ ବି ତ ଏମିତି ଅବସ୍ଥାରେ ଅଛୁଁ ଯେ ସେଥିରେ କେତେ ଟଙ୍କା ଭତା ଦେଇ ପାରିବୁ? ମୋତେ ସବୁ ଅନ୍ଧାର ଦେଖା ଯାଉଚି ମଉସା। ସେ କାନ୍ଦିଲେ।

ସୁବ୍ରତ ପିଲାର କାନ୍ଧରେ ହାତ ଦେଲେ।

କିନ୍ତୁ କଅଣ କହି ତାକୁ ସାନ୍ତ୍ୱନା ଦେବେ?

ଏକଦା ଶ୍ରୀରାମ ଥିଲା ତାଙ୍କର ପ୍ରିୟ ସହକାରୀ। ସବୁ ଦାୟିତ୍ୱ ଶ୍ରୀରାମ ଉପରେ ଛାଡି ଦେଇ ସୁବ୍ରତ ବାବୁ ନାଇଟ ସିଫ୍ଟରେ ଯାଇ ଚୁପଚାପ ଶୋଇ ପଡୁଥିଲେ। ସେଇ ଶ୍ରୀରାମ ମଧ୍ୟ ସୁବ୍ରତ ବାବୁଙ୍କୁ ଇଉନିଅନ କାମରେ ସାହାଯ୍ୟ କରିବା ପାଇଁ ଅନ୍ୟ ଇଉନିୟନରେ ଯେତେ ଆଦିବାସୀ ଥିଲେ ସମସ୍ତଙ୍କୁ ତାଙ୍କ ଠାକୁ ନେଇ ଆସିଥିଲା। ଶ୍ରୀରାମକୁ ସୁବ୍ରତ ବାବୁ ବେଶି ଭଲ ପାଇବାର ଆଉ ଗୋଟେ କାରଣ ହେଲା ଖାଣ୍ଟି ଖ୍ରୀଷ୍ଟିଆନ ହେଇ ମଧ୍ୟ ସେ ତାର ନାମ ଶ୍ରୀରାମ ରଖିଥିଲା।

ଥରେ ଦୁହେଁ କେଣ୍ଟିନ୍‌ରେ ଭାତ ଖାଉ ଖାଉ ସୁବ୍ରତ ବାବୁ ପଚାରିଲେ ଶ୍ରୀରାମ ନାମ ପଛରେ ଥିବା ଗୂଢ଼ ରହସ୍ୟର କାରଣ।

ଶ୍ରୀରାମ ହସି ହସି କହିଲା, ଶ୍ରୀରାମ ନିଜେ ଆଦିବାସୀ ଥିଲେ ପରା।

ହସରେ ଫାଟି ପଡିଥିଲେ ସୁବ୍ରତ ବାବୁ। ଆରେ ତୁମେ ଆଉ ଗୋଟାଏ ରାମାୟଣ ଲେଖିବ ନା କଅଣ?

"ସେ ଜଣେ ଆଦିବାସୀ ହେଇ ନଥିଲେ ଘୋର ଜଙ୍ଗଲରେ ଏକୁଟିଆ ପତ୍ର କୁଡିଆରେ ଫଳମୂଳ ଖାଇ ଝରଣା ପାଣି ପିଇ ବାରବର୍ଷ କାଳ ରହି ପାରି ଥାଆନ୍ତେ? ପାରିବେ ଆପଣ ରହି?"

ସବ୍ରୁତ ବାବୁ ହାଁ କରି ଅନେଇ ରହିଲେ। କି ଉତ୍ତର ତାକୁ ଦେବେ?

"ସୀତା ବି ଜଙ୍ଗଲୀ ଝିଅ। ଯାହାକୁ ଆପଣ 'ଆବାଣ୍ଡନଡ୍ ଚାଇଲଡ୍' କହୁଛନ୍ତି। ଜନକ ରାଜା ନଥିଲେ। ଥିଲେ କୃଷକ। ସେ ବି ଆଦିବାସୀ ହେଇଥିବେ କି କଅଣ। ନିଜେ ହଳ କରୁଥିଲେ। ରାମଚନ୍ଦ୍ର ରାଜପୁତ୍ର ହେଇଥିଲେ ଗୋଟାଏ ଜାତିଗୋତ୍ର ଜଣା ନଥିବା ପୋଷା ଝିଅକୁ ବାହା ହେଇ ଥାଆନ୍ତେ? ଆଜିକାଲି ଯୁଗରେ ଏମିତି ଝିଅକୁ କେହି ବାହା ହୁଏ? ଉଚ୍ଚବଂଶ କଥା ଛାଡ଼ନ୍ତୁ?" ଶ୍ରୀରାମ କହୁଥିଲା ଓ ହସି ହସି ଫାଟି ପଡୁଥିଲା।

ଡାଇନିଂ ହଲରେ ସମସ୍ତେ ଏକଥା ଶୁଣି ହସି ଉଠିଥିଲେ।

Digitized by srujanika@gmail.com

"ସାର୍, ମୋତେ କ୍ଷମା କରନ୍ତୁ। ମୋତେ ଏଇ ନାଁଟା କାହିଁକି କେଜାଣି ବହୁତ ଭଲ ଲାଗେ। ଆମ ଘରେ ତିନିଟା ଶ୍ରୀରାମ ଫଟୋ ଥିବା କ୍ୟାଲେଣ୍ଡର ଅଛି। ସେଥିରୁ ଦି'ଟା ଅନେକ ପୁରୁଣା। ଶ୍ରୀରାମଙ୍କ ପାଖରେ ଯୀଶୁ ମଧ୍ୟ ଝୁଲୁଚନ୍ତି। ସେ ତ ବାରବର ସେମିତି ଝୁଲୁ ଥାଆନ୍ତି। ମୁଁ ଘରୁ ବାହାରିଲା ବେଳେ ଦୁଇଜଣଙ୍କୁ ପ୍ରଣାମ କରେଁ ।"

ସୁବ୍ରତ ଜାଣନ୍ତି ରାଉରକେଲାରେ ନୂଆ କରି ଗଢ଼ି ଉଠିଥିବା ଶିଳ୍ପ ସଭ୍ୟତା ଏପ୍ରକାର ମିଶ୍ର ସଂସ୍କୃତିକୁ ଜନ୍ମ ଦେବାରେ ଅନେକ ସାହାଯ୍ୟ କରିଚି। ଶିଳ୍ପ ସଭ୍ୟତା, ଜାତି, ଧର୍ମ ଓ ବର୍ଣ୍ଣର ଗୋଟାଏ ଅପୂର୍ବ ସମନ୍ୱୟ ସୃଷ୍ଟି କରିଚି।

ଶ୍ରୀରାମର ଏମିତି ଉଦ୍ଭଟ କଥା ଯୋଗୁଁ ସେ ସମସ୍ତଙ୍କର ପ୍ରିୟଥିଲା।

ତାର କାମ ମଧ୍ୟ ଥିଲା ଅତି ଚମତ୍କାର। ବହୁ ଜଟିଳ କାମକୁ ସେ ଅତି ଅଳ୍ପ ସମୟ ଭିତରେ କରି ମେସିନ ଚାଲୁ କରିଦିଏ।

"ଶ୍ରୀରାମ ଏତେ ଜଲ୍‌ଦି କେମିତି ଚାଲିଗଲେ ବାପା ?" ସୁବ୍ରତ ବାବୁଙ୍କ ଗଳା ବି ଘାଗଡା ହେଇ ଆସିଲା।

ସେ ଯାଇ ନାହାନ୍ତି ମଉସା। ଆମେ ଦୁହେଁ ଭାଇ ଭଉଣୀ ତାଙ୍କୁ ମାରି ଦେଲୁଁ। ଆମରି ଚିନ୍ତାରେ ସେ ଚାଲିଗଲେ।

ସେ ଟିକିଏ ରହିଗଲେ ଏବଂ କହିଲେ, "ଆମେ ତାଙ୍କୁ ସବୁବେଳେ କହିଲୁଁ ତୁମର ପୈତୃକ ସମ୍ପତ୍ତି, ଘରବାଡ଼ି ସବୁ ଦେଇ ଦେଇ ତୁମେ ଏବେ କଅଣ ପାଇଲ" ? ଆପଣ ଜାଣନ୍ତି ମଉସା ଏଇ କାରଖାନା ଭିତରେ ଆମର ଦୁଇ ଏକର ଚାଷ ଜମି, ଘର ଡିହ, ଆମ୍ବ, ପଣସ ଗଛ, ଶାଳ, ମହୁଲ ଗଛ ସବୁ ଥିଲା।"

ଚମକି ପଡିଲେ ସୁବ୍ରତ । ତାଙ୍କର ମନେ ପଡିଲା ଶ୍ରୀରାମ ତାଙ୍କୁ ଥରେ କହିଥିଲା, ଏଇ ଓସ୍ତ ଗଛ ମୂଳରେ ବସିଥାଏ। ବସୁବସୁ ଶୋଇପଡେ ମଧ୍ୟ। ସେ କଅଣ କାନପାରି ଶୁଣେଁ ତା ବାପ ଦାଦା କଅଣ କହୁଚନ୍ତି ? ସେ କଅଣ ସେମାନଙ୍କ ସହିତ କଥାବାର୍ତ୍ତା କରେ ? ପଚାରେ, ମୁଁ ତୁମକୁ କାରଖାନାକୁ ବିକି ଦେଇ ଭୁଲ କରିଚି ନା ଠିକ୍ କରିଚି ? କବର ଭିତରୁ ସେମାନେ କଅଣ କହିଥିବେ ?

କଅଣ ସେମାନେ କହିଥିବେ ?

ସୁବ୍ରତ ବାବୁ ଆସ୍ତେ ଆସ୍ତେ ଯେମିତି ସଂବିତ ହରାଇ ବସୁଚନ୍ତି। ସେ ଯୁବକର ମୁଣ୍ଡକୁ ନିଜ କାନ୍ଧ ଉପରକୁ ଆଉଜାଇ ଆଣି ତାଙ୍କ ପିଠିରେ ହାତ ଥାପୁଡିଲେ। ସେ ବୋଧେ ଯାହା କହିବାକୁ ଚାହୁଁଥିଲେ ତାହା କହି ପାରୁନଥିଲେ।

Digitized by srujanika@gmail.com

'ଦାଦା।' ଘନଶ୍ୟାମ ବାବୁ ଡାକିଲେ।

"ହଉ ତୁମେ ଯାଅ। ମୁଁ ତୁମ ଘରକୁ ଆସିବି। କଥା ହେବା।" କହିଲେ ସୁବ୍ରତ।

ସେମାନେ ଆସି ଗାଡିରେ ବସିଲେ।

"ବାପା ଘନ। ଆଉ କୁଆଡ଼େ ଯିବା ଦରକାର ନାହିଁ। ଚାଲ ଫେରି ଯିବା। ଡେରି ହେଲାଣି।" କହିଲେ ସୁବ୍ରତ ବାବୁ।

"ତୁମ ନିଜ ଡିପାର୍ଟମେଣ୍ଟକୁ ଯିବ ନାହିଁ? କହୁଥିଲ ପରା ସମସ୍ତଙ୍କୁ ଭେଟିବ? ଚାଲୁନ ଘେରାଏ ବୁଲି ଆସିବା।"

ସୁବ୍ରତ ଦେଖିଲେ ଯୁବକ ସେଇ ଓସ୍ତ ଗଛ ମୂଳରେ ଠିଆ ହେଇ କୁଆଡକୁ ଯିବେ ବୋଧେ ବାଟ ଖୋଜୁଛନ୍ତି। ଓସ୍ତ ଗଛ ମୂଳର ତେଛକି ତାଙ୍କୁ ଆଡୁଆରେ ପକାଇଥିବ। ସେଠି ସେ ବାଟ ହୁଡି ଯାଇଥିବେ।

କାର ସେଇ ଆଡକୁ ମୁହାଁଇଲା ବେଳକୁ ସୁବ୍ରତ ବାବୁ ପାଟି କରି ଉଠିଲେ। ନା ନା ଘନ! ଆଉ ସେ ଆଡକୁ ଯାଆନା। ମୁଁ ଆଉ ତାକୁ ଦେଖି ପାରିବି ନାହିଁ।

ସେଇଟା ବାଟ ଦାଦା। ଆପଣ କାଚ ଉଠେଇ ଦଉ ନାହାନ୍ତି।

ସୁବ୍ରତ ବାବୁ କାଚ ଉଠେଇ ଦେଲେ ମଧ୍ୟ ଗାଡି ଭିତରେ ଦେଖୁଥିଲେ ଶ୍ରୀରାମର ପୁଅ ଓ ଝିଅକୁ। ସେ ଝିଅର ଶୁଖିଲା ମୁହଁକୁ ଓ ତାର ଶିରାଳ ହାତକୁ। ଯେମିତି ସେମାନେ ଆଟୋରିକ୍ସାରେ ପାଖରେ ବସିଚନ୍ତି - ତାଙ୍କ ନିଜ ପୁଅ ଝିଅ ପରି। ସେଥର ଅଟୋରେ ହେଇଥିବା ସବୁ କଥୋପକଥନ ଓ ସବୁ ଦୃଶ୍ୟ ଭାସି ଉଠୁଚି।

ସେ ଯୁବକ ସେତେବେଳକୁ ଅନେକ ପଛରେ ରହିଯାଇଛନ୍ତି।

❑❑

Digitized by srujanika@gmail.com

ତଳପାହାଚ

ମୁଁ ତାକୁ ପ୍ରାୟ ଦେଖେଁ ସେଇ ସ୍କୁଲ ଗେଟ୍ ପାଖରେ। ସ୍କୁଲ ଛୁଟିବେଳେ ସେ ହୁଏତ ଆସୁଥିବ। କାରଣ ମୁଁ ତାକୁ ସ୍କୁଲକୁ ଆସିଲାବେଳେ ଦେଖେନି। ସ୍କୁଲ ଛୁଟିବେଳେ ସେ ଠିଆ ହେଉଥାଏ।

ଛୋଟ ଝିଅଟିଏ। ସାତ ଆଠ ବର୍ଷ ହେବ ବୋଧେ ତାର ବୟସ। ସାଧାରଣ ଛିଟ ଫ୍ରକଟିଏ ପିନ୍ଧିଥାଏ। ମୁଣ୍ଡ ବାଳରେ ମୋଟେ ଯତ୍ନ ନଥାଏ। କେମିତି କେତେବେଳେ ପାନିଆ ମରା ହେଉଥିବ କି କଅଣ। ଆଗ କେରାକ ଫୁରୁଫୁରୁ। ଆଖି ଉପରକୁ ଉଡ଼ିଆସିଲେ ଟାଣିଦିଏ କାନ ଉପରକୁ। ଶାନ୍ତ ସରଳ ଚେହେରା।

ସେ ବରାବର ଗେଟ୍ ବାହାରେ ଠିଆହୁଏ। କେବେବି ଭିତରକୁ ଆସେନି କି ଆସିବାକୁ ଚେଷ୍ଟା ମଧ୍ୟ କରେନି। ସେମିତି ସ୍କୁଲ ବାରଣ୍ଡାକୁ ଦେଖୁଥାଏ। ସ୍କୁଲ ଛୁଟି ଘଣ୍ଟା ବାଜିବାମାତ୍ରେ ପିଲାମାନେ ଦଉଡ଼ା ଦଉଡ଼ି ଆରମ୍ଭ କରିଦିଅନ୍ତି। ବାରଣ୍ଡା ଉପରେ ଏବଂ ତା' ପରେ ପଡ଼ିଆ ଉପରେ। ସେମାନଙ୍କ ସ୍କୁଲ ପୋଷାକ ଉପରେ ପିଠି ପାଖକୁ ଝୁଲୁଥାଏ ବେଗ। ବେଗରେ ବହି, ଖାତା, ପେନ୍‌ସିଲ୍। ଗେଟ୍ ବାହାରକୁ ପିଲାମାନେ ଦଉଡ଼ି ଯାଉଥିଲାବେଳେ ସେ ସେମାନଙ୍କୁ ଦେଖେ। ମନେ ମନେ ହୁଏତ ଖୁସି ବି ହେଉଥିବ। ଭାବୁଥିବ ତା'ରି ପରି ପିଲାମାନେ ଛୁଟି ପରେ ଘରମୁହାଁ। ସେମାନଙ୍କ ଖୁସି, ତା'ର ବି ଖୁସି।

ମୁଁ ସେ ଝିଅକୁ ଅନେକ ଥର ଦେଖିଚି। ସ୍କୁଟି ଚଳେଇ ସ୍କୁଲରୁ ଛୁଟିପରେ ବାହାରିବାବେଳେ ସେ ମୋତେ ବି ଦେଖେ। ମୋ ଆଖିରେ ଆଖି ମିଶିଗଲାପରେ କେମିତି କେଜାଣି ସେ ଆଖି ଫେରେଇ ନିଏ। ତଳକୁ ମୁହଁ କରେ ନଚେତ୍ ଅନ୍ୟ ଆଡ଼େ ଦେଖେ। କେମିତି ଗୋଟାଏ ଅନେକ ଇଚ୍ଛାର ଆଖିଟିଏ। ସରଳ ଓ ନିଷ୍କପଟ ନିଶ୍ଚୟ। ନିରୀହ ମଧ୍ୟ।

Digitized by srujanika@gmail.com

ତଥାପି ମୁଁ ବେଳେବେଳେ ଭାବେଁ କିଏ ଏ ଝିଅ ? କାହାକୁ ଖୋଜୁଚି ? ଏଇ ପାଖ ବସ୍ତିର କି ଆଉ ? ଏମିତି ଆସୁଥିବ। ସାଥି କେହି ଥିବେ ଏଠି। କିନ୍ତୁ କାହିଁ ? ସେମିତି ବି ତ ମନେ ହେଉନି। କିଛି କହିବ ?

ଅନେକ ଥର ଭାବିଚି ତାକୁ ପଚାରିବି। କିନ୍ତୁ କାହିଁକି କେଜାଣି ତା' ଆଖିର ସେ ନିର୍ଲିପ୍ତପଣ ଦେଖିଲେ ମନ ମରିଯାଏ। ଗୋଟାଏ ପ୍ରକାର ଆତ୍ମକୈନ୍ଦ୍ରିକତା ମୋତେ ସେତେବେଳେ ଘାରି ପକାଏ। ମୋ ଭିତରେ ମୁଁ ଥାଏଁ। ଆଉ କାହା କଥା ବୁଝିବାକୁ ମୋତେ ବେଳ ନଥାଏ। ଇଚ୍ଛା ମଧ୍ୟ ନ ଥାଏ। ଅନ୍ୟ କଥା ବୁଝିଲେ ମୋତେ କଅଣ ମିଳିବ ? ମୋ କଥା ଆଉ କିଏ ବୁଝେ କି ?

ହେଡ୍ ମିଷ୍ଟ୍ରେସ୍‌ଟା ଖୁବ୍ ସ୍ୱାର୍ଥପର। ସବୁବେଳେ ଖାଲି ସ୍କୁଲ କଥା। ଟିକିଏ ବସିଥିବାର କି ଠିଆ ହୋଇଥିବାର ଦେଖିଲେ କହିବ 'ସେ କାମଟା କରିଦିଅ, ଏ କାମଟା କରିଦିଅ।' ଦରମା ତ ଅଧା ମିଳୁଚି। ରିଟାୟାର କଲାବେଳକୁ ମଧ୍ୟ ପୂରା ମିଳି ନଥିବ। ତଥାପି ହେଡ୍‌ମିଷ୍ଟ୍ରେସ୍‌ଟା ବସିଲେ ସହି ପାରେନା। ଘଣ୍ଟା ବାଜିଲାମାତ୍ରେ ସ୍କୁଲରୁ ବାହାରିଗଲେ ରକ୍ଷା।

ସେଦିନ ମୁଁ ଆଉ ନିଜକୁ ସମ୍ଭାଳି ପାରିଲିନି। ସ୍କୁଟିଟା କେମିତି କେଜାଣି ମନକୁ ମନ ଗେଟ୍ ପାଖରେ ଅଟକିଗଲା। ତା' ଆଖି ମୋତେ ଅଟକେଇ ଦେଲା ବୋଧେ। ତଳେ ଗୋଡ଼ ଲଗେଇ ମୁଁ ରହିଗଲି। ସ୍କୁଟିରେ ବସି ମୁଁ ତାକୁ ପଚାରିଲି କାହିଁକି ଠିଆ ହେଇଚୁ କିରେ ? ତୋ ସାଙ୍ଗକୁ ଅପେକ୍ଷା କରିଚୁ ? କିଏ ସିଏ ? ସମସ୍ତେ ତ ଚାଲିଗଲେଣି।

ମୋର ସାଙ୍ଗ ଏଠି କେହି ନାହିଁ। ଆପଣ ଏଠି ପାଠ ପଢ଼ାନ୍ତି ନା ? ସେ ତା ଫ୍ରକକୁ କାମୁଡ଼ି କାମୁଡ଼ି ମୋତେ ପଚାରିଲା।

ସିଏ ମୋ କଥା ପଚାରୁଚି। ମୁଁ ତଳକୁ ଉହ୍ଲେଇଲି। ସ୍କୁଟିକୁ ଷ୍ଟାଣ୍ଡ ମାରି ମୁଁ ତା ପାଖକୁ ଆସିଲି। ଏକଦମ୍ ପାଖରେ ଠିଆ ହେଲି। ତା' ପାଟିରୁ ଫ୍ରକ୍ ବାହାର କରି କହିଲି ଛି, ଏମିତି କାମୁଡ଼ନ୍ତିନି।

ଦେଖିଲି ତା' ଭିତରୁ ଗୋଟାଏ ଖୁସି ଭାବ ଉକୁଟି ଉଠୁଚି। ନିଜର ଲୋକଟାଏ ପାଇଗଲା ଅବା। କାହିଁକି ଏମିତି ଭାବୁଚି କେଜାଣି। ମୋତେ କିଛି ମାଗିବ କି ଆଉ। କଅଣ ମାଗିବ ? କାହିଁକି ମାଗିବ ଭାବ ତା' ଭିତରେ ଅଛି ବୋଲି ମନେ ହେଉନି। ମୁଁ ତା' ମୁଣ୍ଡରେ ହାତ ମାରିଲି। ବାଳ କେରାକ ସଜାଡ଼ି ଦେଇ ପଚାରିଲି ତୁ କଅଣ ଏଇ ବସ୍ତିରେ ରହୁ ? ତୋ ନାଁ କଅଣ ? ଏଠି କାହିଁକି ଠିଆ ହେଇଚୁ ?

ମୁଁ ଦେଖିଲି ମୋର ଏତେଗୁଡ଼ାଏ ପ୍ରଶ୍ନ ବୋଧେ ତାକୁ ଅଡୁଆରେ ପକାଇଛି। ସେ

Digitized by srujanika@gmail.com

କୋଉଟାର ଉତ୍ତର ଦେବ ? ମୋତେ ଅନେଇଲା । କହିଲା ନା, ମୁଁ ଏ ବସ୍ତିରେ ରୁହେନା । ଆ' ସେ ବନ୍ଧ ସେପାଖ ସାଇରେ । ସେ ଆଙ୍ଗୁଳି ଦେଖେଇଲା । ତାର ସେ ଛୋଟ ଛୋଟ ଆଙ୍ଗୁଳି ଦେଖେଇ ଦୂରରେ ଥିବା ଗାଁକୁ ଦେଖେଇଲା । ଛୋଟ ଆଙ୍ଗୁଳିରେ ଦୂର ଗାଁକୁ ଦେଖେଇ ସେ ମୋତେ ବୁଝେଇବାକୁ ଚେଷ୍ଟା କରୁଥିଲା । ତାପରେ ଭାବିଲା ମୁଁ ବୋଧେ ବୁଝିପାରୁନି । ସେ କହିଲା ତୁମେ ତ ସେଇ ଗାଁ ଦେଇ ଯାଅ । ସେଇ ଶାଳ ବଣ ଭିତରେ, ସେଇ ପୋଖରୀ ପାଖ ଦେଇ ତୁମେ ଯାଅ ନା ?

ତାର ସରଳତା ମୋତେ ମୁଗ୍ଧ କଲା । କଥାର ଶବ୍ଦଗୁଡ଼ାକ ପରିଷ୍କାର ଫିଟୁନାହିଁ । ଛନ୍ଦି ଛନ୍ଦି ଯାଉଚି । କିନ୍ତୁ ସେ ଯେମିତି ପ୍ରାଣପଣେ ଚେଷ୍ଟା କରୁଚି ପରିଷାର କହିବାପାଇଁ, ମୋର ଇଚ୍ଛା ହେଲା ତା ସହିତ କଥା ହେବାପାଇଁ । ସ୍କୁଲ ଆଡ଼କୁ ଅନାଇଲି । ହେଡ୍‌ମିଷ୍ଟ୍ରେସଟା ଏ ଯାଏ ତା ଅଫିସରୁ ବାହାରକୁ ଆସିନି । ଆନୁଏଲ୍ ଫାଙ୍କସନ୍ ପାଇଁ କିଏ ମୁଖ୍ୟ ଅତିଥି ହେବ ସେ କଥା ତାକୁ ଘାରୁଚି । ଏମ୍.ଏଲ.ଏ ନା ଏମ୍.ପି କିଏ ଆସିପାରିଲେ ଭଲ ହେବ । କାହାଠୁ ବେଶୀ ଝଡ଼େଇ ହେବ ସେ କଥା ଚିନ୍ତା କରୁଥିବ । ସରକାରରେ ଥିବା ଏମ୍.ପି.ଟା ମୋଟେ ହାତ ଖୋଲେନି । ଗଲା ଥର ତାର ପ୍ରଶସ୍ତି ତିନି ପୃଷ୍ଠାର ଲେଖି ପଢ଼ିଥିଲା । ଶେଷରେ ଦେଇଥିଲା ମାତ୍ର ଦଶ ହଜାର । କିନ୍ତୁ ତାକୁ ନ ଡାକି ଏମ୍.ଏଲ୍.ଏକୁ ଡାକିଲେ ପଇସା ସିନା ମିଳିବ - ବିପଦରେ ପଡ଼ିଲେ କିଏ ସାହା ହେବ ? ସକାଳ ମିଟିଂରେ ଏକଥା ସ୍ଥିର ହେଇ ନଥିଲା । ଏବେ ତାର ଗୁରୁମାନଙ୍କୁ ବସି ଟେଲିଫୋନ୍ କରୁଥିବ ।

ମୋଷ୍ଟ କରପ୍ଟ ଲେଡ଼ି । ଖାଲି ଟଙ୍କା ଟଙ୍କା ହଉଚି । ହଉ ଥାଉ । ମୋର କିଏ ଯାଉଚି ତାକୁ ସାହାଯ୍ୟ କରିବାକୁ ।

ସ୍କୁଲ ପାଚେରୀ କଡ଼େ କଡ଼େ ଉଠିଚି ଲମ୍ବା ଡୁପିଂ ଦେବଦାରୁ । ନୀଳ ପାଚେରୀଟିଏ ପରି । ତା ଉହାଡ଼ରେ ଠିଆ ହେଲେ ସ୍କୁଲ ବାରଣ୍ଡା ଦେଖାଯାଏନି । ମୁଁ ସ୍କୁଟିଟାକୁ ସେଇ ନୀଳ ପାଚେରୀ ଉହାଡ଼କୁ ଉଠାଇ ଆଣି ତାକୁ ପାଖକୁ ଡାକିନେଲି । କେମିତି ଗୋଟାଏ ମମତାର ଖିଅଟିଏ ତା ଦେହରେ ଛନ୍ଦି ହେଇଗଲା । ମୁଁ ପଚାଶ ପାଖରେ । ଗୋଟାଏ ପାହାଡ଼ ତଳେ ଛୋଟ ବୁଦାଟିଏ ପରି ସେ ଦେଖାଯାଉଥିଲା ।

ତୁମେ ଏ ସ୍କୁଲରେ ପାଠ ପଢ଼ାଉଚ ନା ? ସେ ପଚାରିଲା । ମୁଁ ଲକ୍ଷ୍ୟକଲି ସେ ଯେମିତି ଅନେକ ଦିନୁ ଖୋଜୁଥିବା ଉତ୍ତରଟିକୁ ମୋଠୁ ଆଶା କରୁଚି ।

ମୋ ଉତ୍ତରକୁ ଅପେକ୍ଷା ନ କରି ସେ ପୁଣି ପଚାରିଲା, ଏସବୁ ଛୁଆଙ୍କୁ ତୁମେ ପଢ଼ଉଚ ?

Digitized by srujanika@gmail.com

ମୁଁ ବିସ୍ମିତ ହେଲି। କଅଣ କହିଲେ ସେ ଖୁସି ହେବ? କି ପ୍ରକାର ଖୁସି ତାର ଆହ୍ଲାଦପଣକୁ ଆବୋରି ପକାଇବ?

ହଁ, ମୁଁ ସମସ୍ତଙ୍କୁ ପଢ଼ାଉଚି। ତୁ ବି ପଢୁନୁ? ତୁ ଏବେ କୋଉ ସ୍କୁଲରେ ପଢୁଚୁ? ସେ ପୋଲ ପାଖ ସ୍କୁଲ କି? ସେଇ ବରଗଛ ପାଖରେ - ସେଇଟା ନା?

ତା' ମୁହଁଟା ଝାଉଁଳି ପଡ଼ିଲା।

ନା, ମୁଁ ସେ ସ୍କୁଲରେ ପଢ଼େନି। କୋଉଠି ପଢ଼େନି। ସେ ତଳକୁ ମୁହଁ ପୋତି କହିଲା।

ପଢୁନୁ? କାହିଁକି? ସେ ସ୍କୁଲଟା ତ ତୋ ଘର ପାଖରେ।

ଆମ ବ୍ରାହ୍ମଣ ଛୁଆମାନେ ସେଠି ପଢ଼ନ୍ତି ନି। ସେଠି ସେମାନଙ୍କୁ ସରକାର ପଇସା ଦିଅନ୍ତି। ରହିବାକୁ ଖାଇବାକୁ ବି ମିଳେ। ଜାଣିଛ ନା, ସେଠି ପେଣ୍ଟ, ଫ୍ରକ୍ ବି ମିଳେ, ବହି ଖାତା ସବୁ ମିଳେ। ତୁମର ଏଠି ବି ମିଳେ?

ମୋର ଗୋଟିଏ ପ୍ରଶ୍ନ ପରେ ସେ ଏତେଗୁଡ଼ିଏ ପ୍ରଶ୍ନ ପଚାରିବ ବୋଲି ମୋର ଧାରଣା ନଥିଲା। ତାର କୌଣସି ପ୍ରଶ୍ନର ଉତ୍ତର ମୋ ପାଖରେ ନଥିଲା। କଅଣ ତାକୁ କହିଥାଆନ୍ତି, କାହିଁକି ସେଠି ପେଣ୍ଟ ସାର୍ଟ ମିଳେ ଆଉ ଏଠି ମିଳେନା। କାହିଁକି ସେଠି ବହି ମିଳେ। ଆଉ ଏଠି ମିଳେନା। ମୋର ଉତ୍ତର ତା ପାଇଁ ଆଉ ଏକ ଅବୁଝା ପ୍ରଶ୍ନ ସୃଷ୍ଟି କରିଥାଆନ୍ତା।

ମୁଁ ଏଇଠି ପଢ଼ନ୍ତି। ତୁମ ପାଖରେ, ତୁମେ ମୋତେ ପଢ଼ାଇ ଦବନି?

ଏଇଠି ପଢ଼ିବୁ?

ମୋର ପେଣ୍ଟ ସାର୍ଟ ଦରକାର ନାହିଁ। ଖାଲି ବହି ଦରକାର। ଦେଖୁନ ସେ ଝିଅଟାକୁ। ସେ ତାର ଟିକି ଆଙ୍ଗୁଳି ଦେଖେଇଲା ପଢ଼ିଆ ସେ ପାଖରେ ଯାଉଥିବା ଗୋଟାଏ ଝିଅ ଆଡ଼କୁ। ସେ ହୁଏତ ଛୁଟି ପରେ ଏଯାଏ ସାଙ୍ଗମାନଙ୍କ ସହିତ ଖେଳୁଥିଲା। ଏବେ ସଞ୍ଜ ପାଖେଇ ଆସିଲାଣି। ଆଉ ଟିକିଏ ପରେ ସୂର୍ଯ୍ୟ ବୁଡ଼ିଯିବ।

ସେ ଝିଅଟି ଗାଁ ବାଟ ଧରିସାରିଲାଣି। ତା ଚାଲିର ଗତି ବଢ଼ିଲାଣି। ବହି ବସ୍ତାନୀକୁ ସେ ଛାତିରେ ଜାକି ଧରିଚି।

ମୁଁ ହାତ ଘଡ଼ିକୁ ଅନେଇଲି। ସାଢ଼େ ପାଞ୍ଚ ଅତିକ୍ରମ କଲାଣି। ମୋତେ ଆହୁରି ପନ୍ଦର କିଲୋମିଟର ଯିବାକୁ ହେବ। ରାସ୍ତାରେ ଏତିକିବେଳେ ପ୍ରବଳ ଭିଡ଼। ଗୋଟାଏ ଲେଭଲ୍ କ୍ରସିଂ ମଧ୍ୟ ପାର ହେବାକୁ ପଡ଼ିବ। ପନ୍ଦର କୋଡ଼ିଏ ମିନିଟ୍ ସେଇଠି କଟିଯାଏ।

Digitized by srujanika@gmail.com

ସେ ଚୌକିଦାରଟା କମ୍ ବଦମାସ୍ ନୁହେଁ। ଡ୍ରପ ବାର ପକେଇ ଦେଇ ବସି ଦୁଇ ଜଣିଆ ତାସ୍ ଖେଳୁଥିବ।

ଅନ୍ୟମାନଙ୍କ ରାସ୍ତାକୁ ଆଇନଗତ ଭାବରେ ଅବରୋଧ କରିବାର କ୍ଷମତା ଏ ଦେଶରେ ସମସ୍ତଙ୍କର ଅଛି।

ମୁଁ ବ୍ୟସ୍ତ ହେଇପଡ଼ିଲି। ତାକୁ ବୋଧ ଦେବାକୁ ଯାଇ କହିଲି - ହଉ ତୁ ଏ ସ୍କୁଲରେ ପଢ଼ିବୁ ତ ? ବେଶ୍। ମୁଁ ତାର ବ୍ୟବସ୍ଥା କରିଦେବି। ତୁ ତ ମଝିରେ ମଝିରେ ଆସୁଥା। ମୋତେ ଦେଖା କରିବୁ। ହେଲା।

ମୁଁ ସ୍କୁଟି ଷ୍ଟାର୍ଟ କରି ଚାଲିବାକୁ ଆରମ୍ଭ କଲି।

ସେଦିନ ଘରେ ପହଞ୍ଚିଲାବେଳକୁ ସଞ୍ଜ ହେଇଯାଇଥିଲା। ସସ୍ମିତା, ମୋ ଝିଅ, ବିଛଣାରେ ତଥାପି ଶୋଇଥିଲା। ମୋର ଡେରି ଯୋଗୁଁ ବୋଧେ ଅଭିମାନ କରିଚି। ଯିଏ ବରାବର ମୋତେ ଦେଖିଲାମାତ୍ରେ ଦଉଡ଼ି ଆସି କୁଣ୍ଢେଇ ପକାଉଥିଲା, ସେ ଆଜି ବିଛଣାରୁ ଉଠୁନି। ମୁଁ ତା ମନ କଥା ବୁଝିପାରିଲି। ମୋତେ ଦେଖି ସେ ମୁହଁ ବୁଲେଇ ନେଲା।

ମୁଁ ଲୋଟି ପଡ଼ିଲି ତା ପାଖରେ। ତା ମୁହଁକୁ ଭିଡ଼ି ନେଇ ବୋକ ଦେଲି। ଗୋଟେ ନୁହେଁ ତିନି ଚାରିଟା।

ବାସ ଏତିକିରେ ଶେଷ।

'ବୋକ'ର ଶକ୍ତି କେତେ ଏ କଥା ସମସ୍ତେ ଜାଣନ୍ତି। ପ୍ରଚଣ୍ଡ କ୍ଷମତା ତାର। ପଥରକୁ ତରଳେଇ ଦିଏ। ବୋକର ନାଁ ବଦଳି ଯେତେବେଳେ ଚୁମା ହେଇଯାଏ ସେତେବେଳେ ପ୍ରଚଣ୍ଡ କ୍ରୋଧୀ ତପନ ହସିଦିଏ।

ଥରେ ପଚାରିଥିଲା ତପନ। ନୂଆ ନୂଆ ବାହାଘର ହେଇଥାଏ। ଏମିତି ଗୋଟିଏ ଘଟଣାରେ ତା ଝାଳୁଆ ମୁହଁରେ ଆଙ୍କିଦେଲି ଚିତ୍ରଟିଏ, ବାସ୍, ସବୁ ବଦଳିଗଲା।

ତାପରେ ରାତିରେ କଥା ପ୍ରସଙ୍ଗରେ ପଚାରିଥିଲା ତପନ, ଏମିତି ମର୍ମଭେଦୀ ଅବ୍ୟର୍ଥ ଅସ୍ତ୍ରଟିଏ କୋଉ ଦେବତାର ବରରୁ ପାଇଥିଲ ସ୍ୱପ୍ନା ?

ମୋର ଉତ୍ତର ଥିଲା ସଂକ୍ଷିପ୍ତ।

ଟ୍ରେଡ୍ ସିକ୍ରେଟ୍। କାହାକୁ କୁହାଯାଏନି।

ନାରୀର ଅନ୍ୟ ନାମ ଲଜ୍ଜା। କିନ୍ତୁ ଏ କ୍ଷେତ୍ରରେ ନାରୀକୁ ପ୍ରଥମେ ହିଁ ଲାଜର ଏରିଆ ଅତିକ୍ରମ କରିବାକୁ ପଡ଼େ। ସୁଖର ସୌଧ ଆପେ ଆପେ ତୋଳି ହେଇଯାଏ ତାପରେ।

Digitized by srujanika@gmail.com

ଏ ମାଆ ! ତୁ କାନ୍ଦୁଚୁ ?

ମୁଁ ତାକୁ ପୂରାପୂରି କୋଳେଇ ନେଲି । ଆଖିରୁ ଲୁହ ପୋଛିଦେଲି । ଡେରି ହେଲା, ଏଇ କଥା ତ ? ଆ ଦେଖିବୁ ତୋ ପାଇଁ କଅଣ ଆଣିଚି । ତାକୁ ବିଛଣାରୁ ଉଠେଇ ଟେକିନେଲି ଛାତି ଉପରକୁ । ତାପରେ ହାତ ବେଗ୍ ଆଡ଼କୁ ଗଲି । ସେଇଟା ଥିଲା ସୋଫା ଉପରେ । ବେଗରୁ ବାହାର କଲି ଦୁଇଟା ବଡ଼ କୁରକୁରେ ପାକେଟ୍ । ତାର ପ୍ରଧାନ ଆକର୍ଷଣ ।

ବାସ୍ ଆଉ କିଛି ତା'ପାଇଁ ଦରକାର ନଥିଲା ।

ତାକୁ ସାତ ପୂରିଚି । କିନ୍ତୁ ମାନସିକତାରେ ସେ ଏବେ ଚାରି କି ପାଞ୍ଚରେ ।

ତପନ ଫେରିବାକୁ ଆହୁରି ଅନେକ ଡେରି । ପ୍ରାୟ ଆଠଟା ହେଇଯାଏ ।

ସସ୍ମିତାର ଅଭ୍ୟାସ ହେଇଗଲାଣି । ଘରର ଗୋଟିଏ ଚାବି ତା ପାଖରେ । ତିନିଟା ବେଳେ ସ୍କୁଲରୁ ଫେରି ନିଜେ ଖାଏ, ତା'ପରେ ଶୋଇପଡ଼େ । ଉଠେ ପାଞ୍ଚଟା ବେଳେ । ମୋ ଆସିବା ଯାଏ ଟି.ଭି. ଦେଖୁଥାଏ ନଚେତ୍ ପଡ଼ିଶା ଘର ପିଲା ସହିତ ଖେଳେ ।

ଦୁଇ ଜଣ ଚାକିରି କରୁଥିଲେ ଯା ଛଡ଼ା ଅନ୍ୟ ଉପାୟ ନାହିଁ । ଏବେ ସାହାଯ୍ୟକାରିଣୀଟିଏ କଥା ଚିନ୍ତା କଲିଣି । କିନ୍ତୁ କଥାଟା ସମ୍ଭବ ନୁହେଁ କି ସହଜ ମଧ୍ୟ ନୁହେଁ । ମଣିଷ ମନର ଦୁର୍ବଳତା କୋଉଠି କେତେବେଳେ କାହାକୁ ଆକ୍ରମଣ କରିବ ସେ କଥା କିଏ କହିବ ?

ସୁସ୍ମିତାକୁ ମଧ୍ୟ ଆଉ ବେଶୀଦିନ ଏକୁଟିଆ ଛାଡ଼ି ହେବନାହିଁ । ସେ କୁରକୁରେ ମୋ ହାତରୁ ନେଇ ପାଖ ଘରେ ଖେଳିବାକୁ ଗଲାପରେ ମୁଁ ଚା ପିଉ ପିଉ କଥାଟାକୁ ଭାବିବାକୁ ଲାଗିଲି । ଅଲଟାରନେଟିଭଟା କଅଣ ? ଘରେ ମୋର ଅନୁପସ୍ଥିତିରେ ଜଣେ ସାହାଯ୍ୟକାରିଣୀକୁ ବିଶ୍ୱାସର କୋଉ ସୀମା ଟାଣି ନେଇ ରଖି ହେବ ? ଏସବୁ କ୍ଷେତ୍ରରେ ବିଶ୍ୱାସ ଗୋଟିଏ ତରଳ ପଦାର୍ଥ । ପାତ୍ରର ସୀମା ଅନୁସାରେ ସେଇଟା ବଢ଼େ ଓ ସଙ୍କୋଚିତ ହୁଏ । ଅବସ୍ଥା ଅନୁସାରେ ତାର ସ୍ଥିତି । ନିଗିଡ଼ି ନିଃଶେଷ ମଧ୍ୟ ହେଇଯାଇପାରେ । ସାହାଯ୍ୟକାରିଣୀ କ୍ଷେତ୍ରରେ ବିଶ୍ୱାସ ଗୋଟାଏ ଆପେକ୍ଷିକ ଶବ୍ଦ ମାତ୍ର ।

ଅନ୍ୟ କ୍ଷେତ୍ରରେ ସସ୍ମିତାକୁ ସାତ ପୂରିଲାଣି । ସବୁପ୍ରକାର ଆମୋଦପ୍ରମୋଦର ସୁବିଧା ଥିବା ଘରେ ସେ ବଢୁଚି । ଟି.ଭି ପ୍ରତି ତାର ଆକର୍ଷଣ ଅବାରିତ । ସେ ମଧ୍ୟ ଘର ଭିତରେ ଏକୁଟିଆ । ତାର ସ୍ୱାଧୀନତା ଅଖଣ୍ଡ । ଆମ ଦୁଇ ଜଣଙ୍କର ସ୍ନେହ ମମତାରେ ତାର ଅଧିକାର ଅତୁଟ । ତାର ଯେକୌଣସି ଇଚ୍ଛା ଓ ଆବଶ୍ୟକତା ଆମ ପାଇଁ ଏକ ଆଦେଶ । ସେଠି ଉଚିତ ଅନୁଚିତର ପ୍ରଶ୍ନ ଉଠେନା । ଏବର ଟି.ଭି.ରେ ବାଲ୍ୟଚପଳତାକୁ କଳୁଷିତ କରିବାକୁ ସମୟ ଲାଗେନା ।

Digitized by srujanika@gmail.com

ସସ୍ମିତା ସୁନ୍ଦରୀ ହେବ। ମାଆକୁ ବି ଟପିଯାଇପାରେ। ତାର ସ୍ୱାସ୍ଥ୍ୟ ମଧ୍ୟ ସୌନ୍ଦର୍ଯ୍ୟ ସହିତ ତାଳ ଦେଇ ବଢୁଚି। ଆମ ଆଗରେ ଆମର ଏକମାତ୍ର ସମ୍ପଦର ସୁଖ ସୌନ୍ଦର୍ଯ୍ୟ ଆମର ଗର୍ବ। କିନ୍ତୁ କେତେଦିନ ତାକୁ ଏମିତି ଅସୁରକ୍ଷିତ ଭାବରେ ଛାଡ଼ି ଦିଆଯାଇପାରେ ?

ମୋ ଭିତରେ ଗୋଟାଏ ଅଜଣା ଭୟ ଚେଇଁ ଉଠିଲା।

ଆଉ ସେଇ ଝିଅଟି ? ଯାହାକୁ ମୁଁ ଆଜି ଦେଖିଥିଲି ସ୍କୁଲ୍ ଗେଟ୍ ପାଖରେ ? ସେ ବି ତ ସସ୍ମିତା ବୟସର। କି ପ୍ରବଳ ଇଚ୍ଛା ତାର ସ୍କୁଲରେ ପଢ଼ିବାକୁ। ଆଉ ତାର ମାନସିକତା ? ତାର ସ୍ତର ମାପିବାକୁ ମୋ ପାଖରେ ସ୍କେଲ୍ ନଥିଲା।

ତା'ଘରେ ଟିଭି ଥିବ ? କେଜାଣି, ଥିବ ତାର ସ୍ୱାଧୀନତା ? ତାର ସୁବିଧାସୁଯୋଗର କାଣିଚାଏ ବି ନଥିବ ସେ ଝିଅ ପାଖରେ। ମୋ ଭିତରେ କେମିତି କେଜାଣି ଗୋଟାଏ ଅନନ୍ୟୁଭୂତି ମାତୃତ୍ୱର ଅନାବିଳ ସ୍ନେହ ସେ ଝିଅଟି ପ୍ରତି ଉବୁଳି ଉଠିଲା। ମୋତେ ଯେମିତି କିଏ ଜଣେ ଆଉ ଥରେ କହିଲା, "ମୁଁ ଏ ସ୍କୁଲରେ ପଢ଼ିପାରିବି ? ତୁମେ ମୋତେ ପଢ଼େଇବ ?"

ମୋର ଏମିତିକା ଝିଅଟିଏ ଥାଆନ୍ତା କି ?

ତପନର ସେଦିନ ଆସିବାକୁ ଅନେକ ଡେରି ହେଲା। ପ୍ରାୟ ନଅଟା ହେଇଯାଇଥିଲା। ତାର ଅଚାନକ ଡେରିଟା ମୋତେ ମଧ୍ୟ କଷ୍ଟ ଦେଉଥିଲା। ସାତଟାରେ ସସ୍ମିତା ଟିଉସନ ଚାଲିଗଲା ପରେ ମୁଁ ମଧ୍ୟ ଏକୁଟିଆ ଅନୁଭବ କରୁଥିଲି। ଆମେ ସାଧାରଣତଃ ସେଇ ସମୟରେ ଘରେ ବସି ଚା ଜଳଖିଆ ଖାଉଁ ଓ ଟି.ଭି. ଦେଖୁ ଗୋଟିଏ ସୋଫାରେ ବସି। ଗୋଟିଏ ରୁଟିନ୍।

କଅଣ ହେଲା ତମର ଏତେ ଡେରି ଯେ ? ମୁଁ ପଚାରିଲି ତପନକୁ। କିଛିଟା ଅଭିମାନ ଥିଲା ବୋଧେ, ମୋ ସ୍ୱରରେ।

ଗପ କରୁ କରୁ ସେ ଭଦ୍ରମହିଳାଙ୍କ ଘରେ ଡେରି ହେଇଗଲା। ସରି।

ଆସିଲ କାହିଁକି ? ରହିଗଲନି ? ମୁଁ ଗେସ୍‌ଟାକୁ ଏକଦମ୍ କମେଇ ଦେଇ ଗ୍ରାଇଣ୍ଡରଟାକୁ ଚାଲୁ କରିଦେଲି। ଘର୍ ଘର୍ ଶବ୍ଦରେ ତପନ ଆଉ କଅଣ କହୁଥିଲେ ମୁଁ ଶୁଣିପାରୁ ନଥିଲି। ଶୁଣିବାକୁ ମୋର ଇଚ୍ଛା ନଥିଲା। ଯେତିକି ଶୁଣିଲି ସେତକ ଯଥେଷ୍ଟ। ସେଇ ସେତକରୁ ମୋର ମନେହେଲା ଗ୍ରାଇଣ୍ଡରଟା ବାହାରେ ଚାଲୁନାହିଁ ମୋ ଭିତରେ। ଅନେକ କିଛି ପେସି ହୋଇଯାଉଛି ଯେମିତି।

ମୋବାଇଲ ବ୍ୟବହାରକୁ ଘୃଣା କରୁଥିବା ତପନ ତେବେ ଏଇ ଧନ୍ଦା କରୁଚି ?

Digitized by srujanika@gmail.com

ତୁ, ଗୋଟାଏ ଜୁନିଅର୍ କଲିଗ୍ ଘରେ ଯାଇ ପ୍ରତି ସନ୍ଧ୍ୟାରେ ଚା'ପକୁଡ଼ି ଖାଇ ବାଜେ ଗପ କରିବାକୁ ଲାଜ ଲାଗେନି ? ମୁଁ ଭାବୁଥିଲି ପୃଥିବୀର ସବୁ ତପନ ଏଇନେ ଏଇ ଗ୍ରାଇଣ୍ଡର ଭିତରେ ପଶିଯାଆନ୍ତେ କି ?

ହଠାତ୍ ଗ୍ରାଇଣ୍ଡରଟା ବନ୍ଦ ହେଇଗଲା। ମୁଁ ବିରକ୍ତ ହେଲି। ପାୱାର ଫେଲ୍ୟୁର ହେଲା ବୋଧେ। ନା, ଲାଇଟ୍ ଜଳୁଚି। ମୁଁ ରୋଷେଇ ଘର ଭିତରକୁ ଅନେଇଲି। ତପନ ଠିଆ ହେଇଚନ୍ତି ଗ୍ରାଇଣ୍ଡର ପାଖରେ।

ସାମାନ୍ୟ ମସଲା ଟିକକ ପେସିବାକୁ କେତେ ସମୟ ଲାଗେ ସ୍ୱପ୍ନା ? ମନେ ମନେ ଆଉ କିଛି ପେଶୁଚ ?

ମୁଁ ଦେଖିଲି ତପନ ହସୁଥିଲେ। ତାଙ୍କ ହସ ମୋ ଦେହରେ ଛୁଞ୍ଚପରି ଗଳିଯାଉଥିଲା। ମୋର ଅନ୍ୟମନସ୍କତା ଧରାପଡ଼ିଯାଇଥିଲେ ମଧ୍ୟ ମୋର ପତ୍ନୀସୁଲଭ ଆଭିଜାତ୍ୟ ମୋତେ ସେଥିରୁ ବିରତ କରିପାରି ନଥିଲା। ମୁଁ ତାଙ୍କ କଥାର କିନ୍ତୁ ଉତ୍ତର ନ ଦେଇ ଗ୍ରାଇଣ୍ଡରରୁ ମସଲା ବାହାର କରିବାକୁ ଗଲି।

ପାଖରେ ଠିଆ ହେଇ ସେ ପଚାରିଲେ କୋଉ ଭଦ୍ରମହିଳାଙ୍କ ଘରେ ବସି ଚା' ପିଉଥିଲି, ଏଁ? କୋଉ ଭଦ୍ରମହିଳା କଥା ଭାବୁଚ ? ସୁରଭି ସାମନ୍ତ ? ଏବେ ଯିଏ ଜଏନ୍ କରିଚି ଜୁନିଅର ଆସିଷ୍ଟାଣ୍ଟ ଭାବରେ ? କଥାପଦେ ଶୁଣୁ ଶୁଣୁ ମୁଣ୍ଡକୁ ରକ୍ତ ଉଠିଯାଇଚି ନା ?

ସେ ମୋ ଦୁଇ କାନ୍ଧକୁ ସିଧା ଧରି କହିଲେ, ଆଜି ତ ଏସୋସିଏସନ୍ ମିଟିଂ ଥିଲା ବୋଲି ତୁମକୁ କହିଥିଲି ଦୁଇଦିନ ଆଗରୁ। ତଥାପି ପଚାରିଲ କାହିଁକି ଡେରି ହେଲା। ମୁଁ କି ଉତ୍ତର ଦେଇ ଥାଆନ୍ତି ? ତା'ପରେ କହିଲେ, ଏ ଇଣ୍ଟରନେଟ୍ ଯୁଗରେ ପ୍ରେମ ନିଜ ଘର ଭିତରେ କରିହୁଏ, ବାହାରକୁ ଯିବାର ଆବଶ୍ୟକତା ନଥାଏ।

ମୁଁ ଚୁପ୍ ହେଇଗଲି। ଫଣା ଟେକି ସାପଟା ପଦ୍ମତୋଳା ଶୁଣି ଫଣା ଫେରେଇ ନେଲା।

ମନେ ମନେ ଲଜ୍ଜିତ ହେଲି। ତପନ ସବୁବେଳେ ସନ୍ଦେହର ଊର୍ଦ୍ଧ୍ୱରେ। ତାଙ୍କ ପ୍ରତି ଏପରି ମତପୋଷଣ କରିବା ମୋଟେ ଠିକ୍ ନୁହେଁ। କିନ୍ତୁ କିଛି ମୁହଁ ଖୋଲି କହିପାରିଲିନି।

ଆସ, ଚା' ଥଣ୍ଡା ହେଇଯାଉଚି

ମୁଣ୍ଡ ଥଣ୍ଡା ହେଲା ତ ?

ଆତ୍ମରକ୍ଷା ପାଇଁ କହିଲି ସସ୍ମିତା କେତେବେଳୁ ଖୋଜୁଥିଲା।

Digitized by srujanika@gmail.com

ଆଉ ତୁମେ ? ସେ ଡାଇନିଂ ଟେବୁଲ୍ ପାଖରେ ବସିଲେ।

ତପନର ମିଛ ଭୂତ ସେଦିନ ମୋ ଡିନର ଖାଇଲାବେଳକୁ ପୂରା ଉଭେଇ ଯାଉଥିଲା। ମୁଁ ସଂପୂର୍ଣ୍ଣ ରୂପେ ମୋ ନିଜ ଭିତରକୁ ଫେରିଆସିଥିଲି। ସସ୍ମିତା କେତେବେଳୁ ଶୋଇପଡ଼ିଲାଣି। ମୁଁ ତପନକୁ ସ୍କୁଲରେ ଦେଖିଥିବା ସେ ଝିଅଟି କଥା କହିଲି।

ତପନର ଏଥିରେ ଖୁବ୍ ବେଶୀ ଗୋଟାଏ ଆଗ୍ରହ ଥିବାର ମନେହେଲାନି। କହିଲେ ଏଇଟା ଗୋଟାଏ କୋଉ ନୂଆ କଥା ? ଏମିତି କେତେ ପିଲା ଅଛନ୍ତି। ଟିକିଏ ରହି ସେ ପୁଣି କହିଲେ - ତୁମେ ତାଙ୍କୁ କିଛି ସାହାଯ୍ୟ କରିବା କଥା କହୁଚ କି ? ତାର ଏଡ଼ମିଶନ ବେଳେ କିଛି ଦେଇଦେଉନ। ଆଉ ଅଧିକ କ'ଣ କରିପାରିବ ?

ଦେଖିବା ସେ ସମୟ ଆସୁ। ମୁଁ କହିଲି।

ଯା'ପରେ ଅନେକ ଦିନଯାଏ ମୁଁ ଆଉ ସେ ଝିଅକୁ ଦେଖି ନଥିଲି କି ତା' କଥା ମନେପକେଇ ନଥିଲି। ବେଳେବେଳେ ସ୍କୁଲରୁ ଫେରିଲାବେଳେ କି ସ୍କୁଲକୁ ଗଲାବେଳେ ସେ ଗାଁଟା ମୋ ଆଖିରେ ପଡୁଥିଲେ ମଧ ମୁଁ ପ୍ରାୟ ତା' କଥା ଭୁଲିଯାଇଥିଲି। ସ୍କୁଲର ବାର୍ଷିକ ଉତ୍ସବ, ସ୍ପୋର୍ଟସ୍ ଇତ୍ୟାଦି କାମରେ ଅନେକ ବ୍ୟସ୍ତ ରହିବାକୁ ହେଲା। ହେଡ଼ ମିଷ୍ଟ୍ରେସଟା ବେଶ୍ ଖୁସି ଅଛି। ପ୍ରଧାନ ଅତିଥି ସେଇ ଆସିଥିଲେ ମାନ୍ୟବର ବିଧାୟକ। ସ୍କୁଲ ବିଲିଡିଂର ମରାମତି ଓ ଲାବୋରେଟରୀ ନିର୍ମାଣ ପାଇଁ ପ୍ରଥମ ଦଫାରେ ଦୁଇଲକ୍ଷ ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। କିନ୍ତୁ ସେ ହେଡ଼ମିଷ୍ଟ୍ରେସଙ୍କଠାରୁ ପାଲଟା ପ୍ରତିଶ୍ରୁତି ମଧ ନେଇ ଯାଇଚନ୍ତି ଯେ ସେ ଖୋଲିଥିବା ଗୋଟିଏ ଅନାଥାଶ୍ରମରେ ଏଠା ଶିକ୍ଷକମାନେ କିଛି ଫ୍ରି ସର୍ଭିସ୍ ଯୋଗାଇଦେବେ।

ସେଦିନ ସ୍କୁଲ ଛୁଟିପରେ ହେଡ୍‌ମିଷ୍ଟ୍ରେସଙ୍କ ଅଫିସରେ ଯୋଉ ମିଟିଂ ହେଇଥିଲା ସେଥିରେ ମୁଁ ସେଇ ପ୍ରଶ୍ନ ଉଠେଇଥିଲି।

ଏଇଟା ପରୋକ୍ଷରେ ସରକାରୀ କର୍ମଚାରୀଙ୍କୁ ରାଜନୈତିକ କାମରେ ଯୋଗଦେବାକୁ କୁହାଯାଉନି କି ? ସ୍କୁଲର ଉନ୍ନତି ପାଇଁ ଯଦି କିଛି କରିବାକୁ ପଡ଼େ ତେବେ କରିବାକୁ ହେବ। ଅନ୍ୟ ଆଶ୍ରମରେ କାହିଁକି ?

ଅନ୍ୟମାନେ ସମସ୍ତେ ଚୁପ୍ ଥିଲେ। କେହି ଜଣେ ବି ପାଟି ଫିଟେଇ ନଥିଲେ। ଏମିତିତ ବରାବର ହୁଏ। ଅନ୍ୟମାନଙ୍କର ନିରବତା ଏତେ ବେଶୀ ଯେ ବିଧାୟକ ମହୋଦୟ ସେ ବର୍ଷ ଯେତେବେଳେ ନିର୍ବାଚନ ଜିତିଲେ ତାଙ୍କୁ ସ୍କୁଲ ତରଫରୁ ସମ୍ବର୍ଦ୍ଧନା ଦେବାକୁ ସମସ୍ତଙ୍କଠାରୁ ଶହେ ଟଙ୍କା ଲେଖାଏଁ ଚାନ୍ଦା ଆଦାୟର ପ୍ରସ୍ତାବକୁ ମଧ ବିରୋଧ କରି ନଥିଲେ।

Digitized by srujanika@gmail.com

ହେଡ୍‌ମିଷ୍ଟ୍ରେସ୍ ରୁପାର ତାଜମହଲଟିଏ ନେଇ ତାଙ୍କ ଘରେ ଦେଇଆସିଥିଲେ।

ମୁଁ ଦିନେ ସିନିଅର ଟିଚର ଅନୁରାଧାକୁ କହିଲି - ତାଜମହଲ ପ୍ରେମର ସୂଚନା ନୁହେଁ ?

ଅନୁରାଧା ମୋର ବନ୍ଧୁ। ଆମେ ଏକାସାଙ୍ଗରେ ବି.ଏଡ୍ କରୁଥିଲୁଁ। ସେ କହିଲା - ପ୍ରେମକୁ ତୋର ଏତେ ବିରୋଧ କାହିଁକି କହିଲୁ ? ତୋତେ ପ୍ରେମ କରି ଆସୁନି ବୋଲି ଆଉ କେହି କରିବନି ? ତୋତେ କାହିଁକି ସହ୍ୟ ହେଉନି ? ତୁ ତା' ସାଥିରେ ଗଲୁନି, ଆଖି ମିଳେଇ ଆସିଥାଆନ୍ତୁ।

ଅନୁରାଧା ସବୁବେଳେ ଏମିତିକା। ସେଥିପାଇଁ ତାକୁ ହେଡ୍‌ମିଷ୍ଟ୍ରେସ କିଛି କହନ୍ତିନି। ସେ ମଧ୍ୟ ହେଡ୍‌ମିଷ୍ଟ୍ରେସଙ୍କ କଥାରେ ପାଟି ଫିଟାଏନି। ନିରବତା ଯେ ଅନୈତିକତାର ପ୍ରଧାନ ଉପାସକ ଏ ବିଷୟରେ ମୋର ଧାରଣା ବରାବର ଅପରିବର୍ତ୍ତିତ।

ସେ ଦିନ ହେଲା ସ୍କୁଲରେ ସରସ୍ୱତୀ ପୂଜା। ପୂଜାରେ କାମ ଥିଲା ମୋର ବେଶୀ। ଭୋଜିର ଦାୟିତ୍ୱ ଥିଲା ଅନୁରାଧା ଉପରେ। ପୂଜାର କାମ ଶେଷ ହେଲାବେଳକୁ ମୁଁ ଯେତେବେଳେ ବାହାରକୁ ଆସିଲି ଦେଖିଲି ସେ ଝିଅଟି। ମୁଁ କୋଉ କାମରେ ବାହାରକୁ ଆସିଥିଲି ତାକୁ ଦେଖିଲା ପରେ ସେ କଥା ଭୁଲିଗଲି। ଏକପ୍ରକାର ଝପଟି ଗଲି ତା ପାଖକୁ।

ଆରେ ତୁ କେତେବେଳୁ ଏଠି ? ମୁଁ ତା' ହାତଧରି ଭିତରକୁ ଟାଣିଲି। ଆ, ଭିତରକୁ ଆ, ଭୋଗ ଖାଇବୁ।

ସେ ବାଧବାଧକତାରେ ଆସିଲା ପରି ମନେହେଲା। ସେ ଖାଲି ଅନ୍ୟ ଝିଅମାନଙ୍କୁ ଦେଖୁଥାଏ। ମୁଁ ଦେଖିଲି ଅନ୍ୟପିଲାଙ୍କ ପୋଷାକପତ୍ର ଓ ଖୁସି ମନୋଭାବ ତାକୁ ସଙ୍କୋଚିତ କରିଦେଉଚି। ତା' ମନକୁ ବଦଳେଇବା ପାଇଁ ମୁଁ ଯାଡୁ ସିଆଡୁ କଥା କହିବାକୁ ଆରମ୍ଭ କଲି।

ତୋର ତ ଏଠି ଚିହ୍ନା ପରିଚୟ ଭିତରେ କେହି ନାହିଁ, ନା ?

ବଡ଼ କଷ୍ଟରେ କହିଲା ଅଛି ଜଣେ। କିନ୍ତୁ ମୋତେ ସେ ନ ଚିହ୍ନିଲା ପରି ଦେଖୁଚି।

କିଏ କହିଲୁ। ମୋତେ ଦେଖେଇ ଦେଲୁ।

ହେଇ ସେଠି ଠିଆ ହେଇଚି। ନାଲି ଜାମା, ନାଲି ଚୁନ୍ନି ପିନ୍ଧିଚି। ସେ ଠାରି ଦେଲା। ଓହୋ ବୈଜୟନ୍ତୀ। ଏଠି କ୍ଲାସ୍ ଫାଇଭ୍‌ରେ ପଢ଼େ। ସିଏ ତୋ ସାଙ୍ଗ ?

ମୋ ସାଙ୍ଗ ନୁହେଁ। ତା' ବାପାର ମଟର ସାଇକେଲ ଅଛି।

Digitized by srujanika@gmail.com

ମୋର ମନେ ପଡ଼ିଲା । ମୁଁ କେତେଥର ଦେଖିଚି ଜଣେ ସମ୍ଭ୍ରାନ୍ତ ଯୁବକ ବୈଜୟନ୍ତୀକୁ ଆଣି ସ୍କୁଲ ଗେଟ୍ ପାଖରେ ଛାଡ଼ିଦେଇ ଯାଆନ୍ତି । ତାଙ୍କ ବେଶପୋଷାକରୁ ତାଙ୍କ ଆଭିଜାତ୍ୟ ଜଣାପଡ଼େ ।

ଆଚ୍ଛା ତୋ ନାଁ କଅଣ କହିଲୁ ? ମୁଁ ଏ ଯାଏ ଜାଣିନି ।

ହେମ । ହେମଲତା ।

ଆମେ ସେତେବେଳକୁ ପୂଜା ହଲ୍ ପାଖରେ ପହଞ୍ଚି ଯାଇଥିଲୁଁ । ସେଠି ସେତେବେଳେ ବହୁତ ପିଲା ଜମା ହେଇଥିଲେ । ମୋତେ ଦେଖି ପିଲାମାନେ ଆଡ଼େଇ ଗଲେ । କିନ୍ତୁ ଲକ୍ଷ୍ୟ କଲି ସମସ୍ତଙ୍କ ଉତ୍ସୁକୀ ଆଖି ହେମ ଉପରେ । ମୁଁ ତା' ହାତ ଧରି ଟାଣି ନେଇଯାଉଥିଲାବେଳେ ତା ଆଖି କିନ୍ତୁ ଥିଲା ତଳକୁ । ମୋଟେ କାହାକୁ ଦେଖୁ ନଥିଲା ।

ମୁଁ ପୂଜା ପାଖକୁ ଯାଇ ତା'ପାଇଁ ପ୍ରଥମେ ଫୁଲ ଆଣିଦେଲି । ତାପରେ ଗୋଟିଏ ପ୍ଲେଟରେ ପ୍ଲେଟ୍ ଭର୍ତ୍ତି ଭୋଗଦେଲି ।

ଏଇଠି ଖାଇ ଦେ ।

ଫୁଲଟାକୁ ମୁଣ୍ଡରେ ଛୁଇଁ ସେ କାନରେ ମାରିଲା ଓ ତାପରେ ଭୋଗ ଖାଇବାକୁ ଆରମ୍ଭ କଲା । ଏତିକିବେଳେ ମୁଁ ଦେଖିଲି ଭିଡ଼ ଭିତରୁ ବୈଜୟନ୍ତୀ ବାହାରି ଅନ୍ୟ ଆଡ଼େ ଚାଲିଗଲା । ମୁଁ ହେମ କାନ ପାଖରେ କହିଲି, ତାକୁ ଡାକିବି କି ?

କେମିତି ଗୋଟାଏ ଓଦା ଓଦା ଆଖିରେ ସେ ମୋତେ ଅନେଇଲା । ତା'ପରେ ମନା କଲା ।

ମୁଁ ତା ମନ କଥା ବୁଝିପାରିଲି । ଘରେ ଯୋଉ ଶିକ୍ଷା ବୈଜୟନ୍ତୀ ପାଇଚି ସେ ସେଥିରେ ଅଭ୍ୟସ୍ତ । ବ୍ୟବଧାନର ପକ୍କା କାନ୍ଥ ଆମେ ତ ତିଆରି କରିଛୁଁ । ତାକୁ ଭାଙ୍ଗିବ କିଏ ? ମାତୃତ୍ୱର ଦୟାର୍ଦ୍ର ହୃଦୟ ମୋ ଭିତରେ କେମିତି କେଜାଣି ବିଳପି ଉଠିଲା । ମୋର ସସ୍ମିତା କଥା ଏତେବେଳେ ମନେପଡ଼ିଲା । ସେ ଏବେ ଏକୁଟିଆ ଥିବ । ଆଉ ଏଠି ସମସ୍ତେ ଆଉ ମଧ ହେମ ଏକୁଟିଆ ।

ମୁଁ ତା ହାତଧରି ବାହାରକୁ ନେଇଆସିଲି । ତା' କାନ୍ଧରେ ହାତ ରଖି ଲନ ଉପରେ ଚାଲୁ ଚାଲୁ ମୁଁ ତାକୁ ଗୋଟାଏ ଆତ୍ମୀୟତାର ସ୍ପର୍ଶ ଦେବାକୁ ଚାହୁଁଥିଲି । ଦେଖିଲି ତାର ସାଙ୍ଗସାଥି କେହି ନଥିଲେ ମଧ ଯେମିତି ସେ ଭାବୁଚି ଅନେକ ଅଛନ୍ତି ବୋଲି । ବୋଧହୁଏ ତା' ମନର ପଛୁଆପଣ ସାମାନ୍ୟ ଟିକିଏ ଅପସରି ଗଲା ।

Digitized by srujanika@gmail.com

ତୋର ପାଠପଢ଼ା କଥା କଅଣ ହେଲା ? ହଠାତ୍ ପଚାରିଦେଲି । ତାର ଉତ୍ତରଟା ମୋତେ ଅଡୁଆରେ ପକାଇବ ଭାବି ଟିକିଏ ଶଙ୍କିଗଲି ।

ବ୍ୟବସ୍ଥା କରିବ ପରା ? ଗୋଟାଏ ହାଲୁକା ମନରେ ସେ କହିଲା । ମୋତେ ଲାଗିଲା ସେ ଯେମିତି ବନ୍ଧୁମାତ୍ରାରେ ମୋ ଉପରେ ନିର୍ଭର କରୁଚି ।

ତୋ ବାପା ଘରେ ଅଛନ୍ତି ?

ଅଛନ୍ତି । ସେ ଦିନଯାକ ଠାକୁର ପୂଜା କରନ୍ତି ।

ଦିନଯାକ ? ମାନେ ?

ସବୁ ଘରକୁ ଯାଇ ପୂଜା କରନ୍ତି, ମାର୍କେଟ ଆଉ ଦୋକାନରେ ବି ଫୁଲ ଚଢ଼ାନ୍ତି । ସକାଳୁ ଯାଇ ଦିନ ୩ଟାରେ ଆସନ୍ତି ।

ଘରେ ଆଉ କିଏ ? ମୁଁ ପଚାରିଲି ।

ମାଆ । ତାର ଆଣ୍ଠୁ ଗଣ୍ଠି ବାତ । ବଡ଼ କଷ୍ଟରେ ଭାତ ରାନ୍ଧେ ।

ମୋ ମନ ଭିତରେ ମନକୁ ମନ ଉଚ୍ଚାରି ଆସିଲା । ହେ ପ୍ରଭୋ ! ଯୋଉ ଲୋକ ତୁମ ପୂଜାରେ ଦିନଯାକ ବ୍ୟସ୍ତ, ତାର ଚୁଲି ମଧ୍ୟ ଦିନକୁ ଥରେ ଜଳୁନି । କୋଉଠି ରଖିଚ ହେ ତମ ବଡ଼ପଣ ?

ମୁଁ ଆଉ ଅଧିକ କିଛି ପଚାରିବାକୁ ସାହସ କଲିନି । ଆଉ କିଛି ଭୟଙ୍କର ଉତ୍ତର ଯଦି ଆସେ ? କିନ୍ତୁ ତା ମନରେ ଗୋଟାଏ ନିଶ୍ଚିତ ଭରସା ଦେଇ ମୁଁ ତା'ଠୁ ବିଦାୟ ନେବାକୁ ଚାହୁଁଥିଲି । ତା'ଛଡ଼ା ମୋର ମଧ୍ୟ ଘରକୁ ଯିବାବେଳ ହେଇଯାଉଥିଲା ।

ତୋ ପାଠପଢ଼ା କଥା ତୋ ବାପା କଅଣ କହନ୍ତି ?

କହନ୍ତି, ଘରେ ପାଠ ପଢୁନୁ ? ସନ୍ଧ୍ୟାବେଳେ ମୁଁ ତୋତେ ପଢ଼େଇ ଦେବି । ସେ କହିଲା ।

ହଉ, ତୁ ଗୋଟେ କାମ କର । କେତେବେଳେ ସୁବିଧା ଦେଖି ତୋ ବାବାକୁ ମୋ ପାଖକୁ ଥରେ ନେଇ ଆସିବୁ । ମୁଁ ଡାକିଚି ବୋଲି କହିବୁ । ତୁ ତୋର ପଢ଼ା କଥା ତାଙ୍କୁ କିଛି କହିବୁନି । ବୁଝିଲୁ ।

ତା ପିଠି ଥାପୁଡ଼େଇ କହିଲି, ତୁ ଏଇଠି ପଢ଼ିବୁ, ହେଲା ?

କିଛିଦିନ ପରେ ଯେତେବେଳେ ଆଡ଼ମିଶନ ସମୟ ଆସିଲା ମୁଁ ଥରେ ହେଡ଼ମିଷ୍ଟ୍ରେସଙ୍କୁ ହେମଲତା କଥା କହିଲି । ସେ ସବୁ କଥା ଶୁଣିଲେ । ଯଦିଓ ସେ ଝିଅଟି

Digitized by srujanika@gmail.com

ପ୍ରତି ସମ୍ବେଦନଶୀଳ ଥିଲେ ତଥାପି କହିଲେ ସ୍କୁଲର କେତୋଟି ନିୟମ ଅବଶ୍ୟ ମାନିବାକୁ ପଡ଼ିବ। ପ୍ରଥମ କଥା ତା'ର ବୟସ ତୁଳନାରେ ତାକୁ ପ୍ରଥମ ଶ୍ରେଣୀରେ ନେଇ ହେବନାହିଁ। ଦ୍ୱିତୀୟରେ ତାର ଅନ୍ୟ କୌଣସି ସ୍କୁଲରେ ପଢ଼ିଥିବାର ସାର୍ଟିଫିକେଟ୍ ମଧ୍ୟ ନାହିଁ। ତାର ଜନ୍ମ ସାର୍ଟିଫିକେଟ୍ ମଧ୍ୟ ନାହିଁ ବୋଲି ଆପଣ କହୁଚନ୍ତି। କୌଣସି ଗୋଟାଏ ପଞ୍ଚାୟତରୁ ଧରାଧରି କରି ଆଣିହେବ ? ସେ ମୋତେ ପଚାରିଲେ।

କଥାଟା ଏତେ ସହଜ ନୁହେଁ ବୋଲି ମୋର ଧାରଣା ହେଲା। ହେମର ବାପା ନିଜ ଗାଁ କି ଆଖପାଖ ଗାଁରୁ ଏ ପ୍ରକାର ସାର୍ଟିଫିକେଟ୍‌ଟିଏ ଯୋଗାଡ଼ କରି ଆଣିପାରିବ ଏ ବିଷୟରେ ମୋର ସନ୍ଦେହ ହେଲା। ମୋତେ ଦୋ ଦୋ ପାଞ୍ଚ ହେବାର ଦେଖି ସେ କହିଲେ ତମେ ଟିକିଏ ଇନ୍‌ସପେକ୍ଟରଙ୍କୁ ଯାଇ ଦେଖାକର। ସେଠି ଆମକୁ କିଛି ସାହାଯ୍ୟ ମିଳିଲେ ଆମ ପାଇଁ କଥାଟା ସରଳ ହେଇଯିବ। ସେ ଯଦି ନିୟମକୁ କୋହଳ କରିଦେବେ...

ଏଥିରେ ମଧ୍ୟ ମୋର ସନ୍ଦେହ ଥିଲା। ତଥାପି ଥରେ ଇନିସ୍‌ପେକ୍ଟରଙ୍କୁ ଦେଖାକରିବି ସ୍ଥିର କରି ଗୋଟାଏ ଦିନ ଛୁଟି ନେଲି।

ଇନ୍‌ସପେକ୍ଟର କଲେଜରେ ଥିଲେ ମୋର ଦୁଇ ବର୍ଷ ସିନିଅର୍। ସେଇ ଦୃଷ୍ଟିରୁ ତାଙ୍କ ସହିତ ଏକପ୍ରକାର ବନ୍ଧୁତ୍ୱପୂର୍ଣ୍ଣ ସଂପର୍କ ଥିଲା। ଏ କଥାରେ ସେ ମୋତେ ସାହାଯ୍ୟ କରିବେ ବୋଲି ଭାବୁଥିଲି। କିନ୍ତୁ ସେ ଯେମିତି ଚୋପାଛଡ଼ା ଲୋକ କେତେ ପରିମାଣରେ ରାସ୍ତା ବାହାରକୁ ଆସିବେ ସେଇ କଥା ହିଁ ଭାବୁଥିଲି। କେତେକ କ୍ଷେତ୍ରରେ ନିୟମ କୋହଳ କରିବା କ୍ଷମତା ଅବଶ୍ୟ ତାଙ୍କର ଅଛି, କିନ୍ତୁ...। ମୁଁ ଚିନ୍ତାରେ ପଡ଼ିଗଲି।

ଆଉ ଯଦି ସେ ମନା କରନ୍ତି ? ତା'ପରେ ?

ହେମର ଶୁଖିଲା ମୁହଁ ମୋ ଆଖିରେ ଭାସିଉଠିଲା। ମୁଁ ତାକୁ ମୁହଁ ଖୋଲି କହିପାରିବି ଏ କଥା ? ପରେ ମୁଁ ତାକୁ ମୁହଁ ଦେଖେଇ ପାରିବି ?

ମୋ ଭିତରେ ଜ୍ୱଳନଟିଏ ସୃଷ୍ଟି ହେଲା। କି ଆଇନ ଇଏ, ଯୋଉଠି ବାସ୍ତବତା ହାର୍ ମାନିଯାଏ ? କି ଆଇନ ଇଏ ଯୋଉଠି ସମାଜର ଗତି ଅଟକିଯାଏ ? ଅଟକିଯାଏ ସତ୍ୟର ଅଗ୍ରଗତି ?

ସେଦିନ ଇନିସ୍‌ପେକ୍ଟର ଅଫିସରେ ପହଞ୍ଚିଲାବେଳକୁ ଦିନ ୧୧ଟା। ସେତେବେଳକୁ ମଧ୍ୟ ସେ ଅଫିସକୁ ଆସି ନଥାଆନ୍ତି। ମୋତେ ବାଧ୍ୟ ହେଇ ଅପେକ୍ଷା କରିବାକୁ ହେଲା। ସେ କୁଆଡ଼େ ଏମ୍.ଏଲ୍.ଏଙ୍କ ସହିତ ଦେଖା କରିବାକୁ ଯାଇଥିଲେ। ଏମିତି ପ୍ରାୟ ତାଙ୍କୁ ଯିବାକୁ ପଡ଼େ। ସେ ସେଠୁ ଆସିଲେ ବେଳେବେଳେ ଟ୍ରାନ୍ସଫର

Digitized by srujanika@gmail.com

ଅର୍ଡର ବାହାରେ କିମ୍ବା ବାତିଲ ଅର୍ଡର ବାହାରେ। ଏକଥା ଆମେ ସବୁ ଜାଣୁଁ। କିନ୍ତୁ ସେଦିନ ମୁଁ ନିଜେ ଦେଖିଲି।

ମୁଁ ଯେତେବେଳେ ମୋ କଥା ପକେଇଲି ସେ ଟିକିଏ ଭାବିଲେ ତାପରେ କହିଲେ ଏଇଟା କାହିଁକି ହେଇପାରିବନି ? ତେବେ କିଛି ରିସ୍କ ତମମାନଙ୍କୁ ମଧ୍ୟ ନେବାକୁ ହେବ। ଆଛା ସେ ବି.ପି.ଏଲ୍ ତାଲିକାରେ ଅଛି କି ?

ତାଲିକାରେ ଅବଶ୍ୟ ନାହିଁ। କିନ୍ତୁ ବି.ପି.ଏଲ୍‌ରେ ନିଶ୍ଚୟ। ମୁଁ କହିଲି।

ତାପରେ ସେ ସମାଧାନର ସରଳ ସୂତ୍ରଟିଏ ବତାଇଦେଲେ। କହିଲେ, ତମ ହେଡ୍‌ମିଷ୍ଟ୍ରେସ୍ ଯଦି ତା'ପାଇଁ ଗୋଟେ ପରୀକ୍ଷା କରି ରେଜଲ୍ଟ ମୋ ପାଖକୁ ପଠେଇବେ ତେବେ ମୁଁ ତା'ପାଇଁ ଚେଷ୍ଟା କରିବି।

ମୋର ଆଉ ଚିନ୍ତା କରିବାର କିଛି ନଥିଲା। ମନେ ମନେ ମୁଁ ତାଙ୍କୁ ଅଶେଷ ଧନ୍ୟବାଦ ଦେଇ ପକେଇଲି।

ସେଦିନ ମୁଁ ସ୍ଥିର କଲି ସ୍କୁଲ ଛୁଟି ପରେ ହେମଲତା ଘରକୁ ଯାଇ ତା' ବାପକୁ ଆଡ଼ମିଶନ କଥା କହିବି। ଯେମିତି ହେଲେ ତାକୁ ବୁଝେଇବାକୁ ପଡ଼ିବ।

ଖୋଜାଖୋଜି ପରେ ମୁଁ ଯେତେବେଳେ ତା' ଘରେ ଯାଇ ପହଞ୍ଚିଲି। ଦେଖିଲି ଗୋଟାଏ ପଟା ରିକ୍ସାରେ କିଛି ଜିନିଷପତ୍ର ଅଛି ଏବଂ ହେମଲତା, ତାର ବାପ ମାଆ ସହିତ ବସିଚି। ମୋତେ ଦେଖିଲାମାତ୍ରେ ସେ ରିକ୍ସାରୁ ଡ଼େଇଁପଡ଼ିଲା। ମୋ ପାଖକୁ ଆସି ମୋ ପାଦ ଛୁଇଁଲା। କହିଲା, ଆମେ ସବୁ ଗାଁକୁ ଚାଲିଯାଉଚୁ। ବାପା କହିଲେ ଏଠି ସହରରେ ଠାକୁରପୂଜା କରି ଚଳି ହେବନି। ଯା ହେଉ ତୁମ ସହିତ ଦେଖା ହେଇଗଲା।

ତା ଗଳା ଥରି ଉଠିଲା। ଆଖି ଛଳ ଛଳ। ହୁଏତ ଅନେକ କଷ୍ଟରେ କୋହକୁ ଚାପି ରଖୁଚି। ମୁଁ ହତବାକ୍ ହେଇଗଲି। ଏମିତି ଗୋଟାଏ ପରିସ୍ଥିତିର ସମ୍ମୁଖୀନ ହେବି ବୋଲି ଆଶା କରି ନଥିଲି।

ରିକ୍ସା ଚାଲିବାକୁ ଆରମ୍ଭ କଲା। ହେମ ଗୋଡ଼ ତଳକୁ ଲମ୍ବେଇ ବସିଥିଲା ଏବଂ ଆଖିରୁ ଲୁହ ପୋଛୁଥିଲା, ଥରେ ନୁହେଁ ବାରମ୍ବାର।

❑❑

Digitized by srujanika@gmail.com

କାଉଣ୍ଟାରଫିଟ୍

ଉର୍ବଶୀ ଯୋଉ ଦିନ ସକାଳୁ ଡ୍ରାଇଭରକୁ ଡାକି କହନ୍ତି ଗାଡି ବାହାର କରିବାକୁ ସେଦିନ ବୁଝିହେଇଯାଏ ସେ ଯିବେ ସୁପରବଜାରକୁ ସପିଂ ପାଇଁ କିମ୍ବା ହାଟକୁ ଯିବେ ପରିବା ଆଣିବା ପାଇଁ। ସୁପରବଜାର ଦିନ ୧୦ଟାରେ ଖୋଲିବା କଥା ସମସ୍ତେ ଜାଣନ୍ତି। ତଥାପି ତାଙ୍କ ଗାଡି ବାହାରେ ସକାଳ ଆଠଟାରେ। ଡ୍ରାଇଭର ତାକୁ ବାହାରକୁ ଆଣି ଉଦାକନାରେ ଥରେ ଓ ଶୁଖିଲା କନାରେ ଥରେ ଭଲ ଭାବରେ ପୋଛି ଭିତରେ ପରଫିଉମ ସ୍ପ୍ରେ କରି ଏ.ସି. ଚଳେଇ ରଖିଦିଏ। ଉର୍ବଶୀ ଯେତେବେଳେ ବି ବାହାରକୁ ଯାଆନ୍ତି ସାଙ୍ଗରେ ଯାଏ 'ପ୍ରିନ୍ସ' ଏବଂ ପ୍ରିନ୍ସକୁ ଧରିବା ପାଇଁ ଯାଏ ଶ୍ରୀମତୀ। ଶ୍ରୀମତୀ ଯେମିତି ଇଂରେଜୀ କହେ ଓ ବୁଝେ, ପ୍ରିନ୍ସ ବି ସେମିତି ଇଂରାଜୀ ବୁଝେ। ବେଳେବେଳେ କୁଁ କୁଁ କହିପାରେ ମଧ୍ୟ। ମେଡମଙ୍କ ଗାଡ଼ି ବାହାରକୁ ବାହାରିଲେ ଘରର ଏଇ ତିନିଜଣ ମଧ୍ୟ ସମୟର ଯଥେଷ୍ଟ ପୂର୍ବରୁ ଯିବା ପାଇଁ ପ୍ରସ୍ତୁତ ହୁଅନ୍ତି। ଡ୍ରାଇଭର ରତନ ସିଂ, ଶ୍ରୀମତୀ ଓ ପ୍ରିନ୍ସ। ରତନ ସିଂ ଯେମିତି ଚଟାପଟ୍ ଗାଧୁଆ ସାରି ଗାଡିର କାମ ସାରିଦିଏ, ଶ୍ରୀମତୀ ସେମିତି ତାର ନିତ୍ୟକର୍ମ ସାରି ପ୍ରିନ୍ସର ସ୍ୱତନ୍ତ୍ର ମେଟ୍ ନେଇ କାର୍‌ରେ ରଖେ। ପ୍ରିନ୍ସ କାର୍‌ରେ ଉଠିଲେ ଏଇ ସ୍ୱତନ୍ତ୍ର ମୁଲାୟମ ମେଟ୍‌ରେ ବସିଥାଏ। ପ୍ରକାଶ ଥାଉକି ମେଟ୍‌ଟା ମେଡମଙ୍କ ବସିବା ଜାଗା ପାଖରେ ପଡେ ଯେମିତି ମେଡମ ବସିଲା ମାତ୍ରେ ପ୍ରିନ୍ସର କାନ୍ଧ ଉପରେ ହାତ ରଖିପାରନ୍ତି। ମେଡମ ସୁପରବଜାରରେ ବୁଲିଲାବେଳେ ଶ୍ରୀମତୀ ମଧ୍ୟ ପ୍ରିନ୍ସର ଚେନ୍‌କୁ ଧରି ପଛେ ପଛେ ଚାଲେ। ଏ ଦୃଶ୍ୟ ମଧ୍ୟ ଦେଖିବାର କଥା। ପ୍ରିନ୍ସ କେବେବି ଏପାଖ ସେପାଖ ହୁଏନା। ଶ୍ରୀମତୀ ସହିତ ସେ ଠିକ୍ ମେଡମଙ୍କ ପଛେ ପଛେ ଚାଲେ। ଏ ସବୁର ବ୍ୟତିକ୍ରମ ମୋଟେ ଦେଖିବାକୁ ମିଳେନା।

ଠିକ୍ ସେଇ ଅବସ୍ଥା ମଧ୍ୟ ହାଟରେ ପରିବା କିଣିଲାବେଳେ। ପ୍ରିନ୍ସ କାହାକୁ ମୁହଁ ଟେକି ଦେଖେନା।

Digitized by srujanika@gmail.com

ଦିନ ଆଠଟା ବେଳକୁ ଗାଡ଼ି ପୋର୍ଟିକୋକୁ ଆସେ କିନ୍ତୁ ଉର୍ବଶୀ ଗାଡ଼ିକୁ ଆସିବାର ଠିକ ପାଞ୍ଚ ଦଶ ମିନିଟ୍ ପୂର୍ବରୁ ଶ୍ରୀମତୀ ପ୍ରିନ୍ସକୁ ଧରି ଆସି ଗାଡ଼ି ପାଖରେ ଠିଆ ହୁଏ। ଟ୍ରେନିଂ ଅନୁସାରେ ଶ୍ରୀମତୀ ଓ ପ୍ରିନ୍ସ ଗାଡ଼ିର ଗୋଟିଏ ପଟେ ଠିଆ ହେବାବେଳେ ଡ୍ରାଇଭର ରତନ ସିଂ ତାର ବିପରୀତ ଦିଗରେ ଠିଆ ହୁଏ। ଉର୍ବଶୀ ଆସି ବସିବାମାତ୍ରେ ଅନ୍ୟ ସବୁ କାମ ଅଟୋମେଟିକ୍ ହେଇଯାଏ। ତାଙ୍କର ଗୋଟିଏ ହାତ ସେଥିରେ ମୋବାଇଲ ଥାଉ କି ନଥାଉ, ପ୍ରିନ୍ସ ଉପରେ ରହିବ ହିଁ ରହିବ।

ଉର୍ବଶୀଙ୍କ ଗାଡ଼ିରେ ଥାଏ ପ୍ରଚୁର ମେଗାଜିନ। ଓଡ଼ିଆ ନୁହେଁ। ବରଂ ସବୁଯାକ ଇଂରାଜୀ। କଦବା କେତେବେଳେ ସେ ଗାଡ଼ିରେ ବସିଥିଲାବେଳେ ଏବଂ ଗାଡ଼ି ଅଟକିଥିଲାବେଳେ ବସି ସମୟ ନଷ୍ଟ କରନ୍ତି ନାହିଁ।

ହାଟର ଦୋକାନୀମାନେ ଉର୍ବଶୀଙ୍କର ଏସବୁ ଆଦବକାଇଦା ସହିତ ପ୍ରାୟ ଅଭ୍ୟସ୍ତ। ସେମାନେ ମେଡମଙ୍କୁ ପ୍ରାୟରିଟି ଦେଇ ତାଙ୍କ କାମ ଆଗେ ସାରି ଦିଅନ୍ତି। ଭଲ ଭଲ ଜିନିଷ ବାଛିବାରେ ତାଙ୍କୁ କିମ୍ବା ତାଙ୍କ ଶ୍ରୀମତୀକୁ ସାହାଯ୍ୟ କରି ଅନ୍ୟ ଗରାଖଙ୍କୁ ପଛକୁ ପକେଇ, ଓଜନ କରି ବେଗରେ ଭର୍ତ୍ତି କରିଦିଅନ୍ତି। ମେଡମ ମୋଟେ ଦରଦାମ ପାଇଁ ବ୍ୟସ୍ତ ନୁହଁନ୍ତି। ଜିନିଷ ଯଦି ଭଲ ଓ ଟଟକା ତେବେ ଭାବିବାର କିଛି ନଥାଏ। ଥରେ ଏମିତି ହେଇଥିଲା, ଭଲ ଓ ଟଟକା ବାଇଗଣ ଦେଖି ସେ କିଲେ ଓଜନ କରି ନେଲାବେଳକୁ ଆଉ ଜଣେ ଭଦ୍ର ମହିଳା କହିଲେ ମେଡମ ସେଗୁଡ଼ାକ ପରା ବିଟି ବାଇଗଣ। ଆପଣ ତାକୁ ନେଉଛନ୍ତି ଯେ? ତା ବିଷୟରେ ଖବରକାଗଜରେ ପରା ଦୈନିକ ବାହାରୁଚି।

ଉର୍ବଶୀ ତାଙ୍କୁ ଅନେଇଲେ। ତାପରେ କହିଲେ ମୁଁ ସେ କଥା ଜାଣିନାହିଁ, ନା ମୁଁ ଖବରକାଗଜ ପଢ଼େ ନାହିଁ ବୋଲି ଭାବିଲେ? ଏବେ ଆସନ୍ତୁ ମୋ ଗାଡ଼ିରେ କେତେ ମେଗାଜିନ ପଡିଚି ଦେଖିବେ।

ଭଦ୍ର ମହିଳା ମୁହଁ ତଳକୁ କଲେ।

ଆପଣ ବିଟି ବାଇଗଣର ଗୋଟିଏ ଅଂଶକୁ ଦେଖୁଛନ୍ତି। ଚନ୍ଦ୍ରର ଗୋଟିଏ ପାଖ ଦେଖିବା ପରି। ସେ ପୁଣି ଥରେ ତାଙ୍କୁ କହିଲେ।

ଏକଥା ସରିଲା ବେଳକୁ ଲୋକ ଧାଡ଼ିବାନ୍ଧି ଦେଲେ ବାଇଗଣ ପାଖରେ। ଦୀର୍ଘ ସମୟ ଧରି ବିକ୍ରି କରିପାରୁନଥିବା ବିଚାରୀ ଆଦିବାସୀ ପିଲାଟି ଏଥର ଟିକିଏ ସାହାସ ପାଇଲା। ତାର ବିରାଟ ପଚିଶ କେଜିଆ ଦୁଇଟା ବାଇଗଣ ଝୁଡି ଚାରିପାଖରେ ଏତେ ଲୋକ ଘେରିଗଲେ ଯେ ପିଲାଟି ଖାଲି ମେଡମଙ୍କ ପାଖରେ କୃତକୃତ୍ୟ ହେଇ ପଡିଲା ତା ନୁହେଁ ସୁବିଧା ସୁଯୋଗ ପାଇଥିଲେ ସେ ତାଙ୍କ ଗୋଡ ତଳେ ମୁଣ୍ଡିଆଟିଏ ମଧ ମାରିଦେଇ ଥାଆନ୍ତା।

Digitized by srujanika@gmail.com

ମେଡମଙ୍କୁ ସାପୋର୍ଟ କରିବାକୁ ଲୋକବି ବାହାରି ପଡ଼ିଲେ। ଏପରି ଜଣେ ସୁନ୍ଦରୀ (ଯଥାର୍ଥ ଭାବରେ) ନାରୀ ସହିତ କଥାପଦେ ହେବାକୁ ସମସ୍ତେ ସୁଯୋଗ ଖୋଜନ୍ତି। ଥରେ କଥା ହେଇଥିଲେ ଭବିଷ୍ୟତରେ କେତେଥର କଥା ହେଇ ହେବ। ଅନ୍ୟମାନେ ମଧ୍ୟ ଜାଣିବେ ଯେ ଏ ଭଦ୍ରଲୋକ ଏତେ ଏଡ ଜଣେ ନାମୀଦାମୀ ମହିଳାଙ୍କର ଅତି 'କ୍ଲୋଜ୍'। ଏଇଟା କମ୍ କଥା ନୁହେଁ। ଏହିପରି ଜଣେ ଭଦ୍ରଲୋକ ମେଡମଙ୍କ ପାଖକୁ ଲାଗି ଆସି କହିଲେ, ଯିଏ ଯାହା କହୁନା କାହିଁକି ମୁଁ ୟାକୁ ବରାବର ନିଏଁ, ପଚାରୁ ନାହାନ୍ତି ଏ ପିଲାକୁ। ଏ ବାଇଗଣ ପୋଡିଲେ ଯାହା, ଭାଜିଲେ ସେଇଆ। ଦହି କଡମା କଲେ ସେଇଆ। ଅତୁଳନୀୟ ତାର ଟେଷ୍ଟ। ମୁଁ ପ୍ରାୟ ୧୫ ବର୍ଷ ହେଲା ୟାକୁଇ ନେଇଥାଏଁ।

୧୫ ବର୍ଷ ହେଲା ? ଆଉ ଜଣେ ପଚାରିଲେ ବାଇଗଣ ବାଛୁ ବାଛୁ। ସେ କହିଲେ ଏ ମହଙ୍ଗା ଯୁଗରେ ଯାହା ଶସ୍ତା ସୁନ୍ଦର ତାର ଆଦର ବେଶୀ ହେବା କଥା।

ଆସ୍ତେ ଆସ୍ତେ ଭିଡ଼ ବଢ଼ିଲା। ପିଲାଟିର ହାତ ଚଞ୍ଚଳ, ମନ ମଧ୍ୟ ଚଞ୍ଚଳ। ବୋଧେ ଭରସା ପାଇଲା ଯେ ତା ମାଲ ବିରୋଧରେ ଯିଏ ଯେତେ କହିଲେ ମଧ୍ୟ ତାର ଗ୍ରାହକ ଅଛନ୍ତି। ସେଗୁଡ଼ିକ ଅବିକ୍ରି ରହିବ ନାହିଁ। ମେଡମ ଇତି ମଧ୍ୟରେ, ସେ ଦେଖିଲା, ଏ ଧାଡ଼ିରୁ ଯାଇ ଆଉ ଏକ ଲାଇନରେ ପହଞ୍ଚିଲେଣି। ଝିଅଟି ସେ ଭାରୀ ବେଗ୍‌ଟି ଧରି ସିଧା ହେଇ ଚାଲିପାରୁନି।

ସେଦିନ ମେଡମଙ୍କର ଘରୁ ବାହାରିବାରେ ଡେରି ହେଲା। ଅନେକ ଡେରି ହେଲା। ଅର୍ଥାତ୍ ୧୦ଟାରେ ବାହାରିବାର କଥା କିନ୍ତୁ ବାହାରିଲେ ୧୨ଟାରେ। ହାଟ ଯେ ଦିନ ୩ଟା ପୂର୍ବରୁ ସରେ ନାହିଁ ଏକଥା ସମସ୍ତେ ଜାଣନ୍ତି। କିନ୍ତୁ ଭଲ ଭଲ ଫ୍ରେସ୍ ପରିବା ୧୨ଟା ଭିତରେ ହିଁ ମିଳିଥାଏ। ମେଡମ ଏକଥା ଜାଣିବା ସତ୍ତ୍ୱେ ଡେରି ହେଲା। ଡେରି ହେବାର କାରଣ ହେଲା ଗାଧୋଇଲା ପରେ ସେ ଘଣ୍ଟାଏ ଧରି ପୂଜା କରନ୍ତି। ପୂଜା କର୍ମ ସରିଲା ପରେ ସେ ଯଦି ବାହାରକୁ ଯାଆନ୍ତି ତେବେ ସଂଗେ ସଂଗେ ମେକ୍‌ଅପ୍ ନିଅନ୍ତି। ମେକ୍‌ଅପ୍ ରୁମ୍ ତ ନୁହେଁ ତାକୁ ଗୋଟାଏ ସ୍ପେଶାଲ୍ କ୍ଲାସ 'ପାର୍ଲର' କହିହେବ। ତା ଭିତରେ ମେକ୍‌ଅପ୍‌ର ସବୁ ଜିନିଷ ଅଛି। ଦୁଇବର୍ଷ ତଳେ ସେ ଜଣେ ବମ୍ବେ ଟ୍ରେନର ଠାରୁ ମେକ୍‌ଅପ୍‌ର ଟ୍ରେନିଂ ନେଇଥିଲେ। ସେ ଟ୍ରେନିଂକୁ ଚଣ୍ଡିଗଡର କୋଉ ଗୋଟାଏ ଇଣ୍ଟରନେସନାଲ ଷ୍ଟାଣ୍ଡାର୍ଡର କଲେଜ ସ୍ୱୀକୃତି ମଧ୍ୟ ଦେଇଚି। ତାଙ୍କ ମତରେ ନାରୀର ରୂପଚର୍ଯ୍ୟା ପ୍ରଥମ ଓ ପ୍ରଧାନ ସଂପତ୍ତି। ଥରେ ଗୋଟାଏ ନାଇଟ କ୍ଲବରେ ଭାଷଣ ଦେଇ ସେ କହିଥିଲେ ଯେ ରୂପଚର୍ଯ୍ୟା ପ୍ରତ୍ୟେକ ସ୍କୁଲ କଲେଜରେ ଗୋଟାଏ ବିଶେଷ ପାଠ୍ୟକ୍ରମ ହିସାବରେ ରହିବା କଥା ଏବଂ ହୋମ ସାଇନ୍ସର ଏହା ଗୋଟିଏ ଅଂଶ ହେବା ଉଚିତ। ଅତ୍ୟାଧୁନିକତା ସହିତ ଏହି ସବୁ ପାଠ୍ୟକ୍ରମ ବାଧ୍ୟତାମୂଳକ ହେବା ଉଚିତ୍। ନାରୀମାନେ

Digitized by srujanika@gmail.com

ଏହାକୁ 'ଜୀବନର କଳା' ହିସାବରେ ଗ୍ରହଣ କଲେ ବିବାହଠାରୁ ପରିବାର ଧର୍ମ ପାଳନ ପର୍ଯ୍ୟନ୍ତ କୌଣସି ଅସୁବିଧା ହେବ ନାହିଁ।

ସେଦିନ ମେଡମ୍‌ଙ୍କର ଡେରି ହେବାର କାରଣ ହେଲା। ତାଙ୍କ ବିଉଟି ପାର୍ଲର କକ୍ଷରେ କରେଣ୍ଟ ନଥିଲା। ଫିଉଜ ଉଡ଼ିଯାଇଥିଲା। ଡ୍ରାଇଭର ଗାଡ଼ି ନେଇ ଜଣେ ଇଲେକ୍ଟ୍ରିସିଆନକୁ ନେଇ ଆସିଲା। ମରାମତି କାମ ସରିବା ପରେ ସେ ତାଙ୍କ କାମ କଲେ।

ଉର୍ବଶୀଙ୍କୁ ନେଇ ଜଣେ ସ୍ୱାମୀ ଭାବରେ ମୋର ଗର୍ବ କରିବାର ଅନେକ ଅଛି। ପ୍ରଥମ କଥା ମୁଁ ତାଙ୍କ କାମରେ କେବେ ହସ୍ତକ୍ଷେପ କରେ ନାହିଁ। ଘରର ସମସ୍ତ ଦାୟିତ୍ୱ ତାଙ୍କର। ବେଙ୍କ୍ ଆକାଉଣ୍ଟ ପରିଚାଳନା ଦାୟିତ୍ୱ ମଧ୍ୟ ତାଙ୍କର। ଏପରିକି ମୋର ଅଧିକାଂଶ ଅଫିସ ବାହାର କାମ ମଧ୍ୟ ସେ ପରିଚାଳନା କରନ୍ତି। ଇନ୍‌କମ୍ ଟାକ୍‌ସ୍ କାମ ଯଦିଓ ସେ କରନ୍ତି ନାହିଁ ତଥାପି ଦରକାର ହେଲେ ମୁଁ ତାଙ୍କୁ ସାଥିରେ ନେଇଯାଏଁ ସରକାରୀ ଅଫିସମାନଙ୍କୁ। ମୁଁ ବହୁବାର ଦେଖିଚି ମୁଁ ଏକୁଟିଆ ଯାଇ ଯୋଉଠି ପାଞ୍ଚହଜାର ଖର୍ଚ୍ଚ କରିଥାଆନ୍ତି, ସେଠି ସେ ଯାଇ ମାତ୍ର ଏକ ହଜାରରେ କାମ ଉଠାଇନିଅନ୍ତି।

ଘରୋଇ ଖର୍ଚ୍ଚରେ ସେ ଆହୁରି ଧୂରନ୍ଧର। ଏସବୁ କାମରେ ସେ ମାପି ମାପି କାମ କରନ୍ତି। ଅର୍ଥନୀତିରେ ଅନର୍ସ ନେଇ ପାଶ କରିଥିବାରୁ ସେ ଏଥିପାଇଁ ଖାଲି ଗର୍ବ କରନ୍ତି ତା ନୁହେଁ ସେ ଦେଖେଇ ଦିଅନ୍ତି ମଧ୍ୟ। ଘରେ ଚାକର ଚାକରାଣୀମାନଙ୍କ ମଧ୍ୟ ଏଥିପାଇଁ ବହୁ ସତର୍କତା ଭିତରେ ଚାଲିବାକୁ ପରାମର୍ଶ ଦିଅନ୍ତି। ଛୁଟି ବେଶୀ ନେଲେ କି ଡେରିରେ ଆସିଲେ ସେମାନଙ୍କ ଦରମା ମଧ୍ୟ କାଟିବାର ଧମକ ଦିଅନ୍ତି। ଏଥିପାଇଁ ବେଳେବେଳେ ମୋତେ ଅସୁବିଧାରେ ପଡ଼ିବାକୁ ହୁଏ। କିନ୍ତୁ ଉପାୟ ନଥାଏ।

ମୁଁ ସବୁବେଳେ ଭାବେଁ ଉର୍ବଶୀ ବୋଧେ ତାଙ୍କ ସମୟର ସର୍ବୋତ୍କୃଷ୍ଟ ନାରୀଟିଏ। ପୁରାଣ ବର୍ଣ୍ଣିତ ଉର୍ବଶୀଠାରୁ ଏ ଉର୍ବଶୀ ଯେ ଆହୁରି ସୁନ୍ଦର ଏଥିରେ କିଛି ସଂଦେହ ନାହିଁ। କିଏ କହିବ ସେ ପଚାଶ ଛୁଇଁଲେଣି ? ଆମ ସ୍ୱାସ୍ଥ୍ୟ ବିଶାରଦମାନେ ପଚାଶକୁ ଆଉ ଆଖି ଆଗରେ ରଖୁନଥିଲା ବେଳେ ସେମାନେ ଯେତେବେଳେ ଉର୍ବଶୀଙ୍କୁ ଦେଖିବେ ସେତେବେଳେ ତାଙ୍କର ସବୁ ମତର୍ଣ୍ଣ ଥିଓରୀ ଭୁଲ ବୋଲି ନିଶ୍ଚୟ ସ୍ୱୀକାର କରିବେ। ମୋ ପାଇଁ ଏଇଟା ଗୋଟାଏ ଗର୍ବର କଥା ଅବଶ୍ୟ। କିଏ ବା ଚାହେଁନା ତା ସ୍ତ୍ରୀଟି ଅପୂର୍ବ ସୁନ୍ଦରୀ ନ ହେଉ ? କିଏ ମଧ୍ୟ ଚାହେଁନାହିଁ ତା ସ୍ତ୍ରୀ ଖାଲି ସୁନ୍ଦରୀ, ସ୍ୱାସ୍ଥ୍ୟବତୀ ହେବା ସହିତ ପ୍ରଚଣ୍ଡ ଚତୁରତାର ଅଧିକାରିଣୀ ହେଇଥାଉ ?

ମୋର ଅନେକ ଦିନ ତଳର କଥା ମନେ ପଡ଼ିଲା। ମୁଁ ସେକଥା କେବେବି ଭୁଲିପାରିବି ନାହିଁ। ମୁଁ ସେତେବେଳେ ମାଡ୍ରାସରେ ଥିଲି। ମୋର ପଡୋଶୀ ମି. ଦେବରାଜ ଓ ତାଙ୍କ ମିସେସ୍‌ଙ୍କ ସହିତ ମୁଁ ଓ ମୋର ପିଲାମାନେ ଯାଇଥିଲୁଁ ସେଣ୍ଟ୍ରାଲ ମାର୍କେଟକୁ।

Digitized by srujanika@gmail.com

ସେଣ୍ଟ୍ରାଲ୍ ମାର୍କେଟ ସଂଧ୍ୟାବେଳେ ବହୁତ ଭିଡ଼ ଥାଏ। ମୋ ଝିଅ ସେତେବେଳେ କଲେଜରେ ପଢୁଥାଏ। ଛୁଟିରେ ଆମ ପାଖକୁ ଯାଇଥିଲା। ବୁଲୁ ବୁଲୁ ମୋ ଝିଅ ଗୋଟେ ନୂଆ ଟାଇପ୍‌ର ହେୟାର୍ ପିନ୍ କିଣିଲା। ଦୋକାନୀ ତାର ଦାମ୍ ୨୦ ଟଙ୍କା କହିବାରୁ ମିସେସ୍ ଦେବରାଜ ବିରକ୍ତ ହେଲେ। କଥାଟା ଯୁକ୍ତିତର୍କ ଆଡକୁ ଯିବାରୁ ମୁଁ ପର୍ସରୁ ୨୦ ଟଙ୍କା ବାହାର କରି ଦେଇଦେଲି। ଆମେ ଆସିଲୁ। ଘରେ ପହଞ୍ଚିଲା ବେଳକୁ ମିସେସ୍ ଦେବରାଜ ଆଉ ଗୋଟିଏ ସେଇ ହେଆର୍ ପିନ୍ ମୋ ଝିଅକୁ ଦେଇ କହିଲେ ଏଇଟା ମୋର ତୋତେ ଉପହାର।

ମୁଁ ସ୍ତମ୍ଭୀଭୂତ ହୋଇଗଲି। ଯୁକ୍ତିତର୍କ ଭିତରେ ସେ ଯେ ଆଉ ଗୋଟାଏ ହେଆର ପିନ୍ ଦୋକାନୀର ଅଜାଣତରେ ନିଜ ହେଣ୍ଡବେଗ୍‌ରେ ରଖି ଦେଇଥିଲେ ସେ କଥା ଆମେ ଜାଣିନଥିଲୁଁ।

ରାତିରେ ଆମେ ସେ କଥା ହେଲାବେଳେ ଉର୍ବଶୀ କହିଲେ ସିଏ ଠିକ୍ କରିଚନ୍ତି। ତାର ଦାମ ୧୦ ଟଙ୍କାରୁ କେବେ ବି ବେଶୀ ହେବ ନାହିଁ।

ମୁଁ କିନ୍ତୁ ତାଙ୍କର ଏକଥାକୁ ମୋଟେ ସମର୍ଥନ କରିପାରୁନଥିଲି। ଭାବୁଥିଲି, କଅଣ ହେଇଥାଆନ୍ତା ଯଦି ସେ ଦୋକାନୀ ଦେଖି ଦେଇଥାଆନ୍ତା ହେଣ୍ଡବେଗ୍‌ରେ ହେଆରପିନ୍‌ଟା ରଖିଲାବେଳେ? କଅଣ ହେଇଥାଆନ୍ତା ଆମ ସମସ୍ତଙ୍କର ଅବସ୍ଥା?

ଉର୍ବଶୀ ସେଦିନ ସବୁଦିନ ପରି ତାଙ୍କର ପ୍ରିୟ ପ୍ରିନ୍ସ, ଶ୍ରୀମତୀକୁ ନେଇ ହାଟକୁ ଗଲେ। ସେଦିନ ଡେରି ହେଇଯାଇଥିବାରୁ ବୋଧେ ପ୍ରିନ୍ସକୁ ଗାଡ଼ିରେ ରଖି କେବଳ ଶ୍ରୀମତୀକୁ ନେଇ ହାଟ ଭିତରକୁ ଗଲେ। ହାଟରେ ସେ ବୁଲି ବୁଲି ପରିବା କିଣନ୍ତି। ପ୍ରଥମ ରାଉଣ୍ଡରେ ସେ କେବଳ ପରିବାର କ୍ୱାଲିଟି ଓ ଦାମ ଦେଖନ୍ତି।

ସେ ଏଥର ଗୋଟାଏ ଜାଗାରେ ଅଟକିଗଲେ। ଆଦିବାସୀ ସ୍ତ୍ରୀଟିଏ ଶାଗ ବିକୁଚି। ସବୁ ପ୍ରକାର ଶାଗ। ବେଶ ଟଟକା ବି। ଲୋଭ ବଳିଲା ତାଙ୍କର। ବସି ପଡ଼ି ସବୁ ଶାଗର ଦାମ ବୁଝିଲେ। ଭଲ ଓ ଟଟକା ଶାଗ ଯୋଗୁଁ ମହିଳାମାନଙ୍କର ଭିଡ଼ ମଧ୍ୟ ବେଶୀ। ସେ ମୂଲଚାଲ ଆରମ୍ଭ କଲେ। ବାଃ, ଭାରୀ ଶସ୍ତା ତ?

ବିକୁଥିବା ସ୍ତ୍ରୀଟି ଉତ୍ସାହିତ ହେଲା।

ମା ଦେଖୁନାହାନ୍ତି ଏ ଶାଗକୁ। ଏଇ ସକାଳୁ ସକାଳୁ କଟା ହେଇଚି।

କି ସାର ଦିଅ ଏଥିରେ? ଭଲ ବଢ଼ିଛି? ମେଡମ ପଚାରିଲେ।

ଖାଲି ଗୋବର ମା। ଆମର ଗାଈ ମଇଁଷିର ଘର। କିଣା ସାର ଆମକୁ ପୋଷେଇବ ନାହିଁ। ଆମ ଗାଁ ଲୋକ ସେ ଶାଗ ଖାଆନ୍ତିନି। ପେଟ ରୋଗ ହୁଏ।

Digitized by srujanika@gmail.com

ଆରେ ତୁମେ କଅଣ କହୁଚ ? ଖାଲି ଗୋବର ଖତ ?

ଚାଲି ଯାଉଥିବା ଲୋକମାନେ ବି ହାମୁଡ଼ି ପଡ଼ିଲେ ।

ସମସ୍ତେ ଏକାଥରେ ୪/୬ ବିଡ଼ା ଲେଖେଁ ଉଠେଇଲେ । ଉର୍ବଶୀ ସବୁ ଶାଗରୁ ଦୁଇ ବିଡ଼ା ଲେଖେଁ ଉଠେଇ ବେଗ୍‌ରେ ରଖିଲେ । ପଇସା ହିସାବ କଲେ । ପର୍ସରୁ ବାହାର କରି ୨୦ ଟଙ୍କିଆ ନୋଟଟିଏ ତାକୁ ଦେଲେ । କହିଲେ, ତୁମର ଅଠର ଟଙ୍କା ହେଲା ସେତେବେଳକୁ ତାଙ୍କ ଦେହରୁ ଗମ୍ ଗମ୍ ଝାଳ ବହିବାକୁ ଆରମ୍ଭ କଲାଣି । ସେ ଅଜାଣତରେ ମୁହଁରୁ ରୁମାଲରେ ଝାଳ ପୋଛି ପକେଇଲେଣି ।

ମୋ ପାଖରେ ତ ଦୁଇଟଙ୍କାର ଖୁଚୁରା ପଇସା ନାହିଁ ମା । ଅତି ନମ୍ରତାର ସହିତ କହିଲା ସ୍ତ୍ରୀ ଲୋକଟି ।

ଗ୍ରାହକ ସେତେବେଳକୁ ବଢ଼ିଗଲେଣି । ସ୍ତ୍ରୀ ଲୋକଟିର ହାତ ମାତ୍ର ଦୁଇଟା । ତା ଆଗରେ ସେ ଦେଖୁଚି ଅନେକ ହାତ । କାରବାର ବଢ଼ି ଚାଲିଚି । ନେଣ ଦେଣ ମଧ୍ୟ ବଢ଼ି ଚାଲିଚି ।

ଉର୍ବଶୀ କହିଲେ ତୋ ପାଖରେ ଯଦି ଖୁଚୁରା ପଇସା ନାହିଁ ଏ ପୋଇ ଶାଗରୁ ମୋତେ ଆଉ ଦୁଇ ଡାଳ ଦେଇ ଦେ ।

ପୋଇର ଦାମ ବେଶୀ । ବଜାରରେ କିଲୋ ୨୦ରୁ ୨୫ ଟଙ୍କାରେ ବିକ୍ରି ହୁଏ । ଦୁଇ ଡାଳ ପୋଇ ପାଏରୁ କମ ହେବ ନାହିଁ । ସ୍ତ୍ରୀଟି ଏଇ କଥା ଭାବିଲାବେଳକୁ ଅନ୍ୟମାନେ ମଧ୍ୟ ପୋଇ ଉଠେଇଲେଣି । ଓଜନ କର ବୋଲି ପାଟି କଲେଣି ।

ଉର୍ବଶୀଙ୍କ ପ୍ରତି ସ୍ତ୍ରୀଟିର ପ୍ରଥମରୁ ଗୋଟାଏ ଭଲ ମନୋଭାବ ସୃଷ୍ଟି ହେଉଥିଲା । ସେ ଅନ୍ୟ କଥା ଚିନ୍ତା ନ କରି କହିଲା 'ହଉ ମା ନିଅ' । ତାକୁ ଅପେକ୍ଷା କରିବାକୁ ବେଳ କାହିଁ ? ତାକୁ ଅନେକ କଥାର ଉତ୍ତର ଦେବାକୁ ହେବ । ଅନେକ ହାତରୁ ପଇସା ଠିକ ଭାବରେ ନେବାକୁ ହେବ ।

ଉର୍ବଶୀ ଅତ୍ୟନ୍ତ ଖୁସି । ଏତେ ଦିନେ ସେ ଭଲ ଭଲ ଶାଗ କେତେ ବିଡ଼ା ପାଇ ପାରିଲେ । ଗୋବର ଦିଆ ଶାଗର ଖାଦ୍ୟଗୁଣ କଥା ସେ ଚିନ୍ତା କରୁଥିଲେ । ଆଃ ଏ ଚାଷୀଗୁଡ଼ାଙ୍କର ମୃତ୍ୟୁ ହେଉ ନାହିଁ କାହିଁକି ? କୃତ୍ରିମ ସାରର ପରିବା ଦେଇ ସେମାନେ ଆମକୁ ବିଷ ଦଉଚନ୍ତି ଏବଂ ଆମେ ମଧ୍ୟ ବିଷ କିଣୁଚୁଁ । ନଖାଇ ଆଉ ଉପାୟ କଅଣ ଅଛି ?

ଗାଡ଼ି ପାଖକୁ ଆସୁ ଆସୁ ଉର୍ବଶୀ ପଚାରିଲେ ଶ୍ରୀମତୀକୁ, ସେ ସ୍ତ୍ରୀ ଲୋକଟିର ଘର କେଉଁଠି ପଚାରିଥିଲେ ଭଲ ହେଇଥାଆନ୍ତା ।

Digitized by srujanika@gmail.com

ସେମାନଙ୍କ ବସ୍ତିକୁ ଆପଣ ଯାଇପାରିବେ ? ଗାଡି କଅଣ ସେଠାକୁ ଯାଇପାରିବ ? କହିଲା ଶ୍ରୀମତୀ ।

ମୁଁ କାହିଁକି ଯାଆନ୍ତି ମ ? ରଘୁଆକୁ ପଠେଇ ଥାଆନ୍ତି । ସେ ତ ଆଦିବାସୀ ଟୋକା । ଏମାନଙ୍କ ଠାରୁ ଭଲ ବାରଗେନିଂ କରି ଫ୍ରେସ୍ ଶାଗ, ପରିବା ଆଣି ପାରନ୍ତା । ମୋତେ ଆଉ ହାଟକୁ ଆସିବାକୁ ପଡନ୍ତା ନାହିଁ ।

ସେ ପୁଣି ଝାଳ ପୋଛିଲେ । ଆଃ ଏତେ ଗରମ ଲାଗୁଚି କାହିଁକି କହିଲୁ ? ଡିସେମ୍ବର ମାସରେ ବି ଏତେ ଗରମ ? ୱେଦର କେତେ ବଦଳିଗଲାଣି ଦେଖ । ତୋତେ ଜଣାପଡୁନି ଶ୍ରୀମତୀ ?

ସେମାନେ କାର ପାଖରେ ପହଞ୍ଚିଲେ । ଡ୍ରାଇଭର ଡିକି ଖୋଲିଲା ଏବଂ ଶ୍ରୀମତୀ ପରିବା ପତ୍ର ରଖି ଦେଲା । ଉର୍ବଶୀ ଧକେଇ ହେଉଥିଲେ । ପ୍ରିନ୍ସ ପାଇଁ କାରରେ ଏ.ସି. ଆଗରୁ ଚାଲୁଥିଲା । ସେ ବସିଲେ ଓ ଶାନ୍ତିରେ ନିଃଶ୍ୱାସ ମାରିଲେ । ଡ୍ରାଇଭର ଗାଡ଼ିରେ ବସି ଗାଡି ଷ୍ଟାର୍ଟ କଲାବେଳକୁ ଗାଡ଼ି ପାଖରେ ଠିଆ ହେଲା ସ୍ତ୍ରୀ ଲୋକଟିଏ । କଳା କାଚ ଭିତର ଦେଇ ଉର୍ବଶୀ ଯାହା ଦେଖୁଥିଲେ ସବୁ ଅସ୍ପଷ୍ଟ ।

ଡ୍ରାଇଭର କାଚ ଖୋଲି ପଚାରିଲା, "କଅଣ ?"

ଏଇଟା ମାଆ ଦେଇଥିଲେ । ଏଇଟା ଅଚଳ ନୋଟ ମାଆ । ମୋତେ ଆଉ ଗୋଟିଏ ଦିଅ । ମୁଁ ଯାକୁ ନେଇ କଅଣ କରିବି ?

ତା କଥା ଶୁଣିବା ପୂର୍ବରୁ ଉର୍ବଶୀ ଚଢ଼ା ଗଳାରେ କହିଲେ - ନା, ନା, ମୁଁ ସେ ନୋଟ ତୁମକୁ ଦେଇନି । ଆଉ କିଏ ଦେଇଥିବ । ତୁମେ ଲୋକ ଚିହ୍ନୁନା ! ଛି !

ରତନ ସିଂ, ତୁମେ ଗାଡ଼ି କାହିଁକି ବନ୍ଦ କଲ ? ସେ ବାରମ୍ବାର ଝାଳ ପୋଛୁଥିଲେ ।

❑❑

Digitized by srujanika@gmail.com

ବରଫର ଅତଡା ଖସୁଛି ଦେଖ

କାହିଁକି କେଜାଣି କେନ୍ଦ୍ର ସରକାରଙ୍କ ଡାକ୍ତରଖାନାକୁ ଗଲେ ମୋତେ ଲାଗେ ମୋର ବି.ପି. ବଢ଼ିଯାଇଛି । ଏଇ ମାତ୍ର ବର୍ଷେ ହେଲା କେମିତି କେଜାଣି କେନ୍ଦ୍ର ସରକାର ଦୟା ପରବଶ ହୋଇ ପଟେଲ ନଗରର ତିନି ନମ୍ବର ଇଉନିଟରେ ଗୋଟିଏ ଡାକ୍ତରଖାନା ଖୋଲିଛନ୍ତି । ସେଠି ଦୁଇତିନି ଘଣ୍ଟା ଲାଗିଯାଏ ଡାକ୍ତରଙ୍କ ପାଖରେ ପହଞ୍ଚିବାକୁ । ଲମ୍ବା ଲାଇନ୍ । ତିରୁପତି ମନ୍ଦିରର ଦିଅଁଦର୍ଶନ ପରି ରୋଗୀ ଘୁଞ୍ଚି ଘୁଞ୍ଚି ଆଗକୁ ଚାଲୁଥାଏ । ତିରୁପତି ମନ୍ଦିରରେ ଅବଶ୍ୟ ଭକ୍ତମାନଙ୍କ ପାଇଁ କିଛିଟା ସୁବିଧା ଅଛି । ମାଇକ୍‌ରେ ମିଉଜିକ୍ ବାଜୁଥାଏ ନଚେତ୍ ଟିଭିରେ ମନ୍ଦିରରେ ପୂଜାର୍ଚ୍ଚନାର ଦୃଶ୍ୟ କିମ୍ବା ବେଳେ ବେଳେ ଫିଲ୍ମ ସୋ ମଧ୍ୟ ଚାଲୁଥାଏ । ଯେତେ ସମୟ ବସିଲେ ବି ବୋର୍ ଲାଗେନି । ଫିଲ୍ମରେ ଫାଇଟିଂ ଏନ୍‌କାଉଣ୍ଟର, ବରଫ ଝଡରେ ପଡି ନାୟିକା ଆଉଟ୍‌ପାଉଟ୍ ନ ହୋଇ ବିରହର ଗୀତ ଓ ନୃତ୍ୟର ମନୋରମ ଦୃଶ୍ୟ ସବୁ ଦେଖୁ ଦେଖୁ ବେଳେ ବେଳେ ଭକ୍ତ ମହାପ୍ରଭୁ ଭେଙ୍କଟେଶ୍ୱରଙ୍କୁ ମଧ୍ୟ ଭୁଲିଯାଏ । ସେଠି ଚା କଫିର ମଧ୍ୟ ବ୍ୟବସ୍ଥା ଥାଏ । କିନ୍ତୁ କେନ୍ଦ୍ର ସରକାରୀ ଡାକ୍ତରଖାନାରେ ସେ ସବୁ ସୁବିଧା କୋଉଠୁ ଆସିବ ? ତେଣୁ ମୋତେ ଲାଗେ ସମୟଟା ସେଠି ଅଟକି ଅଟକି ଚାଲୁଛି ଯେମିତି । ମୁଁ ସେଥିପାଇଁ ଅନେକ ସମୟରେ ଡାକ୍ତରଙ୍କ ରୁମ ସାମନାରେ ଇଟାଟିକୁ ମୋ ଜାଗାରେ ରଖି ଅଳ୍ପ ଦୂରରେ ମେନ୍‌ରୋଡ ଉପରେ ଉଠା ବିକାଳୀଙ୍କ ଚା ଦୋକାନରେ ଢ଼ାବଲ ଉପରେ ବସି ଚା ପିଏ । ସେଇଠି ବି ଖବରକାଗଜ ପଢ଼େ ଏବଂ କୋଉ ପୁରୁଣାକାଳର ମସିଆ ଏବଂ ଖୋଳ ନ ଥିବା ରେଡିଓରୁ ଖବର ଶୁଣେ । ମୋତେ କାହିଁକି କେଜାଣି ଟିଭି ଅପେକ୍ଷା ରେଡିଓ ନ୍ୟୁଜ୍ ଶୁଣିବାକୁ ବେଶୀ ଭଲ ଲାଗେ । ତେବେ ଆଜିକାଲି ଆଉ ସେଠି ଲାଇନରେ ନିଜେ ଠିଆ ନ ହେଇ ଇଟା ରଖିବା ଧନ୍ଦା କରୁନାହିଁ । କାରଣ ଥରେ ଏମିତି ମାର୍କେଟରୁ ପରିବା ଓ ମାଛ ନେଇ ଫେରି ଦେଖିଲି କେହି ଜଣେ ଅସହିଷ୍ଣୁ ବ୍ୟକ୍ତି ମୋ ଇଟାକୁ ଗାଏବ୍ କରି ଦେଇଛନ୍ତି । ମୁଁ ପୁଣି ପଚାଶ ଜଣ ପଛକୁ ଖସି ଆସିଲି ।

ସେଇ ସରକାରୀ ଡାକ୍ତରଖାନାରେ ସେ ଦିନ ଯାଇ ପହଞ୍ଚି ଦେଖିଲି ଲମ୍ବା ଲାଇନ୍ । କେନ୍ଦ୍ର ସରକାରଙ୍କ ଏ ଡାକ୍ତରଖାନା କେବଳ କେନ୍ଦ୍ର ସରକାରୀ କର୍ମଚାରୀମାନଙ୍କ ପାଇଁ ।

Digitized by srujanika@gmail.com

ମୁଁ ଜଣେ ଅବସରପ୍ରାପ୍ତ କେନ୍ଦ୍ର ସରକାରୀ କର୍ମଚାରୀ ହୋଇଥିବାରୁ ମୋତେ ମଧ୍ୟ ସେଠୁ ମାଗଣାରେ ଔଷଧ ମିଳେ। ଆଗରୁ ଅବସ୍ଥା ଭିନ୍ନ ଥିଲା। ସେତେବେଳେ ଏସବୁ ହସପିଟାଲ୍ ସହିତ ଅନ୍ୟ ଅଣ ସରକାରୀ କର୍ମଚାରୀଙ୍କୁ ଯୋଡୁ ନ ଥିଲେ। ଗଣତନ୍ତ୍ରରେ ଧୂଆମୂଳା ଅଧୁଆ ମୂଳା ବୋଲି କିଛି ନାହିଁ। ସମସ୍ତଙ୍କୁ ସମାନ ଆଖିରେ ଦେଖିବା ନୀତିରେ ବ୍ରାହ୍ମଣ ଅବ୍ରାହ୍ମଣ କିଛି ନଥାଏ। ତେଣୁ ଏବେ ଆମ ସହିତ ଏକ୍ସ ଏମ.ପି. ବା ପୂର୍ବତନ ସାଂସଦମାନଙ୍କୁ ଯୋଡି ଦିଆଯାଇଛି। ସ୍ୱାଧୀନତା ସଂଗ୍ରାମୀ ମଧ୍ୟ ସେଥିରେ ଅଛନ୍ତି, ଏ କଥା ସମସ୍ତେ ଜାଣନ୍ତି। ଆମ ଦେଶରେ ଗତ ଅର୍ଦ୍ଧଶତାବ୍ଦୀ ଧରି ଦୁଇ ଜାତିର ଲୋକସଂଖ୍ୟା ବଢୁଛନ୍ତି, ପ୍ରଥମଟି ହେଲା ଗରିବ ଓ ଅନ୍ୟଟି ହେଲା ସ୍ୱାଧୀନତା ସଂଗ୍ରାମୀ। ବାପ ଗରିବ ଥିଲେ ପୁଅର ଯେମିତି ଗରିବ ହେବା ଅଧିକାର ଅଛି ସେମିତି ବାପ ସ୍ୱାଧୀନତା ସଂଗ୍ରାମୀ ହେଲେ ପୁଅ ପଛରେ ମନକୁ ମନ ସେ ଷ୍ଟାମ୍ପଟା ବାଡେଇ ହେଇଯାଏ। ତେବେ ସେ ଯା ହେଉ ସରକାର ଏଇ ଦୁଇ ଗୋଷ୍ଠୀ ଅର୍ଥାତ୍ ପୂର୍ବତନ ସାଂସଦ ଓ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଅବହେଳିତ ରାଜନୈତିକ କର୍ମଚାରୀ ଭାବି ତାଙ୍କୁ ଯତ୍‌କିଞ୍ଚିତ ସୁବିଧା ଦେବାପାଇଁ କେନ୍ଦ୍ର ସରକାରୀ କର୍ମଚାରୀଙ୍କ ସହିତ ଯୋଡି ଦେଇଛନ୍ତି। ଅବଶ୍ୟ ଏକଥା ସମସ୍ତେ ଜାଣନ୍ତି ଯେ ହସପିଟାଲ୍ କେନ୍ଦ୍ରର ହେଉ ବା ରାଜ୍ୟର ହେଉ ଅବସ୍ଥା ସମାନ। ସାମାନ୍ୟ ଟିକିଏ ଫରକମାତ୍ର। ଗୋଟିକରେ ମୋଟେ କିଛି ମିଳେନା। ଅନ୍ୟଟିରେ ହାଟରେ ପୋକା ବାଇଗଣ ଝାଡୁଦାରକୁ ଦାନ କଲାପରି କିଛି ହେଲେ ମିଳେ। -

ମୋ ପାଇଁ ଆଉ କିଛି ଉପାୟ ନ ଥିଲା। ଲାଇନରେ ମୋ ପରି କେତେ ବୁଢ଼ାବୁଢ଼ୀ ଅପେକ୍ଷା କରିଛନ୍ତି। ଯେତିକି ଚେଆର ବେଞ୍ଚ ଥିଲା ସେ ସବୁ କେତେବେଳୁ ପୂରଣ ହେଇସାରିଛି। ବାକି ସମସ୍ତେ ପଛକୁ ପଛକୁ ଅଛନ୍ତି। କେହି କେହି, ମୁଁ ଦେଖିଲି, ଦୀର୍ଘ ସମୟର ଅପେକ୍ଷାରୁ ଗୋଟିଏ ପ୍ରକାରର ଆନନ୍ଦ ମଧ୍ୟ ପାଉଛନ୍ତି। ସତେ ଅବା ସେମାନଙ୍କୁ ଘରେ ଥିଲେ ସେ ଆନନ୍ଦ ମିଳୁ ନଥାନ୍ତା। ମୋବାଇଲ ସେମାନଙ୍କୁ ସେଥିରେ ସାହାଯ୍ୟ କରୁଥିଲା। ବିରକ୍ତିକର ଅପେକ୍ଷା ସେମାନଙ୍କୁ ମୋଟେ ବାଧୁ ନଥିଲା। କୋଡିଏ ବାଇଶ ବର୍ଷର ଝିଅଟିଏ, ଚାଳିଶ ପଇଁଚାଳିଶ ବର୍ଷର ନାରୀଟିଏ, ପଚାଶ କି ତାଠୁ ବେଶୀ ହେବ କି କଅଣ, କାନ ମୂଳ ଧଳା ହୋଇଥିବାରୁ ମୋର ଏ ଅନୁମାନ, ଏମାନେ ସମସ୍ତେ ଲାଇନରେ ଅପେକ୍ଷମାଣ। ଦୀର୍ଘ ସମୟକୁ ମୋଟେ ବିରକ୍ତିକର କହିବେ ନାହିଁ। ବରଂ ହୁଏତ ଭାବୁଥିବେ ଆହୁରି ଡେରି ହୁଅନ୍ତା କି। ହେଇତ ସେ ମଧ୍ୟବୟସ୍କା ନାରୀଟି ତା ପଛ ଲୋକକୁ କଅଣଟାଏ ଠାରି ଦେଲା ଏବଂ ତା ପରେ ଲାଇନରୁ ବାହାରି ଯାଇ ସେ ଲାଲ ଟକ ଟକ ଫୁଲ ଭର୍ତ୍ତି ରୂପଗର୍ବୀ ନାରୀ ପରି ଠିଆ ହୋଇଥିବା କୃଷ୍ଣଚୂଡା ଗଛ ତଳେ ଠିଆ ହୋଇ ମୋବାଇଲରେ କଥା ହେଉଚି ଓ ହସି ହସି ଉଚୁରି ପଡୁଚି। ତା ହାବଭାବରୁ ଜଣାଯାଉଚି ସେ ଡାକ୍ତରଖାନାରେ ଲାଇନରେ ଅଛି ସେ କଥା ସେ ଭୁଲିଯାଇଛି।

Digitized by srujanika@gmail.com

ମୁଁ ମୋ ଆଗ ଲୋକକୁ ପଚାରିଲି ଲାଇନ ଆଗକୁ ବଢୁନାହିଁ କାହିଁକି। ସେ କହିଲେ ଡାକ୍ତର କଅଣ ଆସିଲେଣି କି !

ମୋ ପାଖରୁ ଡାକ୍ତରଙ୍କ ରୁମଟା ପଚିଶ ତିରିଶ ଫୁଟ ଦୂର ହେବ। ତେଣୁ ମୁଁ ଦେଖି ପାରୁନଥିଲି ଭିତରେ ଡାକ୍ତର ଅଛନ୍ତି କି ନାହିଁ।

ତେବେ ଏମିତି ଅନିଶ୍ଚିତ ଅବସ୍ଥାରେ କେତେ ସମୟ ଅପେକ୍ଷା କରିବା ? ଆଗରୁ ତ କେବେ ଏମିତି ହେଉ ନଥିଲା। ପଚାରିଲି ତାଙ୍କୁ।

ସାଧାରଣ ଜନତା ଏମିତି ବର୍ଷ ବର୍ଷ ଧରି ଅପେକ୍ଷା କରିଛନ୍ତି। ସେଇ ଅପେକ୍ଷାର ଫଳ ସ୍ୱରୂପ ଦେଉଳରେ ଦିଅଁଙ୍କ ଦର୍ଶନ ମିଳେ, କିନ୍ତୁ ଆମ ଜନତାଙ୍କ ପ୍ରଭୁଙ୍କ ଦର୍ଶନ କେବେ ବି ମିଳେନା। ତଥାପି ଅପେକ୍ଷା କରିବାକୁ ପଡିବ। ଗଣତନ୍ତ୍ରରେ ଅପେକ୍ଷା ହିଁ ବଡକଥା। ସେ ଭଦ୍ରଲୋକ ମୋ ବୟସର ହେବେ ବୋଧେ। ମଜାଳିଆ ଲୋକ ନିଶ୍ଚୟ।

ହେଇ ଡାକ୍ତର ଆସିଗଲେ। ସମସ୍ତେ ଟିକିଏ ସତେଜ ହୋଇଉଠିଲେ। ଲମ୍ୱା ଧାଡିଟା ଏଥର ବେଶ ସିଧା ହୋଇ ଉଠିଲା। ସମସ୍ତେ ଯେ ଯାହା ହାତରେ ଧରିଥିବା କାଗଜପତ୍ର ପୁଣି ଥରେ ସଜାଡି ନେଲେ। ଆଉ କେହି କେହି ସମସ୍ତ ଫାଇଲର ଠିକ କୋଉ ଅଂଶକୁ ଡାକ୍ତରଙ୍କୁ ଦେଖେଇ ପରାମର୍ଶ ଆରମ୍ଭ କରିବେ ସେ ବିଷୟ ମନେ ମନେ ଆଉଡେଇ ନେଲେ। ଲାଇନରେ ବୋଧେ କ୍ରନିକ ପେସେଣ୍ଟ ଥିଲେ ବେଶୀ।

ଡାକ୍ତରବାବୁ ସିଟରେ ବସିବାମାତ୍ରେ ଚପରାଶି ପରଦା ପକେଇ ଦେଇ ବାହାରେ ଥିବା ଟୁଲ୍ ଉପରେ ବସିଗଲା। ତାର ହାବଭାବରୁ ଜଣାଗଲା ଯେ ସେ ଯେମିତି କହୁଚି ତୁମେ ଡାକ୍ତରବାବୁଙ୍କ ପାଖକୁ ଯିବ ? ମୁଁ କଣ କମ୍ କି ? ମୋଠୁ ଆଗ ଅନୁମତି ନିଅ। ବଡ ଗମ୍ଭୀର ମୁହଁରେ ସେ ବସି ଭିତର ଘଣ୍ଟିକୁ ଅପେକ୍ଷା କରୁଥିଲା ଏବଂ ଜଣକ ପରେ ଜଣକୁ ଡାହାଣ ହାତ ବିଶି ଆଙ୍ଗୁଳିରେ ଭିତରକୁ ଯିବାକୁ ନିର୍ଦ୍ଦେଶ ଦେଉଥିଲା। ଧାଡିରେ ଥିବା କିଛି ଲୋକ ଆକୁଳ ଆଖିରେ ତା ଆଙ୍ଗୁଳିକୁ ଦେଖୁଥିଲେ। କାରଣ ବେଳେ ବେଳେ ଯିବା ପାଳି ପଡିଲେ ମଧ୍ୟ ତାଙ୍କୁ ସେ ଅଟକେଇ ଦେଉଥିଲା ଏବଂ ଭିତରକୁ ଚାଲିଯାଉଥିଲା।

ମୋ ପଛରେ ଥିବା ନିହାତି ବୁଢ଼ାଜଣକ ମୋ କାନ୍ଧରେ ହାତ ରଖି କହିଲେ ଏଠି ସିନିୟର ସିଟିଜେନମାନଙ୍କ ପାଇଁ ଅଲଗା ଧାଡିଟିଏ ହେଲେ ହୁଅନ୍ତାନି ?

ରେଳବାଇରେ ଯେମିତି ଅଛି ? ସିନିଅର ସିଟିଜେନ୍, ଲେଡିଜ୍, ହେଣ୍ଡିକେପ୍ଡ ତାପରେ ଭିଆଇପି ଏମ.ପି. ଏମ.ଏଲ.ଏ ଏଇ କଥା ତ ? ମୁଁ ପଚାରିଲି।

ସେ ମୋଠୁ ଏତେ ଲମ୍ୱା ତାଲିକା ଶୁଣିବେ ବୋଲି ଆଶା କରିନଥିଲେ ବୋଧେ। ମୋତେ ଟିକିଏ ଅନେଇଲେ। ପଚାରିଲେ ଆହୁରି ଅଛି ?

Digitized by srujanika@gmail.com

ଅଛି। ଶୁଣିବେ ? ଜର୍ଣ୍ଣାଲିଷ୍ଟ। ଫରେନର। ଆଉ ଗୋଟାଏ ଅଛି ତାକୁ ଏକ୍ସ ଭିଆଇପି କୁହାଯାଇପାରିବ। ତା ଛଡା ଆଉ ଗୋଟାଏ ଜାତି ଅଛି। ସେମାନଙ୍କ ଲାଇନ୍ ଭିତରେ ଲାଗେ। ସେମାନେ ହେଲେ ପୁଲିସ ଓ ତାଙ୍କ ନିଜ କର୍ମଚାରୀ। ମୁଁ କହିଲି।

କୌଣସି କାରଣରୁ ତାଙ୍କୁ ବୋଧେ କଷ୍ଟ ହେଉଥିଲା। କାରଣ ସେ ମୁହଁ ବିକୃତ କରୁଥିଲେ। ଏଥର ସେ ହସିଲେ। ମୁହଁରୁ କଷ୍ଟର ଛାପ ଉଡିଗଲା।

ଆପଣ ବେଶ ଅନୁଧ୍ୟାନ କରିଛନ୍ତି ବୋଧେ।

ଏବେ ଆପଣ ଦେଖନ୍ତୁ। ଏ ଲାଇନରେ ସେମାନେ ଅଛନ୍ତି କି ନା ଖାଲି ଭିଆଇପି ବା ଏକ୍ସ ଭିଆଇପି କେହି ବୋଧେ ନାହାନ୍ତି। ଥିଲେ ସେ ଆଗ ମାଡିଯାଇ ସାରନ୍ତେଣି। ଔଷଧ ପାଇ ସାରନ୍ତେଣି। ଷ୍ଟକରେ ନ ଥିଲେ ଘରେ ପହଞ୍ଚାଇ ଦେବାର ପ୍ରତିଶ୍ରୁତି ନେଇ ସେ ଯାଇସାରନ୍ତେଣି।

ଏଥର ସେ ହୋ ହୋ ହୋଇ ହସିଲେ।

ଟୁଲରେ ବସିଥିବା ପିଲାଟି ଆମ ପାଖକୁ ଦୌଡି ଆସିଲା ଏବଂ ପାଟି ପାଖରେ ପୁଣି ସେଇ ବିଶି ଆଙ୍ଗୁଳି ଦେଇ ଆମକୁ ସତର୍କ କରାଇ ଦେଲା।

ମୋ ପାଳି ଆସିଲାବେଳକୁ ଦିନ ଏଗାର ଅଧେ। ମୁଁ ଭାବିଲି ହେ ପ୍ରଭୁ ତୁମେ ଏ ଦେଶକୁ ନୁହେଁ, ମୋତେ ରକ୍ଷା କର। ନଅରୁ ଏଗାର ଅଧେ। ଏଇ ସମୟ ଭିତରେ ଜଣେ ଭୁବନେଶ୍ୱରରୁ ଯାଇ ଦିଲ୍ଲୀରେ ପହଞ୍ଚି ପାରିଥାଆନ୍ତା। ମୁଁ ପଚିଶ ଫୁଟ ମଧ୍ୟ ଆଗେଇ ପାରିନାହିଁ। ଆଉ ସୂର୍ଯ୍ୟ ଚନ୍ଦ୍ରର ନିର୍ଦ୍ଧାରିତ ଗତିରେ କେତେ କିଲୋମିଟର ଯାଇ ଥାଆନ୍ତା। ଆଉ ଏ ପୃଥିବୀ ? ଆମ ଗଣତନ୍ତ୍ରର ଗତି ? ମୁଁ ଅଢ଼େଇ ଘଣ୍ଟାରେ ଯେତିକି ଆଗେଇଚି, ଗତ ଷାଠିଏ ବର୍ଷରେ ଏ ଦେଶ ସେତିକି ମଧ୍ୟ ଆଗେଇ ପାରିନି।

ମୁଁ ପରଦା ଫାଙ୍କ ଦେଇ ଲକ୍ଷ୍ୟ କଲି। ଭିତରୁ ସେ ଲୋକଟି ଉଠିଲାଣି। ବୋଧେ ଶେଷ କଥା ପଦକ ଡାକ୍ତରଙ୍କ ଠାରୁ ଶୁଣି ସେ ବାହାରି ଆସିବ, ତା ପରେ ମୋ ପାଳି। ମୁଁ ବଡ ହାଲୁକା ଅନୁଭବ କରୁଥିଲି। ମୋ ପଛ ଭଦ୍ରଲୋକଙ୍କୁ କହିଲି ଆପଣ ପ୍ରସ୍ତୁତ ହୁଅନ୍ତୁ। ମୋର ମାତ୍ର ଅଧମିନିଟର କାମ। ନାଡି ଟିପିବା କି ପେଟ ଟିପିବାର ଆବଶ୍ୟକତା ନାହିଁ, ଖାଲି 'ରିପିଟ୍' ଲେଖିବେ।

ରିପିଟ୍ ? ରୋଗ ନା ଔଷଧ ?

ନା ନା ରୋଗର ଆଉ ରିପିଟ୍ କଅଣ ? ଦଶ ବର୍ଷ ହେଲା ଅଛି ଓ ରହିବ। ବି.ପି. ଓ ଡାଇବେଟିସ୍ କଣ ଏ ବୟସରେ ଯିବ ? ବାସ୍। ମୋ କାମ ସାମାନ୍ୟ ମାତ୍ର।

ମୁଁ ପୁଣି ଥରେ ଭିତରକୁ ଦେଖିଲି। ମୋର ଲମ୍ୱା କାଗଜପତ୍ର ଥିବା ଫାଇଲଟିକୁ ପୁଣି ଥରେ ସଜାଡି ଧରିଲି। ଲୋକଟା ଠିଆ ହୋଇ କଥାବାର୍ତ୍ତା କରୁଚି। ମୁଁ ମୋ ଘଡିକୁ

Digitized by srujanika@gmail.com

ଦେଖିଲି । ନା ଆଉ ବେଶୀ ଡେରି କରିବନି ସିଏ । ଏଆଡେ ଷ୍ଟୋର ବନ୍ଦ ହେବା ସମୟ ପାଖେଇ ଆସୁଛି । ବାର ବାଜିବା ଆଗରୁ ସେମାନେ ବନ୍ଦ କରିବା ଉପକ୍ରମ କରନ୍ତି । ତେବେ ମୋ ପାଇଁ ଅସୁବିଧା ହେବନି । ଆଃ । ଲୋକଟା ଏଥର ଆସିଲା । ସେ ବାହାରି ଗଲା ମାତ୍ରେ ମୁଁ ଗୋଡ ଉଠେଇଲି । ବସିଥିବା ପିଲାଟା ଠିଆ ହୋଇ ପଡିଲା ଏବଂ ଆଗରେ ହାତଟାକୁ ବଢ଼ାଇ ଦେଲା ବାଟ ଓଗାଳିବା ଉଦ୍ଦେଶ୍ୟରେ ।

କଅଣ ହେଲା ? ମୁଁ ପଚାରିଲି ।

ସାର୍ ଆସନ୍ତୁ । ସେ ଆଗନ୍ତୁକଙ୍କୁ ନେଇ ଭିତରକୁ ପଶିଗଲା । ଡାକ୍ତରବାବୁ, ମୁଁ ଦେଖୁଥାଏ, ନିଜେ ଚେଆରରୁ ଉଠି ପଡି ତାଙ୍କୁ ସଂଖୋଳି ନେଲେ ।

ପିଲାଟା ପରଦାକୁ ଭଲ ଭାବରେ ଟାଣି ଦେଇ ଖୋଲା ପଡିଥିବା କବାଟକୁ ଆଉଜାଇ ଆଣିଲା । ଆମେ ଦେଖୁଥିବା ଦୃଶ୍ୟ ଓ ଶୁଣୁଥିବା ଶବ୍ଦମାନେ ତା ଭିତରେ ଆବଦ୍ଧ ହୋଇ ପଡିଲେ । ହତାଶ ମୁଁ ଓ ମୋ ପଛରେ ଆଉ ଯେତେ ସମସ୍ତେ । ମୁଁ ପଛକୁ ଚାହିଁ ଦେଖିଲି । ଯାହା ଦେଖିଲି ତାହା ଗଣମାଧ୍ୟମ ଭାଷାରେ ଶୋକର ଛାୟା ଖେଳିଯାଇଚି । ସମସ୍ତେ ନିରବ ନିସ୍ପନ୍ଦ । କାହାରି ପାଟିରେ ଭାଷା ନାହିଁ । ଏଇ ଟିକକ ଆଗରୁ ଖେଳି ବୁଲୁଥିବା ହସର ଉର୍ମିମାଳା ଗୋଟାଏ ଶୁଖିଲା ପୋଖରୀର ପଙ୍କରେ ପରିଣତ ହୋଇଯାଇଛି ।

କି ଦାରୁଣ ଦୁଃଖ ! ମନେ ମନେ ଭାବିଲି ।

କିଏ ଇଏ ? ପଛରୁ ପଚାରିଲେ ଏଇ ଟିକକ ଆଗରୁ ବେଶ ଆତ୍ମତୃପ୍ତିର ହସ ହସୁଥିବା ଭଦ୍ରଲୋକ ମୁହଁକୁ ଆମିଳା କରି ।

ଜଣେ ଭି.ଆଇ.ପି । ଏକ୍ସ ଏମ.ପି. ବୋଧେ । ଖଦଡ କୁର୍ତ୍ତା ପାଇଜାମାରୁ ଏଇଆ ମନେହୁଏ । ଜଣେ ସିଟିଂ ଏମ.ପି. ଭୁଲରେ ମଧ୍ୟ ପିଣ୍ଡାରେ ପାଦ ଦେବନି ।

ନା ଆପଣଙ୍କ ଅନୁମାନ ଠିକ୍ ବୋଲି ମନେ ହେଉନି । କହିଲେ ସେ । ଏମ.ପି. ମାନେ ଏକ୍ସ ହୋଇଗଲା ପରେ ଏମିତି ନିଗାଡି ଯାଆନ୍ତି କି ? ଅନୁଚ୍ଚ ସ୍ୱରରେ ସେ ମୋତେ କହିଲେ ।

ମାନେ ? ମୁଁ ତାଙ୍କ ମୁହଁକୁ ହାଁ କରି ଅନେଇଲି ।

ଆରେ, ପେଟ କୁଆଡେ ଗଲା ? ମୁହଁର ତେଜ ମାନେ ଗ୍ଲେଜ କୁଆଡେ ଗଲା ? ତରଙ୍ଗ ତରଙ୍ଗ ଚାହାଣୀ କୁଆଡେ ଗଲା ? ହନୁହାଡ କୋଉଠୁ ଆସିଲା ? ମସଲିନ ଓ ସିଲ୍କ ବଦଳରେ ଏ ଗାନ୍ଧୀ ଅମଳର ହାତତନ୍ତର ବଗଡା ମୋଟା ଖଦି କୋଉଠୁ ଆସିଲା ଏବଂ ସର୍ବୋପରି ସେ ଡ୍ରାଇଭର ଚାଳିତ ସାତ ଲକ୍ଷିଆ କାରରେ ନ ଆସି ଅଟୋରେ କାହିଁକି ଆସିଲେ । କେମିତି ଆସିଲେ । କୋଉ ଗୁଣରେ ଏକ୍ସ ଏମ.ପି.ଟା ସିଟିଂ ଏମ.ପିଠାରୁ କମ୍ ଯେ ? ବରଂ ଏକ୍ସଟା ମୋ ମତରେ ଏତେ ବେଶୀ ବେଧଡକ କାରଣ ତା ପଛରେ ଏବେ

Digitized by srujanika@gmail.com

ଭିଜିଲାନ୍ସ ଲାଗିବାର ସମ୍ଭାବନା କମ୍। ଆପଣ ତାଙ୍କୁ କେମିତି ଏକ୍ସ କହୁଛନ୍ତି କେଜାଣି। ସେ ଟିକିଏ ରହିଗଲେ ଏବଂ କହିଲେ, ମୋର କହିବାର କଥା ହାତୀ ମାରିବା ଓ ଢିଙ୍କିବାରେ କିଛି ଫରକ ଅଛି ? ସେ ମୋ କାନ୍ଧଟାକୁ ଧରି ବୁଲାଇ ଦେଲେ ଏବଂ କହିଲେ ଏବେ ଆଉ ସେ ଆଡକୁ ମୁହଁ କରି ଠିଆ ହେବାର ଆବଶ୍ୟକତା କଅଣ ଅଛି ? ଅଧ ଘଣ୍ଟାଏ ପୂର୍ବରୁ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସରିବ ନାହିଁ। ଆପଣ ବରଂ ସେ ଆଡକୁ ପଛ କରି ଠିଆ ହୁଅନ୍ତୁ।

ତାଙ୍କ କଥା ମୋତେ ଆମୋଦିତ କଲା। ଉତ୍ସାହିତ ମଧ୍ୟ କରୁଥିଲା ତାଙ୍କ ସହିତ ଆଳାପରେ ଯୋଗ ଦେବାପାଇଁ।

ମୁଁ କହିଲି ସେ ମୋ ପଛ ଆଡୁ ଆସି ଏତେ ଶୀଘ୍ର ଭିତରକୁ ପଶିଗଲେ ଯେ ମୁଁ ତାଙ୍କୁ ଠିକ୍ ଭାବେ ଦେଖିବାର ସୁଯୋଗ ପାଇଲିନି। ଆପଣ ଠିକ୍ ଦେଖିଛନ୍ତି ତାଙ୍କୁ ?

ମୁଁ ତାଙ୍କୁ ଭଲ ଭାବରେ ଦେଖିଚି। ଟେମ୍ପୋରୁ ଓହ୍ଲେଇଲା ବେଳେ ମଧ୍ୟ ଦେଖିଚି। ମୋର ମଧ୍ୟ ଅନୁମାନ ସେ ଜଣେ ଏକ୍ସ ଏମ.ପି. ହେଇଥିବେ। ନଚେତ ସ୍ୱାଧୀନତା ସଂଗ୍ରାମୀ ହେଇଥିବେ। କିନ୍ତୁ ସ୍ୱାଧୀନତା ସଂଗ୍ରାମୀ ମଧ୍ୟ ଆଜିକାଲି କମ୍ ନୁହନ୍ତି। ସେମାନଙ୍କ ତ୍ୟାଗକୁ ବିଚାରକୁ ନେଇ ସରକାର ସେମାନଙ୍କୁ କମ୍ ଦେଉ ନାହାନ୍ତି। ସେ କହିଲେ।

ଆମର କଥାଟା ବେଶ୍ ଜମି ଆସୁଥିଲାବେଳେ ଡାକ୍ତରବାବୁଙ୍କ ଚପରାଶିଟି ସେ ଆଡୁ ଆସିଲା ଏବଂ କହିଲା ସାର୍ ଟିକିଏ ଡେରି ହେଲେ ମଧ୍ୟ ସମସ୍ତେ ଅପେକ୍ଷା କରିବେ। ଗୋଟାଏ ସିରିୟସ୍ କେଶକୁ ଦେଖିସାରିଲାପରେ ଆପଣମାନଙ୍କୁ ଦେଖିବେ।

ଷ୍ଟୋର ବନ୍ଦ ହେବନି ତ ? ମୁଁ ପିଲାଟିକୁ ପଚାରିଲି ଏବଂ କହିଲି ମୋ ଔଷଧ ସରିଯାଇଛି।

ଷ୍ଟୋର ଖୋଲା ରଖିବାକୁ ସାର୍ କହି ସାରିଲେଣି। ଚିନ୍ତା କରନ୍ତୁନି। ପିଲାଟି ଚାଲିଗଲା ବେଳକୁ ମୁଁ ତାକୁ ଡାକିଲି।

ସିଏ କିଏ କିଓ ?

ଆରେ ତାଙ୍କୁ ଜାଣିନାହାନ୍ତି ? ସିଏ ପରା ଓମ୍‌ପ୍ରକାଶ ଜୀ।

ମୋର ଏତେବେଳେ ମନେପଡିଲା ତିନି ଥରର ଏମ.ପି., ସମଗ୍ର ୟୁ.ପି. କମ୍ପୁଥିଲା ସେତେବେଳେ। ସେ ପାର୍ଲାମେଣ୍ଟରେ ଥିଲାବେଳେ ମନ୍ତ୍ରୀମାନଙ୍କର ଯେତିକି ଭୟ, ବାହାରକୁ ଆସିଲେ ଜନସାଧାରଣଙ୍କର ତତୋଧିକ ଭୟ। କିନ୍ତୁ ତାଙ୍କର ଏ ଅବସ୍ଥା କେମିତି ହେଲା ?

ମୋତେ କିନ୍ତୁ ସେତେବେଳେ ମୋ ନିଜ ଅବସ୍ଥା ଘାରୁଥିଲା। ଆମ ଦେଶରେ ଅଫିସରଙ୍କ ଠାରୁ କିରାଣୀମାନେ ବଡ। ମୁଁ ପିଲାଟିକୁ କହିଲି ବାବୁରେ ଏ କାଗଜରେ ଖାଲି

Digitized by srujanika@gmail.com

ରିପିଟ୍ ବୋଲି ଟିକିଏ ଲେଖେଇ ଆଣି ପାରିବୁ ?

ଆପଣ ନିଜେ ଆସୁନାହାନ୍ତି ? ଆସନ୍ତୁ ।

କଥାଟା ଏତେ ସହଜ ହୋଇଯିବ ବୋଲି ଜାଣି ନ ଥିଲି । ମନେ ମନେ ଭାବିଲି ଯୋଉମାନେ କହନ୍ତି ଆମ ଅମଲାମାନେ ଗଣତନ୍ତ୍ରର ତଣ୍ଟି ଚିପି ଧରିଚନ୍ତି ତାଙ୍କ ମାଆ ମରୁ । ଗାଁରେ ତ ପୁଣି କମ୍ପାଉଣ୍ଡର ଓ ଡ୍ରେସରମାନେ ଡାକ୍ତରୀ କାମ କରନ୍ତି । ପିଲାଟା ଏତେ ଭଲ ବୋଲି ମୁଁ ବି ଜାଣି ନଥିଲି ।

ମୁଁ ତା ପଛେ ପଛେ ଭିତରକୁ ପଶିଗଲି । ଏକ୍କ ମହୋଦୟ ସେତେବେଳେ ଚିତ୍ ହୋଇ ଟେବୁଲ ଉପରେ ଶୋଇଥାଆନ୍ତି । ତାଙ୍କ ମୁହଁରେ ଅଶେଷ ଯନ୍ତ୍ରଣାର ଚିହ୍ନ । ଦେହରେ ପୁଳେ ମାଂସ ଦେଖିଲିନି । ହାତ କେଇଖଣ୍ଡ ନଡନଡ ହେଉଥାଏ ।

ମୋତେ କିଛି କହିବାକୁ ପଡିଲାନି । ବାର ବର୍ଷର ଡାଇବେଟିସ୍ ଓ ବି.ପି. ମୋ ଦେହରେ ସ୍ଥାୟୀ ବସବାସ କରୁଥିଲାବେଳେ ଆଉ କଥା କହିବାର ଆବଶ୍ୟକତା ନାହିଁ । ଡାକ୍ତର ବି ଭାବୁଥିବେ ମାସକୁ ହଜାରେ ଟଙ୍କାର ଔଷଧ ହିସାବରେ ବାରମାସକୁ ବାରହଜାର ଏବଂ ଦଶ ବର୍ଷରେ ଲକ୍ଷେ କୋଡିଏ ହଜାର ଟଙ୍କାର ଶ୍ରାଦ୍ଧ କେନ୍ଦ୍ର ସରକାର କରିସାରିଲେଣି । ଏଥିରେ ସରକାର କେମିତି ଚାଲିବ ? ଏମାନଙ୍କୁ ଯେତେ ଶୀଘ୍ର ବିଦା କରାଯାଇପାରେ ସେତେ ଭଲ । କିନ୍ତୁ ଈଶ୍ୱର କଅଣ ସେ କଥା ବୁଝୁଛନ୍ତି ? ଆପଣଙ୍କର ତ ସବୁ ଠିକ୍ ଅଛି । କିଛି ପ୍ରୋବଲେମ୍ ନାହିଁ । ଡାକ୍ତରବାବୁ କହିଲେ ।

ପିଲାଟି ମୋ ହାତରୁ କାଗଜ ନେଇ ଠିଆ ହୋଇ ଡାକ୍ତର ମିଷ୍ଟର ଏକ୍କଙ୍କୁ ଦେଖୁଥିଲା ବେଳେ କହିଲା ଟିକେ ରିପିଟ୍ ଲେଖିଦେଲେ । ଅନେକ ବେଳୁ ଠିଆ ହେଲେଣି ।

ବାସ୍ ମୁଁ ଆସିଗଲି । ଆସିଲାବେଳେ ସେ ଭଦ୍ରଲୋକ କହିଲେ ଯାଃ ମୁକ୍ତି ପାଇଗଲେ ।

ଯେ ମୁକ୍ତି କାହିଁ । କେବେ ମିଳିବ କେଜାଣି । ମୁଁ ଲମ୍ବା ପାଦ ପକେଇ ଆସିଲି ।

ଆସିଲାବେଳେ ମୁଁ ଭାବିଲି ତାଙ୍କର ଯଦି କିଛି ହୋଇନାହିଁ ତେବେ ସେ ହସପିଟାଲ ଯାଇଛନ୍ତି କାହିଁକି ? ଏମିତି ରୋଗୀଣା ଦେଖାଯାଉଛନ୍ତି କାହିଁକି ? ଡାକ୍ତର ତାଙ୍କୁ ମାନସିକ ଶକ୍ତି ଦେବାକୁ କହିଲେ କି ଆଉ !

ସେଦିନ ଘରେ ପହଞ୍ଚିଲାବେଳକୁ ଦିନ ଦୁଇଟା । ମୋ ସ୍ତ୍ରୀ ସେତେବେଳକୁ ପଞ୍ଚମରେ । ତାଙ୍କ ପ୍ରଶ୍ନବାଣଟା ଥିଲା, ତୁମେ ଏତେବେଳଯାଏ ସେଠି କଅଣ କରୁଥିଲ ? ସେଠି କଣ କେହି କବିତା ଲେଖିବା ନାରୀ କି ପୁରୁଷ ମିଳିଗଲେ ? ତୁମ କବିମାନେ ଏମିତି ଆଇଁଷିଆ ଲୋକ ମୁଁ ଦୁନିଆରେ ଦେଖିନି ।

ଜଣେ ଭିଆଇପିଙ୍କ ପାଇଁ ଏତେ ଡେରି କହିଲେ ସେ ଶୁଣିବେ କାହିଁକି ? ମୋର

Digitized by srujanika@gmail.com

ପଦେ କଥାରେ ସେ ପାଞ୍ଚପଦ ଯୋଡି ପକାଇଲେ। ତାଙ୍କ ମତରେ କବି ବା ଲେଖକ ହେବା ଏକ ଚାରିତ୍ରିକ ଦୁର୍ବଳତା ଛଡା ଆଉ କିଛି ନୁହେଁ। ତାହା ପୁଣି ପୂର୍ବଜନ୍ମର ଅଭିଶାପରୁ ମିଳିଥାଏ। ଧନୁ, ମେଷ, କନ୍ୟା ରାଶିରେ ଏ ସବୁ ବେଶୀ।

ଯାହାର ସାଧାରଣ ବିଶ୍ୱାସ ଥାଏ କୌଣସି କଥା ଉପରେ ତାକୁ ଆପଣ ବୁଝାଇ ପାରିବେ। କିନ୍ତୁ ଯାହାର ବିଶ୍ୱାସଟା ଦ୍ରବୀଭୂତ ହେଇ ଅନ୍ଧବିଶ୍ୱାସରେ ପରିଣତ ହୋଇଯାଇଛି ତାକୁ ଆପଣ କେମିତି ବୁଝାଇବେ? ସେ ତାକୁ ଅନ୍ଧ ବିଶ୍ୱାସର ସମର୍ଥନ ପାଇଁ ଗ୍ରହଣ କରେ। ମୁଁ ମଧ୍ୟ ତାଙ୍କର ଏଇ କଥା ଆରମ୍ଭ ହେଲେ ତୁନି ପଡିଯାଏ। ସେ ତାଙ୍କର ସ୍କୁଲରେ ପଢୁଥିବା ସାଙ୍ଗର ଉଦାହରଣ ଦିଅନ୍ତି। ଚନ୍ଦନା କବିତା ଲେଖୁଥିଲା। ଦିନ ନାହିଁ ରାତି ନାହିଁ ମୋଟା କବିତା ଖାତା ଧରି ବୁଲୁଥିବ। ଦିନେ ରାତି ଅଧରେ ଦୁଇଟା ଛୁଆଙ୍କୁ ଛାଡି, କେଡେ ସୁଧାର ସ୍ୱାମୀଙ୍କୁ ଚିଠିଟିଏ ଲେଖିଦେଇ ନିଜଠାରୁ ସାତବର୍ଷର ସାନ ଆଉ ଗୋଟାଏ କବି ସାଙ୍ଗରେ ଛୁ।

ମୁଁ ତାଙ୍କର ଏ କଥାରେ ଆଉ କି ଉତ୍ତର ଦିଅନ୍ତି? ଚନ୍ଦନା କଥା ଆମେ ସବୁ ଜାଣିଚୁ। ମୁଁ ସେତେବେଳେ ବାଧ୍ୟ ହୋଇ ଚୁପ୍ ହୋଇଯାଏ। ସେ ଶପଥ କରିଥିଲେ ପୁଅ ପାଇଁ ଝିଅ ଆଉ ଝିଅ ପାଇଁ ପୁଅ ଦେଖିଲାବେଳେ ଏଥିପାଇଁ ସତର୍କ ଦୃଷ୍ଟି ଦିଆଯିବ। ତେଣୁ ଝିଅ ପାଇଁ ବର ଖୋଜିଗଲାବେଳେ ତାଙ୍କର ପ୍ରଥମ ପ୍ରଶ୍ନ ଥିଲା ତୁମ ବାପା କବିତା ଫବିତା ଲେଖାଲେଖି କରନ୍ତି କି। ମାନେ ଓଡିଆ ଅଧ୍ୟାପକ କି ନା।

ନାଇଁ ମାଉସୀ। ସେ ସବୁ ଈଶ୍ୱରଙ୍କ ଦାନ। ତାଙ୍କ ଆଶୀର୍ବାଦ ନ ଥିଲେ ଜଣେ ଅକ୍ଷରଟିଏ ଲେଖିପାରିବନି। ଦେଖୁ ନାହାନ୍ତି କବି ସମ୍ରାଟ କେମିତି... ସେ କହିଲେ।

କିଏ?

କବି ସମ୍ରାଟ ଉପେନ୍ଦ୍ର ଭଂଜ। ମାଉସୀ ଆପଣ ଜାଣିଥିବେ।

ତାଙ୍କ କଥା କୁହନି। ମୁଁ ପରା ସେଇ ମାଟିର ଝିଅ।

ମୁଁ କଥାର ମୋଡ ବଦଳେଇଲି। ପୁଅ! ତୁମ ମାମୁଁ ଘର କୋଉଠି?

ମୋଡ ବଦଳିଗଲା। ଅଳ୍ପକେ ଇଣ୍ଟରଭିଉ ସରିଲା। ମୁଁ ସେଦିନ ମୋ ସ୍ତ୍ରୀଙ୍କୁ ଲକ୍ଷ୍ୟ କରୁଥିଲି। ପଇଁଚାଳିଶ ମିନିଟର ସାକ୍ଷାତକାର ସରିବାଯାଏ ସେ ବୋଧହୁଏ ଭିତରେ ଭିତରେ କୁହୁଳି ହଉଥିଲେ। ଆମେ ବାହାରକୁ ଆସି କାରକୁ ଯାଉଥିଲାବେଳେ ସେ କହିଲେ, 'କହିଲା କଅଣ ନା ଈଶ୍ୱରଙ୍କ ଆଶୀର୍ବାଦ!' ମୁଁ ମନେ ମନେ ଫୁଲି ଉଠୁଥିଲି। ତାଙ୍କୁ ଚାହିଁ ମୁଁ ମୁରୁକି ମୁରୁକି ହସୁଥିଲି।

ହେଇ ସେଦିନ ମଧ୍ୟ ସେ ଯେତେବେଳେ ଜୋଇଁ କଥା ତାଙ୍କର ଦୁଇ ସାନ ଭଉଣୀଙ୍କ ମେଳରେ କଥା ହେଉଥିଲେ। କହିଲେ ପ୍ରଶାନ୍ତଟା ବହୁତ ଭଲ ପିଲା। କବିତା

Digitized by srujanika@gmail.com

କବିତା ଲେଖାଲେଖି କରେନି। ମୁଁ ଦୂରରୁ ଲକ୍ଷ୍ୟ କରୁଥାଏଁ। ସେ ଯେ ମୋତେ ଆକ୍ଷେପ କରି ଏକଥା କହୁଥିଲେ ଏଥିରେ ମୋର ସନ୍ଦେହ ନ ଥିଲା।

ସେଦିନ ମହାତ୍ମାଗାନ୍ଧୀ ପାଠାଗାରରେ ଆମର ଓମ ପ୍ରକାଶଙ୍କ କଥା ପଡ଼ିଲା। କଥାଟା ମୁଁ ପ୍ରଥମେ ଆରମ୍ଭ କରିଥିଲି। ତାଙ୍କ କଥା ଶୁଣି ପ୍ରଫେସର ରଘୁବୀର ପ୍ରଥମେ ଚମକି ପଡ଼ିଲେ। କହିଲେ ଭାଇ ବିଶ୍ୱାସ କର ମୁଁ ତାଙ୍କ କଥା ଏକଦମ୍ ଭୁଲିଯାଇଥିଲି। ମାନେ ଅନେକଦିନୁ ତାଙ୍କ ନାଁ ଆଉ ଶୁଣିନି। ସେ ଯେ ଏଇ ସହରରେ ରହୁଛନ୍ତି ଏ ଧାରଣା ମଧ୍ୟ ମୋର ନଥିଲା। କିନ୍ତୁ ଆପଣମାନଙ୍କ ହସପିଟାଲରେ ତାଙ୍କୁ କି ଔଷଧ ମିଳେ ? ସେମାନଙ୍କୁ ଭଲ ଭଲ ପ୍ରାଇଭେଟ୍ କ୍ଲିନିକ୍ ସହିତ ଆଟାଚ ନକରେଇ...

ରିଟାୟାର୍ଡ ଆର୍ମି ଅଫିସର କପୁର କହିଲେ ପ୍ରକୃତରେ ତାଙ୍କ ପ୍ରତି ଅନ୍ୟାୟ କରାଯାଉଛି। ଚାକିରିରେ ଥିଲାବେଳେ ତୁମେ ତାଙ୍କୁ ସର୍ଦ୍ଦି କାଶ ହେଲେ ସପରିବାର ଆମେରିକା ପଠେଇବ। ଆଉ ଚାକିରିରୁ ବାହାରିଗଲେ ଅଳିଆଗଦାକୁ ଫୋପାଡ଼ି ଦେବ। ଏଇଟା କୋଉ ନ୍ୟାୟ ?

ଆଃ, ସରକାର କେତେ ଆଉ କରିବେ ? ଗୋଟାଏ ଇଂରାଜୀ ପତ୍ରିକାରୁ ମୁହଁ ଉଠେଇ ପ୍ରଫେସର କହିଲେ, ଏବେ ତ ସିଟିଂ ଏମ.ପି. ଯେତେ ଏକ୍ସ ଏମ.ପି ତାର ଦଶଗୁଣ। ସରକାରଙ୍କ ପାଖରେ ସବୁ ଏକ୍ସମାନଙ୍କର ହିସାବ ଅଛି ନା ? ଆପଣ ଜାଣିଥିବେ, କଥାଟାକୁ କୁଳଦୀପ ନାୟାର ଅତି ଚମତ୍କାର ଭାବରେ ଲେଖିଥିଲେ ପାର୍ଲାମେଣ୍ଟ ବସିବା ଦିନ। ଲୋକସଭା ସେକ୍ରେଟାରୀ ଯେତେବେଳେ ପ୍ରଧାନମନ୍ତ୍ରୀଙ୍କୁ ମନେ ପକେଇ ଦେଲେ ଜଣେ ଦିବଂଗତ ଏମ.ପିଙ୍କ ପାଇଁ ନିରବ ପ୍ରାର୍ଥନା ଓ ଶୋକ ପ୍ରସ୍ତାବ ଆଣିବା ପାଇଁ, ପ୍ରଧାନମନ୍ତ୍ରୀ କହିଲେ who is he? ପାଖରେ ବସିଥିବା ପାର୍ଲାମେଣ୍ଟାରୀ ଆଫେୟାର୍ସ ମନ୍ତ୍ରୀ ଆସ୍ତେ କରି କହିଲେ ଅଗର ଭୁଲ ଗୟେ ହେଁ ତୋ ଇଧର ବି ଭୁଲନେ ଦୋ। ଆମେ ସବୁ ହୋ ହୋ ହସି ଉଠିଲୁଁ।

କେପଟେନ କପୁର କହିଲେ ମୁଁ ଭାବୁଛି ସେମାନଙ୍କୁ ପ୍ରସିଦ୍ଧ କ୍ଲିନିକରେ ଫ୍ରି ଟ୍ରିଟମେଣ୍ଟ ସୁବିଧା ନ ଦେବାର ଆଉ ଗୋଟାଏ କାରଣ ଥାଇପାରେ।

ଆମେ ସବୁ ତାଙ୍କ ଆଡେ ଅନେଇଲୁଁ। ସମସ୍ତେ ଜାଣିଛନ୍ତି ଏବଂ ସେ କଥା ମଧ୍ୟ ଗୋଟାଏ ଲୁକ୍କାୟିତ ସତ୍ୟ ଯେ ସେମାନଙ୍କର ଉଭା ଯେତେ ପୋତା ସେତେ। ପାଞ୍ଚ ବର୍ଷ ଭିତରେ ସେମାନେ କଅଣ ପାଇ ନ ଥାଆନ୍ତି ? ପାଞ୍ଚ ବର୍ଷରେ ଅତି କମ୍‌ରେ ଅନ୍ୟ କିଛି ଦେଶସେବା କରିବାକୁ ସମୟ ମିଳି ନ ଥିଲେ ବି ଅନ୍ତତଃ ଦଶଟା "ଓ୍ୱାଇଫ୍" ତ ବିକ୍ରି କରି ପାରିଥିବେ। ଦଶ ଜେନେରେସନ୍ ପାଇଁ ଯଥେଷ୍ଟ ନୁହେଁ ? ଆଉ ଅଧିକ ମେଡ଼ିକାଲ ଫେସିଲିଟି କଅଣ ଦରକାର ?

କେପଟେନ କପୁରଙ୍କର ଏଇଟା ଗୋଟାଏ କ୍ରୁଏଲ୍ ଜୋକ୍ ପରି ମୋର ମନେ

Digitized by srujanika@gmail.com

ହେଲା। ମୁଁ ଭାବୁଥିଲି ଓମ ପ୍ରକାଶଙ୍କ ପାଇଁ ଏ ସବୁ ପ୍ରଯୁଜ୍ୟ ନୁହେଁ। କାରଣ ତାଙ୍କ ବିଷୟରେ ସେ ସବୁ କିଛି ଶୁଣା ଯାଇ ନ ଥିଲା। 'ପ୍ରଶ୍ନ ପାଇଁ ପଇସା' କି 'ହାତପାଣ୍ଠିରୁ ଦେଲାବେଳେ ଅଂଶ କାଟିବା' ପ୍ରଭୃତି ଅପବାଦ ତାଙ୍କ ନାଁରେ ଉଠିଥିବା କଥା ମୁଁ ଜାଣେନି। ମୋ ମନକୁ ଦୁଇଟା କଥା ସେତେବେଳେ ଆସୁଥିଲା। କିଛି ଶୁଣାଯାଇ ନାହିଁ ବୋଲି ସେ ଯେ ସାଧୁ ଏକଥା ଧ୍ରୁବ ସତ୍ୟ ବୋଲି ଯେମିତି ଧରା ଯାଇ ପାରେନା ଅନେକ କିଛି କରିଥିବେ ଏ କଥାକୁ ମଧ୍ୟ ସେମିତି ସମ୍ପୂର୍ଣ୍ଣ ସତ୍ୟ ବୋଲି ଧରାଯାଇ ପାରେନା। ମୁଁ ତେଣୁ କପୁରଙ୍କ କଥାରେ ହସି ନଥିଲି କି ଅନ୍ୟ କୌଣସି ପ୍ରତିକ୍ରିୟା ମଧ୍ୟ ପ୍ରକାଶ କରି ନଥିଲି। କିଛି କହିପାରୁ ନ ଥିବାରୁ ମୋତେ ଅଡୁଆ ଅବଶ୍ୟ ଲାଗୁଥିଲା। ବାଘ ମଣିଷ ଖାଏ ଏ ଲୋକାପବାଦ ଯେମିତି ଗୃହୀତ ସତ୍ୟ ଲୋକପ୍ରତିନିଧିମାନେ ଦୁର୍ନୀତିରେ ବଞ୍ଚିଥାଆନ୍ତି ଏ କଥା ମଧ୍ୟ ସେମିତି ଅବଧାରିତ ସତ୍ୟ। ସାମାନ୍ୟ କୋଉଠି ବ୍ୟତିକ୍ରମ ଥିଲେ ତାକୁ ସମୁଦ୍ରକୁ ଶଙ୍ଖେ ପାଣି ବୋଲି ଗ୍ରହଣ କରାଯାଏ।

ମୁଁ ତେଣୁ କହିଲି କିନ୍ତୁ ଓମ ପ୍ରକାଶ ବାବୁଙ୍କ ବିଷୟରେ ସେମିତି କିଛି ଶୁଣାଯାଇନି। ଅନ୍ତତଃ ମୁଁ ଜାଣିନି। ଯଦିଓ ସେ ଆମ ଅଞ୍ଚଳର ଲୋକ।

କବି ଓ ଲେଖକମାନେ କୋଉ କଥା ଜାଣିଥାଆନ୍ତି? କେପଟେନ କହିଲେ ଓ ହୋ ହୋ ହସିଲେ। ତୁମେ ତ ଥରେ କହୁଥିଲ ତୁମେ କୋଡିଏ ବର୍ଷ ହେବ ଭୋଟ ଦେଇନ। ତେବେ ଓମ ପ୍ରକାଶଙ୍କୁ କେମିତି ଜାଣିଥାଆନ୍ତ?

ପ୍ରଫେସର, କେପଟେନ୍ ଓ ମୁଁ ଆମେ ଅନେକ ଦିନର ସାଙ୍ଗ। ଏପରି ବନ୍ଧୁତାର କାରଣ ହେଲା ଆମେ ଗୋଟିଏ ବର୍ଷ ଗୋଟିଏ ମାସରେ ଅବସର ନେଇଥିଲୁ। ମହାତ୍ମାଗାନ୍ଧୀ ପାଠାଗାର ଆମ ବନ୍ଧୁତାକୁ ଆହୁରି ସୁଦୃଢ଼ କରିଦେଲା କାରଣ ଆମେ ସମସ୍ତେ ପଠନପ୍ରିୟ ଓ ଗପୁଡି। ଦୁଇ ଘଣ୍ଟାର ସମୟ ଭିତରେ ଆମେ ପଢୁଁ ଯେତିକି ଆଲୋଚନା କରୁଁ ତା ଠାରୁ ଅନେକ ବେଶୀ। ଅନ୍ୟମାନଙ୍କୁ ଅସୁବିଧାରେ ନ ପକାଇବା ପାଇଁ ଆମେ ସେଠାକୁ ଆସୁଁ ପ୍ରାୟ ଆଠଟା ବେଳେ। ଯେତେବେଳେ ଅନ୍ୟମାନେ ବିଦାୟ ନେଇ ଥାଆନ୍ତି। ଯଦି କେହି ଜଣେ ଦୁଇଜଣ ରହି ଯାଇଥାଆନ୍ତି ସେମାନେ ଆମକୁ ଦେଖିଲେ ବିଦାୟ ନିଅନ୍ତି। ବୟସ କେବେ କାହାକୁ ଏକାଠି ବାନ୍ଧିପାରେ ନାହିଁ। ମତରେ ଏକତା, ଦୃଷ୍ଟିରେ ଏକତା, ଅନେକଙ୍କୁ ଏକାଠି ବାନ୍ଧିଦିଏ। ବେଳେ ବେଳେ ଦୁଃଖର ଏକତା ମଧ୍ୟ ଏକାଧିକଙ୍କୁ ବା ଦୁଇଜଣଙ୍କୁ ଏକାଠି କରିଦିଏ। ଦୁଇ ଦୁଃଖୀ ଏକାଠି ହେଇଯାଆନ୍ତି କିନ୍ତୁ ଦୁଇ ସୁଖୀ ଏକାଠି ହୋଇପାରନ୍ତି ନାହିଁ। ସଂପଦ ଦୁଇ ଜଣକୁ ଏକାଠି କରିପାରେ ନାହିଁ। ବିପଦ ଅନେକଙ୍କୁ ଏକାଠି କରିଦିଏ। ବିପଦରେ ରକ୍ଷକ ଓ ଭକ୍ଷକ ଏକାଠି ହୋଇପାରନ୍ତି।

ଆମ ତିନି ବନ୍ଧୁଙ୍କ ଭିତରେ ଥିଲା ମତର ଏକତା। ଦୁଃଖର ଏକତା। ତିନି ମଧ୍ୟବିତ୍ତଙ୍କ ଭିତରେ ନଥିଲା ଭୋଗର ବେପରୁଆ ଭାବ। ଚାକିରିରେ ଥିଲାବେଳେ ହୁଏତ କିଏ

Digitized by srujanika@gmail.com

କେତେ ଅଏସ୍ କରିଥିବ। କ୍ଷମତା ଓ ଦକ୍ଷତାର ପାହାଡ ଫଟଉଥିବ। କିନ୍ତୁ ଅବସର ନେଲା ପରେ ଆଉ କଅଣ ଥାଏ ? ହାତୀ କଇଥ ଖାଇ ଫମ୍ପା ଖୋଳଟାକୁ ବାହାର କରିଦେଇଥିଲା ପରି। ଆମେ ସେଇ ଫମ୍ପା ହୋଇଥିବା ତିନି ବନ୍ଧୁ। ନିଜର ଅଭାବ ଅସୁବିଧା ହାନି ଲାଭ ଆମକୁ ଆପଣେଇ ଆଣୁଥିଲା। ମୁଁ ମୋର ଡାଇବେଟିସ୍‌ର ସମସ୍ୟା କଥା କହିଲାବେଳେ ଅଧ୍ୟାପକ ତାଙ୍କ ଭଡା ଘର ଓ କେପଟେନ୍ ତାଙ୍କ ନିଃସଙ୍ଗ ନିବାସ କଥାହିଁ କହି ଆମକୁ ଅଟକାଇ ଦେଉଥିଲେ।

ମୁଁ କହିଲି, ସତରେ ମୁଁ କୋଡିଏ ବର୍ଷ ହେଲା ଭୋଟ ଦେଇନି। ମୁଁ ଭାବେ ମୋର ଏ ମୂଲ୍ୟବାନ ଭୋଟଟିକୁ ମୁଁ ଏ ଅଯୋଗ୍ୟମାନଙ୍କୁ କାହିଁକି ଦେବି। ଭୋଟ କେନ୍ଦ୍ରକୁ ଯିବା ଲାଇନ ଲଗେଇବା ଏବଂ ଶେଷରେ ଯାହାକୁ ଭୋଟ ଦେବି ସେ ଯେ ଚମତ୍କାର 'ମହାକାଳ ଫଳ' ଏ କଥା ଜାଣିଲେ ମନଟା ମୋର ବିଷେଇ ଉଠେ। ସବୁଆଡୁ ଚିନ୍ତା କରି ସାରିଲା ପରେ ମୁଁ ମୋ ରିଡିଂ ରୁମ୍‌ରେ କବିତା ଲେଖିବାକୁ ବସିଯାଏଁ। ହୁଏତ ଏଇଟା ଗୋଟାଏ କାରଣ ଯୋଉଥିପାଇଁ ଭୋଟ ସମୟ ଆସିଲେ ଏବଂ କିଏ ଗୋଟେ ଓମ ପ୍ରକାଶ ଠିଆ ହେଇଚି ଜାଣିଲା ପରେ ମୁଁ ଆଉ ସେ ଆଡକୁ ମନ ଦିଏନାହିଁ।

ଠିକ୍ ତା ପରଦିନ ଟିଭିରେ ମୁଁ ଓମ ପ୍ରକାଶଙ୍କ କଥା ଶୁଣି କେମିତି କେଜାଣି ଟିକେ ସଂବେଦନ ମୋ ଭିତରେ ଉଙ୍କି ମାରିଲା। ଟିଭିରେ କହିଲା ପୂର୍ବତନ ସାଂସଦ ଓମ ପ୍ରକାଶଜୀ ହଠାତ୍ ଅସୁସ୍ଥ ହୋଇ ପଡିବାରୁ ତାଙ୍କୁ ପ୍ରଧାନ ହସପିଟାଲରେ ଭର୍ତ୍ତି କରାଯାଇଛି। ତାଙ୍କୁ ନିମୋନିଆ ହେଇଛି ବୋଲି ସନ୍ଦେହ କରାଯାଉଚି ଏବଂ ତାଙ୍କ ସ୍ୱାସ୍ଥ୍ୟ ଏବେ ଗମ୍ଭୀର ଅବସ୍ଥାରେ ଅଛି। ମୁଖ୍ୟମନ୍ତ୍ରୀ ତାଙ୍କୁ ଦେଖିବାକୁ ଯାଇଥିଲେ ଏବଂ ପ୍ରଧାନମନ୍ତ୍ରୀ ତାଙ୍କ କଥା ପଚାରି ବୁଝିଥିଲେ।

ଏ କଥା ଶୁଣିଲାପରେ ମୋ ଭିତରେ ତାଙ୍କ ପ୍ରତି ଦୟା ଭାବ ଜାଗ୍ରତ ହେଲା। ଦୁଇଟି କଥା ମଧ୍ୟ ମୋ ମନକୁ ଆସିଲା। ପ୍ରଥମରେ ମୁଖ୍ୟମନ୍ତ୍ରୀ ତାଙ୍କୁ ଦେଖିବାକୁ ଯାଇଥିଲେ ମାନେ ସେ ନିଶ୍ଚୟ ଜଣେ ଅସାଧାରଣ ବ୍ୟକ୍ତିତ୍ୱ ଏବଂ ଦ୍ୱିତୀୟରେ ପ୍ରଧାନମନ୍ତ୍ରୀ ତାଙ୍କ କଥା ଖାଲି ପଚାରି ବୁଝିଲେ କାହିଁକି। ତାଙ୍କୁ ଏମ୍‌ସ୍‌କୁ ନେଇଯାଇ ପାରିଥାଆନ୍ତେ। ଷ୍ଟେଟ୍ ହସପିଟାଲରେ କଅଣ ଥାଏ ? ସେଠି ନା ଡାକ୍ତର ଥାଆନ୍ତି ନା ଔଷଧ ପତ୍ର ଥାଏ। ଆଉ ତା ଛଡା ସେଠି ଷ୍ଟ୍ରେଚର କିମ୍ବା ଲିଫ୍‌ଟରେ ରୋଗୀଙ୍କୁ ନେଲାବେଳେ ପଇସା ମଗାଯାଏ। ପଇସା ନ ଥିଲେ ରୋଗୀ ବାରଣ୍ଡାକୁ ମଧ୍ୟ ଚଢ଼ି ପାରେନାହିଁ। ଯୋଉଠି ସ୍ୱାସ୍ଥ୍ୟମନ୍ତ୍ରୀ ମାଆଙ୍କ ମୃତ୍ୟୁ ହେଇଥିଲା ଡାକ୍ତର ନିଜ କ୍ଲିନିକ୍ ଛାଡି ଆସି ନ ପାରିବାରୁ, ସେଠି ଜଣେ ଏକ୍ସ ଏମ.ପି.ଙ୍କ ଚିକିତ୍ସା କେମିତି ହେବ ?

ଏଇ କଥାଟା ମୋ ମନକୁ ବେଶୀ ଆନ୍ଦୋଳିତ କଲା। ଏକ୍ସ ହେଲେ ମଧ୍ୟ ସେ ଜଣେ ଏମ.ପି. ତ। ଏକଦା ତାଙ୍କ ପ୍ରତାପ ଯେ ଅସୀମ ଥିଲା ଏଥିରେ ସନ୍ଦେହ ନାହିଁ।

Digitized by srujanika@gmail.com

ସେମାନଙ୍କ ଗୋଡରେ ପିମ୍ପୁଡିଟିଏ କାମୁଡିବାକୁ ସୁରକ୍ଷା ଦଳ ଦଉ ନଥିଲେ। ଆଜି ସେ ଏକ୍ସ ହୋଇଗଲେ ବୋଲି ରାଷ୍ଟ୍ର ତାଙ୍କୁ ଏତେ ହତାଦାର କରିବ ? ଯୋଉ ଦେଶରେ ବଡ ବଡ ଲୋକଙ୍କୁ ବିଶେଷ କରି ବିଶିଷ୍ଟ ଦେଶସେବୀମାନଙ୍କୁ ସୁବିଧା ସୁଯୋଗ ମିଳେ ନାହିଁ ସେଠି ସାଧାରଣ ଜନତାଙ୍କୁ କିଏ ପଚାରେ ? ଆମ ଦେଶର ଲୋକଙ୍କୁ କେବଳ କ୍ଷମତାରେ ଥିବାଯାଏ ସବୁ ମିଳୁଥାଏ। କ୍ଷମତାରୁ ଗଲେ ସମସ୍ତେ ତାଙ୍କୁ ପାଶୋରି ଯାଆନ୍ତି।

ପର ଦୁଇଦିନ କାଳ ମୁଁ ଆଉ ତାଙ୍କ କଥା ମନେ ପକେଇ ନାହିଁ। ନା ମୁଁ ପାଠାଗାରକୁ ଯାଇଛି ନା ଆଉ କାହା ସହିତ ଆଲୋଚନା କରିଚି। କିନ୍ତୁ ସେ ଦିନ ସକାଳେ ଟିଭିରୁ ତାଙ୍କ ମୃତ୍ୟୁ ସଂବାଦ ଶୁଣି ମୁଁ ଆଶ୍ଚର୍ଯ୍ୟ ହେଲି। ମୃତ୍ୟୁଟା ଏମିତି ଅଚାନକ ଆସେ କି ? ତାଙ୍କୁ ସାମାନ୍ୟ ମାତ୍ର ସୁଯୋଗ ଦିଆଗଲାନି। ସୁଯୋଗ ନା ସରକାର ଦେଲେ, ନା ଯମପୁର ଦେଲା। ମଣିଷକୁ ସୁବିଧା ସୁଯୋଗ ଦେବାରେ ଏ ଉଭୟଙ୍କ କାର୍ପଣ୍ୟ ସମାନ। ତାଙ୍କ ଶବକୁ ଦିନ ତମାମ ହସପିଟାଲରେ ରଖାଯିବ ଶୁଣି ମୋ ସ୍ତ୍ରୀ କହିଲେ ଯାଇ ଟିକେ ଦେଖି ଆସନ୍ତେନି। ଆମ ଅଞ୍ଚଳର ଏତେ ବଡ ଲୋକଟା ଚାଲିଗଲା ଯେତେବେଳେ...।

ହସପିଟାଲ ଯିବା କଥା ଶୁଣି ମୋ ମନଟା ପିତେଇ ଉଠିଲା। ଏଇ ସମୟରେ ମୋତେ ଜୋର ଲେଖା ମାଡୁଚି। ମୋତେ ଯେମିତି ହେଲେ ଲେଖାଟା ଶେଷକରି ପଠାଇବାକୁ ପଡିବ। ସୁଅ ମୁହଁରେ ଭାବଟା କୂଳ ଉଛୁଳାଇ ଯେତେବେଳେ ମାଡି ଆସେ ସେତେବେଳେ ଲେଖକମାନେ ଆଉ ନିଜ ଅକ୍ତିଆରରେ ରହି ପାରନ୍ତିନି। ଏକଥା ମୋର କବିତା ବିରୋଧୀ ଧର୍ମପତ୍ନୀ ଯଦି ବୁଝୁ ଥାଆନ୍ତେ ତେବେ ସେ ଏ କଥା କେବେ କହନ୍ତେନି। ସେଇଟା ଗୋଟାଏ ସମୟ ଯେତେବେଳେ କବିମାନେ ଏକ୍ସ ଏମ.ପି. ଖାଲି ନୁହେଁ ସ୍ୱୟଂ ଈଶ୍ୱର ତାଙ୍କ ଆଗରେ ଛଟପଟ ହେଇ ମରୁଥିଲେ ମଧ୍ୟ ତାଙ୍କ ପାଟିରେ ପାଣି ମୁନ୍ଦେ ଦେବା କଥା ଭୁଲିଯାଆନ୍ତି। କିନ୍ତୁ ଉପାୟ ନାହିଁ। କବି ସମସ୍ତଙ୍କ କଥା ଏଡି ଦେଇପାରେ। କିନ୍ତୁ ସ୍ତ୍ରୀର କଥା ଏଡି ପାରେନା।

ଆମେ ହସପିଟାଲରେ ପହଞ୍ଚି ଦେଖିଲୁଁ ସତକୁ ସତ ଅନେକ ଲୋକ। ସାଧାରଣ ଲୋକ, ଭି.ଆଇ.ପି. ଓ ତାଙ୍କ ନିଜ ଲୋକ ଅପେକ୍ଷା ପୁଲିସ ବେଶୀ। ସେମାନଙ୍କ ଭିତରୁ ଆଉ ଦୁଇଜଣ ଥିଲେ, ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ଏମିସାରୀ। ସେମାନେ ତାଙ୍କ ଶବାଧାର ଉପରେ ପୁଷ୍ପଗୁଚ୍ଛ ଦେଇ ଚାଲିଗଲେ। ଟିଭି ଓ ଫଟୋ ସାମ୍ବାଦିକମାନେ ମଧ ତାଙ୍କ ପଛେ ପଛେ ବିଦାୟ ନେଲେ। ଆମେ ଦେଖିଲୁଁ କେମେରାମେନ୍ ଚାଲିଗଲା ପରେ ସେଠି ଆଉ ପ୍ରାୟ କେହି ରହିଲେନି। ଯିଏ ରହିଲେ ସେମାନେ ହେଲେ ଗୋଟିଏ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଶାନ୍ତିପଥ'ର କିଛି ଲୋକ। ଆମ ସହରରେ 'ଶାନ୍ତିପଥ'ର ନାଁ ଖୁବ୍ ଶୁଣାଯାଏ। ତାର କର୍ମୀମାନେ କେଉଁଠି ଥାଆନ୍ତି କେଜାଣି ଖବର ପାଇବାର ଅଧ ଘଣ୍ଟାଏରୁ କମ୍ ସମୟ ଭିତରେ ଆସି ଶବ ପାଖରେ ପହଞ୍ଚିଯାଆନ୍ତି ଏବଂ ଶବ ସତ୍କାରର ସବୁ କାମ

Digitized by srujanika@gmail.com

ଆରମ୍ଭ କରି ଦିଅନ୍ତି। ଯିଏ ଯୋଉ ଧର୍ମର ସେହି ଅନୁସାରେ ସେମାନେ ସବୁ କାମ କରନ୍ତି। ସବୁ ଦାୟିତ୍ୱ ତାଙ୍କର।

ମୋ ସ୍ତ୍ରୀ ପଚାରିଲେ ତାଙ୍କର କଣ ନିଜର କେହି ନାହିଁ।

ମୁଁ ତ ଜାଣିନି। ତେବେ କ୍ଷମତାରୁ ଗଲାପରେ ଆଉ ସାଙ୍ଗସାଥୀ କାହିଁକି ଆସିବେ ? ଆତ୍ମୀୟମାନେ ହୁଏତ ଦେଖୁଥିବେ କୋଉ ବେଙ୍କରେ ସିଏ କେତେ ରଖିଛନ୍ତି।

ଏତିକିବେଳେ ମୋର ନଜର ପଡ଼ିଲା ଚମନଲାଲଜୀଙ୍କ ଉପରେ। ସେ ଯେ 'ଶାନ୍ତିପଥ'ର ଜଣେ କର୍ମକର୍ତ୍ତା ସେ କଥା ଜାଣି ନ ଥିଲି। ସେ ଜଣେ ଭଲ ପେଣ୍ଟର। ସୁନ୍ଦର ଚିତ୍ର ଆଙ୍କିପାରନ୍ତି। ମୁଁ ତାଙ୍କୁ ଦେଖିଛି, ତାଙ୍କର ସ୍ପେଶାଲ୍ ଆର୍ଟ ଦୋକାନରେ। ସେ ସବୁ ପଲିଟିକେଲ୍ ପାର୍ଟିର ବେନର ତିଆରି କରନ୍ତି। ସାଧାରଣ ସଭା, ଶୋଭାଯାତ୍ରା, ସମୟରେ ହେଉ ବା ନିର୍ବାଚନ ସମୟରେ ହେଉ, ସେ ସମସ୍ତଙ୍କୁ ଅତି ଉନ୍ନତମାନର ବେନର ତିଆରି କରି ଦିଅନ୍ତି। ତାଙ୍କ ସହିତ ମୋର ପରିଚୟ ହେଇଥିଲା ଗାନ୍ଧୀ ଶତବାର୍ଷିକୀ ପାଳନ ବେଳେ। ମୁଁ ଯାଇଥିଲି ତାଙ୍କ ପାଖକୁ ଆମ ଡିପାର୍ଟମେଣ୍ଟ ପାଇଁ ବେନର ତିଆରି କରିବାକୁ, ପ୍ରାୟ ଲକ୍ଷେ ଟଙ୍କାର କାମ କରେଇଥିଲି।

ତାଙ୍କୁ ସେ ଦିନ ସେଠି ଦେଖି ମୁଁ ଆଶ୍ଚର୍ଯ୍ୟ ହୋଇଗଲି।

ଆପଣ ଏଠି କେମିତି ? ମୁଁ ପଚାରିଲି। ସେ କହିଲେ ମୋ ସ୍ପେଶାଲ୍ ଆର୍ଟରେ ଗତ କେତେ ବର୍ଷ ହେଲା ଲଗାତାର କ୍ଷତି ହେଲା। ଗାନ୍ଧୀ ଛବିର ବେନରରୁ ମୋର ସବୁଠାରୁ ବେଶୀ ଲସ୍ ହେଲା। କେହି ପଇସା ଦେଲେନି। ନିର୍ବାଚନ ସମୟର ବେନରର ମଧ ସେଇ ଅବସ୍ଥା। ହାରିବା ଓ ଜିତିବା ପକ୍ଷ କେହି ଧରାଛୁଆଁ ଦେଲେନି। ମୁଁ ସେ ଦୋକାନରେ ତାଲା ପକେଇ ଦେଇ ଏବେ ଏଥିରେ ଯୋଗ ଦେଇଚି। ପିଲାଛୁଆଙ୍କୁ ତ ପୋଷିବାକୁ ହେବ।

ମୁଁ ଦେଖିଲି ସେ ହସୁଛନ୍ତି। ସବୁଠି ମୃତ୍ୟୁକାଳୀନ ଛାୟାଖେଳି ବୁଲୁଥିଲା ବେଳେ ତାଙ୍କ ମୁହଁର ହସଟା ମୋତେ ଭଲ ଲାଗୁ ନଥିଲେ ମଧ୍ୟ ମୁଁ ଦେଖିଲି ତାଙ୍କ ହସ ବେଶ ଗୋଟାଏ ସୁନ୍ଦର ଓ ଆତ୍ମତୃପ୍ତିର ହସ।

❑❑

Digitized by srujanika@gmail.com

ହାଟସଉଦା

ମୁନ୍ନାଖାଁକୁ ମୁଁ ଯେତେବେଳେ ଦେଖେଁ, ସେ ତା ଚା' ଦୋକାନରେ ବସିଚି। ତା ଚା'ଦୋକାନଟା ବିଶେଷ ଧରଣର। ହୋଟେଲ ଭଳିଆ ତା ଦୋକାନ ଭିତରେ ବେଞ୍ଚ୍ ଓ ଟେବୁଲ୍ ପଡ଼ିଥାଏ। ଗୋଟାଏ ସାଧାରଣ ଚା' ଦେକାନରେ ଧାଡ଼ିଧାଡ଼ି ହେଇ ବେଞ୍ଚ୍ ଓ ଟେବୁଲ୍ ଯିଏ ଦେଖିବ- ସେ ଭାବିବ, ଏଇଟା ହୁଏତ ଗୋଟିଏ ହୋଟେଲ୍। ସହରତଳି ବସ୍ତିମାନଙ୍କର ଛକ ଜାଗାରେ ହୋଟେଲଟିଏ ହେବା କିଛି ବଡ଼ କଥା ନୁହେଁ। କିନ୍ତୁ ମୁନ୍ନା ଖାଁ ତା ଦୋକାନ ସାମ୍ନାରେ ଯୋଉ ସାଇନ୍‌ବୋର୍ଡ଼ ମାରିଚି, ସେଥିରେ ଲେଖାଅଛି 'ମୁନ୍ନା ଖାଁ ଟି ଷ୍ଟଲ୍'। ଟି' ଷ୍ଟଲ୍‌ଟିକୁ ମଧ୍ୟ ଦେଖିବାର କଥା। କରତ କଳରେ କାଠ ଚିରିଲାବେଳେ ଯୋଉ ଛାଲି ବାହାରେ, ସେଇ ଛାଲିକୁ ଆଣି ସେ କାନ୍ଥ ତିଆରି କରିଚି। ସେଥିରେ ତିଆରି ହେଇଚି ଗୋଟିଏ ୧୫ x ୧୦·ଫୁଟ୍‌ରେ ଘର। ତାର କବାଟ ନଥାଏ। ଆବଶ୍ୟକତା ନାହିଁ। ତାର କାରଣ, ଦୋକାନଟା ରାତିରେ ୩/୪ ଘଣ୍ଟା ଛଡ଼ା ବାକି ସବୁ ସମୟରେ ଖୋଲାଥାଏ। ଆଉ ମୁନ୍ନା ଖାଁ କେବଳ ରାତିରେ ସେଇ ୩/୪ ଘଣ୍ଟାକୁ ଛାଡ଼ିଦେଲେ ବାକି ସମୟତକ ସେଠି ଥାଏ।

ଗୋଟାଏ ବଡ଼ କଥା ହେଲା, ମୁନ୍ନା ଖାଁର ଚା' ଦୋକାନଟା ସାହି ଭିତରକୁ ପଶିବା ମୁହଁରେ। ତେଣୁ କାମକୁ ଗଲାବେଳେ ବା ଆସିବାବେଳେ ଜଣେ ଚା' ଅବଶ୍ୟ ପିଇବ। ମୁଁ ଆଗରୁ ହୋଟେଲ ପରି ବେଞ୍ଚ୍ ଓ ଟେବୁଲ୍ କଥା କହିଥିଲି। ତାର କାରଣ ହେଲା, ଖରାବେଳେ କେହି କେତେବେଳେ ନଥିଲେ ଟି' ଷ୍ଟଲରେ କାମ କରୁଥିବା ଲୋକମାନେ ଶୋଇପଡ଼ନ୍ତି ଏବଂ ରାତିରେ ମଧ୍ୟ। ଆଉ ତା ଛଡ଼ା ସେ ଦୋକାନରେ ସଞ୍ଜବେଳେ କିଛି କିଛି ଜଳଖିଆ ଯଥା- ଚାଟ୍, ଘୁଘୁନି ଇତ୍ୟାଦି ତିଆରି ହୁଏ। ତା ସହିତ

Digitized by srujanika@gmail.com

ଗୁଲାବ ଖାଁ ବେକେରିରୁ ଅନେକ ପ୍ରକାର ପାଉଁରୁଟି ଓ ବିସ୍କୁଟ, ଯାହାର ମୂଲ ଏ ମହଙ୍ଗା ଯୁଗରେ ମଧ୍ୟ ତିନିଟାକୁ ଟଙ୍କାଏରୁ ବେଶି ବଢ଼ିନାହିଁ, ତାକୁ ଆଣି ସେ ରଖିଥାଏ। ମୁନ୍ନା କୁହେ, ଆମ ଗୁଲାବଭାଇ ହିନ୍ଦୁସ୍ତାନର ରେଳମନ୍ତ୍ରୀ ପରି ବଡ଼ ଉଦାର। ରେଳବାଇ ମନ୍ତ୍ରୀ ଯେମିତି ବର୍ଷ ବର୍ଷ ଧରି ରେଳଭଡ଼ା ବଢ଼ାଇନାହାନ୍ତି, ଗରିବଙ୍କ ସେବାପାଇଁ ଆମ ଗୁଲାବଭାଇ ସେମିତି ଗରିବଙ୍କ ପାଇଁ ବିସ୍କୁଟ ତିନିଟାକୁ ଏକଟଙ୍କାରୁ ବେଶି କରୁନାହାନ୍ତି, ଗତ ତିନିବର୍ଷ ହେଲା।

ମୁଁ କିନ୍ତୁ ଏ ଦୁଇଟା କଥା ପଛରେ ଥିବା ଅର୍ଥନୀତିକୁ ଏଯାଏ ବୁଝିପାରିନାହିଁ। ସବୁ ଜିନିଷର ଦାମ୍ ଗତ ପାଞ୍ଚବର୍ଷ ଭିତରେ ପାଞ୍ଚଗୁଣ ବଢ଼ିଥିବାବେଳେ ରେଳଭଡ଼ା ନ ବଢ଼ି ମଧ୍ୟ ଲାଭ କେମିତି ହେଉଚି ଏବଂ ଏ ଦିଗରେ ଗୁଲାବ ଖାଁ ସବୁ ବଜାର ଦରକୁ ସାମ୍ନା କରି ମଧ୍ୟ ଦର ସ୍ଥିର ରଖି ଲାଭ କରୁଚି ଏବଂ ପାଉରୁଟି କାରଖାନାର ସଂପ୍ରସାରଣ କରୁଚି। ରାଜନୀତିର ବ୍ୟବସାୟ ଓ ବ୍ୟବସାୟର ରାଜନୀତି କେମିତି ସମାନ ତାଳ ଦେଇ ଏକାଠି ଚାଲିପାରୁଚି ?

ମୁଁ ଥରେ ମୁନ୍ନା ଖାଁକୁ ଏକଥା ପଚାରିଲି - ମୁନ୍ନା ଭାଇ ଏ କଥା କେମିତି ସମ୍ଭବ ହେଲା ? ଚିନି ଦର ୧୫ରୁ ୪୫ ହେଲା, ଆଳୁପିଆଜ ଦାମ୍ ଦଶଗୁଣ ବଢ଼ିଲା, ଅଥଚ ଗୁଲାବ ଖାଁର ଜନତା ବିସ୍କୁଟ ଦାମ୍ ପଇସାଟିଏ ବି ବଢ଼ିଲା ନାହିଁ ?

ମୁନ୍ନା ମିଆଁ ଗୋଟେ ଭିନ୍ନ ମୁଡ୍‌ରେ ଥିଲା କି କଅଣ, କହିଲା ଗତ ପାଞ୍ଚବର୍ଷ ଭିତରେ ମୁଁ ମୋର ଦୁଇଟା ସ୍ତ୍ରୀରୁ ତିନିଟା କରିନାହିଁ, ଯଦିଓ ଅନେକ ସମୟରେ ଦରକାର ହେଉଚି। ମୁଁ ତା'ର ସଂଖ୍ୟା ମଧ୍ୟ ସ୍ଥିର ରଖିଚି।

ମୁଁ ତାକୁ ଅନେଇଲି ଏବଂ ସେ ମଧ୍ୟ ତା'ର ବିରାଟ ଦାଢ଼ିକୁ ସ୍ନେହରେ ସାଉଁଳୁ ସାଉଁଳୁ କହିଲା, "ଦରଦାମ୍ କଥା ଯେମିତି ସାମଗ୍ରୀ ବୁଝେନାହିଁ, ମୋର ଆବଶ୍ୟକତା କଥା ମୋ ସ୍ତ୍ରୀ ବୁଝେନାହିଁ।" ସେ ହସିଲା।

ମୁନ୍ନା ମିଆଁ ସବୁବେଳେ ଏମିତି। ତା'ର ସ୍ତ୍ରୀମାନଙ୍କୁ ନେଇ ଆମ ଆଗରେ ଗପେ ଓ ଥଟ୍ଟାତାମ୍‌ସା କରେ। ସେ ହୁଏତ ବୁଝେନା ଯେ ନିଜ ସ୍ତ୍ରୀକୁ ନେଇ ଏମିତି ଥଟ୍ଟା ତାମ୍‌ସା କରିବା ମୋଟେ ଭଲ ନୁହେଁ।

ତମେ କଅଣ ଏବେ ମଧ୍ୟ ତୃତୀୟ ଆଣିବ ବୋଲି ଭାବୁଚ ?

ଭାବୁଚି, ଅଲବତ ଭାବୁଚି। କେମିତି ନ ଭାବିବି, କୁହ ? ପ୍ରଥମଟାର ଚେହେରା

Digitized by srujanika@gmail.com

ଏମିତି ଯେ ଫୁଙ୍କିଦେଲେ ଉଡ଼ିଯିବ। ବାରମାସରେ ତେର ରୋଗ। ଦୋକାନର ସବୁ ପଇସା ସେଇଠି ଯାଉଚି। ଆଉ ଏଆଡ଼େ ଦ୍ୱିତୀୟଟାର ଚେହେରା ଠିକ୍ ଅଛି, କିନ୍ତୁ ସାତବର୍ଷ ଭିତରେ ପାଞ୍ଚଟା ଛୁଆ। ମୋ' କଥା କିଏ ବୁଝୁଚି ?

ମୁଁ ମୁନ୍ନା ମିଆଁ କଥା ଜାଣେ। ତା'ର ମାନସିକତା ମଧ୍ୟ ମୁଁ ବୁଝେ। ଦୁଇଟିଯାକ ସ୍ତ୍ରୀ ତା'ଠୁ ବସ୍ତୁତଃ ଅଲଗା ରହନ୍ତି। ସେମାନଙ୍କ ଶୋଇବା କୋଠରି ଅଲଗା। ମୁନ୍ନା ବି ଅଲଗା। ତା'ର କୋଠରି ସ୍ୱତନ୍ତ୍ର। ବାରଣ୍ଡାର ଗୋଟିଏ ପାର୍ଶ୍ୱରେ ହେଁସ ଟାଙ୍ଗି ତିଆରି ହେଇଚି।

ମୁନ୍ନା ମିଆଁର ସେଇ ଘରଟା ବଡ଼ ନୁହେଁ। ନିହାତି ଛୋଟ ବି ନୁହେଁ। ଦିଇଟା ମାତ୍ର କୋଠରି ଥିଲା। ପ୍ରଥମ ବିବାହର ଦୁଇ ବର୍ଷ ପରେ ସେ ଯେତେବେଳେ ଦେଖିଲା, ଗଛରେ ଫୁଲ ଫୁଟୁନାହିଁ କି ଫଳ ଫଳୁନାହିଁ, ଅଥଚ ରୋଗବଇରାଗ ଲାଗି ରହିଚି, ହାକିମ୍‌ଭାଇ ଏ ଅଞ୍ଚଳର ସବୁ ଚେରମୂଳି ସାରିଦେଲଣି ଏବଂ ମକ୍କା ମଦିନାରୁ ଆସିଥିବା ସବୁ ପଥର ପାଣି ହେଇସାରିଲାଣି, ସେତେବେଳେ ସାଇପଡ଼ିଶା ଓ ବନ୍ଧୁବାନ୍ଧବ, ସମସ୍ତେ କହିଲେ, 'ବେକାରଟାରେ କାହିଁକି ପୋଷିବୁ ?'

ମୁନ୍ନାଭାଇର ମନଟା ଛୋଟ ନୁହେଁ। ସେ ଯେକୌଣସି ମୁହୂର୍ତ୍ତରେ 'ତଲାକ୍' କହିଦେଇପାରିଥାଆନ୍ତା। ପୂରା ଶବ୍ଦ ଉଚ୍ଚାରଣ ନ କଲେ ମଧ୍ୟ ଚଳେ। ନିଦରେ-ଅଚେତନ ଥାଉକି ମଦ ନିଶାରେ ଚୁର୍ ହେଇଥାଉ, ତିନି ଅକ୍ଷର ପାଇଁ ତାର ଅଧିକାର ଅଖଣ୍ଡ। ତାକୁ ସ୍ୱର୍ଗ - ନର୍କ -ପାତାଳରେ କେହି ବି ଚେଲେଞ୍ଜ କରିପାରିବନାହିଁ। କିନ୍ତୁ ମୁନ୍ନାଭାଇ ସେତକ କରିନଥିଲା।

ଥରେ ତ ଏମିତି ହେଇଥିଲା, ମୁନ୍ନା ମିଆଁ ଘରୁ ରାଗିକି ଆସିଥିଲା କି କଅଣ, ଦୋକାନରେ କର୍ମଚାରୀମାନଙ୍କ ଉପରେ ତ ରାଗୁଥିଲା, ଜଣେ ଗ୍ରାହକ ଉପରେ ମଧ୍ୟ ରାଗିଉଠିଲା, ପୁଣି ସାମନ୍ୟ କଥାରେ। ମୁଁ ସେତିକିବେଳେ ପହଞ୍ଚିଗଲି। ମୁଁ ଜଣକ ସାଥିରେ ମୋବାଇଲରେ କଥା ହେଉଥିଲି ଓ ତାକୁ ମଧ୍ୟ ଦେଖୁଥିଲି। ସେ ହଠାତ୍ ମୋତେ ମୋବାଇଲ୍ ମାଗିଲା - ଦିଅ, ଜଲ୍‌ଦି ଦିଅ।

"ନମ୍ବର କୁହ, ମୁଁ ଲଗେଇଦଉଚି।"ମୁଁ କହିଲି,

"ତା'ର କଅଣ ମୋବାଇଲ୍ ଅଛି ?"ସେ କହିଲା

"ତେବେ କେମିତି କଥା ହେବ ? କଣ୍ଟାକ୍ଟ ନମ୍ବର ?"

ସେ ଚୁପ ହେଇଗଲା।

Digitized by srujanika@gmail.com

"କାହାକୁ ଫୋନ୍ କରିବ ? ନାଁ କୁହ।"

"ସେଇ ଶାଳୀ ବଦ୍‌ମାସ - ଫତିମା"।

ମୋ' ମୁହଁରୁ କଥା ବାହାରିଲାନି। ମୁଁ ଜାଣେଁ, ଫତିମା ତା'ର ପ୍ରଥମ ସ୍ତ୍ରୀ। ଦିନେ ଯାହାକୁ ସେ 'ମମତାଜ', 'ବେଗମସାହେବା' ବୋଲି କହୁଥିଲା। ତା'ରି ପାଇଁ ମଧ ସେ ନର୍ସରୀରୁ ସେତେବେଳେ ଗୋଟାଏ ଲାଲ୍ ଗୋଲାପର ଚାରା ଆଣି ଘର ଆଗରେ ଲଗେଇଥିଲା। ଫତିମାକୁ ସେ ସେଇ ଗୋଲାପ ସହିତ ତୁଳନା କରୁଥିଲା।

ମୁନ୍ନା ମିଆଁକୁ ଆଉଥରେ ମୁଁ ଦେଖିଥିଲି, ତା ଚା' ଦୋକାନରେ। ବାହାଘରର ପ୍ରଥମ କେତେମାସ ଭିତରର କଥା। ଗୋଟାଏ ଚା' ଦୋକାନୀକୁ ଏମିତି ବେଶପୋଷାକ ଓ ଖୁସ୍ ମିଜାସରେ ହୁଏତ କେହିକେବେ ଦେଖି ନଥିବ। ଗୋଟାଏ ସୁନ୍ଦର ଚେକ୍ ଲୁଙ୍ଗି ଓ ଫିନ୍‌ଫିନ୍ ମଖମଲି ଧଳା କନାର ପଞ୍ଜାବି। ଦୁଇ କାନ୍ଧରେ କୁଞ୍ଚ ପଡ଼ିଚି। ବେକରେ ଛିଟ କନାର ରୁମାଲ୍, ଆଉ ମୁଣ୍ଡରେ ବାଦଶାହା ଟୋପି। ମୁଁ ପିଲାକାଳେ ଇତିହାସବହିରେ ଦେଖିଥିବା ଶାହାଜାହାନଙ୍କ ଛବି ସହିତ ମିଶିଯାଉଚି। ମୁଁ ଯେତେବେଳେ ତା' ପାଖରେ ଯାଇ ଠିଆହେଲି ଭୁରୁଭୁରୁ ଅତର ଗନ୍ଧରେ ମୋ' ନାକ ଉତ୍ତେଜିତ ହେଇଉଠିଲା। ମୁଁ ଆଶ୍ଚର୍ଯ୍ୟ ହେଇ ତାକୁ ଯେତେବେଳେ ଚାହିଁଲି, ସେ ହସିଦେଲା। କହିଲା - "ଦେଖୁଚ କଅଣ ମ ? ସେ ଶାଳୀର କାଣ୍ଡକାରଖାନା ଦେଖୁନ। ବାହାଘରବେଳେ ତାକୁ କିଏ ଦେଇଥିଲା ଗୋଟାଏ ଶିଶି। ଆଜି ମୁଁ ବାହାରିଲାବେଳେ ମୋ' ଦେହରେ ଛିଞ୍ଚିଦେଲା। ଆହୁରି କଅଣ କହିଲା, ଜାଣ ?"

ମୁଁ ଆଉ ତା' କଥା ଶୁଣିବା ଅବସ୍ଥାରେ ନଥିଲି। ମୁଁ ଜାଣେ, ନବବିବାହିତମାନଙ୍କର ରାତ୍ରିର ଶେଷପ୍ରହରର ଅଛିଣ୍ଡା ପ୍ରେମ ସକାଳେ ଛିଣ୍ଡେ। ମୁଁ ତା'ର 'ଶାଳୀ' ଶବ୍ଦର ବ୍ୟବହାରକୁ ଦେଖୁଥିଲି। ଅତର ଛିଞ୍ଚିଲାବେଳେ ତାର 'ଶାଳୀ' ଉଚ୍ଚାରଣରେ ଥିଲା ଅମାପ ପ୍ରେମ। କିନ୍ତୁ ଆଜି ସେଇ 'ଶାଳୀ' ଶବ୍ଦ ଭିତରେ ଅଛି ଅମାପ ଘୃଣା।

ମୁଁ ତାକୁ ପଚାରିଲି, "ତୁମେ ଫତିମାକୁ ମୋବାଇଲରେ କଅଣ କହିବାକୁ ଚାହୁଁଚ ? ଏମିତି କିଛି ଜରୁରୀ... ?

"ତଲାକ୍। କେବଳ ସେତିକି। ତାକୁ ଆଉ ମୋର କଅଣ କହିବାର ଅଛି ?"

ମୁଁ ସ୍ତମ୍ଭୀଭୂତ ହେଇଗଲି।

ଗୋଟାଏ ନାରୀ, ବିବାହିତା ସ୍ତ୍ରୀ, ବାରବର୍ଷ ବିତାଇସାରିଲାଣି ଜଣକ ସାଥିରେ।

Digitized by srujanika@gmail.com

ମହାର୍ଘ ଜୀବନର ସବୁ ମଧୁ, ସ୍ୱାମୀ ପଦରେ ବରିଥିବା ପୁରୁଷଟିର ପାଦତଳେ, ନିର୍ବିଚାରରେ ଅଜାଡ଼ି ଦେଇସାରିଲାପରେ ଏବଂ ସଂପୂର୍ଣ୍ଣ ନିଃଶେଷିତ ହୋଇସାରିଲା ପରେ ଏବେ ଗୋଟିଏ ଅନୁଚ୍ଚାରିତ ବା ଅର୍ଦ୍ଧୋଚାରିତ ଶବ୍ଦ ବଳରେ ରାସ୍ତାକୁ ଫିଙ୍ଗାହୋଇଯିବ।

କାହିଁକି ? କ'ଣ ତା'ର ଅପରାଧ ?

ମୋର ମନେହେଲା, ମୁନ୍ନା ଯେମିତି କହୁଚି, ଅପରାଧ ଆଉ କଅଣ ? ନାରୀ ଯଦି ପୁରୁଷର ଭୋଗ୍ୟ ହୋଇନପାରିଲା, ନାରୀ ଯଦି ସ୍ୱଧର୍ମ ପାଳନରେ ଅଯୋଗ୍ୟା, ତେବେ ତା'ର ଆବଶ୍ୟକତା କଅଣ ?

ମୁନ୍ନା ହସୁଚି। କହୁଚି, ମୋବାଇଲ୍‌ଟା ଦିଅ। ପକେଟରେ ରଖିଦଉଚ ଯେ ? ତା' ଆଖିରେ ଏତେ କ୍ରୁରତା ମୁଁ ଆଗରୁ କେବେ ଦେଖି ନଥିଲି। ମାତ୍ର ଗୋଟିଏ ଶବ୍ଦରେ ସେ ତା' ଜୀବନର ସବୁ ସମସ୍ୟାର ସମାଧନ କରିଦେବ ବୋଲି ଭାବୁଚି।

ମୁଁ ମୋବାଇଲ୍‌ଟା ପକେଟ ଭିତରେ ରଖି ମୁଠାଇଧରିଥିଲେ ମଧ୍ୟ ଭାବୁଥିଲି, ମୁନ୍ନା ମିଆଁ ଯୋଉ ମୁଡ୍‌ରେ ଏବେ ଅଛି, ସେଥିରେ ବିନା ମୋବାଇଲ୍‌ରେ ମଧ୍ୟ 'ତଲାକ୍' କହିଦେଇପାରିବ ଏବଂ ସେଇ ସେତକ ତା' ପାଇଁ ଯଥେଷ୍ଟ। ତା'ର ଆଇନଗତ ସମର୍ଥନ କିଛି ଥାଉ ବା ନଥାଉ, ତା'ର ମୁଖନିସୃତବାଣୀ କାର୍ଯ୍ୟକାରୀ ହେବାରେ ମୋଟେ ବାଧା ନାହିଁ। ତାକୁ ସ୍ୱୟଂ ଆଲ୍ଲା ମଧ୍ୟ ଅଟକାଇପାରିବେ ନାହିଁ। ସେ ଶବ୍ଦ ଏତେ ଶକ୍ତିଶାଳୀ ଯେ ପୃଥିବୀର ଯେକୌଣସି ମହାସମରରେ ମରିଥିବା ସୈନ୍ୟଙ୍କ ସଂଖ୍ୟା ଅପେକ୍ଷା ବେଶୀ ନାରୀଙ୍କୁ ଏକାଥରେ ଜିଅନ୍ତା ସମାଧି ଦେଇପାରେ। ସେ ସମାଧିରେ ସେମାନେ ମରନ୍ତି ନାହିଁ, ପୁଣି ପ୍ରତି ମୁହୂର୍ତ୍ତରେ ମରନ୍ତି।

କଥାର ମୋଡ଼ ବଦଳେଇବାକୁ ମୁଁ କହିଲି, "ତୁମେ କଅଣ ତୃତୀୟଟାକୁ ଠିକ୍ କରିସାରିଲଣି କି ?"

ସେ ହସିହସି କହିଲା, "ଆରେ ଭାଇ, ତୁମେ ତ ମୋର ସବୁ କଥା ଜାଣ, ମୋ' କଥା, ମୋ' ପରିବାର କଥା ତୁମକୁ କଅଣ ଅଛପା ଅଛି ? ସେ ଟୋକୀଟା ଏଯାଏ ଘରଯୋଗ୍ୟ ହେଇନାହିଁ। ତା' ବାପା ସେଦିନ ଆସିଥିଲା। ବିଚାରା ବିଡ଼ି ତିଆରି କରେ। ମୋ ପାଖରେ ମୁହଁ ଶୁଖେଇ ବସିଲା। ମୁଁ ତାକୁ ହଜାରେ ଟଙ୍କା ଦେଇ କହିଲି, ଘରଯୋଗ୍ୟ ଆଉ କଅଣ ? ଘରର ବାସିପାଇଟି, ଛେଳିର ଯତ୍ନ, ଛୋଟ ଛୋଟ ଛୁଆ ତିନିଟାର ଯତ୍ନ ନେଇପାରିଲେ ହେଲା। ନା, ମୁଁ ସେକଥା ଚାହୁଁନାହିଁ। ଆଉଟିକିଏ ବଡ଼ ହେଉ। ମୁଁ ଆଉ କେତେଦିନ ବାରଣ୍ଡାରେ ପଡ଼ିବି ? ଏଠି ଗୋଟାଏ କୋଠରି ଖାଲି ହେଇଗଲାମାତ୍ରେ ତାକୁ

Digitized by srujanika@gmail.com

ନେଇଆସିବି। ସେଇ ସମୟକୁ ଅପେକ୍ଷା କରିଚି।"

ଆଜି ଏତେଦିନ ପରେ ମୋର ଗୋଟିଏ କଥା ମନେପଡ଼ିଲା। ଆମ ଅଞ୍ଚଳର ବିଖ୍ୟାତ ଜମିଦାର, ତାଙ୍କୁ ଲୋକେ ସେତେବେଳେ ରାଜାସାହେବ ବୋଲି ଡ଼ାକୁଥିଲେ। ଇଂରେଜ ଅଫିସରମାନେ ମଧ୍ୟ ତାଙ୍କୁ 'କିଙ୍ଗ' ବୋଲି ଡ଼ାକୁଥିଲେ ଏବଂ ସେମିତି ମଧ୍ୟ ତାଙ୍କୁ ସମ୍ମାନ ଦେଉଥିଲେ। ଇଂରେଜମାନଙ୍କ ଦ୍ୱାରା ଆୟୋଜିତ ସଭାସମିତିରେ ଯୋଗଦେବାକୁ କିଂ ଯେତେବେଳେ ଯାଉଥିଲେ, ସେତେବେଳେ ତାଙ୍କୁ ତୋପସଲାମି ଦିଆଯାଉଥିଲା। ଏଇ ତୋପସଲାମି ପ୍ରଥାଟା ଅବଶ୍ୟ ଏଇ ଦ୍ୱିତୀୟ ମହାସମର ପରର କଥା। ଦ୍ୱିତୀୟ ମହାସମର ସମୟରେ ରାଜାସାହେବ ସରକାରଙ୍କ ଯୁଦ୍ଧ ପାଣ୍ଠିକୁ ପ୍ରଚୁର ଅର୍ଥ ଦାନ କରିଥିଲେ। କେତେ ଦାନ କରିଥିଲେ, ସେକଥା ଅବଶ୍ୟ ସେ କହନ୍ତି ନାହିଁ; କିନ୍ତୁ ତାଙ୍କ ରାଜଉଆସ ସହିତ ଜଡ଼ିତ ଥିବା ପୁରୁଣା ଲୋକଙ୍କଠାରୁ ଶୁଣିବାକୁ ମିଳେ, ପଚାଶଟା ଶଗଡ଼ରେ ଲଦାହେଇ ବସ୍ତା ବସ୍ତା ଟଙ୍କା ଶହେ ବନ୍ଧୁକଧାରୀ ଜଗୁଆଳି ନେଇ ବେଙ୍କରେ ଜମା କରିଆସିଥିଲେ।

ତା' ପରେ ସେ ହେଲେ 'ରାୟ ବାହାଦୂର'। ଇଂରେଜ ଅଫିସର କଲିକତାରୁ ଘୋଡ଼ାରେ ଆସି ତାଙ୍କୁ ରାଣୀଙ୍କ ସନନ୍ଦ ଦେଇଯାଇଥିଲେ। ସେଇ ରାଜା ବା କିଙ୍ଗଙ୍କର ଥିଲେ ତିନୋଟି ରାଣୀ। ଏକାଥରେ ଦୁଇଭଉଣୀଙ୍କୁ ଗୋଟିଏ ଘରୁ ଦିନ ଦି'ପହରେ ଉଠାଇ ନେଇଆସିଲାପରେ ସେ ତୃତୀୟଟିକୁ ତାଙ୍କର ଜଣେ ଅତ୍ୟନ୍ତ ପାଖଲୋକ ମାଧ୍ୟମରେ ପ୍ରାପ୍ତ ହେଇଥିଲେ। ପାଖଲୋକଟି ଗୋଟିଏ ଭୋଜିସଭାରେ ନାରୀଟିକୁ ଦେଖିଥିଲେ ଏବଂ ତା' ପ୍ରତି ଆସକ୍ତ ହେଇପଡ଼ିଲେ। କିନ୍ତୁ ସେ ଯେତେବେଳେ ଜାଣିଲେ, ନାରୀଟି ମହାରାଜାଙ୍କ ଗୋଟିଏ କରଦ ରାଜାଙ୍କ କନ୍ୟା, ସେ ପ୍ରସ୍ତାବ ଦେଲେ ଯେ ଏପରି ଅପୂର୍ବ ସୁନ୍ଦରୀ କନ୍ୟା କେବଳ ରାଜପ୍ରାସାଦରେ ରହିବାର କଥା। ତାହା ଏପରି ଏକ ସମୟ, ଯେତେବେଳେ ରାଜାଙ୍କ ପାଇଁ ଥରେ ଉତ୍ସର୍ଗ ହେଇଗଲେ ତା'ର ଅନ୍ୟଥା ହୁଏ ନାହିଁ। କରଦ ରାଜା ମଧ୍ୟ ଉଲ୍ଲସିତ ହେଇଉଠିଲେ। ଏହାହିଁ ଈଶ୍ୱରଙ୍କ ଇଚ୍ଛା। ତାକୁ ଅମାନ୍ୟ କିଏ କରିପାରିବ ?

ବେଶ୍, ତା'ପରେ ଆଉ କଥା ନଥିଲା। କରଦ ରାଜା ନିଜେ ଗୋଟାଏ ଶୁଭଦିନ ଦେଖି କନ୍ୟାଟିକୁ ନେଇ ରାଜପ୍ରାସାଦରେ ପହଞ୍ଚିଲେ ଏବଂ ଆହୂତ ଏକ ବିଶେଷ ରାଜସଭାରେ ରାଜାଙ୍କୁ ଉପହାର ଦେଲେ। ରାଜା ଗ୍ରହଣ କଲେ ବୋଲି ଘୋଷଣା କରନ୍ତେ, ପ୍ରଥମ ଦୁଇ ରାଣୀ ନବାଗତାଙ୍କୁ ସସମ୍ମାନେ ନଅର ଭିତରକୁ ପଛୋଟିନେଲେ ଏବଂ ତାଙ୍କ ପାଇଁ ଉଦ୍ଦିଷ୍ଟ ସ୍ୱତନ୍ତ୍ର କୋଠରିରେ ଛାଡ଼ିଦେଲେ।

Digitized by srujanika@gmail.com

ତା'ପରର କାହାଣୀ ଏଠାରେ ଅନାବଶ୍ୟକ ଥିବାରୁ ତା'ର ବର୍ଣ୍ଣନା କରାଯାଉନାହିଁ।

ମୁଁ କିନ୍ତୁ ଭାବିଲି, ମୁନ୍ନା କେଉଁ ଗୁଣରେ ଆମର ସେ ରାଜା ସାହେବଙ୍କ ଠାରୁ କମ୍? ମୁନ୍ନା କେବଳ କୋଠରିଟିର ଅଭାବରୁ ତା'ର ଏ ତୃତୀୟ ବେଗମ ସାହେବାଙ୍କୁ ଆଣିପାରୁନାହିଁ। ଫରକ ଏତିକି, ସେତେବେଳେ ରାଜାସାହେବ ତାଙ୍କର ଭୋଗବିଳାସ ପାଇଁ ଗୋଟିକ ପରେ ଗୋଟିଏ ରାଣୀ ଆଣୁଥିଲେ ଅବା କେତେବେଳେ ତାଙ୍କୁ ରାଣୀ 'ଉପହାର' ମଧ୍ୟ ମିଳୁଥିଲା। ଆଉ ଏବେ ମୁନ୍ନା ମିଆଁ କଥା ନିଆରା। ସେ ତା' ଘରର କାମଦାମ ପାଇଁ ଏବଂ ପରେ ନିଜର ଭୋଗ ପାଇଁ ନାରୀଟିଏ କିଣୁଚି। ସେଠି ନାରୀର ମୂଲ୍ୟ ବଜାର ଦର ପରି ନୁହେଁ, ତା'ଠୁ କମ୍।

"ଏଇଟା ଠିକ୍ ହେଉ ନାହିଁ, ମୁନ୍ନାଭାଇ। ଏତେ ଛୋଟ ପିଲାଟାକୁ ଆଣି ତୁମେ ଖଟେଇବ। କିଛି ଦିନ ପରେ ସେ ବି ବେମାର ହେବ" ମୁଁ କହିଲି।

"ଆରେ ୟାର୍ କାଲୁ, ତୁମେ ବି ପିଲାଙ୍କ ଭଳିଆ କଥା କହୁଚ। ଏଠି ଚାରି ଛଅମାସ ରହି ଭଲ ଖିଆପିଆ କଲେ ଠିକ୍ ହୋଇଯିବନି। ଏଠି ତ, କିଛି ନ ହେଲେ, ରୁଟି ଦି' ଖଣ୍ଡ ଦୁଇବେଳା ପାଇବ। ତୁମେ ବିଶ୍ୱାସ କର, ମୁଁ ଢେର୍ ଖୋଜାଖୋଜି କରିସାରିଲିଣି। ମୋ' ନଜରରେ ପଡୁନି। ଆଉ ଏଆଡ଼େ ଘରେ ମୋର ବରାବର ଝଗଡ଼ା। ସାନଟା କହୁଚି, ତାକୁ ଜଲଦି ବାହାର କର। ତା' ପାଇଁ ଖଟିଖଟି ମୁଁ ମରୁଚି। ଆମ ସାଇପଡ଼ିଶା ବି ତ ସେଇକଥା କହୁଛନ୍ତି, "ତାକୁ ରଖି କି ଲାଭ?"

ଏଇ ଘଟଣା ପରେପରେ ମୁଁ କାମରେ ଗୋଟାଏ ଦୂର ଜାଗାକୁ ଚାଲିଗଲି। ଇଟାଭାଟି ମିସ୍ତ୍ରୀର ବା ଗୋଟାଏ ଦୂର କଅଣ, ପାଖ କଅଣ? ଆଜି ଏଠି, କାଲି ସେଠି। ଆଜି ଏ ଠିକାଦାର ପାଖରେ ତ କାଲି ସେ ଠିକାଦାର ପାଖରେ। ଆଜି ଘୋର ଜଂଗଲ ଭିତରେ ତ କାଲି ଶୁଖିଲା ନଈପଠାରେ। ଯୋଉଠି ତମ୍ବୁ ଖଣ୍ଡେ ଅଛି ସେଠି ମୁଁ ଅଛି। ସବୁବେଳେ ତମ୍ବୁ ମଧ୍ୟ ସମ୍ଭବ ନୁହେଁ। ତମ୍ବୁ ଥିଲେ ହେଲା, ନଥିଲେ ହେଲା- ପେଟର ପ୍ରାଧାନ୍ୟ ପାଖରେ ତମ୍ବୁ ଗୌଣ। ପାଞ୍ଚଟି ପେଟ, ମୋ ବାପାମାଆ, ଗୋଟିଏ ସ୍ତ୍ରୀ, ଗୋଟିଏ ଦଶ ବର୍ଷର ପୁଅ, ରାତି ପାହିଲେ ମୋ' ଆଗରେ ମୁହଁ ଶୁଖେଇ ଠିଆହୁଅନ୍ତି। ଭୋକିଲା ପେଟ ସାନ୍ତ୍ୱନା ବାଣୀ ଶୁଣେନାହିଁ କି ଅବସ୍ଥା ପରିସ୍ଥିତି ବୁଝେନାହିଁ। ମୁନ୍ନା ମିଆଁ ଟି ଷ୍ଟଲର ଶସ୍ତା ପାଉଁରୁଟି ଓ କପେ ଚା' ବହୁବାର ମୋ' ଛଳନାର ଭୋକିଖିଆକୁ ସମର୍ଥନ କରି ମୋ' ସ୍ତ୍ରୀ ଆଗରେ ସାକ୍ଷୀ ହେଇ ଠିଆହୁଅନ୍ତି।

ସେଥର ଇଟାଭାଟି ପଡ଼ିଥିଲା ମୁଜାଫରପୁର ଜିଲ୍ଲାର ଗୋଟାଏ ଅଧାଶୁଖିଲା ନଈ

Digitized by srujanika@gmail.com

ପାଖରେ, ନଈରେ ପାଣି କମ୍, ବାଲି ବେଶି। ନଈପଠାରୁ ଉଠି ଯାଇଚି 'କଳାଖାଇ' ପାହାଡ଼। କଳାଖାଇ ନାଁ ଟା କିଏ ଦେଇଥିଲା କେଜାଣି। ବହୁ କାଳକୁ ଖାଇସାରିଲା ପରେ ଏବେ ନିଜେ ଗୋଟିଏ 'ଖାଇ'ରେ ପରିଣତ ହେଇଯାଉଚି। ଦୁଇ ଗୋଡ଼ ମେଲେଇ ଠିଆହୋଇଗଲେ ମଝିରେ ଯେତିକି ଜାଗା, ସେତିକିରେ ନଈର ପାଣି ବହିଯାଉଚି। ତାକୁଇ ଆଶ୍ରା କରେ ଇଟାଭାଟି।

ମୁଁ ଯେତେବେଳେ ଯାଇ ସେଠି ପହଞ୍ଚିଲି, ମୋ'ପାଖକୁ ଦୌଡ଼ିଆସିଲା ମୁନସୀ ହୁସିଆର ସିଂ। ମୁଁ ନମସ୍କାର କଲି ଓ କହିଲି, ମୁଁ କାଲୁ ଖାଁ। ସେ ଦୀର୍ଘନିଶ୍ୱାସ ପକେଇଲା। କହିଲା ମୁଁ ଭାବୁଥିଲି, ତମେ ପଞ୍ଚାୟତ ଅଫିସରୁ ଆସିଥିବ। ବଟି ନେବାକୁ।

ଗୋଟାଏ ବିରାଟ ଶାଳଗଛମୂଳରେ ପଡ଼ିଥିଲା ଖଣ୍ଡେ ଦଉଡ଼ିଆ ଖଟ। ଖଟ ମୁଣ୍ଡରେ ଗୋଟାଏ ବଡ଼ ଛତା। ଛତାକୁ ଗୋଟାଏ ବାଡ଼ିରେ ବାନ୍ଧି ଖଟ ମୁଣ୍ଡରେ ପୋତିଦିଆହୋଇଚି। ପୁରୁଣା ଶାଳଗଛର ପତ୍ରଝଡ଼ାର ସୁଯୋଗ ନେଇ ତଳକୁ ଖସୁଚି ଏପ୍ରିଲର ଖରା। ତା'ର ପ୍ରତିରୋଧ ପାଇଁ ଛତା। ମୁଁ ବି ଦେଖିଲି, ଖଟରେ ପଡ଼ିଚି ଗୋଟାଏ ସାମାନ୍ୟ ବିଛଣା। ତାକୁ ଗୁଡ଼େଇ ଗୋଟାଏ ପାଖରେ ରଖାଯାଇଚି।

ମୁଁ ଏଥିରୁ ବୁଝିଗଲି ମୋ' ବିଛଣା କୋଉଠି ରହିବ।

ମାଲିକ ନାହାନ୍ତି ? କୁଆଡ଼େ ଯାଇଛନ୍ତି ?

ଯାଇଚନ୍ତି ପଞ୍ଚାୟତ ଚେଆରମେନ ଘରକୁ। ନଈରୁ ବାଲି କେମିତି ଉଠିବ, ତାଙ୍କ ବିନା ଅନୁମତିରେ ?

ଏସବୁ ସମସ୍ୟା କଥା ମୁଁ ଜାଣେ। ସବୁ ଇଟାଭାଟିରେ ସେଇ ଏକା ସମସ୍ୟା। ମୁଁ ଦେଖିଲି, ଖଣ୍ଡେ ଦୂରରେ ଇଟା କଟା ଚାଲିଚି। ୪୦/୫୦ ଲୋକ ସ୍ତ୍ରୀପୁରୁଷ ମିଶି କାମ କରୁଚନ୍ତି।

"ତୁମର ଆସିବାରେ ଏତେ ଡେ଼ରି ହେଲା କାହିଁକି ?" ସେ ପଚାରିଲା।

"ଡେରି ଆଉ କାହିଁ ? ପଅରଦିନ ଖବର ପାଇଲି। ଘରେ ସଉଦାପତ୍ର କିଛି ରଖି ଆସିଲି। ଆମର ସେଠି ପାଖରେ କିଛି ମିଳେ ନାହିଁ। ପଇସା ବି ତ ନଥିଲା। ଧାର୍‌ଉଧାର କରି ଦେଇଆସିଲି।"

"ହେଇ ମାଲିକ ଆସିଲେଣି। ସେ ତାଙ୍କୁ କହିଲା, ଇଏ କାଲୁ ଖାଁ। ଯାକୁ ଆପଣ ଡକେଇଥିଲେ ପରା ?"

Digitized by srujanika@gmail.com

"ଆରେ ବେଟା, ତୁ ଏତେ ଡ଼େରି କାହିଁକି କଲୁ ? ମୁଁ ତ ଆଉଜଣକୁ ରଖିସାରିଲିଣି। ସପ୍ଲାଇ ପାଇଁ ଚାପ ପଡ଼ିଲା। ହେଇ ଦେଖ, ଗାଡ଼ି ଠିଆହେଇଚି, ମାଲ୍ କାହିଁ ? ପନ୍ଦରଦିନ ଭିତରେ ପାଞ୍ଚ ଲକ୍ଷ ଇଟା ଦେବାକୁ ହେବ।"

ମୁଁ ହତାଶ ହେଇପଡ଼ୁଥିଲି। ମାତ୍ର ଗୋଟିଏ ଦିନର ଡ଼େରିରେ ବି ଏମିତି ହେଇପାରେ ? ଦୂରବାଟ, କେମିତି ଆସିଥାଆନ୍ତି ? ମୁଁ ଚିନ୍ତାରେ ପଡ଼ିଗଲି। ଏବେ କଅଣ କରିବ ? ଫେରିଗଲେ ପୁରୁଣା ଠିକାଦାର ଆଉ ନେବନି। ଏଠି ରେଟ୍ ଭଲ ଥିଲା।

"ତେବେ କଅଣ କରିବା ?" ମୋ ଗଳା ଘାଗଡ଼ା ହେଇଆସୁଥିଲା।

"ଏବେ ଚାଲି ଯା। ମାସକ ପରେ ଖବର ନେଇ ଆସିବୁ। ସେ ତା'ର ଛକପକା ଲୁଂଗିକୁ ଆଣ୍ଠୁ ଉପରକୁ ଟେକି ଦଉଡ଼ିଆ ଖଟରେ ବସିଲା ଓ ଗାମୁଛାରେ ବିଞ୍ଚିହେଲା। ତା'ପରେ ମୁନସୀ ସହିତ କଥାହେବାକୁ ଲାଗିଲା। ମୋ'ଆଡ଼କୁ ଦେଖିଲାନି।

ମୁଁ କହିଲି, "ମୁଁ ତେବେ ଫେରିଯିବି ?"

ସେ ମୋ' ଆଡ଼କୁ ଅନେଇଲା। କହିଲା, "କହିଲି ପରା, ମୋ'ପାଖରେ ଏବେ କାମ ନାହିଁ। ତୋତେ ଦେଖିଲେ ବି ଦୁଃଖ ଲାଗୁଛି। ତୁ ଗୋଟେ କାମ କର୍। ତୁ ଏବେ କିଛି କମ୍ ପଇସାରେ ରହିବୁ ? ପରେ ଆଉ କାହାକୁ ଅଦଳବଦଳ କରିଦେବା। ସେ ଉଠି ଚାଲିଗଲା ଭାଟି ଆଡ଼କୁ, ମୋ' ଠୁ ଉତ୍ତରକୁ ଅପେକ୍ଷା ନ ରଖି।

ମୁନସୀ ହୁସିଆର ସିଂ ମୋତେ ହାତଠାରି ଡ଼ାକିଲା। ଆ, ଏଇଠି ବସ।

ମୋ' ପାଟିରୁ କିଛି କଥା ବାହାରୁନଥିଲା। ମୁଁ ଯେ ଏମିତି ଗୋଟାଏ ଠକାମିର ଶିକାର ହେବି, ସେକଥା ଚିନ୍ତା କରିନଥିଲି।

ମୁନସୀ କହିଲା, ଏଥିରେ ଅରାଜି ହେବାର କଅଣ ଅଛି ? ଗୋଟେ ମିସ୍ତ୍ରୀକୁ ସେ ବାହାର କରିଦେବ। ଅସଗର ମିଆଁ ଭଲ କାମ କରୁନି। ଠକୁଚି। ବୁଢ଼ା ବି ହୋଇଗଲାଣି। ତାକୁ ରଖି କି ଲାଭ ? ମୋ' କଥା ମାନ। ତୁ ଶହେ ଟଙ୍କା କମ୍‌ରେ ମାସେ ଦି' ମାସ ରହିଲେ କ୍ଷତି ନାହିଁ।

ମୁଁ ଅସଗର ମିଆଁକୁ ଜାଣେ। ଗୟା ଜିଲ୍ଲାର ଗୋଟେ ବଡ଼ ଇଟାଭାଟିରେ ମୋର ତା' ସହିତ ସାକ୍ଷାତ ହେଇଥିଲା। ତାକୁ ଆମେ ସମସ୍ତେ ରାଜମିସ୍ତ୍ରୀ ବୋଲି ଡାକୁଥିଲୁଁ। ହାତ ତ ନୁହେଁ, ମେସିନ। ଅନ୍ୟମାନେ ୧୦୦ ଟା ଇଟା କାଟିଲା ବେଳେକୁ ଅସଗର ମିଆଁ ୧୫୦ କାଟିସରିଥିବ। ଆଜି ସେଇ ଅସଗର ମିଆଁ ଠକୁଚି କହିଲେ ମୁଁ କେମିତି

Digitized by srujanika@gmail.com

ବିଶ୍ୱାସ କରିବି ? ଠକିବା କଥା ତା' ଜାତକରେ ନାହିଁ। ସେ କହେ। ଆଲ୍ଲା ନାଁରେ କାମ କଲେ ହାତ ଜଲ୍‌ଦି କାମ କରେ।

ମୁଁ କହିଲି, "ମୁଁ ତାକୁ ଜାଣେଁ, ଏବେ ତ ବୁଢ଼ା ହେଇଯିବଣି ?"

ବୟସ ତ ହେଇଚି ନିଶ୍ଚୟ । ଧଇଁରୋଗ ବି ଅଛି। ଆଉ ପାରୁନି।"

"ଇଟାମଟିରେ ଶ୍ୱାସ ରୋଗ ହେବଇ ହେବ। ତେବେ ରୋଗ ବେମାରି ହେଲା ବୋଲି...ତାକୁ ତଡ଼ି ମୋତେ ରଖିବ ?"

ସେ ଏଠୁ ଗଲେ ଖାଇବ କଅଣ ? ତା' ପିଲାଛୁଆ ? ତା' ସ୍ତ୍ରୀ ? "ତା' ପିଲାମାନେ ଏଠି ଅଛନ୍ତି କି ?" ମୁଁ ପଚାରିଲି।

"ତୋର ତା' କଥା ଏତେ ବୁଝିବାର କଅଣ ଦରକାର ? ମୁଁ ତୋତେ ଯାହା କହୁଚି, କରୁନୁ କାହିଁକି ? ଯା, ମାଲିକକୁ ହଁ କହିଦେଇ ଆସିବୁ।"

ମୁଁ ମନା କଲି। କହିଲି, "କହିଦେବ, ମୁଁ ଫେରିଯାଉଚି।" ମୁଁ ମନେମନେ ଭାବିଲି, ଲୋକଟା ମୋଟେ ସୁବୁଧାଜନକ ନୁହେଁ। ତାକୁ ତଡି ମୋତେ ରଖିବ। ପୁଣି ମୋତେ ତଡି ଆଉକାହାକୁ ରଖିବ। ପୂରାପୂରି ଠିକାଦାରି ବେଉସା। ମଜୁରି ବି କମ୍ କରି ଦେବ। ସବୁ ଠିକାଦାର ଏମିତି।

ମୋ' ଭିତରେ ଗୋଟେ ହତାଶାଭାବ ଉକୁଟି ଉଠୁଥିଲା। ଏ ହପ୍ତାଟା ବିନା କାମରେ କଟିବ। ତା' ପର ହପ୍ତା ବି କଅଣ ହେବ କେଜାଣି। ତା' ପରେ ?

ହାସିନାକୁ କାହିଁକି କେଜାଣି ତିନିଚାରି ଦିନ ହେଲା ଜର ହେଉଥିଲା। ବିଚିତ୍ର ଜର। ସଂଜକୁ ଆସେ, ରାତି ଘଡ଼ିଏ ବେଳକୁ ଛାଡ଼ିଯାଏ। କଅଣ ହେଉଚି କେଜାଣି, ଦୁଇଟା ଛୁଆ ଜନ୍ମକରି ଏବେ ଷାଠିଏର ବୁଢ଼ୀ ପରି ଦିଶୁଚି। ସେଥିରେ ବି ମେସିନ ପରି କାମ କରୁଥାଏ। ଏବେ କେମିତି ଥିବ କେଜାଣି। ଏଠି ମୋବାଇଲ ଧରୁନି।

ମୁଁ ଉଠିଲି, ସଂଜ ହେଇଆସୁଥାଏ, ଯଦିଓ ଘଡ଼ିରେ ତିନିଟା ବାଜିଚି। ପାହାଡ଼ ପାଖ ଓ ଘଞ୍ଚଜଙ୍ଗଲ ଯୋଗୁଁ ବୋଧେ ଏମିତି ଜଣାପଡୁଚି। ତଥାପି ପନ୍ଦର କିଲୋମିଟର ଜଂଗଲ ରାସ୍ତା ପାର ହେଲେ ଯାଇ ଭଲ ରାସ୍ତା ପଡ଼ିବ, ମୋବାଇଲ ବି କାମକରିବ। ମୁଁ ଜଲଦି ଜଲଦି ଚାଲିବାକୁ ଆରମ୍ଭ କଲି।

ଦୁଇଦିନ ପରେ ମୁଁ ଯେତେବେଳେ ଯାଇ ମୁନ୍ନା ଖାଁର ଚା' ଦୋକାନରେ ପହଞ୍ଚିଲି,

Digitized by srujanika@gmail.com

ଦେଖିଲି, ଦୋକାନ ବନ୍ଦ୍। କେବଳ ଗୋଟାଏ ଲୋକ ବାହାରେ ବେଞ୍ଚ୍ ପକାଇ ଶୋଇଚି। ସଂଜ ସମୟରେ ଦୋକାନ ବନ୍ଦଥିବା କେବେ ବି ଦେଖାଯାଏନି। ସତକଥା କହିବାକୁ ଗଲେ, ସେ ଦୋକାନ କେତେବେଳେ ବି ବନ୍ଦ ହୁଏନା।

ମୁଁ ପଚାରିଲି, "ଆରେ ରହମାନ୍! କାଲୁର କଅଣ ହୋଇଚି ? ଦୋକାନ କାହିଁକି ବନ୍ଦ୍ ?

ରହମାନ ଉଠିପଡ଼ିଲା। ମୋତେ ଦେଖି ଆଶ୍ଚର୍ଯ୍ୟ ହୋଇ ଗଲା କି କଅଣ, କହିଲା, "ତୁମେ ପରା ମୁଜାଫରପୁର ନା କୋଉଠିକୁ ଯାଇଥିଲ ? ଏଠି ଯଦି ଅଛ, ତେବେ କିଛି ଜାଣିନ କେମିତି ?"

ମୁଁ ଆଶ୍ଚର୍ଯ୍ୟ ହୋଇଗଲି।

"ଦୋକାନ ତିନିଦିନ ହେଲା ବନ୍ଦ୍। ମିଆଁ ସାହେବ ଗଜରାମାଳ ପକେଇ କାନରେ ଅତର ତୁଳା ଗୋଞ୍ଜି କେନାଲ କୂଳରେ ବୁଲୁଚନ୍ତି। ପଚାରିଲେ କହୁଚନ୍ତି, ଦୋକାନ ଖୋଲିବା ଦରକାର ନାହିଁ। ଇଛା ହେଲେ ରୁହ, ନହେଲେ ଯାଅ।" ସେ କହିଲା।

ମୁଁ ହାଁ କରି ତା' ମୁହଁକୁ ଅନେଇବାରୁ ସେ କହିଲା, "ତାଙ୍କର ନୂଆ ବିବି ଆସିଚି। ସେ ବିବି କୁଆଡ଼େ କହିଲା, ତୁମେ ଗୋଟେ ଚା' ଦୋକାନ କରିଚ ବୋଲି ମୋ' ବାପା ଜାଣିନଥିଲା।"

ମୁଁ ଥମ୍ ହୋଇଗଲି।

ଯା ଭିତରେ ଏତେ କଥା ହୋଇଗଲାଣି ? କାଲୁଟା ସତରେ ଭଲ କଲାନି। ଏତେ ଛୋଟ ଝିଅଟାକୁ ଆଣି ସେ କରିବ କଅଣ ? ଘରଯୋଗ୍ୟ ହୋଇନାହିଁ କହୁଥିଲା।

ମୁଁ ରହମାନକୁ ପଚାରିଲି, "ଆଗଟା ଅଛି ନା ଗଲାଣି ରେ ?"

ସେକଥା ମୁଁ ଜାଣିନି। ତେବେ, ଖୁବ୍ ମାରପିଟ୍ ପାଟିତୁଣ୍ଡ ହେଉଛି ଶୁଣିଲି। ତୁମେ ଯାଇ ଦେଖୁନ।"ସେ ମୋ' ଆଗରେ ହାତ ପାତିଲା।

ମୁଁ ତା' ହାତରେ ପୁଡ଼ିଆରୁ ଟିକେ ଛାଡ଼ିଦେଇ ଉଠିଲି। କାଲୁର ଘରଟା ଚା' ଦୋକାନ ଠାରୁ ଖୁବ୍ ବେଶି ଦୂର ନୁହେଁ। କେନାଲରୁ ଯାଉଥିବା ମଇଳା ପାଣିର ନାଳ କୂଳେକୂଳେ ଗଲେ ଅଧଘଣ୍ଟାଏ ଲାଗିବ। ତେବେ ଏଇ ସଂଜବେଳେ ନାଳ କୂଳେକୂଳେ ଯିବା ସହଜ ନୁହେଁ। ଏଇ ସମୟଟାରେ ନାଳ କୂଳେକୂଳେ ଝାଡ଼ା ବସିଥିବେ ଦଳଦଳ

Digitized by srujanika@gmail.com

ନାରୀ ଓ ପୁରୁଷ। ନାକରେ ଲୁଗା ଦେଇ ଜଣେ ବା କେତେ ଦୂର ଚାଲିପାରିବ ? ସେଇ ନାଳକୂଳରେ ବି ବହୁଦିନୁ ସ୍ଥାପିତ ହୋଇଛି କିଛି ନେତାଙ୍କ ପଥର ପ୍ରତିମୂର୍ତ୍ତି। କିନ୍ତୁ କିଏ ମାନୁଛି ତାକୁ ? ତା'ର ପିଣ୍ଡିଗୁଡ଼ାକ ମଳତ୍ୟାଗ ପାଇଁ ଉତ୍କୃଷ୍ଟ ସ୍ଥାନ। ଭାବିଲି- ନା, ଏଇ ସମୟରେ ଆଉ କାଲୁ ମିଆଁ ଘରକୁ ଯିବା ସମ୍ଭବ ନୁହେଁ। ରାତିରେ ଭାତ ଖାଇହେବନି କି ଶୋଇହେବନି।

ପରଦିନ ପ୍ରାୟ ଦଶଟା ବେଳେ ମୁଁ ଯେତେବେଳେ ଯାଇ କାଲୁ ଘରେ ପହଞ୍ଚିଲି, ଦେଖିଲି, ସତକୁସତ କାଲୁ ଚେକ୍ ଲୁଙ୍ଗି ଓ ଗିଲକରା ଧଳା ଆଦି କନାର ପଂଜାବି ପିନ୍ଧିଛି ଓ ଡାହାଣହାତରେ ମଲ୍ଲିଫୁଲର ମାଳ ବି ଗୁଡ଼େଇଛି। ଅଥଚ ଡାହାଣ ପାଖରେ ଗୋଟାଏ ମୋଟା ପାଞ୍ଚହାତିଆ ଠେଙ୍ଗା ପକେଇ, ଦଉଡ଼ିଆ ଖଟରେ ବସି, ଦାଢ଼ି ସାଉଁଳୁଛି। ମୋତେ ଦେଖି କହିଲା- "ଆ ବସ୍। ଆସିଲୁ, ଭଲ ହେଲା।"

ମୋର ଆସିବାଟା କେମିତି ଭଲ ହେଲା ବୁଝିହେଲାନି।

"ତୁ ବିଚାର କର। ତୁମେ ସମସ୍ତେ ବିଚାର କର। ମୁଁ ତାକୁ ଆଜିକୁ ତିନିଦିନହେଲା ତିନିଶହ ଥର 'ତଲାକ' କହିସାରିଲିଣି। ତଥାପି ସେ ମୋ' ଘରୁ ଯାଉନି। ସାଇଲୋକ ସମସ୍ତେ ଥକିଗଲାଣି। ଏ ତାମ୍‌ସା ମୁଁ କେତେଦିନ ଦେଖିବି ? ଆଜି ଏଇଥିରେ ସାବାଡ୍ କରିଦେବି।"ସେ ଠେଙ୍ଗା ଆଡ଼କୁ ହାତ ଦେଖାଇଲା। ତା'ପରେ ସେ କହିଲା, "ଏଥର ତୁ ଟିକେ ବୁଝା ତାକୁ। ମୁଁ ଦୟାକରି ଏଯାଏ ହାତ ଉଠେଇନି। ଆଉ ପାରିବିନି। ସେ ଭଲରେ ଚାଲିଯାଉ।"

"ସେ କୁଆଡ଼େ ଯିବ, ଚାଚା ? ତୁମେ କୁହ।"

ନୂଆ ଗୁଲଗୁଲିଆ ମୁହଁ ନେଇ ପିଣ୍ଡା ଉପରେ ଯୋଉ ଝିଅଟି ଆସି ଠିଆହେଇ ମୋ' ଆଡ଼କୁ ପତଳା ଓଢ଼ଣି ଦେଇ ଦେଖିଲା ଏବଂ କହିଲା, ସିଏ କାଲୁର ନବ ବିବାହିତା ସ୍ତ୍ରୀ। ପତଳା ଝୀନ୍ ବସ୍ତ୍ର ଭିତର ଦେଇ ମୁଁ ଯାହା ଦେଖିଲି, କଅଁଳ ଫୁଟୁଥିବା ଗୋଲାପର କଢ଼ିଟିଏ ହେବ ବୋଧେ। ଡ଼ରକୁଳା ହରିଣୀଛୁଆର ଆଖି ତା'ର ଲୁହ ଢଳଢଳ। ମୋ' ଠୁ ନ୍ୟାୟ ପାଇବ ଆଶାକରି ପ୍ରଶ୍ନ ପଚାରିଛି।

ମୁଁ ତାକୁ ଦେଖିଲି। ଆହା କେତେ ସୁନ୍ଦର ସେ ମୁହଁ। ପାଦକୁ ଦେଖିଲି। କୁନିକୁନି ପାଦ ଦି'ଟା ଦୁଧଅଳତା ରଂଗରେ ଏମିତି ରଂଗେଇଯାଇଛି ଯେ ଘାସଟିଏ ବାଜିଲେ ବି ରକ୍ତାକ୍ତ ହେଇଯିବାର ସମ୍ଭାବନା। ଆହା, ମୁଁ ଭାବିଲି, ଏମିତିକା କଣ୍ଢେଇ ପାଦଥିବା ଝିଅର ବାପା ମୁଁ ହେଇଥାଆନ୍ତି କି ?

Digitized by srujanika@gmail.com

ଇସ୍ । କାଲୁ ମିଆଁ ତାକୁ ଆଣିଚି, ନିଜ ବେଡ୍‌ରୁମ୍ ସଜେଇବ ?

"କହ । ସିଏ ଯାହା ପଚାରୁଚି, ତା'ର ଜବାବ୍ ଦେ ?" କାଲୁ କହିଲା ମୋତେ ।

ମୁଁ ତା'ର କି ଉତ୍ତର ଦେବି ? ଗାଁର ସମସ୍ତେ ଯେତେବେଳେ ଏଇ ପଦେ କଥାରେ ଉତ୍ତର ଦେଇନପାରି ଫେରିଯାଇଚନ୍ତି, ମୁଁ ତା'ର କି ଉତ୍ତର ଦେବି ? 'କୁଆଡ଼େ ଯିବ ସିଏ' ? ଯାର ଉତ୍ତର କିଏ ବା ଦେଇପାରିବ ?

ମୁଁ କାଲୁ କଥାରେ ଆଶ୍ୱସ୍ତ ହେଲି । କାଲୁ ମୋର ସମର୍ଥନ ଲୋଡ଼ୁଚି । ଭାବୁଥିବ, ମୁଁ ତାକୁ ସମର୍ଥନ କରିବି ଏବଂ ତାଲାକ୍ ଦିଆ ନାରୀଟିକୁ ହାତଧରି ଘରୁ ଟାଣିଆଣିବି । ଏତେ ଦିନର ଆପଣା ବଂଧୁଠାରୁ ଆଉ କଅଣ ଆଶା କରାଯାଇପାରେ ?

ମୁଁ ନିଜକୁ ମୋର ପୁରୁଣା ସ୍ଥାନକୁ ନେଇଆସିଲି । ମୁଁ ମୋର ବଂଧୁ ପାଖରେ ଠିଆ ନ ହେଇ ପଳେଇବିକି ? ତା'ପ୍ରତି ବି କର୍ତ୍ତବ୍ୟ ଅଛି ତ !

ମୁଁ ଦମ୍ଭନେଇ କହିଲି, "ସେ ତ କିଛି ଭୁଲ୍ କହୁନି । ସେ ଯେତେବେଳେ ସଜ୍ଞାନରେ ହେଉ ବା ଅଜ୍ଞାନରେ ହେଉ, ଥରେ 'ତଲାକ୍' କହିସାରିଛି, ଏତେବେଳେ ଆଉ ଉପାୟ କଅଣ ଅଛି ? ତାକୁ ଯିବାକୁ ହେବ । ଆଉ ତ ଅନ୍ୟ ରାସ୍ତା ନାହିଁ । ଏଇଆତ ଆମ ଧର୍ମର ନୀତି ।

ମୋର ମନେହେଲା, ସେ ଯେମିତି ଆହୁରି ଦମ୍ଭର ସହିତ କହିଲା, ମୁଁ ସେ କଥା ମାନିବି ନାହିଁ । ରାସ୍ତା ଥାଉ କି ନଥାଉ । ତାକୁ ଛାଡ଼ି ମୁଁ କୁଆଡ଼େ ଯିବି, ଚାଚା ? ମୁଁ ତା'ରି କୋଳରେ ତା' ବେକରେ ହାତ ଛନ୍ଦି ଶୋଉଚି । ମୁଁ ତାକୁ ଛାଡ଼ିପାରିବିନି । ସେ କଇଁକଇଁ ହେଇ କାନ୍ଦିଉଠିଲା ଅତି ବିକଳ ହେଇ । ଛୋଟ ଛୁଆଟେ ଯେମିତି ତା'ମାଆକୁ ଛାଡ଼ିଲାବେଳେ କାନ୍ଦେ, ତୁହାକୁତୁହା ।

❑❑

Digitized by srujanika@gmail.com

ମୋ ବହିର ପ୍ରଥମ କେତୋଟି ପୃଷ୍ଠା

ମୋର ଯେତେବେଳେ ମଡପୁର ପୋଲିସ ଷ୍ଟେସନକୁ ବଦଳି ହେଲା ମୁଁ ସେତେବେଳେ ଆଶ୍ଚର୍ଯ୍ୟ ହୋଇଗଲି। ମୋର ନୂଆ ପୋଲିସ ଚାକିରି। ପ୍ରୋବେସନ ପିରିଅଡ ଏଇ ମାତ୍ର ସରିଚି। ସେଇ ଅବସ୍ଥାରେ ମଡପୁରକୁ ଅଫିସର ଇନଚାର୍ଜ ହିସାବରେ ପଠାଯିବା ନିଶ୍ଚୟ ସ୍ୱାଭାବିକ କଥା ନୁହେଁ ବୋଲି ଭାବୁଥିଲି। ମୋର ଆଇ.ଜି. ମୋ ଭିତରେ କି ପ୍ରକାର ଦକ୍ଷତାର ସଂଧାନ ପାଇଲେ ବୁଝି ପାରିଲିନି। ମୁଁ ଯେତେବେଳେ ଅର୍ଡରଟା ହାତରେ ଧରି ଗୁମ୍ ମାରି ବସିଗଲି, ମୋର ସିନିଅର ଶୁଭେନ୍ଦୁ ମୋତେ କଥାଟା ବୁଝେଇ ଦେଲେ। କହିଲେ ଏଥିରେ ଚିନ୍ତିତ ହେବାର କିଛି ନାହିଁ। ବର୍ତ୍ତମାନ ଯୋଉ ଅବସ୍ଥା ସେଥିରେ ତୁମେ ହୁଏତ ଥାନାକୁ ଠିକ୍ ଭାବେ ଚଳେଇ ପାରିବ ବୋଲି ସେମାନେ ଭାବିଥିବେ। କାରଣ ତମେ ଅନ୍ତତଃ ଏ ଯାଏ ଆମର ସାଧାରଣ ଭାବେ ଯାହାକୁ ପୋଲିସର ଆବିଳତା ବୋଲି କୁହାଯାଏ, ତା ସହିତ ମିଶି ପାରିନ।

ମାନେ ? ମୁଁ ଚମକି ପଡିଲି।

ଆଃ, ତୁମେ ସେ ସବୁ ବୁଝି ପାରିବନି। ପୋଲିସର ଆବିଳତା ଦୁଇ ପ୍ରକାର। ଗୋଟିଏ ହେଲା ଦୁର୍ନୀତି ଓ ଅନ୍ୟଟି ହେଲା ରାଜନୀତି। ଏମାନେ କେହି ଏ ଯାଏ ତୁମ ପାଖ ପଶିପାରିନାହାନ୍ତି। ତାର ଅନ୍ୟ ଅର୍ଥଟି ହେଲା ତୁମର ଗୋଟାଏ ଇମେଜ ଅଛି।

କିନ୍ତୁ ସମସ୍ତେ କହୁଛନ୍ତି, ଏ ଦୁଇଟାରେ ଦକ୍ଷତା ନ ଥିଲେ ପୋଲିସ ନିଜେ ଗୋଟାଏ ଶୂନ୍‌ରେ ପରିଣତ ହୋଇଯାଏ। ମୁଁ କହିଲି।

କିଏ କହୁଚି ଏ କଥା ? ତୁମେ ଜାଣ ଆମ ଆଇ.ଜି. ସବୁବେଳେ ପୋଲିସର ଇମେଜ ଉପରେ ଜୋର ଦିଅନ୍ତି। ତାଙ୍କ ମତରେ ଇମେଜ ଥିବା ଲୋକ ଅନ୍ୟ ସବୁ ବର୍ଗର ଲୋକଙ୍କର ଶ୍ରଦ୍ଧାଭାଜନ ହୋଇଥାଏ। ତା ପକ୍ଷରେ ସିଚୁଏସନ କଣ୍ଟ୍ରୋଲ କରିବାକୁ ସୁବିଧା ହୁଏ।

"ମାନେ ଲାଠିର ଆବଶ୍ୟକତା ପଡିନଥାଏ, ଏଇ କଥାତ ? ଏ ଇମେଜଟା କୋଉଠି

Digitized by srujanika@gmail.com

ମିଳୁଚି ଆଜ୍ଞା ?" ଅଳ୍ପ ଦୂରରେ ବସି କାମ କରୁଥିବା ପୁରୁଣା ଏ.ଏସ.ଆଇ. କେଶବ ମଲ୍ଲିକ ଉଠି ଆସିଲେ ଆମ ପାଖକୁ ।

କେଶବ ବାବୁଙ୍କ ବୟସ ଏବେ ପଞ୍ଚାବନ ପାରି ହୋଇ ସାରିଲାଣି । ବହୁ ବଡ ବଡ ଅଫିସରଙ୍କ ଠାରେ ଏବଂ ପୋଲିସର ପ୍ରାୟ ସବୁ ବିଭାଗରେ ସେ କାମ କରିଚନ୍ତି । ତାଙ୍କ ଅଭିଜ୍ଞତା ଅସୀମ । ତାଙ୍କ ବ୍ୟବହାର ମଧ୍ୟ ଖୁବ୍ ଭଲ । ସମସ୍ତେ ତାଙ୍କୁ ଭଲ ପାଆନ୍ତି ।

ମୁଁ ତାଙ୍କୁ ପଚାରିଲି ଆପଣ ମୋର ଏ ଟ୍ରାନ୍ସଫରଟାକୁ କେମିତି ଦେଖୁଚନ୍ତି ।

ଆରେ ଟ୍ରାନ୍ସଫର । କେମିତି ଦେଖୁଚନ୍ତି ମାନେ ? ମଉପୁର ନିପଟ ଗାଁ ଟାଏ । କିନ୍ତୁ ସହର ଅପେକ୍ଷା ବେଶୀ ସେନ୍‌ସିଟିଭ । ବହୁ ବଡ ବଡ ନେତାଙ୍କ ଘର ସେଠି । ମଉପୁର ଥାନାର ବିଶେଷତ୍ୱ ହେଲା ସେଠି କ୍ରାଇମ ହୁଏ କିନ୍ତୁ ପୋଲିସ ସେଠି କଅଣ କରିବ ସେ କଥା ସହଜରେ ସ୍ଥିର ହୋଇ ପାରେନା । ସେ ଟିକିଏ ରହିଗଲେ ତା ପରେ କହିଲେ, ତେବେ ଆପଣଙ୍କ ପାଇଁ ଅସୁବିଧା ନାହିଁ । ଆପଣ ନା ନେତାଙ୍କୁ ଚିହ୍ନନ୍ତି ନା ଅସାଧୁତା ପ୍ରତି ଆଗ୍ରହ ଅଛି । ସଂପୂର୍ଣ୍ଣ ନିରପେକ୍ଷ ଭାବରେ କାମ କରି ପାରିବେ ।

ମୋ ଭିତରେ ସେତେବେଳେ ଭୟ ସୃଷ୍ଟି ହେଲା । ଆମ ଗୁରୁମାନେ ସବୁବେଳେ କହନ୍ତି ପୋଲିସ ଓ ନିରପେକ୍ଷ ଦୁଇଟା ଅଲଗା ଅଲଗା କଥା ।

ପରଦିନ ଡି.ଆଇ.ଜି ମୋତେ ଡକାଇଲେ । ମୁଁ ତାଙ୍କ ଅଫିସରେ ଯାଇ ଦେଖିଲି ସେଠି ଆଇ.ଜି. ମଧ୍ୟ ଅଛନ୍ତି । ସେମାନେ ସମସ୍ତେ ଭଲ ମୁଡ୍‌ରେ ଥିଲା ପରି ଲାଗିଲା ।

ମୁଁ ଭିତରକୁ ପଶିବା ମାତ୍ରେ ସେ ମୋତେ ପଚାରିଲେ କେବେ ନୂଆ ଜାଗାକୁ ଯାଉଚ ? ଅର୍ଡର ପାଇଥିବ ତ ?

ମୁଁ ଦୁଇ ଚାରି ଦିନ ଭିତରେ ଯିବି ବୋଲି କହିବାରୁ ସେ କହିଲେ ନା, ଯେତେ ଶୀଘ୍ରହୁଏ ସେତେ ଭଲ । ଆଉ ଦୁଇମାସ ଭିତରେ ସେଠି ପଞ୍ଚାୟତ ନିର୍ବାଚନ ହେବ । ତମେ ଆଗରୁ ଯାଇ ସେଠାକାର ସିଚୁଏସନ ଟିକେ ଷଡି କରି ନିଅ । ଆମ ପାଇଁ ନିର୍ବାଚନଟା ପରୀକ୍ଷାର ସମୟ । ସେ ସମୟଟା ଉତୁରି ଗଲେ ଗଲା । ତମେ ନୂଆ ବୋଲି ନିଜକୁ ଭାବ ନାହିଁ । ଅଭିଜ୍ଞତା ହିଁ ମଣିଷକୁ ଶିକ୍ଷା ଦିଏ ।

ମୁଁ ଖୁସି ହେଇଗଲି । ମୁଁ ଯେତେବେଳେ ଟ୍ରେନିଂ କଲେଜରେ ଥିଲି ସେତେବେଳେ ଆମ ଆଇ.ଜି. ସାହେବ ଥିଲେ ପ୍ରିନ୍ସିପାଲ । ବେଷ୍ଟ କେଡେଟ୍ ହିସାବରେ ସେ ମୋତେ ସିଲଡ୍ ପ୍ରଦାନ କରିଥିଲେ । ସେଇ ହିସାବରେ ମୁଁ ତାଙ୍କର ଶ୍ରଦ୍ଧାର ପାତ୍ର ହେଇଥିଲି ।

ତାଙ୍କ ଠାରୁ ବିଦାୟ ନେଇ ଆସିଲା ପରେ ମୁଁ ଠିକ୍ କଲି ଗୋପୀନାଥପୁର ଥାନାରୁ ସେଇ ଦିନ ହିଁ ବିଦାୟ ନେବି । କିନ୍ତୁ ମଉପୁରରେ ପଞ୍ଚାୟତ ନିର୍ବାଚନ ହେବ ଏ କଥାଟା ଶୁଣିଲା ପରେ ମନଟା ଫିକା ପଡିଯାଇଥିଲା । ଘରେ ପଶୁ ପଶୁ ମୁଣ୍ଡରେ ଚାଳ ବାଜିବ କି ?

Digitized by srujanika@gmail.com

ସେଦିନ ସଂଧ୍ୟାରେ ନିଜ ରୁମରେ ଜିନିଷପତ୍ର ସଜାଡୁଥିବା ବେଳେ ଭିତରକୁ ପଶି ଆସିଲା ଶୁଭ୍ରା ସେନାପତି। ଥାନାର ଏକମାତ୍ର ମହିଳା ସବ୍‌ଇନସ୍‌ପେକ୍ଟର। ଖୁବ୍ ସ୍ମାର୍ଟ, ଖୁବ୍ ସୁନ୍ଦର ଦେଖିବାକୁ। ଲମ୍ୱା, ଗୋରା, ଭଲ ହାଉସ ୱାଇଫଟିଏ ହୋଇପାରନ୍ତା। କିନ୍ତୁ ପୋଲିସରେ ଚାକିରି କରୁଚି ବୋଲି ସେ ବାହା ହୋଇ ପାରୁନି। ଯିବା ପ୍ରସ୍ତାବ ଫେରୁନି। ଶୁଭ୍ରା ମୋ'ଠାରୁ ବର୍ଷେ ଜୁନିଅର।

ଗୁଡ୍‌ଇଭିନିଂ ସାର୍। କଅଣ ଜିନିଷପତ୍ର ବଂଧା ଆରମ୍ଭ ହୋଇଗଲାଣି ?

ତମେ ଏ ବିଶେଷ ସମ୍ବୋଧନ କେବେଠୁ ଆରମ୍ଭ କଲଣି ଶୁଭ୍ରା, ମୁଁ ପଚାରିଲି।

ବାବା, ଆଇ.ଜି.ଙ୍କ ପ୍ରଥମ ପସନ୍ଦ। ଏବେ ଅଫିସର ଇନଚାର୍ଜ, କିଏ କହିବ ମୋର ସେ ଥାନାରେ ସେକେଣ୍ଡ ଅଫିସର ଭାବରେ ପୋଷ୍ଟିଂ ନ ହେବ। ସାର୍ କହିବା ଅଭ୍ୟାସଟା ଏବେଠୁ ଆରମ୍ଭ ନକଲେ ପରେ ଅସୁବିଧାରେ ପଡିବିନି ? ସେ ହସିଲା।

ଶୁଭ୍ରା ରୁମ୍‌କୁ ପଶିଲା ମାତ୍ରେ ମୋତେ ଲାଗିଲା ରୁମ ଭିତରକୁ ଗୋଟେ ଫୁଲର ମହକ ପଶି ଆସିଲା। ମୁଁ ଆଶ୍ଚର୍ଯ୍ୟ ହେଲି, ଶୁଭ୍ରା ତ କେବେ ପରଫିଉମ୍ ବ୍ୟବହାର କରେନି। ତେବେ କଅଣ ଏଇଟା ? ଆଜି ଲଗେଇଚି କି ଆଉ ? କିନ୍ତୁ କାହିଁକି ? ଭୁରୁ ଭୁରୁ ଗନ୍ଧଟା ତା ଦେହରୁ ବାହାରୁଚି କି ନା ଜାଣିବା ପାଇଁ ତା ପାଖକୁ ଲାଗି ଠିଆ ହୋଇ ପଡିଲି ଏବଂ ହାତ ଦେଖାଇ କହିଲି, ମେଡମ୍, ବସିବା ହେଉ।

ସେ ଗୋଟିଏ ପାହୁଣ୍ଡ ଘୁଞ୍ଚିଗଲା ଏବଂ ବସି ପଡିଲା ପାଖ ସୋଫା ଉପରେ। ତା ପରେ କହିଲା, ଏବେ ତ ଅଫିସରିଆ ଢ଼ଙ୍ଗ ଶିଖି ଗଲେଣି ବୋଧେ।

ତା' ଅଭିମାନର କାରଣ ବୁଝିଗଲି। ବରାବର ଶୁଭ୍ରା ସଂବୋଧରୁ ମେଡମକୁ ଉଠିଯିବା ତାକୁ ଆଘାତ ଦେଲା ନା ଏଇଟା ତାର ସ୍ୱାଭାବିକ ଚରିତ୍ରର ଲକ୍ଷଣ, ବୁଝି ହେଲାନି। ମୁଁ ବିବାହ କରିନାହିଁ ଜାଣି ମଧ୍ୟ ଶୁଭ୍ରା ମୋ ପ୍ରତି କେବେ ଅନାବଶ୍ୟକ ଆନ୍ତରିକତା ଦେଖାଇନାହିଁ। ରାତିହେଉ ବା ଦିନହେଉ ଆମେ ଏକାଠି ମଟର ସାଇକେଲରେ ବସିଯାଇଛୁଁ, ସାରା ରାତି ଗୋଟିଏ ଜିପ୍‌ରେ ବସି ପେଟ୍ରୋଲିଂ କରିଛୁଁ, ବହୁବାର ଦେହକୁ ଦେହ ଘସି ହୋଇଚି, କିନ୍ତୁ କୋଉଠି କେବେ ସାମାନ୍ୟ ଦୁର୍ବଳତା ମଧ୍ୟ ଆମ ଭିତରେ ଉଙ୍କି ମାରିନି। ବଂଧୁତା, ଗୋଟାଏ ନିରଳ ବଂଧୁତାର ଫୁଲବେଦୀ ଉପରେ ସିଂହାସନ ମାଡି ବସିଚି। କିନ୍ତୁ ସେଦିନ ଯାହା ଘଟିଲା, ସେଥିରେ ମୋ ମନରେ ଭିନ୍ନ ଭାବନାଟିଏ ଉଙ୍କି ମାରିଲା। ତାକୁ ଦୁର୍ବଳତା କହି ହେବ କି ନା ଜାଣେନା।

ଶୁଭ୍ରା ଏପରି ଏକ ଝିଅ ଯାହାକୁ ଦେଖିଲେ ସନ୍ୟାସୀଟିଏ ମଧ୍ୟ ମନ୍ତ୍ର ଉଚ୍ଚାରଣ ଭୁଲିଯାଉଥିବ। ବିଶ୍ୱାମିତ୍ରଙ୍କ ଘଟଣାରେ ମେନକାଙ୍କୁ ଅନେକ ପରିଶ୍ରମ କରିବାକୁ ପଡିଥିଲା। କିନ୍ତୁ ଶୁଭ୍ରା କ୍ଷେତ୍ରରେ ସେ ସବୁର ଆବଶ୍ୟକତା ନାହିଁ। ତପସ୍ୟା ମନକୁ ମନ ଭାଙ୍ଗିଯାଉଥିବା ସତ୍ତ୍ୱେ ତାର ବିବାହ ପ୍ରସ୍ତାବ ସବୁ ଅକାଳ ମୃତ୍ୟୁବରଣ କରେ।

Digitized by srujanika@gmail.com

ନାରୀମାନଙ୍କୁ ଆମେ ପୁରୁଷମାନେ ଗୋଟାଏ ପ୍ରେମର ଅବତାର ବୋଲି ବୁଝୁଁ। ସେ ନାରୀ ସୁନ୍ଦରୀ ହୋଇଥିଲେ କଥା ନାହିଁ। କିନ୍ତୁ ଶୁଭ୍ରା ସେ ସବୁର ବ୍ୟତିକ୍ରମ। ପ୍ରେମ କିମ୍ବା ସାଧାରଣ ଭାବେ ଆମେ ଯାହାକୁ ଭଲପାଇବା କହୁଁ ସେ ସବୁ ତା ଭିତରେ କେବେବି ଗଜା ମାରିଥିବ ବୋଲି ମୋର ମୋଟେ ବିଶ୍ୱାସ ହୁଏନା। ମୁଁ ବେଳେବେଳେ ଭାବେ ଈଶ୍ୱର ତାକୁ ଗଢ଼ିଲା ବେଳେ ଉପାଦାନର କିଛି ଭାଗ ମାପର ଭୁଲ କରିଦେଲେ କି ଆଉ !

ଯୋଉଦିନ ସ୍ଥାନୀୟ କେଦାର ଗୌରୀ ପାର୍କରେ ଭାଲେଣ୍ଟାଇନ ଡେ ପାଳନ କରୁଥିବା ପ୍ରେମୀ ଯୁଗଳଙ୍କ ଉପରେ ମହିଳା କମିଶନଙ୍କ ନିର୍ଦ୍ଦେଶରେ ପୋଲିସ ଫୋର୍ସ ଯାଇ ଅତର୍କିତ ଆକ୍ରମଣ କରିଥିଲେ, ସେଦିନ ଆକ୍ରମଣର ନେତୃତ୍ୱ ନେଇଥିଲେ ଶୁଭ୍ରା ସେନାପତି। ପୋଲିସ ତାକୁ 'ଅପରେସନ ଯୁଗଳ' ବୋଲି କହିଥିଲା। ତାହା ସଂପୂର୍ଣ୍ଣ ସଫଳ ଥିଲା ବୋଲି ଟିଭି ତାର ପ୍ରସାରଣ ପ୍ରାୟ ସାତ ଦିନଯାଏ ଚଳେଇ ରଖିଥିଲା। ସେ ଦୃଶ୍ୟ ଯେଉଁମାନେ ଦେଖିଚନ୍ତି ସେମାନେ ନିଶ୍ଚୟ ଶୁଭ୍ରାଙ୍କ ହସହସ ମୁହଁର ମହିଷାସୁର ମର୍ଦ୍ଦିନୀ ବେଶ ଦେଖିଥିବେ। ଶୁଭ୍ରାଙ୍କ ହସ ଗୋଟିଏ 'ଜବ୍ ସାଟିସ୍‌ଫେକସନ୍'ର ହସ ହୋଇଥିବ।

କିନ୍ତୁ ସେଦିନ ଶୁଭ୍ରାର କଥାଟା ଆକ୍ଷେପ କି ଆକଟିବା ପଣ ବୁଝି ହେଲାନି। କି ଗୋଟାଏ ମିଶାମିଶି ଭାବ ହୋଇଥିବ। ନାରୀମାନେ ତ ସବୁବେଳେ ମୋ ପାଖରେ ଅବୁଝା। ବୁଝି ନ ପାରିଲେ ଜଣେ ମୂର୍ଖଙ୍କ ଭଳିଆ ବ୍ୟବହାର କରେ। ମୁଁ କହିଲି, ହଉ ସରି, ଏବେ କୁହ। ତମେ ଏ ସଂଧ୍ୟା ସମୟରେ ଥାନା ଛାଡ଼ି କେମିତି ଚାଲିଆସିଲ ?

କାଲି ଯାଉଚନ୍ତି ଶୁଣିଲି। ସତରେ ଯାଉଚନ୍ତି ? ଏତେ ଶୀଘ୍ର କାହିଁକି ? ଅନ୍ତତଃ ଟ୍ରାନଜିଟ୍ ପିରିଅଡ ଏଠି ରହି ଥାଆନ୍ତେ। ବିଦାୟକାଳୀନ ସଂବର୍ଦ୍ଧନା ତ ଦିଆଯିବ।

ମୋର ଫେଆରୱେଲ ? ଖାଲି ତୁମେ ଦେଇଦେଲେ ଚଳିବ। ମୁଁ ହସିଲି।

ମୁଁ ଦେଖିଲି ତା ମୁହଁଟା ହଠାତ୍ କେମିତି ଲାଲ ପଡିଗଲା। ଏମିତି କହିବା ବୋଧେ ମୋ ପକ୍ଷେ ଠିକ୍ ହେଲା ନାହିଁ।

ସେ ଗମ୍ଭୀର ହୋଇଗଲା। କେମିତି ଗୋଟାଏ ଭିନ୍ନ ସ୍ୱରରେ କହିଲା, ଆଉ ମୁଁ ଯଦି ଆପଣଙ୍କୁ ଫେଆରୱେଲ ଦେବାକୁ ଚାହୁଁ ନଥାଏ ?

ସିପାହିଟିଏ ଆସି ଦୁଆର ମୁହଁରେ ଠିଆ ହେଲା। ସେଲ୍ୟୁଟ ମାରି କହିଲା, ମେଡମ, ଆପଣଙ୍କୁ ସାର୍ ଡାକୁଚନ୍ତି। ସିପାହି ଚାଲିଗଲା।

ଶୁଭ୍ରା ତା ହେଣ୍ଡ ବେଗ୍‌ରୁ ଗୋଲାପ ଓ ରଜନୀଗନ୍ଧାର ବୋକେଟିଏ ବାହାର କଲା ଓ ମୋ ଆଡକୁ ବଢ଼ାଇ ଦେଇ କହିଲା, ତଥାପି ଏଇଟା ମୋ ତରଫରୁ... ସେ ଚାଲିଗଲା।

Digitized by srujanika@gmail.com

ମୁଁ ବିସ୍ମିତ ହେଲି। ମୋ ପାଇଁ ଶୁଭ୍ରା ଭିତରେ ଯେ ଟିକିଏ ଦରଦ ଅଛି ସେ କଥା ସେଇଦିନ ହିଁ ଜାଣିଲି। କିନ୍ତୁ ଏଇ କଥାଟା ଉପରେ କେତେ ଗୁରୁତ୍ୱ ଦେଇ ହେବ ସେ ବିଷୟରେ ମୋର ସଂଦେହ ଥିଲା। ଯିଏ ଶୁଭ୍ରାକୁ ପାଖରୁ ଦେଖିଚି, ଜାଣିଚି ତାର ଆଚାର ବ୍ୟବହାର, ସେ ଯେ ଗୋଲାପର ଗୁଚ୍ଛ କାହାକୁ ଦେଇପାରେ ଏକଥା କେମିତି ବିଶ୍ୱାସ କରିବ ?

ମୁଁ ମୋ କାମରେ ମନ ଦେଲି। ରାତିରେ ଥାନାକୁ ଯାଇ ସାମାନ୍ୟ କିଛି କାମ ବାକିଥିଲା - ସାରିଦେଲି। ଆଇ.ଆଇ.ସି ଓ ଅନ୍ୟମାନଙ୍କୁ ଭେଟି ବିଦାୟ ନେଇ ଆସିଲି। ଶୁଭ୍ରାକୁ ସେତେବେଳେ ମନେ ମନେ ଖୋଜିଥିଲେ ମଧ୍ୟ ପାଇ ନଥିଲି।

ସେଦିନ ମଣ୍ଡପୁରରେ ପହଞ୍ଚିଲା ବେଳକୁ ଦିନ ଏଗାର। ଭୋର ସକାଳୁ ବାହାରିଥିଲି। ଦୀର୍ଘ ଦୁଇ ଶହ କିଲୋମିଟର ମୋଟେ ବେଶୀ ନୁହେଁ। କିନ୍ତୁ ରାସ୍ତା ଏତେ ଖରାପ ଯେ କାର୍ କୋଡିଏ/ତିରିଶ କିଲୋମିଟରରୁ ବେଶୀ ବେଗରେ ଆଗେଇ ପାରୁ ନଥାଏ। ଥାନାରେ ପହଞ୍ଚି ଗାଡିର ଭଡା ଦେଇ ମୁଁ କନଷ୍ଟେବଲଟିକୁ କହିଲି ଜିନିଷପତ୍ର ଓହ୍ଲେଇବାକୁ। କେତେ ବା ଜିନିଷପତ୍ର। ଦୁଇ ଚାରିଟା ସୁଟକେଶ ମାତ୍ର।

ମଣ୍ଡପରକୁ ସହର କୁହାଯିବ ନା ମଫସଲ ? ବ୍ଲକ ଅଫିସ୍ ଅଛି, ପଞ୍ଚାୟତ ଚେଆରମେନ ଅଫିସ୍ ଅଛି। ତହସିଲଦାର, ହସପିଟାଲ, ଗୋଟିଏ ଛୋଟ କୋର୍ଟ ମଧ୍ୟ ଅଛି। ସବୁଠାରୁ ବଡ କଥା, ଗୋଟିଏ ରେଳଷ୍ଟେସନ ମଧ୍ୟ ଅଛି। ପାଞ୍ଚ ସାତଟା ପାସେଞ୍ଜର ଟ୍ରେନ ସେଠି ଦିନ ଭିତରେ ଅଟକୁ ଥିବ କି କଅଣ ଏବଂ ସେଇ ଘନ ଜନବସତି ଭିତରେ ଗୋଟାଏ କଲେଜ ଓ ଦୁଇଟା ହାଇସ୍କୁଲ। ମନେ ମନେ ଭାବିଲି, ଆଉ କଅଣ ରହିଗଲା ? ଗୋଟିଏ ସ୍ୱୟଂ ସଂପୂର୍ଣ୍ଣ ସହର। ଆଉ ଥାନା ବି ତ ମନ୍ଦ ନୁହେଁ। ଭଲ ବିଲଡିଂ। ଲାଇଟ୍ ଫେନ୍ ସବୁ ଅଛି। ଫୋନ ଅଛି କିନ୍ତୁ ଲାଇନ କଟା ହୋଇଚି ଛଅମାସ ହେଲା।

ମୁଁ ତା ପାଇଁ ଚିନ୍ତିତ ନଥିଲି। କାରଣ ଏସବୁ ଆଜିକାଲି ସାଧାରଣ କଥା। ପାଇପ ଥିଲେ ପାଣି ନଥାଏ କି ଘର ଥିଲେ ଛପର ନଥାଏ।

ଥାନାର ଷ୍ଟାଫ୍ ସଂଖ୍ୟାବି ମନ୍ଦ ନୁହେଁ। ଦୁଇଜଣ ସବଇନସ୍‌ପେକ୍ଟର, ଚାରିଜଣ ଏ.ଏସ୍.ଆଇ ଏବଂ ବାରଜଣ କନଷ୍ଟେବଲ। କିନ୍ତୁ କାହାନ୍ତି ସେମାନେ ? ଅଧା ବି ନାହାନ୍ତି। ଲେଡି ହେଡ୍ କନଷ୍ଟେବଲଟିଏ ଆସି ସେଲ୍ୟୁଟ ମାରିଲା। ବୟସ କେତେ ହେଇଥିବ କେଜାଣି। ତା ମୁଣ୍ଡକୁ ଦେଖିଲି ସିନ୍ଦୁର ଟୋପା ନାହିଁ। ସେଥିରୁ ବାହା ହେଇନାହିଁ ବୋଲି ଉପସଂହାରରେ ପହଞ୍ଚି ହେବନାହିଁ। ପୋଲିସ ଚାକିରିରେ ତାର ବାଧ୍ୟବାଧକତା ନଥାଏ। ଯେଉଁମାନେ ହିନ୍ଦୁତ୍ୱ ଉପରେ ଜୋର ଦିଅନ୍ତି ସେମାନେ ଏଠିକୁ ଆସିଲେ ମୁଣ୍ଡ ତଳକୁ କରୁଥିବେ।

ତା ନାଁ ସବିତା ମହାନ୍ତି। ବେଶ୍ ଭଲ ସ୍ୱାସ୍ଥ୍ୟ। ଖୁବ୍ ଖେଳାଖେଳି କରୁଥିଲା ବୋଧେ।

Digitized by srujanika@gmail.com

ମୋତେ କହିଲା, ସମସ୍ତେ ଠିଆ ହେଇଚନ୍ତି। ଆପଣ ଟିକିଏ ଆସନ୍ତୁ। ଏସବୁ ଆମ ପୋଲିସ ପରମ୍ପରା। ମୁଁ ସେ ସବୁ ସାରି ବସାକୁ ଗଲି।

ପରଦିନ ମୁଁ ଯେତେବେଳେ ଥାନାକୁ ଆସିଲି ଦେଖିଲି ମୋ ଟେବୁଲ ଉପରେ ଥୁଆ ହେଇଚି ଦୁଇଟା ଖବରକାଗଜ। ଏ.ଏସ.ଆଇ ରଘୁନାଥ ଆସି କହିଲେ ଦେଖନ୍ତୁ ଆପଣଙ୍କ କଥା ବାହାରିଚି ଖବରକାଗଜରେ। ଖୋଲି ଦେଖିଲି ଅଳ୍ପ ବହୁତ ପ୍ରଶସ୍ତି ସହିତ ମୋର ଫଟୋ। ଏସବୁ ସେମାନେ କୋଉଠୁ ସଂଗ୍ରହ କଲେ କେଜାଣି ? ରଘୁବାବୁ କହିଲେ ସେମାନଙ୍କ ପାଇଁ ଏସବୁ ଖୋଜିବାକୁ ଅସୁବିଧା ହୁଏନାହିଁ। ରହନ୍ତୁ, ସେମାନେ ଆସିବେନି ଆପଣଙ୍କ ପାଖକୁ।

ମୁଁ ଆଶ୍ୱସ୍ତ ହେଲି। ଭଲକଥା। ଏମାନଙ୍କୁ ଦୂରେଇ ରଖିବା ଉଚିତ ହେବ ନାହିଁ। ଆମ ଲୋକ ସଂପର୍କରେ ଏଇଟା ଗୋଟାଏ ବଡ ଅଂଶ।

ସେଦିନ ବି.ଡି.ଓ ମୋତେ ଫୋନ କଲେ। କହିଲେ ସ୍ଥାନୀୟ ଯୁବକ ସଂଘର ନେତାମାନେ ଆପଣଙ୍କ ପାଖକୁ ଯିବେ। ଆପଣ ଦେଖିଥିବେ କୋର୍ଟର ମେନ ଛକ ଉପରେ ତାଙ୍କ କ୍ଲବ। ସେଇଠି ପୂଜା ପେଣ୍ଡାଲ ଓ ମେଲୋଡି ସେଇଠି ହେବ।

ମୁଁ କହିଲି, ଛକ ଉପରେ ମେଲୋଡି ହେଲେ ରାସ୍ତା ବନ୍ଦ ହେବ। ତା ପଛକୁ ଥିବା ପଡିଆରେ ହେଲେ ଭଲ ହୁଅନ୍ତା।

ମୁଁ ବି ତାଙ୍କୁ ସେଇ କଥା କହୁଥିଲି। କିନ୍ତୁ ତାଙ୍କ କ୍ଲବର ମୁଖ୍ୟ ହେଉଛନ୍ତି ସ୍ଥାନୀୟ ବିଧାୟକ। ସେ ମଧ୍ୟ ସେଦିନ ମୁଖ୍ୟଅତିଥି। ସେ ଗୁଁ ଗୁଁ ହେଲେ।

ମୋର ତାଙ୍କଠାରୁ ଆଉ ଅଧିକ କିଛି ଜାଣିବାର ଆବଶ୍ୟକତା ନଥିଲା। ସଂଗେ ସଂଗେ କହିଦେଲି, ହଉ ସେମାନେ ଆସନ୍ତୁ। କିନ୍ତୁ ସେମାନଙ୍କୁ ଟିକିଏ ବୁଝେଇ ଦିଅନ୍ତୁ ସବୁ କାମ ଯେମିତି ଶାନ୍ତି ଶୃଙ୍ଖଳାର ସହିତ ହେଇଯାଏ।

ମୁଁ ଧରିନେଲି ଯେ ଗୋଟାଏ ସେମିଅର୍ବାନ୍ ଏରିଆର ଥାନାରେ ଏମିତି ହୋଇଥାଏ। ତାକୁ ସହ୍ୟ କରିବାକୁ ପଡେ।

ସେଦିନ ରାତିରେ ଶୁଭ୍ରାର ଫୋନ୍ ପାଇଲି। ପ୍ରଥମେ ପଚାରିଲା ଆପଣ ଏତେଦିନ ହେଲା ଗଲେଣି, ଥରେ ବୋଲିତ ଫୋନ କଲେ ନାହିଁ।

ମୁଁ ତା'ର କି ଉତ୍ତର ଦେଇଥାଆନ୍ତି। ସେମିତି କିଛି ଆବଶ୍ୟକତା ନଥିଲା। କହିଲି, ନୂଆ ଜାଗାରେ ସମସ୍ୟା ସହିତ ପ୍ରଥମେ ପରିଚିତ ହେଇ ଯାଉଥିଲି। ଏଇଟାହିଁ ଡେରିର କାରଣ। ତା କଥାର ମୋଡ ବଦଳେଇବାକୁ କହିଲି, ତୁମେ ଜାଣ ଶୁଭ୍ରା ଏ ଥାନାର ବିଶେଷ କଥାଟିଏ ଦେଖିଲି ଯେ ଅଧିକାଂଶ ନେତାଙ୍କ ଫଟୋ ଓ ଜୀବନୀ ଆମ ଥାନା ରେକର୍ଡରେ ଅଛି। ବଡ ମଜା ଲାଗେ ଏସବୁ ଦେଖିଲେ।

Digitized by srujanika@gmail.com

ଗୋଟାଏ ନୂଆ ଅଭିଜ୍ଞତା ନା ? ଶୁଭ୍ରା ପଚାରିଲା ।

ନୂଆ ନୁହେଁ ଆଉ କଣ ? ମୁଁ ଯେତେବେଳେ ଦିଲ୍ଲୀ କ୍ରାଇମ ବ୍ୟୁରୋକୁ ଟ୍ରେନିଂରେ ଯାଇଥିଲି ସେତେବେଳେ କେତେକ ସ୍ୱାଧୀନତା ସଂଗ୍ରାମୀଙ୍କୁ ଆତଙ୍କବାଦୀ ବୋଲି ଦର୍ଶାଯାଇଥିଲା । ସ୍ୱାଧୀନତା ପୂର୍ବରୁ ପୋଲିସ ଅବଶ୍ୟ ଏମିତି କରୁଥିଲା । କିନ୍ତୁ ଏବେ ଯୋଦ୍ଧାମାନଙ୍କୁ ଆମେ ସଭାସମିତିରେ ଫୁଲମାଳ ପିନ୍ଧାଉଚୁ ସେମାନେ ବି ଆମ ରେକର୍ଡରେ ।

ହଉ ମୋତେ ସେଥିରୁ କଅଣ ମିଳିବ କହିଲେ ? ଶୁଭ୍ରା କହିଲା ।

ହଉ ତୁମେ କଅଣ ଜାଣିବାକୁ ଚାହୁଁଚ କହିଲ ? ମୁଁ କେମିତି ଖାଉଚି, କେମିତି ପିଉଚି - ଏଇ ସବୁ କଥା ? ତାର କିଛି ପରିବର୍ତ୍ତନ ନାହିଁ ।

ନିକଟରେ କିଛି ପରିବର୍ତ୍ତନ ହେବାର ଆଶା ନାହିଁ ?

ମୁଁ ଦେଖିଲି ବି.ଡି.ଓ ଓ ତହସିଲଦାର ଗେଟ ପାଖରେ ଥାନାଆଡକୁ ଆସୁଚନ୍ତି । କହିଲି, ଶୁଭ୍ରା ମୁଁ ପରେ ଫୋନ କରିବି । ଏଠି ତ ଏମିତି ମୋବାଇଲ ଟାୱାର ସହଜରେ ଧରେ ନାହିଁ । ଏବେ ଦୁଇଜଣ ଭଦ୍ରଲୋକ ଆସୁଚନ୍ତି । ଟିକିଏ ଛାଡିଦିଅ ।

ବିଡିଓ ଓ ତହସିଲଦାରଙ୍କୁ ଅଳ୍ପ ସମୟ ଭିତରେ ବିଦାୟ ଦେଇ ମୁଁ ବସାକୁ ଫେରିଗଲି । ଟାୱାର ପ୍ରୋବଲେମ ଅବଶ୍ୟ ଅଛି । କିନ୍ତୁ ଶୁଭ୍ରାକୁ ଟେଲିଫୋନ କରିବି କି ? କଅଣ କହିବି ତାକୁ ? ସେ କଅଣ ଚାହେଁ ? କୋଉ କଥାର ପରିବର୍ତ୍ତନ ସେ ଆଶା କରୁଚି ?

ମୁଁ ମୋବାଇଲକୁ ହାତରେ ଧରିଲି । ଘରେ ରୋଷେଇ କରୁଥିବା ସୁରେନଙ୍କୁ କହିଲି ବଜାରରୁ ଗୋଟେ କୋଲ୍ଡ ଡ୍ରିଙ୍କସ ଆଣିବାକୁ । ଥାନାରେ ଆହୁରି କିଛି କାମ ବାକି ଅଛି । ରାତି ବାରଟା ପୂର୍ବରୁ ଖାଇ ହୁଏନି । ଶୁଭ୍ରା ସହିତ ପଦେ କଥା ହେଇ ଫେରିଯିବି ଠିକ୍ କଲି ।

କିନ୍ତୁ ତାକୁ ମୋର କଅଣ କହିବାର ଅଛି । ମୁଁ ଟ୍ରେନିଂ କଲେଜରେ ଥିଲାବେଳେ ଦଶବର୍ଷର ସବଇନସ୍‌ପେକ୍ଟର କଲ୍ୟାଣ ସିଂ ସ୍ତ୍ରୀ ଓ ଗୋଟିଏ ପାଞ୍ଚବର୍ଷର ପୁଅକୁ ନେଇ ଟାଉନ୍‌ଥାନାରେ ପୋଷ୍ଟିଂ ଥିଲା । ତିନିବର୍ଷ ଭିତରେ ଚାରିଥର ଟ୍ରାନ୍ସଫର ହେଲା ପରେ ସେ ଟାଉନ ଥାନାକୁ ଆସିଥିଲା । ଅନ୍ତତଃ ବର୍ଷେ ଦି ବର୍ଷ ସେ ତା ସ୍ତ୍ରୀ ସହିତ ଏକାଠି ରହିବ ବୋଲି ଆଶା କରିଥିଲା । କିନ୍ତୁ ସେ କଥା ହେଲାନାହିଁ । ଟାଉନଥାନାରେ ସେ ଥରେ ଥରେ ପାଞ୍ଚ ସାତ ଦିନଯାଏ ସେଇ ଥାନାରେ ହିଁ ଶୋଇପଡେ । ଶେଷରେ ତା ସ୍ତ୍ରୀ ଆତ୍ମହତ୍ୟା କରିଦେଲା । ଗୋଟାଏ ବିରାଟ ସ୍ୱପ୍ନ ନେଇ ଝିଅଟି ପୋଲିସ ଅଫିସରକୁ ବିବାହ କରିଥିଲା । କଅଣ ସେ ମାଗିଥିଲା । ଖାଲି ସୁଖ ଟିକେ । ଗୋଟେ ସୁଖର ପରିବାର । କୁଆଡେ ଗଲା ତାର ସ୍ୱପ୍ନ ? ପୋଲିସର ତଳିଆ କର୍ମଚାରୀଙ୍କର ପରିବାର ବୋଲି କିଛି ନ ଥାଏ । ନାଁକୁ

Digitized by srujanika@gmail.com

ମାତ୍ର ସ୍ୱାମୀ ଓ ସ୍ତ୍ରୀ । ପରିବାର ଛାଡିଲେ ଦକ୍ଷତା ଦେଖେଇ ହୁଏ । ଏତେ ସବୁ କଥା ଜାଣିବା ପରେ ଶୁଭ୍ରା ଘର କରିବାକୁ ଚାହୁଁଚି । ସଂପୂର୍ଣ୍ଣ ଅନିଚ୍ଛା ସତ୍ତ୍ୱେ ମୁଁ ତାକୁ ଫୋନ ଲଗେଇଲି । ଯାହା ଦେଖିଲି ସେଥିରୁ ଜଣାଗଲା ସେ ମୋ କଲ୍‌କୁ ଅପେକ୍ଷା କରି ବସିଥିଲା ।

କଅଣ ବହୁତ ବ୍ୟସ୍ତ ଅଛନ୍ତି ନା ? ସେ ପଚାରିଲା ।

ହଁ ବ୍ୟସ୍ତ ତ ନିଶ୍ଚୟ । ତେବେ ତମ ପାଇଁ ସମୟ ଦେଇ ପାରିବି । ମୁଁ ଦେଖିଲି ସେ ଟିକିଏ ଉତ୍ସାହିତ ହେଇ ଉଠିଲା । କହିଲା, ଅସୀମ ଦୟା ।

ମୁଁ ପଚାରିଲି ହଉ ତମର ସେ ଓଏଫ୍‌ଏସ୍ ପ୍ରସ୍ତାବଟା କଅଣ ହେଲା ? ବାପା ଆସିଥିଲେ ପରା ? କିଛି କହିଲେ ?

ନା, ସେ ମୂର୍ଖଟା କୁଆଡ଼େ କହୁଚି ଦୁଇ ବର୍ଷର ପୋଲିସ୍ ଚାକିରି ଛାଡି ଦେଲେ ହୁଅନ୍ତାନି । ଆମର ଚାକିରି କଅଣ ହେବ ?

ତୁମେ କଅଣ କହିଲ ?

ମୁଣ୍ଡ ଖରାପ ନା କଅଣ ? ଚାକିରି ଛାଡିଦେବି ? କାଲି ସକାଳେ ଯଦି ପେଟ୍ରୋଲ ଢ଼ାଳିଦିଅନ୍ତି ? ମାସକୁ ତିନି ଚାରିଟା କେସ ପରା ଆମେ କରୁଚୁ ?

ମୁଁ ପଚାରିଲି ସେ ଆଗଟା କଅଣ ହେଲା ? ସେ ସାଇଣ୍ଟିଷ୍ଟ କଥା ?

ସେ ହୋ ହୋ ହସିଲା । କହିଲା, 'ଅପରେସନ୍ ଯୁଗଳ' କଥା ଶୁଣିଲା ପରେ ଆଉ ଆସିନି । ଆଉ ଆସନ୍ତା କି ? ଏବେ ବାପା ବୋଉ ଧରି ବସିଚନ୍ତି, ତୁ ଚାକିରି ଛାଡ । ଆପଣ କହିଲେ, ମୁଁ ଏଥିରେ ରାଜିହେଇ ପାରିବି ? ଚାକିରିରେ କିଛି ନ ହେଲେ ଗୋଟାଏ ସ୍ୱାଧୀନତା ଅଛି । ଅର୍ଥନୈତିକ ନୁହେଁ ଖାଲି, ମାନସିକ ମଧ୍ୟ । ସ୍ୱାଭିମାନ, ଗର୍ବ ସବୁ ଅଛି । ସେ ଚୁପ୍ ହେଇଗଲା ।

କିନ୍ତୁ ଯୋଡି ହୋଇଗଲା ପରେ ସେ ସ୍ୱାଧୀନତା, ସ୍ୱାଭିମାନ ବିଶେଷ କରି ନାରୀ ପକ୍ଷେ ସବୁ ଖର୍ବ ହେଇଯାଏନା ? ମୁଁ ପଚାରିଲି ।

ନାରୀଟି କେତେ ଅସହାୟ କହିଲେ ? ସମସ୍ତେ ଚାହାନ୍ତି ତା'ଠୁ ସ୍ୱାଧୀନତା ଅପହରଣ କରିବାକୁ । ସରକାର ମଧ୍ୟ । ନୁହେଁ ? ସେ ଟିକିଏ ରହିଗଲା ତା ପରେ କହିଲା, ମୁଁ ଭାବୁଚି ଈଶ୍ୱର ନିଜେ ମଧ୍ୟ ଚାହିଁଥିଲେ ତାଙ୍କ ସୃଷ୍ଟି ଭିତରେ ନାରୀଟିକୁ ସଂପୂର୍ଣ୍ଣ ପରାଧୀନ କରି ସୋକେସ୍ ଭିତରେ ରଖିବାକୁ । ନାରୀ ଶବ୍ଦ ପୂର୍ବରୁ 'ଗୃହପାଳିତ' ଶବ୍ଦ ଯୋଡା ଯାଉନାହିଁ ସିନା, ଯୋଡିଲେ କ୍ଷତି କଅଣ ? ପଶୁ ଓ ନାରୀ ଭିତରେ କଅଣ ଫରକ୍ ଅଛି ?

ମୁଁ ତାକୁ ସାନ୍ତ୍ୱନାର ଶବ୍ଦଟିଏ ମଧ ଦେଇ ପାରିଲିନି । ଅଭିଯୋଗ ମୋ ବିରୁଦ୍ଧରେ ନଥିଲା, ଥିଲା ସମଗ୍ର ପୁରୁଷ ସମାଜ ବିରୁଦ୍ଧରେ, ସୃଷ୍ଟିତତ୍ତ୍ୱ ବିରୁଦ୍ଧରେ । ଏ ପ୍ରକାର ଭୁଲ

Digitized by srujanika@gmail.com

ଥିଓରୀଟିଏ ଈଶ୍ୱରଙ୍କୁ କିଏ ଦେଲା କେଜାଣି ?

ମୁଁ ସେଦିନ ଥାନାକୁ ଗଲି ସତ କିନ୍ତୁ କାମରେ ମନ ଲଗେଇ ପାରିଲିନି । ଶୁଭ୍ରାର ମାର୍ମିକ ଆବେଦନ ଯେମିତି ମୋ ଆଗରେ ଧୀରେ ଧୀରେ ଶୁଭ୍ର ହୋଇ ଉଠୁଥିଲା । ମୁଁ ଶୁଭ୍ରାର ଶୁଭ୍ରତା ଦେଖୁଚି । ମୋ ଆଗରେ ଗୋଟାଏ କମ୍ର ନମନୀୟ ଛାୟାମୂର୍ତ୍ତି ଆସି ଠିଆ ହେଲା । ଗୋଟାଏ ମୁଗ୍ଧ ମୁଗ୍ଧ ବେଶ । ତାକୁ ଦେଖିଲେ ସ୍ୱାଭାବିକ ଭାବେ ନଇଁ ଆସେ ସ୍ନେହ, ଶ୍ରଦ୍ଧା ଓ ପ୍ରେମର ଆବରଣ । ଘୋଡେଇ ପକାଏ ସମଗ୍ର ଶରୀରକୁ ।

ମୋର ଏ.ଏସ୍.ଆଇ ଆସି ମୋତେ ଦେଇ ଯାଇଥିଲେ ଆସନ୍ତାକାଲି ପାଇଁ କେତୋଟି ଜରୁରୀ ଚିଠି । ଆଗାମୀର କାର୍ଯ୍ୟକ୍ରମ ସେଥିରୁ ପ୍ରସ୍ତୁତ ହେବ । ମୁଁ କିନ୍ତୁ ସେ ସବୁ କିଛି ପଢ଼ି ପାରୁ ନଥିଲି । ମୋତେ ପ୍ରାୟ କିଛି ଦେଖାଯାଉ ନଥିଲା । ମୁଁ ଫାଇଲଟାକୁ ବନ୍ଦ କରି ଗୋଟାଏ ପାଖକୁ ରଖି ଦେଲା ପରେ କିଶୋର ବାବୁ ମୋତେ କହିଲେ ଆପଣ ସେଗୁଡିକ ଦେଖିଲେ ନାହିଁକି ? ଗୋଟେ ଦି'ଟା ଜରୁରୀ ଥିଲା ବୋଧେ ।

ସେତେବେଳେ ଯାଇ ମୋ ଦେହରେ ଚେତା ପଶିଲା । ମୁଁ ଫାଇଲକୁ ପୁଣି ଥରେ ଖୋଲିଲି । ଚିଠିଟିଏ ଅଛି ଗୋପୀନାଥପୁର ଥାନା ଆଇ.ଆଇ.ସିଙ୍କର । ଦୁଇବର୍ଷ ତଳେ ପୋଲିସ କନଷ୍ଟେବଲ ଧନୁ ମାରାଣ୍ଡି ପୋଲିସ କ୍ୱାଟର୍ସ ପଛପଟେ ଆତ୍ମହତ୍ୟା କରିଥିଲା । ସେ କେଶ୍ ଏବେ ମଧ୍ୟ ଗଡୁଚି । ତାର ସ୍ତ୍ରୀକୁ ଚାକିରି ଦିଆଯାଇଥିଲା । କିନ୍ତୁ ସେ ତାକୁ ପ୍ରତ୍ୟାଖ୍ୟାନ କରି ଆଉ ଥରେ ବିବାହ କରି ସାରିଚି ।

କୋର୍ଟରେ ଅଭିଯୋଗ ଅଛି ଯେ ଧନୁ ମାରାଣ୍ଡି ପ୍ରତି ହୋଇଥିବା ଅତ୍ୟଧିକ ମାନସିକ ଚାପ ତାର ଆତ୍ମହତ୍ୟାର କାରଣ ହେଇପାରେ ।

ଏଥିରେ ମୁଁ ଜଣେ ସାକ୍ଷୀ । ମୁଁ ସେତେବେଳେ ଡିଉଟି ଡିଷ୍ଟ୍ରିବ୍ୟୁସନ ଦାୟିତ୍ୱରେ ଥିଲି । କିନ୍ତୁ ଘଟଣାର କେନ୍ଦ୍ରବିନ୍ଦୁ 'ମାନସିକ ଚାପରେ ।' ପୋଲିସର କାମ ଓ ମାନସିକ ଚାପ ଏମାନଙ୍କୁ କିପରି ବର୍ଣ୍ଣନା କରାଯାଇପାରିବ ? କୋର୍ଟରେ କିପରି ଭାବରେ ବର୍ଣ୍ଣନା କଲେ ସତ୍ୟର ଅପଳାପ ହେବ ନାହିଁ ଅଥଚ ଅପଳାପ ଭିତରେ ସତ୍ୟଟା ଦମ୍ଭର ସହିତ ଆତ୍ମପ୍ରକାଶ କରିପାରିବ ? ମୁଁ ଦ୍ୱନ୍ଦରେ ପଡିଗଲି ।

ମୁଁ ଗୋପୀନାଥପୁର ଥାନାରେ ପହଞ୍ଚିଲାବେଳକୁ ସଂଧ୍ୟା ହେଇଯାଇଥାଏ । ଥାନାରେ ସେତେବେଳେ ପ୍ରାୟ ସମସ୍ତେ ଥାଆନ୍ତି । କେବଳ ଶୁଭ୍ରାକୁ ଛାଡି । ଅନେକ ସମୟ ବଂଧୁମାନଙ୍କ ସହିତ ବସି ଖୁସି ଗପ ସହିତ ଦୁଇ ଥର ଚା ପିଇ ସାରିଥିଲେ ମଧ୍ୟ ମୁଁ ଶୁଭ୍ରାକୁ ନ ଦେଖି କେମିତି ଗୋଟେ ଅଜଣା ଭାବରେ ପଚାରି ଦେଲି ଶୁଭ୍ରା ମେଡମକୁ ଦେଖୁନି ଯେ ?

ଏତେ ଡେରିରେ ପଚାରିଲ ଯେ ? ମୋର ସିନିଅର ଗୌତମବାବୁ ପଚାରିଲେ ।

Digitized by srujanika@gmail.com

ମୁଁ ଚମକି ପଡ଼ିଲି। ସେ ଏମିତି କଅଣ ପଚାରିଲେ ? ମୁଁ ଅପ୍ରସ୍ତୁତ ହୋଇ ପଡ଼ିଲି। କହିଲି, ନା ସେମିତି କିଛି ନୁହେଁ। ଦେଖୁନାହିଁ ବୋଲି ପଚାରିଦେଲି।

ହଉ ଯାଅ ଟିକେ ରେଷ୍ଟ ନିଅ। ତମ ରୁମ୍ ଏବେବି ସେମିତି ପଡ଼ିଚି। ଆଜି ତମ ପାଇଁ ପୁଣି ଚଳଚଞ୍ଚଳ ହୋଇ ଉଠିଚି। ମାସେ ହେଲା ଆଉ କେହି ଗେଷ୍ଟ ଏଠାକୁ ଆସି ନାହାନ୍ତି।

ଜଣେ କନଷ୍ଟେବଲ ଆସି ଠିଆ ହେଲା, ସେଲୁଟ ମାରି କହିଲା ବଡବାବୁ ଡକେଇଚନ୍ତି। ମୁଁ ତାଙ୍କ ଡାକକୁହିଁ ଅପେକ୍ଷା କରିଥିଲି, ଆସନ୍ତା କାଲି କୋର୍ଟକୁ ଯିବା ପୂର୍ବରୁ ତାଙ୍କ ସହିତ ଆଲୋଚନା ଜରୁରୀ।

ମୁଁ ଭିତରକୁ ପଶିବା ମାତ୍ରେ ସେ ମୋତେ କୁଣ୍ଢେଇ ପକେଇଲେ। ମୋ ପ୍ରତି ତାଙ୍କର ଶ୍ରଦ୍ଧା ଅମାପ। ରାଜ୍ୟର ସିନିଅର ମୋଷ୍ଟ ଇନସପେକ୍ଟରଙ୍କ ଭିତରେ ଜଣେ। ଖୁବ୍ ଶୀଘ୍ର ଡି.ଏସ୍.ପି.କୁ ପ୍ରମୋଶନ ହେଇଯିବ। ଅମାୟିକ ସ୍ୱଭାବ।

କଥା ଆରମ୍ଭ ହେଉହେଉ ମୁଁ ଯେତେବେଳେ ଆସନ୍ତାକାଲିର କେସ୍ କଥା ଉଠେଇଲି ଏବଂ ପଚାରିଲି ତାଙ୍କ ମତାମତ, ସେ ହୋ ହୋ ହୋଇ ହସିଲେ। କହିଲେ ସେଇଟା ଗୋଟାଏ କି କେସ୍ ହୋ ? ଆତ୍ମହତ୍ୟା କରି ଯଦି ମଲା, ମଲା। ତାକୁ କିଏ କଣ କରିବ ? ଆତ୍ମହତ୍ୟା ପାଇଁ କିଏ ଦାୟୀ ହେବ ? ତୁମେ ସେକଥା ଛାଡ। ଏବେ ଆମେ ଘରୋଇ କଥା ଆଲୋଚନା କରିବା। ଶୁଭ୍ରାର ବାପା ମାଆ ଆସିଚନ୍ତି। ସେମାନେ ଚାଲି ଯାଇ ଥାଆନ୍ତେ। ମୁଁ ତାଙ୍କୁ ଅଟକେଇଚି। ଆସିଚନ୍ତି ଯେତେବେଳେ ଦି'ଦିନ ରହି ବୁଲାବୁଲି କରି ଯିବେ।

ସେ ଟିକିଏ ରହିଗଲେ। ତା ପରେ କହିଲେ ଶୁଭ୍ରା ଭଲ ଝିଅଟିଏ। ନୁହେଁ ? ଭାରୀ ଷ୍ଟ୍ରେଟ ଫରୱାର୍ଡ। ତାକୁ କାମ ଦେଲେ ଜଣେ ନିଶ୍ଚିନ୍ତ ହୋଇ ବସିଯାଏ। ପଛକୁ ଫେରିବା ତା ଜାତକରେ ନଥାଏ। ତାପରେ ସେ ଚାରିଆଡକୁ ଅନେଇଲେ। "କୁଆଡେ ଗଲା କେଜାଣି ଏତେବେଳ ଯାଏ। ତମର ରହଣି ଓ ଖିଆପିଆର ଦାୟିତ୍ୱ ମୁଁ ତାକୁ ଦେଇଥିଲି।"

ମୁଁ ହଠାତ୍ ତାଙ୍କଠାରୁ ଏ ସବୁ କଥା ଶୁଣିବି ବୋଲି ଆଶା କରି ନଥିଲି। ମୋ ଭିତରେ ଧନୁ ମାରାଣ୍ଡିର ମାମଲା ମୋତେ ଡରାଉ ଥିଲା। ତାର ଭୂତ ରାତିଦିନ ମୋ ଆଗରେ ଆସି ଠିଆ ହେଉଥିଲା। ମୁଁ ଜାଣିଥିଲି ପ୍ରତିପକ୍ଷର ଓକିଲ ଜଣେ ନାମଜାଦା ଆଇନ ବ୍ୟବସାୟୀ। ପୋଲିସ ବିରୁଦ୍ଧରେ ଲଢ଼ି ସେ ବହୁବାର ଜିତିଚନ୍ତି। ସେ ଏପରି ଜଣେ ଓକିଲ ଯେ କି ମାମଲା ଭିତରେ ପୋଲିସର ଅଂଧକାର ଦିଗଟିକୁ ଅତି ପରିଷ୍କାର ଦେଖେଇ ପାରନ୍ତି। ସେଇଟାହିଁ ତାଙ୍କର ଗୋଟାଏ 'ହବି' ବୋଲି ସେ କହନ୍ତି।

ଅଥଚ ସେ କଥା ନ ଭାବି ମୋର ପ୍ରବୀଣ ଇନ୍ସପେକ୍ଟର ଏବେ ଗୋଟାଏ

Digitized by srujanika@gmail.com

ରୋମାଣ୍ଟିକ ଚିନ୍ତାଧାରା ନେଇ ବ୍ୟସ୍ତ। ମୁଁ ତାଙ୍କ କଥାରେ କଅଣ କହିବି ଠିକ୍ କରି ପାରୁନଥିଲି। କେଜାଣି କେମିତି ମୋର ଶୁଭ୍ରା ପ୍ରତି ଯେ ଦୁର୍ବଳତା ପ୍ରକାଶ ପାଇନାହିଁ ସେ କଥା ଜୋର ଦେଇ କହିପାରିବି ନାହିଁ। ହୁଏତ ହେଉଥିବ, ପାଖରେ ଥିଲାବେଳେ ଯାହା ରୂପ ପାଇ ନଥିଲା ଏବେ ଦୂରକୁ ଗଲାପରେ ତାର ଅଙ୍କୁରୋଦ୍‌ଗମ ହେଉଥିବ। ଏକ ସ୍ୱାଭାବିକ ପ୍ରକ୍ରିୟା।

ମୋର ପିତୃତୁଲ୍ୟ ଇନସପେକ୍ଟରଙ୍କ କଥାରେ ମୁଁ ହଁ କି ନା କିଛି କହିପାରି ନଥିଲି। ତାଙ୍କ ମୁହଁକୁ ନ ଚାହିଁ ମୁଁ ଖାଲି ଟିକିଏ ହସି ଦେଇଥିଲି ମାତ୍ର।

ହଉ ଯାଅ। ଖାଇ ପିଇ ଟିକେ ରେଷ୍ଟ ନିଅ। କାଲି ପୁଣି ଦେଖା।

ମୁଁ ମୋ ରୁମ୍ ଭିତରକୁ ଆସିଲି। ଦେଖିଲି କୋଠରିଟି ବେଶ୍ ସଜାସଜି ହୋଇ ରଖାଯାଇଚି। ବେଶ ରୁଚିପୂର୍ଣ୍ଣ ଭାବରେ ଡାଇନିଂ ଟେବୁଲଟିକୁ ଦେଖିବାର କଥା। ଗୋଟାଏ ପୋଲିସ କନଷ୍ଟେବଲ ଏମିତି ସଜେଇଥିବ ବୋଲି ବିଶ୍ୱାସ ହୁଏନା। ତେବେ ସମଗ୍ର ଥାନାର ଯେ ଅନେକ ପରିବର୍ତ୍ତନ ହୋଇଚି କଥାଟା ଏଥିରୁ ବୁଝିହୁଏ। ମୋ ଜିନିଷ ଗୁଡାକ ମଧ୍ୟ ଚମତ୍କାର ଭାବେ ରଖାଯାଇଚି। ଭାବିଲି ଘର ସଜେଇବାର ଅଦ୍‌ଭୁତ କଳା ତାକୁ ଜଣାଥିବ ନିଶ୍ଚୟ।

ହଠାତ୍ ମୋର ନଜର ପଡିଲା ଘରର କୋଣରେ ଥିବା ଗୋଟାଏ ଝୁଡି ଉପରେ। ତା'ରି ଭିତରୁ ଉଙ୍କି ମାରୁଚି ଗୋଟାଏ ଫୁଲତୋଡାର କିଛି ଅଂଶ। ଶୁଖିଲା ପାଖୁଡା ଗୁଡ଼ିକ ଡେମ୍ଫରୁ ମୁଣ୍ଡଟେକି ଠିଆ ହୋଇ ରହିଚି। ମୁଁ ତା ପାଖକୁ ଗଲି ଏବଂ ଦୁଇ ହାତରେ ଟୋଳି ଧରିଲି। ଫୁଙ୍କା ଫୁଙ୍କି କରି ଧୂଳି ସବୁ ଝାଡି ସଫା କରିଦେଲି। ତାପରେ ମୁହଁ ପାଖକୁ ନେଇ ଶୁଂଘିବାକୁ ଯାଉଥିଲି।

ବାହାରୁ କେହି ଜଣେ ଆସୁଥିବାର ପାଦଶବ୍ଦ।

□□

Digitized by srujanika@gmail.com

ହଜିଥିବା ବହିର ସିଦ୍ଧାନ୍ତ

ଆମେ ସବୁ ଯେତେବେଳେ ତାଙ୍କ ଘରେ ପହଞ୍ଚିଲୁଁ ଆମକୁ ଜଣେ କହିଲେ, "ସେ ଶୋଇଛନ୍ତି। ତାଙ୍କ ଦେହ ଭଲ ନାହିଁ।"

ଦେହ ଭଲ ନାହିଁ? ଜୟନ୍ତ ମିଶ୍ରଙ୍କ ଦେହ ଭଲ ନାହିଁ, ଏହା ଥିଲା ଆମ ପାଇଁ ଗୋଟେ ବଡ଼ ନିଉଜ୍। ମୁଁ ମୋ ସହିତ ଯାଇଥିବା କେମେରା ମ୍ୟାନ୍ ସୌରଭ ଚୌଧୁରୀକୁ ଅନେଇଲି। ସେ ତାର କାନ୍ଧରେ ଥିବା ଭାରି ବେଗ୍‌ଟିକୁ ସେତେବେଳେ ସଜାଡ଼ିଲା ଏବଂ କହିଲା, "ଭିତରକୁ ଯାଇ ଦେଖନ୍ତୁ ଯଦି କଥାବାର୍ତ୍ତା କରିବେ ତେବେ ଆମ କାମ ହେଇଯିବ।"

ଜୟନ୍ତ ମିଶ୍ର ଥିଲେ ସ୍ୱାଧୀନତା ସଂଗ୍ରାମୀ। ଖାଣ୍ଟି ଗାନ୍ଧିବାଦୀ। ଏବେ ମଧ୍ୟ ଖଦି ପିନ୍ଧନ୍ତି। ଦେହରେ ଖାଲି ଚାଦର ଖଣ୍ଡେ। ଭୋର ଚାରିଟାରେ ଉଠି ନିତ୍ୟକର୍ମ ସାରି ଯାଆନ୍ତି ମର୍ଣ୍ଣିଂୱାକ୍‌ରେ। ଚାଲିର ସ୍ପିଡ୍ ଏବେ ମଧ୍ୟ ପ୍ରାୟ ନରମାଲ୍। ଏଇଠି ଗୋଟିଏ କଥାରେ ସେ ଗାନ୍ଧୀଙ୍କୁ ଟପି ଯାଇଛନ୍ତି। ଗାନ୍ଧୀ ପ୍ରାୟ ଷାଠିଏ ବର୍ଷ ବେଳକୁ ଚାଲିଲାବେଳେ ବାଡିର ସାହାଯ୍ୟ ନେଉଥିଲେ। ତେଣୁ ତାଙ୍କ ଅପେକ୍ଷା ତାଙ୍କ ବାଡି ଉପରେ ମଧ୍ୟ ଚିତ୍ରଶିଳ୍ପୀମାନେ ଛବି ଆଙ୍କନ୍ତି ଏବଂ ଲେଖକମାନେ ଗଳ୍ପ ଉପନ୍ୟାସରେ ତାକୁ ସିମ୍ବଲ୍ ଭାବରେ ବ୍ୟବହାର କରିଥାଆନ୍ତି। କିନ୍ତୁ ଜୟନ୍ତ ମିଶ୍ର ନବେ ଟପିଥିଲେ ମଧ୍ୟ ବାଡିର ସାହାଯ୍ୟ ନେଇନାହାନ୍ତି। ଗୋରା ତକ ତକ ଚେହେରା, ଖଣ୍ଡେ ବାଡି ପରି ସିଧା। ଚାଲିଲାବେଳେ ବ୍ୟଙ୍ଗ ଚିତ୍ରଶିଳ୍ପୀ ଲକ୍ଷ୍ମଣଙ୍କ ରେଖାଚିତ୍ର ପରି। ମର୍ଣ୍ଣିଂୱାକ୍‌ରେ ଥିଲାବେଳେ ତାଙ୍କ ଦୁଇ ହାତ ତଳକୁ ଖସେ ନାହିଁ। ସିଧା ଉଠୁଥାଏ ପଡୁଥାଏ। ସେଇ ଜୟନ୍ତ ମିଶ୍ରଙ୍କ ଦେହ ଖରାପ ଥିବା କଥା ଏ ସହରରେ କେହି କେବେ ଶୁଣିନାହାନ୍ତି। ସେ ଆଜି ଅସୁସ୍ଥ? ଅବଶ୍ୟ ଏ ଯୁଗରେ କେତେ ଲୋକ ତାଙ୍କୁ ଜାଣନ୍ତି? ଯେଉଁମାନେ ଜାଣନ୍ତି ସେମାନଙ୍କ ଭିତରୁ କେତେଲୋକ ତାଙ୍କୁ ମନେ ରଖିଛନ୍ତି? ସେମାନଙ୍କ ପାଇଁ ଜୟନ୍ତବାବୁ କେବେଠୁ କିମ୍ବଦନ୍ତୀ ପାଲଟିଗଲେଣି।

Digitized by srujanika@gmail.com

ବେଳେବେଳେ ଏମିତି ହେଉଥାଏ - କୌଣସି ଏକ ସାକ୍ଷାତକାରରେ ଯେତେବେଳେ ଇନ୍ଦିରା ଗାନ୍ଧୀଙ୍କ ବାପାଙ୍କ ନାମ ମହାତ୍ମା ଗାନ୍ଧୀ ବୋଲି ଜଣେ କହିଲା, ଠିକ୍ ସେମିତି 'ଜୟନ୍ତ ମିଶ୍ରଙ୍କ ପରିଚୟ' କଥା ପଚାରିଲେ ଉତ୍ତର ମିଳେ 'ସେ ମ୍ୟୁନିସିପାଲଟିର କାଉନସିଲର ଅଛନ୍ତି। ଗୋଟାଏ ଠକେଇ କେଶ୍‌ରେ ସେ ଏବେ ଜେଲରେ ଅଛନ୍ତି।' ଏବର ଛାତ୍ରଛାତ୍ରୀଙ୍କ ସାଧାରଣ ଜ୍ଞାନ ଏଥିରୁ ଅନୁମାନ କରିହେବ।

ଗୋଟାଏ ଇଂରାଜୀ ଦୈନିକ 'ହେରିଟେଜ୍' ତରଫରୁ ଆମେ ଯାଇଥିଲୁଁ ତାଙ୍କ ସାକ୍ଷାତକାର ନେବାପାଇଁ। ଆଗରୁ ଆପଏଣ୍ଟମେଣ୍ଟ ଥିଲା। ଆସନ୍ତା ସପ୍ତାହରେ ସ୍ୱାଧୀନତା ଦିବସ ଉପଲକ୍ଷେ ଆମ ଖବରକାଗଜରେ ସହରର ଦଶଜଣ ବିଶିଷ୍ଟ ନାଗରିକଙ୍କର ସାକ୍ଷାତକାର ପ୍ରକାଶ ପାଇବାର କଥା। ଜୟନ୍ତ ମିଶ୍ରଙ୍କୁ ଆମେ ତାଲିକାରେ ରଖିଥିଲୁଁ ଏକ ନମ୍ବରରେ। କିନ୍ତୁ କି ଦୁର୍ଭାଗ୍ୟ। ଘରେ ନ ପଶୁଣୁ ମୁଣ୍ଡରେ ଚାଳ ବାଜିଲାଣି। ତାଙ୍କ ଶାରୀରିକ ଅସୁସ୍ଥତା ଆମକୁ ଚିନ୍ତାରେ ପକାଇଲା।

ମୁଁ ଡ୍ରଇଁ ରୁମ ଭିତରକୁ ପଶିଯାଇ ସେ ଲୋକକୁ ପଚାରିଲି, "କଅଣ ହେଇଚି ? କେତେ ଅସୁସ୍ଥ ? ଆମ ସହିତ ଦି ପଦ କଥା ହେଇ ପାରିବେନି ?"

- "ମୁଁ ପଚାରେ ?"

ସେ ଫେରିଆସି କହିଲେ, "ଭିତରକୁ ଆସନ୍ତୁ।"

ଆମେ ଖୁସି ହେଇଗଲୁଁ। ଯା ହେଉ ଆମ କାମଟା ଏବେ ହେଇଯିବ। ତାଙ୍କର କିନ୍ତୁ ମାଇନର ପ୍ରୋବଲେମ୍ ଥିବ। ଆଃ, ଈଶ୍ୱର ସେଇଆ କରନ୍ତୁ।

ଆମେ ଭିତରକୁ ପଶିବା ମାତ୍ରେ ସେ ହସହସ ମୁହଁରେ ଆମକୁ ସ୍ୱାଗତ କଲେ। ସେ ଖାଲି ଦେହରେ ଗୋଟାଏ ଆର୍ମ ଚେଆରରେ ଆଉଜି ବସିଥିଲେ। ହାତରେ ପ୍ରଖ୍ୟାତ ଲେଖକ ଶରତ ମହାନ୍ତିଙ୍କ 'ଗାନ୍ଧୀ ମଣିଷ' ବହି। ଏତେ ବଡ ମୋଟା ବହିଟିକୁ ସେ ଗୋଟିଏ ହାତରେ ମଝିପୃଷ୍ଠାରେ ଗୋଟିଏ ଅଙ୍ଗୁଳି ରଖି ଉପରକୁ ଟେକି ଧରିଥିଲେ। ସତେ ଅବା ସେ ଗୋଟିଏ ମିନିଟ ପାଇଁ ମଧ୍ୟ ବହିଟିକୁ ତଳେ ରଖିବାକୁ ଚାହୁଁ ନାହାନ୍ତି।

ମୁଁ ତାଙ୍କ ବାଁ ପାଖରେ ଥିବା ଛୋଟ ଟେବୁଲ ଉପରେ ଆଖି ପକାଇଲି। ତା ଉପରେ ମଧ୍ୟ ଆଉ ଗୋଟିଏ ଗାନ୍ଧୀ - 'ଗାନ୍ଧୀ ମାନସ'। ଏଇଟି ମଧ୍ୟ କମ ମୋଟା ନୁହେଁ। ଆର୍.କେ. ପ୍ରଭୁ ଓ ଇଉ.ଆର. ରାଓଙ୍କ ଦ୍ୱାରା ସଂକଳିତ ଓ ସଂପାଦିତ ଏବଂ ଚିତ୍ତରଂଜନ ଦାସଙ୍କ ଦ୍ୱାରା ଅନୂଦିତ ଏ ବହିଟିକୁ ମଧ୍ୟ ମୁଁ ଆଗରୁ ପଢ଼ିଚି। ମୋର କହିବାର କଥା ତାଙ୍କ ଚାରିପାଖରେ ଥିବା ଆଲମାରୀଗୁଡ଼ିକରେ ଯେତେ ବହି ଅଛି ସେଥିରୁ ପଚାଶ ଭାଗରୁ ବେଶୀ ବହି କେବଳ ଗାନ୍ଧୀଙ୍କ ଦ୍ୱାରା ଲିଖିତ ନଚେତ ଗାନ୍ଧୀଙ୍କ ଉପରେ ଲିଖିତ। ମୁଁ ତାଙ୍କର ହସକୁ ମନଭରି ଉପଭୋଗ କରୁଥିଲାବେଳେ ଆଲମାରୀଗୁଡିକୁ ମଧ୍ୟ ଦେଖୁଥିଲି।

Digitized by srujanika@gmail.com

ସବୁଠି ଗାନ୍ଧୀ ଓ ଗାନ୍ଧୀଙ୍କ ସତ୍ୟ।

ସେ ଆମକୁ ପାଖ ଚେୟାର୍‌ରେ ବସିବାକୁ କହିଲେ, କିନ୍ତୁ ସେଇ ସମୟ ଭିତରେ ସୌରଭ ଚୌଧୁରୀ ବେଶ ଦୁଇଚାରିଟା ଫଟୋ ନେଇ ସାରିଥିଲେ।

ମୁଁ ଆମର ଆସିବାର ଉଦ୍ଦେଶ୍ୟ କହିଲି ଏବଂ ପଚାରିଲି 'ଆପଣଙ୍କ ଜୀବନର ଦୀର୍ଘଯାତ୍ରା ଭିତରେ ସ୍ୱାଧୀନ ଭାରତର ଚିତ୍ର କେମିତି ଭାବରେ ଆଙ୍କିବାକୁ ଚାହିଁବେ ?'

ସେ ସାମାନ୍ୟ ହସିଲେ ଏବଂ କହିଲେ, "ତୁମେ ମୋ'ଠୁ କି ଉତ୍ତର ଆଶା କରୁଚ ? ଏବେ ତ ଗାନ୍ଧୀବାଦ କେବଳ ପୋଥିର ପାଠ ହେଇଯାଇଚି। ତାହା ମଧ୍ୟ ସୀମିତ ପରିସରରେ। ଲୋକ ଓ ରାଜନୀତି ଅଲଗା ଅଲଗା ରାସ୍ତାରେ। ସେତେବେଳର ସ୍ୱାଧୀନ ଭାରତ ଅଛି କିନ୍ତୁ ସ୍ୱାଧୀନତା ନାହିଁ। ଏଥିରେ ମୁଁ ଆଉ କଅଣ କହିବି ?"

ମୁଁ ତାଙ୍କର ଏଇ କଥାକୁ ରେକର୍ଡ କରୁ ନ ଥିବାର ଦେଖି ସେ କହିଲେ ମୋର ଦେହ ଭଲ ନାହିଁ। ତୁମେ ତୁମର ଲିଖିତ ପ୍ରଶ୍ନ ଥିଲେ ମୋତେ ଦିଅ। କାଲି ସକାଳେ ଆସି ନେଇଯିବ।

ମୁଁ ତାଙ୍କ ମନକଥା ବୁଝିପାରିଲି। ସରକାରଙ୍କୁ ସନ୍ତୁଷ୍ଟ କଲା ଭଳି କଥା ଯେ ଆମର ଦରକାର ସେ କଥା ସେ ବୁଝୁଥିଲେ, କିନ୍ତୁ ମୋର କିଛି କରିବାର ନ ଥିଲା। ସ୍ୱାଧୀନ ଭାରତରେ ସ୍ୱାଧୀନତା ନାହିଁ, ମୋ ମାଲିକ ଏ କଥାଟାକୁ ଅପସନ୍ଦ କରି ନ ଥାଆନ୍ତେ, ତଥାପି ମୁଁ ଏ କଥାଟାକୁ ରେକର୍ଡ କରିଚି ଏ କଥା ମଧ୍ୟ ପସନ୍ଦ କରି ନ ଥାଆନ୍ତେ।

କେହି ଜଣେ ଭିତରକୁ ପଶିଆସି କହିଲେ ମିତ୍ରଭାନୁ ବାବୁ ଏବେ ଆପଣଙ୍କୁ ଦେଖିବାକୁ ଆସୁଛନ୍ତି।

ଆମେ ଦୁହେଁ ଠିଆ ହେଇ ପଡିଲୁଁ। ମିତ୍ରଭାନୁ ବାବୁ ଏଥର ପ୍ରଚୁର ଭୋଟରେ ବିଧାନସଭାକୁ ଜିତି ଆସିଛନ୍ତି। ପାଞ୍ଚଥର ଲଗାତାର ଜିତି ଆସୁଥିବା ରମେଶଚନ୍ଦ୍ର ଯାହାଙ୍କୁ କଲମପୁରର ଗାନ୍ଧୀ କୁହାଯାଏ, ତାଙ୍କୁ ସେ ଦୁଇଗୁଣ ଅଧିକ ଭୋଟରେ ପରାସ୍ତ କରିଛନ୍ତି। ତେଣୁ ଏଥର ସେ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇବାର ସମ୍ଭାବନା ଅଛି। ସେଇ ମିତ୍ରଭାନୁ ଆସିଛନ୍ତି ଜୟନ୍ତ ମିଶ୍ରଙ୍କୁ ଭେଟିବାକୁ।

ସେ ମଧ୍ୟ ତାଙ୍କର ଆଶୀର୍ବାଦ ଭିକ୍ଷା କରିବେ। ଜଣେ ସଚ୍ଚା ଜନନେତା ପକ୍ଷେ ଏହାଠୁ ଭଲ କଥା ଆଉ କଅଣ ଅଛି ?

ମିତ୍ରଭାନୁ ସିଧା ପଶିଆସି ଜୟନ୍ତଙ୍କ ପାଦଧୂଳି ନେଲେ ଓ ମୁଣ୍ଡ ସିଧା ତାଙ୍କ ପାଦରେ ଲଗେଇଲେ।

ଜୟନ୍ତ ହସିହସି ତାଙ୍କ ମୁଣ୍ଡରେ ହାତ ଦେଲେ। ତା' ପରେ କହିଲେ, "ତୁମେ କଲମପୁର ଗାନ୍ଧୀକୁ ହରେଇଲ ଶୁଣିଲି ?"

Digitized by srujanika@gmail.com

ମିତ୍ରଭାନୁ ମୁଣ୍ଡ ତଳକୁ କରି ଠିଆ ହେଲେ । ସେ ପୁଣି କଥା ଯୋଡିଲେ, "ଏଥିରେ ଚିନ୍ତା କରିବାର କଅଣ ଅଛି ? ଲୋକେ କହିଲେ ବୋଲି ସେ ସତକୁ ସତ ଗାନ୍ଧୀ ହେଇଗଲେ କି ? ଏବର ରାଜନୀତି ଓ ଗାନ୍ଧୀବାଦକୁ ସେ ଗ୍ରହଣ କରିପାରୁ ନଥିଲେ ଜମା ।"

କଥା ଏଡେଇ ଯିବା ପାଇଁ ମିତ୍ରଭାନୁ କହିଲେ, "ଶୁଣିଲି ଆପଣ ଅସୁସ୍ଥ । ଆପଣଙ୍କ ପଦଧୂଳି ଟିକେ ପାଇଁ ମୁଁ ଚାଲିଆସିଲି ।"

- "ବେଶ୍ ବେଶ୍ ଖୁବ୍ ଭଲ ହେଲା । କିନ୍ତୁ ସେ ଗାନ୍ଧୀଟା ?"

- "ମୁଁ ତାଙ୍କ ପାଦଧୂଳି ମଧ ନେଇ ସାରିଚି । ସେ ମଧ ମୋର ନମସ୍ୟ ।"

ଜୟନ୍ତଙ୍କ ଆଖି ବିସ୍ମୟ ବିସ୍ଫାରିତ ହେଇଗଲା । ତାଙ୍କ ଶୁଣିବାରେ କିଛି ଭୁଲ ହେଇ ନାହିଁ ତ ? ନା, ଭୁଲ ହେବ କାହିଁକି ? ମିତ୍ରଭାନୁ ଯୁବକ । ଯୁବକମାନଙ୍କ ଭିତରେ ଥାଏ ପ୍ରଚୁର ଶକ୍ତି ଓ ସେବା ମନୋଭାବ ।

- "ଆପଣଙ୍କୁ କେହି ଡାକ୍ତର ଦେଖୁଛନ୍ତି ?"

ମିତ୍ରଭାନୁ ଜୟନ୍ତଙ୍କ ପାଖରେ ବସିପଡ଼ି ଏକାନ୍ତ ଆତ୍ମୀୟତାର ହାତ ବଢ଼େଇ ଜୟନ୍ତଙ୍କ ଫୁଲ୍ଲା ଗୋଡକୁ ଚିପିବାକୁ ଆରମ୍ଭ କଲେ ।

ଆମେ ଦୁହେଁ ସେତେବେଳେ ଘରର ଗୋଟିଏ କୋଣକୁ ଆଡେଇ ହେଇ ଯାଇଥାଉଁ । ଘର ଭିତରେ ଓ ବାହାରେ ବନ୍ଧୁକଧାରୀ ପୋଲିସ ଭର୍ତ୍ତି ହେଇଯାଇଥାଏ । ମିତ୍ରଭାନୁଙ୍କର ଥାଏ ଜେଡ୍ କାଟେଗୋରୀ ସୁରକ୍ଷା ବ୍ୟବସ୍ଥା । ଅନେକଗୁଡ଼ିଏ ମୌଳବାଦୀ ଅନୁଷ୍ଠାନ ତରଫରୁ ତାଙ୍କ ଜୀବନ ପ୍ରତି ବିପଦ ଥାଏ ବୋଲି ଏ ସୁରକ୍ଷା ବ୍ୟବସ୍ଥା ।

ଜୟନ୍ତ ମିତ୍ରଭାନୁଙ୍କ ହାତକୁ ଦୁଇ ହାତରେ ଟେକି ନେଇ କହିଲେ, "ତୁମ ଚାରିପାଖରେ ଏତେ ପୋଲିସ ? ଲୋକେ ତୁମ ପାଖକୁ ଆସି ପାରୁ ନ ଥିବେ ?"

- "ଏକବିଂଶ ଶତାବ୍ଦୀର ରାଜନୀତିରେ ତାହା ହିଁ ପାର୍ଥକ୍ୟ ମଉସା । ଆଗ କାଳରେ ନେତାମାନେ ଲୋକଙ୍କ ଗହଣରେ ରହୁଥିଲେ । ଏବେ ଚାରିପଟେ ପୋଲିସ ନ ରହିଲେ ଘରୁ ବାହାରି ହେବ ?" ତା' ପରେ ସେ ମୋ ଆଡକୁ ଚାହିଁ କହିଲେ, "ଆଉ କଅଣ ଖବର - ସରୋଜ ବାବୁ ? ଶର୍ମାଜୀ କେମିତି ଅଛନ୍ତି ? ଆଜି କାଲି ଭିତରେ ଦିଲ୍ଲୀ ଯିବେ ବୋଧେ ? ନା, ଯାଇ ସାରିଲେଣି ?"

ମୋର ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନ ଥିଲା । ଆମ ନିଉଜ୍ ପେପର୍ ଗ୍ରୁପ୍‌ର ମାଲିକ ଶିବଶରଣ ଶର୍ମା ଏଥର ରାଜ୍ୟସଭା ଟିକଟ ପାଇଁ ଚେଷ୍ଟା କରୁଥିବା କଥା ସହରରେ ଅଛପା ନାହିଁ । ଦିଲ୍ଲୀରୁ ସବୁଜ ସଂକେତ ପାଇଲେ ଏଠି ଦଶ ପନ୍ଦର ଜଣଙ୍କୁ ନିଜ ପକେଟକୁ ଆଣିବାରେ ଅସୁବିଧା ହେବ ନାହିଁ । ମୁଖ୍ୟମନ୍ତ୍ରୀ କୁଆଡେ କହିଛନ୍ତି ସେ ଏଥିରେ ବ୍ୟକ୍ତିଗତ ଭାବରେ ବା ପାର୍ଟି ମାଧ୍ୟମରେ ଜଡିତ ହେବାକୁ ଚାହୁଁ ନାହାନ୍ତି । ତେଣୁ ଶର୍ମାଜୀ ତାଙ୍କ

Digitized by srujanika@gmail.com

ନିଜସ୍ତରରେ ଯାହା କରିବାର କଥା କରିବେ।

ମୁଁ କହିଲି, "ଏଇଟା ଅନେକ ଉପରସ୍ତରର କଥା। ଆମ ଏରିଆ ବାହାରେ।"

ଏତିକିବେଳେ ସୌରଭ କହିଲା, "ସାର୍, ଆଉ ଟିକିଏ ପାଖକୁ ବସନ୍ତୁ। ମୁଁ ସ୍ନାପ୍‌ଟିଏ ନେବି।"

- "ସେ ସବୁ ନେଇ ତୁମେ କଅଣ କରିବ ? ଯୋଉଥିରେ ଲଗାଅ ମୋର ଆପତ୍ତି ନାହିଁ, କିନ୍ତୁ ତୁମର ଏ ଖବର କାଗଜରେ ଦିଅନା", କହିଲେ ଜୟନ୍ତ ବାବୁ ଓ ହସିଲେ। ମୁଁ ଦେଖିଲି ତାଙ୍କର ସବୁଯାକ ଦାନ୍ତ ଅକ୍ଷତ ଅଛି।

- "କାହିଁକି ସାର୍ ?" ମୁଁ ପଚାରିଲି।

- "ମୁଁ ଖବର କାଗଜରେ ଫଟୋ ପ୍ରକାଶ ପାଇବା ପସନ୍ଦ କରେନି।"

- "ସେ କଥା କୁହନ୍ତୁ ନାହିଁ ସାର୍। ଏ ଦେଶ ପାଇଁ ଆପଣଙ୍କ ଦାନ କଅଣ କେହି କେବେ ଭୁଲିପାରେ ? ତାର ପ୍ରତିଦାନ ଆମେ ଦେବାନାହିଁ ?" ମିତ୍ରଭାନୁ ଅତି ଭାବବିହ୍ୱଳ ହୋଇ କହିଲେ।

ସେ ଉଠିଲେ। କହିଲେ "ମୋତେ ଏଗାରଟାରେ ପାର୍ଟି ଅଫିସକୁ ଯିବାକୁ ହେବ। ତା' ପରେ ଯିବି ଗାଁକୁ। ସେଠାରେ ଲୋକମାନେ ଆୟୋଜନ କରୁଛନ୍ତି ସଂବର୍ଦ୍ଧନା ସଭା।"

ଯେମିତି ଝଡ ପରି ଆସିଥିଲେ ସେମିତି ସେ ଗଲେ।

ଜୟନ୍ତ ମିଶ୍ର ହସିଲେ। କହିଲେ, "ଲୋକମାନେ କରୁଛନ୍ତି ?"

ମୁଁ କହିଲି, "ହଁ, ଗାଁରେ ଗୋଟେ ରିସେପ୍‌ସନ କମିଟି ହୋଇଚି। ଦଶଟା ବସ୍। କୋଡିଏଟା ଟ୍ରକ୍ ନିୟୋଜିତ ହୋଇଚି। ତିରିଶ ହଜାର ଲୋକ ଖାଇବେ। ତା' ଛଡା ତାଙ୍କ ବାପାଙ୍କ ଶ୍ରାଦ୍ଧ ପଡିବ ମହାଳୟା ଦିନ। ହଜାରେ ବ୍ରାହ୍ମଣଙ୍କୁ ସେ ଦାନ ମଧ୍ୟ ଦେବେ ସେଇ ଦିନ।"

ଏଥର ଜୟନ୍ତବାବୁ ମ୍ଳାନ ହସଟିଏ ହସିଲେ। କହିଲେ, "ତୁମେ ଭାରତର ସ୍ୱାଧୀନତା କଥା ପଚାରୁଥିଲ ନା' ?"

- "ମୁଁ ବୁଝିପାରୁ ନଥିଲି ସେ ପ୍ରସଙ୍ଗଟିକୁ କିପରି ଯୋଡିବାକୁ ଯାଉଚନ୍ତି। ତାଙ୍କୁ "ହାଁ" କରି ଅନେଇ ରହିଲି।

- "ତାଙ୍କ ଗାଁରେ ସଂବର୍ଦ୍ଧନା ସଭା କିଏ ଆୟୋଜନ କରୁଚି ? ଲୋକମାନେ ତାଙ୍କ ନିଜ ତରଫରୁ ନା' ଇଏ ତାଙ୍କ ନିଜ ତରଫରୁ ଆୟୋଜନ କରୁଛନ୍ତି ?"

ମୁଁ ତାଙ୍କ କଥାର ଇଙ୍ଗିତ ବୁଝିପାରିଲି। କହିଲି, "ଏମିତିତ ହୁଏ।"

ତାଙ୍କ ନାତି ଆସି ପହଞ୍ଚିଲା। ଶୈଳେନ୍ଦ୍ର ୨୫/୨୬ ବର୍ଷର ଯୁବକ। ଇଂଜିନିୟର,

Digitized by srujanika@gmail.com

ଏମ.ବି.ଏ ମଧ୍ୟ କରିଚି। ଗୋଟାଏ ପ୍ରାଇଭେଟ୍ କମ୍ପାନୀରେ ଅଛି ମେନେଜର।

- "କେଜେ! ଆପଣଙ୍କୁ ଗଭର୍ଣ୍ଣମେଣ୍ଟ ହସ୍ପିଟାଲ୍‌କୁ ନ ନେଇ ଆଦର୍ଶ ହସପିଟାଲକୁ ନେଲେ ଭଲ ହେବ। ସେଠି ଡାକ୍ତରମାନେ ମୋର ଜଣାଶୁଣା। କାମ ଭଲ ହେବ। ମୁଁ ସେମାନଙ୍କ ସହ କଥାବାର୍ତ୍ତା କରିଚି।"

ଜୟନ୍ତ ବାବୁ ପୁଣି 'ଗାନ୍ଧୀ ମଣିଷ'ରେ ମନୋନିବେଶ କରିବାକୁ ଲାଗିଲେ। ସ୍ୱତେ ଅବା ସେ ଶୈଳେନ୍ଦ୍ର କଥା ଭଲଭାବେ ଶୁଣି ନାହାନ୍ତି। ଏଥର ସେ ବହିରୁ ମୁହଁ ଉଠାଇଲେ ଏବଂ ଶୈଳେନ୍ଦ୍ରକୁ କହିଲେ, "ସରକାରୀ ହସ୍ପିଟାଲ୍ ଆମ ସମସ୍ତଙ୍କ ପାଇଁ। ସେଠି ମୋର ଜଣାଶୁଣା ମଧ୍ୟ ଅଛନ୍ତି। ଦୁଇ ବର୍ଷ ତଳେ ଥରେ ସେଠାକୁ ଯାଇଥିଲି। ସେଠି ବି ମୋର ତୋ ଭଳିଆ ନାତିଟେ ଡାକ୍ତର ଅଛି। ତୁ ଏକଥା ଜାଣିଚୁ ନା' ନାହିଁ?"

- "ବେଶ ଭଲ କଥା। ତାକୁ ଡାକ ସେ ତୁମକୁ ଆସି ନେଇଯିବ। ମୋର ତେଣେ ଅନେକ କାମ ବାକି ପଡିଚି।" ଟିକିଏ ରହି ସେ ପୁଣି କହିଲା, "ମୋ ଭଳିଆ ନାତି ତୁମକୁ ଏ ତ୍ରିଭୁବନରେ ମଧ୍ୟ ମିଳିବ ନାହିଁ, ବୁଝିଲ? ଚାଲ, ଉଠ, ଠିଆ ହୁଅ। ବହିଟାକୁ ଯଦି ସାଥିରେ ନେବ ନିଅ। ଦିଅ, ତାକୁ ମୋତେ ଦିଅ। ଆଉ କୋଉ ବହି ନେବ କୁହ। ମୁଁ ତାକୁ ଗୋଟିଏ ବେଗ୍‌ରେ ରଖୁଚି। ତମେ ତ ସେଠି ସାତ ଆଠ ଦିନ ଖଣ୍ଡେ ରହିବ ବୋଲି ଡାକ୍ତର ପଟେଲ୍ କହିଲେ। ସେଠି ସେ ତୁମର ସବୁ ଦାୟିତ୍ୱ ନେବେ। ତା ଛଡା ଶର୍ବରୀ ଅପା ମଧ୍ୟ ଅଛି। ଆମ ଅପେକ୍ଷା ସେ ତୁମର ବେଶୀ ଯତ୍ନ ନେଇ ପାରିବ।"

- "ଶର୍ବରୀ?" ଜୟନ୍ତ ବାବୁ ଆଲ୍‌ମାରୀ ଭିତରେ ମୁଣ୍ଡ ଏକ ପ୍ରକାର ଭର୍ତ୍ତି କରି ବହି ଖୋଜୁଥିଲାବେଳେ ପଚାରିଲେ।

- "My experiments with Truth' ବହିଟାତ ଏଇଠି ରହିବାର କଥା, କୁଆଡେ ଗଲା କିରେ? ବାପା, ଟିକେ ଖୋଜି ଦେଲୁ।"

- "ତୁମେ ଶର୍ବରୀ ଅପାକୁ ଜାଣିନ? ରେଖା ମାଉସୀଙ୍କ ଝିଅ। ଡକ୍ଟର ପଟେଲଙ୍କ ସ୍ତ୍ରୀ - ଟୁକୁ ଅପା ମ। ହଁ ତୁମେ କୋଉ ବହି କଥା କହୁଥିଲ? 'My experiments with Truth' ଓହୋ, ସେ ପୁରୁଣା ବହିଟା ଏବେ କଅଣ ହେବ? ତା ପୃଷ୍ଠାଗୁଡ଼ିକ ସିଲେଇ ଖସି ଖଣ୍ଡ ଖଣ୍ଡ ହେଇଗଲାଣି।"

ଶୈଳେନ୍ଦ୍ର କହିଲେ, "ତମେ ବସ। ମୁଁ ବହି ଖୋଜି ଦେଉଚି। ମୁଁ ଥରେ ତାକୁ ଗୋଟାଏ ସୂତାରେ ଗୁଡେଇ ବାନ୍ଧି ଅନ୍ୟ କୋଉ ଥାକରେ ରଖିଦେଇଚି ବୋଧେ। ଏବେ ପାଇବା ସମ୍ଭବ ନୁହେଁ। କୋଉଠି ଖୋଜିବି କହିଲ? ତୁମେ ବ୍ୟସ୍ତ ହୁଅନା। ମୁଁ ତାର ନୂଆ ଏଡିସନରୁ ଖଣ୍ଡେ ବଜାରରୁ ଆଣିଦେବି।"

- "ନୂଆ ଏଡିସନ? ତାର ପୁଣି ନୂଆ ଏଡିସନ୍ କିଏ ଛାପିଚିରେ?"

Digitized by srujanika@gmail.com

- "ଓହୋ କେଜେ ତୁମେ ଯେ କଅଣ କୁହ। ସେ ବହିଟାର ମୋ ଜାଣିବାରେ, ପଚାଶ ବର୍ଷ ଭିତରେ ପଚାଶଟା ଏଡିସନ ହେଇ ସାରିଲାଣି। ଶେଷ ଏଡିସନ୍‌ଟା ଏଥର କୁଆଡେ ସରକାରଙ୍କ ପବ୍ଲିକେଶନ ଡିପାର୍ଟମେଣ୍ଟ ନିଜେ କରିଚି। ସୁନ୍ଦର ରେକ୍‌ସିନ୍ ବନ୍ଧେଇ। ବେଶ ମୋଟା ଦେଖାଯାଉଚି। ମାନେ ବହି ଥାକ ଭିତରେ ଅତି ପରିଷ୍କାର ବାରି ହେଇ ପଡିବ। ଖାଲି ଗୋଟିଏ ଅସୁବିଧା ସେଥିରେ ଅଛି। ମୁଁ ତ ଦେଖିନି, ଟାଇମ୍‌ସ ଅଫ୍ ଇଣ୍ଡିଆରେ ରିଭ୍ୟୁଅର୍ ଯାହା କହିଛନ୍ତି।"

- "କଅଣ କହିଛନ୍ତି? କାହିଁ ତୁ ତ ଏକଥା ମୋତେ କହିନୁ?" ଜୟନ୍ତବାବୁ ଚେୟାରରେ ବସୁବସୁ ପୁଣି ଠିଆ ହେଇ ପଡ଼ିଲେ।

- "ସେମିତି କିଛି ନୁହେଁ ମ।" ଶୈଳେନ୍ଦ୍ର ବୋଧେ ଅଧିକ କିଛି କହିବାକୁ ଯାଉଥିଲେ। ଆମେ ଉଠି ପଡିଲୁ। ମୁଁ ସେତେବେଳକୁ ଜୟନ୍ତବାବୁଙ୍କ ପାଇଁ କେତୋଟି ପ୍ରଶ୍ନ ଲେଖିସାରିଥିଲି। ମୁଁ ସେ କାଗଜଟା ତାଙ୍କ ହାତକୁ ବଢ଼ାଇଦେଲି।

ସେ କାଗଜଟା ମୋ ହାତରୁ ନେଲେ ଏବଂ କହିଲେ, "ଆଉ କି ପ୍ରଶ୍ନ ଏଥିରେ ରଖିଚ ବାବୁ? ମହାତ୍ମାଙ୍କ 'ଟ୍ରୁଥ୍‌ର ଏକ୍ସପେରିମେଣ୍ଟ'ର ନୂତନ ସଂସ୍କରଣ ଏବେ ସରକାର ଛାପି ସାରିଲେଣି। ତୁମେ ଦେଖିଚ ସେ ବହି?" ସେ ହସିଲେ।

ମୋର ମନେ ପଡିଲା। ଆମ ଅଫିସର ଥାର୍ଡ଼ ଫ୍ଲୋରରେ ଅଛି ଗୋଟିଏ ଲାଇବ୍ରେରୀ। ବିରାଟ ଲାଇବ୍ରେରୀ। ଲକ୍ଷେ ଦି'ଲକ୍ଷ ବହି ସେଥିରେ ଥିବ ନିଶ୍ଚୟ। କେବଳ ଇଂରାଜୀ, ଓଡ଼ିଆ ମୋଟେ ନାହିଁ। ମୋର ଦଶ ବର୍ଷର ଚାକିରି ଭିତରେ ଦୁଇଚାରି ଥର ସେଠାକୁ ଯାଇଥିବି। ଏଇ କିଛି ଦିନ ତଳେ ଥରେ ତା' ଭିତରକୁ ଯାଇଥିଲି। ସ୍ଥାନୀୟ ଜର୍ଣ୍ଣାଲିଜିମ୍ ଓ ମାସ୍ କମ୍ୟୁନିକେଶନ୍ କଲେଜ୍‌ର ଦଳେ ଛାତ୍ର ଆସିଥିଲାବେଳେ, ସେମାନେ ତା' ଭିତରକୁ ଯାଇଥିଲେ ବୁଲି ଦେଖିବାକୁ। ବେଳେବେଳେ ଭି.ଆଇ.ପିମାନେ ଆସିଲେ ସେମାନଙ୍କୁ ସେଠାକୁ ବୁଲେଇ ନିଆହୁଏ। ସେତେବେଳେ ହଲ୍ ଖୋଲିବାର ଦାୟିତ୍ୱ ମୋର। ମୁଁ ଚାବିଟା ଚିଫ୍ ମେନେଜରଙ୍କ ପାଖରୁ ରେଜିଷ୍ଟରରେ ଦସ୍ତଖତ କରି ଆଣେ। ଏମିତି ଗୋଟେ ବହି ଆମର ସେଠି ଥିବ ଏ କଥା ମୋର ମନେ ପଡିଲାନି। ଏମିତି ଗୋଟେ ବହି ଯେ ଅଛି ସେ କଥା ମଧ୍ୟ ଜ୍ଞାନର ବାହାରେ। ମୁଁ ଭାବିଲି 'ଏକ୍ସପେରିମେଣ୍ଟ ଉଇଥ୍ ଟ୍ରୁଥ୍'ମାନେ, ଆଜିକାଲି କୌଣସି ଗୋଟେ ପୁରୁଣା ଉପନ୍ୟାସ ପଢ଼ିବା ଯାହା ଯାକୁ ପଢ଼ିବା ସେଇଆ। ବହି ଧରିଲା ମାତ୍ରେ ନିଦ ଆସିଯାଉଥିବ। ମୁଁ ଏଇ କଥାଟା ଉପରେ ଆଉ ବେଶୀ ଚିନ୍ତା କରି ସମୟ ନଷ୍ଟ କରିବାର ଇଚ୍ଛା କଲି ନାହିଁ। ସମୟ ମଧ୍ୟ ସରି ଆସିଲାଣି ବୋଲି ସୌରଭ ଚୌଧୁରୀ ବିରକ୍ତି ପ୍ରକାଶ କରି ଦୁଇଥର କେମେରାର ବେଗଟିକୁ ଉଠେଇ ପୁଣି ତଳେ ଥୋଇଲାଣି।

Digitized by srujanika@gmail.com

ମୁଁ କହିଲି, "ଏ ବହିଟା ଆମ ଲାଇବ୍ରେରୀରେ ଅନେକ ଦିନୁ ଅଛି। ମୁଁ ତାକୁ ଯେତେଥର ମାଗିଚି ଆମ ଲାଇବ୍ରେରୀଆନ ଆଗରୁ ଇସୁ ହେଇସାରିଚି ବୋଲି କହନ୍ତି। ତେବେ ଏଥର ସେ ଗୋଟେ ଡିମାଣ୍ଡ ଲିଷ୍ଟ ତିଆରି କରିଛନ୍ତି। ସେଥିରେ ମୋ ନାଁ ୪୪ରେ ଅଛି।"

ତାଙ୍କ ଆଖି ବିସ୍ମୟ ବିସ୍ତାରିତ ହେଇଗଲା। ସେ କହିଲେ, "ମହାତ୍ମାଙ୍କ ଟ୍ରୁଥ ସହିତ ଏକ୍ସପେରିମେଣ୍ଟର ଡିମାଣ୍ଡ ତୁମ ଅଫିସରେ ଏତେ ବେଶୀ? ତୁମେ ତାର ଏଇ ନୂଆ ଏଡିସନ କଥା କହୁଚ?"

- "ଠିକ୍ ସାର୍ ଠିକ୍। ପୁରୁଣା ଟ୍ରୁଥ-ମାନେ ସେ ବହି ଆଉ କୋଉଠି ମିଳୁଚି ଯେ। ଆମ ଲାଇବ୍ରେରୀରେ ମଧ୍ୟ ସେ ବହି ନଥିବ।"

ଆମେ ତାଙ୍କୁ ଜୁହାର ହେଇ ବାହାରି ଆସିଲୁ। ଆମେ ବାହାରକୁ ଆସିଲା ପରେ ଶୈଳେନ୍ଦ୍ର ବାବୁ ଆମ ପଛେ ପଛେ ଆସି କହିଲେ ଜେଜେ କହିଲେ, "ତାଙ୍କ ଅସୁସ୍ଥତା କଥା ଆପଣଙ୍କ କାଗଜରେ ପ୍ରକାଶ ନ ପାଇଲେ ଭଲ ହେବ। କାରଣ ହସପିଟାଲରେ ମଧ୍ୟ ଭିଡ ଜମିଯିବ।"

ମୁଁ କହିଲି, "ଆମ କାଗଜରେ ପ୍ରକାଶ ନ ପାଇଲେ ଅନ୍ୟ କାଗଜରେ ପ୍ରକାଶ ପାଇବ। ତା' ପରେ?"

ଆମେ ମଟର ସାଇକେଲ ଷ୍ଟାର୍ଟ କଲୁ।

ସେଇଦିନ ସନ୍ଧ୍ୟାରେ ମୁଁ ଖବର ପାଇଲି ଜୟନ୍ତ ବାବୁ 'ଆଦର୍ଶ ହସ୍‌ପିଟାଲ୍'ରେ ନୁହେଁ ସରକାରୀ ହସପିଟାଲରେ ଭର୍ତ୍ତି ହେଇଛନ୍ତି। ମୁଁ ଏଥିରେ ଆଶ୍ଚର୍ଯ୍ୟ ହେଲିନାହିଁ। ଘରୋଇ ନର୍ସିଂ ହୋମ ପ୍ରତି ତାଙ୍କର ଯେ ଅଶ୍ରଦ୍ଧା ଅଛି ତା' ନୁହେଁ। ତାଙ୍କର ଇଚ୍ଛା ସାଧାରଣ ଜନତା ଯୋଉଠି ଅଛନ୍ତି ସେ ସେଇଠି ରହିବେ। ଯେତିକି ସୁବିଧା ସୁଯୋଗ ସାଧାରଣ ଲୋକେ ପାଉଚନ୍ତି ଜୟନ୍ତବାବୁ ସେତିକି ହିଁ ତାଙ୍କର ପ୍ରାପ୍ୟ ବୋଲି ମନେ କରନ୍ତି। କୌଣସି ବିଶେଷ ସୁବିଧା ସୁଯୋଗର ସେ ଘୋର ବିରୋଧୀ।

ମୁଁ ମୋ ସ୍ତ୍ରୀ ସବିତାକୁ କହିଲି, "ମୋତେ କପେ ଚା' ଶୀଘ୍ର ଦେଇପାରିବ, ମୁଁ ହସପିଟାଲ ଯିବି।"

- "ଆରେ, ତୁମର ଫେର୍ କଅଣ ହେଲା? କାହିଁ ମୋତେ ତ ଆଗରୁ କହି ନଥିଲ? ଡକ୍ଟର ନାୟକଙ୍କୁ ଡକେଇ ପଠାଉଚି। ସେ ଏଇଠି ଆସି ଦେଖିଯାଆନ୍ତୁ।"

- "ଡାକ୍ତର ନାୟକ?"

ମୁଁ ଚମକି ପଡିଲି। ନାରୀମାନେ ସବୁବେଳେ ଭାବନ୍ତି ତାଙ୍କ ସ୍ୱାମୀମାନେ ସବୁବେଳେ ସୁସ୍ଥ ଓ ନିରାମୟ ଥାଆନ୍ତୁ। ସବୁ ସୁଖସୁବିଧା ମଧ୍ୟ ପାଆନ୍ତୁ। ସେଥିପାଇଁ ଦରକାର ହେଲେ

Digitized by srujanika@gmail.com

ଠାକୁରଙ୍କ ପାଖରେ ଘଣ୍ଟାଏ ଦି'ଘଣ୍ଟା ଅଧିକ ପୂଜା କରାଯାଇପାରେ, କଳସ ଯାତ୍ରାରେ ଯାଇ ଦେହକୁ କଷ୍ଟ ଦେଇ ହୁଏ କିମ୍ବା ଦରକାର ହେଲେ ମଧ ଠାକୁରଙ୍କୁ ବିଶେଷ ଭୋଗ ଦେଇହେବ, କିନ୍ତୁ ସ୍ୱାମୀର ଟିକିଏ ବୋଲି ଅସୁବିଧା ନ ହେଉ।

ମୁଁ ସବିତାକୁ ଜାଣେ। ଯେଉଁଦିନ କେହି ଜଣେ ଖବର ନେଇ ଆସିଲା ଯେ ମୋର କର୍‌ପୋରେଟ ଅଫିସକୁ ବଦଳି ହେବାର ଚାନ୍ସ ଦେଖାଦେଇଚି, କାରଣ ଆମର ଚିଫ୍ କୁଆଡେ ମୋ କାମରେ ଖୁବ୍ ଇମପ୍ରେସଡ୍, ସେଦିନ ସନ୍ଧ୍ୟାବେଳେ ସବିତା ଗୋଟାଏ ଟେକ୍ସି ଭଡା କରି ତାଙ୍କ ସାନଭାଇକୁ ସାଥିରେ ନେଇ ମେଘଡମ୍ବରୁ ପାହାଡ ଉପରେ ଥିବା ଶନି ମନ୍ଦିରରେ ପୂଜା ଦେଇ ଆସିଥିଲେ। ଠାକୁରଙ୍କୁ ସ୍ପେଶାଲ ଭୋଗ ଦେଇ ପ୍ରାର୍ଥନା କରିଥିଲେ ଏ ବଦଳିକୁ କ୍ୟାନ୍‌ସଲ କର ପ୍ରଭୁ!

ସେଦିନ ସେଇ ସବିତା ମୁହଁରୁ ଡକ୍ଟର ନାୟକଙ୍କ ନାଁ ଶୁଣି ମୁଁ ଆଶ୍ଚର୍ଯ୍ୟ ହେଲି ଓ ହସି ପକେଇଲି।

- "ହସିଲ ଯେ?"

- "ମୁଁ ହସ୍‌ପିଟାଲ୍ ଯିବି ମୋ ପାଇଁ ନୁହେଁ, ଆଉ ଜଣଙ୍କ ପାଇଁ।"

"ତୁମେ ଦେଶସେବା କେବେଠୁ କଲଣି? କାହାକୁ ଦେଖିବାକୁ ଯିବ ଶୁଣେ? ମୋ ଭାଇ ପନ୍ଦରଦିନ କାଳ ଏଠି ରହି ଟ୍ରିଟ୍‌ମେଣ୍ଟ ହେଲା, ଥରେ ବୋଲି ତୁମେ ତାକୁ ନେଇ ଡ. ନାୟକଙ୍କ ପାଖକୁ ଗଲ ନାହିଁ। ମୁଁ ଛୁଟି ନେଇ ସେ କାମ କଲି। ତୁମେ ଯାଇଥିଲେ କେତେ ସୁବିଧାରେ ହେଇପାରିଥାଆନ୍ତା। ଆଉ ଏବେ କାହା ପାଇଁ ଟା'ଟା ଏତେ ଚଞ୍ଚଳ ଦରକାର ଶୁଣେ?"

ସେ ଚା କପ୍‌ଟା ଆଣି ମୋ ହାତକୁ ବଢ଼ାଇ ଦେଲେ।

- "ମୁଁ ଦେଶସେବା କରିବାକୁ ଯାଉନାହିଁ। ଦେଶସେବା ଯୋଉମାନେ କରିଥିଲେ ତାଙ୍କ ପାଇଁ ଯାଉଚି।"

- "ଓ, ତୁମେ ଜୟନ୍ତ ମିଶ୍ରଙ୍କ ପାଖକୁ ଯାଉଚ? ଯାଅ, ଜଲଦି ଯାଅ। ଆଜି ଖରାବେଳେ ତାଙ୍କ କଥା ଟିଭି କହୁଥିଲା। ସେ କେମିତିକା ଲୋକ ମ? ପ୍ରାଇଭେଟ କ୍ଲିନିକ୍‌ରେ ତାଙ୍କ ଟ୍ରିଟମେଣ୍ଟ ଆରାମରେ ହେଇ ପାରିଥା'ନ୍ତେ। ସେ କାହିଁକି ମନାକଲେ? ଏଠି କଅଣ ଅଛି? ସେ ବେଡ୍‌ରେ ଶୋଇ ପାରିବେ? ଅଛି ଖଣ୍ଡେ ବିଛଣା ଚାଦର? ଅଛି ତୁଳା କି ଗଜ୍ କନା?"

ମୁଁ ଏସବୁ ବିଷୟ ତାଙ୍କ ସହିତ ଆଲୋଚନା କରିବାକୁ ଚାହୁଁ ନଥିଲି। ଠିକ୍ କଥା କହିବାକୁ ଗଲେ ଏସବୁ ବିଷୟ ଆଲୋଚନା ବାହାରେ।

ମୁଁ ହସ୍‌ପିଟାଲ୍‌ରେ ଯାଇ ଦେଖିଲି ସେ ଅବଶ୍ୟ କେବିନ୍ ଭଳିଆ ଦେଖାଯାଉଥିବା

Digitized by srujanika@gmail.com

ଗୋଟିଏ କୋଠରିରେ ବଡ ଗମ୍ଭୀର ହେଇ ସୋଫାଟାରେ ବସିଛନ୍ତି । ମୁଁ ଚାରିଆଡକୁ ଅନେଇଲି । ସବୁଆଡେ ଆଖି ବୁଲାଇସାରି ଜଣେ ହୁଏତ ଭାବିବ ଏ ହସପିଟାଲରେ ଖାଲି ଯେ ସଫେଇ କର୍ମଚାରୀ ନାହାନ୍ତି ତା' ନୁହେଁ ବୋଧେ ନର୍ସିଂ ଷ୍ଟାଫ୍ ମଧ୍ୟ ଏଠି ନ ଥାଆନ୍ତି । ବେଡ୍‌ସାଇଡ ର୍ୟାକ୍‌ରେ ଯୋଉଠି ଔଷଧ କିମ୍ବା ଫଳ ରଖାଯାଏ ସେଠି ଖଣ୍ଡେ ଦି'ଖଣ୍ଡ ପୁରୁଣା ଖବରକାଗଜ ଗୁଂଜା ହେଇଥିଲା ଏବଂ ସାଲାଇନ୍ ଝୁଲିଥିବା ଷ୍ଟାଣ୍ଡ୍‌ର କଣ୍ଟାରେ ଜୟନ୍ତ ବାବୁଙ୍କ ସାର୍ଟ ଝୁଲୁଥିଲା । ସାର୍ଟ ଉପରେ ତାଙ୍କ ଗାନ୍ଧୀ ଟୋପି ସ୍ୱାଭାବିକ ଭାବେ ହସପିଟାଲ ଭିତରେ ଓହ୍ଲେଇ ପଡିଥିବା ଝାପସା ଅଂଧାର ଭିତରେ ଯିଏ ହଠାତ ସେ ଅକ୍ସିଜେନ ଷ୍ଟାଣ୍ଡ୍‌ରେ ନଜର ପକେଇବ, ଦେଖିବ ପୁରୁଣା କାଳର ଗାନ୍ଧିବାଦୀ ମଣିଷଟିଏ କି ଦୟନୀୟ ଅବସ୍ଥାରେ ଝୁଲୁଚି । ହୁଏତ ବେକରେ ଦଉଡି ଦେଇ ଝୁଲୁଚି ନଚେତ ତାକୁ ଏବର କେହି ଜଣେ (କିମ୍ବା ଏକାଧିକ) ମାରି ଟାଙ୍ଗି ଦେଇଛନ୍ତି । ମୁଁ ସେଠୁ ଆଖି ଫେରେଇ ଆଣୁଥିବାବେଳେ ମୋର ହଠାତ୍ ଯେମିତି ମନେହେଲା ଅନେକ ସମୟରୁ ଶବଟା ପୋଲିସ ଆସିବାକୁ ଅପେକ୍ଷା କରିଚି । ପୋଲିସ ଗୋଟାଏ 'ଅନନେଚୁରାଲ ଡେଥ୍' ତା ରିପୋର୍ଟରେ ଲେଖିବ ନା ଏହା ସଂପୂର୍ଣ୍ଣ ଭାବେ 'ନେଚୁରାଲ ଡେଥ୍' ?

ମୁଁ ଟିକିଏ ଅନ୍ୟମନସ୍କ ହେଇ ପଡିଥିଲି ବୋଧେ । ସୌରଭ ଚୌଧୁରୀ ଆସିଥିଲେ ଗୋଟାଏ ଦି'ଟା ଫଟୋ ଉଠାଇ ଥାଆନ୍ତା ।

ମୁଁ ଆଶ୍ଚର୍ଯ୍ୟ ହେଲି । ସଂତର୍ପଣରେ ମୁଁ ଭିତରକୁ ପଶିଆସି ଥିବାରୁ ସେ ବୋଧେ ଏ ଯାଏ ଜାଣିପାରି ନାହାନ୍ତି । ସେ ସେମିତି ବସିଛନ୍ତି ମୁହଁ ତଳକୁ ପୋତି । ଦୁଇଟା ହାତ ପାପୁଲି ତାଙ୍କ ଥୋଡିକୁ ଆଶ୍ରୟ ଦେଇଥିଲା । ତାଙ୍କ ବାମ ପାଖରେ ଗୋଟାଏ ପୁରୁଣା ମସିଆ ଷ୍ଟୁଲ୍ ଉପରେ ଥୁଆ ହେଇଥିଲା ବହିଭର୍ତ୍ତି ଦୁଇଟା ବେଗ୍ । ମୋଟା ସରୁ ଅନେକ ବହି । ସେ ସବୁ ମୋଟେ ଖୋଲା ଯାଇନାହିଁ, ଯେମିତି ଆସିଥିଲା ସେମିତି ଅଛି ।

- "କିଏ ?" ସେ ମୁଣ୍ଡ ଉଠେଇଲେ ।

- "ମୁଁ, ମୁଁ, ସାର୍, ସରୋଜ ।"

- "ଓଃ, ଆଚ୍ଛା, ତୁମେ ଗୋଟେ କାମ କର । ଏ ବେଗ୍ ଦି'ଟା ତଳେ ଥୋଇ ସେଥିରେ ବସିପଡ ।" ସେ ମ୍ଳାନ ହସଟିଏ ହସିଲେ ।

ମୁଁ ଟିକିଏ ଥଅମମ ହେଉଥିଲି, ବହିଗୁଡାକୁ ତଳେ ଥୋଇଦେବି ?

ସେ ପୁଣି ଥରେ କହିଲେ, "ଆରେ ବାବା, ତାକୁ ଉଠେଇ ଦିଅ ।"

ଅନନ୍ୟୋପାୟ ହୋଇ ମୁଁ ବେଗ୍‌କୁ ଉଠାଇଲାବେଳକୁ ହଠାତ୍ ସେଥିରୁ ତେଇଁ ପଡିଲା ଛୋଟ ଅସରପାଟିଏ ଏବଂ ତା' ପଛେପଛେ ଦଉଡୁଚି ମୋଟା ଝିଟିପିଟିଟାଏ । ମୁଁ ଚମକିପଡିଲି । ଖସିପଡୁଥିବା ବେଗ୍‌କୁ ସମ୍ଭାଳିନେଲି ଏବଂ ତଳେ ଥୋଇଲି ।

Digitized by srujanika@gmail.com

- "ଆଃ ସେ ଗୁଡା କଅଣ ଦେଖୁଚ ? ଏଥର ବସ ଏଥିରେ।"

ଗୋଟାଏ ଅଦିନିଆ ଝଡ ପରି ପଶି ଆସିଲେ ମିତ୍ରଭାନୁ ଏବଂ ତାଙ୍କ ପଛେପଛେ ଶୈଳେନ୍ଦ୍ର। ମିତ୍ରଭାନୁ ଜୟନ୍ତଙ୍କ ପାଦ ଛୁଇଁଲେ।

କହିଲେ, "ଆପଣଙ୍କୁ ଆଉ ଏଠି ରହିବାକୁ ପଡିବ ନାହିଁ ମଉସା। ଆପଣ ଏବେ ରାଜ୍ୟର ଯେ କୌଣସି ପ୍ରାଇଭେଟ କ୍ଲିନିକ୍‌ରେ ଚିକିତ୍ସାର ସୁବିଧା ପାଇବେ। ଆପଣଙ୍କର ସମସ୍ତ ଖର୍ଚ୍ଚ ସରକାର ବହନ କରିବେ। ଆବଶ୍ୟକ ହେଲେ ଦିଲ୍ଲୀ କି ବମ୍ବେ ମଧ୍ୟ ପଠାଇବେ। ଆମ ମୁଖ୍ୟମନ୍ତ୍ରୀ ଏଥିପାଇଁ ନିର୍ଦ୍ଦେଶ ଦେଇସାରିଲେଣି। ମାନେ ସବୁ ଏମ୍.ଏଲ୍.ଏ, ଏମ୍.ପି କିମ୍ବା ମନ୍ତ୍ରୀ ଯେମିତି ସୁବିଧା ପାଉଛନ୍ତି ଆପଣ ମଧ୍ୟ ସେମିତି ପାଇବେ।"

ଗୋଟାଏ ନିଃଶ୍ୱାସରେ ଏତକ କହିସାରି ସେ ପୁଣି କହିଲେ, "ମୁଁ ଆମ ମୁଖ୍ୟମନ୍ତ୍ରୀଙ୍କ କଥା କହୁ ନଥିଲି ? ଭେରି ଡାଇନେମିକ୍। ଏଇ ଦେଖନ୍ତୁ, ଗୋଟାଏ ମିନିଟରେ ସେ କେମିତି ଆଇନ୍‌ଟିଏ ତିଆରି କରିଦେଲେ।"

- "ରିଏଲି ? ରିଏଲି ୱାଣ୍ଡରଫୁଲ।" କହିଲେ ଜୟନ୍ତବାବୁ। ସେମିତି ମ୍ଳାନ ହସଟିଏ ତାଙ୍କ ଓଠରେ ଝୁଲି ପଡିଥିଲା।

ଶୈଳେନ୍ଦ୍ର ବହି ବେଗ୍ ଦୁଇଟା ଉଠେଇଲା, କହିଲା, "ଚାଲ ଜେଜେ, ଆଉ ଡେରି କରନା। ଆଙ୍କାଙ୍କ ଗାଡିରେ ଚାଲିଯିବା।"

- "ସେ ବହିଟା ମିଳିଲାନି କିରେ ?" ପଚାରିଲେ ଜୟନ୍ତବାବୁ।

- "ସେ ବହିଟା ଉପରେ... ଆଚ୍ଛା, ମୁଁ ଆଉ ଥରେ ତାକୁ ଖୋଜିବି। କୋଉଠି ଗୋଟାଏ ଥାକ ଭିତରେ ପଶିଯାଇଥିବ। ନଚେତ ମୁଁ ନୂଆଟାଏ ଆଣିଦେବି, ହେଲା ? ତୁମେ ବ୍ୟସ୍ତ ହୁଅନା।"

ଗୋଟାଏ ଦୀର୍ଘଶ୍ୱାସ ଛାଡିଲେ ଜୟନ୍ତବାବୁ। ତା' ପରେ ମୋ ହାତକୁ କାଗଜ ଖଣ୍ଡେ ବଢ଼ାଇ ଦେଇ କହିଲେ, "ନିଅ ଏଇଟା। ମୁଁ ଆଉ କି ଉତ୍ତର ଲେଖିବି କୁହ ?"

ସେ ସୋଫାରେ ସିଧା ହେଇ ଆଉଜି ବସିଲେ। ଅନେକ କଷ୍ଟକୁ ସେ ନିଜ ଛାତି ଭିତରେ ଚାପି ରଖିବାକୁ ଚେଷ୍ଟା କରୁଥିଲେ ଯେମିତି।

❑❑

Digitized by srujanika@gmail.com

ପଶ୍ୟ

ସମସେର୍ ସେଦିନ ସୁରେୟାକୁ କହିଦେଲା ତୁମର ମନୋଭାବର ପରିବର୍ତ୍ତନ ଏକାନ୍ତ ଜରୁରୀ। ମୁଁ ବର୍ଷେ ହେଲା ଦେଖି ଆସିଲିଣି, ତୁମେ ସେଇ ଗୋଟିଏ କଥାରେ ଯଦି ଜିଦ୍ ଧର ତେବେ ମୁଁ ନାଚାର। ଏସବୁ ଆମ ପାଇଁ ମୋଟେ ମଙ୍ଗଳକର ନୁହେଁ।

ଟିକିଏ ରହି ସେ ପୁଣି କହିଲା ତୁମେ କାହିଁକି ବୁଝୁନ ଯେ ଯାହା ଆମ ପରିବାର ପାଇଁ ଆବଶ୍ୟକ ମୁଁ ସେଇ କଥା ହିଁ କହୁଛି।

ସୁରେୟା ତଳକୁ ମୁହଁ ପୋତି ଶୁଣୁଥିଲା। ଡାଇନିଂ ଟେବୁଲ ଉପରୁ ଦୁଇଜଣଙ୍କ କପ୍‌ପ୍ଲେଟ ଉଠେଇ ନେଇ ସେ ରୋଷେଇ ଘରକୁ ଗଲା ଏବଂ ଫେରି ଆସି ଟେବୁଲଟିକୁ ସଫା କଲା।

ଆମ ପରିବାର ପାଇଁ କଅଣ ଆବଶ୍ୟକ ଓ କଅଣ ଆବଶ୍ୟକ ନୁହେଁ ସେ କଥା କଅଣ ମୁଁ ବୁଝେନାହିଁ ? ମୋର ସେ କଥା ବୁଝିବାର ଆବଶ୍ୟକତା ନାହିଁ ?

ଟେବୁଲ ପୋଛି କନାଟାକୁ ନେଇ ସେ ଚାଲିଗଲା।

ସମସେର ଏ କଥା ତା'ଠାରୁ ଶୁଣିବ ବୋଲି ଆଶା କରୁ ନଥିଲା। ତା' ଭିତରେ ଜ୍ୱଳନ ଆଉ ଟିକିଏ ଅଧିକ ସୃଷ୍ଟି ହେଲା। ଯେକୌଣସି ପୁରୁଷଙ୍କୁ ସ୍ତ୍ରୀର ଏ ପ୍ରକାର ରୋକ୍‌ଠୋକ୍ ଉତ୍ତର ମୋଟେ ଭଲ ଲାଗେ ନାହିଁ। ସେ ଟିକିଏ ଉତ୍ତେଜିତ ସ୍ୱରରେ କହିଲା, ତୁମେ ସେ ସବୁ ବୁଝି କଅଣ କରିବ ?

ସୁରେୟା ବୁଝିଲା, ସମସେର ଏଥର ଯୁକ୍ତିର ବାହାରକୁ ଯାଉଛି। ଜଣେ ଯେତେବେଳେ ଦେଖେ ସେ ଯୁକ୍ତିରେ ହାରିବାକୁ ଯାଉଛି ସେତେବେଳେ ସେ ରାଗିଯାଏ।

Digitized by srujanika@gmail.com

କ୍ରୋଧର ଶୀକାର ହୁଏ। ସେ ଜାଣେ ଯେ କ୍ରୋଧ ପୁରୁଷର ପ୍ରଧାନ ଅସ୍ତ୍ର। ସମସେର ସେଥିରୁ ଅଲଗା ନୁହେଁ। କିନ୍ତୁ ସେ ସେଥିରେ ନିଆଁ ଜାଳିବାକୁ ଚାହୁଁନଥିଲା। ସେ ତଥାପି ଅତି ଶାନ୍ତ ଭାବରେ କହିଲା, ମୋତେ ବି ତମ ବୋଝରୁ କିଛି ଦିଅ। ତମକୁ ହାଲୁକା ଲାଗିବ ଓ ମୋତେ ବି ଭଲ ଲାଗିବ। ତମ ଦାୟିତ୍ୱଟା ମୋର ନୁହେଁ? ତମ ପାଇଁ କିଛି କରିପାରିଲେ ମୁଁ ଖୁସି ହେବି। ଥରେ ଦାୟିତ୍ୱ ଦେଇ ଦେଖ ମୁଁ ଠିକ୍ ଭାବରେ ତୁଲେଇ ପାରୁଛି କି ନା।

ସମସେର ଉଠି ଚାଲିଗଲା ଏବଂ ବାହାରେ ମୋଟର ସାଇକେଲ୍ ଷ୍ଟାର୍ଟ କଲା। ସୁରେୟା ଦୀର୍ଘଶ୍ୱାସ ପକେଇଲା। କେହି ନଥିବା ବେଳର ଘରଟା ହିଁ ତାକୁ ଏବେ ବେଶୀ ଭଲ ଲାଗୁଚି।

ସମସେର ବିଜିନେସ୍ କରେ। ମେନ୍ ମାର୍କେଟରେ ତା'ର ଗୋଟାଏ ଦୋକାନ ଅଛି। ସେମିତି କିଛି ବଡ ଦୋକାନ ନୁହେଁ। ଆଜିକାଲି ଇଲେକ୍ଟ୍ରୋନିକ୍ ଗୁଡ୍ସ ବଜାର ଭଲ ଚାଲୁଚି। ଇଲେକ୍ଟ୍ରୋନିକ୍ ଗୁଡସ୍ ବେଶୀ ଭାଗ ଚୋରା ମାର୍କେଟ ଉପରେ ନିର୍ଭର କରେ। ଚୀନ, ଜାପାନ ପ୍ରଭୃତି ଦେଶରୁ ଚୋରାମାଲ ଆସି ବଜାର ଭର୍ତ୍ତି ହେଇଗଲାଣି। କୋଉ ଗୋଟେ ସମ୍ବାଦପତ୍ର ସେଦିନ ବଡ ଲେଖାଟିଏ ଲେଖିଥିଲା ଯେ ଚୀନ ମଧ୍ୟ ଆମ ସାଉଥ୍ ଇଣ୍ଡିଆର ଲୁଙ୍ଗିକୁ ନକଲ କରି ଇଣ୍ଡିଆକୁ ଏତେ ପରିମାଣରେ ଛାଡୁଚି ଯେ ଆମ ଦେଶରେ ଲୁଙ୍ଗି ମାର୍କେଟ୍ ବୁଡିବାକୁ ବସିଲାଣି।

ସମସେର ଚାହୁଁଚି ତା'ର ବ୍ୟବସାୟରେ କିଛି ପରିବର୍ତ୍ତନ ଆଣିବ। ନେପାଳ ଓ ଭୁଟାନ ବୋର୍ଡରରୁ କିଛି ଅଧିକ ମାଲ ଆଣି ବିକ୍ରୀ କରିବ। ଏଥିପାଇଁ ଅଧିକ ପୁଞ୍ଜି ଦରକାର। ପୁଞ୍ଜିଟା ସୁରେୟା ହାତରେ। ଗୋଟାଏ ସରକାରୀ ମଦ୍ରାସାରେ ସେ ଶିକ୍ଷୟତ୍ରୀ। ଭଲ ଦରମା ମିଳୁଛି। ଏବେ ଯୋଉ ପେ-ସ୍କେଲ ବଢ଼ିଲା ସେଥିରେ ସୁରେୟା ଅନେକ ଟଙ୍କା ଏରିଆର ହିସାବରେ ପାଇଛି। ସମରେସର ଆଖି ତା' ଉପରେ। ତା'ର କହିବାର କଥା ସୁରେୟା ଯଦି ତାକୁ ପଚାଶ ହଜାର ଖଣ୍ଡେ ଦିଅନ୍ତା ତେବେ ସେ ତାକୁ ତା' ବିଜିନେସରେ ଲଗେଇ ପାରନ୍ତା। ରୋଜଗାର ବି ଭଲ ବଢ଼ନ୍ତା।

ସେମାନେ ଏବେ ବି ଭଡା ଘରେ ରହୁଛନ୍ତି। ଭଡା ଘରଟା ଗୋଟାଏ ସହରତଳି ବସ୍ତିରେ। ପରିବେଶ ବଡ ଖରାପ। ନାଳ ନର୍ଦ୍ଦମା ଭର୍ତ୍ତି। ସତ କଥା କହିବାକୁ ଗଲେ ଗୋଟାଏ ବଡ ନାଳକୁ ଉପରେ ଢ଼ଳେଇ କରି ସେ ଘରଟା ତିଆରି ହେଇଚି। ପୁଣି ଦୋ ମହଲା। ତଳ ମହଲାରେ ଘର ମାଲିକ ଓ ତା'ର ଦୁଇଟି ସ୍ତ୍ରୀ ଓ ଛଅଟି ପିଲା। ସେମାନେ ବି ବଡ ହେଲେଣି।

Digitized by srujanika@gmail.com

ସୁରେୟା, ପ୍ରତିଦିନ ସେମାନଙ୍କୁ ଦେଖେ। ଦୁଇ ସ୍ତ୍ରୀ ଓ ସ୍ୱାମୀର କଳି ଝଗଡାର ଦୁର୍ଗନ୍ଧ ଓ ନାଳ ନର୍ଦ୍ଦମାରେ ଦୂଷିତ ବାୟୁର ଦୁର୍ଗନ୍ଧରେ ସୁରେୟାର ନାକ କାନ ରୁନ୍ଧି ହୋଇଯାଏ। ଯୋଉ ସମୟତକ ସେ ସ୍କୁଲ୍‌ରେ ଥାଏ ସେଇ ସମୟଟି ସେ ମୁକ୍ତ ଓ ନିର୍ମଳ ବାୟୁ ସେବନ କରିପାରେ। ଘରକୁ ଆସିଲେ ତା'ର ଦୁଇଟି ଚିନ୍ତା। ଗୋଟିଏ ହେଲା ଦୁଇ କୌଶଲ୍ୟା କୈକେଇର ଯୁଦ୍ଧଂ ଦେହି ଡାକରା ଓ ତା' ସହିତ ନାଳ ନର୍ଦ୍ଦମା। ଏସବୁ ସତ୍ତ୍ୱେ ରାଜ୍ୟ ନଥିବା ରାଜା ଦଶରଥ କେତେଥର ଶୁଣେଇ ଶୁଣେଇ କହିଲେଣି ତୁମେ ଦୁହେଁ ଯେମିତି କଣ୍ଟାବାଡରେ ଲୁଗା ପକେଇ କଳି କରୁଚ ସେଥିରେ ମୋର ମାନ ସମ୍ମାନ ନଷ୍ଟ ହେଉଚି। ଏହା ଯଦି ସୀମା ଅତିକ୍ରମ କରେ ତେବେ ମୁଁ ତୁମ ଦୁହିଁଙ୍କୁ ବାଦ ଦେଇ ତୃତୀୟକୁ ଆଣିବି।

ମିଆଁ ସାହେବଙ୍କୁ ଏବେ ସତୁରୀ। ଶୁଣାଯାଏ ତାଙ୍କ ତୃତୀୟଟି କୁଆଡେ ଭଦ୍ରକର ଗୋଟାଏ ମଦ୍ରାସାରେ ପଢୁଚି। ଏଥିପାଇଁ ମୋଟାମୋଟି କଥା ଆରମ୍ଭ ହୋଇଚି ମଧ୍ୟସ୍ଥ ମାଧ୍ୟମରେ। ମଧ୍ୟସ୍ଥ କହିଚି, ସେଠି କଥା ଛିଣ୍ଡେଇବା ଦାୟିତ୍ୱ ମୋର। ସେ ତା'ର ଆଡଭାନ୍ସ ପାଇସାରିଚି। ଝିଅର ବାପା ବିଡି ତିଆରି କରେ। ଛଅଟି ଝିଅ। ଉପାୟ କଣ ଅଛି ?

ଏଇଟା ହେଉଚି ସେଇ ସମୟର ଘଟଣା ଯେତେବେଳେ ଆରବ ଦେଶରୁ ଜଣେ ଅମୀର ତାଙ୍କ ପରିବାର ବର୍ଗ ଓ ବନ୍ଧୁବାନ୍ଧବ ସହ ଗୋଟିଏ ସ୍ୱତନ୍ତ୍ର ବିମାନରେ ବର୍ଷା ଦେଖିବାକୁ ଭାରତ ଆସିଥିଲେ। ଏଇଟା ଏକ ସାଧାରଣ ଘଟଣା ଯେ ବର୍ଷା ଦେଖିବାକୁ ପ୍ରତି ବର୍ଷ ଆରବ ଅଞ୍ଚଳରୁ ବହୁ ଧନାଢ୍ୟ ବ୍ୟକ୍ତି (ଯୋଉମାନେ ଅମୀର ନାମରେ ଖ୍ୟାତ) ସପରିବାର ସ୍ୱତନ୍ତ୍ର ବିମାନରେ ଭାରତ ଆସନ୍ତି ଏବଂ ମାସାଧିକ କାଳ ବମ୍ବେ, ହାଇଦ୍ରାବାଦ, ଦିଲ୍ଲୀ ଓ କାଶ୍ମୀରର ଅଞ୍ଚଳ ବୁଲାବୁଲି କରି ଫେରନ୍ତି। ସେମାନଙ୍କ ଭିତରୁ ଅଧିକାଂଶ ଭାରତରେ ଥିବା ସେମାନଙ୍କ ରୁଟ୍ ଖୋଜି ସେମାନଙ୍କ ସହିତ ସମ୍ପର୍କ ସ୍ଥାପନ କରନ୍ତି। ସେତେବେଳେ ଆରବରୁ ଆସିଥିବା ସେ ଅମୀର ତାଙ୍କ ରୁଟ୍ ହାଇଦ୍ରାବାଦରେ ଅଛି ଜାଣିଲା ପରେ ସେଠାକୁ ଆସି ଗୋଟାଏ ହୋଟେଲରେ ସସ୍ତ୍ରୀକ ଅବସ୍ଥାନ କଲେ ଏବଂ ତାଙ୍କ ପିଲାମାନଙ୍କୁ ଅନ୍ୟ ଏକ ସ୍ୱତନ୍ତ୍ର ବିମାନରେ ଭାରତ ଭ୍ରମଣରେ ପଠାଇଲେ। ସୌଭାଗ୍ୟ ହେଉ କି ଦୁର୍ଭାଗ୍ୟ ହେଉ ଅମୀର ଜଣକ ନିଜ ରୁଟ୍ ଭିତରେ ଆଉ ଏକ ରୁଟ୍‌ର ସନ୍ଧାନ ପାଇଲେ। ସେ ରୁଟ୍‌ଟି ଥିଲା ଅତ୍ୟନ୍ତ ସୁନ୍ଦରୀ ରୂପସୀ ଏକ ଅଷ୍ଟାଦଶ ବର୍ଷିୟା ବାଳିକା। ସତୁରୀ ବର୍ଷର ବିମୁଗ୍ଧ ଅମୀର ଝିଅର ବାପାକୁ ଡାକି ପଚାରିଲେ, 'କେତେ ନେବୁରେ ବାବୁ ? ଚାହିଁଲେ ଏବେ ତୋ ପାଇଁ ପ୍ରାସାଦଟିଏ କିଣିଦେବି। ତୋ ପାଖରେ ଏ ଅମୂଲ୍ୟ 'କୋହିନୂର'ଟି ଥିଲାବେଳେ ତୁ ବସ୍ତିରେ ରହିବୁ, ଏକଥା ଶୋଭା ପାଉନି।' ଝିଅର ବାପା ଗୋଟିଏ ଗହଣା ଦୋକାନରେ କାରିଗର। ବାସ୍, କଥା ସେତିକିରେ ଛିଣ୍ଡିଲା। ତିନିଝିଅର ବାପା ଆରବର ଅମୀରଙ୍କୁ ଜୋଇଁ କରି ଦାୟିତ୍ୱରୁ ମୁକ୍ତ ହେଲେ। କୋହିନୂରଟିକୁ ନେଇ ଅମୀର ଯେତେବେଳେ

Digitized by srujanika@gmail.com

ହୋଟେଲରେ ପହଞ୍ଚିଲେ ଏବଂ ତାଙ୍କ ସ୍ତ୍ରୀକୁ କହିଲେ ଆଜିଠୁ ତମେ ଟିକିଏ ବିଶ୍ରାମ ନିଅ ପ୍ରିୟେ। ତମର ଆଣ୍ଠୁ ଗଣ୍ଠି ଦରଜ ଏବେ କିଛି ପରିମାଣରେ ସେବା ପାଇଲା ପରେ ଲାଘବ ହେବ। ଏ କାହାଣୀଟିକୁ ଆମେ ଆପାତତଃ ଏଇଠି ବନ୍ଦ ରଖୁଛୁଁ।

ସୁରେୟା ସେଦିନ ଭାବିଲା ସତକୁ ସତ ମିଆଁ ସାହେବ ଯଦି ତୃତୀୟଟିକୁ ଗ୍ରହଣ କରନ୍ତି ତେବେ ଏ ଦୁଇଜଣଙ୍କର କଅଣ ହେବ ? ଏ ବୃତ୍ତାନ୍ତର ବୃତ୍ତ ଦଶରଥଙ୍କ ତିନିରାଣୀ ପରି ପରିଧି ସମ୍ପୂର୍ଣ୍ଣ ହେବ ନା କାହାଣୀର ନୂତନ ବୃତ୍ତ ତିଆରି ହେବ ? ସେ ଦେଖିଲା ଏ ସମସ୍ୟା ଆଜିର ନୁହେଁ - କୋଉ ଯୁଗର। ଇତିହାସ ବି ତାକୁ ମନେ ରଖିନାହିଁ। ପୁରୁଷର ଅହଂ ଓ ଅହମିକା ପାଖରେ ହୁଏତ ଆଲ୍ଲା, ଯୀଶୁ ଓ ଈଶ୍ୱର ସମସ୍ତେ ମଥା ନୁଆଁଇ ପକାଇଥିବେ। ସେମାନେ ହୁଏତ ଭାବିଥିବେ ଆମ ସୃଷ୍ଟିରେ ଏ ପ୍ରକାର ଶକ୍ତିଶାଳୀ ଜୀବଟିଏ କିପରି ଜନ୍ମ ନେଲା ? ସେ ଏପରି ଶକ୍ତିଶାଳୀ ଯେ ସୃଷ୍ଟିକର୍ତ୍ତାକୁ ମଧ୍ୟ ଖାତିର କରୁନାହିଁ। ତେବେ ସେ କିଏ ? ସେ ଶକ୍ତିର ଉତ୍ସଟି କଅଣ ?

ସୁରେୟା ବିଜ୍ଞାନର ଛାତ୍ରୀ। ବିଜ୍ଞାନରେ ସେ ୟୁନିଭରସିଟିର ଟପର ହୋଇଥିଲେ ମଧ୍ୟ ମଦ୍ରାସାରେ ସେ ସହକାରୀ ଶିକ୍ଷୟିତ୍ରୀଟିଏ। ମଦ୍ରାସା ଏପରି ଏକ ସ୍କୁଲ ଯୋଉଁଠି ବିଜ୍ଞାନ ସମ୍ପୂର୍ଣ୍ଣ ଗୌଣ। ଈଶ୍ୱର ସେଠି ସର୍ବଶକ୍ତିମାନ। ନିଉଟନ ପଛ ବେଞ୍ଚରେ ମୁହଁକୁ ତଳକୁ ପୋତି ବସି ରହନ୍ତି ପ୍ରାର୍ଥନା ଓ କୋରାନ ପାଠ ପିରିଅଡଠାରୁ ଶେଷ ପିରିଅଡ ପର୍ଯ୍ୟନ୍ତ। ସେ ତାଙ୍କର ଭାଗ୍ୟ ଓ ଭବିଷ୍ୟତ ସେଇଠି ଖୋଜୁ ଥାଆନ୍ତି।

ସୁଯେୟା ହସିଦେଲା। କି ଦମନୀୟ ଅବସ୍ଥା ହେ ତୁମର ନିଉଟନ୍ ସାହେବ ? ତୁମ ବିଜ୍ଞାନ ଯୋଉ ଆଟମ ଆବିଷ୍କାର କଲା ମଣିଷକୁ ରକ୍ଷା କରିବାପାଇଁ, ସେ ଏତେ ଶକ୍ତିଶାଳୀ ହୋଇଗଲା ଯେ, ସେ ଏବେ ସମଗ୍ର ମଣିଷ ସମାଜକୁ ଧ୍ୱଂସ କରିବାକୁ ପ୍ରସ୍ତୁତ ହେଲାଣି। ଠିକ୍ ଯେମିତି ଈଶ୍ୱର ସୃଷ୍ଟି କଲେ ନାରୀକୁ-ପୁରୁଷକୁ ସୃଷ୍ଟିଶୀଳତାରେ ସାହାଯ୍ୟ କରିବାକୁ, ଅଥଚ ସେ ଏବେ ନାରୀକୁ ଅବଦମିତ କରି ରଖୁଚି। ଇଚ୍ଛା ଅନୁସାରେ ତାକୁ କିଣୁଚି ଓ ବିକୁଚି। ସୃଷ୍ଟିକୁ ଧ୍ୱଂସ କରିବାର ପଥ ପରିଷ୍କାର କରୁଚି।

ସୁରେୟା ସେଦିନ ସମସେରକୁ କହିଲା, ଯେତେ ଭଡା ଅଧିକ ପଡୁ ପଛେ ତୁମେ ଆଉ ଗୋଟିଏ ଘର ଖୋଜ। ଆମେ ସେଠିକୁ ଉଠିଯିବା। ଏଠି ଆଉ ରହି ହେବନି। ଦିନ ଅପେକ୍ଷା ରାତିରେ ପାଟିତୁଣ୍ଡ ବେଶୀ।

ସମସେର ଧୀର ଓ ଶାନ୍ତ କଣ୍ଠରେ କହିଲା ମୁଁ ଏବେ ସେ କଥା ମୋଟେ ଭାବୁନାହିଁ, ଦୁଇଟା କାରଣରୁ। ଗୋଟିଏ ହେଲା ଏ ଘର ଛାଡିଲେ ଆମକୁ ମସଜିଦ୍ ଠାରୁ ଦୂରେଇ ଯିବାକୁ ହେବ। ପ୍ରତିଦିନ ଆମେ ଏଠିକୁ ଆସି ପାରିବା ? ଏ ବସ୍ତିଟା ପୁଣି ଆମର। ସମସ୍ତେ ଆମ ଲୋକ। ଦ୍ୱିତୀୟ କାରଣ ହେଲା, ଆଉ ଯୋଉଠିକୁ ଗଲେ, ଛୋଟିଆ ଘର

Digitized by srujanika@gmail.com

ପାଇଁ ଆମକୁ ଅନ୍ତତଃ ମାସକୁ ପାଞ୍ଚ ହଜାର ଖର୍ଚ୍ଚ କରିବାକୁ ପଡିବ । ଟିକିଏ ରହି ସେ ପୁଣି କହିଲା ମୁଁ ଏବେ ଦୋକାନଟିକୁ ବଢ଼େଇବାକୁ ଚାହୁଁଚି । ଏବେ ଆମ ମାର୍କେଟ୍‌କୁ ପ୍ରଚୁର ଇଲେକ୍ଟ୍ରୋନିକ୍ ଗୁଡସ୍ ଆସୁଚି । ଟିକିଏ ନେପାଳ ସୀମାକୁ ଗଲେ ସେଠି ଅନେକ ଶସ୍ତାରେ ଜିନିଷ ମିଳିବ । କହୁଛନ୍ତି, ମାଲ ଏଇଠି ଆସି ପହଞ୍ଚିଯିବ । ସେ ସବୁ ଆମର ଚିନ୍ତା କରିବା ଦରକାର ।

ଦୋକାନ କଥାଶୁଣି ସୁରେୟା ମନେ ମନେ ଚିଡି ଉଠିଲା । କିନ୍ତୁ ସେ ସମସେରକୁ ଜାଣେ । ତେଣୁ ସିଧା ସିଧା ତାକୁ ମନା ନ କରି କହିଲା ଗୋଟାଏ ବ୍ଲାକ୍ ମାର୍କେଟରେ ଟଙ୍କା ଖଟେଇବାକୁ ମୋ ମନ କହୁନି । ଯଦି କିଛି ଅସୁବିଧା ହୁଏ ?

ବ୍ଲାକ୍ ମାର୍କେଟ୍ ? ଏଇଟାକୁ ତୁମେ ବ୍ଲାକ୍ ମାର୍କେଟ କହୁଚ ? ମାର୍କେଟ ବିଷୟର ତମର କଅଣ ଧାରଣା ଅଛି ? ତମେ ଗୋଟେ ସ୍କୁଲ ଟିଚର । ତମେ ଜାଣ ମାର୍କେଟ୍ କଅଣ ? ଆମେ ବ୍ୟବସାୟ କରୁଛୁଁ । ଜିନିଷ କିଣୁଁ ଓ ବିକୁଁ । ବିକିବା ପାଇଁ ଲାଇସେନ୍ସ ଅଛି । କର ଦେଉଛୁଁ ସରକାରଙ୍କୁ । ଆମେ ଜିନିଷ ଚୋରି କରି ବିକୁଛୁଁ କି ?

ଆଃ, ତମେ ଟିକିଏ ରୁହ । ଏତେ କଥା କାହିଁକି କହୁଚ ? ଟିକିଏ ରହି ସେ ପୁଣି କହିଲା, ମୁଁ ତମ ଚୋରି କଥା କହିଲି କି ? ମୁଁ ସୀମାରେ ଚୋରି କଥା କହୁଚି, ତମେ ତେବେ କଅଣ କହିବାକୁ ଚାହୁଁଚ ? ମନ କଥା ସ୍ପଷ୍ଟ କହିଦେଇ ପାରନ୍ତ । ଏତେ କଥା କହିବା କଅଣ ଦରକାର ?

ସମସେର ଉଠି ଚାଲିଗଲା ।

ସୁରେୟା ଭାବିଲା ଏମିତି କୌଣସି ଗୋଟାଏ ପଏଣ୍ଟ ନାହିଁ ଯୋଉଠି ସେ ସମସେର ସହିତ ମନ ଓ ମତ ମେଳେଇ ପାରିବ ।

ଇଏ ହେଉଚି ସେଇ ସମସେର ଯିଏ ବିବାହ ପୂର୍ବରୁ ଆଲ୍ଲା ନାମରେ ଶପଥ କରି କହିଥିଲା ଆମେ କେବେ ବି ଅଲଗା ହେବା ନାହିଁ । ସେଦିନ ସୁରେୟାର ଏବେବି ମନେ ଅଛି । ଦିନ ତ ଗୋଟାଏ ନୁହେଁ । ସେ ସବୁ ଦିନର ସୀମା ନାହିଁ । ଗୋଟାଏ ଦିନ ଦେଖା ନ ହେଲେ ସମସେର ପାଗଳ ହେଇଯାଉଥିଲା । ଆଉ ସୁରେୟା ?

ସେ ଭାବି ପାରିଲାନି । କେମିତି ଓ କେତେବେଳେ ଚାଲିଗଲା ସେ ଦିନଗୁଡିକ ? ସବୁ କେମିତି ଓଲଟପାଲଟ ହେଇଗଲା ?

ଏବେ ପ୍ରତ୍ୟେକ କଥାରେ ସମସେର ତାକୁ ସନ୍ଦେହ ତ କରୁଚି ଅଧିକନ୍ତୁ ଗାଳି ଦେବାକୁ କୁଣ୍ଠାବୋଧ କରୁନି ।

Digitized by srujanika@gmail.com

ସେଦିନ ସ୍କୁଲରୁ ଫେରିବାବେଳେ ମାର୍କେଟ୍ ଦେଇ ଆସୁଥିବା ବେଳେ ସମସେର କୁଆଡେ ଦେଖିଥିଲା ତା'ର ବୁର୍ଖାଟା ମୁହଁରୁ ଫିଟିଯାଇଥିଲା। ସେ ସେଦିନ ଏକୁଟିଆ ନଥିଲା। ସାଥିରେ କଲେଜ ସମୟର ସାଙ୍ଗ ହାସିନା ଥିଲା। ଦୁହେଁ ଲସି ଦୋକାନରେ ଲସି ପିଉଥିଲେ।

ରାତିରେ ତା' ଚରିତ୍ରକୁ ଆକ୍ଷେପ କରି ସେ ବେଶ୍ କିଛି ଶୁଣେଇ ଦେଇଥିଲା। କହିଲା ବୁର୍ଖା ଖୋଲି ମାର୍କେଟରେ ଛିଡା ହୋଇ ଅନ୍ୟମାନଙ୍କ ସାଥିରେ ହେଁହେଁ ଫେଁଫେଁ ହେବା ମାନେ? ଟିଚରଟିଏ ହେଇଚ ବୋଲି ବୁର୍ଖା ଖୋଲି ତମେ ଥେଇଥେଇ ନାଚି ପାରିବ କି? ତୁମେ ଜାଣିନ ମୋତେ ଏଥିପାଇଁ ଅନେକ କଥା ଶୁଣିବାକୁ ପଡିଲାଣି।

ସୁରେୟାର ମନେ ପଡିଲା ଏଇ କିଛି ଦିନ ତଳେ ଖବର କାଗଜରେ ପ୍ରକାଶ ପାଇଥିଲା ଯେ ସାନିଆ ମିର୍ଜା ଟେନିସ୍ ଖେଳୁଥିଲା ବେଳେ ଜଙ୍ଘ ଉପରକୁ ପେଣ୍ଟ ପିନ୍ଧି ଥିବାରୁ ମୌଳବାଦୀମାନେ ତାକୁ ସତର୍କବାଣୀ ଶୁଣେଇ ଥିଲେ।

ସେ ଭାବିଲା ଯୋଉ ସମସେର ବର୍ଷକ ଆଗରୁ ବେଶ୍ ପ୍ରୋଗ୍ରେସିଭ ଜଣାଯାଉଥିଲା ସେ ଆଜି ଏତେ କନଜରଭେଟିଭ କେମିତି ହେଇଗଲା? ହାସିନା ସେଦିନ ଠିକ୍ କହିଥିଲା। ନିଜ ଉପରୁ ଆସ୍ଥା ତୁଟିଲେ ମଣିଷ ଈଶ୍ୱର ଉପରେ ଆସ୍ଥା ରଖେ ଏବଂ ପୁଣି 'ଈଶ୍ୱର ଉପରୁ ଆସ୍ଥା ତୁଟିଲେ ସେ ହିଂସ୍ର ହେଇଯାଏ।' ସମସେର ସେଇ ଦଳର ହେଇଗଲାଣି ବୋଧେ। ସେ ଜଂଘ ଉପରକୁ ପେଣ୍ଟ ପିନ୍ଧି ଖେଳିଲେ ଘୃଣା କରିବ ଏବଂ ମୁହଁରୁ ବୁର୍ଖା ଖୋଲିଲେ ମଧ୍ୟ ସମାଲୋଚନା କରିବ।

ଆଃ, ଏଥିରୁ କଅଣ ମଣିଷର ନିସ୍ତାର ନାହିଁ।

ଏଇ କିଛି ଦିନ ତଳେ ସୁରେୟା ପାଖକୁ ଗୋଟେ ପ୍ରସ୍ତାବ ଆସିଥିଲା। ଇଉନିଭରସିଟିରେ ଥିବା ତା'ର ପ୍ରଫେସର ସେ ପ୍ରସ୍ତାବ ଦେଇଥିଲେ। ଦାର୍ଜିଲିଂରେ ଗୋଟାଏ ପ୍ରାଇଭେଟ୍ ମିସନାରୀ ସ୍କୁଲ ଏବେ ଖୋଲିବ। ସେମାନେ ଭଲ ଓ ଏକ୍ସପେରିଏନ୍ସ ଥିବା ଟିଚର ଖୋଜୁଛନ୍ତି। ଖୁବ୍ ଭଲ ଦରମା। ଅନ୍ୟାନ୍ୟ ସୁବିଧା ମଧ୍ୟ ଅଛି। ଗୋଟାଏ ଇଣ୍ଟରନେସନାଲ ଷ୍ଟାଣ୍ଡାର୍ଡ ସ୍କୁଲ। ସୁରେୟା ରାଜି ହେଲେ ପ୍ରଫେସର ସେ ପ୍ରିନ୍ସିପାଲଙ୍କୁ ଟେଲିଫୋନ୍ କରିବ। ସୁରେୟା ଭାବିଲା ସମସେର କଅଣ ଏଠୁ ଯିବାକୁ ଚାହିଁବ?

ଦ୍ୱିତୀୟ ପ୍ରଶ୍ନଟି ହେଲା ବ୍ୟକ୍ତି ସ୍ୱାଧୀନତା ଏଠି ଯେମିତି ବିଡମ୍ବିତ ସେଠି ମଧ୍ୟ ସେମିତି ସଙ୍କୋଚିତ। ଏଠି ଦିନକୁ ଦଶଥର ଆଲ୍ଲାକୁ ସୁମରଣା କରିବାକୁ ପଡୁଥିବା ବେଳେ ସେଠି ବେଶୀ ପଇସା ନେଇ ଗେଟ୍ ପାଖକୁ ଗଲାବେଳେ ହୁଏତ ପ୍ରଥମେ ଯୀଶୁଙ୍କ ପାଖରେ ମୁଣ୍ଡ ନୁଆଇଁବାକୁ ପଡିବ କିମ୍ବା ଲକେଟ୍ କରି ବେକରେ ଝୁଲେଇବାକୁ ପଡିବ।

Digitized by srujanika@gmail.com

ଆଉ ଅନ୍ୟମାନଙ୍କ କଥା କହିବା ଆବଶ୍ୟକ ନାହିଁ। ଏମ୍.ଏ.ରେଜଲ୍ଟ ବାହାରିବା ପୂର୍ବରୁ ସେ ଯୋଉ ୱାକ୍-ଇନ୍ ଇଣ୍ଟରଭିଉରେ ଯୋଗ ଦେଇଥିଲା ସେଥିରେ ମହାତ୍ମାମାନେ ତା' ନାଁ ଶୁଣିବା ମାତ୍ରେ ନାକଟେକି ଦେଇଥିଲେ।

ସୁରେୟା ମତରେ ଏସବୁ ଆବର୍ଜନା। ଆବର୍ଜନା ଦୂର ନହେବା ଯାଏଁ ମଣିଷ ସ୍ୱାଧୀନ ମଣିଷଟିଏ ହେଇ ରହିପାରିବ ନାହିଁ। ଈଶ୍ୱରଙ୍କୁ ନେଇ ଏକଚାଟିଆ ବାଣିଜ୍ୟ କେତେ ଦିନ ଚାଲିବ ?

ସେଦିନ ସମସେର ଯେତେବେଳେ କୋଉ ଗୋଟାଏ ଇଂରାଜୀ ଖବର କାଗଜକୁ ହାତରେ ଧରି ସୁରେୟାକୁ କହିଲା ଦେଖିଲ କିଏ ଜଣେ 'କମଳା ଦାସ' ଇସଲାମ ଧର୍ମଗ୍ରହଣ କରି ନିଜ ନାମକୁ ସୁରେୟା କରି ଦେଇଚି। ଚାଲ, ଏଇ ଖୁସିରେ ଆଜି କିଛି ମୋରବ୍ବା ଖିଆ ଯାଉ। ସେ ତା' ଆଗରେ ପାକେଟଟି ଖୋଲିଦେଲା।

ସୁରେୟା କମଳା ଦାସକୁ କିଛି କିଛି ଜାଣେଁ। ମାଧବୀ କୁଟ୍ଟିରୁ କମଳା ଦାସ ଏବଂ ତା'ପରେ ସୁରେୟା ହେଲାପରେ ସେ ତା' ବିଷୟରେ ଜାଣିବାପାଇଁ କିଛିଟା ଉତ୍ସୁକୀ ହେଇ ଉଠିଥିଲା। ତା'ର ଗଳ୍ପ କବିତା ବିଷୟରେ ମଧ୍ୟ ବନ୍ଧୁମାନଙ୍କଠାରୁ ଶୁଣିଚି। କଲାର ଛାତ୍ରୀମାନେ ସାହିତ୍ୟ କଥା ପଡ଼ିଲେ କମଳା ଦାସ ବିଷୟରେ ମୁଖର ହେଇ ଉଠନ୍ତି। କିନ୍ତୁ ସେଇ କମଳା ଦାସ ବୟସର ସାୟାହ୍ନରେ ଯେମିତି ଭାବରେ ଈଶ୍ୱରରୁ ଆଲ୍ଲାଙ୍କୁ ଆସିଗଲେ ସେଇଟା ହିଁ ତାକୁ ଆଶ୍ଚର୍ଯ୍ୟାନ୍ୱିତ କରିଥିଲା। କିନ୍ତୁ କାହିଁକି ? କିଛି ଥିଲା ଆବଶ୍ୟକତା ?

କୋଉ ଅଭାବକୁ ସେ ପୂରଣ କରି ପାରିବେ ଆଉ ଏକ ଖାଲି ପାତ୍ର ହାତରେ ଧରି ଠିଆ ହେଲେ ?

ସୁରେୟାର ଛାତି ଫଟାଇ ଅବରୁଦ୍ଧ ଦୀର୍ଘଶ୍ୱାସଟିଏ ବାହାରି ଆସିଲା।

ଗୋଟାଏ ବୋଟାନିକାଲ ଗାର୍ଡେନର ସେଦିନ ସୁରେୟା ଯେତେବେଳେ ବହୁ ରଙ୍ଗର ଫୁଲଟିଏ ଦେଖିଲା ସେ ଆଶ୍ଚର୍ଯ୍ୟ ହେଇଗଲା। ଆରେ, ଏମିତିକା ଫୁଲ ବି ଅଛି କି ? ବହୁବର୍ଣ୍ଣୀ ? ଭାରି ସୁନ୍ଦର ଦେଖାଯାଉଚି ତ ? ସେ ତା'ର ପାଖୁଡାରେ ହାତ ମାରିବାକୁ ଯାଉଥିଲା ଗୋଟାଏ ଅପୂର୍ବ ଅନୁଭବର ଆକର୍ଷଣରେ। ଦୂରରୁ ପାଟି ଶୁଭିଲା। 'ହାତ ମାରନ୍ତୁ ନାହିଁ ମେଡମ୍।' ଗୋଟାଏ ସତର୍କତାମୂଳକ ଲେଖା ଆଡକୁ ସେ ହାତ ଦେଖାଇଲା।

ସୁରେୟା ସାବଧାନ ହେଇଗଲା। ସେ ଥମ୍ କରି ଠିଆ ହେଇଗଲା।

ଗୋଟିଏ ଫୁଲ, ରଙ୍ଗ ଅନେକ। ତେବେ ଏତେ ଈଶ୍ୱର ଗୋଟିଏ ମନ୍ଦିରରେ ରହୁନାହାଁନ୍ତି ?

Digitized by srujanika@gmail.com

ସେ ହସିଦେଲା । ମଣିଷ ଗୋଟିଏ, ନାମ ଅନେକ, ଧର୍ମ ମଧ୍ୟ ଅନେକ ।

କିଛି ଦିନପରେ ସମସେର ସାଥିରେ ଲୋକଟିକୁ ନେଇ ଆସି ପହଞ୍ଚିଲା, କହିଲା, ଇଏ ମୋ ମାମୁଁ ପୁଅ ଭାଇର ବନ୍ଧୁ - ରହମାନ । କଲିକତାରେ ବଡ ବିଜିନେସ୍ ଅଛି । ବିଜିନେସ୍ କାମରେ ହିଁ ଆସିଥିଲେ । ଏକ୍ସପୋର୍ଟ ଇମ୍ପୋର୍ଟର ବିଜିନେସ୍ । ଆଜି ଆମ ସହିତ ଖାଇବେ । ମୁଁ ନିମନ୍ତ୍ରଣ କରି ଆଣିଚି । ରହୁଛନ୍ତି ହୋଟେଲ ପାମ୍ ବିଚ୍‌ରେ ।

ଆରେ ତୁମେ ମୋତେ ଆଗରୁ କହିଲନି ? ମୁଁ କଅଣ କିଛି କରିଚି ?

କରିବା କଅଣ ଦରକାର ? ମୁଁ ସବୁ ସେଇ ହୋଟେଲରୁ ନେଇଆସିବି । ଏଇଠି ଖାଇଦେବା ।

ସୁରେୟା ମୁଣ୍ଡରେ ହାତ ଦେଲା । ହାୟ ଆଲ୍ଲା ! ଏମିତି କଅଣ ହୁଏ ? ଅତିଥିଙ୍କୁ ଡାକି ଘରେ ରଖିବ ପୁଣି ହୋଟେଲରୁ ଖାନା ମଗେଇବ ।

ଆଃ, ତୁମେ ସେମିତି ଭାବନା । ସେ ଆମ ନିଜ ଲୋକ । ଗୋଟାଏ ଜରୁରୀ ବିଷୟ ତାଙ୍କ ସହିତ ଆଲୋଚନା କରିବାର ଅଛି ।

ସୁରେୟା ତାକୁ ଚାହିଁ ରହିଲା କିଛି ବୁଝି ନପାରି ।

ଆସ ତୁମେ ଏଠିକି ଆସ । ସେ ସୁରେୟାକୁ ହାତ ଧରି ଟାଣି ନେଇଗଲା ଡ୍ରଇଂରୁମକୁ ଯୋଉଠି ସେ ଭଦ୍ରଲୋକ ବସିଥିଲେ ।

ସେ ପ୍ରଥମେ ପରିଚୟ କରେଇ ଦେଲା । ରହମାନ-ମୂଳ ବାସିନ୍ଦା ବାଂଲାଦେଶର । ରହି ଆସିଛନ୍ତି କୋଲ୍‌କୋତାରେ ଦୁଇ ପୁରୁଷ ହେଲା । ଦୁଇ ଭାଇଙ୍କର ବିରାଟ ବିଜିନେସ୍ । ଜଣେ ଦାଦା ପୁଅ ଭାଇ ରାଜନୀତିରେ । ତିନିଥର ଯାକ ଜିତି ଆସୁଛନ୍ତି କଲିକତାର ସବୁଠାରୁ ଅବହେଳିତ ବସ୍ତି ଅଞ୍ଚଳରୁ । କଲିକତା ଡକ୍ ଶ୍ରମିକ ସେଠି ବେଶୀ । ଭାଇଙ୍କର ମଧ୍ୟ ଅଛି ଏକ୍ସପୋର୍ଟ ଇମ୍ପୋର୍ଟ ଲାଇସେନ୍ସ ।

ନା ନା ଆପଣ ମୋର ଅଯଥା ବେଶୀ ପ୍ରଶଂସା କରୁଛନ୍ତି । ମୁଁ ପ୍ରକୃତରେ ଏତେ ପ୍ରଶଂସାର ଅଧିକାରୀ ନୁହେଁ । କହିଲେ ରହମାନ ।

ନା ସେ ଆଉ ବେଶୀ କଅଣ କହିଲେ ? ସେ ସତ୍ୟ ହିଁ କହିଛନ୍ତି । ମୁଁ ଭାବୁଚି ସବୁଠାରୁ ମିଥ୍ୟାବାଦୀ ଲୋକଟି ମଧ୍ୟ ରମଜାନ ମାସରେ ମିଛ କହୁନଥିବ ।

ସୁରେୟାର ଏ ବ୍ୟବହାରରେ ସେ ଦୁହେଁ ହସି ହସି ବେଦମ ହେଇଗଲେ । ଭାବୀଜୀ ଚମତ୍କାର କଥା କହିଲେ । ମିଛର ରାଜତ୍ୱରେ ରମଜାନର ସ୍ଥିତି କାହିଁ ଭାବୀଜି ?

Digitized by srujanika@gmail.com

ସମସେର କହିଲା ସେ ଗୋଟେ ମଦ୍ରାସା ସ୍କୁଲରେ ସାଇନ୍ସ ଟିଚର ଅଛନ୍ତି ।

ତଳ ମହଲାରୁ ଚିତ୍କାର ଶୁଭିଲା । ଦୁଇ-ନାରୀଙ୍କର ରଣ ହୁଙ୍କାର, ଦୁଇ ବଡ ଝିଅ ହୁଏତ ମଝିରେ ମଧ୍ୟସ୍ଥତା କରୁଛନ୍ତି ।

ଚମକି ପଡିଲେ ରହମାନ ଜୀ । ସେ ଠିଆହେଇ ପଡିଲେ ।

କିଛି ମନେ କରିବେନି । ମୋ ଘର ମାଲିକଙ୍କ ଦୁଇ ସ୍ତ୍ରୀ । କଥା ଯୋଡିଲା ସୁରେୟା, ଏଇ ରମଜାନ ମାସ ପରେ ସେ ଏ ଦୁଇଜଣଙ୍କ ପାଇଁ ସ୍ୱତନ୍ତ୍ର ଘର କରି ଦେଇ ନିଜ ପାଇଁ ଷୋଡଶୀଟିଏ ଆଣିବେ । ଖାଲି ପ୍ରଶ୍ନ ଉଠୁଚି, ସେ ଆଗ ବଡ ଝିଅର ବାହାଘର କରିବେ, ନା ପ୍ରଥମେ ନିଜର ।

କଳିଗୋଳ ପାଟିତୁଣ୍ଡ ବଢ଼ିବାରେ ଦେଖି ରହମାନଜୀ ଉଠିଲେ । ତାଙ୍କ କାନ ବୋଧେ ଅତଡା ପଡିଯାଉଥିଲା । ପାଟିତୁଣ୍ଡ ସହିତ କ୍ରନ୍ଦନର ରୋଳ ମଧ୍ୟ ।

ସୁରେୟା ଭଦ୍ରଲୋକଙ୍କ ଅସୁବିଧା କଥା ବୁଝୁଥିଲା । ପୂଜାବେଳେ ଦୁର୍ଗାମଣ୍ଡପ ପାଖରେ ଘର କରିଥିଲେ କି ମସଜିଦ୍ ପାଖରେ ଘର ଥିଲେ ଯୋଉ ଅବସ୍ଥା ଠିକ୍ ସେଇ ଅବସ୍ଥା ।

ଆପଣଙ୍କ କୋଲ୍‌କତାରେ ଏ ଅବସ୍ଥା ସୃଷ୍ଟି ହେଉନଥିବ, ସୁରେୟା ପଚାରିଲା ।

ସେ ସାମାନ୍ୟ ହସିଦେଇ ଛୋଟ ମନ୍ତବ୍ୟଟିଏ ଦେଲେ, ଥରେ ଆସନ୍ତୁନା ଆମ ଯାଗା ଦେଖି ଆସିବେ । ଭାରତବର୍ଷର ସବୁ ଯାଗା ସମାନ । ଶାନ୍ତି କାହିଁ, କୋଉଠି ?

ଆପଣ ଉଠିଲେ ଯେ ? ଖାଇଦେଇ ଯିବେ । ସୁରେୟା କହିଲା । ନା ନା କ୍ଷମା କରନ୍ତୁ । ଖାଇବାର ପ୍ରଶ୍ନ ଉଠୁନି । ଆଉ ଦିନେ ଆସିବି ।

ମୁଁ ତ ତାଙ୍କୁ ପ୍ରଥମରୁ କହି ଦେଇଥିଲି । ବାକି ବିଜିନେସ୍ କଥାଟା ମଧ ଶୁଣିବାକୁ ମୁଁ ତାଙ୍କୁ କହି ଦେଇଚି । ଯେହେତୁ ଆପଣମାନେ ଆମ ନିଜ ଲୋକ ମୁଁ ଆପଣଙ୍କୁ ସାହାଯ୍ୟ କରିବି । ସାମାନ୍ୟ ମୂଳଧନରେ ମଧ୍ୟ ଇମ୍ପୋର୍ଟ ବିଜିନେସ୍ ଭଲ ହେଇପାରିବ । ସେ ଚାଲିଗଲେ ।

ସେ ଚାଲିଗଲା ପରେ ମନେ ମନେ ସୁରେୟା ଖୁସି ହେଲା ସିନା କିନ୍ତୁ ସେ ଯେତେବେଳେ ଶୁଣିଲା ଭଦ୍ରଲୋକ ଆସିଥିଲେ ସମସେରର ବିଜିନେସ୍ କନସଲଟେଣ୍ଟ ହେଇ, ସେତେବେଳେ ତା' ମନଟା ଶୁଖିଗଲା । ସେ ସମସେରକୁ କିଛି ନ କହି ଭିତରକୁ ଚାଲିଗଲା ।

ସମସେର ତା' ପଛେ ପଛେ ଆସିଲା ଏବଂ କହିଲା, ତମେ ତାଙ୍କୁ ଯେମିତି

Digitized by srujanika@gmail.com

ଭାବରେ ଅଟକାଇ ଥିଲ ସେମିତି କେହି ବି ରହି ନଥାଆନ୍ତା।

ମିଛରେ ଦୋଷ ଦେବା ତମର ଅଭ୍ୟାସ ହେଇ ଗଲାଣି। ତମେ ଯାଇ ସେ ମାତଗୋଳଟାକୁ ଅଟକାଇ ଦେଲନି। ଏମିତି ପରିବେଶ ଭିତରେ ତାଙ୍କୁ କେମିତି ବସେଇ ଥାଆନ୍ତି କହିଲ ? ଏ ଯୁଦ୍ଧ କଅଣ ଏବେ ସରିବ ? ରାତି ପାହିବ କିନ୍ତୁ ଯୁଦ୍ଧ ସରିବ ନାହିଁ। ସୁରେୟା ଲକ୍ଷ୍ୟ କରୁଥିଲା, ସମସେର ଯେମିତି ଭାଂଗି ପଡୁଛି। ତା'ର ବିରାଟ ଯୋଜନାଟାଏ ଯେମିତି ଅଟକିଗଲା।

ସୁରେୟା ତା' ପାଖକୁ ଆସି କହିଲା ବିଜିନେସ୍ କଥା କଅଣ ସେ କହୁଥିଲେ ମୋତେ କହୁନ ?

ତମେ ଶୁଣି କଅଣ କରିବ ? ତମେ ତ କହିବ ଅସାଧୁ ବ୍ୟବସାୟରେ ଟଙ୍କା ଖଟାଇବା ଠିକ୍ ନୁହେଁ। ମୁଁ ତୁମକୁ କେମିତି ବୁଝେଇବି ଯେ ସବୁ ବ୍ୟବସାୟରେ କିଛି ନା କିଛି ଅସାଧୁତା ଥାଏ। କିନ୍ତୁ ଆଇନ ବାହାରେ କିଛି ହୁଏ କି ? କମ୍ ପୁଞ୍ଜିରେ ବେଶୀ ଲାଭଟା ଅସାଧୁତା ନୁହେଁ କି ବେଆଇନ ମଧ୍ୟ ନୁହେଁ। ରହମାନ ଭାଇ ସେଇ କଥା ହିଁ କହୁଥିଲେ। ତାଙ୍କ ଲାଇସେନ୍ସ ବଳରେ ଆମେ କାମ କରି ପାରନ୍ତେ।

ସୁରେୟା ଅତି ଶାନ୍ତ ଭାବରେ କହିଲ ବିଜିନେସ୍ କଥା ମାର୍କେଟ ଉପରେ ନିର୍ଭର କରେ। କେତେବେଳେ କୋଉ କଥା। ମୁଁ ତମ ଭଲ ପାଇଁ କହୁଚି। ମୁଁ କିଛି ତୁମକୁ ଦେଉଚି, କୋଡିଏ ହଜାର। ତାକୁ ନେଇ ମାର୍କେଟକୁ ଦେଖ। ଯଦି ବୁଡି ଯାଏ ?

ସମସେର ଠିଆ ହେଇ ପଡିଲା। କହିଲା ଯୋଉଠି ମିନିମାମ୍ ଲକ୍ଷେ ଦରକାର ସେଠି କୋଡିଏ କୋଉ କାମରେ ଲାଗିବ ? କିନ୍ତୁ କଥାଟା ସେଠି ନାହିଁ। କଥାଟା ଅଛି ମୋ ଉପରେ ତମର ବିଶ୍ୱାସ। ଯଦି ବିଶ୍ୱାସ ନାହିଁ ବାକି ସବୁ ମିଛ।

ସମସେରର ମୋବାଇଲ ଭାଜି ଉଠିଲା। ଟେଲିଫୋନ୍ ଥିଲା ରହମାନଙ୍କର। ସେ ପଚାରିଲେ, କଅଣ ହେଲା ଅନ୍ତତଃ ପଚାଶ ହଜାର ଏବେ ହେଇ ପାରିବ ?

ମୋତେ ଦୁଇଦିନ ସମୟ ଦିଅନ୍ତୁ। ମୁଁ ଆପଣଙ୍କୁ ପୂରା ଦେଇ ଦେବି। ଅଧା କାହିଁକି ? ମୁଁ ସୋମବାର ଭିତରେ ଯାଇ ଆପଣଙ୍କୁ ଦେଖା କରିବି।

ସୁରେୟା ଚମକି ପଡିଲା। କଅଣ କହୁଚି ସମସେର ? ପୂରା ଦେଇ ଦେବ। ଲକ୍ଷେ ଟଙ୍କା ?

ସମସେର ବାହାରକୁ ତମ ତମ ହେଇ ଚାଲିଗଲା।

କିନ୍ତୁ ଏଇ ସମୟଟାରେ ସେ ଗଲା କୁଆଡେ ? ଏବେ ତ ତା'ର ଖାଇବାର କଥା।

Digitized by srujanika@gmail.com

ଏବେ ନ ଖାଇଲେ ସେ ତ ଆଉ ଖାଇପାରିବନି। ଟଙ୍କା ଦେଇପାରିବ ନାହିଁ କହିବାର ଦୁଃଖ ଅପେକ୍ଷା ସେ ଯେ ଆଉ ରାତିରେ ଖାଇପାରିବ ନାହିଁ - ସେ ଦୁଃଖ ତାକୁ ବଳେଇ ବଡିଲା। ସେ ଠିକ୍ କଲା ନା ସେ ନିଜେ ବି ଖାଇବ ନାହିଁ। ଆଲ୍ଲା ଜାଣନ୍ତୁ ସେ ବି ତା' ସ୍ୱାମୀ ପାଇଁ ଦୁଃଖ କଷ୍ଟ ସହ୍ୟ କରିପାରେ। ଓପାସ ରହିଲେ, ଦେହକୁ କଷ୍ଟ ଦେଲେ ଆଲ୍ଲା ଯଦି ତା'ର ଦୁଃଖ ବୁଝିବେ। ସମସେରକୁ ସେ ଠିକ୍ ରାସ୍ତା ଦେଖେଇବେ ?

ସେ ଆଖିରୁ ଲୁହ ପୋଛିଲା ଏବଂ କବାଟ ଝରକା ବନ୍ଦ କରି ଶୋଇ ପଡିଲା।

କିନ୍ତୁ ଶୋଇ ପାରିଲାନି। ତଳ ମହଲାରୁ ପୁଣି ଚିତ୍କାର ଉଠିଲା। ଏଥର ବୋଧେ ମିଆଁ ସାହେବ ସେ ଦୁଇଜଣଙ୍କୁ ପିଟୁଥିଲେ। ସୁରେୟା ଝରକା ଖୋଲି ଦେଖିଲା ଦୁଇ ନାରୀ ତଳେ ଗଡୁଚନ୍ତି ଏବଂ ମିଆଁ ସାହେବ ଉଗ୍ର ମୂର୍ତ୍ତିରେ ପିଟି ଚାଲିଚନ୍ତି। କହୁଚନ୍ତି, ରମଜାନ ମାସରେ ମଧ୍ୟ ତୁମେ ଦୁହେଁ ମୋତେ ଶାନ୍ତିରେ ରଖେଇ ଦେଲନି।

ସୁରେୟା ଝରକାଟିକୁ ଧୀରେ ବନ୍ଦ କରିଦେଲା। ସେ ଆଉ ସେ ଅତ୍ୟାଚାର ଦେଖିବାକୁ ଚାହୁଁ ନଥିଲା। ତା'ର ମନେ ହେଲା ଝରକା ବନ୍ଦ ହେଲା ପରେ ସେ ଆର୍ତ୍ତ ଚିତ୍କାର ଯେମିତି ସାରା ଦିଗବଳୟକୁ ଉଡିଗଲେ ଏବଂ ସେ ସ୍ୱରକୁ ବହୁଗୁଣିତ କରିଦେଲେ। ସେ କାନ ଡେରି ଶୁଣିଲା, ଯେମିତି ସେ ସ୍ୱର ଆକାଶ ଓ ପାତାଳକୁ ମଧ୍ୟ ବ୍ୟାପ୍ତ ହେଇଯାଇଛି। ମହାକାଳର ଚିରନ୍ତନୀ ଚିତ୍କାର ପରି ଯୁଗରୁ ଯୁଗକୁ ମାଡି ଯାଇଛି। ତା'ର ସମାପ୍ତି ନାହିଁ। ତା'ର ଶେଷ ନାହିଁ।

ସୁରେୟା ଦୁଇ କାନ ଦୁଇ ହାତ ପାପୁଲିରେ ସମସ୍ତ ଶକ୍ତି ଖଟେଇ ଚାପି ଧରିଲା ସେଥିରୁ ରକ୍ଷା ପାଇବା ପାଇଁ। ନା, ତଥାପି ସମ୍ଭବ ହେଲାନାହିଁ। ତା ଭିତରର ଯନ୍ତ୍ରଣା ଓ ବାହାରର ଯନ୍ତ୍ରଣା ସବୁ ମିଶି ଏକାକାର ହେଇଯାଉଚି ?

ତା'ର ମନେ ହେଲା ତା' ଦେହଟା ଯେମିତି ପଥର ହେଇ ଆସୁଚି। ସେଇ ଭୟରେ ତା'ଛାତି ଥରେଇ ଅସ୍ପଷ୍ଟ ଚିତ୍କାରଟିଏ ବାହାରି ଆସିଲା।

□□

Digitized by srujanika@gmail.com

ସ୍ମୃତି ଚିନ୍ତାମଣି

ଚନ୍ଦ୍ରମଣି ସେ ଦିନ ଘରେ ପହଞ୍ଚିଲା ବେଳକୁ ରାତି ଆଠ। ଏତେ ଡେରି ତା'ର କେବେ ହୁଏନି। ସାଧାରଣ ଭାବେ ଚନ୍ଦ୍ରମଣି ଅଫିସରୁ ଫେରେ ସାଢ଼େ ପାଞ୍ଚରେ। ସେ ଅଫିସ ଯିବାରେ ଯେମିତି ହେଲା କରେ ନାହିଁ, ଫେରିବାରେ ମଧ୍ୟ ସେମିତି ଘଣ୍ଟା କଣ୍ଟା ଠିକ୍ ଥାଏ। କେବେବି ଏପାଖ ସେପାଖ ହୁଏ ନାହିଁ ବୋଲି ତାକୁ ଅଫିସରେ ତା ସାଙ୍ଗମାନେ ତା ନାଁ ଦେଉଚନ୍ତି 'ଘଣ୍ଟାମଣି'।

ଚନ୍ଦ୍ରମଣି ବିଚିତ୍ର ଲୋକଟିଏ। ତାର ସମୟାନୁବର୍ତ୍ତିତା ଅନ୍ୟମାନଙ୍କୁ ଅସୁବିଧାରେ ପକାଏ। ଥଟ୍ଟା କରି ତାକୁ ସେମାନେ କହନ୍ତି 'ନବବିବାହିତା ପଦ୍ମାବତୀ ତୁମକୁ ଏତେ ଜଲ୍‌ଦି ତଡୁଛନ୍ତି ନା କଅଣ ? ତମେ ତାଙ୍କ ସହିତ ପଦେ ଖୁସି ଗପ ହେଇ ପାରୁନ ! ନୂଆ ବାହା ହେଲେ ଥଟ୍ଟା ତାମ୍‌ସା ଏକଦମ୍ ଜରୁରୀ।

ଚନ୍ଦ୍ରମଣି ଏ ସବୁ ଶୁଣେ କିନ୍ତୁ ଚୁପ୍ ରୁହେ। ସ୍ତ୍ରୀଟିଏ ହେଲା ବୋଲି ଯେ ତା ସହିତ ମଜ୍ଜା କଥା କହିବା ଜରୁରୀ ସେମିତି କୋଉଠି କିଛି ଲେଖା ହେଇନାହିଁ। ତା'ଛଡ଼ା ତା ସହିତ ଥଟ୍ଟା ତାମ୍‌ସା ହେବ କେତେବେଳେ ଓ କୋଉଠି ? ସେ ସୁଯୋଗ ଚନ୍ଦ୍ରମଣି ରହୁଥିବା ସରକାରୀ କ୍ୱାଟର୍ସରେ ସ୍ୱପ୍ନ।

ଗୋଟିଏ ବଖୁରିକିଆ ଘର। ଗୋଟିଏ ବେଡ଼ରୁମ୍। ତା ପାଖକୁ ଲାଗି ଗୋଟିଏ ଛୋଟ ବାରଣ୍ଡା। ସେଇ ବାରଣ୍ଡାଟା ଭିତର ପଟକୁ ଥିବାରୁ ସେଇଟା ହିଁ ତା ଭଉଣୀ ନନ୍ଦିତାର ବେଡ଼ରୁମ୍ ଓ ପଢ଼ାଘର। ନନ୍ଦିତା ଏବେ ମେଟ୍ରିକ ପରୀକ୍ଷା ଦେବ। ଚନ୍ଦ୍ରମଣି ଅଫିସ ଆସିଲା ପରେ ନନ୍ଦିତା ସ୍କୁଲଯାଏ। ତା ସ୍କୁଲଟା ସେଇ ପାଖରେ। ପୁଣି ଚନ୍ଦ୍ରମଣି ଅଫିସରୁ ଫେରିବା ଯଥେଷ୍ଟ ଆଗରୁ ନନ୍ଦିତା ଫେରିଆସିଥାଏ।

ଯୋଉଟାକୁ ଅଫିସରମାନେ ପ୍ରାଇଭେସି ବୋଲି କହନ୍ତି ଚନ୍ଦ୍ରମଣିମାନଙ୍କ ଘରେ

Digitized by srujanika@gmail.com

ତାର କୌଣସି ସୁଯୋଗ ନଥାଏ। ସେ ସୁଯୋଗ ଯେମିତି ମୋଟେ ସୃଷ୍ଟି ନ ହୁଏ ତାର ବିଧିବଦ୍ଧ ଯୋଜନା ତିଆରି ହେଉଥାଏ ସରକାରୀ ଅଫିସରେ। ତୃତୀୟ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଘରେ 'ପ୍ରାଇଭେସି' ଗୋଟାଏ କଅଣ ? ସେମାନଙ୍କର ସବୁ ଓପନ୍ ହେବା କଥା।

ଘରେ ଏଇ ପ୍ରକାର ଥଟ୍ଟା ମଜାର ସୁଯୋଗ ନଥିଲେ ଚନ୍ଦ୍ରମଣି ଘରେ ରହିବା ଯାହା ନ ରହିବା ସେଇଆ। ହୁଏତ ଏଇ କାରଣରୁ ଚନ୍ଦ୍ରମଣି ସମୟାନୁବର୍ତ୍ତିତାକୁ ଆପଣେଇ ନେଇଚି ଗୋଟାଏ ଅଭ୍ୟାସ ପରି।

ସେଇ ଚନ୍ଦ୍ରମଣି ଯେତେବେଳେ ସେଦିନ ଘରେ ଆସି ଡେରିରେ ପହଞ୍ଚିଲା ପଦ୍ମାବତୀ ଚିହିଁକି ଉଠିଲେ। ଏତେବେଳଯାଏ କୋଉଠି ଥିଲ ? କଅଣ କରୁଥିଲ ? ତମେ କଅଣ ଅଫିସର ହେଇଚ କି ରାତି ଆଠଟା ଯାଏ ସେଠି ଖଟୁଥିବ ? ତେବେ ଏଠିକା କଥା କିଏ ଦେଖିବ ? ଅଧିକା ଖଟିଲେ ତୁମକୁ ଅଧିକା ପଇସା ମିଳିବ କି ?

ନନ୍ଦିତାର ବି ଆପତ୍ତି। ତୁମେ ଭାଇନା ଏତେ ଡେରି କେବେ କରନି। ଆମେ ବ୍ୟସ୍ତ ହେଇ ପଡ଼ିଲୁଁ। ଆମେ ଜାଣି ପାରିଲୁନି କଅଣ ପାଇଁ ତୁମର ଡେରି ହେଉଚି। ହଉ, କଅଣ ହେଇଚି କହିଲ ? ତମ ଦେହ ପା ଠିକ୍ ଅଛି ତ ? କିଛି ଅସୁବିଧା ହେଲା କି ଅଫିସ୍‌ରେ ? ରାସ୍ତାରେ କୋଉଠି କିଛି ଗୋଳମାଳ ଥିଲା ? ପୋଲିସ ରାସ୍ତା ଅଟକେଇ ଥିଲା ?

ଚନ୍ଦ୍ରମଣି ବାହାର ବାରଣ୍ଡାରେ ସାଇକେଲ ରଖୁ ରଖୁ ପ୍ରଶ୍ନବାଣ ଦେଖି ଆଶ୍ଚର୍ଯ୍ୟ ହେଇଗଲା। ଏତେ କଥା ଯେ ତାକୁ ଶୁଣିବାକୁ ପଡ଼ିବ ସେ କଥା ସେ ମୋଟେ ଚିନ୍ତା କରି ନଥିଲା। ସେ ନନ୍ଦିତାର ମସିଣା ଉପରେ ଲଥ କିନା ବସି ପଡ଼ିଲା। ରହି ରହି ପ୍ରଶ୍ନ ସବୁ ଆସୁଥାଏ ଏବଂ ସେ କେବଳ ତାକୁ ଶୁଣିଯାଉଥାଏ। ସେ ଭାବିପାରୁ ନଥିଲା ସେ କିପରି ସେ ଦୁଇଜଣଙ୍କୁ ମୁକାବିଲା କରିପାରିବ।

ନନ୍ଦିତା ବରାବର ପରି ତା ଭାଇକୁ ଆଣି ଚା' କପେ ଧରାଇ ଦେଲା। ଯଦିଓ ଚା'ଟା ବରାବର ପଦ୍ମା କରିଥାଏ ସେଦିନ କିନ୍ତୁ ସେ ଚା'ଟାକୁ ନନ୍ଦିତା ହିଁ କରିଥିଲା। ତେଣୁ ପଦ୍ମାର ରାଗ ବା ଯାହାକୁ ଅଭିମାନ ମଧ୍ୟ କୁହାଯାଇପାରେ, ସେଯାଏ ମୁଣ୍ଡରୁ ଉହ୍ଲେଇ ନଥିଲା, ସେଇଟା ସ୍ପଷ୍ଟ ହେଇଯାଇଥିଲା।

ଚା' ପିଇସାରି ଚନ୍ଦ୍ରମଣି ସିଧା ବେଡ଼ରୁମ୍‌କୁ ଗଲା ଏବଂ ପେଣ୍ଟ ସାର୍ଟ ଖୋଲିଲା। ଏଥର ପଦ୍ମା ପୁଣିଥରେ ନନ୍ଦିତାକୁ ପଠାଇଲା। ଗଲୁ ପଚାରିବୁ ଏତେ ଡେରି କାହିଁକି ହେଲା।

ତୁମେ ଯାଉନ। ସେ ତ ଏବେ ସାଷ୍ଟମ ହେଲେଣି। ନିଶ୍ଚୟ କିଛି ଗୋଟାଏ ଜରୁରୀ କାମରେ ଅଟକି ଥିବେ ନା। ସେ କଅଣ ଆଉ ସିନେମା ଦେଖି ଯାଇଥିବେ କି ?

Digitized by srujanika@gmail.com

ପଡ଼ିଶା ଘରୁ ଶାନ୍ତି ଦେଈ ପଶି ଆସିଲେ। ଶାନ୍ତି ଦେଈଙ୍କ ସ୍ୱାମୀ ମଧ୍ୟ ସେଇ ଅଫିସରେ କାମ କରନ୍ତି। ରଘୁନାଥ ବୟସରେ ଚନ୍ଦ୍ରମଣିଠାରୁ ସାତ ଆଠ ବର୍ଷର ବଡ଼। ସେଇ ହିସାବରେ ଶାନ୍ତି ଦେଈ ମଧ୍ୟ ପଦ୍ମାଠାରୁ ପାଞ୍ଚସାତ ବର୍ଷ ବଡ଼ ହେବେ। ଚନ୍ଦ୍ରମଣି ବାବୁ ଆସିଲେଣି ପରା ? ତେବେ ଇଏ କୁଆଡ଼େ ଗଲେ ? ଶାନ୍ତି ଦେଈ ପଚାରିଲେ।

ପଦ୍ମା ଗୁମ୍ ମାରି ଠିଆ ହେଇଗଲା। ତେବେ ରଘୁନାଥ ଭାଇନା ଏଯାଏ ଆସି ନାହାନ୍ତି ? କିନ୍ତୁ କାହିଁକି ?

ପଦ୍ମା ଏଯାଏ ଭାବୁଥିଲା ଚନ୍ଦ୍ରମଣି ହୁଏତ ସାଙ୍ଗସାଥି ମେଳରେ ତାସ୍ ଖେଳରେ ଅଟକିଯାଇଚି। ତାସ୍ ଖେଳକୁ ପଦ୍ମା ବଡ଼ ଘୃଣା କରେ। ସଞ୍ଜ ହେଲେ ଦଳେ ବସି ଯାଆନ୍ତି ଲାଇଟ ପୋଷ୍ଟ ତଳେ। ସେମିତି ଆଉ ଗୋଟିଏ ଖଟି ବି ଅଛି ଅଫିସରେ। ଚନ୍ଦ୍ରମଣି ତାସ୍ ପ୍ରିୟ। ପଦ୍ମା କୁହେ ତାସ୍ ଅଳସୁଆଙ୍କ ଖେଳ।

ଚନ୍ଦ୍ରମଣି ଭାବେ ଏଥିରେ ବା ଦୋଷ କଅଣ ଅଛି ? ସେ ତ ଆଉ ଗୁଲି ଗପ କରୁ ନାହିଁ। କୌଣସି ମନ୍ତ୍ରୀ କି ଅଫିସର କି ତାଙ୍କ ସ୍ତ୍ରୀଙ୍କ ବିଷୟରେ ଗପ କରୁ ନାହିଁ। ରାଜନୀତିକୁ ସେ ବହୁତ ଘୃଣା କରେ। ସମୟ ତେବେ କେମିତି ବିତିବ ?

ତା'ର ସେଇ ଗୋଟିଏ ଅଭ୍ୟାସ, ତାସ୍।

କିନ୍ତୁ ଶାନ୍ତି ଅପା କଅଣ କହୁଚନ୍ତି ? ରଘୁନାଥ ଭାଇନା ତେବେ ଆହୁରି ପଛରେ ? ଆଶ୍ଚର୍ଯ୍ୟ। ପଦ୍ମାର ମନଟା ନରମି ଗଲା। ମିଛଟାରେ ସେ ଗରଗର ହେଲା। ନନ୍ଦିତା ପଢ଼ା ଛାଡ଼ି ଉଠି ଆସିଲା ଭାଉଜ ପାଖକୁ। ତୁମ ପାଇଁ ମୁଁ ବି ବିରକ୍ତ ହେଲି। ତୁମେ ସରି କୁହ।

କାହାକୁ ? ତୁମକୁ ନା ଭାଇନାଙ୍କୁ ?

ଆମ ଦୁଇ ଜଣକୁ।

ବେଶ୍, ରାଜି ଅଛି। ଆଗ କାରଣଟା ଜାଣିସାରେଁ।

କିଲୋ, ତମେ ସବୁ ଏମିତି କଅଣ ହଉଚ ? ବାବୁ କୁଆଡ଼େ ଗଲେ ?

ଚନ୍ଦ୍ରମଣି ଲୁଙ୍ଗି ପିନ୍ଧି ଏବଂ ତଉଲିଆ ଖଣ୍ଡେ କାନ୍ଧରେ ପକେଇ ବାହାରି ଆସିଲା। ତମେ ଭାଉଜ ଜାଣନା କି ଆମର ଅଫିସରେ କାହିଁକି ଡେରି ହେଲା ?

ଆରେ ତୁମେ ଆମକୁ ସେ କଥା କାହିଁକି ପଚାରୁଛ ? ଆମ ଘରେ କଅଣ ଟେଲିଫୋନ୍ ରଖିଛୁ ନା ଆମେସବୁ ମୋବାଇଲିବାଲୀ ହେଇଚୁ ? ଖବର ଆମେ କେମିତି ପାଇବୁଁ। ତମେ ଏବେ କହୁନ ଇଏ କୁଆଡ଼େ ଗଲେ ? ଘନାର ଆଜି ଟିଉସନ ବନ୍ଦ ହେଇଗଲା। ଆଉ ଦି'ମାସ ପରେ ପରୀକ୍ଷା। ସେ ମୁହଁ ଶୁଖେଇ ବସିଚି।

ଅସଲ କଥା ହେଲା ଆଜି ଆମର ନୂଆ ଅଫିସର ଆସିଲେ। ସେ ଅଫିସ ନ

Digitized by srujanika@gmail.com

ଛାଡ଼ିବା ଯାଏ ଆମେ କେମିତି ଆସିଥାଅନ୍ତୁ ?

ନୂଆ ଅଫିସରଙ୍କ ସହିତ ତମର ସମ୍ପର୍କ କଅଣ ? ତାଙ୍କ କଥା ବୁଝିବା ପାଇଁ ବାବୁ, ବଡ଼ବାବୁ, ହେଡ଼ବାବୁ କେତେ ଅଛନ୍ତି । ବୁଝିଲି, ଇଏ ତେବେ ତାଙ୍କ ଘରକୁ ଯାଇଥିବେ । ମୋର ସେଥିରେ ଆପତ୍ତି ନାହିଁ । କିନ୍ତୁ ଏଠି ଘନାର ପଢ଼ା ବନ୍ଦ ।

ତମ ଏସୋସିଏସନ୍ ପରା ନିୟମ କରିଚି ସାହେବଙ୍କ ଘରକୁ କେହି ଯିବେନି । ଅଫିସରେ ପାଞ୍ଚ ବାଜିଲା ମାତ୍ରେ ଘରକୁ ଆସିବ ? ପଦ୍ମା କହିଲା ।

ନିୟମ ତ ହେଇଚି । ନିୟମ ବି ଅଛି ଜରୁରୀ କାମ ପାଇଁ ଅଟକିଲେ ଓଭର ଟାଇମ୍ ମିଳିବ । କିନ୍ତୁ ସେ ସବୁ ନିୟମର କଥା । ସରକାର ସବୁବେଳେ ନିୟମରେ ଚାଲେ ? ନିୟମ ତା ବାଟରେ, ସରକାର ତା ବାଟରେ । ଏଇଟା ପ୍ରକୃତ ନିୟମ । କିଏ ଜାଣେନି ?

ହଉ ମୁଁ ଯାଉଚି । ଆଜି ତେବେ ଇଏ ଆସିବେ ରାତି ଦଶଟାରେ ।

ନା, ଚନ୍ଦ୍ରମଣି ଆଶ୍ୱାସନା ଦେଲା । ଏତେ ଡେରି ହେବ ନାହିଁ । ଅଫିସର ସବୁ ବାବୁ, ବଡ଼ବାବୁ ବି ସାହାବଙ୍କ ବଙ୍ଗଳାକୁ ଯାଇଚନ୍ତି ।

ଏତିକିବେଳେ ସାଇକେଲ ଘଣ୍ଟି ଶବ୍ଦଟିଏ ଶୁଭିଲା ।

ହେଇ ତ, ରଘୁଭାଇନା ଆସିଗଲେ ।

ଚତୁର୍ଥଶ୍ରେଣୀ କର୍ମଚାରୀଙ୍କ ଘର ସବୁ ହେଉଚି ଗୋଟିଏ ଲାଇନ୍‌ରେ । ସମସ୍ତଙ୍କର କମନ ୱାଲ୍ । ଉପରେ ଆଜବେଷ୍ଟସ୍ । ତା' ଉପରେ ମାଡ଼ିବସିଚି ନାଉ ନଚେତ କଖାରୁ ନଟା । ଅନେକ ଜାଗାରେ ନାଉ ଓ କଖାରୁର ସହାବସ୍ଥାନ । ଏତେ ଆତ୍ମୀୟପଣ ଯେ କିଏ କୋଉଥିରେ ଫଳିଚି ଜାଣି ହୁଏନି । ପାଚେରୀ ତ ନଥାଏ । ସବୁଘର ଗୋଟିଏ ଘର ପରି ନାଉ କଖାରୁଙ୍କର ବି ଗୋଟିଏ ଘର ।

ଶାନ୍ତି ଦେଇ ତାଙ୍କ ଘର ଆଗକୁ ଆସିଗଲେ । ତାଙ୍କ ପଛେ ପଛେ ଚନ୍ଦ୍ରମଣି ଓ ପଦ୍ମା ମଧ୍ୟ ।

ଭାଇନା ଆଗ ଭାଉଜଙ୍କୁ ଶାନ୍ତ କର, ତା'ପରେ ଘରକୁ ପଶିବ । କହିଲା ଚନ୍ଦ୍ରମଣି ହସି ହସି ।

ସେ କଥା ତ ମୁଁ ଜାଣେ । କିନ୍ତୁ ସେମାନେ କେତେ ଜାଣନ୍ତି ସରକାରୀ ଚାକିରିଟା କଅଣ ? ସେତକ ଯଦି ସେମାନେ ଜାଣୁ ଥାଆନ୍ତେ...

ହଉ ହେଲା, ଆମେ ଜାଣିନୁ ସରକାରଟା କଅଣ ? ଭଲ କଥା । ତମେ ତ ବେଶି ଜାଣିଚ । ଏବେ କୁହ - ଚନ୍ଦ୍ରମଣି ତ କେବେଠୁ ଆସିଲେଣି । ଅନ୍ୟମାନେ ବି ଘରକୁ ଗଲେଣି, ତମେ କଅଣ କରୁଥିଲ ? ଶାନ୍ତି ପଚାରିଲେ ଅନ୍ୟମାନେ ବି ଉଦ୍‌ଗ୍ରୀବ ଉତ୍ତର

Digitized by srujanika@gmail.com

ଶୁଣିବା ପାଇଁ।

ସାହେବଙ୍କ କୁକୁର ଦେହ ଖରାପ। ସେ ଟିକିଏ ରହି ସାଇକେଲରେ ଆସିଥିବାରୁ ଦମ୍ ନେଲେ, ତା'ପରେ କହିଲେ ବାପ୍‌ରେ, କି କୁକୁର ସିଏ। କୁକୁର ନା ମହାବଳ ବାଘ। ମୁଁ ତ କଲିକତା ଚିଡ଼ିଆଖାନାରେ ମହାବଳ ବାଘ ଦେଖିଚି। ଏ କୁକୁର ତାକୁ ବଳକା। ତା ଆଖି, ଲାଙ୍ଗୁଡ଼, ବାଘ ନୁହେଁ ତ ଆଉ କଅଣ ?

ସେ ଚନ୍ଦ୍ରମଣିଙ୍କୁ ଇଙ୍ଗିତ କରି କହିଲେ, ତୁମେ ଆସିଗଲା ପରେ ସାର୍ ଯେତେବେଳେ ବଡ଼ବାବୁଙ୍କୁ ତାଙ୍କ କୁକୁର କଥା କହିଲେ ସେତେବେଳେ ଆମେ ସମସ୍ତେ କହିଲୁ ଯାଇ ଦେଖି ଆସିବା।

ତମେ ସମସ୍ତେ କୁକୁର ଦେଖିବାକୁ ଯାଇଥିଲ ?

ତୁମେ କହିବନି କାହିଁକି ? ସେଇଟା କୁକୁର ନୁହେଁ। ମଣିଷଠୁ ବଳକା। ପଚାର କେମିତି ? ଆମେ ଗଲା ମାତ୍ରେ ସେ ଆମକୁ ଦେଖିଲ। ତା'ପରେ ସାର୍‌ଙ୍କୁ ଦେଖିଲା। କଅଣ ବୁଝିଲା କେଜାଣି ଚୁପ୍‌ଚାପ୍ ଗୋଟାଏ ଜାଗାରେ ବସିଲା। ଦୁଇଟା ଗୋଡ଼ ଆଗରେ।

ତା'ପରେ ?

ତା'ପରେ ଆଉ କଅଣ ? ଆମେ ବୁଝିଗଲୁଁ ତା'ର ଗୋଟାଏ ଅଫିସରିଆ ଢ଼ଙ୍ଗ ଅଛି। ଇଏ ସାଧାରଣ କୁକୁର ନୁହେଁ।

ଶାନ୍ତି ହସିଦେଲେ। ହଉ ଛାଡ଼ ସେ କଥା। ଯାଅ ହାତ ଗୋଡ଼ ଧୁଅ।

ପରଦିନ ଚନ୍ଦ୍ରମଣି ଦେଖିଲା ରଘୁନାଥ ଆଠଟା ବେଳୁଁ ସାଇକେଲ ବାହାର କଲେଣି। ସେ ଆଶ୍ଚର୍ଯ୍ୟ ହେଲା। ଏତେ ଆଗରୁ କଅଣ ? ତୁମେ ସାହାବଙ୍କ ବଂଗଳାକୁ ଯିବ ? ବଡ଼ବାବୁ କହିଛନ୍ତି ?

ନା ସେ କଥା ନୁହେଁ। ସାହାବ ଆଜି ଜଲ୍‌ଦି ଅଫିସ ଆସିବେ। ସେ ସାଇକେଲ ମାରି ଚାଲିଗଲା।

କି ଆଶ୍ଚର୍ଯ୍ୟ, ସାହାବ ଜଲ୍‌ଦି ଅଫିସ ଆସିବେ। ଅଥଚ ସେ ଏ କଥା ଜାଣି ନାହିଁ। ରଘୁ ଭାଇନା ଏ କଥା ତାକୁ ତ କାଲି କହିପାରି ଥାଆନ୍ତେ। ଚନ୍ଦ୍ରମଣି ଗାଧୋଇ ସାରି ବାହାରେ ଦଉଡ଼ିରେ ଲୁଗା ଶୁଖାଉଥିଲା। ରଘୁର ଏତେ ଆଗରୁ ଯିବାର ଦେଖି ତା ମନରେ ସନ୍ଦେହ ହେଲା। ସାହାବ ନିଶ୍ଚୟ ଆହୁରି କିଛି ଅଧିକ ନିର୍ଦ୍ଦେଶ ଦେଇଥିବେ। ସେ ହୁଏତ କହୁନି। ସମସ୍ତେ ଆଗରୁ ଯାଇଥିବାବେଳେ ଚନ୍ଦ୍ରମଣି କେମିତି ପଛରେ ପଡ଼ିଥିବ ?

ଏଇଟା ତେବେ ବଡ଼ବାବୁର କାରସାଦି। ସେ ରଘୁକୁ ଟିକିଏ ବେଶି ଭଲ ପାଆନ୍ତି। ଭାଇନା ବରାବର ବଡ଼ବାବୁଙ୍କ ପାଇଁ ପାନ ଦୋକାନରୁ ଭଲ ବିରିକୋଳି ପାନ ଶସ୍ତାରେ

Digitized by srujanika@gmail.com

ନେଇ ତାଙ୍କୁ ଦିଏ । ଏଥିପାଇଁ ଅନେକ ସମୟରେ ହାତରୁ ମଧ୍ୟ ଖର୍ଚ୍ଚ କରେ ।

ବଡ଼ ବାବୁଙ୍କର ସେ ସୁନା ପୁଅ ।

ବଡ଼ବାବୁ ଯଦି ସାହାବଙ୍କୁ କୁହେ ଯେ ଚନ୍ଦ୍ରମଣିଟା ବିଶ୍ୱାସ ଯୋଗ୍ୟ ଲୋକ ନୁହେଁ । ରଘୁଟା ବହୁତ ଭଲ ।

ସେ ତରତରରେ ଘର ଭିତରକୁ ପଶିଗଲା । ଓଦା ଗାମୁଛାରେ ବରାବର ସେ ଠାକୁର ପୂଜା କରେ । ସେଦିନ କିନ୍ତୁ ଅତି ସଟ୍‌କଟ୍‌ରେ ପୂଜା ସାରି ଦେଇ ପେଣ୍ଟ ସାର୍ଟ ପିନ୍ଧି ପକେଇଲା ।

ଇଏ କଅଣ ? ତୁମେ ଏତେବେଳୁ ବାହାରି ପଡ଼ିଲଣି ? ପଦ୍ମା ପଚାରିଲା । ତରକାରୀ ପରା ଶିଝୁଛି ।

ମୋର ମନେ ନ ଥିଲା, କାଲି ବଡ଼ବାବୁ ଆଗରୁ ଯିବାକୁ କହିଥିଲେ । ମୋତେ ତୁମେ ଖାଇବାଟା ଆଜି ଟିଫିନ ଡବାରେ ଦେଇ ଦିଅ । ମୁଁ ଅଫିସରେ ଖାଇ ନେବି ।

ଅଫିସରେ ପହଞ୍ଚି ଚନ୍ଦ୍ରମଣି ଦେଖିଲା ବଡ଼ବାବୁ ପାଣି ଗ୍ଲାସେ ନେଇ ସାହାବଙ୍କ ଅଫିସ ଭିତରକୁ ପଶୁଚନ୍ତି । ତେବେ ଭାଇନା କୁଆଡ଼େ ଗଲେ ?

ଅଫିସ ଖାଲି । ଏ ଯାଏ କେହି ଆସି ନାହାନ୍ତି ।

ବଡ଼ବାବୁ ସାହାବଙ୍କ ଅଫିସ ଭିତରେ ଅଟକିଗଲେ । ତେବେ ସେ ଟେବୁଲଟାକୁ ପୋଛାପୋଛି କରୁଚନ୍ତି ବୋଧେ । ଭାଇନାକୁ ଯଦି ବଡ଼ବାବୁ ସାହାବଙ୍କ ଘରକୁ ପଠାଇଥିବେ ତେବେ ଏ କାମ ଆଉ କିଏ କରିବ ?

ଚନ୍ଦ୍ରମଣି ଆଉ ଅପେକ୍ଷା କଲା ନାହିଁ । ସେ ସିଧା ପୋର୍ଟିକୋ ପାଖରେ ଯାଇ ଠିଆ ହେଲା । ସାହାବ ଆସିଲେ ଗାଡ଼ିରୁ ଓହ୍ଲାଇଲାବେଳେ ତାଙ୍କ ବ୍ରିଫ୍‌କେଶଟିକୁ ଧରି ନେବାକୁ ହେବ । ସେ ଯେ ଏମିତି ଗୋଟାଏ ସୁଯୋଗ ପାଇଯିବ ସେ କଥା ସେ ଚିନ୍ତା ମଧ୍ୟ କରି ନଥିଲା । ସେ ଭାବିଲା ଭାଇନା ସିନା ତା ସହିତ ଛଳନା କରି ଚାଲି ଆସିଲେ । ଭାବିଥିବେ ସାହାବଙ୍କ ନଜରରେ ଆଗରୁ ପଡ଼ି ଯିବେ ।

କିନ୍ତୁ ଏବେ ଭଗବାନ ତାକୁ ସୁଯୋଗଟା ତା ହାତରେ ଆଣି ଗୁଞ୍ଜି ଦେଲେ । ସେ ସ୍ଥିର ନିଶ୍ଚିତ ହେଇଗଲା ଯେ ଭାଇନା ଯୋଉଠିକି ଯିବେ ଯାଆନ୍ତୁ ଅଫିସ୍‌ରେ ସେ ହିଁ ହେବ ସାହାବଙ୍କ ପାଖ ଲୋକ । ଥରେ ସାହାବଙ୍କ ବ୍ରିଫକେଶ୍ ଧରି ଗାଡ଼ି ପାଖରୁ ଅଫିସ ଯାଏଁ ଗଲେ ଆଉ ଚିନ୍ତା ନାହିଁ ।

ଚନ୍ଦ୍ରମଣି ପୋର୍ଟିକୋ ପାଖରେ ଠିଆ ହେଇ ରହିଲା । ସେ ଠିକ୍ କରି ନେଲା କୋଉ ପଟରୁ ଗାଡ଼ି ଆସି କୋଉଠି ଠିଆ ହେବ ଏବଂ ସେ କୋଉ ପଟରେ ରହି ଗାଡ଼ିର

Digitized by srujanika@gmail.com

ଦରଜା ଖୋଲି ଧରିବ। ତା'ପରେ ବ୍ରିଫ୍‌କେଶ୍।

ଚନ୍ଦ୍ରମଣି ସେଇଠି ଠିଆ ହେଲା। ସେ ଘଡ଼ିକୁ ଦେଖିଲା।

ନଅ।

ଦଶ।

ଏଗାର। ହେଇ ସାହାବଙ୍କ ଗାଡ଼ି ଗେଟ୍ ଭିତରେ ପଶିଲା। ହଁ, ଠିକ୍ ସାହାବ ପଛ ସିଟ୍‌ରେ ବସିଚନ୍ତି। ଡ୍ରାଇଭର ଗାଡ଼ି ଚଳଉଛି। ସେ ତାର ନିଜ ପଜିସନ ଦେଖି ନେଲା। ନିଜ ସାର୍ଟ ପେଣ୍ଟ ମଧ୍ୟ ଦେଖିନେଲା। ସାହାବ ମୁଣ୍ଡରେ ଚନ୍ଦନ ଟିପାଟିଏ ଲଗାନ୍ତି ବୋଲି ଆଜି ବଡ଼ବାବୁ ମଧ୍ୟ ଚନ୍ଦନଟିପା ଲଗେଇଛନ୍ତି। ସେ ଯଦି ଜାଣି ଥାଆନ୍ତା ଘରୁ ସେ ମଧ୍ୟ ଲଗେଇ ଆସିଥାଆନ୍ତା। କିନ୍ତୁ ରଘୁ ଭାଇନା ତ କାହିଁ ଲଗେଇ ନଥିଲେ। ହଉ ସେ କାଲିଠୁ ଲଗେଇ ଆସିବ।

ଚନ୍ଦ୍ରମଣି ଦେଖିଲା ହଠାତ୍ ଗାଡ଼ି ପୋର୍ଟିକୋ ଆଡ଼କୁ ନ ଆସି ଅନ୍ୟ ଆଡ଼କୁ ଯାଉଚି। ଡ୍ରାଇଭର ଜାଣିପାରିଲାନି କି ଆଉ? କେମିତି ଡ୍ରାଇଭର ମ? ଗାଡ଼ିଟା ଚିଫ୍‌ଙ୍କ ଅଫିସ ଆଡ଼କୁ ଯାଉଚି। ଡ୍ରାଇଭର ସାହାବଙ୍କୁ ଭୁଲ୍ ଜାଗାକୁ ନେଉଚି।

ସେ ଦଉଡ଼ିଲା ଗାଡ଼ି ପଛରେ। ନୂଆ ଅଫିସର ପ୍ରମୋଶନ ପାଇ ଆସିଛନ୍ତି। ନିଜ ଅଫିସକୁ ବାଟ ପାଇ ନଥିବେ। ସେ ଦଉଡ଼ିଲା। ଆହୁରି ଜୋରରେ ଦଉଡ଼ିଲା।

କିନ୍ତୁ କାର୍ ପଛରେ ବା କେତେ ଦଉଡ଼ି ପାରିବ?

ତଥାପି ଦଉଡ଼ିଲା। ଗୋଟାଏ ବିରାଟ ଅଫିସ ସାମନା ପୋର୍ଟିକୋରେ ଗାଡ଼ି ଅଟକିଲା। ସାହାବ ସେଠି କାର୍‌ରୁ ଓହ୍ଲେଇ ଅଫିସ୍ ସାମ୍ନାରେ ପହଞ୍ଚିଲାବେଳକୁ ଚନ୍ଦ୍ରମଣି ଧଇଁସଇଁ ହେଇ ଆସୁ ଆସୁ ଦେଖିଲା ଅନ୍ୟ ଦିଗରୁ ଆସି ଚିଫ୍ ସାମ୍ନାରେ ଠିଆ ହେଇଚନ୍ତି।

ସାହାବ ତାଙ୍କୁ ମୁଣ୍ଡ ନୁଆଇଁ ନମସ୍କାର କଲେ।

ଓଃ ତୁମେ ଜଏନ କଲଣି? ବୋଧେ ଅନ୍ ପ୍ରମୋଶନ? ଗୁଡ୍, ଉଇସ୍ ଇଉ ଗୁଡ୍ ଲକ୍। ହଉ ଯାଅ। ପରେ ଆସିବ। ଏଠି କାହିଁକି ଘରକୁ ଆସ। ସାହାବ ଦୁଇହାତ ମଳି ମଳି କହିଲେ, ମୁଁ ସେଇ କଥା କହିବାକୁ ଯାଉଥିଲି।

ଚନ୍ଦ୍ରମଣି ପଛରେ ଠିଆ ହୋଇ ଭାବୁଥିଲା ସାହାବ କେତେ ଭଦ୍ର, ନମ୍ର।

❑❑

Digitized by srujanika@gmail.com

ଆମେରିକା

ମୁଁ ସେଦିନ ଘନ ମଉସାଙ୍କ ଘରେ ପହଞ୍ଚି ଯାହା ଦେଖିଲି ଆଶ୍ଚର୍ଯ୍ୟ ନ ହେଇ ରହିପାରିଲିନି। ଘରଟି ଆନନ୍ଦ ମୁଖର। ଏ କଥା ରାସ୍ତା ଉପରୁ ହିଁ ଜଣାପଡ଼ିଥିଲା। ଅତିଥି ଅଭ୍ୟାଗତ କିଛି ଥିଲେ ବୋଲି ମଧ୍ୟ ଜଣାପଡୁଥିଲା। ଗେଟ୍ ସାମନାରେ ବେଶ୍ ସାତ ଆଠଟା ସ୍କୁଟର ଓ ସାଇକେଲ। ଭିତରକୁ ପଶିବା ମାତ୍ରେ ବାରଣ୍ଡାରେ ଜୋତାର ଭିଡ଼। ଛୋଟରୁ ବଡ଼, ସେଥିରେ ପୁଣି ତିନି ଚାରିଟା ହାଇ ହିଲ୍ ଥିବା ଜୋତା। କଅଣ ପାଇଁ ଏମିତି ଏକ ଉତ୍ସବର ଆୟୋଜନ ବୁଝି ହେଉନଥିଲା। ଖମେଶ୍ୱର ପରି ଗୋଟିଏ ଛୋଟ ସହରରେ ଯୋଉଠି ଜିରାଟିଏ ଫୁଟିଲେ ମଧ୍ୟ ପାଞ୍ଚ ସାତ ଘର ଲୋକ ଜାଣିପାରନ୍ତି ସେଠି ଏମିତି ଗୋଟାଏ ଉତ୍ସବାନୁଷ୍ଠାନର ଆୟୋଜନ ହେବା ପୂର୍ବରୁ ଜାଣି ନ ହେବା ନିଶ୍ଚୟ ଆଶ୍ଚର୍ଯ୍ୟର କଥା। ତା ଛଡ଼ା ବିଶେଷ କରି ଘନ ମଉସାଙ୍କ ସହିତ ମୋର ଯୋଉ ଘନିଷ୍ଠ ସଂପର୍କ ସେଥିରେ ରାତ୍ରୀର ଗଭୀର ଗୋପନତା ଭିତରେ ଇମିତି କଅଣ ଅସ୍ୱାଭାବିକ ଭାବେ ଘଟିଗଲା ଯେ ତାର ସୂଚନା ମୋତେ ମିଳିଲାନି।?

ବାହାରେ ଗେଟ୍ ପାଖରେ ଥିବା ସ୍କୁଟିରୁ ଯାହା ଅନୁମାନ କରିଥିଲି ତାର କନଫରମେସନ୍ ମୋତେ ମିଳିଗଲା ଦୁଆର ମୁହଁ ପାଖରେ ଥିବା ହିଲ୍ ଯୋତାମାନଙ୍କରୁ। ସେ ସବୁର ରଂଗ ଓ ଷ୍ଟାଇଲ ଏବଂ ସର୍ବୋପରି ତାର ସାଇଜମାନଙ୍କୁ ମୋର ଭିତରକୁ ପଶିବାର ଇଚ୍ଛାମାନେ ମୋତେ ପଛରୁ ଧକ୍କା ମାରୁଥିଲେ ମୁଁ ସହ୍ୟ କରିପାରୁ ନ ଥିବା ଶକ୍ତିରେ।

ଘନ ମଉସା ମୋ ନିଜ ମଉସା। ବାପାଙ୍କ ନିଜ ସାନ ଷଢୁ। ଖମେଶ୍ୱର ସହରରେ

Digitized by srujanika@gmail.com

ସେ ରହିଲେଣି ଦଶ ପନ୍ଦର ବର୍ଷ ହେଲା । ବ୍ଲକ୍ ଅଫିସରେ କାମ କରୁକରୁ ସେ ଏଇଠି ପାଞ୍ଚ ଡିସିମିଲ ଜାଗା କିଣି ଘରଟିଏ କରି ରହି ଆସୁଛନ୍ତି । ଘର ବି ସେମିତି କିଛି ନୁହେଁ । ମାତ୍ର ତିନି ବଖୁରିଆ ଘର ପାଇଁ ତାଙ୍କୁ ଆକ୍ଳାନ୍ତ ପରିଶ୍ରମ କରିବାକୁ ପଡ଼ିଛି ତିନି ବର୍ଷ ପର୍ଯ୍ୟନ୍ତ । ମୋ ଜାଣିବାରେ ସେ ନିଜେ ସାଇକେଲରେ ସିମେଣ୍ଟ ବସ୍ତା ବହିଚନ୍ତି ଅନେକ ସମୟରେ କେବଳ ଆଣିବା ଖର୍ଚ୍ଚ ରକ୍ଷା କରିବା ଉଦ୍ଦେଶ୍ୟରେ ନୁହେଁ ମିସ୍ତ୍ରୀର ହାତ ବନ୍ଦ ହେବାକୁ ଡରି ।

ଗୋଟିଏ ମଧ୍ୟବିତ୍ତ ପରିବାରର ମୋ ମଉସା । ଘରେ ଲୋକ ସଂଖ୍ୟା ମଧ୍ୟ କମ । ଗୋଟିଏ ପୁଅ ଓ ଗୋଟିଏ ଝିଅ । ପୁଅ ସଂଜୟ ସେତେବେଳେ ଇଂଜିନିଅରିଂ ପଢୁଥିଲା ଆଉ ଝିଅ ସଂଗୀତା ମାଟ୍ରିକରେ । ଦୁହେଁ ଅବଶ୍ୟ ଭଲ ପଢୁଥିଲେ । ମୋଧାବୃତ୍ତି କେବେ ବି ସେମାନଙ୍କୁ ଛାଡ଼ିନି । ତା ନ ହେଲେ ମାତ୍ର ସାତ ଆଠ ହଜାର ଟଙ୍କା ଦରମା ପାଉଥିବା ମଉସା କେବେ ବି ପାରିନଥାଆନ୍ତେ । ଗାଁରେ ପୁଣି ତାଙ୍କ ବାପା ମାଆ ।

ମୁଁ ବାଲେଶ୍ୱର କଲେଜରେ ପଢୁଥିବା ବେଳେ ଥରେ ତାଙ୍କ ଖମେଶ୍ୱର ଘରକୁ ଯାଇଥିଲି ଖରାଛୁଟିରେ । ସେତେବେଳେ ସେ ଗୋଟିଏ ଭଡ଼ା ଘରେ ରହୁଥିଲେ । ମୁଁ ସହରରେ ସାଇକେଲଟିଏ ଧରି ବୁଲାବୁଲି କରି ସାରିଲା ପରେ ଫେରିଲା ବେଳକୁ ରାସ୍ତାରେ ତାଙ୍କ ଅଫିସରେ ପଶିଗଲି । ଶୁଣିଥିଲି ତାଙ୍କ ଅଫିସ ଅଗଣାରେ ଦୁଇଟି ବିରାଟ ଜାମୁ ଗଛ ଅଛି ଏବଂ ସେଥିରୁ ଖୁବ୍ ବଡ଼ ବଡ଼ ମିଠା ଜାମୁ ହେଇଥିଲା । ଜାମୁ ପ୍ରତି ମୋର ଲୋଭ ପ୍ରବଳ । ମୁଁ ଯେତେବେଳେ ଅଫିସରେ ତାଙ୍କ ସିଟ୍ ପାଖରେ ପହଞ୍ଚିଲି ଦେଖିଲି ତାଙ୍କ ଟିଫିନ ଡ଼ବା ତାଙ୍କ ଟେବୁଲ ଉପରେ ଥୁଆ ହେଇଚି ଏବଂ ସେ ନିଜେ ବୋଧେ ବାଥରୁମ୍ ଭିତରେ ଅଛନ୍ତି । ମୁଁ ପାଖ ଚେୟାରରେ ବସି ପଡ଼ି କୌତୂହଳ ବଶତଃ ତାଙ୍କ ଟିଫିନ ଡ଼ବାଟିକୁ ଖୋଲି ପକାଇଲି । ଡ଼ବା ଭିତରଟାକୁ ଦେଖିଲା ପରେ ମୋ ମନଟା ଫିକା ପଡ଼ିଗଲା । ଡବାରେ ଅଧେ ଥିଲା ଭାତ ଏବଂ ତା ଉପରେ ଠିକ୍ ଦୁଇଖଣ୍ଡ ବାଇଗଣ ଭଜା, ଗୋଟିଏ ଲଙ୍କା, ଖଣ୍ଡେ ପିଆଜ ଓ ତା ସହିତ ଟିକିଏ ମିକ୍ସଡ ଆମ୍ବ ଆଚାର ।

ମୁଁ ତାକୁ ଦେଖୁ ଦେଖୁ ସେ ଆସିଗଲେ । ଦୂରରୁ କହିଲେ ଆରେ ତୁ ତାକୁ କଅଣ ଦେଖୁଚୁ ?

ମୁଁ ଡବାଟା ବନ୍ଦ କରିଦେଲି । ଇଚ୍ଛା ନ ଥିଲେ ମଧ୍ୟ ସାମାନ୍ୟ ହସି କହିଲି ଆଚାର ବାସନାରେ...

ସେ ସେତେବେଳକୁ ସଂକୋଚିତ ହେଇ ପଡ଼ିଲେଣି । ମୋ ପାଖରେ ତାଙ୍କ ନିଜ

Digitized by srujanika@gmail.com

ଆମେରିକା

ମୁଁ ସେଦିନ ଘନ ମଉସାଙ୍କ ଘରେ ପହଞ୍ଚି ଯାହା ଦେଖିଲି ଆଶ୍ଚର୍ଯ୍ୟ ନ ହୋଇ ରହିପାରିଲିନି। ଘରଟି ଆନନ୍ଦ ମୁଖର। ଏ କଥା ରାସ୍ତା ଉପରୁ ହିଁ ଜଣାପଡ଼ୁଥିଲା। ଅତିଥି ଅଭ୍ୟାଗତ କିଛି ଥିଲେ ବୋଲି ମଧ୍ୟ ଜଣାପଡୁଥିଲା। ଗେଟ୍ ସାମନାରେ ବେଶ୍ ସାତ ଆଠଟା ସ୍କୁଟର ଓ ସାଇକେଲ। ଭିତରକୁ ପଶିବା ମାତ୍ରେ ବାରଣ୍ଡାରେ ଜୋତାର ଭିଡ଼ । ଛୋଟରୁ ବଡ଼, ସେଥିରେ ପୁଣି ତିନି ଚାରିଟା ହାଇ ହିଲ୍ ଥିବା ଜୋତା। କଅଣ ପାଇଁ ଏମିତି ଏକ ଉତ୍ସବର ଆୟୋଜନ ବୁଝି ହେଉନଥିଲା। ଖମ୍ଭେଶ୍ୱର ପରି ଗୋଟିଏ ଛୋଟ ସହରରେ ଯୋଉଠି ଢିରାଟିଏ ଫୁଟିଲେ ମଧ୍ୟ ପାଞ୍ଚ ସାତ ଘର ଲୋକ ଜାଣିପାରନ୍ତି ସେଠି ଏମିତି ଗୋଟାଏ ଉତ୍ସବାନୁଷ୍ଠାନର ଆୟୋଜନ ହେବା ପୂର୍ବରୁ ଜାଣି ନ ହେବା ନିଶ୍ଚୟ ଆଶ୍ଚର୍ଯ୍ୟର କଥା। ତା ଛଡ଼ା ବିଶେଷ କରି ଘନ ମଉସାଙ୍କ ସହିତ ମୋର ଯୋଉ ଘନିଷ୍ଠ ସଂପର୍କ ସେଥିରେ ରାତ୍ରୀର ଗଭୀର ଗୋପନତା ଭିତରେ ଇମିତି କଅଣ ଅସ୍ୱାଭାବିକ ଭାବେ ଘଟିଗଲା ଯେ ତାର ସୂଚନା ମୋତେ ମିଳିଲାନି। ?

ବାହାରେ ଗେଟ୍ ପାଖରେ ଥିବା ସ୍କୁଟିରୁ ଯାହା ଅନୁମାନ କରିଥିଲି ତାର କନଫରମେସନ୍ ମୋତେ ମିଳିଗଲା ଦୁଆର ମୁହଁ ପାଖରେ ଥିବା ହିଲ୍ ଯୋତାମାନଙ୍କରୁ। ସେ ସବୁର ରଂଗ ଓ ଷ୍ଟାଇଲ ଏବଂ ସର୍ବୋପରି ତାର ସାଇଜମାନଙ୍କୁ ମୋର ଭିତରକୁ ପଶିବାର ଇଚ୍ଛାମାନେ ମୋତେ ପଛରୁ ଧକ୍କା ମାରୁଥିଲେ ମୁଁ ସହ୍ୟ କରିପାରୁ ନ ଥିବା ଶକ୍ତିରେ।

ଘନ ମଉସା ମୋ ନିଜ ମଉସା। ବାପାଙ୍କ ନିଜ ସାନ ଷଢୁ। ଖମ୍ଭେଶ୍ୱର ସହରରେ

Digitized by srujanika@gmail.com

ସେ ରହିଲେଣି ଦଶ ପନ୍ଦର ବର୍ଷ ହେଲା। ବ୍ଲକ୍ ଅଫିସରେ କାମ କରୁକରୁ ସେ ଏଇଠି ପାଞ୍ଚ ଡିସିମିଲ ଜାଗା କିଣି ଘରଟିଏ କରି ରହି ଆସୁଛନ୍ତି। ଘର ବି ସେମିତି କିଛି ନୁହେଁ। ମାତ୍ର ତିନି ବଖୁରିଆ ଘର ପାଇଁ ତାଙ୍କୁ ଆକ୍ଳାନ୍ତ ପରିଶ୍ରମ କରିବାକୁ ପଡ଼ିଛି ତିନି ବର୍ଷ ପର୍ଯ୍ୟନ୍ତ। ମୋ ଜାଣିବାରେ ସେ ନିଜେ ସାଇକେଲରେ ସିମେଣ୍ଟ ବସ୍ତା ବହିଚନ୍ତି ଅନେକ ସମୟରେ କେବଳ ଆଣିବା ଖର୍ଚ୍ଚ ରକ୍ଷା କରିବା ଉଦ୍ଦେଶ୍ୟରେ ନୁହେଁ ମିସ୍ତ୍ରୀର ହାତ ବନ୍ଦ ହେବାକୁ ଡରି।

ଗୋଟିଏ ମଧ୍ୟବିତ୍ତ ପରିବାରର ମୋ ମଉସା। ଘରେ ଲୋକ ସଂଖ୍ୟା ମଧ୍ୟ କମ। ଗୋଟିଏ ପୁଅ ଓ ଗୋଟିଏ ଝିଅ। ପୁଅ ସଂଜୟ ସେତେବେଳେ ଇଂଜିନିଅରିଂ ପଢୁଥିଲା ଆଉ ଝିଅ ସଂଗୀତା ମାଟ୍ରିକରେ। ଦୁହେଁ ଅବଶ୍ୟ ଭଲ ପଢୁଥିଲେ। ମୋଧାବୃତ୍ତି କେବେ ବି ସେମାନଙ୍କୁ ଛାଡ଼ିନି। ତା ନ ହେଲେ ମାତ୍ର ସାତ ଆଠ ହଜାର ଟଙ୍କା ଦରମା ପାଉଥିବା ମଉସା କେବେ ବି ପାରିନଥାଆନ୍ତେ। ଗାଁରେ ପୁଣି ତାଙ୍କ ବାପା ମାଆ।

ମୁଁ ବାଲେଶ୍ୱର କଲେଜରେ ପଢୁଥିବା ବେଳେ ଥରେ ତାଙ୍କ ଖମ୍ଭେଶ୍ୱର ଘରକୁ ଯାଇଥିଲି ଖରାଛୁଟିରେ। ସେତେବେଳେ ସେ ଗୋଟିଏ ଭଡ଼ା ଘରେ ରହୁଥିଲେ। ମୁଁ ସହରରେ ସାଇକେଲଟିଏ ଧରି ବୁଲାବୁଲି କରି ସାରିଲା ପରେ ଫେରିଲା ବେଳକୁ ରାସ୍ତାରେ ତାଙ୍କ ଅଫିସରେ ପଶିଗଲି। ଶୁଣିଥିଲି ତାଙ୍କ ଅଫିସ ଅଗଣାରେ ଦୁଇଟି ବିରାଟ ଜାମୁ ଗଛ ଅଛି ଏବଂ ସେଥିରୁ ଖୁବ୍ ବଡ଼ ବଡ଼ ମିଠା ଜାମୁ ହେଉଥିଲା। ଜାମୁ ପ୍ରତି ମୋର ଲୋଭ ପ୍ରବଳ। ମୁଁ ଯେତେବେଳେ ଅଫିସରେ ତାଙ୍କ ସିଟ୍ ପାଖରେ ପହଞ୍ଚିଲି ଦେଖିଲି ତାଙ୍କ ଟିଫିନ ଡ଼ବା ତାଙ୍କ ଟେବୁଲ ଉପରେ ଥୁଆ ହୋଇଚି ଏବଂ ସେ ନିଜେ ବୋଧେ ବାଥରୁମ୍ ଭିତରେ ଅଛନ୍ତି। ମୁଁ ପାଖ ଚେୟାରରେ ବସି ପଡ଼ି କୌତୁହଳ ବଶତଃ ତାଙ୍କ ଟିଫିନ୍ ଡ଼ବାଟିକୁ ଖୋଲି ପକାଇଲି। ଡ଼ବା ଭିତରଟାକୁ ଦେଖିଲା ପରେ ମୋ ମନଟା ଫିକା ପଡ଼ିଗଲା। ଡବାରେ ଅଧେ ଥିଲା ଭାତ ଏବଂ ତା ଉପରେ ଠିକ୍ ଦୁଇଖଣ୍ଡ ବାଇଗଣ ଭଜା, ଗୋଟିଏ ଲଙ୍କା, ଖଣ୍ଡେ ପିଆଜ ଓ ତା ସହିତ ଟିକିଏ ମିକ୍ସଡ ଆମ୍ବ ଆଚାର।

ମୁଁ ତାକୁ ଦେଖୁ ଦେଖୁ ସେ ଆସିଗଲେ। ଦୂରରୁ କହିଲେ ଆରେ ତୁ ତାକୁ କଅଣ ଦେଖୁଚୁ ?

ମୁଁ ଡବାଟା ବନ୍ଦ କରିଦେଲି। ଇଚ୍ଛା ନ ଥିଲେ ମଧ୍ୟ ସାମାନ୍ୟ ହସି କହିଲି ଆଚାର ବାସନାରେ...

ସେ ସେତେବେଳକୁ ସଂକୋଚିତ ହେଇ ପଡ଼ିଲେଣି। ମୋ ପାଖରେ ତାଙ୍କ ନିଜ

Digitized by srujanika@gmail.com

ସିଟ୍‌ରେ ବସୁ ବସୁ ମୋତେ କହିଲେ ଏଇଟା ତୋ ବାପାର ପାଞ୍ଚ ଥାକିଆ ଷ୍ଟିଲ୍ ଟିଫିନ କେରିଅର ନୁହେଁରେ।

ସେ ହସୁଥିଲେ ସିନା ମୁଁ କିନ୍ତୁ କାନ୍ଦ କାନ୍ଦ ହୋଇ ଯାଉଥିଲି। ତା'ପରେ କହିଲି ମୁଁ ଭାବିଥିଲି ଆପଣ ମୋ ପାଇଁ ଜାମୁକୋଳି ରଖିଥିବେ।

ରଖିଚି। ଭୁଲି ଯାଇଚି ବୋଲି ଭାବୁଛୁ କି ? ନେଇଯା। ତା'ପରେ ସେ ଟେବୁଲ ତଳୁ ବାହାର କଲେ ଗୋଟାଏ ପ୍ଲାଷ୍ଟିକ ବେଗରେ କୋଳି। ଧରାଇ ଦେଲେ ମୋ ହାତକୁ। ମୁଁ ଦେଖିଲି ତିନି ଚାରି କିଲୋରୁ କମ୍ ନୁହେଁ। ଆଃ ମୁଁ ଖୁସି ହୋଇଗଲି। ତା'ପରେ ଉଠିଲି।

ଆରେ, ସେ କହିଲେ, ଦି'ଟା ବାଜିଲାଣି। ତୁ ଏଯାଏ ଖାଇନୁ ? ଯା ପଳା। ତେଣେ ମାଉସୀ ତୋତେ ଅନେଇ ବସିଥିବେ।

ସେ ଟିଫିନ ଡବାର ଗୋଟାଏ ସୁନ୍ଦର ତୈଳଚିତ୍ର ଏବେ ବି ମୋ ଭିତରେ ମହାରାଣୀ ଭିକ୍ଟୋରିଆଙ୍କ ମେମୋରିଆଲର ସଯତ୍ନ ସୁରକ୍ଷିତ ଆଇଟମ୍ ପରି ମାଡ଼ି ବସିଚି। ଏବଂ ସେ ଚିତ୍ରଟି ମୁଁ ଯେତେବେଳେ ଦେଖେ ମୋ ଆଖି ଜକେଇ ଆସେ। ଆଉ ଠିକ୍ ସେତିକିବେଳେ ମଉସାଙ୍କ ଦେବୋପମ ଓ ସ୍ନେହସିକ୍ତ ଚେହେରାଟା ମୋ ଆଗରେ ଠିଆ ହୋଇଯାଏ। ଠିକ୍ ସେମିତିବି ମାଉସୀ। ମୁଁ ଖାଉଥିଲା ବେଳେ ସେ ପାଖରେ ନିଶ୍ଚୟ ବସିବେ। କହିବେ, ତୋ ମାଆ ଅପେକ୍ଷା ଭଲ ରାନ୍ଧି ଆସେନି ରେ।

ସେଇ ସମୟରେ ମୋର ମନେହୁଏ ମୋ ମାଆ ଅପେକ୍ଷା ମାଉସୀ କେତେ ଭଲ।

ସେଇ ମଉସା ମାଉସୀଙ୍କ ଘରେ ଆଜି କୋଳାହଳ। ଏତେ ଲୋକ ଏତେ ଆଗରୁ ଆସିଗଲେଣି ଅଥଚ ମୁଁ ତା'ର ଟେର୍ ପାଇନି। ଲାଜର କଥା। ମାଉସୀ ସକାଳେ ଟେଲିଫୋନଟିଏ କରି କହିଦେଲେ ଯେ ତୁ ଟିକିଏ କଲେଜ ଯିବା ବାଟରେ ଆସିଯିବୁ। ମୁହଁ ମାରିଦେଇ ଯିବୁ।

ମୁଁ ଯେତେ ପଚାରିଲି କାରଣ କଅଣ ? ସେ କିଛି କହିଲେନି। ଆସିଲେ କହିବି।

ଏବେ ମଉସା ରିଟାୟାର କଲେଣି ତିନିବର୍ଷ ହେବ। ଝିଅର ପଢ଼ା ସରିବ। ସେ ଏମ୍‌ବିଏ କରୁଚି। ପୁଅ ପ୍ରକାଶ ଇଂଜିନିଅରିଂ ପରେ ଏମ୍‌ବିଏ କରି ଗୋଟାଏ ପ୍ରାଇଭେଟ୍ କମ୍ପାନୀରେ ଯୋଗ ଦେଇଚି। ତା' ପୂର୍ବରୁ ସାମାନ୍ୟ ମାତ୍ର ୧୫ ହଜାର ଦରମାରେ ଗୋଟାଏ ପ୍ରାଇଭେଟ କମ୍ପାନିରେ ଥିଲା।

ତେବେ କଅଣ ପ୍ରକାଶର ବାହାଘର ଠିକ୍ ହୋଇଗଲା। ନା ଝିଅ ନିର୍ବାଚନ ଅଛି ?

Digitized by srujanika@gmail.com

ଏମିତି କଅଣ ହେଇ ପାରେ ଯାହା ପାଇଁ ଏମିତି ଗହଳି ଚହଳି ? ସ୍ମିତାର ବାହାଘର ତ ଏବେ ହେବାର ପ୍ରଶ୍ନ ଉଠୁନି ।

ମୁଁ ଏଇ ବର୍ଷେ ହେବ ଏଠି ଗୋଟିଏ ସରକାରୀ କଲେଜରେ ଇଂଲିଶ ଡିପାର୍ଟମେଣ୍ଟରେ ଜଏନ କରିଚି । ଗୋଟିଏ ଭଡ଼ା ଘରେ ରହୁଚି । ଖିଆପିଆ ହୋଟେଲରେ ।

ମଉସାଙ୍କ ଘର ଭିତରକୁ ପଶିଯାଇ ଦେଖିଲି ମଉସା ମାଉସୀ ବସିଚନ୍ତି ସେଇ ପୁରୁଣା ସୋଫାରେ । ଆଖପାଖ ଘରୁ ଦୁଇ ଚାରି ଜଣ ଝିଅ ସ୍ମିତାର ସାଙ୍ଗ ହେବେ ବୋଧେ, ଆଉ କିଛି ପଡ଼ୋଶୀ ବି, ସେମିତି କିଛି ବସି ହୋ ହୋ ହସୁଛନ୍ତି ଓ ଖୁସି ଗପ ଜମେଇଛନ୍ତି । ମୋତେ ଦେଖି ଦୁଇଟା ଝିଅ ଆସି ମୁଣ୍ଡିଆ ମାରିଲେ । ବୁଝିଲି ସେମାନେ ମୋ କଲେଜ ଛାତ୍ରୀ ହୋଇଥିବେ କିମ୍ୱା ଆମ ଇଂଲିଶ ଡିପାର୍ଟମେଣ୍ଟର ହେବେ କି କଅଣ ।

ଆ ମୁନା ବସ୍ । ମାଉସୀ କହିଲେ ।

ମୁଁ ବସିବା ମାତ୍ରେ ମଉସା କହିଲେ ସଂଜୟ ନୂଆ ଏସାଇନମେଣ୍ଟ ପାଇ ଆମେରିକା ଯାଉଚି । ଗଲା କାଲି ରାତିରେ ଖବର ଆସିଲା । ଫୋନ୍ କରିଥିଲା, ତାକୁ ଖୁବ୍ ଶୀଘ୍ର ଯିବାକୁ ହେବ ।

ମୁଁ ମାଉସୀଙ୍କୁ କୁଣ୍ଢେଇ ପକେଇଲି । ନିଶ୍ଚୟ ଗୋଟାଏ ଭଲ ଖବର । ମଉସା ମାଉସୀ ଏଥିରେ ଖୁସି ହେବା ସ୍ୱାଭାବିକ । ମଉସା ରିଟାୟର କଲା ପରେ ସେ ପ୍ରକାଶକୁ ନେଇ ଯୋଉ ସ୍ୱପ୍ନ ଦେଖୁଥିଲେ ତାହା ସଫଳ ହୋଇ ପାରିନଥିଲା । ଗୋଟାଏ ଦେଶୀ ସ୍ପଞ୍ଜ ଆଇରନ୍ କମ୍ପାନି ବା କେତେ ଦେବ । ତେଣୁ ତାଙ୍କ ଅବସ୍ଥାରେ ସେମିତି କିଛି ପରିବର୍ତ୍ତନ ହେଇ ନଥିଲା ।

ମାଉସୀ ଦୁଇ ହାତ ଯୋଡ଼ି ଠାକୁରଙ୍କୁ ନମସ୍କାର କଲେ । ମୋତେ ଦେଖି ଆଗନ୍ତୁକମାନେ ଆସ୍ତେ ଆସ୍ତେ ଚାଲିଗଲେ । ସେମାନଙ୍କ ଭିତରୁ ଅଧିକାଂଶ ପ୍ରକାଶର ଫୋନ୍ ନମ୍ୱର ନେଇ ଗଲେ ।

ଅସଲ କଥାଟା ହେଲା ଖମ୍ଭେଶ୍ୱର ଗୋଟାଏ ଏତେ ଛୋଟ ସହର ଯେ ସେଥିରେ ଏକ୍ସପ୍ରେସ୍ ଟ୍ରେନ୍ ଛିଡ଼ା ହେଉ ନଥାଏ କି ସହର ଭିତରେ ପାଞ୍ଚ ସାତଟା ନୁହେଁ ମାତ୍ର ଗୋଟାଏ ହାଇସ୍କୁଲ ଓ ଗୋଟାଏ କଲେଜ ଥାଏ । ତେଣୁ ଏମିତି ଏକ ଛୋଟ ସହରରେ ଜଣେ ଆମେରିକା ଯିବ ଚାକିରି କରିବାକୁ - ଏଇ କଥାଟା ପ୍ରଘଟ ହେବାକୁ ମୋତେ ଡେରି ଲାଗି ନଥିଲା । ପ୍ରାୟ ସମସ୍ତେ ଜାଣିଯାଇଥିଲେ । ଏମିତି ମଧ୍ୟ କେହି କେହି କହିବାକୁ

Digitized by srujanika@gmail.com

ଆରମ୍ଭ କରି ଦେଇଥିଲେ ଯେ ସେ ହେଉଚି ଏ ସହରର ପ୍ରଥମ ବ୍ୟକ୍ତି ଯିଏ ଦେଶ ବାହାରକୁ ଯାଉଚି। ସଂଜୟ ମଧ୍ୟ ସେମାନଙ୍କ ମତରେ ଅନେକଗୁଡ଼ିଏ ପ୍ରଥମର ଅଧିକାରୀ। ପ୍ରଥମ ଦେଶ ବାହାରକୁ ଯାଉଚି। ପ୍ରଥମ ଇଂଜିନିଅର। ପ୍ରଥମ ମୋଟା ଦରମାର ଚାକିରି। ତେଣୁ ତାକୁ ଆମେରିକା ଯିବା ପୂର୍ବରୁ ଗୋଟାଏ ନାଗରିକ ସମ୍ବର୍ଧନା ଦିଆଯାଉ।

ଜଣେ କୁଆଡ଼େ କହିଥିଲେ ସେ ମଧ୍ୟ ଏ ସହରର ପ୍ରଥମ ବ୍ୟକ୍ତି ଯେ କି ଉଡ଼ାଜାହାଜରେ ଚଢ଼ିବ।

ମୁଁ ଦେଖୁଥିଲି ମଉସୀ ଏସବୁ କଥା କହୁଥିଲା ବେଳେ ଗଦଗଦ ହେଇ ପଡୁଥିଲେ।

ମଉସା ଏଥର ପାଟି ଖୋଲିଲେ। ସଂକୁ ପରି ପିଲା, ତୁ ତ ତାକୁ ପିଲାକାଳୁ ଦେଖି ଆସୁଚୁ, ଯିଏ ନାକ ଖାଇଲେ ହଁ, କାନ ଖାଇଲେ ହଁ କୁହେ, ସେ କେମିତି ଆମେରିକା ପରି ଜାଗାରେ ଚଳିବ କହିଲୁ ?

ମୁଁ କହିଲି ମଉସା ଆପଣ ସେଥିପାଇଁ ମୋଟେ ବ୍ୟସ୍ତ ହୁଅନ୍ତୁ ନାହିଁ। ସେ ଗୋଟେ ବ୍ରିଲିଏଣ୍ଟ ପିଲା ବୋଲି ଇଂଜିନିଅରିଂ କଲା, ଏମ୍‌ବିଏ ମଧ୍ୟ କଲା, ତା'ପରେ ଚାକିରି କଲା। ସେ କଅଣ ଫରେନ୍‌ରେ ଯାଇ ଚଳି ପାରିବନି ?

ମାଉସୀ କହିଲେ ଏମିତି ନାକ କାନ୍ଦୁଣାଟା। ଟିକିଏ କଥାରେ କାନ୍ଦି ପକାଏ। ମୁଁ ତ ବରଂ କହୁଥିଲି ନ ହେଲା ନାହିଁ ଆମ ଦେଶରେ ଯାହା ମିଳୁଚି ମିଳୁ। ବାହାରେ ଯେତେ ପାଇଲେ କି ଲାଭ ? ଆଖି ଆଗରେ ଛୁଆଟା ରହନ୍ତା। ତେବେ ତାକୁ ୨୭ ଚାଲିଲାଣି। ସେ ଦିନ ଆମେ ତାର କୋଷ୍ଠୀ ଦେଖୁଥିଲୁଁ। ଏଇ ବର୍ଷ ତା ରାଶିକୁ ଶୁଝୁଚି। ଗୋଟିଏ ଭଲ ବଂଶର ଝିଅଟିଏ ଦେଖି ହାତକୁ ଦି'ହାତ କରିଦେଇଥିଲେ ଆମର ଛୁଟି। ସ୍ମିତାର ବାହାଘର ଡେରିଅଛି।

ସେ ସେଠାକୁ ଗଲେ କେତେ ପାଇବ ଯେ ? ମୁଁ ପଚାରିଲି।

ମାଉସୀ ମଉସାଙ୍କୁ ଅନେଇଲେ। କେତେ କହୁଥିଲା ମ ?

ମଉସା କହିଲେ। ମୋର ତା କଥାକୁ ମୋଟେ ବିଶ୍ୱାସ ନାହିଁ। କହିଲା ବର୍ଷକୁ ୬୦ ଲକ୍ଷ। ଆରେ ବର୍ଷକୁ ଗୋଟାଏ କଅଣ ? ସାରା ପୃଥିବୀରେ ହିସାବ ମାସକୁ। ଆମେରିକାରେ କଅଣ ବର୍ଷକୁ ଥରେ ଦରମା ମିଳେ ?

ନା ମଉସା ସେମିତି ନୁହେଁ। ଏଇଟା କର୍ପୋରେଟ ହିସାବ। ଦରମା ମାସକୁ ମିଳେ। ତା'ମାନେ ସେ ମାସକୁ ପାଇବ ପାଞ୍ଚ ଲକ୍ଷ। ଏଠି ସେ ହୁଏତ ପାଞ୍ଚ ବର୍ଷରେ ମଧ୍ୟ

Digitized by srujanika@gmail.com

ସେତିକି ପାଆନ୍ତା ନାହିଁ। ତା'ଛଡ଼ା ଯୋଉ ଗଧ ଖଟଣୀ। ଦିନକୁ ୧ ୨ ଘଣ୍ଟା ଅତି କମ୍‌ରେ। ଷାଠିଏ ବର୍ଷର ପରମାୟୁ ୫୦ ବର୍ଷରେ ଶେଷ। ମୁଁ କହିଲି, ମଉସା ଆପଣ ମୋଟେ ଚିନ୍ତା କରନ୍ତୁନି। ସେ ଗଲେ ସ୍ମିତା ତା ପଛରେ ଚାଲିଯିବନି? ମୋର ଜଣେ ବନ୍ଧୁ ସାଇଣ୍ଟିଷ୍ଟ ଥିଲା। ସେ ଆମେରିକା ଯାଇ ଛଅ ମାସ ଭିତରେ ତା ସାନ ଭାଇକୁ ନେଇଗଲା। ଏବେ ଦୁହେଁ ସେଠାର ନାଗରିକ। ଗୋଟାଏ ଫ୍ଲାଟ କିଣି ସାରିଲେଣି। ମାସେ ହେଲା ତା ବାପା ମାଆ ବୁଲି ଯାଇଛନ୍ତି। ଛଅ ମାସ ପରେ ଫେରିବେ। ଆଉ ଚିନ୍ତା କଅଣ କହିଲେ?

ନା ବାବା, ମୋର ସେ ଉଡ଼ାଜାହାଜରେ କିଏ ଯିବ? ମୋ ଠାକୁରମାନଙ୍କୁ ମୁଁ କଅଣ ନେଇ ପାରିବି? ମୋର ଖମେଶ୍ୱର ଭଲ।

ମୁଁ ବେଶୀ କଅଣ ଭାବୁଚି ଜାଣୁ? ମଉସା କହିଲେ, ସଂଜୁକୁ ଏବେ ୨୭ ଚାଲିଚି, ତା'ର ଏଇ ବର୍ଷ ବାହାଘର ନ ହେଲେ ଆଉ ପାଞ୍ଚବର୍ଷ ଯାଏ ହେଇ ପାରିବନି। ତା ରାଶିକୁ ଶୁଝିଲେ ତ?

ମୁଁ ହୋ ହୋ ହେଇ ହସିଲି, କହିଲି ମଉସା! ଆପଣ ସେମିତି ଭାବନ୍ତୁ ନାହିଁ। ଯଦି ରାଶି ଠିକ୍ କହୁଥିବ ତେବେ ସେଠୁ ସେ ଗୋଟେ ଆମେରିକାନ ଲେଡ଼ିକୁ ଯେ ବାହା ନ ହେବ ସେ କଥା କିଏ କହିବ? ପାଞ୍ଚ ବର୍ଷ ଏସାଇନମେଣ୍ଟ ତା ପାଇଁ ବାଧକ ହେବନାହିଁ।

ମୁଁ ଦେଖିଲି ମଉସାଙ୍କ ମୁହଁଟା ହଠାତ୍ କଳା ପଡ଼ିଗଲା। ତାଙ୍କ ମୁହଁରେ ଯାବତ ଝୁଲୁଥିବା ହସର ଅଫୁରନ୍ତ ଉତ୍ସଟା କେମିତି କେଜାଣି ଶୁଖିଗଲା। ମୋତେ ଖରାପ ଲାଗିଲା। ତାଙ୍କ ମନରେ ଦୁଃଖ ଦେବାକୁ ମୁଁ ଚାହୁଁନଥିଲି।

କଥାର ମୋଡ଼ ବଦଳାଇ ମୁଁ କହିଲି ତେବେ ସଂଜୁ ସେମିତିକା ପିଲା ନୁହେଁ। ତାକୁ କଅଣ ଆପଣ ଜାଣି ନାହାନ୍ତି?

ମୁଁ କଅଣ ଭାବୁଚି ଜାଣୁଁ? ମଉସା କହିଲେ, ଏଇ ଆସନ୍ତା ଆଶିଣ ମାସରେ ଲଗ୍ନ ଦେଖି ତାର ବାହାଘରଟା ସାରି ଦେଇଥିଲେ ସେ ତାର ସାଥୀରେ ନେଇ ଚାଲି ଯାଆନ୍ତା। ତେବେ ସେ ପାଞ୍ଚ ବର୍ଷ ସେଠି ରହିଲେ କେମିତି କଅଣ ହେବ? ସେ କହୁଚି ତା'ର କାଗଜପତ୍ର ରେଡ଼ି ହେଇଗଲେ ସେ ପଳେଇବ।

ସଂଜୟର ଆମେରିକା ଯିବାକୁ ବେଶୀ ଡେରି ଲାଗିଲା ନାହିଁ। ମାସକ ଭିତରେ ତାର ପାସପୋର୍ଟ ଭିସା ତିଆରି ହେଇ ଆସିଗଲା। ଏଥର ଯିବା କଥା। ପାଞ୍ଚ ବର୍ଷ ପାଇଁ ସେ ଯିବ। ପାଞ୍ଚ ବର୍ଷ ପରେ ସେ ଏକ୍ସଟେନସନ ପାଇଲେ ରହିବ ନଚେତ୍ ଇଣ୍ଡିଆକୁ

Digitized by srujanika@gmail.com

ଫେରିଆସିବ। କିମ୍ବା ଏପରି ମଧ୍ୟ ହେଇପାରେ ପୃଥିବୀର ଅନ୍ୟ କୌଣସି ଦେଶକୁ ବଦଳି ହୋଇପାରେ। ଯେଉଁ ଦେଶରେ ନୂଆ ନୂଆ କାରଖାନା କମ୍ପାନୀର ଖୋଲିବ ସେଠାକୁ ଯିବ। ତେବେ ସଂଜୟ ଭାରତ କିମ୍ବା ମଧ୍ୟପ୍ରାଚ୍ୟର କୌଣସି ଦେଶକୁ ଆସିପାରେ ବୋଲି କଂପାନୀର ଲୋକମାନେ କହୁଛନ୍ତି। ସେମାନଙ୍କ ମତରେ ଏସିଆର ଦେଶମାନଙ୍କରେ ବିଶେଷ କରି ଏଇ ମଧ୍ୟପ୍ରାଚ୍ୟରେ ବେଶୀ କାରଖାନା ଖୋଲା ଯାଇପାରେ। ଗୋଟାଏ ବହୁ ରାଷ୍ଟ୍ରୀୟ କମ୍ପାନୀ ତାର ବ୍ୟବସାୟ ସାଧାରଣତଃ ବିକାଶୋନ୍ମୁଖୀ ଦେଶ କିମ୍ବା ଅବିକଶିତ ଦେଶମାନଙ୍କରେ ବୃଦ୍ଧି କରିବାକୁ ଚାହିଁଥାଏ। ଏହାହିଁ ଗ୍ଲୋବାଲଇଜେସନର ମୂଳ ଉଦ୍ଦେଶ୍ୟ। ଗରିବ ଦେଶମାନଙ୍କର ବିକାଶ ପ୍ରକ୍ରିୟାରେ ପୁଂଜି ଖଟାଇଲେ ଉଭୟେ ଉପକୃତ ହେବେ।

ଗୋଟାଏ ଅତି ସୁସ୍ଥ, ସୁନ୍ଦର ଓ ଆମୋଦଦାୟକ ପରିବେଶରେ ଆମେ ସବୁ ସଂଜୟ ସାଥୀରେ ଏରୋଡ୍ରମରେ ଯାଇ ପହଞ୍ଚିଲୁଁ। ମୁଁ, ମଉସା, ମାଉସୀ, ସ୍ମିତା ଓ ସଂଜୁର ଗୋଟାଏ ପିଲାବେଳର ସାଙ୍ଗ ମଧ୍ୟ ଯାଇଥିଲା।

ବିମାନ ଆସିବାକୁ ଘଣ୍ଟାଏ ବାକି। ଆମେ ସବୁ ଲାଉଞ୍ଜ ଭିତରେ ବସିଥିଲାବେଳେ ସଂଜୁ ଯାଇ ତାର କାଗଜପତ୍ରକୁ ଚେକ୍ କରାଇ ଆସିଲା। ଜିନିଷପତ୍ର ମଧ୍ୟ ଚେକ୍ କରାଇ ବିମାନରେ ଯିବାପାଇଁ ଦେଇଦେଲା। ଏସବୁ କାମରେ ସାହାଯ୍ୟ କରିବା ପାଇଁ ତା କମ୍ପାନୀରୁ ଜଣେ ଅଫିସର ଆସିଥିଲେ। ସେ କହିଲେ ବିମାନଟା ଆସନ୍ତାକଲି ରାତି ୧୦ଟା ସୁଦ୍ଧା ଆମେରିକାରେ ପହଞ୍ଚିବ। ସେଠୁ ସେ (ସଂଜୟ) ସିଧା ଗୋଟେ ହୋଟେଲକୁ ଯିବ ଏବଂ ତା ପରଦିନ ସେ କାମରେ ଯୋଗଦେବ। ସେ ସଂଜୁକୁ ଆଉ ସବୁ କଥା ମଧ୍ୟ ବୁଝାଇ ଦେଲେ।

ବିମାନକୁ ଯିବା ବେଳେ ସଂଜୁ ମଉସା ମାଉସୀଙ୍କୁ ନମସ୍କାର କଲାବେଳେ ପରିବେଶଟା କରୁଣ ହୋଇ ଉଠିଲା। ମାଉସୀ ଭୋକିନି କାନ୍ଦି ଉଠିଲା ବେଳକୁ ମଉସା ମଧ୍ୟ ତାଙ୍କ ଲୁହ ଅଟେକେଇ ପାରିଲେନି। ମୁଁ ଲକ୍ଷ୍ୟ କଲି ସ୍ମିତାକୁ। ତା' ଭିତରେ ଗୋଟେ ବେଦନାସିକ୍ତ ଭାବ ଉଚ୍ଛୁଳି ଉଠୁଥିଲେ ମଧ୍ୟ ସେ ତାକୁ 'ଭାଇ ଆମେରିକା ଯାଉଚି'ର ବିହ୍ୱଳତା ଭିତରେ ଢ଼ାଙ୍କି ପକାଉଥିଲା।

ଏମିତି ଗୋଟାଏ ପରିବେଶ ଯେ ସେଠି ସୃଷ୍ଟି ହେବ ମୁଁ ଏହା ଆଶା କରୁଥିଲି। ବାପା ମାଆ ଚାହାଁନ୍ତି ପିଲାମାନେ ତାଙ୍କର ଯାହା ହୁଅନ୍ତୁ ନା କାହିଁକି ସବୁବେଳେ ଆଖି ଆଗରେ ଚଳପ୍ରଚଳ ହୁଅନ୍ତୁ। ମାସରେ ଥରେ ଦି'ଥର ଆସି ଘରୁ ବୁଲି ଯାଆନ୍ତୁ। ଓଡ଼ିଆ

Digitized by srujanika@gmail.com

ମାନସିକତାର ଦୁର୍ବଳତା ଆଉ ଟିକିଏ ବେଶୀ। ଏଇଥିପାଇଁ ଏ ଜାତି ପ୍ରଥମେ ଇଂରାଜୀ ଶିକ୍ଷାକୁ ମଧ୍ୟ ଭୟ କରୁଥିଲା। ଖ୍ରୀଷ୍ଟିଆନ ହେଇ ବାହାରକୁ ଚାଲିଯିବା ଭୟରେ।

ମୁଁ ସେମାନଙ୍କୁ ଘରକୁ ଫେରାଇ ଆଣିଲି। ଆସିଲା ବେଳେ କହିଲି ସଂଜୁ ତ ବର୍ଷକ ପରେ ଥରେ ଆସି ବୁଲିଯିବ କହିଚି। ଆସିଲେ ୮/୧୦ ଦିନ ରହିବ ନିଶ୍ଚୟ। ତେଣୁ ସେଥିପାଇଁ ଏତେ ବ୍ୟସ୍ତ ହେବା ଦରକାର ନାହିଁ। ମୁଁ ଭାବୁଚି ସେତିକିବେଳେ ବାହାଘର କରେଇ ଦେଇ ହେବ। ତା'ଛଡ଼ା ଆମେ ତ ଏମିତି ତା ସହିତ ପ୍ରାୟ କଥାବାର୍ତ୍ତା ହେଉଥିବା। ଆପଣ ଦେଖିବେ ଆସ୍ତେ ଆସ୍ତେ ସବୁ ଠିକ୍ ହେଇଯିବ। ସ୍ମିତାକୁ କହିଲି ତୁ ଟିକେ ମାଉସୀଙ୍କୁ ବୁଝେଇ ଦେବୁ।

କାହିଁକି ମୋର କଅଣ ଦରକାର ? ମୁଁ ତ ଭାବୁଚି ମୁଁ ଶାଶୁ ଘରକୁ ଗଲାବେଳେ ମଧ୍ୟ ବୋଉ ମୋ ପାଇଁ ଏତିକି ମନ ଦୁଃଖ କରିବ ନାହିଁ।

ମାଉସୀ କହିଲେ ହଁ ତୁ କହିବୁ ନାହିଁ କାହିଁକି ? ମୁଁ ତୋ କଥା କେବେ ଭାବେ କି ?

ସ୍ମିତା ପୁଣି କହିଲା ତୁ କେତେବେଳେ ମୋ କଥା ଭାବୁ ମୁଁ କାହିଁ ଜାଣିନାହିଁ। ସବୁବେଳେ ଖାଲି ସେଇ ପୁଅ କଥା। ହଉ ଦେଖିବିନି ଆସନ୍ତା ବର୍ଷ ଏତିକିବେଳକୁ ମୁଁ ମଧ୍ୟ ଆମେରିକା ଯିବି। ସେତେବେଳେ ତୁ କେତେ କାନ୍ଦିବୁ ଦେଖିବା।

ମଉସା କହିଲେ ତୁ କଅଣ ଆସନ୍ତା ବର୍ଷ ଆମେରିକା ଯିବାକୁ ଠିକ୍ କରି ସାରିଲୁଣି ? ତୋ ଭାଇ ତୋ ପାଇଁ ସୁବିଧା କଲେ ତ ?

ମୁଁ ତା ଉପରେ ନିର୍ଭର କରୁନି ? ମୁଁ ନିଜେ ଯାଇ ପାରିବିନି ? ମୁଁ ଯେକୌଣସି ଗୋଟାଏ ୟୁନିଭରସିଟିରୁ ସ୍କଲାରସପ୍ ପାଇ ନିଶ୍ଚୟ ଯିବି। ତା'ପରେ ଚାକିରିଟା ମୋ ହାତରେ ଥୁଆ।

ମୁଁ କହିଲି, ସ୍କଲାରସିପ୍ କଅଣ ଏଠି ମିଳୁନି ?

ମିଳୁଚି। କିନ୍ତୁ ତା ତୁଳନାରେ ଯାଇ କଅଣ ମୂଲ୍ୟ ଅଛି ? ତା'ଛଡ଼ା ସେଠି ପଢ଼ା ସହିତ ମୋତେ ଯୋଉଁ ଚାକିରି ମିଳିବ ତାର ମୂଲ୍ୟ ଯାହା ଏଠି ସେତକ ମୋତେ କିଏ ଦେବ ? ଏଇ ଦେଖୁନାହାନ୍ତି ଭାଇ ଖାଲି ସେଠାରେ ଚାକିରିଟିଏ ପାଇଚି ଶୁଣି ଜଣେ ଶିଳ୍ପପତି ଆସି ଘରେ ପହଞ୍ଚିଲେଣି ତାଙ୍କ ଝିଅର ପ୍ରସ୍ତାବ ନେଇ। ଭାଇର ଏବେ ବଜାର ମୂଲ୍ୟ କେତେ ? ଆଉ ସେଇ ଅନୁପାତରେ ମୋ ବାପା ବୋଉଙ୍କ ବଜାର ମୂଲ୍ୟ କେତେ

Digitized by srujanika@gmail.com

ବଢ଼ିଗଲା ଦେଖି ପାରୁଚ ନା ନାହିଁ ? ତୁମେ ଗୋଟିଏ କଥା କୁହ - ବର୍ଷକ ପୂର୍ବରୁ ଯୋଉ ଶିଳ୍ପପତି ଭାଇଙ୍କୁ ଚାକିରିଟିଏ ମଧ୍ୟ ଦେବାକୁ କୁନ୍ଥୁ କୁନ୍ଥୁ ହେଉଥିଲେ- କହୁଥିଲେ ମେରିଟ ଛଡ଼ା ଅନ୍ୟ କୋଉଥିରେ ମୁଁ ନଜର ଦେଇ ପାରିବିନି, ଅନ୍ତତଃ ଇଣ୍ଡଷ୍ଟ୍ରିର ସ୍ୱାର୍ଥ ଦୃଷ୍ଟିରୁ, ସେ ଆଜି କହିଲେ 'ମୋଷ୍ଟ ବ୍ରିଲିଏଣ୍ଟ ବୟ'। ଯୋଉ ରାଜା ତାଙ୍କ ରାଜ୍ୟରେ ଗୋଟିଏ ଗଛ ତଳେ ବସା ବାନ୍ଧିବାକୁ ସେତେବେଳେ ଦେଉନଥିଲେ ସେ ଆଜି ତାଙ୍କ ରାଜସିଂହାସନ ଛାଡ଼ି ଦେବାକୁ ପ୍ରସ୍ତୁତ।

ଏବେ କୁହତ ଦେଖି ଆମ ଦେଶରେ ମେରିଟ୍‌ଟା ଆମେରିକାରେ ଅଛି ନା କେବଳ ଆମେରିକା ଶବ୍ଦରେ ? କି ମନ୍ତ୍ର ଅଛି ସେ ଶବ୍ଦରେ ? ସମଗ୍ର ଦେଶଟାକୁ ପାଗଳ କରି ଦେଇଚି ?

ସ୍ମିତାର କଥାଗୁଡ଼ାକ ମୋତେ ଯେତେବେଳେ ଗୋଟାଏ ଅଚିହ୍ନା ଆକାଶର ବାଣୀ ପରି ମନ ହେଉଥିଲା। ସ୍ମିତା ପଢୁଚି ଦିଲ୍ଲୀର ଗୋଟାଏ କଲେଜରେ। କଲେଜଟା ଦିଲ୍ଲୀ ବିଶ୍ୱବିଦ୍ୟାଳୟର ସ୍ୱୀକୃତିପ୍ରାପ୍ତ। ଭଲ ନାଁ ଅଛି। ମୁଁ ତା କଥାକୁ ବେଶ୍ ଉପଭୋଗ କରୁଥିଲି।

ତୁମେ ଜାଣ ଭାଇ ଫରେନରେ ଯେ କୌଣସି ଅନୁଷ୍ଠାନ ତାହା ଯେତେ ଘରୋଇ ହୋଇଥିଲେ ମଧ୍ୟ ଯୋଉ ଡ଼ିଗ୍ରୀ ସବୁ କରୁଛନ୍ତି ତାର ମୂଲ୍ୟ ଏଠି କେତେ ? ସେଥିରୁ ଖଣ୍ଡେ ଆଣିବା ପାଇଁ ବର୍ଷକୁ ହଜାର ହଜାର ନେତା, ସମାଜସେବୀ, ଶିକ୍ଷକ ଧାଡ଼ି ବାନ୍ଧିଚନ୍ତି। ଏବେ ତ ସେଇ ସବୁ ନାଁ ନଥିବା ଘରୋଇ ଅନୁଷ୍ଠାନମାନେ ଇଣ୍ଡିଆରେ ଏଜେନ୍ସି ଖୋଲି ସାରିଲେଣି।

ସ୍ମିତା ଟିକିଏ ରହିଗଲା ତା ପରେ କହିଲା, ବାପା ତୁମେ ସତ କୁହତ ଭାଇ ଆମେରିକା ଗଲା ପରେ ମୁଁ ମଧ୍ୟ ଯିବି। ସେତେବେଳେ ତୁମ ପୁଅ ଝିଅ ଆମେରିକାରେ ଅଛନ୍ତି ଏବଂ ମାସକୁ ୧୦/୧୫ ଲକ୍ଷ ପାଉଚନ୍ତି ବୋଲି ତୁମ ଗୋଡ଼ ତଳେ ଲାଗିବକି ? ତୁମେ ସ୍ୱୀକାର କର ବା ନ କର, ଏହାହିଁ ସତ୍ୟ। କଥା କଥାକେ ଲୋକେ ହିଁ ତୁମକୁ କହିବେ ତୁମ ପୁଅ ଝିଅ ତ ଆମେରିକାରେ ଅଛନ୍ତି, ତୁମର ଚିନ୍ତା କଅଣ ? ସେତେବେଳେ ତୁମ ହାତର ଶହେ ଟଙ୍କିଆ ନୋଟଟା ଦଶଟଙ୍କା ପରି ଦେଖାଦେବ। ନୋଟର ଗାନ୍ଧୀ ଛବିଟା ଡଲାର ପ୍ରଭାବରେ କେତେ ଛୋଟ ହେଇଯିବ ସେତେବେଳେ ?

ମୁଁ ସେଥର ପୂଜା ଛୁଟିରେ ଘରକୁ ଚାଲିଗଲି। ଭୁବନେଶ୍ୱରରେ ଆମ ଘରଟାରେ ଟିକିଏ ରିମଡେଲିଂ କରିବାର ଥିଲା। ତା'ଛଡ଼ା ମୋର ପିଏଚ୍‌ଡ଼ିର ଭାଇଭା ହେବାର ଥାଏ। ଗାଇଡ ମୋତେ କହିଥିଲେ ପୂଜା ଛୁଟି ପରେ ପରେ ସେ କାମ ସାରି ଦେଇ

Digitized by srujanika@gmail.com

ଗୋଟାଏ ଇଣ୍ଟରନେସନାଲ ସେମିନାରରେ ଯୋଗ ଦେବାକୁ ପାରିସ ଯିବେ। ମୁଁ ତେଣୁ ପୂଜାଛୁଟି ପରେ ଆଉ ମାସେ ଛୁଟି ପାଇଁ ଦରଖାସ୍ତ ଦେଇଥିଲି। ଘରର କାମରେ ବାପା ବେଶୀ ଭାଗ ନେଇ ପାରୁ ନଥିଲେ। ତାଙ୍କ ସ୍ୱାସ୍ଥ୍ୟ ମୋଟେ ଭଲ ରହୁନଥିଲା। ମୋ ମାଆ ତାଙ୍କୁ କୌଣସି ଦାୟିତ୍ୱ ଦେବାକୁ ଚାହୁଁନଥିଲେ। ତେଣୁ ପୂଜା ଛୁଟିଟାରେ ମୁଁ ଘର କାମରେ ହିଁ ବ୍ୟସ୍ତ ରହିଲି। ଘର କାମ ସରିଲା ବେଳକୁ ମୋ ଗାଇଡ଼ ମୋତେ ଭାଇଭା ପାଇଁ ପ୍ରସ୍ତୁତ ହେବାକୁ କହିଲେ। ଏଇ ସମୟ ଭିତରେ ମୁଁ ଆଉ ମଉସା ମାଉସୀଙ୍କ ସହ ଯୋଗାଯୋଗ ରଖି ପାରିନଥିଲି। ତେଣୁ ସଂଜୁ ଖବର ମଧ୍ୟ ମୁଁ ପାଉନଥିଲି। ସଂଜୁ ନିଜେ ମଧ୍ୟ ମୋତେ କେବେ କଣ୍ଟାକ୍ଟ କରି ନାହିଁ। ବ୍ୟସ୍ତତା ଭିତରେ ମୁଁ ଆଉ ସେ ଆଡ଼କୁ ମନ ଦେଇନାହିଁ।

ଦିନେ ସନ୍ଧ୍ୟାବେଳେ ଆମେ ସବୁ ବସି ଚା ପିଉ ପିଉ ବାପା ସଂଜୁ କଥା ଉଠେଇଥିଲେ। ସେ କଥା ଉଠିଥିଲା ଗୋଟିଏ ବିବାହ ପ୍ରସ୍ତାବକୁ ନେଇ। ମୁଁ ସେତେବେଳେ କହିଲି ସଂଜୁ ପାଇଁ ଏବେ ବହୁ ବଡ଼ ବଡ଼ କନ୍ୟାପିତା ଧାଡ଼ି ବାନ୍ଧୁଥିବା ବେଳେ ତୁମର ଏ 'ବି' କ୍ଲାସ କଣ୍ଟାକ୍ଟରର ଝିଅ ଅନେକ ପଛକୁ ପଡ଼ିଯିବ। ସେ ଅନେଇଲେ ମୋତେ କହିଲେ ଇଏ ବି ଛୋଟ ପାର୍ଟି ନୁହେଁ। ବାପା ମାଆର ଏକମାତ୍ର ସନ୍ତାନ। କମ୍ପ୍ୟୁଟର ଇଂଜିନିଅର। ସୁନ୍ଦର ପଣରେ କେହି ବାଛି ଦେଇ ପାରିବେନି। ଭଲ ମେଚ କରନ୍ତା।

ମୁଁ କହିଲି ଆଜିର ବିବାହ ବଜାରରେ ସୁନ୍ଦରପଣ କିମ୍ବା ଶିକ୍ଷା ବଡ଼ କଥା ନୁହେଁ। ବଡ଼ ହେଉଛି ଅର୍ଥ ଓ ତାର ସାମାଜିକ ପ୍ରେକ୍ଷାପଟ। ଝିଅର ବାପର ଷ୍ଟେଟସ ସହିତ ଏସବୁ ସଂବନ୍ଧିତ। ସେ ପ୍ରତିଯୋଗିତାରେ କିଏ କେତେବେଳେ ଜିତିବ ଓ ହାରିବ କହିବା ସଂଭବ ନୁହେଁ।

ବୋଉ ଖୁସି ହେଲା। ସେ କହିଲା ଯା ହେଉ ଏତେ ଦିନେ ସୁରମାର ଦୁଃଖ ଗଲା। ବାହାଘର ପରେ ପରେ ତାର ଏତେ ଭାଗ୍ୟ ଖରାପ ପଡ଼ିବ ବୋଲି ସେତେବେଳେ କେହି ଆଶା କରି ନଥିଲେ। କେଶବବାବୁ କେବଳ ଘର ପାଖରେ ରହିବେ ବୋଲି କିରାଣୀ ଚାକିରି ଛାଡ଼ିଲେ ନାହିଁ। ଯା ହେଉ ତା ପିଲାମାନେ ଏବେ ନିଜ ଗୋଡ଼ରେ ଠିଆ ହେଲଣି। ଏବେ ତ ସୁରମାର ମୁଣ୍ଡ ଆକାଶରେ ଲାଗିଯିବଣି।

ମୁଁ କହିଲି, ମୁଁ ଶୁଣିଚି, ମଉସା ଭୁବନେଶ୍ୱରରେ ଖଣ୍ଡେ ଜାଗା କିଣୁଚନ୍ତି। ସଂଜୁ କୁଆଡ଼େ କହିଲା ମାର୍କେଟିଂ କାମରେ ମୁଁ ଯଦି କେତେବେଳେ ଇଣ୍ଡିଆ ଯାଏଁ ସେତେବେଳେ ଦିନକ ପାଇଁ ଭୁବନେଶ୍ୱର ସିନା ଯାଇ ପାରିବି ପ୍ଲେନରେ, ଟ୍ରେନ୍ କିମ୍ବା ବସରେ ଖମ୍ବେଶ୍ୱର ଯାଇ ପାରିବିନି। ଏତେ ସମୟ କାହିଁ ?

Digitized by srujanika@gmail.com

ଆରେ ବାଃ, ବାପା କହିଲେ । ତେବେ ତ ବହୁତ ଭଲ ହେଲା । ଏଣିକି ଦୈନିକ ମିଶି ହେବ ।

ଟେଲିଫୋନ୍ ବାଜି ଉଠିଲା । ମୁଁ ରିସିଭର ଉଠେଇଲି । ସେ ପାଖକୁ ସଂକୁ ହିଁ ଫୋନ୍ ଧରିଥିଲା । ବେଶ ଆଠ ଦଶ ମିନିଟ ତା' ସହିତ କଥା ହେଲି । ସେ ଯାହା କହିଲା ତାର ସାର ମର୍ମ ହେଲା ସେ ଏତେ ବ୍ୟସ୍ତ ଯେ ଫୋନ କରିବାକୁ ବେଳ ପାଏନି । ସକାଳ ଆଠଟାରେ ଅଫିସ ଯାଏ ଏବଂ ରାତି ଏଗାରଟାରେ ଘରକୁ ଫେରେ । ଲଞ୍ଚ ଓ ବ୍ରେକଫାଷ୍ଟ ସେ ସେଇ ଅଫିସ କେଣ୍ଟିନରୁ ହିଁ ଖାଇଥାଏ । ତଥାପି ଘରେ ଡ଼ିନର ପାଇଁ ମେଡ୍‌ଟିଏ ଅଛି । ସେ ରାନ୍ଧି ରଖି ଦେଇଥାଏ । ସନ୍‌ଡ଼େ ଛୁଟି ନାଁକୁ ମାତ୍ର । ପ୍ରାୟ ପ୍ରତି ସନ୍‌ଡ଼େରେ ଦୁଇ ତିନି ଘଣ୍ଟା ପାଇଁ ଅଫିସ ଆସିବାକୁ ପଡ଼େ । ମୋଟ କଥା ଡ଼ିଉଟି ଆୱାର୍ସ ବୋଲି କିଛି ନାହିଁ, ନାଁକୁ ମାତ୍ର 'ଫାଇଭ୍ ଡ଼େ ଉଇକ୍' ।

ବାପା ବୋଉଙ୍କୁ ଯେତେବେଳେ ଏ କଥା କହିଲି ବାପା କହିଲେ ପ୍ରାଇଭେଟ କମ୍ପାନୀ - କାମ ନିଶ୍ଚୟ ଆଦାୟ କରିବ । ପଇସା ବି ତ ସେମିତି ଦଉଚି ।

ମୁଁ କହିଲି ସେଥିରେ ପ୍ରାଇଭେଟ ଲାଇଫ ବୋଲି କିଛି ନାହିଁ ।

ବୋଉ କହିଲା ତେବେ ପିଲାଟା ବିକ୍ରି ହେଇ ଯାଇଚି । ଆମ ଗାଁର ବଳଦ ପରି । ଯେତେବେଳେ ଇଚ୍ଛା ଲଙ୍ଗଳରେ ବାନ୍ଧ ଓ ବିଲକୁ ଯାଅ ।

ମୁଁ 'ରିଗୋବେର୍ଟା ମେଞ୍ଚୁ' ପଢ଼ିଥିଲି । ମେଞ୍ଚୁର ଜୀବନ-ଯନ୍ତଣା ମୁଁ ଜାଣିଥିଲି । ଆମେରିକାରେ ନିଗ୍ରୋମାନଙ୍କ ଜୀବନ ମେଞ୍ଚୁର ଜୀବନ ଠାରୁ ଅଲଗା ନୁହେଁ । ଫରକ କେବଳ ସମୟର । ପରିବର୍ତ୍ତିତ ସମୟ ଭିତରେ କିଛି ବି ବଦଳିନି ଆମେରିକାନ୍‌ମାନଙ୍କର ମାନସିକତା । ବୋଉ ଯୋଉ ବଳଦ କଥା କହିଲା, ତାର ଜୀବନ ଓ ନିଗ୍ରୋ ବା ମେଞ୍ଚୁର ଜୀବନ ଭିତରେ କି ପାର୍ଥକ୍ୟ ଅଛି ? ଫରକ ଏତିକି ବଳଦ କଥା କହିପାରେନା । ମଣିଷ କଥା କହିପାରେ କିନ୍ତୁ ପ୍ରତିବାଦ କରେନା । ମଣିଷ ପଶୁ ପାଲଟିଯାଏ । ଅର୍ଥ ତା ଉପରେ ସବାର ହୋଇଥାଏ । ଅର୍ଥ ସର୍ବସ୍ୱ ମଣିଷ । ଅର୍ଜ୍ଜୁନର ଆଖି ପରି ସେ କେବଳ ଅର୍ଥଟିକୁ ଦେଖୁଥାଏ । ଅର୍ଥ ଉପରେ ଆଖି ନିବଦ୍ଧ କରିଥାଏ ବୋଲି ପୃଥିବୀରେ ଆଉ ତାକୁ କିଛି ଦେଖାଯାଏନା ।

ସେଦିନ ପ୍ରଫେସର ରାଓଙ୍କୁ ବିଶ୍ୱବିଦ୍ୟାଳୟର ଲାଇବ୍ରେରୀକୁ ଯିବା କରିଡ଼ରରେ ଦେଖି ମୁଁ ଆଶ୍ଚର୍ଯ୍ୟ ହୋଇଗଲି । ସେ ମୋର ଗାଇଡ୍ । ଏ ଅସମୟରେ ସେ ଏଠି କେମିତି ବୋଲି ଭାବିଲା ବେଳକୁ ସେ ମୋତେ ପଚାରିଲେ, ତୁମେ ଏଠି କେମିତି ? ଏମିତି

Digitized by srujanika@gmail.com

ନିୟମିତ ଆସ କି ? ହଉ କାମ ସାରି ମୋ ଅଫିସକୁ ଆସିବ। ମୁଁ ତୁମକୁ ଖୋଜୁଥିଲି। ମୁଁ ଆଉ ଲାଇବ୍ରେରୀକୁ ଯିବି କ'ଣ ? ତାଙ୍କୁ ଅନୁସରଣ କଲି। ଏମିତି ସହଜରେ ସାରଙ୍କୁ ପାଇବା ସମ୍ଭବ ନୁହେଁ। ଯେତେବେଳେ ଦେଖିବ ଦଳେ ପିଲାଙ୍କୁ ଧରି ବସିଥିବେ। ସେଇଥିପାଇଁ କି କ'ଣ ତାଙ୍କ ଘରେ ତାଙ୍କ ଡ୍ରଇଁରୁମ୍‌ଟି ବଡ଼ ଓ ପ୍ରଶସ୍ତ। ତିନି ଭାଗରେ ବିଭକ୍ତ। ପ୍ରତ୍ୟେକ ଭାଗରେ ଅଲଗା ଅଲଗା ସୋଫା ପଡ଼ିଥାଏ। ସବୁଠି ଅଲଗା ଅଲଗା ପେପର ଓ ମାଗାଜିନ୍। ଦୁଇଚାରିଜଣ ଛାତ୍ରଙ୍କ ସହ ସେ ଆଲୋଚନାରତ ଥିବାବେଳେ ଅନ୍ୟ ଦଳେ ଅନ୍ୟଠି ଅପେକ୍ଷା କରନ୍ତି।

ମୁଁ ତାଙ୍କ ପଛେ ପଛେ ଯାଇ ତାଙ୍କ ଅଫିସରେ ପହଞ୍ଚିଲାବେଳକୁ ଆଉ ଦୁଇଚାରିଜଣ ରୁମ୍ ବାହାରେ। ମୁଁ କିନ୍ତୁ ଭିତରକୁ ପଶିଗଲି। ସେ ଚେୟାରରେ ବସୁ ବସୁ ମୋତେ କହିଲେ ତମେ ଗୋଟେ କମନ୍‌ୱେଲ୍‌ଥ ପ୍ରୋଗ୍ରାମରେ ଆମେରିକା ଯାଅ। ଭାରତରୁ ତିନିଜଣ ଯିବେ ପ୍ରଥମ ଦଫାରେ। ଛ'ମାସିଆ ପ୍ରୋଗ୍ରାମ୍, କିନ୍ତୁ ପରେ ଆଉ ଦୁଇମାସ ବଢ଼ିବ। ସବୁ ଖର୍ଚ୍ଚ ସେମାନଙ୍କର। ତମର କିଛି ନାହିଁ। ବରଂ ଫେରିଲାବେଳକୁ ଆଉ ଦୁଇଚାରିଲକ୍ଷ ଟଙ୍କା ବଳି ପଡ଼ିପାରେ। ସେଇଟା ତମର ଲାଭ ବୋଲି ଭାବ।

କେବେ ଯିବାକୁ ହେବ ? ପଚାରିଲି।

ସମୟ ଅଛି। ଆହୁରି ପାଞ୍ଚ ଛଅ ମାସ। ଆସନ୍ତା ଜାନୁଆରୀ ହେବ ବୋଧେ। ତମେ ପ୍ରସ୍ତୁତ ହେଇ ପାରିବନି ? ଘରେ ଅସୁବିଧା ଅଛି ?

ନା, ସାର୍ ଅସୁବିଧା ଆଉ କ'ଣ ? କିନ୍ତୁ ଏତେ କମ୍ ସମୟ ଭିତରେ ପାସ୍‌ପୋର୍ଟ ହେଇପାରିଲେ ତ ?

ୟୁ ଫୁଲ୍। ସେ ସବୁ ଦାୟିତ୍ୱ ସରକାରଙ୍କର। ତୁମେ ଖାଲି ଫର୍ମ କେତେଟା ପୂରଣ କରିବ। ଏବେ ଯାଅ। ଅଫିସରୁ ଫର୍ମ ନେଇଯିବ। ମୁଁ ଫୋନ୍ କରି ଦେଉଚି। ପାଞ୍ଚ ଛଅ ଦିନ ଭିତରେ ଆଣି ଦେଇଯିବ। ସେ ଉଠିଲେ ଏବଂ ହସି ହସି କହିଲେ 'ଉଇସ୍ ୟୁ ଗୁଡ୍ ଲକ୍'।

କେତେ ସ୍ନେହୀ ଏ ପ୍ରଫେସର ରାଓ ? ମଣିଷ ନା ଦେବତା ତାଙ୍କୁ କହି ହେବ ? ତାଙ୍କ ସଂସର୍ଶରେ ଆସିବ ସୌଭାଗ୍ୟର କଥା। ସେ ଯେ କାହିଁକି ମୋତେ ଏତେ ଭଲ ପାଇ ବସିଲେ ବୁଝି ପାରେନା। ସେତେବେଳକୁ ମୋର ଭାଇଭା ସରି ଯାଇଥାଏ ସପ୍ତାହେ ପୂର୍ବରୁ। ଗୋଟାଏ ହାଲ୍‌କା ମୁଡ଼ ଭିତରେ ଥିଲାବେଳେ ପ୍ରଫେସର ରାଓଙ୍କ ପ୍ରସ୍ତାବ ମୋତେ ଅଭିଭୂତ କରି ପକେଇଲା। ସାର୍ ତ ମୋତେ ଆଗରୁ କହିଚନ୍ତି ଡିଗ୍ରୀଟା ମିଳି ସାରିଲା

Digitized by srujanika@gmail.com

ପରେ ମୁଁ ତୁମକୁ ଏଠାକୁ ନେଇ ଆସିବି । ମୋର ସେତେବେଳେ ଇଚ୍ଛା ହେଉଥିଲା ତାଙ୍କ ପାଦରୁ ମୋଞ୍ଜାଏ ଧୂଳି ଆଣି ମୁଣ୍ଡରେ ବୋଳି ହେବି । କିନ୍ତୁ କାହାଁନ୍ତି ସିଏ ? ସେତେବେଳକୁ ସେ କବାଟ ଖୋଲି ଅଫିସରୁ ସିନା ବାହାରିଗଲେ କିନ୍ତୁ ଆଉ ଦଳେ ପିଲାଙ୍କୁ ନେଇ କୋଉଠି ବସିଥିବେ କେଜାଣି ।

ଘରକୁ ଯାଇ ମୁଁ ଯେତେବେଳେ ଏକଥା ବାପା ବୋଉଙ୍କୁ କହିଲି, ବାପାଙ୍କ ମୁହଁଟା ହଠାତ୍ ଯେମିତି ଉଜ୍ଜ୍ୱଳ ଉଠିଲା । ଅନେକ ଦିନର ଢ଼ାଙ୍କି ପଡ଼ିଥିବା ଦୁଃଖ ଉପରୁ ହଠାତ୍ ପରଦାଟାଏ ଯେମିତି ଅପସରି ଗଲା । ମୋର ମନେ ହେଲା ସେ ଯେମିତି କୁଣ୍ଢେଇ ପକେଇବାକୁ ଚାହୁଁଛନ୍ତି ।

ମୁଁ ତାଙ୍କ ମନର ଭାବ ବୁଝି ପାରୁଥିଲି । ଆମେରିକା ଯାଇଥିବା ପୁଅର ବାପ ଓ ଆମେରିକା ଯାଇ ନଥିବା ପୁଅର ବାପର ମାନସିକତା ଏକ ନୁହେଁ । ଯୋଉ ଦିନ ସେ ଶୁଣିଲେ ମଉସାଙ୍କ ପୁଅ ସଂଜୁ ଆମେରିକା ଗଲା ଓ ସେଠି ସେ ମାସକୁ ପାଞ୍ଚ ଲକ୍ଷ ପାଇବ, ସେତେବେଳେ ତାଙ୍କ ମନରେ ମଉସାଙ୍କ ଆଦ୍ୟ ଜୀବନର ଆର୍ଥିକ ସ୍ଥିତି ସହିତ ନିଜ ଜୀବନର ସ୍ୱଚ୍ଛଳତା କଥା ଆପେ ଆପେ ତଉଲି ହେଇଥିବ ଏବଂ ତା ପରେ ସେ ନିଜ ଭାଗ୍ୟ କଥା ଚିନ୍ତା କରି ଗୋଟିଏ ପାଣି ଛାଡ଼ି ଉପରକୁ ଆସିଥିବା କଇଁଚ ପରି ଅଳ୍ପ ଅଳ୍ପ ମୁହଁ କାଢ଼ି ବାହାରକୁ ଦେଖିଥିବେ । ସେଇଟା ଯଦି ହେଇ ନଥାଆନ୍ତା, ତେବେ ସେ ସଂଜୁ କଥା ଶୁଣିବା ମାତ୍ରେ ମଉସାଙ୍କୁ ଟେଲିଫୋନ କରି ନଥାଆନ୍ତେ ? ଅଭିନନ୍ଦନଟିଏ ଜଣେଇ ନ ଥାଆନ୍ତେ ?

ବୋଉ ମୋ କଥା ଶୁଣି କହିଲା, ତୁ ସୁନନ୍ଦାକୁ ସାଥୀରେ ନେବୁ ତ ? ସାତ ଆଠ ମାସ କାଳ ଯେତେବେଳେ ଯିବୁ, ବନ୍ଧୁ ଦେଶ ବୁଲିବୁ ତାକୁ ବି ସାଥୀରେ ନେଇ ଯା । କେତେ ଆଉ ଅଧିକ ଖର୍ଚ୍ଚ ହେବ ଯେ ?

ମୁଁ କହିଲି ନା, ଅଧିକ ପଇସା ଖର୍ଚ୍ଚ ହେବ ନାହିଁ । ଯଦିଓ ସାର୍ ମୋତେ ଏକଥା ପ୍ରଥମେ କହି ନଥିଲେ ପରେ ମୁଁ ଫର୍ମ ଓ ତାର ନିୟମାବଳୀ ଦେଖି ଜାଣିଲି ଯେ ସ୍ପାଉସ୍ ମଧ୍ୟ ଯାଇପାରିବ ।

ତା'ହେଲେ ତ ଅତି ଭଲ ହେଲା । ବୋଉ ଦୁଇ ହାତ ଯୋଡ଼ି ମୁଣ୍ଡରେ ଲଗେଇଲା । ବୋଧେ ତାର ଇଷ୍ଟ ଦେବୀଙ୍କ ଉଦ୍ଦେଶ୍ୟରେ ।

ତାର କିଛି ଦିନ ପରେ ସେଇ ଭିସା ପାସ୍‌ପୋର୍ଟ କାମରେ ମୋତେ ଦିଲ୍ଲୀ ଯିବାକୁ ପଡ଼ିଲା । ଆମ ଭୁବନେଶ୍ୱର ପାସ୍‌ପୋର୍ଟ ଅଫିସ ଯୋଉମାନେ ଦେଖିଚନ୍ତି ସେମାନେ

Digitized by srujanika@gmail.com

ନିଶ୍ଚୟ ଜାଣିଥିବେ ସେଠି କେତେ ଭିଡ଼। ଭୋର ସକାଳଠାରୁ ବେଳେ ବେଳେ ଲାଇନ ଲାଗିଯାଏ। ସେଇ ଅନୁସାରେ ଦିଲ୍ଲୀ ପାସ୍‌ପୋର୍ଟ ଓ ତାର ଫରେନ୍ ଆମ୍ବାସିମାନଙ୍କର କେତେ ଭିଡ଼ ହେଉଥିବ ଅନୁମାନ କରି ହେବ। ମନେହେଉ ସାରା ଭାରତବର୍ଷ ଏବେ ଆମେରିକା ଉଠିଯିବ କି ?

ଏ କଥାଟା ସେଇ ସମୟର ଯେତେବେଳେ ଜଣେ ଏମ୍‌ପି ଅନ୍ୟ ଜଣେ ଭଦ୍ରମହିଳାଙ୍କୁ ନିଜର ସ୍ତ୍ରୀ ପରିଚୟ ଦେଇ କାନାଡ଼ା ଚାଲାଣ କରୁଥିବା ବେଳେ ଦିଲ୍ଲୀ ବିମାନବନ୍ଦରରେ ଧରା ପଡ଼ିଥିଲେ। ସେ ଭଦ୍ର ମହିଳା କୁଆଡ଼େ କାନାଡ଼ାରେ ଯାଇ 'ଡୋମେଷ୍ଟିକ୍ ହେଲପ' ଭାବରେ କାମ କରିଥାଆନ୍ତେ। ଏଥିପାଇଁ ସେ ଗୋଟାଏ ଶିକ୍ଷାନୁଷ୍ଠାନରେ ଛଅ ମାସ ଟ୍ରେନିଂ ମଧ୍ୟ ନେଇଥିଲେ। ଏହି ଶିକ୍ଷାନୁଷ୍ଠାନ ପୃଥିବୀର ବିଭିନ୍ନ ଦେଶରେ ଅର୍ଥାତ୍ ପ୍ରାଚ୍ୟ, ପାଶ୍ଚାତ୍ୟ ଏପରିକି ଆଫ୍ରିକାନ୍ ଦେଶମାନଙ୍କରେ ଯାଇ 'ଡୋମେଷ୍ଟିକ ହେଲ୍‌ପ' କାମ କରିବାକୁ ଟ୍ରେନିଂ ଦେଇଥାଏ। ତା ସହିତ ସେମାନଙ୍କୁ ସେ ଦେଶର ଭାଷା ଓ ସଂସ୍କୃତି ବିଷୟରେ ତାଲିମ ଦେଇଥାଏ। ସି.ବି.ଆଇର ତଦନ୍ତରୁ ଏକଥା ମଧ୍ୟ ଜଣା ପଡ଼ିଥିଲା ଯେ ଏଇ ସବୁ ଅନୁଷ୍ଠାନ ସୋସାଇଟି ରେଜିଷ୍ଟ୍ରେସନ ଆକ୍ଟ ଅନୁସାରେ ରେଜେଷ୍ଟ୍ରିଭୁକ୍ତ ଏବଂ ଏମାନଙ୍କର ଆଭିମୁଖ୍ୟ ହେଲା ଭାରତରେ ଥିବା ଦରିଦ୍ର ନିରନ୍ନ ତଥା ଅସହାୟ ନାରୀମାନଙ୍କୁ ସ୍ୱାବଲମ୍ବୀ କରାଇବା ଏବଂ ସେମାନଙ୍କୁ ସ୍ୱାଧୀନ ଭାବରେ ନିଜ ଗୋଡ଼ରେ ଠିଆ ହେବାକୁ ଶକ୍ତି ଯୋଗାଇବା। ଅନୁଷ୍ଠାନଗୁଡ଼ିକ ବିଦେଶୀ ଅନୁଷ୍ଠାନ ସହିତ ସମ୍ବନ୍ଧିତ। ତାଛଡ଼ା ଭାରତର ବହୁ ନାମୀ ଦାମୀ ନେତା, ଅଫିସର, ସମାଜସେବୀ ଓ ବୁଦ୍ଧିଜୀବୀ ତାର ପୃଷ୍ଠପୋଷକ। ମନେହେବ ସାରା ଭାରତବର୍ଷ ଯେମିତି ସେଇ ଗୋଟିଏ କାମରେ ଲାଗିଚି।

ଯୋଉ ମାନ୍ୟବର ସାଂସଦ ଭଦ୍ରମହିଳାଙ୍କୁ ବିଦେଶକୁ ଚାଲାଣ କରୁଥିଲେ ସେଥିପାଇଁ ସେ କୁଆଡ଼େ ୩୦ ଲକ୍ଷ ଆଡ଼ଭାନ୍ସ ନେଇ ସାରିଥିଲେ। ଏଥିପାଇଁ ସାଂସଦ ଜଣକ ତାଙ୍କ ପାସ୍‌ପୋର୍ଟରେ କେତେଗୁଡ଼ିଏ 'ସାମାନ୍ୟ ମିଥ୍ୟା' ଘୋଷଣା ଦେଇଥିଲେ। ପୁଲିସର ସଂଦେହ ଯେ ଏହି କାମରେ ପାସ୍‌ପୋର୍ଟ ଅଫିସଠାରୁ ଆମ୍ବାସୀ ଯାଏ ଗୋଟାଏ ବଡ଼ ରାକେଟ କାମ କରୁଚି ଏବଂ ଏଥିରେ ବହୁ ଅଫିସର ମଧ୍ୟ ସଂପୃକ୍ତ। ସେଦିନ ପୁଲିସ ସେଇ ତଦନ୍ତ ପାସପୋର୍ଟ ଅଫିସରେ କରୁଥିଲା।

ଏକଥା ତ ସମସ୍ତେ ଜାଣନ୍ତି ଯେତେବେଳେ ପୁଲିସ ଗୋଟାଏ ତଦନ୍ତ କାମରେ ଲାଗିଯାଏ ସେତେବେଳେ ତାର ଅନ୍ତରଙ୍ଗ ବନ୍ଧୁ ଇଲେକ୍ଟ୍ରୋନିକ ଗଣମାଧ୍ୟମକୁ ସାଥିରେ ନେଇଥାଏ। ଟିଭି କ୍ୟାମେରା ନଥିଲେ ପୁଲିସ ତଦନ୍ତ କରିପାରେ ନାହିଁ ଏବଂ ଗୋଟାଏ

Digitized by srujanika@gmail.com

ଜାଗାରେ ଟିଭି କ୍ୟାମେରା ଥିଲେ ଲୋକେ ସବୁ କାମ ପଛକୁ ରଖି ସେଠି ଯାଇ ଠିଆ ହୁଅନ୍ତି ଏବଂ ଅନାବଶ୍ୟକ ଭାବେ ଭାଗଭଙ୍ଗୀ ପ୍ରଦର୍ଶନ କରନ୍ତି।

ମୁଁ ଯେତେବେଳେ ମୋ କାମ ପାଇଁ ପାସ୍‌ପୋର୍ଟ ଅଫିସରେ ପହଞ୍ଚିଲି, ଦେଖିଲି, ପାସ୍‌ପୋର୍ଟ ଅଫିସଠାରୁ ଅଧ କିଲୋମିଟର ଦୂରରେ ମୋ ଗାଡ଼ି ରହିଗଲା। ଆଉ ଆଗକୁ ଯାଇ ହେଲାନି। ମୁଁ ତ ଆଗରୁ ରେଫରେନ୍ସ ନେଇ ଆସିଥିଲି। ବିନା ରେଫରେନ୍ସରେ ଆଜିକାଲି କୌଣସି କାମ କରିବା ସଂଭବ ନୁହେଁ। ଦୁଇଟା କଥା ଏକାନ୍ତ ଜରୁରୀ। ଷ୍ଟ୍ରଙ୍ଗ ରେଫରେନ୍ସ ଥିବ ନଚେତ୍ ପକେଟ ଉଚ୍ଚା ଥିବ। ଏ ଦୁଇଟା ନଥିଲେ କୌଣସି କାମ ହୁଏନି। ମୁଁ ଗାଡ଼ି ବୁଲେଇବାକୁ କହିଲି। ଭଦ୍ରଲୋକ ରହନ୍ତି ନୋଇଡାରେ। ଅନେକ ଦୂର। ତଥାପି ପାଖରେ ଥିବା ଠିକଣା ଖୋଜି ଖୋଜି ଯାଇ ପହଞ୍ଚିଲି। ନୋଇଡ଼ାର ଗୋଟିଏ ବସ୍ତିରେ ତାଙ୍କ ଘର। ସରକାରୀ ଜାଗାରେ ବସ୍ତିଟା 'ଅନଅଥରାଇଜ୍‌ଡ' ବୋଲି। ସବୁ ଘର ଏକ ମହଲା, ଦୁଇ ମହଲା। ରାସ୍ତା ବି ଚକ୍‌ଚକ୍। ଲାଇଟ, ପାଣି ସବୁ ସୁବିଧା ଅଛି କିନ୍ତୁ ସଂଯୋଗ ସବୁ ବେଆଇନ। ଏସବୁ କଥା ମୋର ବଂଧୁ ମୋତେ ଭୁବନେଶ୍ୱରରୁ କହି ଦେଇଥିଲେ। ତେବେ ଯା ହେଉ ମି. କପୁରଙ୍କ ଘର ପାଇବାକୁ ମୋତେ ଅସୁବିଧା ହେଲା ନାହିଁ। ଗେଟରେ ଭିତରୁ ତାଲା ପଡ଼ିଚି। କିନ୍ତୁ ଗେଟରେ ବେଲ ଅଛି। ମୁଁ ବେଲ୍ ଚିପିବା ମାତ୍ରେ ସ୍ୱରଟିଏ ଭାସି ଆସିଲା। ବେମାରଗ୍ରସ୍ତ ନାରୀ କଣ୍ଠ ପରି ମନେହେଲା।

'ଭେୟା, ଆମେରିକା ମତ୍ ଯାଓ।'

ମୁଁ ଥମ ହେଇଗଲି। କିଏ ଏକଥା କହୁଚି ? କାହାକୁ କହୁଚି ? ମୋତେ ନୁହେଁ ତ ? ମନେହେଲା ଯେମିତି ଅଜସ୍ର ଦୁଃଖ ଓ ଯନ୍ତ୍ରଣା ମିଛିଯାଇଛି ଏ ସ୍ୱରରେ। ମୁଁ ଚାରିଆଡ଼କୁ ଆଖି ବୁଲେଇଲି। ପୁଣି ଭାବିଲି ମୁଁ ଭୁଲ ଜାଗାକୁ ଆସିଗଲି କି ? ପୁଣି ଥରେ କାନ୍ଥରେ ଲେଖାଥିବା ଘର ନମ୍ବର ଓ ନେମ୍ ପ୍ଲେଟ୍‌କୁ ଦେଖିଲି। ସବୁ ତ ଠିକ୍ ଅଛି।

ପୁଣି ଥରେ ସେଇ ସ୍ୱର। 'ଆପ୍ କୋନ୍ ? ଆପ ଭି ଆମେରିକା ଯାଏଙ୍ଗେ ?'

ମୋର କୌତୁହଳ ବଢ଼ିଗଲା। ଏମିତି କିଏ କହୁଚି ?

ମି. କପୁର ବାହାରି ଆସିଲେ। ଗେଟ ଖୋଲିଲେ। ହସି ହସି ମୋତେ କହିଲେ ରାଣୀ ବହୁତ ଅଭିମାନୀ ହେଇ ପଡ଼ିଚି। ମୋ ପୁଅ ଆମେରିକା ଯିବା ପରଠୁ ସେ ସବୁବେଳେ ସେଇ ବାଲକୋନି ଉପରେ ବସେ ଏବଂ ଯାହାକୁ ଦେଖେ ତାକୁ ଏମିତି କହିଥାଏ। କେତେବେଳେ ପୁଣି କହିଥାଏ, 'ଭେୟା ମୁଝେ ଭି ଆମେରିକା ଲେ ଯାଓ।' ସେ ବାଲକୋନିରେ ବସିଥିବା ଶୁଆ ଆଡ଼କୁ ହାତ ଦେଖାଇଲେ।

Digitized by srujanika@gmail.com

ମୁଁ ଆଶ୍ଚର୍ଯ୍ୟ ହେଲି।

ସୋଫାରେ ବସୁ ବସୁ ସେ ମୋତେ କହିଲେ ପୁଅ ବି.ଏ. ପାଶ କଲା। କିନ୍ତୁ ଚାକିରି କାହିଁ? ମୁଁ ତାକୁ ଗୋଟାଏ ଏଜେନ୍ସି ମାଧ୍ୟମରେ ପଠେଇ ଦେଲି। ଆମ ପିଲା ସେଠି ଦିନ ମଜୁରିଆ ହେଇ ଯୋଉ ପଇସା ରୋଜଗାର କରୁଚନ୍ତି, ଏଠି ଇଂଜିନିଅର ମଧ୍ୟ ସେତକ ପାଉନାହିଁ। ଏଠି ଇଂଜିନିଅର ପାଇଁ ଚାକିରି କାହିଁ?

ଟିକିଏ ରହି ସେ ପୁଣି କହିଲେ ଆମର କେବଳ ଏଇ ବସ୍ତିରୁ ପ୍ରାୟ କୋଡ଼ିଏ ତିରିଶ, ସ୍ତ୍ରୀ ପୁରୁଷ ମିଶି, ଏବେ ଆମେରିକା, କାନାଡ଼ା ଅଞ୍ଚଳରେ ଅଛନ୍ତି। ସ୍ଥାନୀୟ ଲୋକଙ୍କ ଅପେକ୍ଷା ଏମାନେ କମ୍ ପଇସାରେ କାମ ଧରୁଚନ୍ତି। କ୍ଷତି କଅଣ? ଭଲରେ ଅଛନ୍ତି।

ମୋ ହାତ ଶିଥିଳ ହେଇ ଆସୁଥିଲା। ମୁଁ ମୋ ବେଗ୍‌ରୁ କାଗଜ ବାହାର କରୁଥିଲି ତାଙ୍କୁ ଦେବାକୁ।

ଗେଟ୍ ଖୋଲି ଆଉ ଦୁଇ ଚାରି ଜଣ ଯୁବକ ଭିତରକୁ ପଶି ଆସୁଥିଲେ।

ପୁଣି ଥରେ ସେଇ ମର୍ମଭେଦି ସ୍ୱର ଭାସି ଆସିଲା, 'ଭେୟା ଆମେରିକା ଗୟେ ହେଁ, ଆପ୍ ଭି ଯାଏଙ୍ଗେ?'

❑❑

Digitized by srujanika@gmail.com

ମହାତ୍ମାଗାନ୍ଧୀ ରୋଡ୍‌ର ସେଇ ଲୋକଟି

ପାଟନା ସହରର ଉତ୍ତର ପୂର୍ବ କୋଣରୁ ଯୋଉ ବିଶାଳ ସମତଳ ଅଞ୍ଚଳକୁ ଅଧିକାର କରି ବସ୍ତି ଗଢ଼ି ଉଠିଚି ତାର ନାଁ ସେମାନେ ଦେଇଥିଲେ 'ବିଷାଦ ନଗର।' ଏମିତି ଗୋଟାଏ ନାଁ କିଏ ଓ କାହିଁକି ଦେଇଥିଲେ ସେ କଥା ଅବଶ୍ୟ କେହି କହିପାରନ୍ତିନି। କିନ୍ତୁ ରେଭନ୍ୟୁ ରେକର୍ଡରେ ଏ ପ୍ରକାର ନାଁ ଦେଖିବାକୁ ମିଳୁ ନ ଥିବାରୁ ପ୍ରତିଥର ନିର୍ବାଚନ ସମୟରେ କେହି ନା କେହି ଜଣେ ସେ ବସ୍ତିର ନାଁ ବଦଳରେ ତତ୍‌କାଳୀନ ମୁଖ୍ୟମନ୍ତ୍ରୀଙ୍କ ନାଁ ଅନୁସାରେ ଆଉ ଥରେ ନାମିତ କରିବାକୁ ପ୍ରସ୍ତାବ ଦେଇଥାଏ। ଆଉ କେହି କେହି ମୁଖ୍ୟମନ୍ତ୍ରୀଙ୍କ ବାପା କି ମାଆଙ୍କ ନାଁ ମଧ୍ୟ ପ୍ରସ୍ତାବ କରନ୍ତି। ସେ ପ୍ରସ୍ତାବ ସବୁ କୁଆଡ଼େ ଯାଏ କେଜାଣି ବିଷାଦ ନଗରର ନାଁ ଏବେ ମଧ୍ୟ ବିଷାଦ ନଗର ଅଛି। ଗତ ଏମରଜେନ୍ସି ସମୟରେ ଦଶ ହଜାର ଦସ୍ତଖତ ସମ୍ମିଳିତ ଯୋଉ ପିଟିସନ ସରକାରଙ୍କୁ ଦିଆଯାଇଥିଲା, ତାହା ମଧ୍ୟ କୁଆଡେ ଗଲା। ଏଯାଏ ସେ ବସ୍ତିର ନାଁ ବଦଳି ନାହିଁ। ଏବେ ବୋଧେ ଆଉ ବଦଳିବାର ସମ୍ଭାବନା ନାହିଁ।

ସେ ବସ୍ତିର ଲୋକେ କିନ୍ତୁ ବୁଝନ୍ତି ନାହିଁ ବିଷାଦ ଶବ୍ଦର ଅର୍ଥ କଅଣ। ଗୋଟାଏ ନାଁରୁ ବା କଅଣ ମିଳିବ। ସମଗ୍ର ପାଟନା ସହରଟା ଗୋଟାଏ ଖାଲ ଢ଼ିପର ସହର ହେଇଥିଲା ବେଳେ କେବଳ ଏଇ ବିଷାଦ ନଗରଟା ହିଁ ସମତଳ ଅଞ୍ଚଳ। ବଡ ବଡ ଲୋକମାନେ ଏ ପ୍ରକାର ସୁନ୍ଦର ଜାଗାଟିକୁ ଦଖଲ ନ କରି ତାକୁ ବସ୍ତିବାସିନ୍ଦାଙ୍କୁ କେମିତି ଛାଡି ଦେଲେ ସେ କଥା ଏବେ ବି ସମସ୍ତଙ୍କୁ ବିସ୍ମିତ କରେ।

ବିଷାଦ ନଗରଟା ସହରର ମୁଖ୍ୟ ସ୍ଥାନ ଅର୍ଥାତ୍ ସେକ୍ରେଟେରିଏଟ୍, ମନ୍ତ୍ରୀମାନଙ୍କ ବାସସ୍ଥାନ, କୋର୍ଟ କଚେରୀ, ରେଳ ଷ୍ଟେସନ, ବସଷ୍ଟାଣ୍ଡ, ପାର୍କ, ସହରର ମଧ୍ୟ କୁହାଯାଇପାରେ - ସୁବିଦିତ ସ୍କୁଲ କଲେଜ, ସରକାରୀ ହସପିଟାଲ ପ୍ରଭୃତି ଠାରୁ ଅନେକ

Digitized by srujanika@gmail.com

ଦୂରରେ । ହେବା ସ୍ୱାଭାବିକ । ବିଷାଦ ନଗରର ବାସିନ୍ଦାମାନଙ୍କ ପାଇଁ ଏ ସବୁର ଆବଶ୍ୟକତା ନାହିଁ, ସେମାନେ ନିଜେ ମଧ୍ୟ କେବେ ଆଶା କରିନାହାନ୍ତି । କେବେ ମାଗି ନାହାନ୍ତି କି କାହାକୁ କହି ବି ନାହାନ୍ତି । ତେବେ ସେଠି ଲୋକଙ୍କ ସୁଖସୁବିଧାକୁ ଆଖି ଆଗରେ ରଖି ସରକାର ନିଜ ତରଫରୁ ଗୋଟିଏ ଆୟୁର୍ବେଦ ହସପିଟାଲ ଓ ପ୍ରାଇମେରୀ ସ୍କୁଲଟିଏ କରିଚନ୍ତି । ଆୟୁର୍ବେଦ ହସପିଟାଲ ଗୋଟିଏ ଦୁଇ ବଖୁରୀକିଆ ଟିଣ ସେଡରେ ଚାଲେ, ଯୋଉଠି ସବୁବେଳେ ତିନି ଚାରିଟା ଗାଈ ଶୋଇ ପାକୁଳି କରୁ ଥାଆନ୍ତି ଏବଂ ସ୍କୁଲଟି ମଧ୍ୟ ଆଉ ଗୋଟିଏ ସେମିତିକା ଘରେ ଚାଲୁଥାଏ । ସରକାର ଯେତେବେଳେ ନୂଆ ନିୟମ କଲେ ଗାଁ ଲୋକେ ଯଦି ମାଗଣାରେ ଜମି ଓ ଘର ଯୋଗାଇ ଦେବେ, ସେତେବେଳେ ସରକାର ସ୍କୁଲଟିଏ ଯୋଗାଇବାକୁ ବାକି ନିୟମ ଅନୁସାରେ ଚେଷ୍ଟା କରିବେ, ସେତେବେଳେ ତାହାହିଁ ହେଇଥିଲା । ବିଷାଦ ନଗର ବାସିନ୍ଦାଙ୍କୁ ଯେତେବେଳେ ପଚରାଗଲା, ସେମାନେ କହିଲେ ଆମ ପିଲାମାନେ ତ ସବୁ ତାଙ୍କ ମାଆ ସାଙ୍ଗରେ କାମକୁ ଯାଉଚନ୍ତି । ପାଠ ପଢ଼ିବେ କେତେବେଳେ ? ଆମର ସ୍କୁଲ କଅଣ ହେବ ? କିନ୍ତୁ ସରକାର ତାଙ୍କ କାମତ ପୁଣି କରିବେ ।

ମୁଖ୍ୟମନ୍ତ୍ରୀ ସେ ଦିନ ନୂତନ ସ୍କୁଲ ଉଦଘାଟନ କରିବାକୁ ଆସି ଯେତେବେଳେ ଦେଖିଲେ ବସ୍ତିବାସିନ୍ଦାଙ୍କ ଭିତରୁ କେହି ଜଣେ ହେଲେ ନାହାନ୍ତି, ସମସ୍ତେ କାମକୁ ପଳେଇଚନ୍ତି, ସେତେବେଳେ ମୁଖ୍ୟମନ୍ତ୍ରୀଙ୍କ ସମ୍ମାନ ବଜାୟ ରଖିବାକୁ ତୁରନ୍ତ ପୁଲିସ ମୁଖ୍ୟ ତାଙ୍କ ବେରେକକୁ ଫୋନ କଲେ ଆଉ ଅସୁବିଧା ହେଲାନି । ମାତ୍ର ପନ୍ଦର କୋଡିଏ ମିନିଟ ଭିତରେ ଦୁଇଶହ ଲୋକ ଆସିଗଲେ । ସଭାସ୍ଥଳ କମ୍ପି ଉଠିଲା । ମୁଖ୍ୟମନ୍ତ୍ରୀ ତାଙ୍କ ଭାଷଣରେ କହିଲେ ଆସନ୍ତା ବର୍ଷ ଏତେବେଳକୁ ଏଠି ଏ ଟିଣସେଡ୍ ବଦଳରେ ଆପଣମାନେ ଗୋଟିଏ ସୁନ୍ଦର ପକ୍କା ବିଲଡିଂ ଓ ତାର ଖେଳପଡିଆ ସମେତ ଛୋଟ ପାର୍କ ମଧ୍ୟ ଦେଖିବାକୁ ପାଇବେ ।

ଏବେ କିନ୍ତୁ ଚଉଠ ଶତାବ୍ଦୀ ବିତିଲାଣି । ମୁଖ୍ୟମନ୍ତ୍ରୀ ପାଞ୍ଚ ସାତ ଜଣ ଗଲେଣି । ସ୍କୁଲ ଯେମିତି ଥିଲା ସେମିତି ଅଛି । ଜଣେ ଶିକ୍ଷା ସହାୟକ ଘର ଘର ବୁଲି ଗୋଟିଏ ରେଜିଷ୍ଟରରେ କିଛି ନାଁ ଲେଖିଥିଲେ । କିନ୍ତୁ ଶିକ୍ଷାବିଭାଗ କଅଣ ଏଥିରେ ଠକିଯିବେ ? ବିଧାନ ସଭାରେ ମନ୍ତ୍ରୀ କହିଲେ ସେ ସ୍କୁଲରୁ ଯଦି କେହି ପାଶ କରିନାହାନ୍ତି, ତେବେ ସେ ସ୍କୁଲକୁ ବନ୍ଦ କରି ଦିଆଯିବ ।

ସେଇ ବିଷାଦ ନଗରକୁ ଯୋଉ ମୋଟାମୋଟି ଗୋଟାଏ ନାଲି ସଡକ ପାଟଣା ସହରର ମୁଖ୍ୟ ରାସ୍ତା 'ବାଲେ ରୋଡ'ରୁ ଯାଇ ମିଶିଚି ତା ନାଁ 'ମହାତ୍ମାଗାନ୍ଧୀ ରୋଡ' । ମହାତ୍ମାଗାନ୍ଧୀ ଜନ୍ମ ଶତବାର୍ଷିକ ସମୟରେ ଯେତେବେଳେ ପାଟନା ମ୍ୟୁନିସିପାଲ କର୍ତ୍ତୃପକ୍ଷ ଗୋଟାଏ ସଡକ ଖୋଜିଲେ ଜାତିର ଜନକ ମହାତ୍ମାଙ୍କ ନାମରେ ନାମିତ କରିବାକୁ ଏଇ

Digitized by srujanika@gmail.com

ସେତେବେଳେ ସେମାନେ ଏଇ ସଡକକୁ ବାଛିଥିଲେ। କାରଣ ସେତେବେଳେ ସହରର ଆଉ କେହି କୌଣସି ମୁଖ୍ୟ ତଥା ସୁନ୍ଦର ସଡକ ପ୍ରାଦେଶିକ ନେତାମାନଙ୍କ ନାଁରେ ଥିବା ନାମକୁ ବଦଳାଇ ମହାତ୍ମାଙ୍କ ନାଁରେ କରିବାକୁ ଚାହିଁ ନ ଥିଲେ। କିନ୍ତୁ ସରକାର ସେତେବେଳେ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ ଯେ ସେ ରାସ୍ତା ହେବ ସହରର ସବୁଠାରୁ ମର୍ଯ୍ୟାଦାବନ୍ତ ରାସ୍ତା ଏବଂ ତାର ମଝି ଅଂଶରୁ ଆଉ ଗୋଟାଏ ରୋଡ ଏରୋଡ୍ରମକୁ ସଂଯୋଗ କରିବ। ତାର ନାଁ ହେବ 'କ୍ରାନ୍ତି ପଥ', ଜୟ ପ୍ରକାଶଙ୍କ 'ସମ୍ପୂର୍ଣ୍ଣ କ୍ରାନ୍ତି'କୁ ସ୍ମରଣ ରଖିବା ପାଇଁ। ସେତେବେଳେ କେହି କେହି ସେ ରାସ୍ତାର ନାମ 'ଜୟ ପ୍ରକାଶ ପଥ' ହେଉ ବୋଲି ଯୋଉ ପ୍ରସ୍ତାବ ଦେଇଥିଲେ ତାକୁ ଜୟ ପ୍ରକାଶଙ୍କ ଚେଲାମାନେ ଅଗ୍ରାହ୍ୟ କରି ଦେଇଥିଲେ।

ଏ କଥା ସମସ୍ତେ ଜାଣନ୍ତି ସାରା ଭାରତରେ ଯେତେ କ୍ରାନ୍ତିକାରୀ ନେତା ଅଛନ୍ତି ତା ଭିତରୁ ପ୍ରାୟ ସତୁରୀ ଭାଗ ଅଛନ୍ତି ବିହାରରେ। ସେମାନେ ଗାନ୍ଧୀଙ୍କ ଅପେକ୍ଷା ଜୟପ୍ରକାଶଙ୍କୁ ବେଶୀ ମାନ୍ୟତା ଦିଅନ୍ତି। କିନ୍ତୁ ସେତେବେଳେ ଶାସନରେ ଥିଲେ ଗାନ୍ଧୀବାଦୀମାନେ। ଶେଷ ପର୍ଯ୍ୟନ୍ତ 'କ୍ରାନ୍ତିପଥ' ମୋଟେ ଆସିଲାନି। କିନ୍ତୁ ମହାତ୍ମାଗାନ୍ଧୀ ରୋଡ, ଭାରତର ଗାଁ ଗଣ୍ଡାରେ ଜନ୍ମିତ ଶିଶୁ ବରାବର ରୋଗ ଭୋଗିଲା ପରି, ଜନ୍ମ ହେଲା ଠାରୁ ଅବହେଳିତ ହେଇ ପଡି ରହିଚି।

ଗାନ୍ଧୀରୋଡ କିନ୍ତୁ ବରାବର ଏକୁଟିଆ। ଦିନ କଅଣ ରାତି କଅଣ ସବୁବେଳେ ନିର୍ଜନ। ଦୁଇ ପାଖରେ ଧାଡି ଧାଡି ତାଳଗଛ। ଗୋଟାଏ ଫିଲ୍ମ ଷ୍ଟୁଡିଓର ରାସ୍ତା ଭଳିଆ ଲାଗେ। ରାସ୍ତାଟା ବିଷାଦ ନଗରକୁ ଯାଇଥିବାରୁ ସେ ରାସ୍ତାରେ କାରତ ଦୂରର କଥା ମୋଟର ସାଇକେଲଟିଏ ମଧ୍ୟ ଯା ଆସ କରେନି। ତେବେ ଗାଁକୁ ଯାଉଥିବା ଚାଷୀ ଅବଶ୍ୟ ତାର ଶଗଡରେ ଧାନ ଗହମ ମୁଗ ବିରି ଇତ୍ୟାଦି ନେଇ ସେ ରାସ୍ତାରେ ଯାଏ। ଚୋର ଓ ଖଣ୍ଟ ବୋଧେ ସେଇଥିପାଇଁ ଗାନ୍ଧୀ ରୋଡକୁ ଭୁଲରେ ମଧ୍ୟ ଆସନ୍ତି ନାହିଁ। ସେଇ ଦୃଷ୍ଟିରୁ ପାଟନାର ଅନ୍ୟାନ୍ୟ ଯେ କୌଣସି ସଂଭ୍ରାନ୍ତ ତଥା ଜନଗହଳିପୂର୍ଣ୍ଣ ରାଜରାସ୍ତା ଅପେକ୍ଷା ମହାତ୍ମାଗାନ୍ଧୀ ରୋଡ ବେଶ ବିପଦଶୂନ୍ୟ ଏବଂ ଆରାମଦାୟକ। ସାନ୍ଧ୍ୟ ଭ୍ରମଣରେ ମୁଁ ଅନେକ ଥର ସେଇ ରାସ୍ତାରେ ଯାଇଚି ଏବଂ ସେଠୁ ଫେରିଲା ପରେ ଆମ ରାମଦେବ ଓ ରବିଶଙ୍କରଙ୍କ ପ୍ରବର୍ତ୍ତିତ ଯୋଗ ଓ ଆର୍ଟ ଅଫ୍ ଲିଭିଙ୍ଗ ଦ୍ୱାରା ଅର୍ଜୁଥିବା ଶାନ୍ତି ଅପେକ୍ଷା ବେଶୀ ଆତ୍ମ ସନ୍ତୋଷ ମୁଁ ପାଇଚି ବୋଲି ମୁଁ ଭାବେ ସଂପୂର୍ଣ୍ଣ ନିର୍ଜନତା ଭିତରେ ମୁଁ ଗୋଟାଏ ଅପୂର୍ବ ଆନନ୍ଦ ଲାଭ କରିଚି, ଯାହା ଅତ୍ୟଧିକ ଗହଳଚହଳ ବେଳେ ମିଳେ ନାହିଁ। ଏଥିପାଇଁ ବୋଧେ ଭାରତୀୟ ମୁନିଋଷିମାନେ ଓ କବି ଲେଖକମାନେ ନିର୍ଜନତାକୁ ବେଶୀ ଭଲ ପାଆନ୍ତି। ମୁନି ଋଷିମାନେ ପର୍ବତ ଗୁମ୍ଫାକୁ ବେଶୀ ଭଲପାଉଥିଲାବେଳେ କବିମାନେ ନିର୍ଜନ ଦ୍ୱୀପରେ ବସି କଲମଚାଳନା କରିବାକୁ ଭଲ ପାଆନ୍ତି।

Digitized by srujanika@gmail.com

ପ୍ରକାର ଏକ ନିର୍ଜନ ବେଳାରେ ମୁଁ ସେଦିନ ପ୍ରାତଃ ଭ୍ରମଣରେ ଯାଇ ଯେତେବେଳେ ମହାତ୍ମାଗାନ୍ଧୀ ରୋଡର ଶେଷଭାଗ ଆଡକୁ ଏବଂ ବିଷାଦ ନଗର ଆରମ୍ଭରେ ଥିବା ଝଂକାଳିଆ ବରଗଛ ପାଖରେ ପହଞ୍ଚିଲି ସେତେବେଳକୁ ସକାଳ ହେଇଆସିଲାଣି। ସବୁଠି ଫରଚା ଦେଖାଗଲାଣି। ବିଷାଦ ନଗର ଡାହାଣପଟେ ଥିବା ଗାଁର ଗୋରୁ ଗୋଠ ବାହାରି ଆସିଲେଣି ଏବଂ ବିଷାଦ ନଗର ଭିତରେ ଥିବା ଝୁମ୍ପୁଡ଼ିମାନଙ୍କ ଚାଳ ଉପରୁ ଧୂଆଁ ଉଠିଲାଣି। କିନ୍ତୁ ଏଥର ମୁଁ ଗୋଟାଏ ନୂଆ କଥା ଦେଖିଲି। ବରଗଛ ମୂଳରେ ଗୋଟାଏ ଚା ଦୋକାନ। ତାକୁ ଦୋକାନ ଠିକ କହି ହେବନି। ଲୋକଟା ଗୋଟାଏ କିରାସିନୀ ଟିଣକୁ ଅଧାରୁ କାଟି ତା'ରି ଭିତରେ ଷ୍ଟୋଭଟାଏ ରଖିଚି ଓ ତା ଉପରେ ଗୋଟାଏ ଆଲୁମିନିୟମ ଡେକଚିରେ ଚା କରୁଚି। ପାଖରେ ରଖିଚି ପାଞ୍ଚ ସାତଟା ଚା ଗ୍ଲାସ। ଗରମ ଚାରେ ସେ ବାରମ୍ବାର ଗୋଟାଏ ଚାମୁଚରେ ଘାଣ୍ଟି ପକାଉଚି ଓ ଥରେ ଥରେ ସେ ଅନ୍ୟ ଆଡକୁ ଲକ୍ଷ୍ୟ କରୁଚି, ସମ୍ଭବତଃ ଦେଖୁଚି କେହି ଗ୍ରାହକ ଆସୁଚି କି ପାଖରେ ମାତ୍ର ଦୁଇ ଜଣ ଲୋକ। ଆଣ୍ଠୁ ଭାଙ୍ଗି ତଳେ ବସିଚନ୍ତି ଯେମିତି ଗାଁରେ ଲୋକମାନେ ପଦାରେ ଝାଡା ବସନ୍ତି। ସେମାନଙ୍କ ଭିତରୁ ଜଣକ ପାଖରେ ଛୋଟ ପିଲାଟିଏ। ତିନି ବର୍ଷ ହେବ ତାର ବୟସ। ପିନ୍ଧିଚି ଖଣ୍ଡେ ମଇଳା ପେଣ୍ଟ। ଲୋକଟା ତା ବାପା ହେବ ବୋଧେ। ତା ଦେହକୁ ଲାଗି ବସିଚି। ଅନ୍ୟ ଲୋକଟି ଠାରୁ ଅଳ୍ପ ଦୂରରେ ବସି ବାରମ୍ବାର ଚା ଡେକଚିକୁ ଦେଖୁଚି ଏବଂ ଥରେ ଥରେ ଅନ୍ୟ ଲୋକଟିକୁ କଅଣ କହୁଚି।

ଚା ବିକ୍ରି ହେଉଚି ଦେଖି ମୋର ମଧ ପାଟି ଟକ ଟକ ହେଲା। ବଂଧୁ ମହଲରେ ମୋର ଚା ପ୍ରତି ଲୋଭର ଗୋଟାଏ ଅପବାଦ ଅଛି। କିନ୍ତୁ ଏ ପ୍ରକାର ଜାଗାରେ ଠିଆହେଇ (ମୁଁ ସେମାନଙ୍କ ପରି ଆଣ୍ଠୁ ଭାଙ୍ଗି ବସିପାରେନି) ଚା ପିଇବାରେ ମୋର ସମ୍ମାନରେ ଆଞ୍ଚ ଆସିପାରେ ଭାବି ମୁଁ ଟିକିଏ କୁନ୍ଥୁ କୁନ୍ଥୁ ହେଉଥିଲି। ଯେତେହେଲେ ମୁଁ ଜଣେ ଅବସରପ୍ରାପ୍ତ ସରକାରୀ ଅଫିସର। ଚା କେବଳ ଦୁଇ ଜାଗାରେ ପିଆଯାଇପାରେ। ପ୍ରଥମରେ ଅଫିସରେ, ନଚେତ ଘରେ। ତେବେ ଟୁରରେ ଗଲେ, ବିଶେଷ କରି ଦୂର ଜାଗାକୁ, ମୁଁ ରାସ୍ତା କଡରେ ବାଧ ହେଇ ଚା ପିଏ। କିନ୍ତୁ ସେତେବେଳେ ମୁଁ ଗାଡିରୁ ଓହ୍ଲାଇ ନ ଥାଏ। ଡ୍ରାଇଭର ଦୋକାନରୁ ଚା ଆଣିଦେଲେ ମୁଁ ସେଇ ଗାଡିରେ ବସି ପିଏ। ଓହ୍ଲେଇବାର ପ୍ରଶ୍ନ ନାହିଁ।

ଏବେ ସେ ଅଭ୍ୟାସ ଅନେକ ବଦଳିଗଲାଣି। ବାରବର୍ଷ ହେଲା ଅବସର ନେଲିଣି। ଏବେତ ନିଜେ ପରିବା ବେଗ ନେଇ ହାଟକୁ ଯିବାକୁ ପଡୁଚି। ସକାଳେ ଡବାଟିଏ ଧରି ଖଟାଲରେ ଯାଇ ଅନ୍ୟମାନଙ୍କ ସାଥିରେ ଠିଆ ହେବାକୁ ପଡୁଚି ଏବଂ ବେଳେ ବେଳେ ଯଦି ରାମଗୋଲାମ ଗାଈ ଦୁହିଁ ସାରି ଅଭିମାନ ଭରା କଣ୍ଠରେ ଆମକୁ କହୁଚି, 'ବାଲଟି କଅଣ ଚେକ କରୁଚ? ମୋ ପାଖରେ ଟିକିଏ ବି ଜାଲିଆତି ପାଇବନି। ତେବେ, ସେ ଈଶ୍ୱରଙ୍କ ନାମ ନିଏ ଓ ପୁଣି କହେ ଅଳ୍ପ ଟିକିଏ ପାଣି ନ ଦେଲେ କ୍ଷୀର ଶୁଖିଯିବନି? କାଲି

Digitized by srujanika@gmail.com

ଆସି ଆପଣମାନେ କଅଣ ନେବେ ? ସେତେବେଳେ ଏ କଥା ମଧ୍ୟ ହଜମ କରିବାକୁ ପଡେ। ମୁଁ ବର୍ତ୍ତମାନ ଏଇ ଅବସ୍ଥାକୁ ଆସିଯାଇଥିଲାବେଳେ ମହାତ୍ମାଗାନ୍ଧୀ ରୋଡରେ ଗୋଟିଏ ନିଛାଟିଆ ଜାଗାରେ ଠିଆ ହେଇ କପେ ଚା ମାରିଦେଲେ କିଏ ବା ଦେଖୁଚି। ମନ ଭିତରେ ଲୁଚି ଲୁଚି ଉଙ୍କି ମାରୁଥିବା ଅବବୋଧ ସବୁ ଏମିତି ଭାବରେ ବେଳେ ବେଳେ ବାହାରକୁ ଆସିବାକୁ ଚାହିଁଥାଏ। ହଁ ଏଇଟା ହେଇପାରେ ଘରେ ପଦେ ଦି ପଦ ଶୁଣିବାକୁ ପଡିପାରେ। ସେ କହିପାରନ୍ତି 'ଯୋଉ କାମ ସାରା ଚାକିରିକାଳ ଭିତରେ କରି ନ ଥିଲ ଏବେ ବୁଢ଼ା ହେବବେଳକୁ କରୁଚ। ରାସ୍ତା କଡରେ ଠିଆ ହେଇ ଚା ପିଇଲ୍ ? ଚିନି ତ ମେଞ୍ଚେ ପଡିଥିବ ? ସେ ଗ୍ଲାସରେ ଆଗରୁ ଆଉ ଜଣେ କେହି ପିଇଥିବ ? ସେ ଗ୍ଲାସ ସବୁ ଧୂଆ ହୁଏ କି ? ଛିଃ।' ତା ପରେ ସେ ଟିକିଏ ରହିଯିବେ ଏବଂ ମୁହଁ ତଳକୁ କରି କହିବେ 'ମୁଁ ଆଉ ଦେହକୁ ଜଗିଲେ କଅଣ ହେବ ?'

ମୁଁ ଚାର ଲୋଭ ସମ୍ଭାଳି ପାରୁ ନଥିଲି। ପାଖରେ ଥିବାରୁ ଚା ଶିଝିବାର ଗନ୍ଧ ମୋତେ ବେଶୀ ବ୍ୟସ୍ତ କରୁଥାଏ।

ଘରେ ପାଇବାର ପରାଭବକୁ ସେତେବେଳେ ଆଖି ବୁଜି ଦେବାକୁ ଚାହୁଁଥିଲି। ଚା ପିଇଚି ଏ କଥା ନ କହିଲେ ଭଲ। ମୋର ଅଫିସରେ ଥିବା ସାମାନ୍ୟ ଜୁନିଅର କଲିଗ ମିସେସ ପଟ୍ଟନାୟକଙ୍କ ସହିତ ଏବେବି ଦେଖାହୁଏ ଏବଂ ଏବେ ବି ମୋବାଇଲରେ ବେଶ ଆଳାପପୂର୍ଣ୍ଣ କଥା ହୁଏ, ଏ କଥା ମୋ ସ୍ତ୍ରୀ ଏଯାଏ ଜାଣନ୍ତି କି ? ତାଙ୍କୁ ଅନେକ କଥା ଲୁଚେଇ ରଖାଯାଇଚି ଯେତେବେଳେ ଏଇ ସାମାନ୍ୟ କଥାଟା ନ କହିଲେ କ୍ଷତି କଅଣ ? ମୁଁ ଯାହା ଠାରୁ ଲାଞ୍ଚ ନିଏ ସେ ନାଁ ଓ ଠିକଣା ସେ କେବେ ମାଗନ୍ତି ନାହିଁ। ଅଥଚ କୋଉ ସହକର୍ମୀଙ୍କ ସହିତ ଆବଶ୍ୟକତାଠୁ ବେଶୀ କଥା ହେଲେ କାହିଁକି ଫଟେଇ ଫଟେଇ ପାଞ୍ଚ କଥା ପଚାରାଯିବ ? ମୁଁ ଶେଷରେ ଠିକ କଲି ଘରେ ବରଂ ଆଉ କପେ ବିନା ଚିନିରେ ପିଇବି କିନ୍ତୁ...

ଯୋଉ ଦ୍ୱିତୀୟ ଲୋକଟି ସେଠି ବସି ବାରମ୍ବାର ଚା ଡେକଚିକୁ ଦେଖୁଥିଲା ସେ ଏଥର ଦୁଇଟା ଚା ଗ୍ଲାସ ନେଇ ଗୋଟାଏ ଅନ୍ୟକୁ ଦେଲା ଓ ଆଉ ଗୋଟିଏ ନିଜେ ରଖିଲା। ଏଥର ମୋ ନଜରଟା ତା ଉପରେ ସିଧା ପଡିବାରୁ ମୁଁ ଚିନ୍ତା କରିବାକୁ ଲାଗିଲି। କୋଉଠି ଦେଖିଥିଲା ପରି ମନେ ପଡୁଚି। କୋଉଠି ?

ଏଥର ମୋତେ ଦେଖି ସେ ଠିଆ ହେଇ ପଡିଲେ ଏବଂ ନମସ୍କାର କଲେ।

ମୁଁ ମଧ୍ୟ ହାତ ଯୋଡିଲି। ଆପଣତ ସେଇ କଅଣ ସେ ନାଁଟା ? କେ.ଏମ. - ଠିକ ତ ? କାର୍ଲ ମାର୍କ୍ସ ନୁହେଁ ? ମୁଁ ପଚାରିଲି।

ସେ ହସିଲେ। ଅରିଜିନାଲ ନୁହେଁ। ଡୁପ୍ଲିକେଟ୍। ସେ କହିଲେ। କାହିଁକି, ଏକଦମ ଅରିଜିନାଲ ଭଳିଆ ଦେଖାଯାଉଚି, ସେମିତି ଗହଳ ଦାଢ଼ୀ, ପ୍ରଶାନ୍ତ ମୁହଁ, ତୀକ୍ଷ୍ଣ ଆଖି।

Digitized by srujanika@gmail.com

ମୁଣ୍ଡରେ ଅନେକ ଭାବନା। ବାଃ ସୁନ୍ଦର। କିନ୍ତୁ ଆପଣ ଏ ଏମ.କେ ରୋଡରେ କାହିଁକି ?

ଏମ.କେ. ରୋଡ ? ସେ ପଚାରିଲେ ଆଶ୍ଚର୍ଯ୍ୟ ହେଇ।

ନୁହେଁ ? ମହନ ଦାସ କରମ ଚାନ୍ଦ - ଏମ.କେ. ନୁହେଁ ? ସଂଗେ ସଂଗେ ସମଗ୍ର ବାୟୁମଣ୍ଡଳଟା ହୋ ହୋ ହସରେ ଉଚ୍ଛୁଳି ଉଠିଲା। ମୁଁ କହିଲି ସିଏ ଥିଲେ ଏମ.କେ. ଆଉ ଆପଣ ହେଲେ କେ.ଏମ୍.। ଠିକ ଓଲଟା ହେଲେ ମଧ୍ୟ ଏବେ ଏକାଠି ? କିଛି ଯା ଭିତରେ ସାଲିସ ହେଇଗଲା କି ? ଅବଶ୍ୟ ଅସମ୍ଭବ ନୁହେଁ ଏକବିଂଶ ଶତାବ୍ଦୀରେ। ଗୁଡ୍। ଦିଅ ଭାଇ ମୋତେ କପେ ଚା ଦେଲ। ମୁଁ ନଇଁ ପଡି କହିଲି ସେ ଦୋକାନୀକୁ।

ମୋର ମନେ ପଡିଲା ଅନେକ ଦିନ ତଳର କଥା। ଚକିରିର ଶେଷ ବର୍ଷ। ଯାଇଥିଲି ଗୋଟାଏ ଗାଁକୁ ବି.ପି.ଏଲ. କାର୍ଡ ବିଷୟରେ ତଦନ୍ତ କରିବାକୁ। ଶହେ ଜାଗାରେ ତିନି ଶହ କାର୍ଡ ଇସୁ ହେଇଯାଇଚି। ସରକାର ଏତେ କୋଉଠୁ ଆଣିବେ ? ଗରିବ ବେଶୀ ହେଲେ ବୋଲି କାର୍ଡ ଯେ ବେଶୀ ଦିଆଯିବ ତାର ମାନେ କିଛି ନାହିଁ। ଯେତେ ବେଶୀ କାର୍ଡ ଇସୁ ହେବ ସେତିକି ଅଧିକ ଚାଉଳ ଦେବାକୁ ହେବ। ସରକାର ପାଖରେ ଥିଲେ ତ ? ଅଭିଯୋଗ ଆସିଲା, ମିଛ ନାଁରେ କାର୍ଡ ଇସୁ ହେଇଚି। ବିରୋଧି ଦଳଙ୍କ ପାଖରେ ତ ଇସୁ ନଥାଏ। କହିଲେ ସରକାରୀ ବିଧାୟକଙ୍କ ବଂଧୁ ବାନ୍ଧବମାନେ କୋଠା ଘରେ ଥାଇ କାର୍ଡ ପାଇଚନ୍ତି।

କଲେକ୍ଟର ସେତେବେଳେ କହିଥିଲେ କୋଠା ଘରେ ଗରିବମାନେ ରହୁ ନାହାନ୍ତି କି ? କୋଠା ଘରଟା ବାପ ଗୋସାପର ଥିବ। ଏବେ ଖାଇବାକୁ ନ ଥିବ।

ଏଇ କଥାରେ ମୁଁ ଯାଇଥିଲି ତଦନ୍ତ କରିବାକୁ। ମୂଳ ଉଦ୍ଦେଶ୍ୟ ଥିଲା ଯେମିତି ହେଲେ ଦୁଇଶହ କାର୍ଡକୁ କେନସେଲ କରିବାକୁ ହେବ। ସେଇ ତଦନ୍ତ ବେଳେ ଏଇ କେ.ଏମ୍. ମୋତେ ସବୁଠୁ ବେଶୀ ସାହାଯ୍ୟ କରିଥିଲେ। ଅନ୍ୟମାନେ ଭୁଲ ତଥ୍ୟ ଦେଉଥିଲାବେଳେ କେ.ଏମ. ଯାହା ପ୍ରମାଣଯୋଗ୍ୟ ତଥ୍ୟ ଦେଉଥିଲେ ତାକୁ କାଟିବାର ଉପାୟ ନଥିଲା। ସେଇଠି ମଧ୍ୟ ଜଣା ପଡିଲା ଯେ ସତକୁ ସତ ନେତାମାନେ ସତେଇଶଟା କାର୍ଡ କୋଠାଘରମାନଙ୍କୁ ଦେଇଚନ୍ତି। ସେଥିରୁ ସାତଜଣ ସରକାରୀ ଚାକିରିରେ ଥାଇ ମାସକୁ ଆଠ ଦଶ ହଜାର ପାଉଛନ୍ତି।

ଆମ ସମସ୍ୟାର ସମାଧାନ ହେଇପାରିଲାନି। ସତେଇଶ ସିନା ସଂଗେ ସଂଗେ କେନସେଲ କରିଦେଲି, ବାକି ୧୭୩ କାର୍ଡକୁ କଅଣ କରାଯିବ ?

ମୁଁ ସେତେବେଳେ କେ.ଏମ.ଙ୍କୁ କହିଲି, ଆପଣ ଟିକିଏ ଚିନ୍ତା କରନ୍ତୁ। ସମସ୍ତଙ୍କୁ ବି.ପି.ଏଲ ତାଲିକାରେ ରଖି ହେବନି। ସମସ୍ତେ କିଛି ନା କିଛି କାମ କରୁଥିବେ। କରୁ ନ ଥିଲେ କରିବା ଉଚିତ, ଈଶ୍ୱର ଯେତେବେଳେ ଜନ୍ମ ଦେଇଛନ୍ତି ତାଙ୍କ ପାଇଁ ଆହାର ମଧ୍ୟ

Digitized by srujanika@gmail.com

ଦେଇଛନ୍ତି। ଆହାର ଖାଇବା ପାଇଁ ଦୁଇଟା ହାତ ଓ କାମ ପାଇଁ ଦେହରେ ବଳ ଓ ମଥାରେ ବୁଦ୍ଧି ମଧ୍ୟ ଦେଇଛନ୍ତି। ସେମାନେ ସେ ସବୁର ସଦୁପଯୋଗ କରିବା ଉଚିତ। ସରକାର ହାତକୁ ଅନେଇ ବସିଲେ କେମିତି ହେବ ?

ସେ ହସିଲେ। ଗୋଟାଏ ଅର୍ଥପୂର୍ଣ୍ଣ ହସ। ସେ ହସରେ ଥିଲା ଲୋକଙ୍କ ପାଇଁ ଅମାପ ଦରଦ ଓ ଆମ ପାଇଁ ଅସମ୍ଭବ ଅସୂୟା। ସେଇ ହସରେ ବି ଫିଟି ପଡୁଥିଲା ଆମର ଅସହାୟତା। ସେ ଯେମିତି ପରସ୍ତ ପରସ୍ତ କରି ତାକୁ ଖୋଲି ଦେଉଥିଲେ।

ଆଜି ଆମେ ଦୁହେଁ ପୁଣି ସାମନା ସାମନି। ମୋତେ ଟିକିଏ ହାଲୁକା ଲାଗୁଥିଲା। ଚାକିରି ସମୟରେ ଯୋଉ ଗମ୍ଭୀରତା ବଜାୟ ରଖିବାକୁ ହୁଏ ସେଇଟା ନ ଥିଲା। ମୁଁ ତାଙ୍କ ସହିତ ଖୋଲାଖୋଲି କଥା ହେବାକୁ ଚାହୁଁଥିଲି।

ଅନ୍ୟ ଲୋକଟି ଏଯାଏ ଚୁପଚାପ ବସିଥିଲା ଓ ତା ପୁଅକୁ ଚା ଥଣ୍ଡା କରି ଟିକିଏ ଟିକିଏ ପିଆଉ ଥିଲା ଓ ନିଜେ ମଧ୍ୟ ପିଉଥିଲା। ହଠାତ ସେ ଉଠି ପଡିଲା ଓ କହିଲା "ମୁଁ ଯାଉଚି।" ସେ ତା ପୁଅର ହାତ ଧରି ଏକ ପ୍ରକାର ଦଉଡି ଦଉଡି ଚାଲିଗଲା।

ମୁଁ କେ.ଏମ.କୁ ଅନେଇଲି। ସେ କହିଲେ ଲୋକଟା ଦିନ ମଜୁରିଆ। ଦୈନିକ ଯାହା ଆଣେ ତାକୁଇ ବାପ ପୁଅ ଖାଆନ୍ତି। ଗତ ଦୁଇ ଦିନ ହେଲା ତାକୁ କାମ ମିଳି ନଥିଲା। କାଲିଠାରୁ କିଛି ଖାଇନି। ଏବେ ଭୋରରୁ ଆସି ତାର ଠିକାଦାରକୁ ଅପେକ୍ଷା କରିଥିଲା। ଏଇ ଛକକୁ ସେ ଆସେ। ଏବେ ସେ ଗାଁ ମୁଣ୍ଡକୁ ଗଲା। ହାଟରେ ତାକୁ ଅପେକ୍ଷା କରିବ।

ହାଟ ? ଏତେ ସକାଳ ହାଟ ବସେ ଏଠି ? ମୁଁ ପଚାରିଲି।

ଓହୋ, ଆପଣ ସେ ପରିବା ହାଟ ଭାବୁଛନ୍ତି କି ? ନା, ଏଇଟା ମଣିଷ ହାଟ। ଏଠି ଦିନ ମଜୁରୀ ପାଇଁ ଦିନକ ପାଇଁ ବା ହପ୍ତାକ ପାଇଁ ମଣିଷ କିଣା ହୁଏ। ଘର ତିଆରି, ରାସ୍ତା ତିଆରି, ଇଟା ଭାଟି, ଏଫ.ସି.ଆଇ. ଗୋଦାମରେ ମାଲ ବୋହିବା ଇତ୍ୟାଦି ସବୁ କାମ ହୁଏ। ସରକାର ଯଦି ଦିଏ ଶହେ ଟଙ୍କା, ଠିକାଦାର ତାକୁ ଦିଏ ପଚାଶ କି ଷାଠିଏ।

ଏବେ ଯୋଉ 'ନିଶ୍ଚିତ କର୍ମ ଯୋଜନା' ହେଇଚି ସେଥିରେ ଏମିତି ହେଉ ନଥିବ। ସେଥିରେ କେନ୍ଦ୍ର ସରକାର ଅଛନ୍ତି। ମୁଁ କହିଲି।

ସେ ହସିଲେ। ସେ ଯୋଜନାରେ ବିଷାଦ ନଗରର ଲୋକେ ଭାଗ ନେଇ ପାରନ୍ତିନି। ସେଇଟା ଗାଁ ଲୋକଙ୍କ ପାଇଁ। ବିଷାଦ ନଗର ମ୍ୟୁନିସିପାଲଟି ଅଧୀନରେ। ତେଣୁ ଏମାନେ ମାଲ ଗୋଦାମରେ ବୋଝ ବୋହନ୍ତି। ରାସ୍ତା ବା ବିଲଡିଂ କନଷ୍ଟ୍ରକସନ କାମରେ ଯାଆନ୍ତି। ପାଇଲେ କାମ କରନ୍ତି, ନଚେତ ଫେରି ଆସନ୍ତି।

କିନ୍ତୁ ଇଏ ତା ପୁଅକୁ ସାଥିରେ ନେଇଗଲା ଯେ ? ପଚାରିଲି।

Digitized by srujanika@gmail.com

ଆଉ କଅଣ କରିବ ? ସ୍ତ୍ରୀ ତାର ମରିଗଲା ବର୍ଷକ ତଳେ । ପୁଅକୁ ବିକି ଦେବ କହୁଥିଲେ । ମୁଁ ମନା କଲି । କହିଲି ଏବେ ସିନା ବିକି ଦେବୁ । ତୁ ବୁଢ଼ା ହେଲେ ତୋତେ ଦେଖିବ କିଏ ? ଏବେ ସେ ତାକୁ ସାଙ୍ଗରେ ଧରି ବୁଲୁଚି । ଆଉ ଛାଡିବ କୋଉଠି ? ସାଥିରେ ନେଇ ଯାଉଚି ଷ୍ଟେଶନରେ ଛାଡି ଦେବ । ପିଲାଟା ସଂଧ୍ୟା ଯାଏ ଭିକ ମାଗେ ।

ମୋର ଆଉ ଶୁଣିବାକୁ ଧୈର୍ଯ୍ୟ ନ ଥିଲା । ମୁଁ ତାଙ୍କୁ ଅଧିକ କିଛି କହିବାକୁ ବା ତା ବିଷୟରେ ପଚାରିବାକୁ ସାହସ କଲିନାହିଁ । ସେ ଆଉ କିଛି ଅଧିକ ବେଦନା ଦାୟକ କଥା କହିବେନି ତ ?

କିନ୍ତୁ ଆପଣ ହାଟ କଥା କହୁଥିଲେ ଯେ ? ମୁଁ କଥା ବୁଲେଇବାକୁ ଚାହିଁଲି । ଭାବୁଥିଲି ଯାହା ଭାଗ୍ୟରେ ଯାହା ଅଛି । ସେଥିରେ କିଏ କଅଣ କରିବ ?

ମଣିଷର ହାଟ ? ସେ ଅଟକି ଗଲେ ଓ ପଚାରିଲେ ଆଉଟିକିଏ ଚା ହେଉ । ଏଇ ସମୟରେ ଦୁଇ କପ ହେଲେ କ୍ଷତି କଅଣ ?

ନା କ୍ଷତି ନାହିଁ ଯେ... କିନ୍ତୁ ବିନା ଚିନିରେ । ମୁଁ କହିଲି ।

ବେଶ ଭଲ ହେଲା । ବଡଲୋକି ରୋଗ । ଦେଲ ବାବୁ, ଆଉ ଦି'ଟା ଚା । ଗୋଟିକରେ ଚିନି ଦେବନି । ତାପରେ ସେ ମୋ ଆଡକୁ ଦେଖିଲେ । ହଁ, ହାଟ କଥା କହୁଥିଲି । ସେଠି ମଣିଷମାନେ ନିଜେ ଆସି ନିଜ ପସରା ସଜେଇ ଦେଇ ବସନ୍ତି । ଠିକାଦାର ଓ ତାଙ୍କ ଦଲାଲମାନେ ଆସନ୍ତି । ମୂଲଚାଲ କରନ୍ତି । କମିଶନର ଦରଦାମ ମଧ୍ୟ ସ୍ଥିର ହୁଏ । ପଚାଶ ଟଙ୍କାର ମଜୁରୀ ପଚିଶ ତିରିଶକୁ ଖସିଆସେ । ଏଇ ଯେ ଲୋକଟି ଗଲା ସେ ତ ୨୦କୁ ଖସି ଆସିପାରେ । କଅଣ କରିବ ? ଦୁଇ ଦିନ ହେଲା ଖାଇନି । ସେ ଚା ଗ୍ଲାସଟି ମୋ ହାତକୁ ବଢ଼ାଇ ଦେଲେ । ତା ସତ୍ତ୍ୱେ ବି ସେମାନେ ନିଜକୁ ବିକନ୍ତି । ବିକନ୍ତି ତ ନୁହେଁ ଯାଚନ୍ତି । ମୋତେ ନିଅ ବାବୁ । ମୋତେ ।

ମୁଁ ଠିଆ ହେଇ ତାଙ୍କ କଥା ଖାଲି ଶୁଣୁଥିଲି ।

ଚା'ଟା ଥଣ୍ଡା ହେଇଯିବ ଯେ । କହିଲେ ସେ ।

ସ୍ତ୍ରୀ ଲୋକଟିଏ ଆସିଲା । ଯୁବତୀ । ବୟସ ତିରିଶ ଭିତରେ । ନଳୀ ଗୋଡ ହଲେଇ ହଲେଇ ଆସିଲା ଯେମିତି । ଚା ଦୋକାନୀ ପାଖରେ ଠିଆ ହେଲା ଓ କପେ ଚା ମାଗିଲା । କାଖରେ ତାର ତିନି ଚାରି ମାସର ଛୁଆ । ଦୁଇ ହାତରେ ମୁଠେଇ ଧରିଚି ମାଆର ଥନକୁ । ପରିଷ୍କାର ଦେଖାଯାଉଚି ଗୋଟାଏ ହାୱା ନଥିବା ବେଲୁନ ପରି । ପିଲାଟି କାନ୍ଦି ଉଠିଲା । ମାରିଲା ଚାପୁଡାଟାଏ । "ଖାଉଚୁ ତ, ଆଉ ଫେର କଅଣ ?"

ଆମେ ତଳକୁ ମୁହଁ ପୋତିଲୁଁ ।

ସେ ଚା ଗ୍ଲାସଟି ଧରିଲା ଓ ଅନ୍ୟ ହାତରେ ଟଂକାଟିଏ ବଢ଼ାଇ ଦେଲା ।

Digitized by srujanika@gmail.com

ମୁଁ ଆଶ୍ଚର୍ଯ୍ୟ ହେଲି । ଏଠି ଚା କପ୍‌ର ଦାମ ମାତ୍ର ଟଙ୍କାଟିଏ ?

ଗାନ୍ଧୀ ରୋଡର ଅନ୍ୟମୁଣ୍ଡରେ କିନ୍ତୁ ତିନି ଟଙ୍କା । ତାର ଟେଷ୍ଟ ବି ତ ଏଠି ମନ୍ଦ ନୁହେଁ ।

ସେ ଚା'ଟା ନେଲା ଓ ଆମ ଆଡକୁ ପଛ କରି ଚା ପିଇଲା ।

ଆମେ ଏମାନଙ୍କୁ 'ରେଜା' ବୋଲି କହୁଁ । ଅନ୍ୟ କୌଣସି ନାଁରେ ଡାକିଲେ ହେବନି । ସେମାନେ ନାରୀ ନୁହେଁ । ସେ ପୁଣି ହସିଲେ ।

ମୋ ଦେହରେ ତାଙ୍କ ହସଟା ଛୁଞ୍ଚି ପରି ଫୋଡି ଯାଉଥାଏ । ମୁଁ ଚା' ଗ୍ଲାସଟା ତଳେ ଥୋଇ ଦେଲି ।

କିରେ କଅଣ ହେଲା ତୋର ? ତୁ ଫେରି ଆସିଲୁ ନା କଅଣ ? ସେ ତାକୁ ପଚାରିଲେ ।

ହଁ ବାବୁ, କହିଲା ତୁ ତ ଛୁଆକୁ ଧରିଚୁ, କାମ କେମିତି କରିବୁ ? ମୁଁ କହିଲି ଛୁଆ ତ ମୋ ପିଠିରେ ଝୁଲୁଚି । ମୁଁ କାମ କରିବି । ସେ ମନା କଲା ।

ମୁଁ ଦେଖିଲି ତା ଗଳା ଘାଗଡା ହେଇ ଆସୁଚି । ଛୁଆଟା ଫେର କାନ୍ଦି ଉଠିଲା । ଏ ସ୍ୱରଟା ଆଉ ଟିକିଏ ଜୋର ଥିଲା । କବାଟର ବହୁଦିନର କଳଙ୍କି ଲଗା କବଜା ଯେମିତି କବାଟ ଫିଟିଲା ବେଳେ କି ବନ୍ଦ ହେଲାବେଳେ ଦୀର୍ଘ ଓ କର୍କଶ ଶବ୍ଦ କରେ, ସେ ଛୁଆର କାନ୍ଦଣାଟା ସେମିତି ଶୁଭୁଥିଲା କେତେକାଂଶରେ ।

ମୁଁ ଏଥର ଯାଏଁ ? ସେଠୁ ଖସିବା ଛଡା ମୋର ଆଉ ଉପାୟ ନଥିଲା ।

ସକାଳ ହେଇ ଆସିଲାଣି ସେତେବେଳକୁ । ଲୋକବାକ ବେଶ ଯିବାଆସିବା କଲେଣି । ବିଷାଦ ନଗରଟା ଏଇ ଅଳ୍ପ ଦୂରରେ ରାସ୍ତା ମୁଣ୍ଡରେ ଥିଲେ ମଧ୍ୟ ମୋତେ ଅସ୍ପଷ୍ଟ ଦେଖାଯାଉଥିଲା । ଗାଁରୁ ଅନ୍ଧାରଟା ଏତେ ଶୀଘ୍ର ଯାଇ ପାରୁ ନଥିବ ବୋଧେ ।

ମୁଁ ପଛକୁ ଫେରିଲି । ମୋ ଆଗରେ ମହାତ୍ମା ଗାନ୍ଧୀ ରୋଡ ବେଶ ସିଧା ଓ ସରଳିଆ ସାପ ପରି ଲମ୍ବା ହେଇ ଶୋଇଚି । ହଲ ନାହିଁ କି ଚଲ୍ ନାହିଁ, ମରିଚି କି ଜିଇଚି ଜାଣିହୁଏନି । ଆଉ ମୋ ପଛ ପଟେ, ମୁଁ ବୁଲି ପଡି ଦେଖିଲି, କେ.ଏମ. ସେମିତି ଠିଆ ହେଇଛନ୍ତି । ମ୍ୟୁଜିଅମରେ ସାଇତା ପ୍ରତ୍ନତତ୍ତ୍ୱ ବିଭାଗର ଗୋଟାଏ ମୋଟା ଓ ସୁଦୃଢ଼ ଖମ୍ବ ପରି । ମୁଁ ଆଗକୁ ପାଦ ବଢ଼ାଇଲି ।

❑❑

Digitized by srujanika@gmail.com

ଅର୍ଘ୍ୟ
ଏଫ୍-୧୧/୨, ୟୁନିଟ୍-୯,
ଭୁବନେଶ୍ୱର-୨୨

ଏଇ ଲେଖକଙ୍କର ଅନ୍ୟ କେତୋଟି ଅନବଦ୍ୟ ସୃଷ୍ଟି

ଗଳ୍ପ

ପୃଥିବୀ ଓ ପୃଥିବୀ
ଖୋଳ
ଏବେବି ରେବତୀ ଓ ଅନ୍ୟାନ୍ୟ ଗଳ୍ପ
ସୂର୍ଯ୍ୟ ଉଠିନାହିଁ
ମୁଁ ଈଶ୍ୱରଙ୍କୁ ଖୋଜୁଛି
ହାତପାପୁଲିରେ ସୂର୍ଯ୍ୟୋଦୟ
ମନର ମାନଚିତ୍ର (ପ୍ରେମଗଳ୍ପ ସଂକଳନ)

ଉପନ୍ୟାସ

ପ୍ରଥମ ପୃଥିବୀ
ଫସିଲ୍
ଉଭରଣ : ପାର୍ବଣ

ଭ୍ରମଣ କାହାଣୀ

ଉପତ୍ୟକାର ଉପକଥା
ଅପୂର୍ବ ପୂର୍ବ

ଜୀବନୀ

ମହାପଣ୍ଡିତ ରାହୁଳ ସଂକୃତାୟନ (ଅନୁବାଦ)
ମୂଳ ରଚନା – ପ୍ରଭାକର ମାଚୱେ

ପ୍ରବନ୍ଧ

ଖୋଲିଦିଅ ମନ୍ଦିରର ଦ୍ୱାର
ସାହିତ୍ୟ, ସଂସ୍କୃତି ଓ ....
ଜାତୀୟ ଭାବଧାରା ଓ ଅନ୍ୟାନ୍ୟ ପ୍ରବନ୍ଧ

ସଂକଳନ

ଲକ୍ଷ୍ମୀଧର ନାୟକ : ସାହିତ୍ୟ ଓ ସଂଗ୍ରାମ

ଅନୁବାଦ

ଚର୍ଚ୍ଚିତ ଚିଟାଉ
(ରବୀନ୍ଦ୍ରନାଥଙ୍କ ୧୦୭ ଚିଠିର ଓଡ଼ିଆ ଅନୁବାଦ)

Digitized by srujanika@gmail.com